# ଧରିତ୍ରୀ
DHARITRI

ସମ୍ବଲପୁର, ବୁଧବାର, ନଭେମ୍ବର ୧୪/୨୦୧୮ (୨୦ ପୃଷ୍ଠା+ ସାହିତ୍ୟାୟନ) Sambalpur, Wednesday, November 14/ 2018 ★★

୧୪ଶ ଭାଗ ୩୨୬ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



DSPL-250



MAKE IN ODISHA Conclave
BHUBANESWAR, 11-15 NOVEMBER, 2018

"Thank you for joining the Juggernaut."

*- Naveen Patnaik,*
*Chief Minister, Odisha*

**4,19,574 crore of investment intent announced, with**

**Employment potential of 5,91,000**

**5,074**
Delegate registrations

**183**
Projects announced across 15 diversified sectors

**253**
Speakers in 19 Sectoral Sessions

**692**
G2B and B2B meetings

Partner Country
Japan

Industry Partner
FICCI

For more details, please visit: **https://mio.investodisha.gov.in/**
or Follow us on

14005/13/0053/1819



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ

# ପରିବାର ଏବଂ ଡାଇବେଟିସ୍

## ଏ ବର୍ଷର ସ୍ଲୋଗାନ

ପ୍ରତିବର୍ଷ ନଭେମ୍ବର ୧୪କୁ ବିଶ୍ୱ ଡାଇବେଟିସ୍ ଦିବସ ଭାବରେ ପାଳନ କରାଯାଉଛି। ଡାଇବେଟିସ୍ ବା ମଧୁମେହ ଏଭଳି ଏକ ରୋଗ ଯାହାକୁ 'ନୀରବ ଘାତକ' କୁହାଯାଇଥାଏ। ଚଳିତବର୍ଷ ଏହି ଦିବସ ପାଇଁ ଘୋଷିତ ସ୍ଲୋଗାନ ହେଲା 'ପରିବାର ଏବଂ ଡାଇବେଟିସ୍'। ଯଦି ଆରମ୍ଭରୁ ଆମେ ଏହି ରୋଗର କାରଣ ସମ୍ପର୍କରେ ଅବଗତ ହେବା ଏବଂ ଠିକ୍ ସମୟରେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ତେବେ ଡାଇବେଟିସ୍ ନିୟନ୍ତ୍ରଣରେ ରହିଥାଏ। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ ଯୋଗୁ ଏହି ରୋଗ ଆଉ କେତେକ ରୋଗର କାରଣ ସାଜିଥାଏ। ଏଥର ଇଣ୍ଟରନ୍ୟାଶନାଲ ଡାଇବେଟିସ୍ ଫେଡେରେଶନ ପକ୍ଷରୁ ଏକ ଦୁଇବର୍ଷିଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ଏହି ଅବଧି ଭିତରେ ଡାଇବେଟିସ୍ ସମ୍ପର୍କରେ ଯେତେ ଜନସଚେତନତା ସୃଷ୍ଟି କରାଯାଇପାରିବ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଏ କ୍ଷେତ୍ରରେ ପରିବାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ପରିବାର ସଦସ୍ୟ ମଧ୍ୟ ଡାଇବେଟିସ୍‌ର କାରଣ ସମ୍ପର୍କରେ ଅବଗତ ରହିବା ଦରକାର।

**ବିଶ୍ୱ ଡାଇବେଟିସ୍ ଦିବସ ଅବସରରେ**



## ଡାଇବେଟିସ୍ : କିଛି କଥା

- ରକ୍ତରେ ସୁଗାର ପରିମାଣ ବଢ଼ିଗଲେ ତାହା ଡାଇବେଟିସ୍‌ର କାରଣ ସାଜିଥାଏ। ତେଣୁ ନିୟମିତ ସମୟ ଅନ୍ତରାଳରେ ରକ୍ତ ପରୀକ୍ଷା କରାଇ ସେଥିରେ ସୁଗାର ପରିମାଣ କେତେ ଅଛି ତାହା ଜାଣିନିଅନ୍ତୁ।
- ଯଦି ଆପଣ ଡାଇବେଟିସ୍ ଦ୍ୱାରା ଆକ୍ରାନ୍ତ ତେବେ ନିଜର ଖାଦ୍ୟପେୟ ପ୍ରତି ଧ୍ୟାନ ଦିଅନ୍ତୁ। କେଉଁ ଖାଦ୍ୟ ଖାଇବା ଅନୁଚିତ ଏବଂ କ'ଣ ଖାଇବା ଦରକାର ତାହା ଡାକ୍ତରଙ୍କ ନିକଟରୁ ଭଲ ଭାବରେ ବୁଝି ନିଅନ୍ତୁ।
- ଡାଇବେଟିସ ରୋଗୀ ରକ୍ତରେ ସୁଗାର ପରୀକ୍ଷା କରିବା ସହ ବ୍ଲଡ୍‌ପ୍ରେସର ଚେକ୍ କରିନେବା ଆବଶ୍ୟକ।

## ଟାଇପ-୨ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ବଢୁଛି

ବର୍ତ୍ତମାନ ଟାଇପ-୨ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ବଢୁଛି ବୋଲି ଏକ ସର୍ଭେ ରିପୋର୍ଟରେ କୁହାଯାଇଛି। ଏବେ ସମଗ୍ର ବିଶ୍ୱରେ ଡାଇବେଟିସ୍ ରୋଗୀଙ୍କ ସଂଖ୍ୟା ପ୍ରାୟ ୪୨୫ ମିଲିୟନ। ତେଣୁ ଏହି ରୋଗୀଙ୍କ ବର୍ଦ୍ଧିତ ସଂଖ୍ୟା କମାଇବାକୁ ସମସ୍ତେ ସଚେତନ ରହିବା ଦରକାର। ରୋଗର କାରଣ ସମ୍ପର୍କରେ ଭଲ ଭାବରେ ଅବଗତ ହେବା, ଏହାଦ୍ୱାରା ଆକ୍ରାନ୍ତ ହେବା ପରେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଇବା ଆବଶ୍ୟକ।

- ଏହାଦ୍ୱାରା ଆକ୍ରାନ୍ତ ହୋଇଥିଲେ ନିଜକୁ ଯେତେ ସମ୍ଭବ ଟେନ୍‌ସନଠାରୁ ଦୂରେଇ ରଖନ୍ତୁ।
- ଡାଇବେଟିସ୍‌କୁ ନେଇ ଅନେକ ଲୋକ ଅନେକ କଥା କହିଥାଆନ୍ତି। ହେଲେ ଆପଣ ଡାକ୍ତରଙ୍କ ପରାମର୍ଶକୁ ହିଁ ଅନୁସରଣ କରନ୍ତୁ।
- କେତେକେ ଡାଇବେଟିସ୍‌କୁ ନେଇ ବ୍ୟସ୍ତ ହୋଇପଡ଼ନ୍ତି। ହେଲେ ଯଦି ଆପଣ ନିଜର ଜୀବନଶୈଳୀ, ଖାଦ୍ୟପେୟ ପ୍ରତି ଧ୍ୟାନଦେବା ସହ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତି ତେବେ ଆପଣ ସୁସ୍ଥ ରହିପାରିବେ।
- ଡାଇବେଟିସ୍ ରୋଗୀ କେବଳ ଖାଦ୍ୟ ନିୟନ୍ତ୍ରଣ ନୁହେଁ, ଦୈନନ୍ଦିନ ଜୀବନଶୈଳୀ ତାଲିକାରେ ବ୍ୟାୟାମକୁ ସାମିଲ କରନ୍ତୁ। ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।




# ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ଘରକୁ ବିଜୁଳି : ମୁଖ୍ୟମନ୍ତ୍ରୀ

- ୬୫ତମ ଫୋରମ୍ ଅଫ୍ ରେଗୁଲେଟର ବୈଠକ
- ଯୋଗ ଦେଲେ ବିଭିନ୍ନ ରାଜ୍ୟର ପ୍ରତିନିଧି

ଭୁବନେଶ୍ୱର,୧୩।୧୧(ବ୍ୟୁରୋ) ବର୍ତ୍ତମାନ ସୁଦ୍ଧା ପ୍ରତ୍ୟେକ ଗ୍ରାମକୁ ବିଦ୍ୟୁତ୍ ସଂଯୋଗ ହୋଇପାରିଛି। ଚଳିତ ବର୍ଷ ଶେଷ ସୁଦ୍ଧା ପ୍ରତି ଘରେ ବିଜୁଳି ଯୋଗାଇ ଦିଆଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ଫୋରମ୍ ଅଫ୍ ରେଗୁଲେଟର ବୈଠକରେ ଯୋଗ ଦେଇ ଏହି କଥା କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଏକ ବିଦ୍ୟୁତ୍ ବଳକା ରାଜ୍ୟ। ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ(ଓଇଆରସି) ପକ୍ଷରୁ ଆୟୋଜିତ ଏହି ବୈଠକରେ ଦେଶର ଶକ୍ତି କ୍ଷେତ୍ର ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବ । ଭବିଷ୍ୟତରେ ଶକ୍ତି କ୍ଷେତ୍ରରେ ସଂସ୍କାର ଆଣିବା ପାଇଁ ଏହି ବୈଠକ ଉପାଦେୟ ହୋଇପାରିବ। ବିଦ୍ୟୁତ୍ ସେବା କ୍ଷେତ୍ରରେ ସଂସ୍କାର ଆଣିବା ସହ ନିଜସ୍ୱ ଆୟୋଗ ଗଢିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ। ବିଗତ ଦୁଇ ଦଶନ୍ଧିରେ ଶକ୍ତି କ୍ଷେତ୍ରରେ ରାଜ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଦିନକୁ ଦିନ ବଢୁଥିବା ଆବଶ୍ୟକତାକୁ ପୂରଣ କରିବା ସହ ବିପର୍ଯ୍ୟୟ ସମୟରେ ଶକ୍ତି ସେବା ଯୋଗାଇ ଦେବାରେ ରାଜ୍ୟ ସାମର୍ଥ୍ୟ ହାସଲ କରିଛି। ବିଦ୍ୟୁତ୍ ଅଧିନିୟମ-୨୦୦୩ରେ ପ୍ରସ୍ତାବିତ କେତେକ ସଂଶୋଧନ ଉପରେ ସହମତି ଆସିନାହିଁ। ତେଣୁ ଏହି ବୈଠକରେ ସଂଘୀୟ ବ୍ୟବସ୍ଥା ଅନୁଯାୟୀ ବିଚାରବିମର୍ଶ ହେବା ସହ ଉପାଦେୟ ପ୍ରସ୍ତାବ ଆସିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନିଜ ବକ୍ତବ୍ୟ ଶେଷରେ ମୁଖ୍ୟମନ୍ତ୍ରୀ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ପୁରୁଷ ହକି ବିଶ୍ୱକପ୍ ଦେଖିବା ପାଇଁ ଆମନ୍ତ୍ରଣ ମଧ୍ୟ କରିଥିଲେ।

ସେହିପରି ବୈଠକ ଶେଷରେ କେନ୍ଦ୍ରୀୟ ବିଦ୍ୟୁତ୍ ନିୟାମକ ଆୟୋଗ ପ୍ରଦୀପ ପୂଜାରୀ ବୈଠକରେ ଆଲୋଚିତ ପ୍ରସଙ୍ଗ ନେଇ ମତ ରଖିଥିଲେ। ସେ କହିଛନ୍ତି, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଇ ପାରୁ ନ ଥିବା ବଣ୍ଟନ କମ୍ପାନୀଗୁଡିକ ଉପରେ ଜରିମାନା ବସାଇବା, ।ସାମଗ୍ରିକ ଭାବେ ବୈଷୟିକ ଏବଂ ବ୍ୟବସାୟିକ କ୍ଷତିକୁ ହ୍ରାସ କରିବା ଭଳି କେତେକ ପ୍ରମୁଖ ସଂଶୋଧନ ନେଇ ଆଲୋଚନା ହୋଇଛି। ସେହିପରି ରାଜ୍ୟରେ ଉପଯୁକ୍ତ ବିଦ୍ୟୁତ୍ ସେବା ଯୋଗାଇଦେବା ପାଇଁ ଆବଶ୍ୟକ ସମସ୍ତ ପଦକ୍ଷେପ ନିଆଯିବ। ଉକ୍ତ ବୈଠକରେ ଦେଶର ବିଭିନ୍ନ ରାଜ୍ୟର ପ୍ରତନିଧି ଅଂଶଗ୍ରହଣ କରିଥିଲେ।



ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ–**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ବୁଧବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୧୮ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ମଙ୍ଗଳବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୮ | ୧୭.୦ |
| ଚାନ୍ଦବାଲି | ୩୦.୪ | ୧୯.୨ |
| କଟକ | ୨୯.୮ | ୧୭.୪ |
| ପାରାଦ୍ୱୀପ | ୩୦.୫ | ୨୦.୮ |
| ଭୁବନେଶ୍ୱର | ୩୧.୫ | ୧୮.୪ |
| ଗୋପାଳପୁର | ୩୩.୦ | ୧୯.୪ |
| ପୁରୀ | ୩୧.୦ | ୨୦.୬ |
| ଅନୁଗୋଳ | ୨୮.୭ | ୧୪.୬ |
| ବାରିପଦା | ୨୮.୬ | ୧୭.୫ |
| ଝାରସୁଗୁଡ଼ା | ୩୧.୭ | ୧୫.୫ |
| କେନ୍ଦୁଝର | ୨୮.୮ | ୧୪.୮ |
| ସମ୍ବଲପୁର | ୩୨.୮ | ୧୬.୮ |
| ସୁନ୍ଦରଗଡ଼ | ୩୦.୦ | ୧୩.୦ |
| ହୀରାକୁଦ | ୩୨.୧ | ୧୬.୯ |
| ତାଲଚେର | --- | ୧୬.୭ |
| ଭବାନୀପାଟଣା | ୩୦.୦ | ୧୪.୦ |
| ବଲାଙ୍ଗୀର | ୩୧.୫ | ୧୬.୦ |
| କୋରାପୁଟ | ୨୯.୦ | ୧୧.୪ |
| ଫୁଲବାଣୀ | --- | ୧୦.୮ |
| ଟିଟିଲାଗଡ଼ | --- | ୧୪.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୨.୨ | ୧୭.୬ |
| ଦାରିଙ୍ଗିବାଡ଼ି | ୨୮.୫ | ୧୧.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ନଭେମ୍ବର ୧୪/୨୦୧୮ Sambalpur, Wednesday, November 14/ 2018 | ପୃଷ୍ଠା-୧



**ଇସ୍ତଫା ଦେଲେ ଫ୍ଲିପ୍‌କାର୍ଟ ସିଇଓ**

ଦୁର୍ବ୍ୟବହାର ଅଭିଯୋଗ ଆସିବା ପରେ ଫ୍ଲିପ୍‌କାର୍ଟର ସିଇଓ ପଦରୁ ଇସ୍ତଫା ଦେଇଛନ୍ତି ବିନି ବଂଶଲ। ତାଙ୍କର ଇସ୍ତଫାକୁ ୱାଲମାର୍ଟ ଗ୍ରହଣ କରିନେଇଛି । ୧୫

୧୬ **ଶଟ୍‌ପୁଟରେ ଆଂଶିକାଙ୍କ ରେକର୍ଡ**

କର୍ଣ୍ଣାଟକରେ ଚାଲିଥିବା ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ୍ ମିଟ୍‌ରେ ଓଡ଼ିଶାର ଶଟ୍‌ପୁଟ ଥ୍ରୋୟର ଆଂଶିକା ରାଉତରାୟ ସ୍ୱର୍ଣ୍ଣ ପଦକ ଜିତିବା ସହ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି।






PLEDGE 'PLASTIC-FREE' ODISHA

Siddhanta Mahapatra
Actor

#PlasticFreeOdisha

ଧରିତ୍ରୀ DHARITRI TEAM




ବିଶିଷ୍ଟ ରାଷ୍ଟ୍ରନାୟକ ତଥା ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଜନ୍ମତିଥିରେ ଧରିତ୍ରୀ ପରିବାର ପକ୍ଷରୁ ଶ୍ରଦ୍ଧାଞ୍ଜଳି।


NECC NATIONAL EGG CO-ORDINATION COMMITTEE 13.11.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 58 | 103 | 113 |
| BLS | 58 | 103 | 113 |
| ANG | 62 | 109 | 119 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


# ପୁଞ୍ଜି ଫିଟାଇବ ନିଯୁକ୍ତି ପଥ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ୪ ଲକ୍ଷ ୧୯ ହଜାର ୫୭୪ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ବାଟ ଫିଟିଛି। ଏହିସବୁ ପୁଞ୍ଜି ପେଟ୍ରୋକେମିକାଲ୍ସ, ଇଲେକ୍ଟ୍ରୋନିକ୍, ଅଣପାରମ୍ପରିକ ଶକ୍ତି, ପ୍ଲାଷ୍ଟିକ୍, ଫର୍ଟିଲାଇଜର, କେମିକାଲ, ପର୍ଯ୍ୟଟନ, ବୟନ ଶିଳ୍ପ, ଏରୋସ୍ପେସ, ଭିତ୍ତିଭୂମି, ସ୍ୱାସ୍ଥ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଆଦି ୧୫ କ୍ଷେତ୍ରରେ ବିନିଯୋଗ ହେବ। ଏଥିଯୋଗୁ ରାଜ୍ୟରେ ଅତିରିକ୍ତ ୫ ଲକ୍ଷ ୯୧ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ପୁଞ୍ଜି ନିବେଶକାରୀଙ୍କ ମଧ୍ୟରେ ୫ଟି ବୃହତ୍ ପୁଞ୍ଜିନିବେଶ ପ୍ରସ୍ତାବ ରହିଛି। ହଳଦିଆ ପେଟ୍ରୋକେମିକାଲ୍ସ ସର୍ବାଧିକ ୭୦ ହଜାର କୋଟି ଟଙ୍କା ପୁଞ୍ଜିନିବେଶ କରିବାକୁ ପ୍ରସ୍ତାବ ଦେଇଥିବା ବେଳେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ୬୦ ହଜାର ୯୫୦ କୋଟି, ମହାନଦୀ କୋଲ ଫିଲ୍ଡ ଲିମିଟେଡ(ଏମ୍‌ସିଏଲ) ୫୮ ହଜାର ୯୯୭ କୋଟି, ଷ୍ଟିଲ ଅଥରିଟି ଅଫ୍ ଇଣ୍ଡିଆ (ସେଲ୍) ୪୧ ହଜାର ୪୦୦ କୋଟି ଏବଂ ତାଇୱାନ କମ୍ପାନୀ ୪୩ ହଜାର କୋଟି ଟଙ୍କାର ପୁଞ୍ଜିନିବେଶ କରିବେ। ଗତ ଦୁଇଦିନ ଧରି ଜନତା ମଇଦାନରେ ଚାଲିଥିବା ମେକ୍ ଇନ୍ ଓଡ଼ିଶାର ଇନ୍‌ଭେଷ୍ଟର ମିଟ୍‌ର ମଙ୍ଗଳବାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

ଏଥିସହିତ ଏହି କନକ୍ଲେଭ୍‌ରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫ୍‌ଡିଆଇ) କରିବା ପାଇଁ ୪ଟି ବିଦେଶୀ କମ୍ପାନୀ ଆଗେଇ ଆସିଛନ୍ତି। ସେହି କମ୍ପାନୀଗୁଡ଼ିକ ଖାଦ୍ୟ ପ୍ରକ୍ରିୟାକରଣ, ପେଟ୍ରୋକେମିକାଲ୍ସ, ଲଜିଷ୍ଟିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଦି କ୍ଷେତ୍ରରେ ୪୬ ହଜାର ୪୬୪ କୋଟି ଟଙ୍କାର ପୁଞ୍ଜିନିବେଶ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି କନ୍‌କ୍ଲେଭରେ କଣ୍ଟ୍ରି ପାର୍ଟନର ଭାବେ ଯୋଗଦେଇଥିବା ଜାପାନରୁ ଖାଦ୍ୟ ପ୍ରକ୍ରିୟାକରଣ ନେଇ ଏକ ପ୍ରସ୍ତାବ ଆସିଛି। ପୃଷ୍ଠା–୨

**ମେକ୍ ଇନ ଓଡ଼ିଶା କନକ୍ଲେଭ**



- ୪.୧୯ ଲକ୍ଷ କୋଟିର ପୁଞ୍ଜି ନିବେଶ ହେବ
- ୧୫ କ୍ଷେତ୍ରରେ ବିନିଯୋଗ ହେବ
- ୬ ଲକ୍ଷ ନିଯୁକ୍ତି ମିଳିବ
- ୨୦୨୦ ନଭେମ୍ବର ୩୦ରେ ତୃତୀୟ ସଂସ୍କରଣ

**କେଉଁ କ୍ଷେତ୍ରରେ କାହାର କେତେ ପୁଞ୍ଜି ନିବେଶ**

| କମ୍ପାନୀ | ପୁଞ୍ଜି (କୋଟିରେ) | କେଉଁ କ୍ଷେତ୍ରରେ | ନିଯୁକ୍ତି |
|---|---|---|---|
| ହଳଦିଆ ପେଟ୍ରୋକେମିକାଲ୍ସ | ୭୦,୦୦୦ | ଫର୍ଟିଲାଇଜର, ରିଫାଇନେରୀ, ପେଟ୍ରୋ କେମିକାଲ୍ସ, ପ୍ଲାଷ୍ଟିକ | ୩୧୦୦୦ |
| ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ | ୬୦,୯୫୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୩,୪୧,୬୫୦ |
| ଏମସିଏଲ ଆଣ୍ଡ ଡବ୍ଲ୍ୟୁସିଏଲ | ୫୮,୭୯୭ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୧,୦୪,୮୯୬ |
| ସେଲ | ୪୧,୦୪୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୫୦୦୦ |
| ନାଲ୍‌କୋ | ୩୭,୮୬୧ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୪୬୦୧ |
| ବେଦାନ୍ତ | ୧୫,୬୭୮ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୨୦୬୯୪ |
| ଆଦିତ୍ୟ ବିର୍ଲା ଗ୍ରୁପ | ୧୪,୫୦୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୧୫୫୦ |
| ଆଇଓସିଏଲ | ୧୦,୨୭୩.୫୯ | ଫର୍ଟିଲାଇଜର,ରିଫାଇନେରୀ, ପେଟ୍ରୋ କେମିକାଲ୍ସ, ପ୍ଲାଷ୍ଟିକ | ୮୨୯ |
| ଟାଟା ଷ୍ଟିଲ ଲିମିଟେଡ | ୧୦,୦୦୦ | ମିନେରାଲସ, ମେଟାଲ୍ସ ଆଣ୍ଡ ମେଟାଲ ଡାଉନଷ୍ଟ୍ରିମ | ୩୦୦୦ |


ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


**ଆଜିର ସମ୍ପାଦକୀୟ**

ଖର୍ଚ୍ଚ କେତେ

**ଆଜିର ମନ୍ତବ୍ୟ**

"ବିଫଳ ରାଜନୀତି ଯୋଗୁ ରାଫାଲ ଚୁକ୍ତିକୁ ନେଇ ମିଛ କହୁଛି କଂଗ୍ରେସ ।
– ଅରୁଣ ଜେଟ୍‌ଲୀ, ଅର୍ଥମନ୍ତ୍ରୀ

## ବ୍ରହ୍ମ ବିଭ୍ରାଟ: ୩ ବର୍ଷ ପରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ

# ୧୧ ସେବାୟତଙ୍କୁ ନୋଟିସ୍



- ୬ ଜଣଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ
- ରୁଜୁ ହୋଇପାରେ ଫୌଜଦାରି ମାମଲା
- ଧାର୍ମିକ ଦିଗରେ ନିଆଯିବ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ

ପୁରୀ ଅଫିସ, ୧୩।୧୧

୩ ବର୍ଷ ପରେ ବ୍ରହ୍ମ ବିଭ୍ରାଟ ଘଟଣାରେ ଆରମ୍ଭ ହୋଇଛି କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା। ଭକ୍ତଙ୍କ ଭାବାବେଗ ସହ ଖେଳି ବିଭ୍ରାଟ ସୃଷ୍ଟି କରିଥିବା ଜଣେ ମହାରଣା ସେବକ ଏବଂ ୧୦ ଦଇତାପତି ସେବାୟତଙ୍କୁ ନୋଟିସ ଜାରି କରିଛି ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିର ଆଇନ-୧୯୫୫ର ଧାରା ୨୧ (କ) ଅନୁଯାୟୀ ନୋଟିସ ଜାରି କରାଯାଇଛି। ସେମାନଙ୍କ ଉତ୍ତରରେ ଶ୍ରୀମନ୍ଦିର ପ୍ରଶାସନ ଯଦି ସନ୍ତୁଷ୍ଟ ନ ହୁଏ ତେବେ ଆଇନ ଅନୁଯାୟୀ ଦଣ୍ଡବିଧାନ କରିବ। ଏପରି କି ପ୍ରୟୋଜନ ହେଲେ ଫୌଜଦାରି ମାମଲା ରୁଜୁ କରାଯାଇପାରେ ବୋଲି ଶ୍ରୀମନ୍ଦିର ପ୍ରଶାସନର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହି ୧୧ ଜଣଙ୍କ ମଧ୍ୟରେ ଜଣେ ମୁଖ୍ୟ ମହାରଣା, ୨ ଜଣ ବାଡ଼ଗ୍ରାହୀ, ନିଯୋଗର ଦୁଇ ମୁଖିଆ, ଫୋନ୍ ଯୋଗେ ପୃଷ୍ଠା–୧୨

## ସଙ୍ଗିନ ସ୍ଥିତିରେ ସିଂହଦ୍ୱାର ଗୁମୁଟ

ପୁରୀ ଅଫିସ, ୧୩।୧୧

- ପଶ୍ଚିମ ପାର୍ଶ୍ୱ ପ୍ଲାଷ୍ଟର ଝଡ଼ିଗଲାଣି
- ଉଇ ଖାଇ ୩ ବିମ୍ ଦୁର୍ବଳ
- ଷ୍ଟାଟସ ରିପୋର୍ଟକୁ ଏଏସ୍‌ଆଇର ଅଣଦେଖା
- କାର୍ତ୍ତିକ ପରେ ମରାମତି: ଏଏସ୍‌ଆଇ

ସଙ୍ଗିନ ସ୍ଥିତିରେ ରହିଛି ସିଂହଦ୍ୱାର ଗୁମୁଟ। ଅଧା ସଂରକ୍ଷଣ କାମ କରି ଛାଡିଦେଇଛି ଏଏସ୍‌ଆଇ। ଗୁମୁଟର ପଶ୍ଚିମ ପାର୍ଶ୍ୱ ପ୍ଲାଷ୍ଟର ଦୁର୍ବଳ ହୋଇ ଝଡିଗଲାଣି। ପଶ୍ଚିମ ପାର୍ଶ୍ୱ ପ୍ରବେଶପଥ ଦ୍ୱାରବନ୍ଧ ଉପର ୩ଟି ବିମ୍ ମଧ୍ୟ ଦୁର୍ବଳ ହୋଇପଡିଛି। ଏହାର ଚଟାଣ ପଥର ମଧ୍ୟ ନଷ୍ଟ ହୋଇଗଲାଣି। ୨୦୧୨ ମସିହାରେ ଗୁମୁଟର ସଂରକ୍ଷଣ କାର୍ଯ୍ୟ ଏଏସ୍‌ଆଇ ପକ୍ଷରୁ ଆରମ୍ଭ କରାଯାଇଥିଲା। ୨ବର୍ଷ ପର୍ଯ୍ୟନ୍ତ ଏହି କାର୍ଯ୍ୟ ଚାଲିଥିଲା। ଏହାପରେ ଗୁମୁଟର ପଶ୍ଚିମ ପାର୍ଶ୍ୱ ସଂରକ୍ଷଣ ନ କରି ଅଧାରୁ ଛାଡିଦେଇଛି। ଏହାକୁ ପ୍ରାଥମିକତା ଦେଇ ଯୁଦ୍ଧକାଳୀନ ଭିତ୍ତିରେ ସଂରକ୍ଷଣ କାର୍ଯ୍ୟ କରିବା ଲାଗି ବୈଷୟିକ କମିଟି ପରାମର୍ଶ ଦେଇଥିଲା, ଯାହାକି ଶ୍ରୀମନ୍ଦିରକୁ ନେଇ ପ୍ରସ୍ତୁତ ଷ୍ଟାଟସ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ଷ୍ଟାଟସ ରିପୋର୍ଟକୁ ଏଏସ୍‌ଆଇ ଅଣଦେଖା କରି ବାକି କାର୍ଯ୍ୟକୁ ଏ ପର୍ଯ୍ୟନ୍ତ କରିନାହିଁ।

ଶ୍ରୀମନ୍ଦିର ମେଘନାଦ ପାଚେରି ପ୍ରାୟତଃ ୧୪୪୫ ଖ୍ରୀଷ୍ଟାବ୍ଦରେ ନିର୍ମାଣ ହୋଇଛି। ସେହି ସମୟରେ ଶ୍ରୀମନ୍ଦିରର ୪ ପ୍ରବେଶ ପଥରେ ଗୁମୁଟ ନିର୍ମାଣ ହୋଇଥିଲା। ସେତେବେଳେ ସୂର୍ଯ୍ୟବଂଶର ରାଜା କପିଳେନ୍ଦ୍ର ଦେବ ଶାସକ ଥିଲେ, ଯାହାକି ମାଦଳା ପାଞ୍ଜିରେ ଉଲ୍ଲେଖ ରହିଛି। ୧୭୦୦ ଖ୍ରୀଷ୍ଟାବ୍ଦରେ ମନ୍ଦିରରେ ବାହ୍ୟଶତ୍ରୁ ଆକ୍ରମଣ ବେଳେ ସିଂହଦ୍ୱାର ଗୁମୁଟ ନଷ୍ଟ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ନିର୍ମାଣ ହୋଇ ଖୋଲାଯାଇଛି। ସିଂହଦ୍ୱାର ଗୁମୁଟ ପଞ୍ଚରଥ ପୀଢ଼ ଶୈଳୀରେ ନିର୍ମିତ ହୋଇଛି। ହେଲେ ଉପଯୁକ୍ତ ସଂରକ୍ଷଣ ଅଭାବରୁ ଏହା ସଙ୍ଗିନ ସ୍ଥିତିରେ ରହିଛି। ପୃଷ୍ଠା–୧୨

## ମହିଳା କ୍ୟାଡର ମାଓବାଦୀଙ୍କ ଆତ୍ମସମର୍ପଣ

ନୂଆପଡା ଅଫିସ,୧୩।୧୧

ଓଡିଶା–ଛତିଶଗଡ ସୀମାନ୍ତ ମୈନପୁର ମାଓବାଦୀ ଡିଭିଜନରେ ଓଡିଆ ମାଓବାଦୀଙ୍କ ଉପରେ ଅଣଓଡିଆଙ୍କ ବୈଷମ୍ୟଭାବ ଶକ୍ତ ଆଘାତ ଦେଉଛି । ଅନ୍ୟପଟେ ସେମାନଙ୍କ ନିର୍ଯାତନା ସହି ନ ପାରି ମୁଖ୍ୟ ସ୍ରୋତକୁ ଫେରିବାକୁ ମାଓବାଦୀମାନେ ଚାହୁଁଛନ୍ତି ବୋଲି ଡିଭିଜନ ଛାଡି ନୂଆପଡା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଡାଳମତି ଓରଫ ମାଧୁରୀ ପହରିଆ ନାମ୍ନୀ ଜଣେ ମହିଳା ମାଓବାଦୀ କହିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ଏସପିଙ୍କ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଗଣମାଧ୍ୟମ ଆଗରେ ସେ ଏହା କହିଛନ୍ତି । ଏସ୍‌ପି ସ୍ମିତ ପରମାରଙ୍କ ସୂଚନାକ୍ରମେ ନୂଆପଡ଼ା ଜିଲା ସିନାପାଲି ଥାନା ଘାଟମାଲ ଗ୍ରାମପଞ୍ଚାୟତର କନ୍ଦେନଝରିଆ ଗାଁର ଡାଳମତି ଆଜକୁ ୫ମାସ ତଳେ ମାଓବାଦୀ ସଙ୍ଗଠନରେ ସାମିଲ ରହିଥିଲେ। ସେଠାରେ ଅଣଓଡିଆ କ୍ୟାଡରଙ୍କ ନିର୍ଯାତନା ସହି ନ ପାରି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାଁରେ ସରକାର ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସେ ସେଭଳି କୌଣସି ଘଟଣାରେ ସାମିଲ ଥିବା ବର୍ତ୍ତମାନ ସୁଦ୍ଧା ଜଣାପଡିନାହିଁ। ପୃଷ୍ଠା–୨

## କମିକ୍ ପୁସ୍ତକ ଲେଖକ ଷ୍ଟାନ୍ ଲିଙ୍କ ପରଲୋକ



ଷ୍ଟାନ୍ ଲି

ଲସ୍ ଏଞ୍ଜେଲସ୍,୧୩।୧୧(ପି.ଟି.)

କମିକ୍ ପୁସ୍ତକ ଲେଖକ ତଥା ସୁପରହିରୋ ସ୍ପାଇଡରମ୍ୟାନ, ଆଇରନ୍‌ମ୍ୟାନ୍, ଫାଣ୍ଟାଷ୍ଟିକ୍ ଫୋର୍, ଡେୟାରଡେଭିଲ୍ ଆଦି ଚରିତ୍ରର ସ୍ରଷ୍ଟା ଷ୍ଟାନ୍ ଲିଙ୍କ ପରଲୋକ ହୋଇଛି। ତାଙ୍କୁ ୯୫ ବର୍ଷ ହୋଇଥିଲା। ସୋମବାର ସକାଳେ ସେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି ବୋଲି ହଲିଉଡ୍ ରିପୋର୍ଟର ପକ୍ଷରୁ ସୂଚନା ମିଳିଛି। ଲିଙ୍କ ମୃତ୍ୟୁ ପରେ ହଲିଉଡ୍ ଜଗତରେ ଶୋକର ଛାୟା ଖେଳିଯାଇଛି। ୧୯୬୦ ଦଶକରେ ଆମେରିକାରେ ପପ୍ ସଂସ୍କୃତିକୁ ଆଗେଇନେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ଲି। ୧୯୨୨ ଡିସେମ୍ବର ୨୮ରେ ଜନ୍ମିତ ଏହି ଲୋକପ୍ରିୟ ଲେଖକ ଦର୍ଶକଙ୍କୁ ଅନେକ କମିକ୍ ପୁସ୍ତକ ଭେଟିଦେଇଛନ୍ତି। ଜ୍ୟାକ୍ କିର୍ବି ଏବଂ ଷ୍ଟିଭ ଦିତ୍‌କୋଙ୍କ ସହ ମିଶି ସେ ମାର୍ଭଲ୍ କମିକ୍ସରେ ଚମତ୍କାରିତା ଦେଖାଇଛନ୍ତି। କିର୍ବିଙ୍କ ସାଥିରେ କାର୍ଯ୍ୟ କରି ସେ ହଲ୍କ, ଥର୍, ଆଇରନ୍‌ମ୍ୟାନ୍ ଏବଂ ଏକ୍ସମ୍ୟାନ୍ ଚରିତ୍ରକୁ ଅବତାରଣା କରିଛନ୍ତି। ଏସବୁ ଫିଲ୍ମ ପିଲା ଏବଂ ଯୁବପିଢ଼ିଙ୍କ ବେଶ୍ ପସନ୍ଦ ହୋଇପାରିଛି। ଏକାଧାରରେ ଲି ଜଣେ ବିଶିଷ୍ଟ ଲେଖକ, ସମ୍ପାଦକ, ପ୍ରକାଶକ, ଅଭିନେତା ଓ ଫିଲ୍ମ ନିର୍ମାତା ଥିଲେ।

## ଗଭୀର କୂଅରୁ ଦନ୍ତାହାତୀ ଉଦ୍ଧାର

ନାକଟିଦେଉଳ, ୧୩।୧୧
(ଡି.ଏନ.ଏ.)



କୂଅ ଭିତରେ ହାତୀ।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ସାହେବୀ ଗ୍ରାମରେ ହାତୀପଲଙ୍କ ଉପଦ୍ରବ ଜାରି ରହିଥିବାବେଳେ ଏକ କୂଅ ମଧ୍ୟକୁ ଖସି ପଡ଼ିଥିବା ଦନ୍ତା ହାତୀକୁ ବନ ବିଭାଗ ଉଦ୍ଧାର କରିଛି। ଗ୍ରାମ ନିକଟସ୍ଥ ଛାମୁଡ଼ିଆ ପାହାଡ ନିକଟ ଏହି କୂଅଟି ୨୫ ଫୁଟ ଗଭୀର ହୋଇଥିବାବେଳେ ସେଥିରେ ୭ ଫୁଟ ପାଣି ରହିଥିଲା। ସୋମବାର ରାତି ପ୍ରାୟ ୨ଟାରେ ଦନ୍ତାଟି କୂଅ ମଧ୍ୟରେ ଛାଟିପିଟି ହେଉଥିଲା। ଗର୍ଜନ ଶୁଣି ହାତୀ ଘଉଡ଼ାଇବା ସ୍କ୍ୱାଡ ସେଠାରେ ପହଞ୍ଚିଥିଲେ। ୨ ଘଣ୍ଟାର ଅପରେଶନ ପରେ ଦନ୍ତାକୁ ସୁରକ୍ଷିତ କୂଅରୁ ବାହାରକୁ ଅଣାଯାଇଥିଲା। ଏଥିପାଇଁ ଜେଶିବି ମେଶିନର ସହାୟତା ନିଆଯାଇଥିଲା। ପ୍ରାପ୍ତ ସୂଚନାନୁଯାୟୀ, ଗତ ୨ ଦିନ ହେଲା ୫୦ରୁ ଊର୍ଦ୍ଧ୍ୱ ହାତୀ ସାହେବୀ ଅଞ୍ଚଳରେ ଆତଙ୍କ ଚଳାଇଛନ୍ତି। ୫ରୁ ୬ଜଣିଆ ଦଳରେ ବିଭକ୍ତ ପୃଷ୍ଠା–୨

## ଗଢ଼ାହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍

ଅମିତ କୁମାର ସାମଲ
ଅନୁଗୋଳ ଅଫିସ,୧୩।୧୧



- ଏନ୍‌ସିସି ଢାଞ୍ଚାରେ ହେବ
- ଅନୁଗୋଳରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ
- ଉଚ୍ଚ ବିଦ୍ୟାଳୟର ୪୪ ଛାତ୍ରୀଛାତ୍ର ହେବେ ସାମିଲ

ସମର ଶିକ୍ଷାର୍ଥୀ ବାହିନୀ (ଏନ୍‌ସିସି) ଢାଞ୍ଚାରେ ଗଢ଼ା ହେବ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ୍ (ଏସ୍‌ପିସି)। ସ୍କୁଲ ଛାତ୍ରୀଛାତ୍ର ଏଥିରେ କ୍ୟାଡେଟ୍ ଭାବେ ରହିବେ। ଶୃଙ୍ଖଳା ସହ ଏକତ୍ର ହୋଇ ଛାତ୍ରୀଛାତ୍ରମାନେ କିପରି କାର୍ଯ୍ୟ କରିବେ, ସେ ନେଇ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହାଛଡ଼ା ସମାଜ ସହ ପୋଲିସକୁ କେମିତି ନିକଟତର କରିହେବ ସେ ନେଇ ମଧ୍ୟ ଶିକ୍ଷା ପ୍ରଦାନ କରାଯିବ। ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁଗୋଳରେ ଏହା ଆରମ୍ଭ ହେବ ବୋଲି ସୂଚନା ମିଳିଛି।

ସାଧାରଣ ଲୋକଙ୍କ ସହ ପୋଲିସର ସୁସମ୍ପର୍କ ରହୁନାହିଁ। ଅନେକ ସମୟରେ ପୋଲିସ ଲୋକମାନଙ୍କ ପାଇଁ କାର୍ଯ୍ୟ କରିବାକୁ ଗଲେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛି। ଏପରି କି ଲୋକଙ୍କ ଆକ୍ରୋଶର ଶିକାର ମଧ୍ୟ ହେଉଛି। ତେଣୁ ସାଧାରଣ ଲୋକ ଓ ପୋଲିସ ମଧ୍ୟରେ କିପରି ସୁ ସମ୍ପର୍କ ରହିବ ସେ ନେଇ ଓଡ଼ିଶା ପୋଲିସ ପକ୍ଷରୁ ଏପରି ବ୍ୟବସ୍ଥା ଆପଣାଯିବାକୁ ସ୍ଥିର କରାଯାଇଛି। ପୋଲିସ ଲୋକଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି ସ୍କୁଲସ୍ତରରୁ ହିଁ ଛାତ୍ରୀଛାତ୍ରଙ୍କୁ ଜଣାଇବାକୁ ଯୋଜନା କରିଛି ଓଡ଼ିଶା ପୋଲିସ। ରାଜ୍ୟର ସମସ୍ତ ଜିଲାର ଗୋଟିଏ ଲେଖାଏ ସ୍କୁଲରେ ଏହି ଏସ୍‌ପିସି ଆରମ୍ଭ କରାଯିବ। ଅନୁଗୋଳ ହାଇସ୍କୁଲର ୪୪ ଛାତ୍ରୀଛାତ୍ରଙ୍କୁ ଏସ୍‌ପିସିରେ ସାମିଲ କରାଯିବ। ଏ ନେଇ ସମ୍ପୃକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଅନୁଗୋଳ ପୋଲିସ ମଧ୍ୟରେ ମୌଖିକ ଆଲୋଚନା ସରିଛି। କେବଳ ଜିଲା ପ୍ରଶାସନ ସହ ବୈଠକ ବାକି ଅଛି। ଜିଲାପାଳ, ଏସ୍‌ପି, ଜିଲା ଶିକ୍ଷା ଅଧିକାରୀ, ମନୋନୀତ ହୋଇଥିବା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ନେଇ ଖୁବ୍‌ଶୀଘ୍ର ବୈଠକ ହେବ। ଏହାପରେ ଅନୁଗୋଳ ପୋଲିସ ପକ୍ଷରୁ ଦୁଇ ବର୍ଷ ପାଇଁ ଏସ୍‌ପିସି କ୍ୟାଡେଟ୍ ଚୟନ କରାଯିବ। ପ୍ରଥମେ ୮ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଏଥିରେ ସାମିଲ କରାଯିବ। ପୃଷ୍ଠା–୧୨

## ପରପାରିରେ ଚିତ୍ତ ଜେନା

- ସେ ଥିଲେ ମତୁଆଲା ଗୀତର ଯାଦୁକର

କଟକ ଅଫିସ, ୧୩।୧୧

ନ ଯାରେ ନ ଯା' ଗୋରୀ ବାଲି ଯାତରା ଦେଖି, ତୋ ଗୋରା ଦେହେ ଯିବ କାଳେ କାହା ନଜର ଲାଖି। ମୋ ପ୍ରିୟାଠାରୁ କିଏ ଅଧିକ ସୁନ୍ଦର, ରୂପ ହୋଇଥିବ ଲାବଣ୍ୟବତୀ, ଏ ପରବତ କୁଅଁ କୁଅଁକା, ଜଳୁଛି ଦୀପାଳି ଆଖିର ଲୁହରେ, ଭଳି 'କି ସୁନ୍ଦର ଆହା କି ଆନନ୍ଦମୟ ଏହି ବିଶାଳ ସଂସାର...' ଗୀତ କାନରେ ବାଜିବା ଆଖି ସାମ୍ନାରେ ଭାସି ଉଠନ୍ତି ଜଣେ କଣ୍ଠଶିଳ୍ପୀ। ତାଙ୍କ କଣ୍ଠର ମାଦକତା ଶ୍ରୋତାକୁ କରିଥାଏ ଆନମନା। ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କୁ ନିଜ କଣ୍ଠର ଯାଦୁରେ ବାନ୍ଧି ରଖିଥିବା ଏହି ଗାୟକ ସାଜିଛନ୍ତି ପରପାରିର ଯାତ୍ରୀ। ତଥାପି ଓଡ଼ିଆ ଶ୍ରୋତା ପୃଷ୍ଠା–୧୨



ଚିତ୍ତ ଜେନା





ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।

- ଜର୍ଜ ବର୍ଣ୍ଣାଡ ଶ'




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................

ବୟସ:......................................

ଜନ୍ମ ତାରିଖ: ..............................



ପ୍ରିୟାଂଶୁ
ପରିବାରବର୍ଗ



ଅଂଶିତ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




### BRIDE WANTED

ମାଟିବଂଶ ଜାତିର ପାତ୍ର ପାଇଁ ଗ୍ରାଜୁଏଟ୍ ବା ତଦୂର୍ଦ୍ଧ୍ୱ ପାତ୍ରୀ ଆବଶ୍ୟକ। ମୋ: 9937858319. D-9359

Courier serviceରେ Branch Manager 37 ବର୍ଷ ବ୍ରାହ୍ମଣ ପୁଅ ପାଇଁ ଯେକୌଣସି ଜାତିର କନ୍ୟାପାତ୍ରୀ ଆବଶ୍ୟକ। 9937011734. D-9433

Dhoba/ Gudia groom Infosys 28+, Bank 30+, TCS 31. Samadhan: 8594926181. D-65060

Brahmin/ Teli groom Infosys 30, IBM 28+, Bank 32. Samadhan: 8594926181. D-65061

Divorcee groom Engineer 34+, Bank 39, Railway 42. Samadhan: 8594926181. D-65062

### GROOM WANTED

Wanted service groom for Khandayat girl 1990, 5'2" B.Tech serving Bhubaneswar "Sunasansar". 9937512659. D-9366

Divorcee Khandayat bride Lecturer 35, Business 39 (caste-no-bar). 7873374269. D-65059

## classified

automobile

### SALE

Honda Activa, 2009, silver colour, 47,000 kms, professional driven, price 35,000/-. Contact: 7008430814, 8249199348. D-58008

real estate

### SALE

ଭୁବନେଶ୍ୱର- ହଂସପାଳ ସୁଧାନନ୍ଦ କଲେଜ ପାଖରେ ଘରବାରି ବାଉଣ୍ଡାରି ପ୍ଲଟ୍ 6,36,000/-ରେ ବିକ୍ରିହେବ। 9437003399, 8093465134. D-64352

ଭୁବନେଶ୍ୱର ମହାବୀର Engineering କଲେଜ back sideରେ ସ୍ଥିତିବାନ ପ୍ଲଟ ମିଳୁଛି। 8338932027. D-64365

Bhubaneswar AIIMS Hospital, DOON/ NMIT College front gharabari plot. 9437298164. D-64351

Infocity-2 Campus frontରେ BDA yellowzone plot sale urgent. 9938770157, 7008818182. D-64366

ସୁନ୍ଦରପଦା- ଜଟଣୀରୋଡରେ Xavier University ପାଖରେ investment ଉପଯୋଗୀ ସ୍ଥିତିବାନପ୍ଲଟ lowcostରେ ମିଳୁଅଛି। First possession then registration. 8847851850. D-64362

Gharabari boundary plot infront Krupajal Engineering College Bhubaneswar. 9090899281, 8908805481. D-65053

Residential plot with revenue road and electricity near Patia Station. Immediate registration and possession. 9437827966. D-9346

30' road patta gharabari boundary residential plot at Benupur near Hanspal (100' road side). 9437033320. D-64373

ପୁରୀରୋଡ୍ ଗୁଡିଆପୋଖରୀ ଛକ ପାଖରେ 2BHK ଓ ପାତ୍ରପଡ଼ା ଉଦୟଗିରିବିହାରରେ 2/3BHK completed new flat ବିକ୍ରୟହେବ। Finance by Nationalized Bank. 9438109040, 9776404801. D-9419

Readymade new 3BHK flat at BJB Nagar, No tax. 9439716901 (Broker not allowed). D-65171

Jatani ଗେଟ୍ ପାଖରେ NHକୁ ଲାଗି ଘରବାରି ପାଚେରି ପ୍ଲଟ ମିଳୁଅଛି। 9439864322. D-64374

Well developed residential plots available at Ranga bazar, Baragada (Puri bypass) Dadhichi, Trinath bazar, Balianta and Samantarapur. 9437303047. D-64370

Gharabari plot east facing measuring A.0.700 Dec. for sale. AD joining to Bhubaneswar-Puri National Highway (at Satasankha, Puri). Suitable for Petrol Pump, godown, resorts etc. Genuine buyers contact directly. 9437010484. D-9434

construction

Construct your building in finished house contact: 9937064680. D-27282

to-let

Flat for rent residence in BJB Nagar 3BR 2nd floor with garage. Contact: 9937203178. D-62136

7000 sqft. shed area with 12000 sqft. high bonded open area near Oriply N.H- 5 Tamando. Contact: 9861009004, 9861077006. D-60929

5000 sqft. for new godown at Bhagwanpur Industrial Estate, Patrapada near Hotel South City. 9437026351. D-9417

**Office space available on lease at a prime location. Ground floor- 3150 sqft., 2nd floor- 2802 sqft., 3rd floor- 2802 sqft. at Keshari Talkies Complex, 98, Kharavel Nagar, Bhubaneswar. Please contact: 9861575999 (vinod), 9583218212 (saroj).** D-9435

healthcare

Madam Monalisa massage club- 50% discount full body massage by hiprofile smart lady therapist. 9708545108. D-9361

astrology

Lab certified ରାଶିରତ୍ନ, ୧-୧୪ ମୁଖୀ ରୁଦ୍ରାକ୍ଷ, ଯନ୍ତ୍ର, ଅନ୍ୟ। 91+8093050401. D-9371

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



**ଡା. ଅକ୍ଷୟ କୁମାର ରାଉତ**
ପ୍ଲାଷ୍ଟିକ ସର୍ଜନ

ଆପଣଙ୍କ ଜନ୍ମଦିନ ଅବସରରେ ରୋଗମୁକ୍ତ, ସୁସ୍ଥ ଜୀବନ ପାଇଁ ଇଶ୍ୱରଙ୍କ ପାଖରେ କାମନା କରୁଛୁ। ଆର୍ଯ୍ୟଭଟ୍ଟ ପରିବାର, ଆଜିର ଖବର ପରିବାର ଓଡ଼ିଶା ପ୍ଲାଷ୍ଟିକ ଏଣ୍ଡ କସ୍ମେଟିକ୍ସ ସର୍ଜରୀ କ୍ଲିନିକ୍। ଧ-୯୪୧୬

### ଜନ୍ମଦିନ ଶୁଭେଚ୍ଛା



(ରାଧା)

**ସସ୍ମିତା ମହାପାତ୍ର**
କଟକ

ତୁମର ପବିତ୍ର ଜନ୍ମବାର୍ଷିକରେ ଜଗତର ସ୍ରଷ୍ଟା ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା, ସେ ତୁମର ଚଲାପଥରେ ଅପାର କରୁଣା ଭରି ଦିଅନ୍ତୁ ଓ ଜୀବନର ଚଲାପଥକୁ କୁସୁମିତ କରନ୍ତୁ। ଶୁଭେଚ୍ଛା ସହ: **ଭାଇ, ବାପୁନୁ, ମା ଓ ବାପା।** ଧ-୯୪୩୧

### ପଞ୍ଚମ ଜନ୍ମଦିନ ଶୁଭେଚ୍ଛା



ଅନୁଭା ସାହୁ

**ସାହାପୁର, ଗେଡ଼ମା, କେନ୍ଦୁଝର**

ଆଜି ତୋର ପଞ୍ଚମ ଜନ୍ମଦିନରେ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ତୋତେ ଦୀର୍ଘାୟୁ, ସୁସ୍ଥ ଓ ଯଶସ୍ୱୀ କରିବା ସହିତ ତୋର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆଶୀର୍ବାଦ କରନ୍ତୁ। **ଶୁଭେଚ୍ଛା ସହ: ବାପା, ମା, କେଜେବାପା, କେଜେମା, ଅଜା, ଆଇ, ମାମୁଁ, ମାଇଁ, ଉଜ୍ଜ୍ୱଳ, ହର୍ଷିତା, ଅଭିଜିତ୍, ଉମାକାନ୍ତ ଓ ସମସ୍ତ ପରିବାରବର୍ଗ।** ଧ-୯୦୩୮


# ଧଉଳି ଏକ୍ସପ୍ରେସ୍ ଲାଇନ୍‌ଚ୍ୟୁତ



**କୋଲକାତା,୧୩।୧୧(ପି.ଟି.)**

ପଶ୍ଚିମବଙ୍ଗର ପାଂଶକୁଡ଼ା ଷ୍ଟେଶନ୍ ନିକଟରେ ମଙ୍ଗଳବାର ହାଓଡା- ପୁରୀ ଧଉଳି ଏକ୍ସପ୍ରେସ୍‌ର ଏକ ବଗି ଲାଇନ୍‌ଚ୍ୟୁତ ହୋଇଛି। ଟ୍ରେନ୍ ହାଓଡାରୁ ପୁରୀ ଅଭିମୁଖେ ଯାଉଥିବାବେଳେ ଭୋଗପୁର ଓ ପାଂଶକୁଡ଼ା ଷ୍ଟେଶନ ମଝିରେ ସକାଳ ୭ଟା ୧୦ରେ ଏହି ଦୁର୍ଘଟଣା ଘଟିଛି। ଏଥିରେ କେହି ମୃତାହତ ହୋଇନାହାନ୍ତି। ଖବର ପାଇ ହାଓଡାରୁ ଦକ୍ଷିଣ-ପୂର୍ବ ରେଳପଥ ଅଧିକାରୀମାନେ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି।

### କିଛି ତଥ୍ୟ

୨୦୧୭ରେ ଚାଇନା କମ୍ପାନୀଗୁଡିକ ଭାରତୀୟ ଷ୍ଟାର୍ଟ ଅପ୍ ଇକୋସିଷ୍ଟମରେ ପ୍ରାୟ ୨ ବିଲିୟନ ଡଲାର ନିବେଶ କରିଛନ୍ତି।

- କେପିଏମ୍‌ଜି


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ମୋହିନୀ ମୋହନ ପଟ୍ଟନାୟକ**
ବରିଷ୍ଠ ଆଇନଜୀବୀ
କେଦାରଗୌରୀ, ଗୌରୀପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୫
ତିରୋଧାନ: ୨୬।୧୦।୨୦୧୭

ତୁମର ଅନୁପସ୍ଥିତି ଆମ୍ଭେମାନେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଅଛୁ। ତୁମର ସେହି ଅନାବିଳ ସ୍ନେହ ଓ ମମତା ଭରା ହସ ହସ ମୁହଁକୁ ନିତିଦିନ ଝୁରୁଅଛୁ। ଆଜିର ଏ ଦିନରେ ତୁମର ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଅଛୁ। ରୁନୁ, ମାମୁନି, ମିଟି, ଚିକୁନ୍, ବାପୁ, ସ୍ୱାତୀ, ଶୋକସନ୍ତପ୍ତ ପରିବାର। ଧ-୫୮୦୦୬

### ଦ୍ୱାଦଶାହ ଉପଲକ୍ଷେ



**ସ୍ୱର୍ଗତା ସାବିତ୍ରୀ ନାଥ** (୭୩)
ସ୍ୱର୍ଗତ ଯୁଧିଷ୍ଠିର ନାଥଙ୍କ ଧର୍ମପତ୍ନୀ
ତିରୋଧାନ: ୦୩।୧୧।୨୦୧୮
ଗ୍ରାମ- ପଞ୍ଚପଡ଼ା, ହିନ୍ଦୋଳ

ପଞ୍ଚଭୂତରେ ବିଲୀନ ତୁମର ପାର୍ଥିବ ଶରୀର। ତୁମର ସ୍ଥାନ ଅପୂରଣୀୟ, ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ମଧୁମୟ ସ୍ମୃତି ଆମପାଇଁ ସର୍ବଦା ଜୀବନ୍ତ ହୋଇରହିବ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତରନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମ ସମସ୍ତଙ୍କ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁତ୍ର- ପ୍ରଦୀପ, ପ୍ରଶାନ୍ତ, ପୁତ୍ରବଧୂ- ନୟନୀ, ଗୀତାଞ୍ଜଳୀ, ନାତି- ସଞ୍ଜୀବ, ସନ୍ଦିପ, ନାତୁଣୀ- ପ୍ରତୀକ୍ଷା, ଝିଅଜ୍ୱାଇଁ ସମେତ ନାଥ ବନ୍ଧୁ ଓ ପରିବାରବର୍ଗ। ଧ-୯୪୩୨

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତା ସ୍ନେହଲତା ମହାନ୍ତି**
ସ୍ୱାମୀ- ସ୍ୱର୍ଗତ ଗିରିଧାରୀ ମହାନ୍ତି
ପ୍ଲଟ ନଂ- ୧୨୯, ବାପୁଜୀ ନଗର, ଭୁବନେଶ୍ୱର
ଗ୍ରାମ- ବଡଗାଁ, ଜିଲ୍ଲା- କେନ୍ଦ୍ରାପଡ଼ା
ତିରୋଧାନ: ୦୪।୧୧।୨୦୧୮

ଏହି ପୁଣ୍ୟତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।। ଶୋକସନ୍ତପ୍ତ: ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ଆତ୍ମୀୟସ୍ୱଜନ ଓ ପରିବାରବର୍ଗ। ଧ-୬୩୮୭୦


## ପ୍ରଥମ ପୃଷ୍ଠାରୁ...

### ପୁଞ୍ଜି ଫିଟାଇବ ...

ଏଥିରେ ୨ ହଜାର କୋଟି ଟଙ୍କା ପୁଞ୍ଜି ବିନିଯୋଗ ହେବା ସହ ୧୧ ହଜାର ୪୭୦ ଜଣଙ୍କୁ ନିଯୁକ୍ତି ମିଳିପାରିବ। ଏଥିସହିତ ପ୍ରଥମ ଥର ଲାଗି ରାଜ୍ୟରେ ବିମାନ ନିର୍ମାଣ କରିବାକୁ ହାଇଦ୍ରାବାଦସ୍ଥିତ ଏକ କମ୍ପାନୀ ରାଜି ହୋଇଛି। ଏନେଇ ଗୋଟିଏ ପ୍ରସ୍ତାବ ଆସିବା ସହ ଏ କ୍ଷେତ୍ରରେ ୧ ହଜାର ୬୫୦ କୋଟି ଟଙ୍କାର ପୁଞ୍ଜିନିବେଶ ହେବ । ମିନେରାଲ, ମେଟାଲ ଏବଂ ଡାଉନଷ୍ଟ୍ରିମ ଇଣ୍ଡଷ୍ଟ୍ରି କ୍ଷେତ୍ରରେ ୫୩ ପ୍ରସ୍ତାବ ଆସିଛି। ସେଥିରେ ୨ ଲକ୍ଷ ୩୬ ହଜାର ୪୩୫ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହ ୧,୮୮,୬୩୫ ଜଣ ନିଯୁକ୍ତି ପାଇବେ। ସେହିପରି ଫର୍ଟିଲାଇଜର, କେମିକାଲ୍ ଏବଂ ପ୍ଲାଷ୍ଟିକ୍ କ୍ଷେତ୍ରରେ ୧୮୩ ପ୍ରସ୍ତାବ ଆସିଥିବା ବେଳେ ସେଥିରୁ ୩୬ଟି ପ୍ରସ୍ତାବରେ ପୁଞ୍ଜିନିବେଶ ପାଇଁ ଆଗ୍ରହ ପ୍ରକାଶ ପାଇଛି। ସେଥିରେ ୧ ଲକ୍ଷ ୩୫ ହଜାର ୩୦୯ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୭୩ ହଜାର ୨୦୫ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ। ଲଜିଷ୍ଟିକ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚରରେ ୧୨ଟି ପ୍ରସ୍ତାବ ଆସିଥିବା ବେଳେ ୧୯,୧୨୪.୧୦ କୋଟି ଟଙ୍କା ବିନିଯୋଗ ହେବା ସହ ୨୫,୭୩୧ ଜଣଙ୍କୁ ନିଯୁକ୍ତି ମିଳିପାରିବ।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି କନ୍‌କ୍ଲେଭରେ ଦେଶ ବିଦେଶର ବଡବଡ ଶିଳ୍ପପତି, ଯୁବ ଉଦ୍ୟୋଗୀ, ମହିଳା ଉଦ୍ୟୋଗୀ, ବିଶେଷଜ୍ଞ ଏବଂ ଛାତ୍ରଛାତ୍ରୀମାନେ ଯୋଗ ଦେଇଛନ୍ତି। କନ୍‌କ୍ଲେଭର ଥିମ୍ ଆଇ ଆମ୍ ଓଡ଼ିଶା ବୃହତ୍ ସଫଳତା ହାସଲ କରିଛି। ଦେଶ ବିଦେଶରୁ ଆସିଥିବା ବହୁ ଉଦ୍ୟୋଗୀ ଏଥିରେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତାରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ସଫଳ ହୋଇପାରିଛି। ଏଥିରେ ସାମିଲ ହେବା ପାଇଁ ସିଙ୍ଗାପୁରସ୍ଥିତ ଆଇଟିଇଏସ୍ ସହିତ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି, ଯାହାକି ଦେଶର ପ୍ରଥମ । ଏହି କନ୍‌କ୍ଲେଭରେ ବିଦେଶରୁ ୧୯ କମ୍ପାନୀ ସାମିଲ ହୋଇଥିଲେ। ଏହାସହ ଦେଶ ବିଦେଶରୁ ୫୦୭୪ ଶିଳ୍ପପତି ଓ ପ୍ରତିନିଧି ଯୋଗଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶକୁ ପ୍ରୋତ୍ସାହନ ଦେବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପୁଞ୍ଜିନିବେଶକୁ ବାସ୍ତବତାରେ ପରିଣତ କରିବାକୁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉତ୍ସର୍ଗୀକୃତ ଟିମକୁ ନିୟୋଜିତ କରାଯାଇଛି। ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ତୃତୀୟ ସଂସ୍କରଣ ୨୦୨୦ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ମଧରେ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ କହିଛନ୍ତି ଯେ, ରାଜ୍ୟ ସରକାର ସେହି ପ୍ରସ୍ତାବଗୁଡିକୁ କିପରି ତୃଣମୂଳ ସ୍ତରରେ କାର୍ଯ୍ୟକ୍ଷମ ହେବ ସେ ନେଇ ଉଦ୍ୟମ କରିବେ। ଲ୍ୟାଣ୍ଡ ବ୍ୟାଙ୍କ ଜରିଆରେ ଜମି ଯୋଗାଇ ଦିଆଯିବା ସହ ୨୦ ଦିନ ମଧରେ ସିଙ୍ଗଲଓ୍ୱିଣ୍ଡୋ କ୍ଲିୟରାନ୍ସ ଦିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହି କନ୍‌କ୍ଲେଭରେ ୧୯ଟି ବୈଠକ ହୋଇଥିବାବେଳେ ୨୫୩ ଜଣ ବକ୍ତାଭାବେ ଯୋଗଦେଇଛନ୍ତି। ୩୧ ହଜାର ୮୦୬ ଜଣ ପରିଦର୍ଶନରେ ଆସିଛନ୍ତି। ଏହି ଅବସରରେ ସିଏସଆର ପ୍ରୋଜେକ୍ଟ ପାଇଁ ଓଏମ୍‌ସି, ଟାଟା ଷ୍ଟିଲ ଏବଂ ଏମ୍‌ସିଏଲକୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିବା ବେଳେ ଓଡ଼ିଶାର ଗର୍ବ ପାଇଁ ସୁମନ କାନ୍ତି ମିଶ୍ର ଏବଂ ସୋୟମ ସତ୍ୟେନ୍ଦୁଙ୍କୁ ସମ୍ମାନିତ କରିଥିଲେ।

### ମହିଳା କ୍ୟାଡର...

ସେଠାରେ ରହି ପାଟଦର୍ହା ଜଙ୍ଗଲରେ ଏକ ୭ ଦିନିଆ ତାଲିମ ଗ୍ରହଣ କରିଥିଲେ । ଏହି ସମୟ ମଧ୍ୟରେ ମୈନପୁର ଡିଭିଜନର ସଚିବ କାର୍ତ୍ତିକଙ୍କ ସହ ଭେଟ ହୋଇଥିଲା । ତାଙ୍କୁ ଜୋର ଜବରଦସ୍ତି ଘରୁ ଟେକି ନେଇ ସଙ୍ଗଠନରେ ସାମିଲ କରିଥିଲେ । ତେଣୁ କୌଶଳକ୍ରମେ ଖସିଆସି ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ସେ ଜଣେ କୋମଳମତି ଝିଅ। ତାଙ୍କର ପ୍ରକୃତ ବୟସ ଜଣାପଡିନାହିଁ। ତାଙ୍କୁ ସରକାରୀ ନିୟମମୁତାବକ ଥଇଥାନ କରାଯିବ ବୋଲି ଏସପି ପରମାର କହିଛନ୍ତି । ଶେଷରେ ଗଣମାଧ୍ୟମ ଆଗରେ ପହରିଆ ଦ୍ୱିପଦ କହିଥିଲେ ଯେ, ସେ ଜଣେ ନିରୀହ ଆଦିବାସୀ ଝିଅ । ସେ କିଛି ହିଂସାକାଣ୍ଡ ଜାଣିନାହାନ୍ତି । ତାଙ୍କୁ ଜୋର ଜବରଦସ୍ତି ନେଇ ସାମିଲ କରାଯାଇ ହାତରେ ବନ୍ଧୁକ ଥୋପି ଦିଆଯାଇଥିଲା ।



ଏସ୍‌ପିଙ୍କ ସହ ଖବରଦାତା ସମ୍ମିଳନୀରେ ମହିଳା ମାଓବାଦୀ ମାଧୁରୀ।

### ଗଭୀର କୂଅରୁ...

ହୋଇ ସେମାନେ ଘୂରି ବୁଲୁଛନ୍ତି। ସୋମବାର ସନ୍ଧ୍ୟାରେ ହାତୀଙ୍କ ଏକ ପଲ ସାହେବୀ ଅଞ୍ଚଳକୁ ଆସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ହାତୀ ଧାନ କ୍ଷେତରେ ପଶି ଧାନ ଖାଇଥିଲେ। ଏହି ସମୟରେ ଏକ ଦନ୍ତା ଛାମୁଡ଼ିଆ ପାହାଡ ନିକଟରେ ହୋଇଥିବା ପନିପରିବା କ୍ଷେତକୁ ଯାଇଥିବାବେଳେ ସେଠାରେ ରହିଥିବା ଗ୍ରାମର ହେମନ୍ତ ମାଝୀଙ୍କ କୂଅରେ ପଡ଼ିଯାଇଥିଲା। ଦନ୍ତାର ଚିତ୍କାର ଓ ପାଣି ଶବ୍ଦକୁ ଅନୁକରଣ କରି ହାତୀ ଘଉଡ଼ାଉଥିବା ସ୍କ୍ୱାଡ ନାକଟିଦେଉଳ ବନାଞ୍ଚଳ ଅଧିକାରୀ ଦୟାନିଧି ସାହୁ, ଫରେଷ୍ଟର ଧର୍ମୁଧର ପ୍ରଧାନ, ଫରେଷ୍ଟ ଗାର୍ଡ ରଞ୍ଜନ ନାଏକ ପ୍ରମୁଖ ଉକ୍ତ କୂଅ ନିକଟକୁ ଆସିଥିଲେ। ପ୍ରଥମେ ବାଣ ଫୁଟାଇ ଅନ୍ୟ ହାତୀମାନଙ୍କୁ ସେଠାରୁ ଜଙ୍ଗଲ ମଧ୍ୟକୁ ଘଉଡ଼ାଇ ଥିଲେ। ଏହାପରେ ରାତି ୩ଟାରୁ ହାତୀ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। କୂଅ ମଧରେ ଦନ୍ତାଟି ଦାନ୍ତରେ ଆଘାତ କରି ପଥର ସବୁ ଖସାଇବାକୁ ଉଦ୍ୟମ ଚଳାଇଥିଲା। କୂଅରେ ପାଣି ରହିଥିବାରୁ ଦନ୍ତାଟି କଲବଲ ହେଉଥିଲା। ଏଣୁ ଏକ ଜେସିବି ମେଶିନ ଜରିଆରେ ବନ ବିଭାଗ ସ୍କ୍ୱାଡକୁ କୂଅର ଗୋଟିଏ ପାର୍ଶ୍ୱରୁ ପ୍ରାୟ ୫ଫୁଟ ଧସାଇବାକୁ ପଡ଼ିଥିଲା। ଏଥିରେ ଦନ୍ତା ଉପରକୁ ଉଠି ଆସିଥିଲା। ଦନ୍ତାର ବୟସ ଆନୁମାନିକ ୧୬ ହେବ ବୋଲି କୁହାଯାଉଛି। ଉଦ୍ଧାର ପରେ ଦନ୍ତାଟି ଜଙ୍ଗଲ ଭିତରକୁ ଚାଲିଯାଇଥିବା ବନାଞ୍ଚଳ ଅଧିକାରୀ ଦୟାନିଧି ସାହୁ କହିଛନ୍ତି।

ଗ୍ରାମବାସୀଙ୍କ କହିବାନୁଯାୟୀ, ହାତୀମାନେ ବିନ୍ଧପୁର, ଧଣ୍ଡମୁଣ୍ଡା, ସାହେବୀ, ହିତସରା, ମାନକୁଣ୍ଡା, ଝାରବେଡ଼ା ଆଦି ଗ୍ରାମରେ ପ୍ରାୟ ୧୫ ଏକରରୁ ଊର୍ଦ୍ଧ୍ୱ ଧାନଫସଲ ଦଳି ଚକଟି ନଷ୍ଟ କରିଛନ୍ତି। ଅନୁଗୋଳ ଜିଲା ପାଲଲହଡ଼ା ଅଞ୍ଚଳରୁ ହାତୀପଲ ଚାଲି ଆସିଥିବା ଅନୁମାନ କରାଯାଉଛି। ଏତେସଂଖ୍ୟକ ହାତୀ ଭାଗ ଭାଗ ହୋଇ ବୁଲୁଥିବାରୁ ସେମାନଙ୍କୁ ଘଉଡ଼ାଇବା କଷ୍ଟସାଧ୍ୟ ବ୍ୟାପାର ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ଯଥାଶୀଘ୍ର କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସକାଳୁ ସକାଳୁ ଆପଣଙ୍କ ଯାତ୍ରା ଓ ଭ୍ରମଣ ପ୍ରୀତିପ୍ରଦ ହେବ। ଚନ୍ଦ୍ରଙ୍କ ସ୍ୱସ୍ଥାନ ପ୍ରତି ଦୃଷ୍ଟିକୋଣରୁ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ ପାଇପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ବିବାଦ ବୃଦ୍ଧିର ସମ୍ଭାବନା ରହିଛି। କଠୋର ପରିଶ୍ରମଜନିତ କାରଣରୁ ଶାରୀରିକ ଅସୁସ୍ଥତା ହୋଇପାରେ।

**ବୃଷ** ରାଶି ପ୍ରତି ଶୁଭଦୃଷ୍ଟିଜନିତ ସମସ୍ୟାର ସମାଧାନ କରି ଲକ୍ଷ୍ୟ ହାସଲ କରିପାରିବେ। ପାରିବାରିକ କ୍ଷେତ୍ରରେ ବ୍ୟତିକ୍ରମ ଲାଗି ରହିଥିଲେ ମଧ ମନକଥା ମନରେ ମାରି ଚଳିବାକୁ ବାଧ ହେବେ। ଆର୍ଥିକ ସମସ୍ୟାର ସମାଧାନ କରିବା ସମ୍ଭାବନା ରହିଛି। ଶିଳ୍ପ, ବାଣିଜ୍ୟ,ବ୍ୟବସାୟ କ୍ଷେତ୍ରରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି, ବାସ୍ତବରେ ସେପରି କିଛି ହେବନି।

**ମିଥୁନ** ଅଷ୍ଟମ ସ୍ଥାନରେ ପାପଗ୍ରହ ଯୁକ୍ତ ଚନ୍ଦ୍ର ଅର୍ଥ ସମ୍ପର୍କିତ ସମସ୍ୟା ସୃଷ୍ଟି କରିବ। ନିଜ ନିଜର ଫାଇଦା ହାସଲ ପାଇଁ ବନ୍ଧୁମାନେ ମନଲୋଭା କଥା କହି ପାରନ୍ତି। ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ଉଦ୍‌ବେଗର କାରଣ ହେବ। ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ସହ ପରୋକ୍ଷ ଶତ୍ରୁତା କର୍ମକ୍ଷେତ୍ରକୁ ବ୍ୟସ୍ତବହୁଳ କରିପାରେ।

**କର୍କଟ** ବିଭିନ୍ନ ପ୍ରକାର ସମସ୍ୟାକୁ ସାମ୍ନାକରି ବ୍ୟସ୍ତତା ବୃଦ୍ଧି ପାଇବ। ଅବଶ୍ୟ ଆତ୍ମୀୟସ୍ୱଜନମାନଙ୍କ ସାହାଯ୍ୟର ପ୍ରତିଶ୍ରୁତି ଆପଣଙ୍କୁ ନୂତନ କର୍ମାରମ୍ଭ ପାଇଁ ପ୍ରେରଣା ପ୍ରଦାନ କରିବ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ।

**ସିଂହ** କେନ୍ଦ୍ରସ୍ଥ ଶୁଭଗ୍ରହଜନିତ ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଚେଷ୍ଟା କରୁଥିବା କାମ, ଅର୍ଥ ସମ୍ପର୍କ ପ୍ରଭୃତି ପ୍ରତ୍ୟେକ ଦିଗରୁ ଶୁଭଫଳ ପାଇବେ। କାର୍ଯ୍ୟବ୍ୟସ୍ତ ଯୋଗୁ ମିଶିବାକୁ ଆସିଥିବା ବନ୍ଧୁଙ୍କ ସହ ଆଲୋଚନା କରିବାକୁ ସମୟ ପାଇବେ ନାହିଁ। ବ୍ୟବସାୟିକ କ୍ଷେତ୍ରରେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**କନ୍ୟା** ସୁଖଭାବସ୍ଥ ଗ୍ରହ ସମ୍ପର୍କରୁ ଲାଳିତ୍ୟପୂର୍ଣ୍ଣ କଥା କହି ପରିସ୍ଥିତିକୁ ସଜାଡ଼ିନେବେ। ତଥାପି ଶିକ୍ଷା, ସମ୍ପର୍କ ଓ ଆଲୋଚନା କ୍ଷେତ୍ରରେ କେତେକ ବ୍ୟତିକ୍ରମର ସୂଚନା ରହିଛି। ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ। କଳା,ସାହିତ୍ୟ, ସାମ୍ବାଦିକତା ତଥା ସାହିତ୍ୟ ଓ ଆଧାତ୍ମିକତା କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**ତୁଳା** ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ, ନଚେତ୍ ଅସୁବିଧାରେ ପଡ଼ିପାରନ୍ତି। କୌଣସି କାର୍ଯ୍ୟ ସମ୍ପନ୍ନ କରିବା କ୍ଷେତ୍ରରେ ବନ୍ଧୁମାନେ ଅସହଯୋଗ କରିବେ। କର୍ମକ୍ଷେତ୍ରରେ ଶତ୍ରୁ ଉପଦ୍ରବ କ୍ରମଶଃ ହ୍ରାସ ପାଇବାର ଅନୁଭବ କରିବେ। ପାରିବାରିକ ସମସ୍ୟା ମାନସିକ ସ୍ଥିତିକୁ କଳୁଷିତ କରିପାରେ।

**ବିଛା** ବଳବାନ୍ ମଙ୍ଗଳ ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିଲେ ମଧ ମାନସିକ ଅସ୍ଥିରତା ଲାଗି ରହିବ। ପ୍ରତିଯୋଗିତା କିମ୍ବା ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ପାଇବା କାରଣରୁ ବ୍ୟବସାୟରେ ମନାନ୍ତର ଦେଖାଦେଇପାରେ। ଆପଣଙ୍କ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଜମିଜମା କାରଣକୁ ନେଇ କୌଣସି ନିକଟ ସମ୍ପର୍କୀୟଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ଧନୁ** ଚନ୍ଦ୍ର ଓ କେତୁଙ୍କ ସମ୍ପର୍କରେ ଆପଣଙ୍କ କଥା ଓ କାମରେ ତାଳମେଳ ରହିବ ନାହିଁ। ସ୍ୱାସ୍ଥ୍ୟ ଓ ପାରିବାରିକ ସମସ୍ୟା ପୂର୍ବ ପରି ରହିବା ହେତୁ ସାମୟିକ ଚିନ୍ତା କରିବେ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣରେ ପଡ଼ିପାରନ୍ତି। ହାତକୁ ନେଇଥିବା ନୂତନ ଯୋଜନାଟିକୁ କାର୍ଯ୍ୟକାରୀ କରିବା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର** ରାଶିକୁ ଚନ୍ଦ୍ର ପ୍ରଭାବିତ କରୁଥିବାରୁ ଆପଣ ଯେଉଁ କାମରେ ହାତ ଦେବେ ସେଥିରେ ନିଶ୍ଚିତ ସଫଳତା ପାଇବେ। କର୍ମକ୍ଷେତ୍ରରେ ହାତ ପାହାନ୍ତାକୁ ସୁଯୋଗ ଆସିଯିବା ହେତୁ ଅଟକି ରହିଥିବା କାମଗୁଡ଼ିକ ତ୍ୱରାନ୍ୱିତ ହେବ। ଯାନ୍ତ୍ରିକ ତ୍ରୁଟି ସମସ୍ୟାକୁ ଦ୍ୱିଗୁଣିତ କରିପାରେ ଏବଂ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**କୁମ୍ଭ** ତୃତୀୟାଧିପ ରାଶିରେ ଆତ୍ମୀୟ ଓ ବନ୍ଧୁମାନଙ୍କ ସାହାଯ୍ୟ ପାଇଁ ପଥ ପରିଷ୍କାର କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ, ପରିବହନ କ୍ଷେତ୍ରରେ ସମସ୍ୟା ଦୂରହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ଆଜି ସଭାସମିତି, ସତ୍‌ସଙ୍ଗ, ଆଧାତ୍ମିକତା, ରାଜନୀତି, ପ୍ରଶାସନ ପାଇଁ ଭଲ।

**ମୀନ** ବୁଧଙ୍କ ସ୍ଥାନ ପ୍ରଭାବରେ ପାରିବାରିକ ଜୀବନରେ ଛୋଟ ବଡ଼ କେତୋଟି ଘଟଣାକୁ ବାଦ୍ ଦେଲେ ପ୍ରାୟତଃ ବିଶେଷ ଅସୁବିଧା ରହିବ ନାହିଁ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଅଫିସ୍‌ରେ ନୂତନ ଦାୟିତ୍ୱ ହାତକୁ ନେଇ ବ୍ୟସ୍ତ ହୋଇପାରନ୍ତି।

ଆଜି ନଭେମ୍ବର ୧୪ ତାରିଖ ବୁଧବାର, ଶିଶୁ ଦିବସ, ପଣ୍ଡିତ ଜବାହରଲାଲ ନେହେରୁଙ୍କ ଜୟନ୍ତୀ, ବିଶ୍ୱ ମଧୁମେହ ଦିବସ, ରାଷ୍ଟ୍ରୀୟ ପୁସ୍ତକାଳୟ ସପ୍ତାହାରମ୍ଭ, ମୁକ୍ତିମଣ୍ଡପର ଷୋଳଶାସନ ଅମୃତମଣୋହି ଭୋଗ, ରାଶି ନକ୍ଷତ୍ର-ଶ୍ରବଣା/ମକର, ସିଂହ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ୭।୨୦ମି. ଗତେ ଘ୮।୪୩ମି. ମଧ୍ୟେ, ଘ୨।୧୫ମି. ଗତେ ଘ୩।୪୦ମି. ମଧ୍ୟେ ଅମୃତବେଳା। ଦିବା ଘ୭।୨୧ମି. ମଧ୍ୟେ ଘ୧୦।୦୭ମି. ଗତେ, ଘ୧୧।୩୦ମି. ମଧ୍ୟେ ଘ୩।୪୦ମି. ଗତେ, ଘ୫।୦୨ମି. ମଧ୍ୟେ ମାହେନ୍ଦ୍ରବେଳା।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ନଭେମ୍ବର ୧୪/୨୦୧୮



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର



## ସଂକ୍ଷେପରେ

### ଆନନ୍ଦବଜାରରେ ଭକ୍ତଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ପୁରୀ ଅଫିସ,୧୩।୧୧:** ଆନନ୍ଦ ବଜାରରେ ଶୃଙ୍ଖଳା ଆଣିବା ଲାଗି ଶ୍ରୀମନ୍ଦିର ପ୍ରଶାସନ ଉଦ୍ୟମ ଜାରି ରଖିଛି। ତଥାପି କେତେଜଣ ସୁଆର ସେବକ ସେମାନଙ୍କ ଆଚାର ବ୍ୟବହାରରେ ପରିବର୍ତ୍ତନ ଆଣିପାରୁ ନାହାନ୍ତି। ପୂର୍ବପରି ଭକ୍ତଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ମଙ୍ଗଳବାର ମହାପ୍ରସାଦ କିଣିବାକୁ ଯାଇଥିବା ବାଲେଶ୍ୱର ଜିଲାର ଜଣେ ଭକ୍ତ ଦୁର୍ବ୍ୟବହାରର ଶିକାର ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ମୁତାବକ, ସେ ଆନନ୍ଦବଜାରକୁ ମହାପ୍ରସାଦ କିଣିବାକୁ ଯାଇଥିଲେ। ଜଣଙ୍କ ପାଇଁ ଅବଢ଼ା ଦେବାକୁ କହିଥିଲେ। ମୃଷା ନାମକ ଜଣେ ବ୍ୟକ୍ତି ତାଙ୍କୁ ମହାପ୍ରସାଦ ଦେଇ ୧୦୦ ଟଙ୍କା ଦେବାକୁ କହିଥିଲେ। ହେଲେ ପୂର୍ବରୁ ସେ ଏହି ମହାପ୍ରସାଦକୁ ୫୦ ଟଙ୍କାରେ କିଣୁଥିବା କହିବାରୁ ମୃଷା ତାଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଥିବା ସେ ଅଭିଯୋଗ କରିଛନ୍ତି।




ଆରପାରିରେ ବିଶିଷ୍ଟ କଣ୍ଠଶିଳ୍ପୀ ଚିତ୍ତ ଜେନା

■ ଆସୁଛି ପଞ୍ଚୁକ

# ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ

**ପୁରୀ ଅଫିସ,୧୩।୧୧**

- ■ ଜଗମୋହନ, ମୁକ୍ତିଦ୍ୱାରରୁ ହଟିବ ଆଲମିରା
- ■ ଆଉ ଧାଡ଼ିଦର୍ଶନର ବନ୍ଦୋବସ୍ତ ନାହିଁ
- ■ ପୂର୍ବପରି ଚାଲିଛି ଦର୍ଶନ ବ୍ୟବସ୍ଥା



ପଞ୍ଚୁକ ପାଞ୍ଚଦିନ ଶ୍ରୀମନ୍ଦିରରେ ଭକ୍ତଙ୍କ ଗହଳି ଅଧିକ ରହିବ। ତେଣୁ ଦର୍ଶନ ବ୍ୟବସ୍ଥା କିପରି ଶୃଙ୍ଖଳିତ ହୋଇପାରିବ ସେ ନେଇ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିରର ବିଭିନ୍ନ ପ୍ରସଙ୍ଗକୁ ନେଇ ଏକାଧିକ ସେବାୟତ ନିଯୋଗ ସହ ମଧ୍ୟ ଆଲୋଚନା କରିଛନ୍ତି।

ଧାଡ଼ିଦର୍ଶନ ସମ୍ପର୍କରେ ମୁଖ୍ୟ ପ୍ରଶାସକ କହିଛନ୍ତି ଯେ, ବର୍ତ୍ତମାନ ମନ୍ଦିରରେ କୌଣସି ପ୍ରକାର ଧାଡ଼ି ଦର୍ଶନର ବନ୍ଦୋବସ୍ତ ନାହିଁ। ପୂର୍ବରୁ ଯାହା ଥିଲା ବର୍ତ୍ତମାନ ସେହିପରି ଚାଲିଛି। କେବଳ ସିଂହଦ୍ୱାର ଦେଇ ପ୍ରବେଶ ଏବଂ ଅନ୍ୟ ତିନିଦ୍ୱାର ଦେଇ ବାହାରିବା ଲାଗି ମାତ୍ର ଗୋଟିଏ ବନ୍ଦୋବସ୍ତ ହୋଇଛି। ପୂର୍ବରୁ ଯେପରି ଭକ୍ତ ଧାଡ଼ିରେ ଆସନ୍ତି ଏବଂ ସିଂହଦ୍ୱାର ନିକଟରେ ଯାଞ୍ଚ କରାଯାଏ ବର୍ତ୍ତମାନ ସେହି ବ୍ୟବସ୍ଥା ହିଁ ଚାଲିଛି। ଶ୍ରୀମନ୍ଦିରର ସୁରକ୍ଷା ଦୃଷ୍ଟିକୋଣରୁ ଏହି ଯାଞ୍ଚ କରାଯାଉଛି। ବର୍ତ୍ତମାନ ସିଂହଦ୍ୱାର ଦେଇ ପ୍ରବେଶ କରିବା ପରେ ବାଇଶପାହାଚ ଖୋଲା। ଭିତର ଗୁମୁଟରେ ପଶିବା ପରେ ଜଣେ ଚାହିଁଲେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଯାଇପାରିବେ ନଚେତ ତାଙ୍କ ଇଚ୍ଛା ହେଲେ ବେଢ଼ା ପରିକ୍ରମା କରିପାରିବେ। କେହି ଯଦି ଦର୍ଶନ ନ କରି କେବଳ ଆନନ୍ଦ ବଜାରରୁ ମହାପ୍ରସାଦ କିଣିବାକୁ ଚାହାନ୍ତି ତାଙ୍କ ପାଇଁ ବି କିଛି ଅସୁବିଧା ନାହିଁ। ସେ ଆନନ୍ଦ ବଜାରରୁ ଅବଢ଼ା ନେଇ ଉତ୍ତର ଦ୍ୱାରରେ ବାହାରିଯିବେ। ଯଦି କେହି ବେଢ଼ା ପରିକ୍ରମା ପରେ ଦର୍ଶନ କରିବାକୁ ଚାହିଁବେ ତେବେ ସାତପାହାଚ ଦେଇ ଯାଇପାରିବେ। ଏଠାରେ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ଧାଡ଼ି ବ୍ୟବସ୍ଥା କରାଯାଇଛି। ସାତପାହାଚ ଅତିକ୍ରମ କରିବା ପରେ ନାଟମଣ୍ଡପ କିମ୍ବା ଜଗମୋହନରେ କୌଣସି ପ୍ରକାର ଧାଡ଼ି ବ୍ୟବସ୍ଥା ନାହିଁ। କେବଳ ଭକ୍ତଙ୍କ ଭିଡ଼କୁ ନିୟନ୍ତ୍ରଣ କରାଯାଉଛି ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ମନ୍ଦିରରେ ବଲ୍ଲଭ, ଧୂପ ବସିବା ସମୟରେ ଦର୍ଶନ ବନ୍ଦ ରହିଥାଏ। ଏହି ସମୟରେ ଭକ୍ତମାନେ ସିଂହଦ୍ୱାର ନିକଟରେ ଥିବା ଧାଡ଼ିରେ ଅଧିକ ସମୟ ଠିଆ ହୋଇ ନ ରହିବା ପାଇଁ ଜଣାଇ ଦିଆଯିବ। ଫଳରେ ଶ୍ରଦ୍ଧାଳୁମାନେ ଏହି ସମୟରେ ସେମାନଙ୍କ ସୁବିଧା ଅନୁଯାୟୀ ବିଭିନ୍ନ ସ୍ଥାନରେ ଅପେକ୍ଷା କରିପାରିବେ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

### କାର୍ତ୍ତିକ ପରେ ମହାପ୍ରସାଦ ଦର ନିର୍ଦ୍ଧାରଣ

**ପୁରୀ ଅଫିସ,୧୩।୧୧**

ସୁବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ହେବ ଆନନ୍ଦବଜାର। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ଏକାଧିକଥର ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରିଛି। ଯାହା କିଛି ନିଷ୍ପତ୍ତି ନିଆଯାଇଛି କାର୍ତ୍ତିକ ମାସ ପରେ ପର୍ଯ୍ୟାୟକ୍ରମେ ଏହା କାର୍ଯ୍ୟକାରୀ ହେବ। ମଙ୍ଗଳବାର ଆନନ୍ଦବଜାର ସମ୍ପର୍କରେ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର ସୁଆର ମହାସୁଆର ସେବକଙ୍କ ସହ ଆଲୋଚନା କରିଥିଲେ। ଏଥିରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ, ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ଲାଗି ସୁଆର ସେବକଙ୍କ ପାଇଁ ୪୮ଟି ଶେଡ୍ ତିଆରି କରାଯିବ। ଏହି ଶେଡ୍‌ର ଡିଜାଇନ ଡ୍ରଇଂକୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, କେନ୍ଦ୍ରାଞ୍ଚଳ ଆଇଜି, ଏସ୍‌ପି ଓ ଜିଲାପାଳ ଅନୁମୋଦନ କରିଛନ୍ତି। ଖୁବଶୀଘ୍ର ଏହାର କାମ ଆରମ୍ଭ ହେବ। ଆନନ୍ଦ ବଜାରରେ ଏକ ଅଭିଯୋଗ ପ୍ରକୋଷ୍ଠ ରହିବ। କାର୍ତ୍ତିକ ମାସ ପରେ କୋଠ ଭୋଗରେ ମହାପ୍ରସାଦ ରୋଷେଇ ହୋଇ ଦର ନିର୍ଦ୍ଧାରଣ କରାଯିବ। ଏହି ଦର ତାଲିକା ଆନନ୍ଦବଜାର ଏବଂ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଲାଗିବ ବୋଲି ମୁଖ୍ୟ ପ୍ରଶାସକ ମହାପାତ୍ର ସୂଚନା ଦେଇଛନ୍ତି।

■ କୋଣାର୍କ ମନ୍ଦିରରୁ କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି କଢ଼ାଯିବା ପ୍ରସଙ୍ଗ

# ଡିସେମ୍ବର ୧୫ସୁଦ୍ଧା ରିପୋର୍ଟ ଦେବାକୁ ଏଏସ୍ଆଇକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ବିଶ୍ୱପ୍ରସିଦ୍ଧ କୋଣାର୍କ ମନ୍ଦିରରୁ କିଛି କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି କଢ଼ାଯାଇ ସେସବୁ ସ୍ଥାନରେ ସାଦା ପଥର ଲଗାଇ ଦିଆଯାଇଥିବା ଅଭିଯୋଗ ହୋଇଛି। ମନ୍ଦିର ସୁରକ୍ଷା ଦାୟିତ୍ୱରେ ରହିଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସଂସ୍ଥା (ଏଏସ୍ଆଇ) ଅଧିକାରୀମାନେ ମୂର୍ତ୍ତି ପରିବର୍ତ୍ତନ କରିଥିବା ନେଇ ବିଭିନ୍ନ ମହଲରେ ଆଲୋଚନା ହେବାପରେ ଏହାକୁ ନେଇ ସରକାରୀ ସ୍ତରରେ ତଦନ୍ତ ଆରମ୍ଭ ହୋଇଛି। ସୋମବାର ସଂସ୍କୃତି ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏସ୍ଆଇ ଅଧିକାରୀ ଯୋଗଦେଇ ଉଠିଥିବା ଅଭିଯୋଗକୁ ଖଣ୍ଡନ କରିଥିଲେ। କୋଣାର୍କ ମନ୍ଦିରରୁ କୌଣସି ମୂର୍ତ୍ତି କଢ଼ାଯାଇ ନାହିଁ ବୋଲି ସେମାନେ କହିଛନ୍ତି। ଏହି ପ୍ରସଙ୍ଗରେ ପୁଣିଥରେ ମଙ୍ଗଳବାର ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା। କୋଣାର୍କ ସଂରକ୍ଷଣ ଏବଂ ସୁରକ୍ଷା ସମ୍ପର୍କରେ ଡିସେମ୍ବର ୧୫ସୁଦ୍ଧା ରିପୋର୍ଟ ଦେବାକୁ ଏଏସ୍ଆଇ ଅଧିକାରୀଙ୍କୁ କୁହାଯାଇଛି।

ଏନେଇ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ଗଠିତ ବିଶେଷଜ୍ଞ ମଣ୍ଡଳୀ ଦ୍ୱାରା ଅନୁଧାନ କରାଯିବ ବୋଲି ମନ୍ତ୍ରୀ ପଣ୍ଡା କହିଛନ୍ତି। ମନ୍ତ୍ରୀ ଅଶୋକ ପଣ୍ଡାଙ୍କ ସଚିବାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ କୋଣାର୍କ ମନ୍ଦିର ସଂରକ୍ଷଣ ନେଇ ଏଏସ୍ଆଇର ଭୂମିକା ବାବଦରେ ଆଲୋଚନା କରାଯାଇଛି। ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମହାନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଷ୍ଟିୟରିଂ କମିଟିର ବୈଠକ ତୁରନ୍ତ କୋଣାର୍କଠାରେ ଡକାଇବାକୁ ମନ୍ତ୍ରୀ ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ୧୯୯୭ ଓ ୨୦୧୦ରେ ଆୟୋଜିତ ଦୁଇଟି ଆନ୍ତର୍ଜାତିକ ସମ୍ମିଳନୀରେ ବିଶ୍ୱ ଐତିହ୍ୟସ୍ଥଳୀ ମାନ୍ୟତାପ୍ରାପ୍ତ କୋଣାର୍କର ରକ୍ଷଣାବେକ୍ଷଣ ଓ ସୌନ୍ଦର୍ଯ୍ୟ ସୁରକ୍ଷା ନେଇ ସୁପାରିସ କରାଯାଇଥିଲା। ଏହି ସୁପାରିସଗୁଡିକର କାର୍ଯ୍ୟାନ୍ୱୟନ କେତେଦୂର ହୋଇଛି ସେନେଇ ଏଏସ୍ଆଇ ସ୍ପଷ୍ଟ କରିବା ଉଚିତ ବୋଲି ବୈଠକରେ ମତପ୍ରକାଶ ପାଇଛି। ଉକ୍ତ ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଆର୍. ବାଲକ୍ରିଷ୍ଣନ୍ ଯୋଗଦେଇ କହିଛନ୍ତି ଯେ, କୋଣାର୍କ ମନ୍ଦିରର ଢାଞ୍ଚାଗତ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସଂରକ୍ଷଣ ଓ ପୁନରୁଦ୍ଧାର ବାବଦରେ ସବିଶେଷ କାର୍ଯ୍ୟପ୍ରଣାଳୀ ପ୍ରସ୍ତୁତ ହେବା ଦରକାର। ମନ୍ଦିରର ସୌନ୍ଦର୍ଯ୍ୟ ଓ କାରୁକାର୍ଯ୍ୟକୁ ଅକ୍ଷୁଣ୍ଣ ଓ ସୁରକ୍ଷିତ ରଖାଯିବା ଉଚିତ ବୋଲି ବାଲକ୍ରିଷ୍ଣନ ମତ ଦେଇଛନ୍ତି।

ଉପରୋକ୍ତ ଆନ୍ତର୍ଜାତିକ ସମ୍ମିଳନୀର ସୁପାରିସକୁ ଏଏସ୍ଆଇ କୋଣାର୍କ ସଂରକ୍ଷଣ କ୍ଷେତ୍ରରେ କେତେଦୂର ପାଳନ କରିଛି, ସେ ବାବଦରେ ଆସନ୍ତା ମାସ ୧୫ପୂର୍ବରୁ ଏକ ରିପୋର୍ଟ ଦେବାପରେ ତାହା ଉପରେ ସଂସ୍କୃତି ବିଭାଗ ତନଖି କରିବା ସହିତ ବିଶେଷଜ୍ଞମାନଙ୍କ ଦ୍ୱାରା ଅନୁଧାନ କରିବ ବୋଲି ବିଭାଗୀୟ ମନ୍ତ୍ରୀ କହିଛନ୍ତି। ଏହି ବୈଠକରେ ବିଧାୟକ ସମୀର ରଞ୍ଜନ ଦାଶ, କାକଟପୁର ବିଧାୟକ ସୁରେନ୍ଦ୍ରନାଥ ସେଠୀ, ସଂସ୍କୃତି ବିଭାଗ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ଏଏସ୍ଆଇର ଓଡିଶା ଆଞ୍ଚଳିକ ମୁଖ୍ୟ ଅରୁଣ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।








" ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍
- ଚରଣ ସିଂ

# କ୍ରାଇମବ୍ରାଞ୍ଚ ଆଇଜିଙ୍କ ତନାଘନା

**ବରଗଡ଼ ଅଫିସ୍/ ଭଟଲି, ୧୩।୧୧ (ଡି.ଏନ୍.ଏ.)**

ବରଗଡ଼ ବାଘମୃତ୍ୟୁ ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ଏସ୍‌ଟିଏଫ୍ (ସ୍ପେଶାଲ ଟାସ୍କ ଫୋର୍ସ) ତନାଘନା ଚଳାଇଛି । ମଙ୍ଗଳବାର କ୍ରାଇମବ୍ରାଞ୍ଚ (ଏସ୍‌ଟିଏଫ୍) ଆଇଜି ଯତୀନ୍ଦ୍ର କୋଏଲ ଏବଂ ଡିଏସ୍‌ପି ବିଳାସିନୀ ନାୟକ ବରଗଡ଼ ଆସି ତଦନ୍ତକୁ ତ୍ୱରାନ୍ୱିତ କରିଛନ୍ତି । ଏହି ମାମଲାରେ ଗିରଫ ୪ଅଭିଯୁକ୍ତ ଖଜୁରିଆ ଗ୍ରାମର ସତ୍ୟବାନ ସାହୁ, ସୁଶିଳ ଭୁଏ, ଗୌରୀ ମିର୍ଦ୍ଧା ଏବଂ ଜେକ୍ରିଆ ଟିଡୁଙ୍କୁ ୨ ଦିନିଆ ରିମାଣ୍ଡରେ ଅଣାଯାଇଛି । ସେହିପରି ଅନ୍ୟ ଦୁଇ ଅଭିଯୁକ୍ତ ରାଉତପଡ଼ାର ସରୋଜ ମିର୍ଦ୍ଧା, ଶରଧାପାଲିର ଭଞ୍ଜନ ମିର୍ଦ୍ଧାଙ୍କୁ ମଙ୍ଗଳବାର ଗିରଫ କରାଯାଇଛି । ଉଭୟଙ୍କୁ ବୁଧବାର କୋର୍ଟଚାଲାଣ କରାଯିବ ବୋଲି ଡିଏସ୍‌ପି ନାୟକ କହିଛନ୍ତି । ଏହି ୬ଜଣଙ୍କୁ ବରଗଡ଼ ଟାଉନ ଥାନାରେ ରଖାଯାଇ ଆଇଜି କୋଏଲ ଏବଂ ଡିଏସ୍‌ପି ନାୟକ ବାଘମୃତ୍ୟୁ ସମ୍ପର୍କରେ ପଚରାଉଚୁରା କରୁଛନ୍ତି । ଏହି ଘଟଣାରେ ଆହୁରି ଅଧିକ ଅଭିଯୁକ୍ତ ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି । ଫଳରେ ଘଟଣାର ବିଭିନ୍ନ ଦିଗ ନେଇ ତଦନ୍ତ ଚାଲିଛି ଏବଂ ଯେଉଁମାନେ ଏଥିରେ ସମ୍ପୃକ୍ତ ଥିବେ, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଇଜି କୋଏଲ କହିଛନ୍ତି ।

ଗତମାସ ୨୮ତାରିଖରେ ଡେବ୍ରିଗଡ଼ ଅଭୟାରଣ୍ୟ ପାଦଦେଶରେ ଥିବା ଦାମୋଦରପଡ଼ା ଜଙ୍ଗଲରେ ମାଟି ଖୋଳି ପୋତାଯାଇଥିବା ଅବସ୍ଥାରେ ବାଘର ମୃତଦେହ ଉଦ୍ଧାର କରାଯାଇଥିଲା । ଏହି ଘଟଣାରେ ଗତ ୩ତାରିଖ ଉପରୋକ୍ତ ୪ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଥିବାବେଳେ ସେମାନଙ୍କ ପାଖରୁ ବାଘ ନିଶ, ପଞ୍ଝା ଆଦି ଜବତ ହୋଇଥିଲା । ଗିରଫ ଅଭିଯୁକ୍ତମାନଙ୍କୁ ଗତ ୪ତାରିଖ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବା ପରେ

**ବରଗଡ଼ ବାଘ ମୃତ୍ୟୁ ଘଟଣା**
- ରିମାଣ୍ଡରେ ଆଣି ୪ଅଭିଯୁକ୍ତଙ୍କୁ ଜେରା
- ପୁଣି ଗିରଫ ହେଲେ ଅନ୍ୟ ୨ଅଭିଯୁକ୍ତ
- ଆହୁରି ବଢ଼ିପାରେ ଗିରଫଦାରୀ ସଂଖ୍ୟା



ବାଘମୃତ୍ୟୁ ଘଟଣା ତଦନ୍ତ ପାଇଁ ବରଗଡ଼ ଟାଉନ ଥାନାରେ କ୍ରାଇମବ୍ରାଞ୍ଚ (ଏସ୍‌ଟିଏଫ) ଆଇଜି ଓ ଅନ୍ୟମାନେ ।

ସେମାନଙ୍କୁ ବରଗଡ଼ ସବ୍‌ଜେଲ ପଠାଇ ଦିଆଯାଇଥିଲା । ସେହିପରି ଗତ ୫ତାରିଖ ଏନ୍‌ଟିସିଏ (ନ୍ୟାଶନାଲ ଟାଇଗର କନଜର୍ଭେଶନ ଅଥରିଟି), ନାଗପୁରର ଏଆଇଜି ହେମନ୍ତ କାମଡ଼ି, ଡବ୍ଲୁସିସିବି (ୱାଇଲ୍ଡ କନଜର୍ଭେଶନ କଣ୍ଟ୍ରୋଲ ବୋର୍ଡ), ଜବଲପୁରର ଅଭିଜିତ ରାୟ ଚୌଧୁରୀ, କ୍ରାଇମବ୍ରାଞ୍ଚ ଡିଏସ୍‌ପି ନାୟକ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ । ତେବେ ମୃତ ବାଘର ପ୍ରଜାତିକୁ ନେଇ ଆରମ୍ଭରୁ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲେ ହେଁ ଅଭିଯୁକ୍ତମାନେ ଗିରଫ ହେବା ଏବଂ ସେମାନଙ୍କ ପାଖରୁ ମୃତ ବାଘର ନିଶ, ପଞ୍ଝା ଜବତ ହେବା ପରେ ତାହା ମହାବଳ ବାଘ ଥିଲା ବୋଲି ଶେଷରେ ବନ୍ୟପ୍ରାଣୀ ବିଭାଗ ମାନିଥିଲା । ଏହି ଘଟଣାରେ ବନ ବିଭାଗ ୨ କର୍ମଚାରୀଙ୍କୁ ନିଲମ୍ବିତ କରିଛି । ସେହିପରି ବିଦ୍ୟୁତ୍ ତାର ବିଛାଇ ଗତମାସ ୧୩ତାରିଖ ବାଘ ଶିକାର କରିଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିବା ବେଳେ ଏହାର ୬ଦିନ ପୂର୍ବରୁ ଡେବ୍ରିଗଡ଼ ଅଭୟାରଣ୍ୟରେ ଲାଗିଥିବା ସିସିଟିଭି ମ୍ୟାମେରା ଖୋଲିବା ଏବଂ ଏଥିପାଇଁ ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ଥିବା ଜଣାପଡ଼ିବା ପରେ ଏହାକୁ ନେଇ ବର୍ତ୍ତମାନ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାରେ ହରି ରଖେ କିଏ ?**
**ରଖେ ହରି ମାରେ କିଏ ?**

ଈଶ୍ୱର ସର୍ବ ଶକ୍ତିମାନ । ତାଙ୍କ ଶକ୍ତି ବା ପରାକ୍ରମ ଆଗରେ କାହାର ଜୋର ଚଳି ନ ଥାଏ । ତାରିବା, ମାରିବା ସବୁ ତାଙ୍କରି ଇଚ୍ଛା ବା ଦୟା ଉପରେ ନିର୍ଭର କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ମଥାକେ ବାନ୍ଧିଲି ମେଣ୍ଟା,**
**ଜବାବ ଦେଇ ଯା, ନିଆଶା କଲୁ;**
**କାଲି ବସେଇବି ହଟା ।**

ଜବାବ ଦେଲେ କଥା ରଖିବାକୁ ପଡ଼େ । ଏଥିରୁ ଖିଲାପ ହେଲେ ଅପର ବ୍ୟକ୍ତିର ମନ ଉପରେ ଏହାର କୁପ୍ରଭାବ ପଡ଼ିଥାଏ । ମନ ପାଣିଚିଆ ହୋଇଯିବା ସହ ଏକପ୍ରକାର ବିତୃଷ୍ଣା ଭାବ ଆସିଯାଇଥାଏ । ଏପରିସ୍ଥଳେ କଥା ଦେଇ କଥା ରଖି ପାରୁ ନ ଥିବା ବ୍ୟକ୍ତି ପ୍ରତି ମନରେ କ୍ରୋଧ ଜାତ ହେବା ସହ ପ୍ରତିହିଂସା ଭାବ ସୃଷ୍ଟିହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୋଖରୀରେ ବିଷ ପକାଇଲେ ଦୁର୍ବୃତ୍ତ



ପୋଖରୀରେ ମରି ଭାସୁଥିବା ମାଛ ।

**ରସାଳପୁର, ୧୩।୧୧ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ ଗେଙ୍ଗୁଟି ପଞ୍ଚାୟତ ଯୁଧିଷ୍ଠିରପୁର ଉଚ୍ଚ ପ୍ରାଥମିକ ସ୍କୁଲ ପୋଖରୀରେ କେହି ଦୁର୍ବୃତ୍ତ କୀଟନାଶକ ଔଷଧ ପ୍ରୟୋଗ କରିବା ଯୋଗୁ ଶହ ଶହ ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି । ମଙ୍ଗଳବାର ପୂର୍ବାହ୍ନରେ ଏହା ଜଣାପଡିବା ପରେ ଆକ୍ରୋଶମୂଳକ ଭାବେ ଏଭଳି କାର୍ଯ୍ୟ ଗ୍ରାମର କେତେକ ବ୍ୟକ୍ତି କରିଥିବା ଲିଜ୍‌ଧାରୀ ରାଜେନ୍ଦ୍ର ମହାନ୍ତି, ରାକେଶ ସାମଲ, ସୁକାନ୍ତ ମହାନ୍ତି ଏବଂ ମହେନ୍ଦ୍ର ମହାନ୍ତି କହିଛନ୍ତି । ୨ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ବାହାଲ ମାଛ ମରିଥିବା ବେଳେ ୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ସହିବାକୁ ପଡ଼ିଛି ବୋଲି ଲିଜ୍‌ଧାରୀ ପ୍ରକାଶ କରିଛନ୍ତି । ଖବରପାଇ ଯୁବନେତା ଚନ୍ଦନ ମଲ୍ଲିକ, ୱାର୍ଡ଼ସଭ୍ୟା ପୁଷ୍ପାଶ୍ରୀ ରାଉତ ଓ ଗ୍ରାମବାସୀ ପହଞ୍ଚି ଏ ସମ୍ପର୍କରେ ତଦାରଖ କରିଥିଲେ । ପୋଖରୀ ଭିତରୁ କିଛି ପଲିଥିନ୍ ଓ କୀଟନାଶକ ଔଷଧ ଗ୍ରାମବାସୀ ଠାବ କରିଛନ୍ତି । ପଲିଥିନ୍‌ରେ କୀଟନାଶକ ଔଷଧ ଆଣି ଦୁର୍ବୃତ୍ତମାନେ ପକାଇଥିବା ଏଥିରୁ ସ୍ପଷ୍ଟ ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ସ୍କୁଲ ପରିଚାଳନା କମିଟି ସଦସ୍ୟ ଏବଂ ସଭାପତି ଓ ପ୍ରଧାନଶିକ୍ଷକଙ୍କ ମଧ୍ୟରେ ବୈଠକ କରି ଉକ୍ତ ପୋଖରୀକୁ ଗ୍ରାମର କେତେକ ଯୁବକଙ୍କୁ ଲିଜ୍ ଆକାରରେ ଦିଆଯାଇଥିଲା । ଉକ୍ତ ଯୁବକ ଏହି ପୋଖରୀକୁ ୩ ବର୍ଷ ଲାଗି ୬ମାସ ପୂର୍ବରୁ ନେଇ ମାଛ ଚାଷ କରିଥିଲେ ।

## ■ ୨୦ ଘଣ୍ଟା ପରେ ସ୍ୱାସ୍ଥ୍ୟକେନ୍ଦ୍ରରୁ ଉଠିଲା ମୃତଦେହ

# ସ୍ୱାମୀଙ୍କ ଶବ ସତ୍କାର ପାଇଁ ଭିକ୍ଷା ମାଗିଲେ ସ୍ତ୍ରୀ

**ପଟ୍ଟାମୁଣ୍ଡାଇ, ୧୩।୧୧ (ସ୍ୱ.ପ୍ର.)**

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଙ୍ଗରାଇ ମୁଣ୍ଡା (୫୪) ନାମକ ଜଣେ ଦିନ ମଜୁରିଆଙ୍କ ମୃତଦେହ ଦୀର୍ଘ ୨୦ ଘଣ୍ଟା ପରେ ଉଠାଯାଇଛି । ମୃତଦେହ ଉଠାଇବା ଲାଗି ଅନୁମତି ଦେବାରେ ବିଳମ୍ବ ଯୋଗୁ ଏପରି ହୋଇଥିବା କୁହାଯାଉଛି । ଅପରପକ୍ଷରେ ଟଙ୍କା ନ ଥିବାରୁ ଜଙ୍ଗରାଇଙ୍କ ସ୍ତ୍ରୀ ମଙ୍ଗଳବାର ସ୍ୱାସ୍ଥ୍ୟକେନ୍ଦ୍ରରେ ଗାମୁଛା ପାରି ଭିକ୍ଷା ମାଗିବା ଦେଖିବାକୁ ମିଳିଥିଲା । ସରକାର ହରିଶ୍ଚନ୍ଦ୍ର ଯୋଜନା କରିଥିଲେ ହେଁ ଗରିବ ଲୋକ ଠିକ୍ ସମୟରେ ଟଙ୍କା ନ ପାଇ ହଟହଟା ହେଉଥିବା ଏହି ଘଟଣାରୁ ପ୍ରମାଣିତ ହେଉଛି । ଏଭଳି ସମ୍ବେଦନଶୀଳ ଘଟଣା ସାଧାରଣରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି ।

ପ୍ରକାଶ ଯେ, କେନ୍ଦୁଝର ଜିଲା ସାରପଡ଼ା ଥାନା ଅଧୀନ ଦୁଦୁନାଳୀ ଗ୍ରାମର ଜଙ୍ଗରାଇ ମୁଣ୍ଡା ଓ ତାଙ୍କ ସ୍ତ୍ରୀ ମିନତି ପଟ୍ଟାମୁଣ୍ଡାଇ ଥାନା ଚାପଡ଼ା ଗ୍ରାମରେ ରହି ବିଭିନ୍ନ ସ୍ଥାନରେ ଦିନ ମଜୁରିଆ ଭାବରେ କାମ କରୁଥିଲେ । ଜଙ୍ଗରାଇ ଗତ କିଛି ଦିନ ହେଲା ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିଲେ । ସୋମବାର ରାତି ୮ଟା ବେଳେ ସେ ହଠାତ୍ ଛାତି ଓ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ରାତି ପ୍ରାୟ ୧୧ଟା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା । ମିନତିଙ୍କ ପାଖରେ ଟଙ୍କା ନ ଥିବାରୁ ସେ ସ୍ୱାମୀଙ୍କ ମୃତଦେହ ନିକଟରେ ଗାମୁଛା ପାରି ଭିକ୍ଷା ମାଗିଥିଲେ । ଏହାଦେଖି କେତେଜଣ ବଦାନ୍ୟ ବ୍ୟକ୍ତି ପହଞ୍ଚି କିଛି ଟଙ୍କା ଦେଇଥିଲେ । ଖବରପାଇ ପଟ୍ଟାମୁଣ୍ଡାଇ ଡିଜେ ସେବା ସମିତି ଅଧ୍ୟକ୍ଷ ତଥା ଆନ୍ତର୍ଜାତିକ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପ୍ରତାପ ପାଢ଼ୀ ମହାପ୍ରୟାଣ ଗାଡ଼ି ପାଇଁ ୩ ଶହ ଟଙ୍କାର ରସିଦ୍ କାଟିବା ସହିତ ୧ ହଜାର ଟଙ୍କା ଦେଇଥିଲେ । ପଟ୍ଟାମୁଣ୍ଡାଇ ଦଳିତ ସଂଘ ସଭାପତି କଳ୍ପତରୁ ମଲିକଙ୍କ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ହରିଶ୍ଚନ୍ଦ୍ର ଯୋଜନାରେ ତାଙ୍କୁ ଟଙ୍କା ଦିଆଯିବାର ଥିବା ବେଳେ ପୌର ପରିଷଦର ନିର୍ବାହୀ ଅଧିକାରୀ ସମ୍ପଦ ସ୍ୱାଇଁ ଟଙ୍କା ନ ଥିବା ଦର୍ଶାଇଥିଲେ । ତେବେ ମାନବାଧିକାର କାଉନସିଲର ଜିଲା ମୁଖ୍ୟ ପାଢ଼ୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ ଓ ପୋଲିସ ସହିତ ଯୋଗାଯୋଗ କରି ଶବ ସଂସ୍କାର ପାଇଁ ପଦକ୍ଷେପ ନେଇଥିଲେ । ଏଥିରେ କେତେଜଣ ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ସଙ୍ଗଠନ କର୍ମକର୍ତ୍ତା ସାମିଲ ହୋଇଥିଲେ । ମଙ୍ଗଳବାର ସନ୍ଧ୍ୟା ୭ଟାରେ ଅରଡ଼ା-ଚାପଡ଼ା ନିକଟରେ ଜଙ୍ଗରାଇଙ୍କ ଅନ୍ତିମ ସଂସ୍କାର କରାଯାଇଛି ।



ସ୍ୱାସ୍ଥ୍ୟକେନ୍ଦ୍ର ୱାର୍ଡରେ ମିନତି ଗାମୁଛା ପାରି ଭିକ୍ଷା ମାଗୁଛନ୍ତି ।

# ୧.୩ ଲକ୍ଷ ଝାମ୍ପିନେଲେ ଲୁଟେରା

**ବାସୁଦେବପୁର, ୧୩।୧୧ (ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସହରରେ କାଳୀପୂଜା ଯୋଗୁ ପ୍ରତ୍ୟହ ରାସ୍ତାଘାଟରେ ଭିଡ ଲାଗିରହୁଛି । ଏହାର ସୁଯୋଗ ନେଇ ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଛନ୍ତି । ସେମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଦିନ ଦ୍ୱିପ୍ରହରେ ମଧ୍ୟ ଲୁଟପାଟ କରୁଛନ୍ତି । ମଙ୍ଗଳବାର ଦୁଇଜଣ ଲୁଟେରା ଏକ ବାଇକରେ ଆସି ରାସ୍ତାରେ ବାଇକରେ ବସି ଯାଉଥିବା ଗଦି ଗ୍ରାମର କୃପାସିନ୍ଧୁ ନାୟକଙ୍କଠାରୁ ୧.୩ ଲକ୍ଷ ଟଙ୍କା ଥିବା ଏକ ବ୍ୟାଗକୁ ଝାମ୍ପିନେଇ ଚମ୍ପଟ ମାରିଛନ୍ତି । ଏନେଇ କୃପାସିନ୍ଧୁ ବାସୁଦେବପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାର ତନାଘନା ଚଳାଇଥିଲେ ମଧ୍ୟ ଲୁଟେରାଙ୍କ କୌଣସି ସୁରାକ ପାଇପାରି ନାହିଁ

କୃପାସିନ୍ଧୁ ବାସୁଦେବପୁର ୟୁକୋ ବ୍ୟାଙ୍କ ଶାଖାରୁ ଏହି ଟଙ୍କା ଉଠାଣ କରି ଏକ ବ୍ୟାଗରେ ରଖିଥିଲେ । ପରେ ସେ କୃଷ୍ଣଚନ୍ଦ୍ର ପରିଡାଙ୍କ ବାଇକରେ ବସି ଘର ଅଭିମୁଖେ ବାହାରିଥିଲେ । ସେମାନେ ବାସୁଦେବପୁର-ଧାମରା ରାସ୍ତାର ପୁରୁଣାକୋର୍ଟ ନିକଟରେ ପହଞ୍ଚିବା ସମୟରେ ପୂର୍ବରୁ ପିଛା କରୁଥିବା ୨ ଜଣ ବାଇକ ଆରୋହୀ କୃପାସିନ୍ଧୁଙ୍କ ଠାରୁ ଅତର୍କିତ ଭାବେ ଟଙ୍କା ଭର୍ତ୍ତି ବ୍ୟାଗ ଛଡାଇ ନେଇ ବାସୁଦେବପୁର ଆଡକୁ ଦ୍ରୁତଗତିରେ ପଳାଇ ଯାଇଥିଲେ । କୃପାସିନ୍ଧୁ ଓ କୃଷ୍ଣଚନ୍ଦ୍ର ପିଛା କରିଥିଲେ ମଧ୍ୟ ଲୁଟେରାଙ୍କୁ ଠାବ କରିପାରି ନ ଥିଲେ । ଶେଷରେ ନିରାଶ ହୋଇ କୃପାସିନ୍ଧୁ ଅପରାହ୍ନରେ ବାସୁଦେବପୁର ଥାନାକୁ ଯାଇ ଲିଖିତ ଅଭିଯୋଗ କରିଥିଲେ । ବାସୁଦେବପୁର ଅଞ୍ଚଳରେ ସକ୍ରିୟ ଥିବା ଲୁଟେରା ଗ୍ୟାଙ୍ଗକୁ ଧରିବା ଲାଗି ପୋଲିସ କର୍ତ୍ତୃପକ୍ଷ ଯୋଜନାବଦ୍ଧ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଆର୍‌ଟିଓ ପକ୍ଷରୁ ଚଢ଼ାଉ
# ୨ ସ୍କୁଲ ଭ୍ୟାନ୍, ଟ୍ରାକ୍ଟର ଜବତ

**ସଜନାଗଡ଼, ୧୩।୧୧ (ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଆର୍‌ଟିଓ ପକ୍ଷରୁ ନୀଳଗିରିର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଗାଡ଼ିର କାଗଜପତ୍ର ଯାଞ୍ଚ କରାଯାଇଛି । ମଙ୍ଗଳବାର ସକାଳେ ଚଢ଼ାଉ କରାଯାଇ ୨ଟି ସ୍କୁଲ ଭ୍ୟାନ୍ ଓ ଗୋଟିଏ ଟ୍ରାକ୍ଟର ଜବତ କରାଯାଇଛି । ଉକ୍ତ ଗାଡ଼ିର କାଗଜପତ୍ରରେ ତ୍ରୁଟି ଥିବାରୁ ଜବତ କରାଯାଇଥିବା ଜଣାପଡ଼ିଛି । ଏହା ସହ ଗାଡ଼ିକୁ ନୀଳଗିରି ଥାନାରେ ଜିମା ଦେବା ସହ ୧୨ଟି ଗାଡ଼ିର ଭିସିଆର୍ କରିଥିବା ସୂଚନା ମିଳିଛି । ଆଗାମୀ ଦିନରେ ଏହି ଚଢ଼ାଉ ଜାରି ରହିବ ବୋଲି ଜଣାପଡ଼ିଛି । ଏଥିରେ ବାଲେଶ୍ୱର ଆର୍‌ଟିଓ ବିକାଶ ଚନ୍ଦ୍ର ଚୌଧୁରୀ, ଏସ୍. ଚୌଧୁରୀ, ପି.କେ. ମହାନ୍ତି ସାମିଲ ଥିଲେ ।

# ବୁଗୁଡ଼ା ଥାନାରେ ଓକିଲଙ୍କୁ ପୋଲିସର ମାଡ଼ ଅଭିଯୋଗ

**ବୁଗୁଡ଼ା, ୧୩।୧୧ (ଡି.ଏନ.ଏ.)**

କଟକରେ ଜଣେ ଓକିଲଙ୍କୁ ପୋଲିସ ମାଡ଼ ମାରିବା ଘଟଣାକୁ ନେଇ ବିବାଦ ଥମି ନ ଥିବା ବେଳେ ଗଞ୍ଜାମ ଜିଲା ବୁଗୁଡ଼ା ଥାନାରେ ଏଭଳି ଏକ ଘଟଣାର ପୁନରାବୃତ୍ତି ଘଟିଛି । ମଙ୍ଗଳବାର ବୁଗୁଡ଼ା ଥାନାରେ ଓକିଲ ହରପ୍ରସାଦ ଦାଶଙ୍କୁ ପୋଲିସ ମାଡ଼ ମାରିଥିବା ଅଭିଯୋଗ ହୋଇଛି । ଆହତ ହରପ୍ରସାଦ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି । ଏହି ଘଟଣାର ପ୍ରତିବାଦ କରିଛି ବୁଗୁଡ଼ା ଓକିଲ ସଂଘ । ସନ୍ଧ୍ୟାରେ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୁଧବାର ଭଞ୍ଜନଗର ବାର୍‌ରେ ବୈଠକ ବସିବ । ଉକ୍ତ ବୈଠକର ନିଷ୍ପତ୍ତି ପ୍ରକାରେ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଜଣାପଡିଛି । ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଅତିରିକ୍ତ ଏସ୍‌ପି ପି.କେ. ମହାପାତ୍ର, ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶ ବୁଗୁଡ଼ା ଥାନାରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ମିଳିଛି ।



ଆହତ ହରପ୍ରସାଦ ଦାଶ ।

ପ୍ରକାଶ ଯେ, ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିବାଦୀୟ ରାସ୍ତା ଓ ପାଚେରି ନିର୍ମାଣ ପ୍ରସଙ୍ଗକୁ ନେଇ ଓକିଲ ଦାଶ ପୂର୍ବାହ୍ନ ପ୍ରାୟ ୧୧ଟାରେ ବୁଗୁଡ଼ା ଥାନାକୁ ଆସିଥିଲେ । ସେଠାରେ ସେ ବିବାଦୀୟ ରାସ୍ତା ସମ୍ପର୍କରେ ଥାନାଧିକାରୀ ରାମଚନ୍ଦ୍ର ବିଶ୍ୱାଳଙ୍କ ସହ ଆଲୋଚନା କରିଥିଲେ । ଆଲୋଚନା ବେଳେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଏପରିକି ଧସ୍ତାଧସ୍ତି ପର୍ଯ୍ୟନ୍ତ କଥା ଯାଇଥିଲା । ପରେ ଥାନା ଅଧିକାରୀ ବିଶ୍ୱାଳ ତାଙ୍କୁ ମାଡ଼ ମାରିଥିବା ନେଇ ଓକିଲ ଦାଶ ଅଭିଯୋଗ କରିଛନ୍ତି । ବୁଗୁଡ଼ା ଓକିଲ ସଂଘର ସଭାପତି ବନବାସୀ ମହାରଣାଙ୍କ ନେତୃତ୍ୱରେ ଓକିଲମାନେ ଥାନାଧିକାରୀ ବିଶ୍ୱାଳଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ । ତେବେ ସେ ଏହାକୁ ଅସ୍ୱୀକାର କରିଥିଲେ । ବରଂ ଓକିଲ ଦାଶ ଥାନାରେ ଗାଳିଗୁଲଜ କରିଥିଲେ ବୋଲି କହିଥିଲେ । ଓକିଲମାନେ ଏଥିରେ ସନ୍ତୁଷ୍ଟ ନ ହୋଇ ସଂଘର ଏକ ବୈଠକ ଡ଼ାକିଥିଲେ । ଉକ୍ତ ବୈଠକରେ ଭଞ୍ଜନଗର ଓକିଲ ସଂଘର କର୍ମକର୍ତ୍ତା ମଧ୍ୟ ଯୋଗ ଦେଇଥିଲେ । ବୁଧବାର ଭଞ୍ଜନଗର ବାର୍‌ରେ ଏ ସମ୍ପର୍କରେ ଆଲୋଚନା କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ସେପଟେ ଥାନା ଅଧିକାରୀ ବିଶ୍ୱାଳଙ୍କ ନାମରେ ବୁଗୁଡ଼ା ଥାନାରେ ଓକିଲ ଦାଶ ଏତଲା ଦେଇଛନ୍ତି ।


OFFICE OF THE CHAIRMAN, P. G. COUNCIL
SHRI JAGANNATH SANSKRIT VISHVAVIDYALAYA
Shri Vihar, Puri-3, Odisha, Ph.- 06752-251365
No.1024/PGC Dt. 09.11.2018

**ADMISSION NOTICE**

Admission is open for one year Vishistacharya (M.Phil) course in Sahitya, Vyakarana, Veda, Sarvadarshan, Dharmashastra, Nyaya, Advaita Vedanta & Jyotirvigyan in the P.G.Teaching Department of Shri Jagannath Sanskrit Vishvavidyalaya, Puri for the year 2019.

**ELIGIBILITY**

Candidates for admission to the M.Phil Programme shall have a Master's degree or a Professional degree declared equivalent to the Master's degree by the corresponding statutory regulatory body, with at least 55% marks in aggregate or its equivalent grade "B" in the UGC seven point scale or an equivalent degree from a foreign educational institutional accredited by an Assessment and Accreditation Agency. A relaxation of 5% of marks or an equivalent relaxation of grade may be allowed for those belonging to SC/ST/OBC/Differently abled category candidates. Further admission will be made through an entrance test.

**SUBMISSION OF APPLICATION**

Application forms and prospectus can be downloaded from the university website i.e www.sjsv.nic.in. duly filled up application forms with all required documents as per the prospectus and Bankers Cheque / Demand Draft for Rs. 100/- (Rupees one hundred) only in favour of **Chairman, P.G. Council. SJSV, Shri Vihar, Puri** payable at SBI, SJSVV Branch, Br. Code No. 16102 should be sent to the **Office of the Chairman, P.G.Council, Shri Vihar, Puri- 3** only by **Regd. Post / Speed Post** on or before **30.11.2018** positively. No application by hand or any other manner for submission is entertained. The last date of application is **30.11.2018**. Incomplete & otherwise filled up application will be summarily rejected. The applicants are required to annex a self-addressed envelope affixed with postal stamp at the cost of Regd. Post or Speed Post in order to get the intimation letter. Similarly for index letter a self-addressed envelope with postal stamp for general post be attached. Failing which neither intimation nor index letter will be served.

Detailed information regarding admission is available in the prospectus. Any other query be made by making contact with the concerned HODs over telephone.

**A.Vedanta- 9437559205, Nyaya- 8608474032, Vyakarana- 9438303358, Dharmashastra- 9437307831, Sahitya- 9437950496, Sarvadarshan- 9778179956, Veda- 9438133376, Jyotirvigyan- 9348145300**
**Chairman office- 06752-251365, Mob. No - 9438080454**

**Sd./- (Prof. H.H.Hota)**
**Chairman, P.G Council**



**CIVIL SERVICE COACHING CENTRE RAMADEVI WOMEN'S UNIVERSITY, BHUBANESWAR**

Last date of submission of application for Civil Service Coaching Centre extended to 26.11.2018 (Monday).
For details visit website: www.rdwuniversity.nic.in.

**Sd./-**
**Registrar**



ଶିକ୍ଷା ଅଧିକାର
ସର୍ବ ଶିକ୍ଷା ଅଭିଯାନ

DISTRICT PROJECT OFFICE, SARVA SHIKSHA ABHIYAN, NAYAGARH
**Near DRDA, At/PO/Dist: Nayagarh-752069, Ph. No: (06753) 254236, Fax: (06753) 253701, E-mail: dpcnayagarh@opepa.in, nayagarhmis@opepa.in**
**No. 2964 Date: 13.11.18**

**NOTIFICATION**

The draft provisional merit list and reject list for the Post of Accountant cum Support Staff for RTE SSA Nayagarh is hereby published in the Nayagarh District website www. nayagarh.nic.in and OPEPA website www.opepa.in for information of all concerned for inviting objections, if any. The objection may be submitted in the office of the DPO, RTE-SSA, Nayagarh during office hour by 24.11.2018. No objection will be entertained after 24.11.2018 under any circumstances. The objections not received from any applicant will be treated as correct at this end.

By the order of Collector cum Chairman, RTE-SSA, Nayagarh.

**Sd./- District Project Coordinator,**
**RTE-Sarva Shiksha Abhiyan, Nayagarh**



OFFICE OF THE MUNICIPAL COUNCIL, BHAWANIPATNA

**"e" Procurement Notice**

No. 3207 Date: 09.11.18

**Tender Call Notice - EOBPM/Online - 04/2018-19**

The Municipal Council, Bhawanipatna invites online bid in single cover system through e-procurement.

| | | |
|---|---|---|
| Tender reference No. | : | EOBPM/Online-04/2018-19 |
| Name of work | : | Civil Work |
| Total No. of works | : | 30 (Thirty) |
| Value of works | : | Rs.1.74 to Rs.9.29 lakh |
| Date of availability of Tender for online bidding | : | **From 12.11.2018 at 11.00 AM upto 26.11.2018 at 5.00 PM** |
| Date of opening of bids | : | **30.11.2018 at 04.00 PM** |
| Name and address of the officer inviting bid | : | **Executive Officer, Bhawanipatna Municipality** |

Further details can be seen from procurement portal the website: **www.tendersorissa.gov.in.**

**Sd./- Executive Officer,**
**Bhawanipatna Municipality**



ଈଶ୍ୱର ଯାହାକୁ ରକ୍ଷା କରନ୍ତି, ପୃଥିବୀର କୌଣସି ଶକ୍ତି ତା'ର କିଛି କରିପାରେ ନାହିଁ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବାଡ଼ଘେରାକୁ କେନ୍ଦ୍ରକରି ଆକ୍ରମଣ ଘଟଣା, ୨ କୋର୍ଟଚାଲାଣ

**ସିମୁଳିଆ,୧୩।୧୧(ଡି.ଏନ.ଏ.):** ବାଡ଼ଘେରାକୁ କେନ୍ଦ୍ର କରି ଗତ ଶନିବାର ସକାଳେ କୁପୁରା ଅଞ୍ଚଳର ଦୁଇଗୋଷ୍ଠୀ ମଧ୍ୟରେ ଘଟିଥିବା ସଂଘର୍ଷ ମାମଲାରେ ମଙ୍ଗଳବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏକାମ୍ର ଖାନ ଓ ସେକ୍ ଅଲି। ସ୍ଥାନୀୟ ଅଞ୍ଚଳର ମସ୍‌ଜିଦ ଜମିକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ପୂର୍ବରୁ କନ୍ଦଳ ରହିଛି। ତେବେ ଏହାକୁ କେନ୍ଦ୍ର କରି ବାଡ଼ଘେରାକୁ ନେଇ ଶନିବାର ସକାଳେ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ଏଥିରେ ଗୋଟିଏ ଗୋଷ୍ଠୀର ଅତର୍କିତ ଆକ୍ରମଣରେ ଅପରଗୋଷ୍ଠୀର ୮ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୪ଜଣ ଗୁରୁତର ଆହତ ହୋଇଥିଲେ। ଉଭୟ ଗୋଷ୍ଠୀର ଅଭିଯୋଗକୁ ଭିତ୍ତି କରି ପୋଲିସ ୨ଟି ମାମଲା (ନଂ. ୨୭୮/୧୮ ଓ ୨୭୯/୧୮)ରେ ଦୁଇଟି ମାମଲା ରୁଜୁ କରିଥିଲା।

### ଅବକାରୀ ଚଢ଼ାଉ, ୪ ଗିରଫ

**ବସ୍ତା/ରୂପ୍‌ସା, ୧୩।୧୧(ସ୍ୱ.ପ୍ର./ଡି.ଏନ.ଏ.):** ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଚୋରା ଦେଶୀମଦ ଜବତ କରାଯିବା ସହ ୪ଜଣଙ୍କୁ ଗିରଫ କରାଯାଇଛି। ଅବକାରୀ ଏସ୍‌ଆଇ ଅର୍ଜୁନ ମଲ୍ଲିକ ସଦଳବଳେ ମଙ୍ଗଳବାର ବସ୍ତା ଥାନା ଅନ୍ତର୍ଗତ ମଚ୍ଛଡିହା ଗ୍ରାମରେ ଚଢ଼ାଉ କରି ଜୟନ୍ତ ବାରିକଙ୍କ ଘରୁ ୭ଲିଟର, ଗଙ୍ଗାଧର ପାକଳଙ୍କଠାରୁ ୯ଲିଟର ଚୋରା ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ସେହିପରି ସିଂଲା ଥାନା ଅନ୍ତର୍ଗତ ମସଡା ଗ୍ରାମରେ ଚଢ଼ାଉ କରାଯାଇ କାପୁରା ମାରାଣ୍ଡିଙ୍କଠାରୁ ୯ଲିଟର ଓ ପାଉଁଶକୁଲିର ସିଂରାୟ କିସ୍କୁଙ୍କଠାରୁ ୧୧ଲିଟର ଚୋରାମଦ ଜବତ କରାଯାଇ ଉଭୟଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ମାମଲା (ନଂ. ୫୬/୧୮, ୫୭/୧୮, ୫୮/୧୮ ଓ ୫୯/୧୮)ରେ ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଡିସେମ୍ବର ୫ରୁ ଧାନ ସଂଗ୍ରହ

- ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
- ଯୋଗଦେଲେ ୨୩ ମିଲର, ୧୪୩ ସୋସାଇଟି କର୍ମଚାରୀ
- ୧ମ ପର୍ଯ୍ୟାୟରେ କିଣାଯିବ ୯ଲକ୍ଷ ୪୫ହଜାର କୁଇଣ୍ଟାଲ ଧାନ
- ୨୪ରୁ ୭୨ ଘଣ୍ଟାରେ ପ୍ରାପ୍ୟ ଚାଷୀ ପାଇବେ

**ବାଲେଶ୍ୱର ଅଫିସ, ୧୩।୧୧**

ମଙ୍ଗଳବାର ପୂର୍ବାହ୍ନରେ ବାଲେଶ୍ୱର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସି ଧାନ କିଣାନେଇ ପ୍ରଶାସନିକ ବ୍ୟବସ୍ଥାକୁ ଚୂଡ଼ାନ୍ତ ରୂପରେଖ ଦିଆଯାଇଛି। ଜିଲାପାଳ ରମେଶ ଚନ୍ଦ୍ର ରାଉତ ବୈଠକରେ ଅଧ୍ୟକ୍ଷତା କରି ଚଳିତବର୍ଷ ସରକାର ଦେଇଥିବା ଧାନ କିଣା ଧାର୍ଯ୍ୟଲକ୍ଷ୍ୟ ପୂରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସମେତ ବିଭିନ୍ନ ଲୋକ ପ୍ରତିନିଧି, ୨୩ ମିଲର, ୧୪୩ ସୋସାଇଟି କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

ଯୋଗାଣ ବିଭାଗ ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ ଚଳିତବର୍ଷ ୬୭ହଜାର ୭୨୫ଜଣ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ସେମାନଙ୍କର ଜମିରୁ ଅମଳ ହେଉଥିବା ୩୨ଲକ୍ଷ ୫୫ହଜାର ୭୩୨ କୁଇଣ୍ଟାଲ ଧାନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୯ଲକ୍ଷ ୪୫ହଜାର ୫୮୮ କୁଇଣ୍ଟାଲ ଧାନ କ୍ରୟ କରାଯିବ। ଆସନ୍ତା ଡ଼ିସେମ୍ବର ୫ ତାରିଖରୁ ଧାନ ସଂଗ୍ରହ କରାଯିବ ବୋଲି କମିଟି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଉପସ୍ଥିତ ଥିବା ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ଜିଲାପରିଷଦ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ତ୍ରିଲୋଚନ ପ୍ରଧାନ, ଉପଜିଲାପାଳ ନୀଲୁ ମହାପାତ୍ର, ନୀଳଗିରି ଉପଜିଲାପାଳ ବିଶାଲ ସିଂ, ଜିଲା ଯୋଗାଣ ଅଧିକାରୀ ରବିନାରାୟଣ ପୃଷ୍ଟି, ଏମ୍‌ପି ପ୍ରତିନିଧି ସଦାନନ୍ଦ ମହାନ୍ତି, ସୋର ବିଧାୟକ ପ୍ରତିନିଧି ଅଜୟ କୁମାର ପଣ୍ଡା, ଜଳେଶ୍ୱର ବିଧାୟକ ପ୍ରତିନିଧି ମାନସ କୁମାର ଜେନା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।



ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଅଧିକାରୀ ଓ ଲୋକ ପ୍ରତିନିଧି।

ଚାଷଜମିରୁ ଉତ୍ପାଦନ ହେଉଥିବା ଫସଲରୁ ମୁଣ୍ଡ ପିଛା ୩ କୁଇଣ୍ଟାଲ ଧାନ ଖାଇବା ପାଇଁ ରଖି ଅବଶିଷ୍ଟ ଧାନ ଚାଷୀମାନେ ବିକ୍ରି କରି ପାରିବେ ବୋଲି ପୂର୍ବରୁ ସରକାରଙ୍କ ନିୟମ ରହିଥିଲା। ଚଳିତବର୍ଷ ଏହି ବ୍ୟବସ୍ଥାକୁ ଉଚ୍ଛେଦ କରାଯାଇଛି। ଚାଷୀ ଚାହିଁଲେ, ସମସ୍ତ ଅମଳ ଧାନ ସରକାରଙ୍କୁ ବିକ୍ରି କରିପାରିବେ। ସରକାରୀ ଭାବେ ଖୋଲୁଥିବା ମଣ୍ଡିରେ ସାଧାରଣ କିସମ ଧାନ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଏବଂ 'ଗ୍ରେଡ୍ ଏ' ଧାନ କୁଇଣ୍ଟାଲ ପିଛା ୧୭୭୦ ଟଙ୍କାରେ କିଣାଯିବ। ଧାନକିଣା ଦିନ ମିଲରମାନେ ଏହାକୁ ଉଠାଣ କରିବେ। ଚାଷୀମାନେ ୨୪ରୁ ୭୨ ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ଯେଭଳି ପାଇବେ ସେଥିଲାଗି ସରକାର ଗୁରୁତ୍ୱ ଦେଉଛନ୍ତି। ବଜାର ନିୟନ୍ତ୍ରଣ କମିଟି ଧାନ କିଣାବିକା ଲାଗି ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେବାର ବ୍ୟବସ୍ଥା ହୋଇଛି। ମିଲରମାନେ ଗତବର୍ଷ ୨୨କୋଟି ୭୪ଲକ୍ଷ ଟଙ୍କା ଯୋଗାଣ ବିଭାଗ ପାଖରେ ଅମାନତ ଅର୍ଥ ରାଶି ଜମା କରିଥିଲେ। ଚଳିତବର୍ଷ ଜମା ପରିମାଣ ୨୭କୋଟି ୫୮ଲକ୍ଷକୁ ବୃଦ୍ଧି ପାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଧାର୍ଯ୍ୟ ହୋଇଥିବା ଧାନ କିଣା ଲକ୍ଷ୍ୟ ପୂରଣରେ ଏହା ସହାୟ ହେବ ବୋଲି ସହକାରୀ ଯୋଗାଣ ଅଧିକାରୀ ଅଜୟ କୁମାର ମଲ୍ଲିକ କହିଥିଲେ।

# ନକଲି ବେପାରୀଙ୍କ ଏଜେଣ୍ଟ ସାଜିଛି କୃଷି ବିଭାଗ: ସତ୍ୟପ୍ରକାଶ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟରେ ଚକଡା ରୋଗ ବ୍ୟାପିବାରେ ଲାଗିଛି। ତାକୁ ନେଇ ବର୍ତ୍ତମାନ ସମଗ୍ର ଚାଷୀକୁଳରେ ହାହା କାର ସ୍ଥିତି ଉପୁଜିଛି। ଏଭଳି ସ୍ଥିତିରେ ରାଜ୍ୟ କୃଷି ବିଭାଗ ନକଲି କୀଟନାଶକ ବେପାରୀଙ୍କ ସହ ହାତ ମିଳାଇଛି। କୃଷି ବିଭାଗ ନକଲି କୀଟନାଶକ ବେପାରୀଙ୍କ ଏଜେଣ୍ଟ ସାଜିଛି ବୋଲି ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ସତ୍ୟପ୍ରକାଶ ନାୟକ ଅଭିଯୋଗ କରିଛନ୍ତି।

କଂଗ୍ରେସ ମୁଖ୍ୟାଳୟରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟପ୍ରକାଶ କହିଛନ୍ତି, ରାଜ୍ୟ କୃଷି ବିଭାଗର ବିବାଦୀୟ ଭୂମିକାର ଖୁଲାସା କରାଯାଇଛି। ଚକଡା ଏକ କୃଷି ରୋଗ, ଯାହା କି ମାଟିଆ ଗୁଣ୍ଡିପୋକ ଦ୍ୱାରା ବ୍ୟାପି ଥାଏ। ଏହି କୀଟର ନିୟନ୍ତ୍ରଣ ଉଚିତ କୀଟନାଶକ ଓ ଠିକ୍ ପରିମାଣରେ ବ୍ୟବହାର ହେବା ଆବଶ୍ୟକ ନଚେତ୍ ଏହା ଗୁଣ୍ଡିପୋକକୁ ଅଧିକ ଶକ୍ତିଶାଳୀ ଓ କୀଟନାଶକ ପ୍ରତିରୋଧୀ କରିଥାଏ। ଫସଲକୁ ଗୁଣ୍ଡିପୋକ ଦାଉରୁ ଓ ଚକଡା ରୋଗରୁ ସୁରକ୍ଷିତ ରଖିବା ପାଇଁ ରୋଗ ପ୍ରତିରୋଧୀ କୀଟନାଶକ ଅଛି। ମାତ୍ର ସରକାର ଚାଷୀଙ୍କୁ ଏହିସବୁ କୀଟନାଶକ ଯୋଗାଉ ନାହାନ୍ତି। ତିନୋଟି ନୂତନ କୀଟନାଶକ ଫ୍ଲୋନିକାମିଡ, ପାଇମେଟ୍ରୋଜିନ୍, ଡାଇନୋଟିଫୁରନ ଗୁଣ୍ଡି ପୋକ ପାଇଁ ଅତ୍ୟନ୍ତ ଉପଯୋଗୀ। ଦୁର୍ଭାଗ୍ୟର କଥା ଏଗୁଡିକ ଓଡିଶା ବଜାରରେ ଉପଲବ୍ଧ ନାହିଁ। ଯେଉଁଠି ମିଳୁଛି ତାହା ନକଲି କି ଅସଲି ତାହାର ଗୁଣବତ୍ତା ପରୀକ୍ଷା ହେଉନାହିଁ। କୃଷି ବିଭାଗ ନକଲି କୀଟନାଶକ ବିକୁଥିବା କୌଣସି ଔଷଧ କମ୍ପାନୀ ଏବଂ ଡିଲରଙ୍କ ବିରୋଧରେ ବିଗତ ୧୮ବର୍ଷ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ନକଲି କୀଟନାଶକ ବେପାରୀ ଓ କୃଷି ବିଭାଗ ଭିତରେ ଚାଲିଥିବା ଭିତିରି ଯୌଥ ଉଦ୍ୟୋଗ ଏଥିରୁ ପ୍ରମାଣିତ ହେଉଛି ବୋଲି ସତ୍ୟ ପ୍ରକାଶ ଅଭିଯୋଗ କରିଛନ୍ତି।

ସତ୍ୟ ପ୍ରକାଶ ଆହୁରି କହିଛନ୍ତି ଯେ, ତାମିଲନାଡୁରେ ଫସଲ ରୋଗ ଓ କୀଟନାଶକ ପରୀକ୍ଷା ପାଇଁ ୧୫ଟି ଓ ଆନ୍ଧ୍ର ପ୍ରଦେଶରେ ୭ଟି ରାଜ୍ୟ ପେଷ୍ଟିସାଇଡ୍ ଟେଷ୍ଟିଂ ଲାବରେଟୋରୀ ଥିବାବେଳେ ଓଡିଶାରେ ମାତ୍ର ଗୋଟିଏ ରହିଛି। ରାଜ୍ୟରେ ଥିବା ଲାବରେଟୋରୀରେ ମୋଟ୍ ୩ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେଥିରୁ ଦୁଇଜଣ ଅଣ ପ୍ରଶିକ୍ଷିତ। ପଶ୍ଚିମ ଓଡିଶାରେ ପ୍ରତ୍ୟେକ ବର୍ଷ ଚକଡା ରୋଗରେ ସର୍ବାଧିକ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଯେଉଁଥି ପାଇଁ ତିନିବର୍ଷ ତଳେ ସମ୍ବଲପୁରରେ ଦ୍ୱିତୀୟ ପେଷ୍ଟିସାଇଡ୍ ଟେଷ୍ଟିଂ ଲାବରେଟୋରୀ ରାଜ୍ୟରେ ପ୍ରତିଷ୍ଠା କରାଯାଇଥିଲା। ଦୁର୍ଭାଗ୍ୟର କଥା ଏଯାବତ୍ ତାକୁ ସରକାର କାର୍ଯ୍ୟକ୍ଷମ କରିନାହାନ୍ତି, ଯେଉଁଥିରେ କୋଟିକୋଟି ଟଙ୍କାର ଅତ୍ୟାଧୁନିକ ଯନ୍ତ୍ରପାତି ଖତ ଖାଉଛି। ଗୋଟିଏପଟେ ରାଜ୍ୟର ଲକ୍ଷାଧିକ ଚାଷୀ ଚକଡା ରୋଗ ଯୋଗୁ ହତାଶ ସ୍ଥିତିରେ ଥିବାବେଳେ, କାହିଁକି ଓ କାହା ସ୍ୱାର୍ଥରେ ସମ୍ବଲପୁର ଲାବରେଟୋରୀକୁ ସରକାର ତାଲା ପକାଇ ରଖିଛନ୍ତି ବୋଲି ସତ୍ୟପ୍ରକାଶ ପ୍ରଶ୍ନ କରିଛନ୍ତି।

# ଛକାପଞ୍ଝା ସାଙ୍ଗକୁ କର ବା ମର ସ୍ଥିତି

**ବାରିପଦା ଅଫିସ,୧୩।୧୧**

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ମୟୂରଭଞ୍ଜ ଜିଲା ବିଜାତଲା ବ୍ଲକ ଅନ୍ତର୍ଗତ ୩୨ ନଂ ଜିଲା ପରିଷଦ ଜୋନରେ ହେଉଥିବା ଉପନିର୍ବାଚନ ଉପରେ ସମସ୍ତଙ୍କ ଆଖି ରହିଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଉକ୍ତ ଜୋନରୁ ଭାଜପା ପ୍ରାର୍ଥୀ ଛୋଟରାୟ ମୁର୍ମୁ ବିଜୟୀ ହୋଇଥିଲେ। ଗତ ଜାନୁୟାରୀରେ ତାଙ୍କର ଅକାଳ ବିୟୋଗ ଘଟିବାରୁ ଏହି ଆସନ ଖାଲି ପଡିଥିଲା। ଡିସେମ୍ବର ୬ ତାରିଖରେ ଏହି ପଦବୀ ପାଇଁ ଉପନିର୍ବାଚନ ଘୋଷଣା ହେବା ପରେ ବିଭିନ୍ନ ରାଜନୈତିକ ଦଳରେ ତତ୍ପରତା ପ୍ରକାଶ ପାଇଛି। ସୋମବାର ସରିଛି ନାମାଙ୍କନ ପତ୍ର ଦାଖଲ। ବିଭିନ୍ନ ରାଜନୈତିକ ଦଳ ଓ ସ୍ୱାଧୀନଙ୍କୁ ମିଶାଇ ମୋଟ ୧୧ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିଲେ। ମଙ୍ଗଳବାର ଯାଞ୍ଚ ଶେଷ ହୋଇଛି। ୧୬ରେ ନାମାଙ୍କନ ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ତେବେ ଉକ୍ତ ଜୋନରେ ଏଥର ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ପଷ୍ଟ ହୋଇଛି।

୩୨ ନମ୍ବର ଜିଲା ପରିଷଦ ଜୋନ ବିଜାତଲା, ମୁଣ୍ଡାଠାକୁରା, ବଣକାଟି, ରାଇହରି ଓ ଲୁହାଶିଳା ଆଦି ୫ଟି ପଞ୍ଚାୟତକୁ ନେଇ ଗଠିତ। ମୋଟ ଭୋଟର ସଂଖ୍ୟା ୨୩ ହଜାର ୧୪୬ । ଗତ ତ୍ରିସ୍ତରୀୟ ନିର୍ବାଚନରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟରେ ଜେଏମଏମ, ତୃତୀୟରେ ବିଜେଡି ଓ ଚତୁର୍ଥରେ କଂଗ୍ରେସ ଦଳର ପ୍ରାର୍ଥୀ ରହିଥିଲେ। ଏହାକୁ ନେଇ ଏବେଠାରୁ ଅଙ୍କକଷା ଆରମ୍ଭ ହୋଇଛି। ଭାଜପା, ବିଜେଡି, କଂଗ୍ରେସ ଓ ଜେଏମଏମ ଭଳି ପ୍ରମୁଖ ରାଜନୈତିକ ଦଳ ଏହି ଆସନକୁ ହାତେଇବା ପାଇଁ ରଣକୌଶଳ ପ୍ରସ୍ତୁତ କରିବାରେ ଲାଗିପଡିଛନ୍ତି। ଏନେଇ ବେଶ୍ ଛକାପଞ୍ଝା ଅବସ୍ଥା ସୃଷ୍ଟି ହୋଇଛି।

ବିଭିନ୍ନ ଦଳ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉପନିର୍ବାଚନ ପାଇଁ ଭାଜପା ପକ୍ଷରୁ କୁତୁଲୁ ହାଁସଦା, ବିଜେଡି ପକ୍ଷରୁ ରଘୁନାଥ ମାଝି, କଂଗ୍ରେସ ପକ୍ଷରୁ ସୁଦର୍ଶନ ମୁର୍ମୁ ଓ ଜେଏମଏମ ପକ୍ଷରୁ ମୀନା ସୋରେନଙ୍କୁ ପ୍ରାର୍ଥୀ କରାଯାଇଛି। ସେହିପରି କେତେକ ଟାଣୁଆ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢିବାକୁ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ନିର୍ବାଚନ ଚିତ୍ର ସମ୍ପୂର୍ଣ୍ଣ ଅସ୍ପଷ୍ଟ ରହିଛି। ଗତ ପଞ୍ଚାୟତ ନିର୍ବାଚନରେ ମୋଟ ୫୬ ଜିଲା ପରିଷଦ ଆସନ ମଧ୍ୟରୁ ଭାଜପା ୪୯ ଆସନ ଦଖଲ କରିଥିବା ବେଳେ ୫ ଆସନରେ ବିଜେଡି ବିଜୟୀ ହୋଇଥିଲା। ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଏହି ନିର୍ବାଚନରେ ସ୍ଥିତି ଜାହିର ସକାଶେ ସବୁ ଦଳ ଲାଗି 'କର ବା ମର' ଅବସ୍ଥା ସୃଷ୍ଟି ହୋଇଛି। ଭାଜପା ପୂର୍ବ ସ୍ଥିତି ଦୋହରାଇବାକୁ ଲକ୍ଷ୍ୟ ରଖିଥିବା ବେଳେ ଉପନିର୍ବାଚନ ଜିତିବା ଆଶାରେ ପୁରୁଣା ତ୍ରୁଟି ସଜାଡିବା ଲାଗି ବିଜେଡି ପର୍ଯ୍ୟବେକ୍ଷକ ଡ.ଅରୁଣ କୁମାର ସାହୁଙ୍କ ସମେତ ଅନ୍ୟ ନିର୍ବାଚନ ମଣ୍ଡଳୀର ବିଧାୟକ ଓ ଅନ୍ୟ ବରିଷ୍ଠ ନେତାମାନେ ଡେରା ପକାଇ ଏବେଠୁ ଗାଁ ଗାଁରେ ସ୍ଥାନୀୟ ନେତୃବୃନ୍ଦଙ୍କ ସହିତ ସଭା ସମିତିମାନ ଆୟୋଜନରେ ଲାଗି ପଡିଛନ୍ତି। ଅନୁରୂପ ଭାବେ କଂଗ୍ରେସ ନିଜ ସ୍ଥିତି ସଜାଡିବା ଉଦ୍ୟମ ଚଳାଇଛି। ଉଲ୍ଲେଖନୀୟ ଯେ, ଭାଜପା ବିଜାତଲା ବ୍ଲକ ସଭାପତି ଥିବା କୁତୁଲୁ ହାଁସଦାଙ୍କ ସାଙ୍ଗଠନିକ ଦକ୍ଷତା ଓ ଗତ ପଞ୍ଚାୟତ ନିର୍ବାଚନ ସମୀକରଣକୁ ଦୃଷ୍ଟିରେ ରଖି ଉପନିର୍ବାଚନ ପାଇଁ ପ୍ରାର୍ଥୀ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଏମପି ଇଂ ରାମଚନ୍ଦ୍ର ହାଁସଦାଙ୍କ ମୁଖ୍ୟ ସମର୍ଥକ କୁହାଯାଉଥିବା ରଘୁନାଥ ମାଝିଙ୍କୁ ବିଜେଡି ପ୍ରାର୍ଥୀ କରିଛି। ଗତ ପଞ୍ଚାୟତ ନିର୍ବାଚନରେ ବିଜୟୀ ହୋଇ ପ୍ରାଣ ହରାଇଥିବା ଜିଲା ପରିଷଦ ସଭ୍ୟ ଛୋଟରାୟ ମାରାଣ୍ଡିଙ୍କ ଶ୍ୱଶୁର ସୁଦର୍ଶନ ମୁର୍ମୁଙ୍କୁ କଂଗ୍ରେସ ଏବଂ ଜେଏମଏମ ରାଜ୍ୟ ସଭାପତି ମହେଶ ହେମ୍ବ୍ରମଙ୍କ ମୁଖ୍ୟ ସମର୍ଥକ ମୀନା ସୋରେନଙ୍କୁ ଦଳ ପ୍ରାର୍ଥୀ କରିଛି। ଝାଡଖଣ୍ଡ ଦିଶମ ପାର୍ଟି ପକ୍ଷରୁ ଶାଙ୍ଗ ମାରାଣ୍ଡି, ଅଜସୁ ଦଳର ଯଦୁନାଥ ଟୁଡୁ, ମାସା ପକ୍ଷରୁ ଅଇଁଠୁ ଟୁଡୁ, ଆମ୍ ଆଦ୍‌ମି ପାର୍ଟି ପକ୍ଷରୁ ରାମରାଜନ ସୋରେନ, ସ୍ୱାଧୀନ ପ୍ରାର୍ଥୀ ଭାବେ ସୂର୍ଯ୍ୟ ହେମ୍ବ୍ରମ ଓ କାହ୍ନୁ ବାସ୍କେ ମଇଦାନକୁ ଓହ୍ଲାଇଛନ୍ତି। ଭାଜପା, ବିଜେଡି, କଂଗ୍ରେସ ଓ ଜେଏମଏମ ପ୍ରାର୍ଥୀମାନେ ସୋମବାର ଶକ୍ତି ପ୍ରଦର୍ଶନ ପୂର୍ବକ ସମର୍ଥକ ଓ ଦଳୀୟ ନେତୃବୃନ୍ଦଙ୍କ ସହିତ ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନ ପତ୍ର ଦାଖଲ କରିବା ଘଟଣା ଚର୍ଚ୍ଚାକୁ ଆସିଛି।

# ସୂଚନାଫଳକ ତଳେ ଚାପି ହୋଇ ଶିଶୁ ମୃତ

**ରାସଗୋବିନ୍ଦପୁର,୧୩।୧୧ (ଡି.ଏନ.ଏ):** ରାସଗୋବିନ୍ଦପୁର ବ୍ଲକ ନାକିଚୁଆ ପଞ୍ଚାୟତ ପାରୁଳିଆ ଗ୍ରାମରେ ଏକ ସୂଚନାଫଳକ ତଳେ ଚାପି ହୋଇ ଜଣେ ୩ ବର୍ଷୀୟ ଶିଶୁଙ୍କ ମୃତ୍ୟୁ ହୋଇଛି। ମୃତ ଶିଶୁ ହେଲେ ପାରୁଳିଆ ଗ୍ରାମର ଅସିତ ଭଞ୍ଜଙ୍କ ପୁଅ ସମୀର (୩)। ଉକ୍ତ ଗ୍ରାମରେ ୨/୩ବର୍ଷ ପୂର୍ବେ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ଏକ ସୂଚନାଫଳକ ବୋର୍ଡ ନିର୍ମାଣ କରାଯାଇଥିଲା। ସୋମବାର ସମୀର ଉକ୍ତ ସୂଚନା ଫଳକ ନିକଟରେ ଖେଳୁଥିବା ବେଳେ ତାହା ଶିଶୁ ଉପରେ ଗଳି ପଡିଥିଲା। ଫଳରେ ତାହା ତଳେ ଚାପି ହୋଇ ରହି ଯାଇଥିଲେ ସମୀର। ପରିବାର ଲୋକେ ସଙ୍ଗେ ସଙ୍ଗେ ଉଦ୍ଧାର କରି ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଝାମ୍ପିନେଲେ ମହିଳାଙ୍କ ଟଙ୍କା ବ୍ୟାଗ

**ବାଲିଆପାଳ, ୧୩।୧୧(ଡି.ଏନ.ଏ.)**

ବାଲିଆପାଳ ପଞ୍ଚାୟତ କୁଦମାନସିଂ ଗ୍ରାମର ଗଣେଶ ବେହେରାଙ୍କ ସ୍ତ୍ରୀ ମଲ୍ଲୀ ମଙ୍ଗଳବାର ମଧ୍ୟାହ୍ନରେ ବାଲିଆପାଳ ୟୁକୋ ବ୍ୟାଙ୍କରୁ ଟଙ୍କା ଉଠାଇ ଘରକୁ ଗଲାବେଳେ ଲୁଟ୍‌ର ଶିକାର ହୋଇଛନ୍ତି। ସେ ଏକାକୀ ଘରକୁ ଚାଲି ଚାଲି ଫେରୁଥିବା ବେଳେ ବାଲିଆପାଳ-କୁଦମାନସିଂ ରାସ୍ତାର ଆଖଣ୍ଡଳମଣି ମନ୍ଦିର ନିକଟରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପଛଆଡୁ ଦ୍ରୁତବେଗରେ ଆସି ମଲ୍ଲି ଧରିଥିବା ଟଙ୍କା ବ୍ୟାଗକୁ ଝାମ୍ପିନେଇ ପଳାଇଥିଲେ। ସେ ଚିତ୍କାର କରିଥିଲେ ମଧ୍ୟ ପାଖରେ କେହି ଲୋକ ନ ଥିବାରୁ ଦୁର୍ବୃତ୍ତ ମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ବ୍ୟାଗରେ ୧୫ହଜାର ଟଙ୍କା, ଆଧାର କାର୍ଡ଼ ଏବଂ ଦରକାରୀ କାଗଜ ପତ୍ର ଥିଲା। ବାଲିଆପାଳ ଆଇଆଇସି ପ୍ରଭୁ କଲ୍ୟାଣ ଆଚାର୍ଯ୍ୟ ପହଞ୍ଚି ତଦନ୍ତ କରିବା ସହ ବ୍ୟାଙ୍କରେ ଲାଗିଥିବା ସିସିଟିଭି କ୍ୟାମେରା ଏବଂ ବ୍ୟାଙ୍କ ସାମ୍ନାରେ ଥିବା ମଟରସାଇକେଲ ଶୋ'ରୁମର ଟିଭି କ୍ୟାମେରାକୁ ମଧ୍ୟ ଯାଞ୍ଚ କରିଥିଲେ। ଦୁଇ ଦୁର୍ବୃତ୍ତଙ୍କ ମଧ୍ୟରୁ ଜଣେ ହେଲ୍‌ମେଟ ପିନ୍ଧିଥିବା ବେଳେ ଅନ୍ୟ ଜଣେ ମୁହଁରେ କନା ଘୋଡ଼ାଇ ହୋଇଥିଲେ। ତେଣୁ ସି.ସି କ୍ୟାମେରାରୁ ସେମାନଙ୍କୁ ଚିହ୍ନି ହେଉ ନ ଥିଲା। ଆଇ.ଆଇ.ସିଙ୍କ ନିର୍ଦ୍ଦେଶରେ ବାଲିଆପାଳର ସବୁ ରାସ୍ତାକୁ ସିଲ୍ କରାଯାଇ ସମସ୍ତ ଯାନବାହନ ଯାଞ୍ଚ କରାଯାଇଥିଲା। ପରେ ପୋଲିସ ସନ୍ଦେହରେ ୨ ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି।

## ସନ୍ଦେହରେ ୨ ଅଟକ

# ପୋଡିହୋଇ ମହିଳା ମୃତ

**ବାଙ୍ଗିରିପୋଷି, ୧୩।୧୧ (ଡିଏନଏ)**

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ପଳାସବଣି ଗ୍ରାମର ଜନାଥନ ସୋରେନଙ୍କ ଦ୍ୱିତୀୟ ସ୍ତ୍ରୀ ରାଇମଣି ମାର୍ଣ୍ଡି (୨୫) ନିଆଁରେ ପୋଡି ହୋଇ ପ୍ରାଣ ହରାଇଛନ୍ତି। ଜନାଥନ ଙ୍କ କହିବା ଅନୁଯାୟୀ, ମଙ୍ଗଳବାର ଘରେ ରାଇମଣି ଓ ତାଙ୍କ ଦେଢ ବର୍ଷର ଝିଅ ଘରେ ଏକୁଟିଆ ଥିଲେ। ଏହି ସମୟରେ ରାଇମଣିଙ୍କ ଦେହରେ କିପରି ନିଆଁ ଲାଗିଯାଇଥିଲା । ଖବର ପାଇ ଘଟଣା ସ୍ଥଳରେ ବାଙ୍ଗିରିପୋଷି ପୋଲିସ ଏବଂ ଆମ୍ବୁଲାନ୍ସ ପହଞ୍ଚି ଗୁରୁତର ଅବସ୍ଥାରେ ତାଙ୍କୁ ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏଥିନେଇ ଥାନାରେ ଏକ ମାମଲା (ନଂ ୪୯/୧୮) ରୁଜୁ କରିଶବ ବ୍ୟବଚ୍ଛେଦ ନିମନ୍ତେ ପୋଲିସ ପଠାଇଛି।

## ଓଡ଼ିଆ ଶିଳ୍ପପତିଙ୍କୁ ସାମିଲ କରା ନ ଯିବା ନେଇ ଭାଜପାର ସମାଲୋଚନା

# ପୂର୍ବ କନ୍‌କ୍ଲେଭ୍‌ରୁ କିଛି ଶିଖି ନାହାନ୍ତି ସରକାର: ବସନ୍ତ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)**

ରାଜ୍ୟ ସରକାର ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍ କାର୍ଯ୍ୟକ୍ରମର ଆୟୋଜନ କରିଛନ୍ତି। ଏଥିରେ ଦେଶ ଏବଂ ବିଦେଶର ବହୁ ନାମୀଦାମୀ କମ୍ପାନୀ ଯୋଗଦାନ କରିଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ବ୍ୟାପକ ଆୟୋଜନ ମଧ୍ୟ କରାଯାଇଛି। ମାତ୍ର ରାଜ୍ୟ ସରକାରଙ୍କ ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମକୁ ଭାଜପା ତୀବ୍ର ସମାଲୋଚନା କରିଛି। ରାଜ୍ୟର ଶିଳ୍ପପତିମାନଙ୍କୁ ଏହି କନ୍‌କ୍ଲେଭ୍‌ରେ ସାମିଲ କରା ନ ଯିବାକୁ ନେଇ ରାଜ୍ୟ ସରକାରଙ୍କୁ ଭାଜପା କଡା ସମାଲୋଚନା କରିଛି। ପୂର୍ବଥର ହୋଇଥିବା କନ୍‌କ୍ଲେଭ୍‌ରୁ ସରକାର କିଛି ଶିଖିଲେ ନାହିଁ ବୋଲି ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି।

ବ୍ୟାପକ ଟଙ୍କା ଖର୍ଚ୍ଚରେ ଭବ୍ୟ ଆୟୋଜନ ଦ୍ୱାରା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭର ପ୍ରାସଙ୍ଗିକତା ହରାଇଛି । ଯେଉଁ ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା ତାହା ଏଯାବତ୍ ପ୍ରତିଫଳନ ହେଉନାହିଁ । ରାଜ୍ୟରେ ଶିଳ୍ପର ବିକାଶ ଓ ଅଭିବୃଦ୍ଧି ହେବା ପରିବର୍ତ୍ତେ କିଛି ମୁଷ୍ଟିମେୟ ଶିଳ୍ପପତିମାନଙ୍କୁ ଡାକି ଏଠି ନିଜର ଆତ୍ମପ୍ରଚାର ଚାଲିଛି ବୋଲି ବସନ୍ତ କହିଛନ୍ତି। ବସନ୍ତ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ଏହି ଭବ୍ୟ ଆୟୋଜନ କରି ରାଜ୍ୟବାସୀଙ୍କ ମନରେ ମାୟାଜାଲ ବୁଣିବାକୁ ଚେଷ୍ଟା କରୁଛନ୍ତି ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

Get Instant Cash against Gold, Sell Your Gold at 100% Market Value
GOLD CASH LTD
(an ISO 9001:2015 Certified Company)
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ ମୂଲ୍ୟରେ ନେବା ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ୍ ମୂଲ୍ୟରେ।
WWW.GOLDCASH.CO
9090902555, 9090903555
Toll Free: 1800-120-3430
Branches: Bhubaneswar, Cuttack, Bhadrak, Rourkela & Berhampur

BALADEV FINANCE
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ Personal, Business, Home, Certificate, Property, କୃଷି ଓ ଶିକ୍ଷା ପାଇଁ ସମସ୍ତ ପ୍ରକାର loan Baladev Finance ଦ୍ୱାରା ଯୋଗାଇ ଦିଆଯାଉଛି।
ସୁଧ ୨%
M: 7750923286, 7750921101

ଡିଜିଟାଲ ଉପକରଣ
ଭାରତ ସରକାର ଡିଜିଟାଲ ଉପକରଣ କମ୍ପାନୀ ଦ୍ୱାରା ଓଡ଼ିଶାର ଚାଷୀ ଭାଇ ନିଜ ଖାଲି ଜମି, ପ୍ଲଟ୍, ଛାତ ଉପରେ ଡିଜିଟାଲ ଉପକରଣ ଲଗାନ୍ତୁ।
ଭଡ଼ା ୨୦,୦୦୦, ଅଗ୍ରିମ ୨୦,୦୦,୦୦୦ + 500 ସିମ୍ ମାଗଣା + ଅନ୍ୟାନ୍ୟ ସୁବିଧା
ଭାରତର ନଂ.1 ବିଶ୍ୱସନୀୟ କମ୍ପାନୀ
ଚାଷୀଭାଇ ନିଜ ନାମ-ଠିକଣା SMS କରନ୍ତୁ
09911912234
08750097511
Plot No.3, Sector-II, CBD Belapur, Navi Mumbai-400614

ସରକାରୀ ଜନଧନ ଯୋଜନା ଅଧୀନରେ
DHANLAXMI FINANCE PVT. LTD.
(Regd. No.- 004554MH)
ଦ୍ୱାରା ସରକାରୀ ବ୍ୟାଙ୍କରୁ ମାର୍କଶିଟ୍, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ, ପର୍ସନାଲ , ଗ୍ରୁପ୍ ଋଣ ଏବଂ ସମସ୍ତ ଋଣ କେବଳ 24 ଘଣ୍ଟାରେ ପାଆନ୍ତୁ ।
2% ସୁଧ 50% ରିହାତି
Helpline Number
9897499698
Goudunipokhari, Pharsibandha, Bhadrak, Odisha - 756132

କୁବେର ଫାଇନାନ୍ସ
ମୁଖ୍ୟମନ୍ତ୍ରୀ ଯୋଜନା ଦ୍ୱାରା ସବୁ ଋଣ ଘରେ ବସି 24 ଘଣ୍ଟାରେ ପାଆନ୍ତୁ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, BPL, ମହିଳା ଗ୍ରୁପ୍ ଋଣ 0% ସୁଧ, 35% ସବ୍‌ସିଡି
Helpline:
18002126755
08802683947
310, GRAM-MAHAMMADAPUR, TEHSIL- GOGWA, DISTRICT- KHARGONE (M.P.) - 451335



Manorama
Manorama Dream Pvt. Ltd
ISO:9001:2015
World Class Fan
High Performance
Manorama Fan
- WANTED -
Super Stockist & Distributor
6200877220
9090456456
8210949721
MEET ON - 16th Nov 2018
Time - 11 AM to 04 PM
Address - Hotel Rail View, Plot No. 19, Ashok Nagar, Bhubaneswar - 09. Odisha
Branch Office - Bhoothnath Road, Near K.P. Hospital, Patna - 800026
Corp. Office - 33, Biplabi Anukul Chandra Street, Kolkata - 700072
Email - info@manoramadream.in
www.manoramadream.in

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ୍ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆଗ୍ରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ୍ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ପାଠକଙ୍କ ପାଇଁ ସୂଚନା
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

LOAN
ଓଡ଼ିଶାର ସମସ୍ତ ଜିଲ୍ଲା ପାଇଁ ବ୍ୟକ୍ତିଗତ, କୃଷି, ଶିକ୍ଷା, ମାର୍କସିଟ୍, ବ୍ୟବସାୟ ଓ ମହିଳା ଗ୍ରୁପ୍‌କୁ SAMRUDHI FINANCEରୁ ଋଣ ଯୋଗାଇ ଦିଆଯାଉଛି।
B-19, Tower No-9, New Moti Bagh, New Delhi-110021
8658167603
7064382081

M. GROUP FINANCE CO.
DIWALI OFFER
(Govt. Approved)



- Personal Loan
- Business Loan
- Salary Slip Loan
- Marksheet Loan

2% Interest, ମହିଳାଙ୍କ ପାଇଁ 50% subsidy
Balasore, Ganjam, Dhenkanal, Delhi
9650189261
9718741868
Block Chack, Balasore-756027

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595

ତନ୍ତ୍ର ମନ୍ତ୍ର ସମ୍ରାଟଙ୍କ ଖବରଦାର୍ କଳା ଶିକ୍ଷା
ଯେଉଁଠି ଜ୍ଞାନ ସେଠି ହେବ A to Z ସମସ୍ୟାର ସମାଧାନ



ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ମନ ମୁତାବକ ପ୍ରେମ, ବିବାହରେ ବାଧା, ଋଣମୁକ୍ତି, ଗର୍ଭ ବନ୍ଧନ, ଗୃହ କ୍ଲେଶ, ବିଦେଶ ଯାତ୍ରା, ସଉତୁଣୀ ଓ ଶତ୍ରୁ ମୁକ୍ତି, କ୍ୟାରିୟର ମଡେଲିଂ, ସ୍ୱାମୀ ସ୍ତ୍ରୀ ମନୋମାଳିନ୍ୟ, ଚାକିରି, ବ୍ୟବସାୟ, ଯାଦୁ ଟୋନା ଭଳି ସମସ୍ୟାର 101% ସମାଧାନ।
ବାବା ସିକନ୍ଦର
21 ବୈଦିକ ବିଦ୍ୟାରେ ନିପୁଣ
9997796211

## ସଂକ୍ଷେପରେ

### ବିକାଶ ସ୍କୁଲ, କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ

ସମ୍ବଲପୁର,୧୩।୧୧(ବ୍ୟୁରୋ)

ସୈରେନ୍ଦ୍ରୀ ନାୟକ ସ୍ମାରକୀ ହାଇସ୍କୁଲ ଫୁଟବଲ ଟୁର୍ନାମେଣ୍ଟର ମଙ୍ଗଳବାର ମ୍ୟାଚରେ ବିକାଶ ସ୍କୁଲ ଓ କେନ୍ଦ୍ରୀୟ ବିଦ୍ୟାଳୟ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ହାୱା ମଇଦାନରେ ପ୍ରଥମ ମ୍ୟାଚ ମଦନାବତୀ ସ୍କୁଲ ବନାମ ବିକାଶ ସ୍କୁଲ ମଧ୍ୟରେ ଏକତରଫା ହୋଇଥିଲା। ଏଥିରେ ବିକାଶ ଦଳ ୪-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ କେନ୍ଦ୍ରୀୟ ବିଦ୍ୟାଳୟ ବନାମ ଦିଲ୍ଲୀ ପବ୍ଲିକ ସ୍କୁଲ ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମ୍ୟାଚ ୨-୨ ଗୋଲରେ ଅମୀମାଂଶିତ ରହିଥିଲା। ରେଫରି ଟ୍ରାଇବ୍ରେକର ପଦ୍ଧତିର ଆଶ୍ରୟ ନେଇଥିଲେ। ଏଥିରେ କେନ୍ଦ୍ରୀୟ ବିଦ୍ୟାଳୟ ୫-୩ ଗୋଲରେ ବିଜୟୀ ହୋଇଥିଲା। ବିକାଶ ଦଳର ମନିଶ ଓରାମ ଓ କେନ୍ଦ୍ରୀୟ ବିଦ୍ୟାଳୟର ମନଜିତ ପନହାର୍‌ଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ମ୍ୟାଚକୁ ମନୋଜ ଭୋଇ, ମଥୁରା ଓରାମ, ସୁବାଷ ରାଉତ, ପଦ୍ମ ନାୟକ ଓ ବଳରାମ ମଟାରୀ ପରିଚାଳନା କରିଥିଲେ। ଆୟୋଜକ ଜିଲା ବର୍ଷିୟାନ କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସଦାଶିବ ପୁରୋହିତ ଓ ଡ. ବିଜୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ସମ୍ବିଧାନ ସମ୍ମାନ ଯାତ୍ରାକୁ ସ୍ୱାଗତ






ସମ୍ବଲପୁର ଅଇଁଠାପାଲିଠାରେ ଆୟୋଜିତ ସମ୍ବିଧାନ ସମ୍ମାନ ପଦଯାତ୍ରା ଉପଲକ୍ଷେ ଆୟୋଜିତ ସଭାରେ ଯୋଗଦେଇଥିବା ଅତିଥିମାନେ।

■ କୃଷକ ସଙ୍ଗଠନ ପକ୍ଷରୁ ଭବ୍ୟ ସମ୍ବର୍ଦ୍ଧନା
■ ଡିସେମ୍ବର ୧୦ରେ ଦିଲ୍ଲୀ ପହଞ୍ଚିବ

ସମ୍ବଲପୁର,୧୩।୧୧(ବ୍ୟୁରୋ)

ସମ୍ବିଧାନ ବିଷୟରେ ଜନସାଧାରଣଙ୍କୁ ସଚେତନ କରିବା ସହ ଏହାର ସୁରକ୍ଷା, ସମ୍ମାନ ଦିଗକୁ ଦୃଷ୍ଟିରେ ରଖି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଦାଣ୍ଡିଠାରୁ ଆରମ୍ଭ ହୋଇଥିବା ସମ୍ବିଧାନ ସମ୍ମାନ ଯାତ୍ରାକୁ ପଶ୍ଚିମ ଓଡ଼ିଶା କୃଷକ ସୁରକ୍ଷା ସମନ୍ୱୟ ସମିତି ପକ୍ଷରୁ ଅଇଁଠାପାଲି ଛକରେ ସ୍ୱାଗତ କରାଯାଇଛି। ଏ ନେଇ କୃଷକ ସଙ୍ଗଠନ ଜିଲା ସଭାପତି ମୁରାରୀ ପୁରୋହିତଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ଯାତ୍ରାରେ ଆସିଥିବା ସାମାଜିକ କର୍ମୀମାନଙ୍କୁ ଏକ ବାଇକ୍ ରାଲିରେ ସଭାସ୍ଥଳକୁ ନିଆଯାଇଥିଲା। ଏନଏପିଏମ୍ (ନ୍ୟାଶନାଲ୍ ଆଲାଇନ୍ସ ପିପୁଲ୍ସ ମୁଭ୍‌ମେଣ୍ଟ) ସହଆବାହକ ପ୍ରଫୁଲ୍ଲ ସାମନ୍ତରାୟ, ଗାର୍ଜିୱାଲ, ନର୍ମଦା ବଞ୍ଚାଓ ଆନ୍ଦୋଳନର ଆବାହକ, ଉତ୍ତରପ୍ରଦେଶର ଭୁପେନ୍ଦର ସିଂ ରାୱତ, ଦିଲ୍ଲୀର ରାଜେନ୍ଦ୍ର ରବି ପ୍ରମୁଖ ଉପସ୍ଥିତ ରହିଥିଲେ। ସେମାନେ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଦେଶରେ ଏବେ ଅଘୋଷିତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। ସମ୍ବିଧାନକୁ ବିଭିନ୍ନ ଦିଗରୁ ଆକ୍ରମଣ ହେଉଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଉଛି। ସାଧାରଣ ଲୋକେ ସମ୍ବିଧାନ ସମ୍ପର୍କରେ ସଚେତନ ନ ଥିବାରୁ ଏଭଳି ପରିସ୍ଥିତି ଦେଖାଦେଇଛି। ରାଜନୈତିକ ବ୍ୟକ୍ତିବିଶେଷ, ବ୍ୟବସାୟୀ, ଦେଶର ବଡ଼ବଡ଼ ପୁଞ୍ଜିପତିମାନେ ଏହାର ଫାଇଦା ନେଉଛନ୍ତି। ଚାଷୀ, ଆଦିବାସୀ, ଶ୍ରମିକ ଗୋଷ୍ଠୀ, ଛାତ୍ର ଓ ଯୁବଗୋଷ୍ଠୀ ପ୍ରଭାବିତ ହେଉଛନ୍ତି। ମାତ୍ର ସେମାନଙ୍କ ଅସନ୍ତୋଷର ସ୍ୱରକୁ ଚପାଇ ଦିଆଯାଉଛି। ଶିକ୍ଷା, ସ୍ୱାସ୍ଥ୍ୟକୁ ବଜାରୀକରଣ କରାଯାଇଥିବାରୁ ବଞ୍ଚିତ ଶ୍ରେଣୀ ଶକ୍ତିହୀନ ହୋଇଯାଉଛନ୍ତି। ରାଷ୍ଟ୍ରବ୍ୟାପୀ ଜନଆନ୍ଦୋଳନ ପରେ ଲୋକପାଳ ବିଲ୍ ଗୃହୀତ ହୋଇଥିଲା। ମାତ୍ର ତାହା କାର୍ଯ୍ୟକାରୀ ହୋଇପାରୁନାହିଁ। ସମ୍ବିଧାନରେ ସମସ୍ତ ବର୍ଗଙ୍କୁ ସମାନ ଅଧିକାର ଦିଆଯାଇଛି। ଏଣୁ ସମ୍ବିଧାନକୁ ରାଜନେତା, ସରକାରୀ ଅଧିକାରୀ, ଜନସାଧାରଣ ସମସ୍ତେ ସମ୍ମାନ ଦେବାର ଏବେ ସମୟ ଆସିଛି ବୋଲି ଅତିଥିମାନେ ମତ ରଖିଥିଲେ।

ଏହି ଯାତ୍ରା ଦେଶର ପ୍ରତ୍ୟେକ ରାଜ୍ୟ ପରିଭ୍ରମଣ କରି ଡିସେମ୍ବର ୧୦ରେ ଦିଲ୍ଲୀରେ ପହଞ୍ଚିବ। ସେଠାରେ ମହାସମାବେଶ କରାଯାଇ ଯାତ୍ରା ଶେଷ କରାଯିବ। ଏଥିରେ ୪୦ ଯାତ୍ରୀ ରହିଛନ୍ତି। ଚାଷୀ ଲିଙ୍ଗରାଜ, ସରୋଜ ମହାନ୍ତି, ବ୍ୟୋମକେଶ ଠାକୁର, ଦେବେନ୍ଦ୍ର ପ୍ରଧାନ, ବିଭୂ ପଟ୍ଟନାୟକ, ଚନ୍ଦ୍ରଶେଖର ପଣ୍ଡା, ହରିଶଙ୍କର ପୁରୋହିତ, ସୁଶାନ୍ତ ପଣ୍ଡାଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ରହି ସ୍ୱାଗତ କରିଥିଲେ।




### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ରେଢ଼ାଖୋଲ,୧୩।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଢ଼ାଖୋଲ ମହିଳା କଲେଜରେ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ତାଲିମ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷା ସୁନୀତା ମିଶ୍ର ସଭାପତିତ୍ୱ କରିଥିଲେ। ଉପଜିଲାପାଳ ବିଶିକେସନ ଦେହୁରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାମଲ, ପ୍ରଶିକ୍ଷିକା ଏଲ୍ ବିଷ୍ଣୁପ୍ରିୟା ସାଗର, ଦୀପାଞ୍ଜଳି ବାର୍ଲା, ପ୍ରତିଭା ଡାଙ୍ଗ୍ ପ୍ରମୁଖ ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମ ସୁରକ୍ଷାର ବିଭିନ୍ନ କୌଶଳ ଉପରେ ତାଲିମ ପ୍ରଦାନ କରିଥିଲେ। ଅଧ୍ୟାପିକା ମମତା ବିଶ୍ୱାଳ ସ୍ୱାଗତ ଭାଷଣ, ପୁଷ୍ପାଞ୍ଜଳି ସାମନ୍ତରାୟ ଧନ୍ୟବାଦ ଦେଇଥିଲେ। ତାଲିମ ଶିବିରରେ କଲେଜର ସମସ୍ତ ଛାତ୍ରୀ, ଅଧ୍ୟାପିକା ଅଧ୍ୟାପକ ଯୋଗ ଦେଇଥିଲେ।

# ନିଃସ୍ୱାର୍ଥ ସେବା ମନୋବୃତ୍ତି ପୋଷଣ କରିବାକୁ ପରାମର୍ଶ

## ଡ. ପ୍ରଭାବତୀ ଦେବୀ ଶ୍ରାଦ୍ଧବାର୍ଷିକୀ ସଭା

■ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର
■ ୭୦ ଅନ୍ତେବାସୀଙ୍କ ଦାନ୍ତ ଓ ଚର୍ମରୋଗ ପରୀକ୍ଷା

ଧମା,୧୩।୧୧(ଡି.ଏନ.ଏ)

ମାନେଶ୍ୱର ବ୍ଲକ ଛଚାନପାଲିସ୍ଥିତ ରୁକ୍ମଣୀଲାଠ ବାଲ୍‌ନିକେତନର ପ୍ରତିଷ୍ଠାତା ଡ. ପ୍ରଭାବତୀ ଦେବୀଙ୍କ ୨୧ତମ ଶ୍ରାଦ୍ଧବାର୍ଷିକୀ ମଙ୍ଗଳବାର ପାଳିତ ହୋଇଯାଇଛି। ଭୋର ୫ଟାରେ ଅନ୍ତେବାସୀମାନେ ପ୍ରଭାତଫେରିରେ ଗ୍ରାମ ପରିକ୍ରମା କରିଥିଲେ। ପରେ ପଣ୍ଡିତ ଭାଗିରଥି ପାଣିଗ୍ରାହୀଙ୍କ ପୌରହିତ୍ୟରେ ବାଲ୍‌ନିକେତନ ସମ୍ପାଦକ ରାଧେକୃଷ୍ଣ ପଣ୍ଡା, ସୁରେନ୍ଦ୍ର ପାଣିଗ୍ରାହୀ ସକାଳ ୭ଟାରେ ତିଳତର୍ପଣ କରିଥିଲେ। ପୂର୍ବାହ୍ନ ୧୦ଟାରେ ଆୟୋଜିତ ଶ୍ରାଦ୍ଧବାର୍ଷିକୀ ସଭାରେ ସନ୍ତୋଷ ବାରିକ, ତୁଷାରରଞ୍ଜନ ବାରିକ ମଞ୍ଚ ପରିଚାଳନା, ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥି ସହ ବାଲ୍‌ନିକେତନରେ ଏକ ଖେଳପଡ଼ିଆ ଓ କର୍ମଚାରୀମାନଙ୍କ ପାଇଁ ଆବାସ ବ୍ୟବସ୍ଥା ନେଇ ଉପସ୍ଥିତ ଅତିଥିମାନଙ୍କ ସହଯୋଗ ଲୋଡ଼ିଥିଲେ। ମୁଖ୍ୟ ଅତିଥି ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ପ୍ରଭାଦେବୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ପ୍ରଭାଦେବୀଙ୍କୁ ନାନୀ ବୋଲି ସମ୍ବୋଧିତ କରି ତାଙ୍କ ଭଳି ନିଃସ୍ୱାର୍ଥ ହୋଇ ସେବା ମନୋବୃତ୍ତି ପୋଷଣ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ସମ୍ବଲପୁର ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ସରକାରଙ୍କ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ବିଧାୟକ ପାଣ୍ଠିରୁ ଯଥୋଚିତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରାଦ୍ଧ ସଭାରେ ମାନେଶ୍ୱର ବ୍ଲକ ସିଡ଼ିପିଓ ମୀତା ଶର୍ମା, ସୁପରଭାଇଜର ଉଷାସୁନ୍ଦରୀ ପାଣି, ଅଞ୍ଜଳୀ ପଧାନ, ଏମ୍‌ପି ପ୍ରତିନିଧି ଗୋପୀରଞ୍ଜନ ବେହେରା, ପୂର୍ବତନ ବ୍ଲକ ଚେୟାରମ୍ୟାନ ବସନ୍ତ ସାହୁ, ବାଲ୍‌ନିକେତନ ପରିଚାଳନା ସଦସ୍ୟ ଶଙ୍କରଲାଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ରହିଥିଲେ। ସଭା ପରିଚାଳନାରେ କର୍ମଚାରୀ ଉତ୍ତମ ପଧାନ, ସଦସ୍ୟ ହେମନ୍ତ ପଧାନ ସହଯୋଗ କରିଥିଲେ। ଶେଷରେ ଅଧ୍ୟକ୍ଷା ନଳନୀ ପଧାନ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୁର୍ଲାର ଆତ୍ମା ଭଗବାନ ସେବା ସମିତି ପକ୍ଷରୁ ଅନ୍ତେବାସୀଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଥିଲା। ବନ୍ଦନା ଜୀଙ୍କ ପରିଚାଳନାରେ ଏଥିରେ ୭୦ ଅନ୍ତେବାସୀଙ୍କ ଦାନ୍ତ ଓ ଚର୍ମରୋଗ ପରୀକ୍ଷା କରାଯାଇଥିଲା।



ଶ୍ରାଦ୍ଧବାର୍ଷିକୀରେ ମଞ୍ଚାସୀନ ଅତିଥିବୃନ୍ଦ।

# ଏମ୍‌ସିଏଲ୍ ପକ୍ଷରୁ ଜୈବିକ ଚାଷ ଆଲୋଚନାଚକ୍ର

ସମ୍ବଲପୁର,୧୩।୧୧(ବ୍ୟୁରୋ)

ମହାନଦୀ କୋଇଲା କମ୍ପାନୀ (ଏମସିଏଲ୍) ପକ୍ଷରୁ ଜୈବିକ ଚାଷ ଶୀର୍ଷକ ଆଲୋଚନାଚକ୍ର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବେଙ୍ଗାଲୁରୁସ୍ଥିତ ଶ୍ରୀଶ୍ରୀ ରବିଶଙ୍କର ଆର୍ଟ ଅଫ୍ ଲିଭିଙ୍ଗ୍ ଫାଉଣ୍ଡେଶନର ପ୍ରଶିକ୍ଷକ ମୁକୁନ୍ଦ ସାହୁ, ଲାନା ସାହୁ ଏଥିରେ ଯୋଗ ଦେଇଥିଲେ। ଆନନ୍ଦବିହାର, ଜାଗୃତି ବିହାର କଲୋନୀ, ଏମସିଏଲ ମୁଖ୍ୟାଳୟ ଅଞ୍ଚଳର ମହିଳା, କର୍ମଚାରୀମାନେ ଏଥିରେ ଭାଗ ନେଇଥିଲେ। ପାରମ୍ପରିକ ଚାଷର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଷ ଜମିରେ ରାସାୟନିକ କୀଟନାଶକ ପ୍ରୟୋଗର କୁପ୍ରଭାବକୁ ଦର୍ଶାଯାଇଥିଲା।




ଏମସିଏଲ ଆୟୋଜିତ ଆଲୋଚନା ଚକ୍ରରେ ବକ୍ତା ଓ ଶ୍ରୋତା ।

ଜୈବିକ କୃଷି ଦ୍ୱାରା ପ୍ରଦୂଷଣ ରୋକାଯିବା ସହ ବିଭିନ୍ନ ପ୍ରକାର ରୋଗପୋକ ଦାଉରୁ ଫସଲ ସୁରକ୍ଷିତ ରହପାରିବ ବୋଲି ବକ୍ତାମାନେ କହିଥିଲେ। କୀର୍ତ୍ତି ତିୱାରୀ, କମଲ ଯାଦବ, ପଦ୍ମା କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ମୁନମୁନ ସୌଦାଗର ଧନ୍ୟବାଦ ଦେଇଥିଲେ।

# ବ୍ଲକସ୍ତରୀୟ ଗୋପାଳନ ଦକ୍ଷତାବୃଦ୍ଧି ଶିବିର

ଧମା,୧୩।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ଧମାସ୍ଥିତ ପଶୁ ଡାକ୍ତରଖାନାରେ ମାନେଶ୍ୱର ବ୍ଲକସ୍ତରୀୟ ଗୋପାଳନ ଦକ୍ଷତାବୃଦ୍ଧି ଶିବିର ମଙ୍ଗଳବାରରୁ ଆରମ୍ଭ ହୋଇଛି। ୧୭ ତାରିଖ ପର୍ଯ୍ୟନ୍ତ ୫ ଦିନ ବ୍ୟାପୀ ହେବାକୁ ଥିବା ଏହି ତାଲିମ ଶିବିରରେ ମାନେଶ୍ୱର ବ୍ଲକର ୧୪ ପ୍ରାଣୀଧନ ନିରୀକ୍ଷକ ସେଣ୍ଟରରୁ ଗୋପାଳନମାନେ ଯୋଗ ଦେଇଥିଲେ। ମାନେଶ୍ୱର ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ଉମାକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପ୍ରଥମ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ନବୀନ କୁମାର ମିଶ୍ର, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ରହି ଗୋପାଳକମାନଙ୍କୁ ଗାଈର ଯତ୍ନ, ଦୁଗ୍ଧ ଉତ୍ପାଦନ ବୃଦ୍ଧି, ଘାସ ଚାଷ, ରୋଗ ପ୍ରତିଷେଧକ ଟୀକା ଏବଂ କୃତ୍ରିମ ପ୍ରଜନନ ଉପରେ ତାଲିମ ପ୍ରଦାନ କରିଥିଲେ। ଦୁଗ୍ଧ ନିୟନ୍ତ୍ରକ କ୍ଷୀରୋଦ୍ର ମିଶ୍ର, ପ୍ରାଣୀଧନ ନିରୀକ୍ଷକ ସରୋଜ ନାଏକ ଶିବରକୁ ପରିଚାଳନା କରିଥିଲେ। ଡକରା, ଦେଓଗାଁ, ବରଗାଁ, ସାହାସପୁର, ବଦୁଆପାଲି, ମିର୍ଗାମୁଣ୍ଡା, ନୂଆଁଡିହୁରା ଆଦି ପ୍ରାଣୀଧନ ନିରୀକ୍ଷକ ସେଣ୍ଟର ଅଧୀନ ଗୋପାଳକମାନଙ୍କୁ ଶିବିରରେ ଯୋଗଦେବାକୁ ଅନୁରୋଧ କରିଥିଲେ।



ଧମାରେ ଗୋପାଳନ ଦକ୍ଷତା ବୃଦ୍ଧି ଶିବିର ।

# ଘିଚାମୁରା ପଞ୍ଚାୟତକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କର

ରେଙ୍ଗାଲି,୧୩।୧୧(ଡି.ଏନ.ଏ.)

ରେଙ୍ଗାଲି ବ୍ଲକ ଘିଚାମୁରା ପଞ୍ଚାୟତକୁ ସଂପୂର୍ଣ୍ଣ ମରୁଡି ଘୋଷଣା କରାଯାଉ ବୋଲି ଘିଚାମୁରା ମହାବୀର କୃଷକ ସଂଗଠନ ଦାବି କରିଛି। ଘିଚାମୁରା ଗୋଷ୍ଠୀ ଖଳାଠାରେ ପଞ୍ଚାୟତର ସମସ୍ତ ଚାଷୀ ଏକତ୍ରିତ ଏକ ବୈଠକ କରିଥିଲେ । ମହାବୀର କୃଷକ ସଂଗଠନର ମାଖନ ପଟେଲଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା । ୨୦୧୭-୧୮ ବର୍ଷର ଇନପୁଟ ସବସିଡି ଓ ବୀମାରାଶି ପ୍ରଦାନ କରାଯାଉ। ଘିଚାମୁରା ପଞ୍ଚାୟତକୁ ସଂପୂର୍ଣ୍ଣ ମରୁଡି ଘୋଷଣା କରାଯାଉ । ନ ଚେତ ଚାଷୀମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ ହେବେ ବୋଲି ସଂଗଠନ ପକ୍ଷରୁ ପ୍ରକାଶ କରାଯାଇଛି । ବର୍ଷା ଅଭାବ ଯୋଗୁ ପ୍ରତ୍ୟେକ ବର୍ଷ ମରୁଡି ପରିସ୍ଥିତି ସୃଷ୍ଟି ହେଉଛି। ଚାଷୀମାନଙ୍କ ସୁବିଧା ପାଇଁ ଜଳସେଚନ ବ୍ୟବସ୍ଥା, ଗଭୀର ନଳକୂପ ଖନନ ଏବଂ ପାଣିପମ୍ପ ଯୋଗାଇବା ପାଇଁ ଦାବି ହୋଇଥିଲା । ସଭାରେ ହୀରାଚାନ୍ଦ କିସାନ, ଜୟନ୍ତ ବିଜାର, ହରିବଂଶ କିସାନ, ହରିବଂଶ ବେସନ, ଶିଶୁପାଳ ନାଏକ, ସୁନ୍ଦର ପାଣ୍ଡେ, ଲୁଚନ କିସାନ, ଖଣିଧର ଭୋଇ, ପିଙ୍ଗ ସେଟ ପ୍ରମୁଖ ଚାଷୀମାନ ଉପସ୍ଥିତ ଥିଲେ ।

### ନିଃସହାୟ ଡାକ୍ତରଖାନାରେ ଭର୍ତ୍ତି

ସମ୍ବଲପୁର,୧୩।୧୧(ବ୍ୟୁରୋ)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦ ଝାଙ୍କରପଡ଼ା ଗ୍ରାମର ଜାଇବାନି ଧରୁଆ ଦୀର୍ଘ ୪ମାସ ହେବ ରୋଗଗ୍ରସ୍ତ ଥିଲେ। ଅସହାୟ ଅବସ୍ଥାରେ ଘରେ ପଡ଼ି ରହିଥିଲେ। ହୀରାକୁଦ ବିଜେଡି ସଭାପତି ଶାନ୍ତନୁ ବଡ଼ପଣ୍ଡା, ଶାନ୍ତନୁ ସାହୁ, ସତ୍ୟପ୍ରିତ ପ୍ରଧାନ ଓ ନୀଳକଣ୍ଠ ସ୍ୱାଇଁ ମଙ୍ଗଳବାର ଜାଇବାନିଙ୍କୁ ବୁର୍ଲା ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛନ୍ତି।

# ଛଟ୍ ପୂଜାରେ ଉତ୍ସବମୁଖର ପରିବେଶ

■ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ
■ ଅଯୋଧ୍ୟା ସରୋବରରେ ନୌବିହାର

ସମ୍ବଲପୁର,୧୩।୧୧(ବ୍ୟୁରୋ)

ଶକ୍ତିପୀଠର ଐତିହାସିକ ସମ୍ବଲପୁର ସହର ପରମ୍ପରା ଓ ସଂସ୍କୃତିକୁ ନେଇ ସମୃଦ୍ଧ। ତେବେ ଏଠାରେ ଶକ୍ତି ପୂଜା ସହ ଶୀତଳଷଷ୍ଠୀ, ରଥଯାତ୍ରା, ଝୁଲଣ ଯାତ୍ରା, ନୂଆଁଖାଇ, ଦୁର୍ଗାପୂଜା, ଭାଇଁଜିଉଁନ୍ତିଆ, ପୁଅଜିଉଁନ୍ତିଆ ଉତ୍ସାହର ସହ ପାଳିତ ହୋଇଥାଏ। ସେହିପରି ଶିଖ୍, ଖ୍ରୀଷ୍ଟିଆନ୍, ମୁସଲମାନ୍ ଆଦି ସମ୍ପ୍ରଦାୟର ପର୍ବପର୍ବାଣୀରେ ସହର ମୁଖରିତ ହୋଇଉଠେ। ଏପରି ସ୍ଥଳେ ଦୀର୍ଘ ଦଶନ୍ଧି ହେବ ସମ୍ବଲପୁର ସହରରେ ବସବାସ କରି ଆସୁଥିବା ବିହାରି ସଂପ୍ରଦାୟଙ୍କ ଛଟପୂଜା ଚମକ ଭରି ଦେଇଛି। ମଙ୍ଗଳବାର ଏହି ପୂଜା ପାଳିତ ହୋଇଛି। ରୀତିନୀତି, ପରମ୍ପରା ଅନୁଯାୟୀ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଆଯାଇ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇଛି। ଆଖୁ, ଫଳ, ନୂତନ ବସ୍ତ୍ରରେ ସୁସଜ୍ଜିତ ଭୋଗ ଥାଳିକୁ ମୁଣ୍ଡାଇ ଶ୍ରଦ୍ଧାଳୁମାନେ ମହାନଦୀ, ପୋଖରୀ ଓ ନାଳାକୁ ଯାଇଥିଲେ। ମହିଳାମାନେ ଜଳରେ ସ୍ନାନ କରି ସୂର୍ଯ୍ୟଙ୍କୁ ଜଳ ଦାନ କରିଥିଲେ। ଏହାପରେ ନୂଆଁ ବସ୍ତ୍ର ପରିଧାନ କରି ଛଟ ପୂଜା କରିଥିଲେ।



ସହରର ମହାନଦୀ ଅଯୋଧ୍ୟା ସରୋବର, ନନ୍ଦପଡ଼ା, ବାଲିବନ୍ଧା, ଝାଡ଼ୁଆପଡ଼ା, ଗୋବିନ୍ଦତୋଲା, ଦଲେଇପଡ଼ା, ସମଲେଶ୍ୱରୀ ଘାଟ, ବରେଇପାଲି ନାଳା, ବିଭିନ୍ନ ବନ୍ଧ ଓ ମୁହାଣରେ ଛଟ ପୂଜା ହୋଇଥିଲା। ସେଠାରେ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ମାନସିକ ବ୍ରତଧାରୀ ରାସ୍ତାରେ ପ୍ରଣିପାତ କରି ଛଟପୂଜା ଘାଟକୁ ଯାଇଥିବା ଦେଖାଯାଇଥିଲା। ଏହା ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ବ୍ୟାଣ୍ଡ, ଦୁଲ୍‌ଦୁଲି ବାଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ନଦୀ ଘାଟ, ଜଳଉତ୍ସ ମୁଖରିତ ହୋଇଥିଲା। ରିଂରୋଡ଼ରେ ରଙ୍ଗିନ ଆତଶବାଜି ଦେଖିବାକୁ ଦର୍ଶକଙ୍କ ଗହଳି ଜମିଥିଲା। ଏହି ଅବସରରେ ଅଯୋଧ୍ୟା ସରୋବରରେ ନୌବିହାର ଦୃଶ୍ୟ ଆକର୍ଷଣୀୟ ହୋଇଥିଲା। ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ବରେଇପାଲି, ରେମେଡ଼, ଭଙ୍ଗାମୁଣ୍ଡା, କଦମମାଲ, ମନ୍ଦଲିଆ, ବଡ଼ବଜାର, ସଡ଼କଘାଟ, ଦଲେଇପଡ଼ା ଘାଟରେ ପହଞ୍ଚି ଭକ୍ତଙ୍କୁ ଉତ୍ସାହିତ କରିଥିଲେ।





ମହାନଦୀ ଅଯୋଧ୍ୟା ସରୋବରରେ ନୌବିହାର (ବାମ)। ସମ୍ବଲପୁର ମାରୱାଡ଼ି ଘାଟରେ ଭକ୍ତଙ୍କ ଭିଡ଼।

# ଝାଙ୍କରପାଲି, କିନାଲୋଇ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା

ରେଙ୍ଗାଲି,୧୩।୧୧(ଡି.ଏନ.ଏ.)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ବିଜେଡି ପକ୍ଷରୁ ଝାଙ୍କରପାଲି, କିନାଲୋଇ ପଞ୍ଚାୟତରେ ଜନସମ୍ପର୍କ ପଦଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ କୁନା ବିହାରୀ ଦାସଙ୍କ ନେତୃତ୍ୱରେ ପଦଯାତ୍ରା ହୋଇଥିଲା। ସୁଶୀଲ ନାଏକ, ସଦନ ପଟେଲ, ଯଜ୍ଞ୍ୟାସିନୀ ନାଗ, ପ୍ରତିମା ସାହୁ, ଚେତାନନ୍ଦ କିଶାନ, ମନୋଜ ନାଏକ, ଦିଲୀପ ସିଂ, ନୀଳାଞ୍ଚଳ ପୁରୋହିତ, ଇଂ. ଗାନ୍ଧୀ ବେହେରା, ଦିଲୀପ ଦୁରିଆ, ସ୍ୱାଗତିକା ମହାନ୍ତି, ଜିଲା ସଭାପତି ପ୍ରମୋଦ ରଥ, ଅବନୀ ରଞ୍ଜନ କର, ଟୁଟୁ, ପ୍ରହଲ୍ଲାଦ ପଟେଲ, ପୂର୍ଣ୍ଣମୀ ସାହୁଙ୍କ ସମେତ ବହୁସଂଖ୍ୟାରେ ବିଜେଡ଼ି କର୍ମୀ ପଦଯାତ୍ରାରେ ସାମିଲ୍ ହୋଇଥିଲେ।




ପଦଯାତ୍ରାରେ ସାମିଲ୍ ହୋଇଥିବା ବିଜେଡ଼ି କର୍ମୀ।



ଯଓ୍ବାନ ଓ କିଷାନ୍‌ର ଜୟ୍ ହିଁ ଦେଶ ଏବଂ ଜାତିର ଜୟ୍।

- ଲାଲ୍‌ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ବିଦ୍ୟୁତ୍ ତାର ଚୋରି, ସେବା ବ୍ୟାହତ

ରିଆମାଳ,୧୩।୧୧(ଡି.ଏନ୍.ଏ.)-ରିଆମାଳ ବ୍ଲକ ଅନ୍ତର୍ଗତ ବୁଚାକଟାଇଠାରୁ ପୁରୁମୁଣ୍ଡା ଗାଁ ପର୍ଯ୍ୟନ୍ତ ୧୭ଟି ବିଦ୍ୟୁତ୍ ଖୁଣ୍ଟରୁ ସୋମବାର ରାତିରେ ତାର ଚୋରି ହୋଇଛି। ଫଳରେ କତ୍ରାପାଲି, ଖଣ୍ଡମୁଣ୍ଡା, ହରିହରପୁର, କାଇଁସର, ପୁରୁମୁଣ୍ଡା, ତାରଙ୍ଗ, ନିଶାବିରା, ସାମପାଲି, ଯଦୁମଣିପୁର ଆଦି ୧୫ଟି ଗ୍ରାମର ଆଦିବାସୀ ଲୋକେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ଏହି ଘଟଣା ପରେ, ରେଙ୍ଗାଲବେଡ଼ା ଗ୍ରୀଡ୍ କନିଷ୍ଠ ଯନ୍ତ୍ରୀ ନେତ୍ରାନନ୍ଦ ସାହୁ, ଲାଇନମ୍ୟାନ ମଳୟ ସାହୁ ଓ ଯୁଧିଷ୍ଠିର ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଦୁଇ କିମ୍ବା ତିନିଦିନ ମଧ୍ୟରେ ନୂଆ ତାର ଲଗାଯାଇ ବିଦ୍ୟୁତ୍ ସେବା ଯୋଗାଇ ଦିଆଯିବ ବୋଲି କନିଷ୍ଠ ଯନ୍ତ୍ରୀ ସାହୁ କହିଛନ୍ତି। ଅନ୍ୟପକ୍ଷରେ ତାର ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରାଯିବ ବୋଲି କନିଷ୍ଠ ସେ କହିଛନ୍ତି।

### ଏସ୍‌ଏଚ୍‌ଜି ମହିଳାଙ୍କ ମହାସମନ୍ୱୟ ମେଳା

ଭଟଲି,୧୩।୧୧(ଡି.ଏନ୍.ଏ.)- ବରଗଡ଼ ଜିଲା ଭଟଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କୁ ନେଇ ଏକ ମହାସମନ୍ୱୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କହିଥିଲେ । ପରେ ଓଡ଼ିଶା ଜୀବିକା ମିଶନର ଜିଲା ଯୋଜନା ପରିଚାଳକ ଶଙ୍କର ଜାଲ ସ୍ୱୟଂ ସହାୟିକା ଗୋଷ୍ଠିମାନେ କିଭଳି ଭାବେ ଅଳ୍ପ ସୁଧରେ ଋଣ ନେଇ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବେ ସେନେଇ ପରାମର୍ଶ ଦେଇଥିଲେ । ପିଏ ଉମାରାଣୀ ଝାଙ୍କର, ବିପିଏମ୍ ଲଳିତା ଛୁରା, ବିଏଲ୍‌ସି ରଞ୍ଜନ ଭୁଏ, ମୃତ୍ୟୁଞ୍ଜୟ ପାଳ ପ୍ରମୁଖ ବ୍ୟାଙ୍କ ଋଣ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଫଆଇଇ କିଶୋର ଚନ୍ଦ୍ର ପଣ୍ଡା, ବିପିଏମ୍ ଶରତ ନାୟକ, ଏପିଡି ଟ୍ରେନିଂ ବିଭୁ ପ୍ରକାଶ ମିଶ୍ର, ଭଟଲି ୟୁକୋ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ, ୟୁବିଆଇ ଏବଂ ଆହ୍ଲାବାଦ ବ୍ୟାଙ୍କର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ପରେ ୭୬ଟି ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ୧୨୩ ଲକ୍ଷ ୯୩ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା।

■ କଂଗ୍ରେସ ସୋସିଆଲ ମିଡିଆର ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ

### କର୍ମୀଙ୍କ ପାଖରେ ସହଜରେ ଦଳର ବାର୍ତ୍ତା ପହଞ୍ଚାଇବ ସୋସିଆଲ ମିଡିଆ: ନିରଞ୍ଜନ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)

ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ବିଭାଗର ପ୍ରଥମ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ମଙ୍ଗଳବାର ଦଳର ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଛି। ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଛି। ବୈଠକରେ ସୋସିଆଲ ମିଡିଆ ବିଭାଗର ରାଜ୍ୟ ସଭ୍ୟ ଓ ସମସ୍ତ ଜିଲା ସଂଯୋଜକ ଯୋଗଦେଇଛନ୍ତି। ପ୍ରଥମ ଅଧ୍ୟାୟରେ ଏଆଇସିସି ସୋସିଆଲ ମିଡିଆ ଟିମ୍ ଦ୍ୱାରା ଜିଲା ସଂଯୋଜକମାନଙ୍କୁ ତାଲିମ ପ୍ରଦାନ କରି ବୁଥ୍ ସ୍ତରରେ ସୋସିଆଲ ମିଡିଆ କମିଟି ଗଠନ କରିବା ପାଇଁ ନିଷ୍ପତ୍ତି ହୋଇଛି। ବୁଥ୍‌ରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ସୋସିଆଲ ମିଡିଆ ଦ୍ୱାରା



ସମ୍ଭବ ହୋଇପାରିବ। ବୈଠକର ଦ୍ୱିତୀୟ ଅଧ୍ୟାୟରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ସମସ୍ତ ନବନିଯୁକ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏହି ଅବସରରେ ନିରଞ୍ଜନ କହିଛନ୍ତି ଯେ, ବୁଥ୍‌ସ୍ତରରେ କଂଗ୍ରେସ କର୍ମୀଙ୍କୁ ମଜଭୁତ କରିବା ପାଇଁ ଦଳର ବାର୍ତ୍ତା ସୋସିଆଲ ମିଡିଆ ଦ୍ୱାରା ସହଜରେ ପହଞ୍ଚାଇ ହେବ। ଏହା କେବଳ ସୋସିଆଲ ମିଡିଆ ବନ୍ଧୁଙ୍କ ଦ୍ୱାରା ସମ୍ଭବ। କଂଗ୍ରେସ ଇତିହାସରେ ପ୍ରଥମଥର ପାଇଁ ଏକ ସୋସିଆଲ ମିଡିଆ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ ନିରଞ୍ଜନଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ଆଗକୁ କଂଗ୍ରେସ ଆଦର୍ଶ ଏବଂ ଇତିହାସ ସମ୍ପର୍କରେ ଅଧିକରୁ ଅଧିକ ଜାଣିବାକୁ ଚାହୁଁଥିବା ଯୁବତୀ, ଯୁବକମାନଙ୍କୁ ପ୍ରଶିକ୍ଷଣ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଏହି ଅବସରରେ ଦେଶ, ବିଦେଶର ୧୧ଜଣ ଛାତ୍ର ବୈଠକରେ ଯୋଗଦେଇଛନ୍ତି।



ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ଉପସ୍ଥିତ ଅଧିକାରୀ।

# ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଦେବଗଡ଼,୧୩।୧୧(ସ୍ୱ.ପ୍ର)

ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷଠାରେ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲା ପରିଷଦ ସଭାପତି ସୁଧାମୟୀ ପଟେଲ, ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମକାନ୍ତ ଏକ୍କା, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରବିନାରାୟଣ ସି, ଉପଜିଲାପାଳ ବିମଳେନ୍ଦୁ ମିଶ୍ରଙ୍କ ସମେତ ଏମ୍‌ପି ପ୍ରତିନିଧି ସୁଜିତ ପ୍ରଧାନ, ବିଧାୟକ ପ୍ରତିନିଧି ରଞ୍ଜିତ ପଟେଲ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ୨୦୧୮-୧୯ ଖରିଫ୍ ବର୍ଷ ନିମନ୍ତେ ଧାନକ୍ରୟ ସମ୍ବନ୍ଧୀୟ ନୀତି ନର୍ଦ୍ଧାରଣ ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା । ଜିଲାପାଳ ସାମଲ ସମସ୍ତ ମଣ୍ଡିରେ ସୁରୁଖୁରରେ ଯେପରି ଚାଷୀମାନେ ନିଜର ଧାନ ବିକ୍ରୟ କରିପାରିବେ ସେଥିପାଇଁ ସବୁପ୍ରକାର ବ୍ୟବସ୍ଥା କରିବାକୁ ଏ.ଆର.ସି.ଏସ. ଏବଂ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ କୌଣସି ମଣ୍ଡିରେ ସମସ୍ୟା ଦେଖାଦେଲେ ତୁରନ୍ତ ପ୍ରଶାସନର ନଜରକୁ ଆଣିବାକୁ ପରାମର୍ଶ ଦେଇଥିଲେ। ଏଥି ସହିତ ମଣ୍ଡିଗୁଡ଼ିକରେ ବିକ୍ରୟ ନିମନ୍ତେ ଆସୁଥିବା ଚାଷୀମାନଙ୍କ ପାଇଁ ସମସ୍ତ ପ୍ରକାର ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇଦେବାକୁ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ପଞ୍ଜିକୃତ ହୋଇଥିବା ଚାଷୀମାନଙ୍କର ଜମି ଏବଂ ବ୍ୟାଙ୍କ ଆକାଉଣ୍ଟ ସମ୍ବନ୍ଧୀୟ ତଥ୍ୟର ଠିକ ତଦାରଖ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ମିଳିଥିବା ସୂଚନାନୁଯାୟୀ ଆସନ୍ତା ଡିସେମ୍ବର ୭ ତାରିଖ ଶୁକ୍ରବାରଠାରୁ ଜିଲାରେ ଥିବା ୨୯ଟି ପ୍ରାଥମିକ କୃଷି ସମବାୟ ସମିତି ମାଧ୍ୟମରେ ୪୦ ମଣ୍ଡି ଖୋଲାଯାଇ ଚାଷୀମାନଙ୍କଠାରୁ ଧାନ କ୍ରୟ କରାଯିବ । ଚଳିତବର୍ଷ ଖରିଫ୍ ଋତୁରେ ୩,୧୧,୭୬୪ କୁଇଣ୍ଟାଲ ଧାନ କ୍ରୟ କରିବା ପାଇଁ ନିଷ୍ପତି ନିଆଯାଇଛି। ଚଳିତ ବର୍ଷ ସାଧାରଣ ଧାନର କ୍ରୟମୂଲ୍ୟ କୁଇଣ୍ଟାଲ ପିଛା ୧୭୫୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଏ-ଗ୍ରେଡ ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୭୭୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଚାଷୀମାନଙ୍କୁ ଧାନକ୍ରୟ ସମ୍ବନ୍ଧୀୟ ସୂଚନା ନିମନ୍ତେ ଆବଶ୍ୟକୀୟ ପ୍ରଚାରପ୍ରସାର ବ୍ୟବସ୍ଥା ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଗ୍ରହଣ କରାଯିବ। ଧାନକ୍ରୟ ସମ୍ବନ୍ଧୀୟ କୌଣସି ସମସ୍ୟାର ସମାଧାନ ନିମନ୍ତେ ଜିଲା, ସବ୍‌ଡିଭିଜନ ଓ ବ୍ଲକସ୍ତରରେ ଟାସ୍କଫୋର୍ସ ଗଠନ କରାଯିବ। ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନିମନ୍ତେ ଅନଲାଇନ ରେଜିଷ୍ଟ୍ରେସନ ସମୟସୀମାକୁ ବୃଦ୍ଧି କରିବା ପାଇଁ ସରକାରଙ୍କୁ ଅନୁରୋଧ କରାଯିବାକୁ ବୈଠକରେ ନିଷ୍ପତି ନିଆଯାଇଥିଲା। ବୈଠକରେ ଉପସ୍ଥିତ ଚାଷୀ ପ୍ରତିନିଧିମାନେ ଧାନବିକ୍ରୟ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକ ପ୍ରାରମ୍ଭରେ ବେସାମରିକ ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ପାଢୀ ସମସ୍ତଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ ଆଲୋଚ୍ୟ ବିଷୟ ବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଲିଡବ୍ୟାଙ୍କ ମ୍ୟାନେଜର, ଏ.ଆର.ସି.ଏସ., ଉପ-ନିର୍ଦ୍ଦେଶକ କୃଷି, ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକଙ୍କ ସମେତ ଡିଏସଡବ୍ଲ୍ୟୁଓ, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ, ଚାଷୀ ପ୍ରତିନିଧି ପ୍ରସନ୍ନ ପଟେଲ, ତରଣୀସେନ ପ୍ରଧାନ ଏବଂ ଜିଲା ଯୋଗାଣ ବିଭାଗର କ୍ଷେତ୍ର ଅଧିକାରୀମାନେ ଯୋଗଦେଇଥିଲେ। ଶେଷରେ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମ କାନ୍ତ ଏକ୍କା ଧନ୍ୟବାଦ ଅର୍ପଣ କରିଥିଲେ।



ଆଇନ ସଚେତନତା ଶିବିରରେ ଉପସ୍ଥିତ ବ୍ୟକ୍ତିବିଶେଷ।

## ଶ୍ରମିକଙ୍କ ନିମନ୍ତେ ଆଇନ ସଚେତନତା ଶିବିର

ଦେବଗଡ଼/ରିଆମାଳ,୧୩।୧୧ (ସ୍ୱ.ପ୍ର/ଡି.ଏନ.ଏ.)

ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ତୋଷଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରିଆମାଳ ବ୍ଲକ କାର୍ଯ୍ୟାଳୟ ପରିସରରେ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ନିମନ୍ତେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରିୟରଞ୍ଜନ ମିଶ୍ର ଏବଂ ଜିଲା ଶ୍ରମ ଅଧିକାରୀ ପ୍ରସନ୍ନ କୁମାର ସିଂ ଯୋଗଦେଇ ଶ୍ରମିକଙ୍କ ନିମନ୍ତେ ଥିବା ବିଭିନ୍ନ ଆଇନ ଉପରେ ଆଲୋକପାତ କରିଥିଲେ। ଅଣସଂଗଠିତ ଶ୍ରମିକ ତଥା ବୁଲା ବିକାଳି, କ୍ଷୁଦ୍ର ବ୍ୟବସାୟୀ, ରିକ୍ସା ଚାଳକ, ଅଟୋରିକ୍ସା ଚାଳକ, ମୋଚି, କୃଷି ଶ୍ରମିକ, ସମ୍ବାଦପତ୍ର ବିକ୍ରେତା, ଜଙ୍ଗଲରେ କାର୍ଯ୍ୟରତ ଶ୍ରମିକ ଓ ସଫେଇ ଶ୍ରମିକଙ୍କ ଅଣସଂଗଠିତ ଶ୍ରମିକ ସାମାଜିକ ଆଇନ-୨୦୦୮ ଅନୁସାରେ କିପରି ଜିଲା ଶ୍ରମ କାର୍ଯ୍ୟାଳୟରେ ସୁବିଧାରେ ପଞ୍ଜୀକରଣ କରାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ପଞ୍ଜୀକରଣ ପାଇଁ ଆଧାରକାର୍ଡ, ୩ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ଜମାଖାତାର ଫଟୋ ଓ ୩୦ ଟଙ୍କା ଦେୟ ସହିତ ବାର୍ଷିକ ୫୦ ଟଙ୍କା ଦେବାକୁ ପଡ଼ିଥାଏ ବୋଲି କୁହାଯାଇଥିଲା। ପଞ୍ଜୀକୃତ ଶ୍ରମିକଙ୍କ ଦୁର୍ଘଟଣା ଜନିତ ମୃତ୍ୟୁ, ସ୍ୱାଭାବିକ ମୃତ୍ୟୁ, ଦୁର୍ଘଟଣା ଜନିତ ସ୍ଥାୟୀ ଅକ୍ଷମତା, ଆଂଶିକ ଅକ୍ଷମତା ଓ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ସରକାରୀ ସହାୟତା ମିଳୁଥିବା ଅତିଥିମାନେ କହିଥିଲେ। ଏହି ଅବସରରେ ନୂତନ ଶ୍ରମିକଙ୍କ ପଞ୍ଜୀକରଣ ନିମନ୍ତେ ଫର୍ମ ବଣ୍ଟନ କରାଯାଇଥିଲା। ଶିବିରରେ ପାରା ଲିଗାଲ୍ ସ୍ୱେଚ୍ଛାସେବୀ ଦିଲୀପ କୁମାର ବେହେରା, ବାଳକୃଷ୍ଣ ଦେହୁରୀ, ମନୋଜ ଦଣ୍ଡିଆ, ମୁକ୍ତେଶ୍ୱର ପ୍ରଧାନ, ଟିକେଶ୍ୱର ଦେହୁରୀ, ନୀଳାଦ୍ରି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ।

### ଭତା, ଆବାସ୍ ଯୋଜ୍‌ନାରୁ ବଁଚିତ୍ ମୁକ୍ତା

ଅତାବିରା, ୧୩।୧୧ (ଡି.ଏନ.ଏ)

ରାଏଜ୍ ଆର୍ କେନ୍ଦ୍ର ସରକାର ଭିନେ ଭିନେ ଯୋଜ୍‌ନା କରି ଗରିବ୍‌ଦୁଖିକୁ ମୋ କୁଡ଼ିଆ, ଇନ୍ଦିରା ଆବାସ, ବିଜୁ ପକ୍କାଘର, ବୁଢ଼ାବୁଢ଼ୀ ଭତା, ବିଧବା ଭତା, ଭିନ୍ନକ୍ଷମ ଭତା ଯୁଗେଇ ଦେବାକେ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବହୁତ୍ ଜାଗାରେ ଦେଖିବାକେ ମିଳୁଛେ ପର୍‌ଶାସନିକ୍ ଅଧିକାରୀମାନକର ଉଦାସିନ୍‌ତା ଲାଗି ବହୁତ୍‌ଟେ ଗରିବ୍ ଇ ମହତ୍ ଯୋଜ୍‌ନାମାନକର ସୁଫଲ ପାଏବାରୁ ବଁଚିତ୍ ହେଉଛନ୍। ବାରବାର ଆବେଦନ କରି ହିତାଧିକାରୀମାନେ ନିରାଶ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ପଁନ୍‌ଚେତ ଉଦେପୁର ଗାଁରେ। ଇ ଗାଁର ବାସିନ୍‌ଦା ହେଉଛନ୍ ମୁକ୍ତା ବାଦୀ(୬୫)। ସେ ଝନେ ନିହାତି ଗରିବ୍, ଛାର୍‌ରି ମାଏକିନା ହେଇଥିଲା ବେଳେ ସବୁ ପର୍‌କାର ସରକାରୀ ସୁବିଧା ସୁଯୋଗ୍‌ନୁ ବଁଚିତ୍ ହେଇଛନ୍। ଗଲା ୪୦ ବଛରନୁ ଅଧିକା ହେବା ସେ ଏକ୍‌ଲା ରହୁଛନ୍। ସରକାରକଁର ତରଫୁ ମିଳୁଥିବାର ବୁଢ଼ାବୁଢ଼ୀ ଭତା, ଇନ୍ଦିରା ଆବାସ ମୁକ୍ତାକଁର ଲାଗି ସପନ୍ ହେଇଛେ। ପଁନ୍‌ଚେତକେ ବାରବାର ଦଉଡୁଥିଲେ ବି କେହି ତାକର କଥା ନାଇଁ ଶୁନୁଥିବାର ସେ ଅଭିଯୋଗ୍ କରିଛନ୍। ଘରଦୁଆର ନାଇଁଥିବାର ଲାଗି ସେ ଉପେ ଶୁଇନ୍ ହେଇ ଭାଇ ଚକା ବାଦୀକଁର ଘରେ ଆଶ୍‌ରେ ନେଇଥିବାର କହିଛନ୍।

## ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ

ଦେବଗଡ଼,୧୩।୧୧(ସ୍ୱ.ପ୍ର)

ନଭେମ୍ବର ୧୬ରେ ପାଳନ କରାଯିବାକୁ ଥିବା ଜିଲାସ୍ତରୀୟ ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହ ଏବଂ ନଭେମ୍ବର ୧୪ ଓ ୧୫ ତାରିଖରେ ହେବାକୁଥିବା ଫୁଟବଲ ଟୁର୍ନାମେଣ୍ଟ ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପଲଟନଗୁଡ଼ା ପଡ଼ିଆରେ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଜିଲା ଆଦିବାସୀ ମହାସଂଘ ସଭାପତି ସେମ ହେମ୍‌ରମ୍‌ଙ୍କ ସଭାପତିତ୍ୱ କରିଥିଲେ। ଫୁଟବଲ ଟୁର୍ନାମେଣ୍ଟରେ ଜିଲାର ୧୬ଟି ଫୁଟବଲ ଟିମ ଅଂଶଗ୍ରହଣ କରିବେ। ସ୍ଥାନୀୟ ଗୋପାଳଜିଉ ମନ୍ଦିର ପ୍ରାଙ୍ଗଣରେ ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହ ପାଳନ କରାଯିବ। ଏଥିରେ ମୁଖ୍ୟଅତିଥି ଭାବେ ଏଆଇସିସି ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି ଏବଂ ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ ଯୋଗଦେବେ ବୋଲି ଜଣାପଡ଼ିଛି। ବିର୍ସା ମୁଣ୍ଡା ଜୟନ୍ତୀ ଉତ୍ସବରେ ଆଦିବାସୀ ଭାଉଣୀଭାଇମାନେ ପାରମ୍ପରିକ ବେଶଭୂଷାରେ ଅତିଥିଙ୍କୁ ସ୍ୱାଗତ କରିବା ସହ ନଗର ପରିକ୍ରମା କରିବେ ବୋଲି ସଭାପତି ହେମରମ୍ ସୂଚନା ଦେଇଛନ୍ତି।



ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକରେ ଉପସ୍ଥିତ ବ୍ୟକ୍ତି।

## ଆଦିବାସୀ ଅଧିକାର କଲ୍ୟାଣ ମଞ୍ଚର ବୈଠକ

ଦେବଗଡ଼,୧୩।୧୧(ସ୍ୱ.ପ୍ର)

ରିଆମାଳ ବ୍ଲକ ଆଡ଼ସ ପଞ୍ଚାୟତ ପଞ୍ଚପାଲି ମୌଜା ହିଲାଙ୍ଗ ଗ୍ରାମଠାରେ ଆଦିବାସୀ ଅଧିକାର କଲ୍ୟାଣ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଛି। ଗୋକୁଳାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମଞ୍ଚ ସଭାପତି ନିରାକର ପ୍ରଧାନ, ଉପସଭାପତି କୃଷ୍ଣଚନ୍ଦ୍ର ଭୋଇ, ସମ୍ପାଦକ ରାମସିଂ ମୁଣ୍ଡା, ଅବନୀ ଦେହୁରୀ, ଲିଙ୍ଗରାଜ ଶବର, ତ୍ରିନାଥ କବାସୀ, ଚକ୍ରଧର ମାଝି ପ୍ରମୁଖ ଯୋଗଦେଇ ବନବାସୀମାନଙ୍କ ଜଙ୍ଗଲଜମି, ଗୋଷ୍ଠୀ ଜଙ୍ଗଲ ଅଧିକାର ଏବଂ ୨୦୦୬ ଜଙ୍ଗଲ ଜମି ଆଇନ ବିଷୟରେ ଆଲୋଚନା କରିଥିଲେ। ବୈଠକରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।



ଆଦିବାସୀ ଅଧିକାର କଲ୍ୟାଣ ମଞ୍ଚର ବୈଠକରେ ଯୋଗଦେଇଥିବା ମହିଳା।

## ଦେବାଶିଷଙ୍କ ଜାମିନ ଆବେଦନ ପୁଣି ଖାରଜ

କେନ୍ଦୁଝର, ୧୩।୧୧(ସ୍ୱ.ପ୍ର.)

ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ଦେବାଶିଷ ପାତ୍ରଙ୍କ ଜାମିନ ଆବେଦନ ମଙ୍ଗଳବାର ପୁଣି ଖାରଜ ହୋଇଯାଇଛି। ଓକିଲଙ୍କ ଆନ୍ଦୋଳନ ଯୋଗୁଁ କେନ୍ଦୁଝର ଜେଲରେ କୋର୍ଟ କ୍ୟାମ୍ପ ଚାଲିଥିବା ବେଳେ ଦେବାଶିଷ ଜାମିନ ଶୁଣାଣି ପାଇଁ ଆବେଦନ କରିଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଦେବାଶିଷ ଜାମିନ ଆବେଦନ କରିଥିଲେ ବୋଲି କୁହାଯାଉଛି। ଫଳରେ ତୃତୀୟ ଥର ପାଇଁ ତାଙ୍କ ଜାମିନ ଆବେଦନ ଖାରଜ ହୋଇଯାଇଛି। ଘଷିପୁରା ଥାନା ଅଞ୍ଚଳରେ ପୋଲିସ ଉପରକୁ ଆକ୍ରମଣ ଘଟଣାରେ ସେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିଲେ । ସେ ବର୍ତ୍ତମାନ କେନ୍ଦୁଝର ଜେଲରେ ଅଛନ୍ତି।

■ ଆବୁଧାବିରେ ରୋଡ୍ ସୋରେ ଉଦ୍‌ବୋଧନ ଦେଲେ ଧର୍ମେନ୍ଦ୍ର

### ଭାରତରେ ପୁଞ୍ଜିନିବେଶରେ ଭାଗିଦାର ପାଇଁ ନିମନ୍ତ୍ରଣ

ଭୁବନେଶ୍ୱର, ୧୩।୧୧(ବ୍ୟୁରୋ)



ଭାରତରେ ପୁଞ୍ଜିନିବେଶ କ୍ଷେତ୍ରରେ ଭାଗୀଦାର ହେବାକୁ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିମନ୍ତ୍ରଣ କରିଛନ୍ତି । ଆବୁଧାବୀରେ ଡିସ୍କଭର୍ଡ ସ୍ମଲ ଫିଲ୍ଡ-୨ ବିଡର ରୋଡ ଶୋ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଧର୍ମେନ୍ଦ୍ର ଏହି ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ଗତ ଚାରିବର୍ଷରେ ଭାରତ ତୈଳ ଓ ଗ୍ୟାସ କ୍ଷେତ୍ରରେ ଖୁବ୍ ପ୍ରଗତି କରିଛି। ତେବେ କୌଣସି ଦେଶ, ଆନ୍ତର୍ଜାତିକ ସଂଗଠନ କିମ୍ବା କମ୍ପାନୀ ବିନା ଭାଗୀଦାରିତାରେ ଏକୁଟିଆ ଖୁବ ଅଧିକ ଆଗକୁ ଯାଇପାରିବ ନାହିଁ। ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ସର୍ବାଧିକ ଶକ୍ତି ଉପଭୋକ୍ତା ଦେଶ । ଭାରତରେ ଗତ ଏକ ଦଶନ୍ଧିରେ ଶକ୍ତି ବ୍ୟବହାରର ୫ପ୍ରତିଶତରୁ ଅଧିକ ବାର୍ଷିକ ବିକାଶ ହାରରେ ବୃଦ୍ଧି ପାଉଛି । ଆଗାମୀ ବର୍ଷମାନଙ୍କରେ ମଧ୍ୟ ଏହା ବାର୍ଷିକ ୪ପ୍ରତିଶତ ହାରରେ ବଢିବାର ଆକଳନ କରାଯାଉଛି। ବର୍ତ୍ତମାନ ଭାରତର ଶକ୍ତି ଚାହିଦା ୨୨୯ ମିଲିୟନ ମେଟ୍ରିକ ଟନ ଥିବା ବେଳେ ୨୦୪୦ବେଳକୁ ଏହା ୬୭୦ ମିଲିୟନ ମେଟ୍ରିକ ଟନ ହେବାକୁ ଯାଉଛି । ଅପଷ୍ଟ୍ରିମ ତୈଳ ଓ ଗ୍ୟାସ କ୍ଷେତ୍ରରେ ଭାରତରେ ଉଜ୍ଜ୍ୱଳ ସମ୍ଭାବନା ରହିଛି । ଏହି କ୍ଷେତ୍ର ପାଇଁ ଭାରତ ସରକାର ଅନେକ ପ୍ରକାର ନୀତିଗତ ସଂସ୍କାର ଆଣିଛନ୍ତି। ତେଣୁ ନିବେଶକମାନେ ଏଥିରେ ସାମିଲ ହେବାକୁ ଧର୍ମେନ୍ଦ୍ର ଆହ୍ୱାନ ଜଣାଇଛନ୍ତି ।

ଭତ୍ତା ବୃଦ୍ଧି, କର୍ମନିଯୁକ୍ତି ଦାବ

## ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଦେବଗଡ଼,୧୩।୧୧(ସ୍ୱ.ପ୍ର)

ସାମାଜିକ ସୁରକ୍ଷା ସହ ଭତ୍ତା ବୃଦ୍ଧି ଦାବ କରିଛି ପ୍ରାଉଟିଷ୍ଟ ବ୍ଲକ ଇଣ୍ଡିଆ (ପିବିଆଇ)। ପିବିଆଇ ଦେବଗଡ ଶାଖା ତରଫରୁ ମଙ୍ଗଳବାର ତିଲେଇବଣି ବ୍ଲକ ଛେପିଲିପାଲି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ୧୫ଶହ ଟଙ୍କାକୁ ଭତ୍ତା ବୃଦ୍ଧି ଓ ବେକାରୀ ଯୁବତୀଯୁବକଙ୍କୁ ସମ୍ବିଧାନର ଅନୁଚ୍ଛେଦ-୩୯ ଅନୁଯାୟୀ କର୍ମନିଯୁକ୍ତି ପ୍ରଦାନ କରିବାକୁ ଦାବି କରାଯାଇଥିଲା। ପରେ ସେମାନେ ଏକ ଶୋଭାଯାତ୍ରାରେ ବାହାରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏ ନେଇ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ସଂଗଠନର ଆନ୍ଦୋଳନ ସଚିବ ଡୋଳାକର ଭୋଇ, ଉପସଭାପତି ରାଜକିଶୋର ସାହୁ, ନିରାକାର ପ୍ରଧାନ, ରାମସିଂ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ଭତ୍ତା ରାଶି ବୃଦ୍ଧି ଓ ବେକାରୀ ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ପ୍ରଦାନ ଦାବିରେ ଛେପିଲିପାଲି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଉଛି।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଭାଜପାର ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ

**ରେଢ଼ାଖୋଲ,୧୩।୧୧(ଡି.ଏନ.ଏ.)-** ରେଢ଼ାଖୋଲ ଭୀମଭୋଇ କଲ୍ୟାଣ ମଣ୍ଡପଠାରେ ଭାଜପାର ଏକ ବିଧାନସଭାସ୍ତରୀୟ କାର୍ଯ୍ୟକର୍ତ୍ତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବରାମ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜିଲାସଭାପତି ରାମଚନ୍ଦ୍ର ମେହେର, ସୀମାଞ୍ଚଳ ଖଟେଇ, ପ୍ରତାପ କୁମାର ପ୍ରଧାନ, ଦେବେନ୍ଦ୍ର ମହାପାତ୍ର, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଜିଲାପରିଷଦ ସଭ୍ୟ ପ୍ରମୋଦ ସାହୁ, ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାରଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରାଜ୍ୟ କମିଟିର ଆହ୍ୱାନ କ୍ରମେ ପ୍ରତି ବୁଥ୍‌ରେ ଜନପରାମର୍ଶ ପଦଯାତ୍ରା ଆୟୋଜନ ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ଏକ ୧୫ ଜଣିଆ ସଞ୍ଚାଳନ ସମିତି ଗଠନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜେନ୍ଦ୍ର ବେହେରା, ଚେରେଙ୍ଗା ଦେହୁରୀ, ସଞ୍ଜୀବ ପ୍ରଧାନ, ଶିବପ୍ରସାଦ ପାନିକରଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ରେଙ୍ଗାଲିରେ ଛଟ୍ ପୂଜା

**ରେଙ୍ଗାଲି,୧୩।୧୧(ଡି.ଏନ.ଏ.)-** ସମ୍ବଲପୁର ଜିଲା ରେଙ୍ଗାଲିଠାରେ ବିହାରି ସମ୍ପ୍ରଦାୟଙ୍କ ପାରମ୍ପରିକ ଛଟ ପୂଜା ମହାଆଡ଼ମ୍ବରରେ ରୀତିନୀତି ଅନୁଯାୟୀ ପାଳିତ ହୋଇଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ରେଙ୍ଗାଲିସ୍ଥିତ ରାମସାଗର ବନ୍ଧରେ ବ୍ରତଧାରୀମାନେ ସୂର୍ଯ୍ୟ ଦେବତାଙ୍କୁ ଜଳଦାନ କରି ପୂଜାର୍ଚ୍ଚନା କରିଥିଲେ। ବୁଧବାର ସକାଳେ ମଧ ସୂର୍ଯ୍ୟପୂଜା କରାଯିବ। ଏଥିରେ ରେଙ୍ଗାଲି ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି ।



ମଙ୍ଗଳବାର ରାତିରେ ସମ୍ବଲପୁର ଆରଣ୍ୟକ ମଞ୍ଚରେ ନାଟକ ପାଷାଣ୍ଡ ପାଳଭୂତର ଦୃଶ୍ୟ ।

### ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ

# ଚତୁର୍ଥ ରଜନୀରେ ପାଷାଣ୍ଡ ପାଳଭୂତ ନାଟକ ମଞ୍ଚସ୍ଥ

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଚତୁର୍ଥ ରଜନୀରେ ନାଟକ ପାସାଣ୍ଡ ପାଳଭୂତ ମଞ୍ଚସ୍ଥ ହୋଇଯାଇଛି । ଝାଡୁଆପଡ଼ା ଆରଣ୍ୟକ ମଞ୍ଚଠାରେ ଡ. ସୁଧାଂଶୁ ଶେଖର ନାୟକଙ୍କ ରଚିତ ଓ ମନୋଜ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ନାଟକରେ ଭୁବନେଶ୍ୱର ମୋନନ୍ ନାଟ୍ୟସଂସ୍ଥାର କଳାକାରମାନେ ଅଭିନୟ କରିଥିଲେ। ବିଭିନ୍ନ ଭୂମିକାରେ ମନୋଜ କୁମାର ପଟ୍ଟନାୟକ, ରାମଚନ୍ଦ୍ର ଭୋଇ, ଅରୁଣ କୁମାର ପଟ୍ଟନାୟକ, ସରୋଜ କୁମାର ପଟ୍ଟନାୟକ, ମୃତ୍ୟୁଞ୍ଜୟ ପଣ୍ଡା, ଆୟଶକାନ୍ତ ସ୍ୱାଇଁ, ଲକ୍ଷ୍ମୀନାରାୟଣ ପଣ୍ଡା, ଲଛମନ୍ ନାୟକ, ଗୁରୁକୃଷ୍ଣ ତରେଇ, ଦୀପକ ରଞ୍ଜନ ମହାରଣା, ରାଜେଶ ବଳବନ୍ତରାୟ, ପ୍ରଦୀପ୍ତ ସ୍ୱାଇଁ, ଦୀପକ କୁମାର ପଣ୍ଡା, ବାଦଲ କର, କଳ୍ପନା ରାଉତ ଓ ସୋନିକା ସାହୁ ଅଭିନୟ କରିଥିଲେ। ମାରିୟସ୍ ପ୍ରଧାନ ସାଜସଜ୍ଜା, ବିକାଶ ପ୍ରଧାନ ଆଲୋକ, ପ୍ରତାପ ଚନ୍ଦ୍ର ରାଉତ ସଙ୍ଗୀତ ଓ ସ୍ମୃତିରଞ୍ଜନ ମହାନ୍ତି ମଞ୍ଚସଜ୍ଜା କରିଥିଲେ। ଏକ ଭୌଗଳିକ ସୀମାରେଖା ପରିବେଷ୍ଟନି ଭିତରେ ଜୀବନଟିଏ ଜୀଉଁଥାଏ। ମଣିଷ ପାଇଁ ସେଠାକାର ବ୍ୟବସ୍ଥାପିକା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗାଇ ଦେଇଥାଏ। ନାଗରିକର ସୁରକ୍ଷା, ସମୃଦ୍ଧି ଓ ସାର୍ବଭୌମର ଅଖଣ୍ଡତା ପାଇଁ ଗଣତନ୍ତ୍ରରେ ବଳିଷ୍ଠ ଭୂମିକା ନିର୍ବାହ କରିଥାଏ ସମ୍ବିଧାନର ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମ । ତେବେ ସବୁ ବ୍ୟବସ୍ଥା ଭିତରେ ନାରୀଟିଏ ଆଜି ସମ୍ପୂର୍ଣ୍ଣ ସୁରକ୍ଷିତ କି ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ଏହି କଥାବସ୍ତୁକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ଆୟୋଜକ ଶ୍ରୀକଲ୍‌ଚରାଲ ଆସୋସିଏଶନ ସଭାପତି ସତ୍ୟନାରାୟଣ ବେହେରାଙ୍କ ପରିଚାଳନାରେ କଳାକାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା। ପୁରୁଣା ମଞ୍ଚ ଅଭିନେତା ତଥା ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

# ବିଶ୍ୱ ଶୌଚାଳୟ ଦିବସରେ ସଚେତନତା କାର୍ଯ୍ୟକ୍ରମ

**ରେଢ଼ାଖୋଲ,୧୩। ୧୧(ଡି.ଏନ.ଏ.)**

ସମ୍ବଲପୁର ଜିଲା ଜଳପରିମଳ ମିଶନ ତରଫରୁ ଚଳିତମାସ ୯ ତାରିଖରୁ ବିଶ୍ୱ ପାଇଖାନା ଦିବସ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି କ୍ରମରେ ମଙ୍ଗଳବାର ରେଢ଼ାଖୋଲ ବ୍ଲକର ତ୍ରିବଣପୁର ଓ ବଡ଼ବାହାଲ ଗ୍ରାମପଞ୍ଚାୟତରେ ସୁସ୍ଥ ଓଡ଼ିଶା, ସ୍ୱଚ୍ଛ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ସ୍କୁଲ ଛାତ୍ରୀଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ପଞ୍ଚାୟତ ଜନପ୍ରତିନିଧି, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ନେଇ ସଚେତନତା ଶୋଭାଯାତ୍ରା କରାଯାଇଥିଲା। ବିଡିଓ ପରିକ୍ଷିତ ସାହୁ, ଜିପିଇଓ ପଞ୍ଚାନନ ବେହେରା, କନିଷ୍ଠ ଯନ୍ତ୍ରୀ ବନ୍ଦିତା ପ୍ରିୟଦର୍ଶନୀ ସାମଲ, ବ୍ଲକ ସଂଯୋଜକ ବାସୁଦେବ ପୃଷେଠ, କ୍ଲଷ୍ଟର ସଂଯୋଜକ ଖେଲାନିଧି ପ୍ରଧାନ, ବିଜୁ ଯୁବ ବାହିନୀ ସଂଯୋଜକ ଭକ୍ତ ଚରଣ ବେହେରା, ସମିତି ସଭ୍ୟ ସୁଶାନ୍ତ ପ୍ରଧାନ, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।




ବିଶ୍ୱ ଶୌଚାଳୟ ଦିବସ ଅବସରରେ ବାହାରିଥିବା ସଚେତନତା ରାଲି।

# ପ୍ରାଣୀଧନ ଗଣନା କର୍ମଶାଳା

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ସମ୍ବଲପୁର ଡିଆରଡିଏ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପ୍ରାଣୀଧନ ଗଣନା ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ପ୍ରଣୀଧନ ଚିକିତ୍ସା ଅଧିକାରୀ ନବୀନ ମିଶ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଶିକ୍ଷକ ଭାବେ ଡାକ୍ତର କ୍ଷିରୋଦଚନ୍ଦ୍ର ପଟେଲ, ଡାକ୍ତର ଅକାଶ ମିଶ୍ର, ଅକାଶ ଶତପଥୀ ଯୋଗ ଦେଇଥିଲେ । ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପିଡି ସୁକାନ୍ତ ତ୍ରିପାଠି ଯୋଗଦେଇ ସମାଜରେ ପ୍ରାଣୀ ସମ୍ପଦ ଗୁରୁତ୍ୱ ଉପରେ କହିଥିଲେ । ୩ ମାସ ଧରି ସମଗ୍ର ଦେଶରେ ଏହି ଗଣନା କାର୍ଯ୍ୟକ୍ରମ କରାଯିବ । ଯୁଗ୍ମନିର୍ଦ୍ଦେଶକ ଡାକ୍ତର ପ୍ରଦୀପ କୁମାର ସିଂ ଯୋଗ ଦେଇଥିଲେ । ଡାକ୍ତର କେଶବ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟପକ୍ଷେ ଏହି ଅବସରରେ ବିଶ୍ୱ ପାଇଖାନା ଦିବସ ପାଳନ କରାଯାଇଥିଲା। ଗ୍ରାମୀଣ ଜଳଯୋଗାଣ ସଂସ୍ଥା ଜିଲା ସଂଯୋଜକ ଲିଙ୍ଗରାଜ ଦାଶ ସ୍ୱଚ୍ଛତା ଉପରେ ସଚେତନ କରିଥିଲେ ।

# ଠିକା କାମ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

**ସମ୍ବଲପୁର/ବୁର୍ଲା, ୧୩।୧୧(ବ୍ୟୁରୋ/ଡି.ଏନ.ଏ.)**

- ଥାନାରେ ମାମଲା, ଜଣେ ଗିରଫ
- ଉଭୟପକ୍ଷଙ୍କୁ ପଚରାଉଚୁରା

ସମ୍ବଲପୁର ଜିଲାରେ ଠିକା କାମକୁ ନେଇ ପୁଣି ବିଜେଡ଼ିର ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଧନକଉଡ଼ା ବ୍ଲକ ଜୋନ-୨ କଳାମାଟି ପଞ୍ଚାୟତ ଗିନ୍ଦିଲାପାଲିରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅନୁଦାନରେ ରାସ୍ତାରେ କଂକ୍ରିଟ କାର୍ଯ୍ୟ ଚାଲିଥିବା ସମୟରେ ରେଙ୍ଗାଲି ବିଧାୟକଙ୍କ ଧନକଉଡ଼ା ବ୍ଲକ୍ ପ୍ରତିନିଧି ଅନିଲ ଭୋଇ ଓ ଅନ୍ୟ ଗୋଷ୍ଠୀର ଗୋଲକ ଦେବତାଙ୍କ ମଧ୍ୟରେ ମାର୍‌ପିଟ୍ ହୋଇଛି। ଚିପଲିମା ଫାଣ୍ଡିରେ ଏ ନେଇ ଅଭିଯୋଗ ହେବାପରେ ଉଭୟ ଗୋଷ୍ଠୀର ଶତାଧିକ କର୍ମୀ ସେଠାରେ ପହଞ୍ଚିଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ଅନିଲ ଓ ଗୋଲକଙ୍କୁ ବୁର୍ଲା ଥାନାକୁ ନେଇଯାଇ ପଚରାଉଚୁରା କରିଥିଲା। ଗୋଲକଙ୍କ ଅଭିଯୋଗ କ୍ରମେ ବିଧାୟକଙ୍କ ପ୍ରତିନିଧି ଅନିଲ କାମ ବାବଦରେ ୧୦ ହଜାର ଟଙ୍କା ଦାବି କରିଥିଲେ। ନଚେତ୍ କାମ ବନ୍ଦ କରି ଦିଅ, ଆମ ପିଲା କାମ କରିବେ ବୋଲି କହ ମାର୍‌ପିଟ୍ କରିଥିଲେ। ଅନ୍ୟପଟେ, ବିଧାୟକଙ୍କ ପ୍ରତିନିଧି ଭାବେ ସେହି ଗ୍ରାମ ଦେଇ ଯାଉଥିଲାବେଳେ କାର୍ଯ୍ୟସ୍ଥଳକୁ ଯାଇଥିଲି। ସେଠାରେ ସୂଚନାଫଳକ ନ ଥିବା ଦେଖି କେଉଁ ଅନୁଦାନରୁ କାମ ଚାଲିଛି ବୋଲି ପଚାରିବାରେ ଗୋଲକ ଏବଂ ତାଙ୍କ ସମର୍ଥକମାନେ ମୋତେ ମାର୍‌ପିଟ କରିବା ସହ ମୋର ମୋବାଇଲ ଫୋନ ଭାଙ୍ଗି ଦେଇଥିଲେ ବୋଲି ଅନିଲ୍ ଅଭିଯୋଗ କରିଥିବା ବୁର୍ଲା ଥାନା ଅଧିକାରୀ ମାନସ ରଞ୍ଜନ ପ୍ରଧାନ କହିଛନ୍ତି। ତେବେ ଏହି ଘଟଣାରେ ଅନିଲ୍ ଭୋଇଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ବୁର୍ଲା ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି। ବିଡିଓ ସରୋଜ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରେ ସେ ଘଟଣା ବିଷୟରେ ଜାଣି ନଥିବା କହିଥିଲେ।

# ଡିଏଭି ପବ୍ଲିକ ସ୍କୁଲରେ ବିବିଧ କାର୍ଯ୍ୟକ୍ରମ

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ଡିଏଭି ପବ୍ଲିକ ସ୍କୁଲର ବିବିଧ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ଆନନ୍ଦବିହାର ସ୍କୁଲ ପରିସରରେ ସର୍ତକତା ଉତ୍ସବ, କଳା, ସାହିତ୍ୟ ଓ ବିଜ୍ଞାନ ପ୍ରଦର୍ଶନୀ ହୋଇଥିଲା । ସ୍କୁଲ ଅଧ୍ୟକ୍ଷା ରଶ୍ମି ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ଏମସିଏଲ୍ ମୁଖ୍ୟ ସର୍ତକତା ଅଧିକାରୀ ମୁନଓ୍ୱର ଖୁର୍ସିଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ସାଧୁତା, ସ୍ୱଚ୍ଛତା ଓ ସର୍ତକତା ପ୍ରତି ଗୁରୁତ୍ୱାରୋପ କରିଥିଲେ। କଲ୍ୟାଣ ବିଭାଗ ଜିଏମ୍ ଡିକେ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା।



ମଙ୍ଗଳବାର ବୁର୍ଲା ଡିଏମଭି ପବ୍ଲିକ ସ୍କୁଲ ପରିସରରେ ମୁଖ୍ୟଅତିଥି ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

# ସିଏସ କଲୋନୀ ନୋଡାଲ ହାଇସ୍କୁଲର କ୍ରୀଡ଼ା ଉତ୍ସବ

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

କମିଶନର୍ସ କଲୋନୀ (ସିଏସ) ନୋଡାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଚିନ୍ମୟୀ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। କ୍ରୀଡ଼ା ସଙ୍ଗଠକ ବିଶ୍ୱମ୍ଭର ବହିଦାର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଖେଳ ଶିକ୍ଷକ ରମଣୀରଞ୍ଜନ ସାହୁ, ଶିକ୍ଷୟତ୍ରୀ, ଶିକ୍ଷକ ଏବଂ କର୍ମଚାରୀମାନେ ଇଭେଣ୍ଟ ପରିଚାଳନା କରିଥିଲେ। ଜୁନିୟର ବିଭାଗରେ ରଞ୍ଜିତ ଓରାମ ଓ ସିନିୟର ବିଭାଗରେ ହେମନ୍ତ ଧରୁଆଙ୍କୁ ଚାମ୍ପିୟନ ଟ୍ରଫି ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷୟିତ୍ରୀ ବିନତି ମିଶ୍ର ଧନ୍ୟବାଦ ଦେଇଥିଲେ।

### ଜେଲରୁ ଜାମିନ ଦରଖାସ୍ତ ପାଇଁ ଅର୍ଥ ଦାବି ଘଟଣା

# ତଦନ୍ତ କଲେ ବିଚାରପତି

**ରେଢ଼ାଖୋଲ,୧୩।୧୧ (ଡି.ଏନ.ଏ.)**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ସ୍ଥାପନ ଦାବିରେ ଗତ ସେପ୍ଟେମ୍ବର ୬ ତାରିଖରୁ ରେଢ଼ାଖୋଲ ଓକିଲସଂଘ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଏଥିଯୋଗୁ ବିଭିନ୍ନ ଥାନାରୁ ଗିରଫ ହୋଇ ଆସୁଥିବା ଅଭିଯୁକ୍ତମାନେ ଜାମିନ ଆବେଦନ କରି ନ ପାରି ଜେଲ୍ ହାଜତକୁ ଯାଉଥିଲେ। ଏ ନେଇ ଅକ୍ଟୋବର ୨୯ ତାରିଖରେ କ୍ୟାମ୍ପ୍ କୋର୍ଟ ଆରମ୍ଭ ହୋଇଥିଲା। ତେବେ ଏହା ପୂର୍ବରୁ ପ୍ରାୟ ୫୦ ଅଭିଯୁକ୍ତ ଜାମିନରେ ମୁକୁଳିଥିଲେ। ଜେଲ ଭିତରୁ ଜାମିନ ଦରଖାସ୍ତ କୋର୍ଟକୁ ପଠାଇବା ପାଇଁ ଅର୍ଥ ଦାବି କରାଯାଉଥିବା ଅଭିଯୁକ୍ତଙ୍କ ସମ୍ପର୍କୀୟ ଓ ଓକିଲମାନଙ୍କ ପକ୍ଷରୁ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ଅଭିଯୋଗ ହୋଇଥିଲା। ଗତ ଅକ୍ଟୋବର ୨୮ ତାରିଖରେ ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ମଙ୍ଗଳବାର ସବଜଜ୍ ବାସୁଦେବ ଆଚାର୍ଯ୍ୟ, ଏସ୍‌ଡିଜେଏମ୍ ଅପୂର୍ବା ଚୌଧୁରୀ ରେଢ଼ାଖୋଲ ସବ୍ ଜେଲ୍‌କୁ ଯାଇ ଅଭିଯୋଗ ଉପରେ ତଦନ୍ତ କରିଥିବା ଜଣାପଡ଼ିଛି। ତେବେ କ୍ୟାମ୍ପ୍ କୋର୍ଟ ଆରମ୍ଭ ହେବା ପୂର୍ବରୁ ଗତ ସେପ୍ଟେମ୍ବର ୬ରୁ ଜାମିନରେ ମୁକୁଳି ଥିବା ଅଭିଯୁକ୍ତ ଓ ସେମାନଙ୍କ ସମ୍ପର୍କୀୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ଏଠାରେ ସୂଚନାଯୋଗ୍ୟ, ଖୋଦ୍ ସବ୍ ଜେଲର ମାମଲାକୁ ଦେଖି ଜାମିନ ଦରଖାସ୍ତ କୋର୍ଟକୁ ପଠାଇବା ପାଇଁ ୮ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ଦାବି କରୁଥିବା ଅଭିଯୋଗ ହୋଇଥିଲା। ସବ୍ ଜେଲର କିନ୍ତୁ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଥିଲେ।

# ଡୁମେସିଂହାରେ ମାଗଣା ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,୧୩।୧୧(ବ୍ୟୁରୋ)**

ଡା. ବିପି ମିଶ୍ର ସ୍ମୃତି କମିଟି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ମଙ୍ଗଳବାର ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଡୁମେସିଂହାଠାରେ ଅନୁଷ୍ଠିତ ହୋଇଯାଇଛି। ଡା. ଅରୁଣ ଡାଲମିଆ, ଡା. ତନୁଜ ମିଶ୍ର ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଡୁମେସିଂହା, ତକବା ଓ ପୁଟିବନ୍ଧ ଅଞ୍ଚଳର ପ୍ରାୟ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦିଆଯାଇଛି। ସ୍ମୃତି କମିଟି ସମ୍ପାଦକ ପ୍ରଫୁଲ୍ଲ ହୋତା, ସହସମ୍ପାଦକ ଚକ୍ରଧର ମିଶ୍ର, କୋଷାଧ୍ୟକ୍ଷ ଉଦ୍ଧବ ଚରଣ ମହାପାତ୍ର ଓ କମିଟି ସଭ୍ୟମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।




ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଡୁମେସିଂହାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ।

# ଭଞ୍ଜିପାଲି ଛକରେ ଟ୍ରାକ୍ଟର ଦୁର୍ଘଟଣା, ଜଣେ ମୃତ, ୨ ଗୁରୁତର

**ଧମା,୧୩।୧୧(ଡି.ଏନ.ଏ.)**

ଧମା ଥାନା ଅନ୍ତର୍ଗତ ଧମାରୁ ଡକରା ରାସ୍ତାର ଭଞ୍ଜିପାଲି ଛକରେ ଓଡି ୧୫ ଜି- ୨୯୯୦ ନମ୍ବର ବିଶିଷ୍ଟ ଏକ ଟ୍ରାକ୍ଟର ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଶ୍ରମିକ ମୃତ ଓ ୨ ଗୁରୁତର ଆହତ ହୋଇଛନ୍ତି। ମୃତକଜଣକ ହେଲେ ସୁବନପୁର ନିକଟ ତେଲିବେର୍ଣ୍ଣା ଗ୍ରାମର ଜିତେନ ପଧାନ (୨୦)। ଆହତମାନେ ସେହିଗ୍ରାମର ବୁଲୁ ଟିଠେଇ ଏବଂ ଜ୍ଞାନ ଖଡିଆ ବୋଲି ଜଣାପଡ଼ିଛି। ଟ୍ରାକ୍ଟରଟି ଧାନ କଢ଼େଇବା ପାଇଁ ସୁବନପୁର ଗ୍ରାମରୁ ଯାଇ ଫେରିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଆହତଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନା ପଠାଇଥିଲା। ଏ ନେଇ ଥାନାରେ ଏକ ଦୁର୍ଘଟଣା ମାମଲା (ନଂ.୧୭୩/୧୮) ରୁଜୁ ହୋଇଛି। ଟ୍ରକ ଡ୍ରାଇଭର ଫେରାର୍ ଅଛନ୍ତି।

# ନବଜାତ ଶିଶୁପୁତ୍ରର ମୃତଦେହ ଉଦ୍ଧାର

**ବାମରା,୧୩।୧୧(ସ୍ୱ.ପ୍ର.)**

ବାମରା ନିକଟ ଧାରୁଆଡ଼ିହି ଓ ବାଗଡିହି ରେଳଷ୍ଟେଶନ ମଧ ରେଳ ଲାଇନରୁ ନବଜାତ ଶିଶୁପୁତ୍ରଙ୍କ ମୃତଦେହ ବାମରା ଜିଆରପି ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ଷ୍ଟେଶନରେ ଡ୍ୟୁଟି କରୁଥିବା ଟ୍ରାକ୍‌ମ୍ୟାନ ମୃତଦେହକୁ ଠାବ କରିଥିଲେ। ମହିଳା ପୋଷାକରେ ନବଜାତ ଶିଶୁଟି ବନ୍ଧା ହୋଇ ପଡ଼ିଥିବା ଦେଖି ବାଗଡ଼ିହି ଷ୍ଟେଶନମାଷ୍ଟରଙ୍କୁ ଖବର ଦେଇଥିଲେ। ବାମରା ରେଳବାଇ ପୋଲିସ ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଝାରସୁଗୁଡା ଡାକ୍ତରଖାନାକୁ ପଠାଇଛନ୍ତି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪୬/୧୮) ରୁଜୁ ହୋଇଛି।

# ମହିଳାଙ୍କୁ ଅସଦାଚରଣ, ଜେଲ୍ ଗଲେ ଯୁବକ

**ବାମରା,୧୩।୧୧(ସ୍ୱ.ପ୍ର.)**

ଗୋବିନ୍ଦପୁର ଥାନା ଅନ୍ତର୍ଗତ ମହୁଲଛାପଳ ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ ଅଭିଯୋଗରେ ଗୋବିନ୍ଦପୁର ପୋଲିସ ଅଭିଯୁକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗଡ଼ପୋଷ ଫାଣ୍ଡିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଗ୍ରାମର ମମତା ନାଏକ ରବିବାର ରାତିରେ ଘରେ ଏକୁଟିଆ ଶୋଇଥିବା ବେଳେ ପ୍ରମାଣପୁର ନୂଆପଡ଼ାର ସୁରେଶ ନାଏକ ଘର ମଧ୍ୟକୁ ପଶି ତାଙ୍କୁ ଅସଦାଚରଣ କରିବା ସହ ମାର୍‌ପିଟ କରିଥିଲେ। ଏ ନେଇ ଗୋବିନ୍ଦପୁର ଥାନାରେ କେସ ନଂ. ୧୮୭/୧୮ ଦଫା ୩୫୪ (ଏ), ୪୫୭, ୨୯୪ ଓ ୫୦୬ ଆଇପିସିରେ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

# ଛଟ ପର୍ବ ପାଇଁ ବାମରା ଚଳଚଞ୍ଚଳ

**ବାମରା,୧୩।୧୧(ସ୍ୱ.ପ୍ର.)**

ସମ୍ବଲପୁର ଜିଲା ବାମରାଠାରେ ଛଟ ପର୍ବ ମହାସମାରୋହରେ ପାଳିତ ହୋଇଯାଇଛି। ମଙ୍ଗଳବାର ଅସ୍ତଗାମୀ ସୂର୍ଯ୍ୟଙ୍କୁ ବ୍ରତଧାରୀମାନେ ଅର୍ଘ୍ୟ ଦେଇଥିଲେ । ଗତ ରବିବାରରୁ ଆରମ୍ଭ ହୋଇଥିବା ଉତ୍ସବ କାର୍ଯ୍ୟକ୍ରମର ପ୍ରଥମ ଦିନ ନାହାୟ ଖାୟ, ସୋମବାର ଖରନା ଓ ମଙ୍ଗଳବାର ପ୍ରଥମ ଅର୍ଘ୍ୟ ପ୍ରଦାନ କରାଯାଇଛି । ଏହି ଅବସରରେ ଉତ୍ତର ଭାରତୀୟ ମହିଳାମାନେ ସ୍ଥାନୀୟ ରାଜାବନ୍ଧଠାରେ ଏକଜୁଟ ହୋଇ ପୂଜାର୍ଚ୍ଚନା କରିଥିଲେ। ପୁରୁଷମାନେ ଘରୁ ପୂଜା ସାମଗ୍ରୀ (ଦେଉରା) ମୁଣ୍ଡରେ ବୋଝେଇ କରି ବନ୍ଧ ପର୍ଯ୍ୟନ୍ତ ଯାଇଥିଲେ। ବୁଧବାର ସକାଳେ ଉଦୟମାନ ସୂର୍ଯ୍ୟଙ୍କୁ ଦ୍ୱିତୀୟ ଅର୍ଘ୍ୟ ପ୍ରଦାନ ପରେ ଛଟ ପର୍ବ ସମ୍ପୂର୍ଣ୍ଣ ହେବ। ଏହି ଅବସରରେ ବାମରା ଅଞ୍ଚଳ ଉତ୍ସବମୁଖର ପାଲଟିଛି।

## ଫଟୋରେ ଖବର






ସୋମବାର ସମ୍ବଲପୁର ମହାନଦୀ ଦ୍ୱିତୀୟ ସେତୁ ପାର୍ଶ୍ୱ ବଗିଚାରେ ଘାସ ଲଗାଯାଉଛି (ବାମ) । ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍ ଦ୍ୱାରା ଆୟୋଜିତ ଦୀପାବଳି ମିଳନ କାର୍ଯ୍ୟକ୍ରମରେ ଅତିଥି ଓ କର୍ମକର୍ତ୍ତାମାନେ ।

# ସ୍ୱାସ୍ଥ୍ୟସେବା ପାଇଁ 'ଭିଜନ ୨୦୨୫'

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଓଡ଼ିଶାରେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବା ଯୋଗାଇଦେବାକୁ ଗୁରୁତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଛି 'ଭିଜନ୍ ୨୦୨୫' ଆକ୍ସନ ପ୍ଲାନ୍। ପ୍ରାଥମିକ ସ୍ତରରେ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ସହ କ୍ୟାନ୍ସର ଏବଂ କାର୍ଡିଆକ୍ କେୟାର କ୍ଷେତ୍ରରେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ମୋଟ ୨୭୫୦ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବାକୁ ରାଜ୍ୟ ସରକାର ଟାର୍ଗେଟ ରଖିଥିବା ବେଳେ ଆଗାମୀ ୨ରୁ ୩ବର୍ଷ ମଧ୍ୟରେ ଏହା କାର୍ଯ୍ୟକ୍ଷମ ହେବ। ଏ ନେଇ ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ମଙ୍ଗଳବାର ତୃତୀୟ ଦିବସରେ ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିକ୍ରମେ ରାଜ୍ୟ ସରକାର ଓଡ଼ିଶାର ୨୫ଟି ସ୍ଥାନରେ ସୁଲଭ ସ୍ୱାସ୍ଥ୍ୟସେବା ପ୍ରୋଜେକ୍ଟ ଆରମ୍ଭ କରିବେ। ଏଥିପାଇଁ ରାଜ୍ୟରେ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୨୫ଟି ନୂଆ ହସ୍ପିଟାଲ ପ୍ରତିଷ୍ଠା କରାଯିବ। ଭୁବନେଶ୍ୱର, ପୁରୀ, କଟକ, ସମ୍ବଲପୁର ଭଳି ପ୍ରମୁଖ ସହରକୁ ଛାଡ଼ି ଆଭ୍ୟନ୍ତରୀଣ ଜିଲାଗୁଡ଼ିକରେ ଏହି ହସ୍ପିଟାଲ ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇଦେବ। ଏଥିଲାଗି ୧୩୦୦ କୋଟିର ପୁଞ୍ଜିବିନିଯୋଗ ଲକ୍ଷ୍ୟ ରଖାଯାଇଥିବା ବେଳେ ପିପିପି ମୋଡରେ ଏହା କରାଯିବ। ସେହିଭଳି ନବରଙ୍ଗପୁର ଜିଲାରେ ୧୬ଟି ଡିଜିଟାଲ ଡିସ୍‌ପେନ୍‌ସରୀ ପ୍ରତିଷ୍ଠା ପରେ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଆହୁରି ୧୦୨ଟି ଡିଜିଟାଲ ଡିସ୍‌ପେନ୍‌ସରୀ ସ୍ଥାପନ କରାଯିବ। ଆଭ୍ୟନ୍ତରୀଣ ଅଞ୍ଚଳର ଲୋକଙ୍କ ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ଲାଗି ରାଜ୍ୟ ସରକାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଏହି ଅତ୍ୟାଧୁନିକ ପଦ୍ଧତି ଆପଣାଇବେ। ଏଥିପାଇଁ ମୋଟ ୯୦କୋଟିର ପୁଞ୍ଜିନିବେଶ ଟାର୍ଗେଟ ରଖିଛନ୍ତି ରାଜ୍ୟ ସରକାର। ରାଜ୍ୟର ପ୍ରତି ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ, ଆଚାର୍ଯ୍ୟ ହରିହର କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ, କଟକ ଶିଶୁଭବନ ଏବଂ କ୍ୟାପିଟାଲ ହସ୍ପିଟାଲରେ ଅତ୍ୟାଧୁନିକ ଡାଇଗ୍ନୋସିସ୍ ଓ ଡାଇଲିସିସ୍ ସେବା ଯୋଗାଇ ଦିଆଯିବ। ଏଥିଲାଗି ରାଜ୍ୟ ସରକାର ୭୦୦ କୋଟିର ପୁଞ୍ଜିବିନିଯୋଗ କରିବେ। ସେହିଭଳି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରୋଗୀଙ୍କୁ କ୍ୟାସ୍‌ଲେଶ୍ ସେବା ଯୋଗାଇଦେବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେବେ। ସ୍ୱାସ୍ଥ୍ୟସେବାର ଭିତ୍ତିଭୂମି ସଜଡ଼ାଯିବା ସହ ରୋଗୀଙ୍କୁ ଯେପରି ସମସ୍ତ ପ୍ରକାର ସହଯୋଗ ମିଳିପାରିବ, ତାହାକୁ ପ୍ରାଥମିକତା ଦିଆଯିବ ବୋଲି ମନ୍ତ୍ରୀ ଜେନା କହିଛନ୍ତି।

- ୨୭୫୦ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ
- ରାଜ୍ୟରେ ପ୍ରତିଷ୍ଠା ହେବ ୧୦୦ରୁ ୨୦୦ ଶଯ୍ୟା ବିଶିଷ୍ଟ ୨୫ଟି ନୂଆ ହସ୍ପିଟାଲ
- ଆଭ୍ୟନ୍ତରୀଣ ଜିଲାଗୁଡ଼ିକର ଲୋକେ ପାଇବେ ଉନ୍ନତ ସ୍ୱାସ୍ଥ୍ୟସେବା

## ଝାରସୁଗୁଡ଼ାରେ ହେବ କାର୍ଡିଆକ୍ କେୟାର ହସ୍ପିଟାଲ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ଝାରସୁଗୁଡ଼ାରେ ୭୦କୋଟି ଟଙ୍କା ବିନିଯୋଗରେ ଏକ କାର୍ଡିଆକ୍ କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। କେବଳ କାର୍ଡିଆକ୍ କେୟାର ଉପରେ ପ୍ରଥମଥର ପାଇଁ ପଶ୍ଚିମ ଓଡ଼ିଶାରେ ଏଭଳି ଏକ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର। ଏଥିପାଇଁ କେୟାର ହସ୍ପିଟାଲ ସହ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ସୂଚନା ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ। ସେହିଭଳି ବମ୍ବେର ଟାଟା ମେମୋରିଆଲ ହସ୍ପିଟାଲ ଢାଞ୍ଚାରେ ଭୁବନେଶ୍ୱର ନିକଟରେ ଏକ ଅତ୍ୟାଧୁନିକ କ୍ୟାନ୍‌ସର କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। ଟାଟା ଟ୍ରଷ୍ଟ ସହ ମିଳିତଭାବେ ରାଜ୍ୟ ସରକାର ଏହି ପ୍ରୋଜେକ୍ଟ କରିବେ। ଏହାସହ ସ୍ପୋକ୍ ଏବଂ ହବ୍ ମଡେଲରେ ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ କର୍କଟ ରୋଗ ପାଇଁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ପ୍ରଥମଥର ପାଇଁ ୧୫ଟି ଜିଲାରେ ରେଡିଓଥେରାପି ବ୍ୟବସ୍ଥା ରାଜ୍ୟ ସରକାର ଯୋଗାଇଦେବେ। ଏଥିପାଇଁ ୬୦୦ କୋଟିର ପୁଞ୍ଜିବିନିଯୋଗ ହେବାକୁ ଥିବା ବେଳେ ଟାଟା ଟ୍ରଷ୍ଟ ସହ ଏଥିପାଇଁ ଏମ୍‌ଓୟୁ ସ୍ୱାକ୍ଷର କରାଯାଇଥିବା ସୂଚନା ମିଳିଛି। ଏହାସହ ରାଜ୍ୟର ବିଭିନ୍ନ ଅଞ୍ଚଳରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ୍ୟରୁ କେତେକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛି ଆପୋଲୋ ହସ୍ପିଟାଲ ଗ୍ରୁପ୍। ମାତ୍ର ଏ ନେଇ ଏ ପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇ ନ ଥିବା ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ତେବେ ବିଭିନ୍ନ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ବିଆର୍ ଲାଇଫ୍‌ର ଚେୟାରମ୍ୟାନ୍ ଡ. ବି.ଆର୍ ସେଟ୍ଟୀ, ମେଡିକା ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ଚେୟାରମ୍ୟାନ୍ ଡ. ଆଲୋକ ରୟ, ଟାଟା ଟ୍ରଷ୍ଟର ଡ. ହରିଶ କ୍ରିଷ୍ଣାସ୍ୱାମୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

- ୧୫ ଜିଲାରେ ରେଡିଓଥେରାପି ବ୍ୟବସ୍ଥା
- ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଧିଗ୍ରହଣ କରିବାକୁ ଆପୋଲୋର ପ୍ରସ୍ତାବ



ଅନ୍ତର୍ଜାତୀୟ ଫ୍ୟାଶନ ଡିଜାଇନର୍ ବିଭୁ ମହାପାତ୍ର(ଡାହାଣ)ଙ୍କ ସହ ଆଲୋଚନାରତ ଓଡ଼ିଶା ସ୍କିଲ୍ ଡେଭ୍‌ଲପ୍‌ମେଣ୍ଟ ଅଥରିଟି ଚେୟାରମ୍ୟାନ୍ ସୁବ୍ରତ ବାଗ୍‌ଚୀ।

# ୫୦% ଖଣିଜ ସମ୍ପଦକୁ ବିନିଯୋଗ କରିବ ରାଜ୍ୟ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରିକୁ ଫୋକସ୍‌ରେ ରଖି ଓଡ଼ିଶା ସରକାର ପ୍ରସ୍ତୁତ କରିଛନ୍ତି 'ଭିଜନ ୨୦୩୦'। ଆଲୁମିନିୟମ୍, ଷ୍ଟିଲ୍, ଷ୍ଟେନ୍‌ଲେସ୍ ଷ୍ଟିଲ୍ ଭଳି ସେକ୍ଟରରେ ଅଧିକରୁ ଅଧିକ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା କରି ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସରକାର ଟାର୍ଗେଟ୍ ରଖିଛନ୍ତି। କେବଳ ସେତିକି ନୁହେଁ, ରାଜ୍ୟ ଉତ୍ପାଦନ କରୁଥିବା ଖଣିଜ ସମ୍ପଦକୁ ଏଣିକି ବାହାରକୁ ନ ପଠାଇ ନିଜେ ବିନିଯୋଗ କରିବାକୁ ସ୍ଥିର କରିଛନ୍ତି ରାଜ୍ୟ ସରକାର। ଓଡ଼ିଶା ନିଜର ୫୦ ପ୍ରତିଶତ ଖଣିଜ ଦ୍ରବ୍ୟକୁ ଫିନିଶିଂ ପ୍ରଡକ୍ଟରେ ପରିଣତ କରି ବିକ୍ରି କରିବ। ଆଗରୁ କଞ୍ଚାମାଲ୍‌କୁ ଶସ୍ତାରେ ବିକ୍ରି କରୁଥିବା ଓଡ଼ିଶା ଏହାଦ୍ୱାରା ବିଶେଷ ଲାଭବାନ ହେବ ବୋଲି ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଏବଂ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା କହିଛନ୍ତି।

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍' ଅବସରରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛନ୍ତି ଓଡ଼ିଶା ସରକାର। କେବଳ ଡାଉନ୍‌ଷ୍ଟ୍ରିମ୍ ନୁହେଁ, ଏରୋସ୍ପେସ୍ ଓ ଡିଫେନ୍ସ ମ୍ୟାନୁଫାକ୍ଚରିଂ କ୍ଷେତ୍ରରେ ମଧ୍ୟ ଅଧିକରୁ ଅଧିକ ପୁଞ୍ଜିନିବେଶ ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ଆହ୍ୱାନ କରାଯାଇଛି। ଖଣିଜ ସମ୍ପଦ ଉତ୍ପାଦନରେ ଓଡ଼ିଶା ଦେଶର ୧୪ ପ୍ରତିଶତ ଭାଗୀଦାରି ଥିବା ବେଳେ ରାଜ୍ୟକୁ ଦକ୍ଷିଣ ଏସିଆର ଆଲୁମିନିୟମ୍ କ୍ୟାପିଟାଲ ବୋଲି କୁହାଯାଉଛି, ଯେଉଁଥିପାଇଁ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ମାଧ୍ୟମରେ ନିଜ ଖଣିଜ ସମ୍ପଦକୁ ନିଜେ ବିନିଯୋଗ କରିବାକୁ ଯୋଜନା କରାଯାଇଛି। କଳିଙ୍ଗନଗର ନ୍ୟାଶନାଲ ଇନ୍‌ଭେଷ୍ଟମେଣ୍ଟ ମ୍ୟାନୁଫାକ୍ଚରିଂ ଜୋନ୍ ରାଜ୍ୟର ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ହବ୍‌ରେ ପରିବର୍ତ୍ତନ ହୋଇଥିବା ବେଳେ ଅନୁଗୋଳ ଆଲୁମିନିୟମ୍ ପାର୍କ ଏକ ମାଇଲଷ୍ଟୋନ୍ ପ୍ରତିଷ୍ଠା କରିଛି। ସେହିଭଳି ଖୁବ୍‌ଶୀଘ୍ର ଅନୁଗୋଳରେ ଆଉ ଏକ ପ୍ରାଇଭେଟ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ, ଝାରସୁଗୁଡ଼ାରେ ଆଲୁମିନିୟମ୍ ଇଣ୍ଡଷ୍ଟ୍ରିଆଲ ପାର୍କ ଏବଂ କଳିଙ୍ଗନଗରରେ ଷ୍ଟେନ୍‌ଲେସ୍ ଷ୍ଟିଲ୍ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ହେବ ବୋଲି ରାଜ୍ୟ ସରକାର ଘୋଷଣା କରିଛନ୍ତି। ଏହାବ୍ୟତୀତ ଏରୋସ୍ପେସ୍ ଏବଂ ଡିଫେନ୍ସ ଇଣ୍ଡଷ୍ଟ୍ରି ପାଇଁ ଆବଶ୍ୟକ କଞ୍ଚାମାଲ୍ ସହ ସମସ୍ତ ପ୍ରକାର ସୁବିଧା ସୁଯୋଗ ଓଡ଼ିଶାରେ ରହିଥିବାରୁ ନିକଟରେ ସରକାର ଏରୋସ୍ପେସ୍ ଆଣ୍ଡ ଡିଫେନ୍ସ ମ୍ୟାନୁଫ୍ୟାକ୍ଚରିଂ ପଲିସି ୨୦୧୮ ପ୍ରସ୍ତୁତ କରିଛନ୍ତି। ଆକର୍ଷଣୀୟ ସବ୍‌ସିଡି ବ୍ୟବସ୍ଥା ରହିଥିବାରୁ ଏଥିପ୍ରତି ନିବେଶକ ଆକୃଷ୍ଟ ହେବେ ବୋଲି ସଞ୍ଜୀବ ଚୋପ୍ରା ଏହି ଅବସରରେ କହିଥିଲେ। ଅନ୍ୟପକ୍ଷରେ ବିଏମ୍‌ଇଏଲ୍ ଓ ଆଇଟିଇଆର୍ ମିଳିତଭାବେ ୨୦୧୯ ଜାନୁୟାରୀରେ ଭୁବନେଶ୍ୱରରେ ଏରୋସ୍ପେସ୍ ଏବଂ ଡିଫେନ୍ସ ଏମ୍‌ଏସ୍‌ଏମ୍‌ଇ ପାଇଁ ଏକ ଇନ୍‌ଭେଷ୍ଟର୍ସ ମିଟ୍ କରିବେ ବୋଲି ଏଠାରେ ଘୋଷଣା ହୋଇଥିଲା।

**ପ୍ଲାଷ୍ଟିକ୍ ଓ ପେଟ୍ରୋକେମିକାଲ୍ସ ସେକ୍ଟର ଉପରେ ଗୁରୁତ୍ୱ**

'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ର ଦ୍ୱିତୀୟ ସଂସ୍କରଣରେ ପ୍ଲାଷ୍ଟିକ୍, କେମିକାଲ୍ସ ଓ ପେଟ୍ରୋକେମିକାଲ୍ସ ସେକ୍ଟର ଉପରେ ଗୁରୁତ୍ୱ ଦେଇଛନ୍ତି ସରକାର। ଏ କ୍ଷେତ୍ରରେ ରାଜ୍ୟରେ ଅଧିକରୁ ଅଧିକ ଡାଉନ୍‌ଷ୍ଟ୍ରିମ୍ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ସହ ଦକ୍ଷ ମାନବସମ୍ବଳଙ୍କୁ ନିଯୁକ୍ତି ଦେବାକୁ କହିଛନ୍ତି। ପାରାଦୀପରେ ୧୨୦ ଏକର ବିଶିଷ୍ଟ ପ୍ଲାଷ୍ଟିକ୍ ପାର୍କ ପ୍ରତିଷ୍ଠା ପରେ ଏହି ସେକ୍ଟରରେ କିଭଳି ଅଧିକ ନିବେଶକଙ୍କୁ ଆକୃଷ୍ଟ କରାଯାଇପାରିବ, ତାହା ଉପରେ କନ୍‌କ୍ଲେଭ୍‌ରେ ଗୁରୁତ୍ୱ ଦେଇଛନ୍ତି।

**ଶିଳ୍ପ ବିଭାଗର 'ଭିଜନ ୨୦୩୦'**
- ପ୍ରସ୍ତୁତ ହେବ ଫିନିଶିଂ ପ୍ରଡକ୍ଟ
- ଡାଉନ୍‌ଷ୍ଟ୍ରିମ୍‌ରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ଲକ୍ଷ୍ୟ
- ଅନୁଗୋଳ, ଝାରସୁଗୁଡ଼ା, କଳିଙ୍ଗନଗରରେ ୩ ଇଣ୍ଡଷ୍ଟ୍ରିଆଲ ପାର୍କ

# ବୟନଶିଳ୍ପରେ ବିପୁଳ ସୁଯୋଗ

## ନିଯୁକ୍ତ ହେବେ ୬୫୦୦ ମାନବସମ୍ବଳ

ଭୁବନେଶ୍ୱର,୧୩।୧୧(ବ୍ୟୁରୋ)

ରାଜ୍ୟରେ ବୟନଶିଳ୍ପ କ୍ଷେତ୍ରରେ ସୃଷ୍ଟି ହେବ ବ୍ୟାପକ ସୁଯୋଗ। ନିଯୁକ୍ତ ହେବେ ୬୫୦୦ରୁ ଊର୍ଦ୍ଧ୍ୱ ମାନବସମ୍ବଳ। ମହିଳାମାନଙ୍କୁ ମିଳିବ ଆତ୍ମନିର୍ଭରଶୀଳତା। 'ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍'ରେ ଏଭଳି ପ୍ରତିଶ୍ରୁତି ଦେଇଛନ୍ତି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ। ରାଜ୍ୟରେ ଆପାରେଲ୍ ତଥା ଟେକ୍ସଟାଇଲ ଇଣ୍ଡଷ୍ଟ୍ରି ପ୍ରତିଷ୍ଠା ପାଇଁ ୩ ପ୍ରମୁଖ ଶିଳ୍ପସଂସ୍ଥା ଆଗ୍ରହ ଦେଖାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହା ମଧ୍ୟରେ 'ଆଦିତ୍ୟ ବିର୍ଲା ଗ୍ରୁପ୍ ଅଫ୍ ଫ୍ୟାଶନ', 'ଶାହି ଏକ୍ସପୋର୍ଟ' ଏବଂ 'ୱାଇଲ୍ଡ ଲୋଟସ୍ ଫ୍ୟାଶନ' ଭଳି ସଂସ୍ଥା ରହିଛନ୍ତି। ଏହାବ୍ୟତୀତ ଆଉ ୪ଟି ଶିଳ୍ପ ପ୍ରତିଷ୍ଠାନ ମଧ୍ୟ ରାଜ୍ୟରେ ପୋଷାକ ଶିଳ୍ପରେ ପୁଞ୍ଜିନିବେଶ ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି। ତେଣୁ ଆଗାମୀ ଦିନରେ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକ ଅଗ୍ରଣୀ ଟେକ୍ସଟାଇଲ ହବ୍‌ରେ ପରିଣତ ହେବାକୁ ଯାଉଥିବା ମନ୍ତ୍ରୀ ଏହି ନିବେଶକ ସମ୍ମିଳନୀରେ କହିଛନ୍ତି।

ଇଣ୍ଡଷ୍ଟ୍ରିଆଲ ପଲିସି ୨୦୧୫, ଆପାରେଲ୍ ପଲିସି ୨୦୧୬ ଏବଂ ଟେକ୍ସଟାଇଲ ପଲିସି ୨୦୧୬ ଅନୁଯାୟୀ ସରକାର ଯେଉଁ ସୁବିଧା ସୁଯୋଗ ପ୍ରଦାନ କରୁଛନ୍ତି, ସେଥିପ୍ରତି ନିବେଶକମାନେ ଆକୃଷ୍ଟ ହୋଇଛନ୍ତି। ବିଶେଷକରି ଆପାରେଲ୍ ସେକ୍ଟର କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛନ୍ତି ଓଡ଼ିଶା ସରକାର। ଏହିକ୍ରମରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଅଫ୍ ଫ୍ୟାଶନ ଓଡ଼ିଶାରେ ୬୬ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଖୁବ୍‌ଶୀଘ୍ର ରାଜ୍ୟରେ ଏହା ନିଜର ଶିଳ୍ପ ପ୍ରତିଷ୍ଠାନ ଆରମ୍ଭ କରିବ। ସେହିଭଳି ପୂର୍ବରୁ ୫୦ କୋଟି ଟଙ୍କା ବିନିଯୋଗ କରି ୨୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ ଦେଇଥିବା ଶାହି ଏକ୍ସପୋର୍ଟ ରାଜ୍ୟରେ ଆହୁରି ୫୧ କୋଟିର ପୁଞ୍ଜିନିବେଶ କରିବ। ଏହାବ୍ୟତୀତ ୱାଇଲ୍ଡ ଲୋଟସ୍ ଫ୍ୟାଶନ ଓଡ଼ିଶାରେ ଆପାରେଲ୍ ଇଣ୍ଡଷ୍ଟ୍ରି ପାଇଁ ୨୦ କୋଟିର ପୁଞ୍ଜିବିନିଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛି। ଉପରୋକ୍ତ ୩ ଇଣ୍ଡଷ୍ଟ୍ରି ରାଜ୍ୟରେ ପ୍ରତିଷ୍ଠା ହେବା ଦ୍ୱାରା ପ୍ରାୟ ୬୫୦୦ରୁ ଅଧିକ ଲୋକ ଏଥିରେ ନିଯୁକ୍ତ ହୋଇପାରିବେ। ବିଶେଷକରି ଗ୍ରାମାଞ୍ଚଳର ମହିଳାମାନେ ଏହାଦ୍ୱାରା ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟରେ ରାଜ୍ୟ ସରକାର ୨୦ ପ୍ରତିଶତ ପର୍ଯ୍ୟନ୍ତ ସର୍ବାଧିକ ୨୦ କୋଟି ଟଙ୍କାର ସବ୍‌ସିଡି ଦେବାର ବ୍ୟବସ୍ଥା କରିଥିବା ବେଳେ ଋଣ ପ୍ରଦାନରେ ମଧ୍ୟ ୧୦ ପ୍ରତିଶତ ପର୍ଯ୍ୟନ୍ତ ସର୍ବାଧିକ ୧୦କୋଟି ଟଙ୍କା ଛାଡ଼ କରିବାର ବ୍ୟବସ୍ଥା ରହିଛି, ଯାହାକି ରାଜ୍ୟ ପ୍ରତି ନିବେଶକଙ୍କୁ ଆକୃଷ୍ଟ କରୁଛି ବୋଲି ଛୁରିଆ କହିଛନ୍ତି।

- ଆଦିତ୍ୟ ବିର୍ଲା କରିବେ ୬୬ କୋଟିର ପୁଞ୍ଜିନିବେଶ
- ଶାହି ଏକ୍ସପୋର୍ଟର ୫୧ କୋଟି
- ୨୦ କୋଟି ବିନିଯୋଗ କରିବ ୱାଇଲ୍ଡ ଲୋଟସ୍ ଫ୍ୟାଶନ



## ନିର୍ମାଣ ହେବ ଦୁଇଟି ଟେକ୍ସଟାଇଲ ପାର୍କ

ବୟନ ଏବଂ ଆପାରେଲ୍ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ ପାଇଁ ଶିଳ୍ପୋଦ୍ୟୋଗୀଙ୍କୁ ଆକୃଷ୍ଟ କରିବା ନିମନ୍ତେ ରାଜ୍ୟ ସରକାର ଦୁଇଟି ଟେକ୍ସଟାଇଲ ପାର୍କ ନିର୍ମାଣ କରିବାକୁ ଯାଉଛନ୍ତି। ଓଡ଼ିଶାରେ ପ୍ରଚୁର ପରିମାଣରେ କପା ଉତ୍ପାଦିତ ହେଉଥିବାରୁ ଏଠାରେ ବିପୁଳ କଞ୍ଚାମାଲ ଉପଲବ୍ଧ ହେଉଛି। ତେଣୁ ନିବେଶକମାନଙ୍କୁ ଆକୃଷ୍ଟ କରିବାକୁ ସରକାର ସ୍ୱତନ୍ତ୍ର ଲ୍ୟାଣ୍ଡବ୍ୟାଙ୍କ୍‌ର ବ୍ୟବସ୍ଥା କରିଛନ୍ତି। ଟେକ୍ସଟାଇଲ ପାର୍କ ନିର୍ମାଣ ପାଇଁ ଭଦ୍ରକରେ ୨୫୦ ଏକର ଜମି ସହ ରାମଦାସପୁର ଓ ଛତାବରଠାରେ ଜମି ରଖାଯାଇଛି। ଏହାବ୍ୟତୀତ ଚୌଦ୍ୱାର ଓଟିଏମ୍‌ର ପୁନରୁଦ୍ଧାର ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଥିଲେ, ଓଟିଏମ୍‌କୁ ନେଇ ବିଚାରାଧୀନ ଥିବା ମାମଲା କିଛିଦିନ ମଧ୍ୟରେ ଫଇସଲା ହେବାକୁ ଯାଉଛି। ଇଡ୍‌କୋ ଏଥିପାଇଁ ୯୦ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ଖୁବ୍‌ଶୀଘ୍ର ଏହା ପୁନଃକାର୍ଯ୍ୟକ୍ଷମ ହୋଇପାରିବ ବୋଲି ସେ କହିଥିଲେ। ଏହି ଅବସରରେ ବିଭାଗ ପକ୍ଷରୁ ଆୟୋଜିତ ସେକ୍ଟରାଲ ସେମିନାରରେ ଏଇପିସିର ଅଧ୍ୟକ୍ଷ ଏଚ୍.କେ.ଏଲ୍. ମାଗୁ, ସିଟିର ଅଧ୍ୟକ୍ଷ ସଞ୍ଜୟ କୁମାର ଜୈନ, ଫିକି ଟେକ୍ସଟାଇଲ କମିଟି ଅଧ୍ୟକ୍ଷ ଶିଶିର ଜୟପୁରିଆ, ଲି ଆଣ୍ଡ ଫଙ୍ଗ୍‌ର କଣ୍ଟ୍ରିହେଡ୍ ସୁଶୀଲ ସେଓ୍ୱକରମଣି, ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଡିଜାଇନର ବିଭୁ ମହାପାତ୍ର, ଆଇଓସିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅଭିନାଶ ବର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଏସ୍‌ଏମ୍‌ଇରେ ନିବେଶ ହେବ ୧୧୬୭ କୋଟି

ଭୁବନେଶ୍ୱର,୧୩।୧୧

ରାଜ୍ୟରେ ଅଣୁ କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ଗୁଡ଼ିକରେ ୧୧୬୭ କୋଟି ଟଙ୍କାର ନିବେଶ ହେବ। ରାଜ୍ୟ ସରକାର ଏମ୍‌ଏସ୍‌ଏମ୍‌ଇକୁ ବର୍ତ୍ତମାନ ଫୋକସ୍ କ୍ଷେତ୍ରଭାବେ ଗ୍ରହଣ କରିଛନ୍ତି। ଏମ୍‌ଏସ୍‌ଏମ୍‌ଇଗୁଡ଼ିକର ବିକାଶ ଧାରାକୁ ତ୍ୱରାନ୍ୱିତ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉ ଥିବା 'ମେକ୍ ଇନ ଓଡିଶା' କନ୍‌କ୍ଲେଭରେ ମଙ୍ଗଳବାର ଏମ୍‌ଏସ୍‌ଏସ୍‌ଇ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ସୂଚନା ଦେଇଛନ୍ତି।

ଗୁଜରାଟରେ ଅବସ୍ଥାପିତ ଓଡିଆ ଉଦ୍ୟୋଗୀ ଡ.ଉଦୟ ଶଙ୍କର ସେଠୀ ୮୨୦ କୋଟି ଟଙ୍କାର ନିବେଶ କରିବେ। ସିଫୁଡ ପ୍ରୋସେସିଂ, ସିଫୁଡ୍ ଟେଷ୍ଟିଂ, ଆକ୍ୱା ରିସର୍ଚ୍ଚ ଭଳି କ୍ଷେତ୍ରରେ ଏହି ନିବେଶ ହେବ ବୋଲି ଜଣାଯାଇଛି।

ରାଜ୍ୟ ସରକାର ନିକଟରେ ଏମ୍‌ଏସ୍‌ଏମ୍‌ଇ ନୀତି ୨୦୧୬ରେ କେତେକ ପରିବର୍ତ୍ତନ ଆଣିଛନ୍ତି। ଏହା ଦ୍ୱାରା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ ଯୋଜନା ରହିଛି। ସଂସ୍ଥାଗୁଡ଼ିକ କିଭଳି 'ଜିରୋ ଇଫେକ୍ଟ ଜିରୋ ଡିଫେକ୍ଟ'(ଜେଡ୍) ପ୍ରମାଣପତ୍ର ଲାଭ କରିପାରିବେ ସେ ଦିଗକୁ ଦୃଷ୍ଟି ଦିଆଯାଇଛି। ଉକ୍ତ କ୍ଷେତ୍ରରେ ସଂସ୍ଥାଗୁଡ଼ିକୁ ବ୍ରୋଞ୍ଜ, ସିଲଭର, ଗୋଲ୍ଡ, ପ୍ଲାଟିନମ୍ ଭଳି ବର୍ଗରେ ପ୍ରମାଣପତ୍ର ପ୍ରଦାନ କରାଯିବ। ବର୍ତ୍ତମାନ ଏହି ପଞ୍ଜୀକରଣ ସୁବିଧା ପ୍ରଦାନ କରାଯାଉଛି। ଉକ୍ତ ପଞ୍ଜୀକରଣ ଏବଂ ପ୍ରମାଣପତ୍ର ଲାଗି ଖର୍ଚ୍ଚ ହେଉଥିବା ଅର୍ଥର କିଛି ଅଂଶ ସରକାର ବହନ କରିବେ। ଅଣୁ ଶିଳ୍ପ ସଂସ୍ଥାଗୁଡ଼ିକୁ କେନ୍ଦ୍ର ସରକାର ଏହି କ୍ଷେତ୍ରରେ ୮୦% ସବ୍‌ସିଡି ପ୍ରଦାନ କରିବେ। ବଳକା ୨୦%ର ସିଂହଭାଗ ଅଂଶ ରାଜ୍ୟ ବହନ କରିବ ବୋଲି ଏସ୍‌ଏସ୍‌ଏମ୍‌ଇ ସଚିବ ଏଲ.ଏନ୍. ଗୁପ୍ତା ସୂଚନା ଦେଇଛନ୍ତି। ସେହିଭଳି କ୍ଷୁଦ୍ର ଶିଳ୍ପ ସଂସ୍ଥାଗୁଡ଼ିକୁ କେନ୍ଦ୍ର ସରକାର ୬୦% ଏବଂ ବଳକା ଅଂଶର ୬୦% ରାଜ୍ୟ ସରକାର ବହନ କରିବେ। ଅପରପକ୍ଷରେ ଫ୍ରୁଟ ପଲ୍ପ,ଜୁସ ଉତ୍ପାଦନ କରୁଥିବା ଶିଳ୍ପସଂସ୍ଥା, ଏଡିବୁଲ ଏବଂ ଅଣ ଏଡିବୁଲ ଭେଜିଟେବୁଲ ଅଏଲକୁ ସରକାର କ୍ୟାପିଟାଲ ଇନଭେଷ୍ଟମେଣ୍ଟ ସବ୍‌ସିଡି ପ୍ରଦାନ ଲାଗି ପଜିଟିଭ୍ ତାଲିକାଭୁକ୍ତ କରାଯାଇଛି। ଏମ୍‌ଏସ୍‌ଏମ୍‌ଇ ନୀତିରେ ସଂଶୋଧନ କରାଯାଇ ଏଭଳି ପଦକ୍ଷେପ ନିଆଯାଇଛି। ଏହା ପ୍ରଥମେ ନେଗେଟିଭ୍ ତାଲିକାଭୁକ୍ତ ରହିଥିଲା। ସେହିଭଳି ଡାଇନଷ୍ଟ୍ରିମ ଶିଳ୍ପ ଏବଂ ଲୁହା ଓ ଇସ୍ପାତ ପ୍ରୋସେସରର ସଂଜ୍ଞାରେ ପରିବର୍ତ୍ତନ କରାଯାଇଛି। ହାଇଭାଲ୍ୟୁ ଆଡିଶନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି।

ମଙ୍ଗଳବାର ଫିକିର ୧୨ ସଦସ୍ୟ ବିଶିଷ୍ଟ ନ୍ୟାଶନାଲ କମିଟିର ବାର୍ଷିକ ବୈଠକ ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ ବାତାବରଣକୁ କମିଟି ପ୍ରଶଂସା କରିବା ସହ ସମସ୍ତ ପ୍ରକାରର ସହଯୋଗ କରିବ ବୋଲି ସୂଚନା ରହିଛି। ସେହିଭଳି ଏମ୍‌ଏସ୍‌ଏମ୍‌ଇ ଉନ୍ନତୀକରଣ ନେଇ ହୋଇଥିବା କର୍ମଶାଳାରେ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ରହିଥିବା ସୁଯୋଗ ତଥା ସମ୍ଭାବନା ଉପରେ ଆଲୋଚନା ହୋଇଥିଲା। ଏଥିରେ ଅଫ୍ ବିଜନେସର ପ୍ରତିଷ୍ଠାତା ନୀତିନ ଜୈନ, ଆମାଜନ ଇଣ୍ଡିଆର ପବ୍ଲିକ ପଲିସି ନିର୍ଦ୍ଦେଶକ ଅଭିନାଶ ରାମଚନ୍ଦ୍ର, ଫିକି ଏମ୍‌ଏସ୍‌ଏମ୍‌ଇ କମିଟି ଅଧ୍ୟକ୍ଷ ଅର୍ଚ୍ଚନା ଗାରୋଡିଆ, ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜର ଆଞ୍ଚଳିକ ମୁଖ୍ୟ ତୋଜୋ ବାନାର୍ଜୀ, ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ଆଲୋକ ବର୍ଦ୍ଧନ ଚତୁର୍ବେଦୀ, ୱାର୍ଲଡ ବ୍ୟାଙ୍କ ପକ୍ଷରୁ ଆଲବର୍ଟ ସୋଲ୍, ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟର ସହକାରୀ ସଚିବ ରାମ ମୋହନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

- ନୀତିରେ ପରିବର୍ତ୍ତନ ଆଣିଲେ ସରକାର
- ଶିଳ୍ପସଂସ୍ଥା ପାଇଁ ଜେଡ୍ ପ୍ରମାଣପତ୍ର ବ୍ୟବସ୍ଥା
- ୮୨୦ କୋଟି ବିନିଯୋଗ କରିବେ ଓଡ଼ିଆ ଉଦ୍ୟୋଗୀ


ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ୍‌ରେ ମଙ୍ଗଳବାର ବିଭୁ ମହାପାତ୍ରଙ୍କ କଲେକ୍ସନକୁ ନେଇ ଆୟୋଜିତ ଫ୍ୟାଶନ ଶୋ'।

ଧରିତ୍ରୀ DHARITRI
ବୁଧବାର, ୧୪ ନଭେମ୍ବର, ୨୦୧୮



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ବିକାଶ ନାଁରେ ଦେଶବାସୀଙ୍କୁ ବିଭ୍ରାନ୍ତ କରୁଛନ୍ତି। ଦେଶ ଜଣଙ୍କ ଦ୍ୱାରା ନୁହେଁ, ବରଂ ଗଣଙ୍କ ଦ୍ୱାରା ପରିଚାଳିତ ହୁଏ। ଏକଥା ମଧ ତାଙ୍କୁ ଜଣାନାହିଁ।

– ରାହୁଲ ଗାନ୍ଧୀ, କଂଗ୍ରେସ ଅଧକ୍ଷ



## ସଂକ୍ଷେପରେ

### ଗୌଡ଼ା, ତୋମାରଙ୍କୁ ଅତିରିକ୍ତ ଦାୟିତ୍ୱ



**ନୂଆଦିଲ୍ଲୀ,୧୩।୧୧(ପି.ଟି.):** କେନ୍ଦ୍ରମନ୍ତ୍ରୀ ଡି.ଭି. ସଦାନନ୍ଦ ଗୌଡ଼ା ଓ ନରେନ୍ଦ୍ର ସିଂ ତୋମାରଙ୍କୁ ମଙ୍ଗଳବାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଗୌଡ଼ାଙ୍କୁ ରାସାୟନିକ ଓ ସାର ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ମିଳିଥିବାବେଳେ ତୋମାରଙ୍କୁ ସଂସଦୀୟ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ଭାର ନ୍ୟସ୍ତ କରାଯାଇଥିବା ରାଷ୍ଟ୍ରପତି ଭବନ ସୂତ୍ରରୁ ପ୍ରକାଶ। ସଂସଦୀୟ ବ୍ୟାପାର ଏବଂ ରାସାୟନିକ ଓ ସାର ମନ୍ତ୍ରୀ ଅନନ୍ତ କୁମାରଙ୍କ ସୋମବାର ପରଲୋକ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶକ୍ରମେ ତାଙ୍କ ଦାୟିତ୍ୱ ଦୁଇ କେନ୍ଦ୍ରମନ୍ତ୍ରୀଙ୍କୁ ଦିଆଯାଇଛି।

## ଇତିହାସର ଆଇନାରେ

### ନଭେମ୍ବର ୧୪ର ପ୍ରମୁଖ ଘଟଣା

୧୯୭୧ ନଭେମ୍ବର ୧୪ରେ 'ମାରିନର ୯' ମଙ୍ଗଳ କକ୍ଷପଥରେ ପ୍ରବେଶ କରିଥିଲା। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ଏହା ଥିଲା ଏକ ମାନବବିହୀନ ମହାକାଶଯାନ। ସେହିବର୍ଷ ମେ ୩୦ରେ କେପ୍ କାନାଭେରାଲ ଏୟାର୍‌ଫୋର୍ସ ଷ୍ଟେଶନ୍‌ରେ ଏହାର ଉତ୍କ୍ଷେପଣ କରାଯାଇଥିଲା। ଅନ୍ୟ ଏକ ଗ୍ରହକୁ ପରିକ୍ରମା କରିବାରେ ଏହା ଥିଲା ପ୍ରଥମ ମହାକାଶ ଯାନ।

୧୯୧୮ ନଭେମ୍ବର ୧୪ରେ ଚେକୋସ୍ଲୋଭାକିଆ ଏକ ଗଣରାଜ୍ୟରେ ପରିଣତ ହୋଇଥିଲା। ଏହା କେନ୍ଦ୍ରୀୟ ୟୁରୋପର ଏକ ସାର୍ବଭୌମ ରାଷ୍ଟ୍ର। ଏହି ବର୍ଷ ଆଷ୍ଟ୍ରୋ-ହଙ୍ଗେରିଆନ୍ ସାମ୍ରାଜ୍ୟଠାରୁ ନିଜର ସ୍ୱାଧୀନତା ଘୋଷଣା କରିଥିଲା। ୧୯୯୩ ଜାନୁୟାରୀ ୧ରେ ଏହା ଚେକ୍ ରିପବ୍ଲିକ୍ ଏବଂ ସ୍ଲୋଭାକିଆ ନାମକ ଦୁଇଟି ରାଷ୍ଟ୍ରରେ ବିଭାଜିତ ହୋଇଥିଲା।

## ଦାସଲ୍ଟ ସିଇଓଙ୍କ ରାଫାଲ୍ ସଫେଇ: ମୁଁ ମିଛ କହେନାହିଁ

# ରାହୁଲଙ୍କ ଅଭିଯୋଗକୁ ଖଣ୍ଡନ

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

ରାଫାଲ୍ ଚୁକ୍ତିରେ ଦୁର୍ନୀତି ଅଭିଯୋଗ ଆସିବା ପରେ ଏହି ପ୍ରସଙ୍ଗରେ ଚର୍ଚ୍ଚା ଥମୁନାହିଁ। କଂଗ୍ରେସ ରାଫାଲ୍ ଦୁର୍ନୀତିକୁ ପ୍ରତିରକ୍ଷା କ୍ଷେତ୍ରରେ ଦେଶର ସର୍ବବୃହତ୍ ଭ୍ରଷ୍ଟାଚାର ବୋଲି କେନ୍ଦ୍ର ସରକାରଙ୍କୁ ଘେରିବାକୁ ଉଦ୍ୟମ କରୁଥିବାବେଳେ ପୁଣି ମୁହଁ ଖୋଲିଛନ୍ତି ଦାସଲ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଏରିକ୍ ଟ୍ରାପିୟର୍। ସେ କଂଗ୍ରେସର ଅଭିଯୋଗକୁ ଖଣ୍ଡନ କରି ସଫେଇ ଦେଇଛନ୍ତି।

ଫ୍ରାନ୍ସର ପ୍ରତିରକ୍ଷା ସାମଗ୍ରୀ ନିର୍ମାଣକାରୀ କମ୍ପାନୀ ଦାସଲ୍ଟ ଆଭିଏଶନ୍ ଅନିଲ ଅମ୍ବାନୀଙ୍କ କ୍ଷତିରେ ଚାଲିଥିବା କମ୍ପାନୀରେ ୨୮୪ କୋଟି ଟଙ୍କା ବିନିଯୋଗ କରିଥିଲା। ମହାରାଷ୍ଟ୍ରର ନାଗପୁରରେ ଏକ ଜମି କିଣିବା ପାଇଁ ଉକ୍ତ ଅର୍ଥକୁ ବିନିଯୋଗ କରାଯାଇଥିଲା ବୋଲି କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ ଗତ ୨ ତାରିଖରେ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ ଆଣିଥିଲେ। ଦାସଲ୍ଟ ସିଇଓ ମିଛ କହୁଛନ୍ତି। ଏନେଇ ତଦନ୍ତ କରାଗଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତିପାରିବେ ନାହିଁ। ଏହା



ଏରିକ୍ ଟ୍ରାପିୟର୍

ନିଶ୍ଚିତ ବୋଲି ରାହୁଲ ସେତେବେଳେ କହିଥିଲେ। ଏନେଇ ଡାସଲ୍ଟ ମୁଖ୍ୟ ଟ୍ରାପିୟର୍ ମଙ୍ଗଳବାର ମୁହଁ ଖୋଲିଛନ୍ତି। ଏକ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତ୍କାର ଦେଇ ଟ୍ରାପିୟର୍ କହିଛନ୍ତି, ସେ ମିଛ କୁହନ୍ତି ନାହିଁ। ସେ ପୂର୍ବରୁ ଯାହା କହିଛନ୍ତି ତାହା ସତ। ତାଙ୍କର ଜଣେ ମିଛୁଆ ଭଳି ଛବି ନାହିଁ। ରାଫାଲ୍ ଯୁଦ୍ଧବିମାନ ପାଇଁ ଦାସଲ୍ଟ-ରିଲାଏନ୍ସ ମିଳିତ ଉଦ୍ୟୋଗ ସମ୍ପର୍କରେ ରାହୁଲଙ୍କ ଅଭିଯୋଗ ମିଛ ବୋଲି ସେ ଖଣ୍ଡନ କରିଛନ୍ତି। ଟ୍ରାପିୟର ଆହୁରି କହିଛନ୍ତି, କଂଗ୍ରେସ ସହିତ କାରବାର କରିବାର ତାଙ୍କ କମ୍ପାନୀ ନିକଟରେ ପୂର୍ବ ଅନୁଭୂତି ରହିଛି। ଭାରତ ସହିତ ତାଙ୍କର ପ୍ରଥମ ଡିଲ୍ ୧୯୫୩ରେ ହୋଇଥିଲା। ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଓ କଂଗ୍ରେସ ଶାସନରେ ଅନ୍ୟ ପ୍ରଧାନମନ୍ତ୍ରୀଙ୍କ ଅମଳରେ ଉକ୍ତ କମ୍ପାନୀ ଭାରତ ସହ କାମ କରିଛି। ସେତେବେଳୁ ଭାରତୀୟ ବାୟୁସେନା ଓ ଭାରତ ସରକାରଙ୍କୁ ସେମାନେ ଯୁଦ୍ଧବିମାନ ଓ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ଯୋଗାଇଆସୁଛନ୍ତି। ଅନ୍ୟପକ୍ଷରେ ଅନିଲଙ୍କ କମ୍ପାନୀକୁ ଦାସଲ୍ଟ ନିଜେ ବାଛିଥିଲା। ଏଥିରେ ସରକାରଙ୍କ କିଛି ଭୂମିକା ନାହିଁ। ଅନିଲଙ୍କ ରିଲାଏନ୍ସ ଡିଫେନ୍ସ ଦାସଲ୍ଟ ପାଇଁ ଏକମାତ୍ର ଅଫ୍‌ସେଟ୍ ପାର୍ଟନର ନୁହେଁ। ଏଥିପାଇଁ ମୋଟ ୩୦ କମ୍ପାନୀ ଚୁକ୍ତିବଦ୍ଧ ହୋଇଛନ୍ତି। ଉପା ସରକାର ଅମଳରେ ରାଫାଲ ଯୁଦ୍ଧବିମାନ କିଣିବା ପାଇଁ ଯେଉଁ ମୂଲ୍ୟ ଧାର୍ଯ୍ୟ କରାଯାଇଥିଲା ଏନ୍‌ଡିଏ ଅମଳର ଚୁକ୍ତି ମୂଲ୍ୟ ତା'ଠାରୁ ଅଧିକ ନୁହେଁ। ବରଂ କେନ୍ଦ୍ରରେ ସରକାର ବଦଳିବା ପରେ ଭାରତ ପୂର୍ବାପେକ୍ଷା ୯% କମ୍ ମୂଲ୍ୟରେ ଯୁଦ୍ଧବିମାନ ପାଇଁ ଚୁକ୍ତି ସ୍ୱାକ୍ଷର କରିଛି ବୋଲି ଟ୍ରାପିୟର ସ୍ପଷ୍ଟ କରିଛନ୍ତି। କଂଗ୍ରେସ ଅଧକ୍ଷ ଯେଉଁ ମନ୍ତବ୍ୟ ଦେଇଛନ୍ତି ତାହା ତାଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଏହାକୁ ନେଇ ରାଜନୀତି ପୁଣି ସରଗରମ ହୋଇଛି। ଟ୍ରାପିୟରଙ୍କ କଥାରେ ତାଳମେଳ ନାହିଁ। ସେ ମଧ ଜଣେ ଅଭିଯୁକ୍ତ ହୋଇଥିବାରୁ ତାଙ୍କ କଥା ମୂଲ୍ୟହୀନ। ତାଙ୍କୁ ଶିଖାଯାଇଥିବା କଥା ଅନୁସାରେ ସେ ସଦ୍ୟ ସାକ୍ଷାତ୍କାର ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ଅନ୍ୟପକ୍ଷରେ ଟ୍ରାପିୟର୍‌ଙ୍କ ସାକ୍ଷାତ୍କାର ପରେ ରାହୁଲଙ୍କ ମିଛ ଧରାପଡ଼ିଯାଇଛି ବୋଲି ଭାଜପା ପାଲଟା ଜବାବ ରଖିଛି।

## ୨୦୦୨ ଗୁଜରାଟ ଦଙ୍ଗା

# ମୋଦିଙ୍କ ବିରୋଧରେ ୧୯ରେ ଶୁଣାଣି

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**



ଗୁଜରାଟର ଗୋଧ୍ରା ଦଙ୍ଗା ପରବର୍ତ୍ତୀ ହିଂସାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମ୍ପୃକ୍ତି ନେଇ ଦାଏର ଏକ ପିଟିଶନର ଶୁଣାଣି ସୁପ୍ରିମକୋର୍ଟରେ ଆସନ୍ତା ୧୯ ତାରିଖରେ ହେବ। ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ମଙ୍ଗଳବାର ଏଥିପାଇଁ ରାଜି ହୋଇଛନ୍ତି।

୨୦୦୨ ଗୋଧ୍ରା ଦଙ୍ଗା ବେଳେ ପୂର୍ବତନ ଏମ୍‌ପି ଏହସାନ୍ ଜାଫ୍ରିଙ୍କ ମୃତ୍ୟୁ ଘଟିଥିଲା। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ଦଙ୍ଗାରେ ସମ୍ପୃକ୍ତି ନେଇ ନାଁ ଉଠିଥିଲା। ଏକ ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) ମୋଦିଙ୍କୁ ଏହି ମାମଲାରେ କ୍ଲିନ୍‌ଚିଟ୍ ଦେଇଥିଲା। ଏହସାନ୍‌ଙ୍କ ସ୍ତ୍ରୀ ଜାକିଆ ଜାଫ୍ରି ଏହାକୁ ଗୁଜରାଟ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ହାଇକୋର୍ଟ ୨୦୧୭ ଅକ୍ଟୋବର ୫ରେ ଜାକିଆଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେଇଥିଲେ। ଫଳରେ ସେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ଖାନ୍‌ୱିଲକର ଓ ଦୀପକ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ତାଙ୍କ ଆବଦନକୁ ଅଦ୍ୟାବଧି ଅନୁଧାନ କରି ନ ଥିବାରୁ ଆସନ୍ତା ୧୯ରେ ଏହାର ଶୁଣାଣି କରାଯିବ ବୋଲି ଧାର୍ଯ୍ୟ କରିଛନ୍ତି। ପ୍ରକାଶ ଯେ, ୨୦୧୨ ଫେବୃୟାରୀ ୮ରେ ଏସ୍‌ଆଇଟି ମୋଦିଙ୍କ ବିରୋଧରେ ପ୍ରମାଣ ନ ଥିବା ଦର୍ଶାଇ ତାଙ୍କୁ କ୍ଲିନ୍‌ଚିଟ୍ ଦେବା ସହ ମାମଲା ବନ୍ଦ କରିବା ନେଇ କ୍ଲୋଜର୍ ରିପୋର୍ଟ ଦାଖଲ କରିଥିଲା।

## ୟୁପି କ୍ୟାବିନେଟର ମୋହର: ଫୈଜାବାଦ ହେଲା ଅଯୋଧ୍ୟା

**ଲକ୍ଷ୍ନୌ,୧୩।୧୧(ପି.ଟି.):** ଫୈଜାବାଦ ଜିଲା ଆନୁଷ୍ଠାନିକ ଭାବେ ଅଯୋଧ୍ୟା ହୋଇଛି। ସେହିପରି ଆଲ୍ଲାହାବାଦ ସହରକୁ ପ୍ରୟାଗ ଭାବେ ନାମକରଣ କରାଯାଇଛି। ଉତ୍ତରପ୍ରଦେଶ (ୟୁପି) ସରକାର ମଙ୍ଗଳବାର ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟରେ ଏହି ନିଷ୍ପତ୍ତି ନିଆଯାଇଛି।

## ସ୍ଥଗିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

**ନୂଆଦିଲ୍ଲୀ,୧୩।୧୧(ପି.ଟି.)**

**ସାବରିମାଲା ବିବାଦ: ପୁନର୍ବିଚାର ଆବେଦନର ଶୁଣାଣି ଜାନୁୟାରୀ ୨୨ରେ**

କେରଳର ସାବରିମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶ ଅନୁମତି ନେଇ ନିଜ ରାୟ ଉପରେ ସ୍ଥଗିତାଦେଶ ଜାରି କରିବାକୁ ମଙ୍ଗଳବାର ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଏହାସହ ରାୟର ପୁନର୍ବିଚାର ପାଇଁ ଦାଏର ହୋଇଥିବା କେତେକ ରିଭ୍ୟୁ ପିଟିଶନର ଶୁଣାଣି ଜାନୁୟାରୀ ୨୨ରେ କରିବାକୁ ସର୍ବୋଚ୍ଚ ଅଦାଲତ ରାଜି ହୋଇଛନ୍ତି।

ସେପ୍ଟେମ୍ବର ୨୮ରେ ତତ୍କାଳୀନ ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ସାମ୍ବିଧାନିକ ପୀଠ ୪:୧ ସଂଖ୍ୟାଗରିଷ୍ଠ ରାୟ ଦେଇଥିଲେ। ସାବରିମାଲା ମନ୍ଦିରରେ ସବୁ ବୟସର ମହିଳାଙ୍କ ପ୍ରବେଶ ପାଇଁ ଅଦାଲତ ଅନୁମତି ଦେଇଥିଲେ। ଏହାର ପୁନର୍ବିଚାର ପାଇଁ ୪୮ଟି ପିଟିଶନ ଦାଏର ହୋଇଛି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଖୋଲାକୋର୍ଟରେ ଜାନୁୟାରୀ ୨୨ରେ ସେଗୁଡ଼ିକର ଶୁଣାଣି କରିବେ ବୋଲି ସୁପ୍ରିମକୋର୍ଟ ଧାର୍ଯ୍ୟ କରିଛନ୍ତି।

## ଅନୁପ୍ରବେଶ ବେଳେ ଆତଙ୍କବାଦୀ ନିହତ

**ଜମ୍ମୁ,୧୩।୧୧(ପି.ଟି.):** ଜମ୍ମୁ-କଶ୍ମୀରର ଅଖ୍‌ନୁର ସେକ୍ଟରସ୍ଥିତ ପଲ୍ଲାନୱାଲା ଅଞ୍ଚଳ ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ସୁରକ୍ଷା ବଳ ମଙ୍ଗଳବାର ସଶସ୍ତ୍ର ଆତଙ୍କବାଦୀଙ୍କ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ପାକିସ୍ତାନୀ ଆତଙ୍କବାଦୀ ଜଣକ ଏଲ୍‌ଓସି ଅତିକ୍ରମ କରି ଅନୁପ୍ରବେଶ କରୁଥିବାବେଳେ ଯବାନମାନେ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ଏଥିରେ ସେ ନିହତ ହୋଇଛନ୍ତି। ତାଙ୍କ ମୃତଦେହ ନିକଟରୁ କେତେକ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

## ଅନନ୍ତ କୁମାରଙ୍କ ଶେଷକୃତ୍ୟ ସମ୍ପନ୍ନ

**ବେଙ୍ଗାଲୁରୁ,୧୩।୧୧(ପି.ଟି.)**

ବେଙ୍ଗାଲୁରୁସ୍ଥିତ ଚାମରାଜପେଟ୍ ଶ୍ମଶାନ ରେ ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ଅନନ୍ତ କୁମାରଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସମ୍ପନ୍ନ ହୋଇଛି। ଅନନ୍ତଙ୍କୁ ତାଙ୍କ ସାନଭାଇ ନନ୍ଦ କୁମାର ମୁଖାଗ୍ନି ଦେଇଥିଲେ। ଏଥିରେ ଶତାଧିକ ଭାଜପା ନେତା ଓ କର୍ମୀ ଯୋଗଦେଇ ତାଙ୍କର ଶେଷଦର୍ଶନ କରିଥିଲେ। ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ୍ ଶାହ, ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀ, ସ୍ୱରାଷ୍ଟ୍ରମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷାମନ୍ତ୍ରୀ ନିର୍ମଳା ସୀଥାରାମନ୍ ଓ ଲୋକ ସଭା ବାଚସ୍ପତି ସୁମିତ୍ରା ମହାଜନ ଉପସ୍ଥିତ ରହି ଅନନ୍ତ କୁମାରଙ୍କୁ ଶେଷସମ୍ମାନ ଜଣାଇଥିଲେ।



## ୧୨ ଦିନର ଶିଶୁକୁ ମାରିଦେଲା ମାଙ୍କଡ଼

**ଆଗ୍ରା,୧୩।୧୧:**

ଆଗ୍ରାର ମୋହଲ୍ଲା କଛେରା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ୧୨ ଦିନର ଶିଶୁପୁତ୍ରକୁ ମା' କୋଳରୁ ଏକ ମାଙ୍କଡ଼ ଛଡ଼ାଇ ନେଇ ମାରିଦେଇଛି। ସନି ନାମକ ଶିଶୁକୁ ସୋମବାର ସନ୍ଧ୍ୟାରେ ତା' ମା' କ୍ଷୀର ପିଆଉଥିବାବେଳେ ଛଡ଼ାଇନେଇଥିଲା। ପରେ ସନିକୁ କ୍ଷତବିକ୍ଷତ ଅବସ୍ଥାରେ ପରିବାର ଲୋକ ପାଇଥିଲେ। ତାକୁ ହସ୍ପିଟାଲକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଫୁର୍‌ସତ

# ଚିରନିଦ୍ରାରେ 'ସୁପରହିରୋ' ଜନକ



**ଲସ୍ ଏଞ୍ଜେଲସ୍,୧୩।୧୧(ପି.ଟି.)**

ସ୍ପାଇଡରମ୍ୟାନ୍ ଏବଂ ଆଇରନ୍‌ମ୍ୟାନ୍ କଥା କହିଲେ ପିଲାଙ୍କ ମନରେ ଖେଳିଯାଏ ଅଫୁରନ୍ତ ଆନନ୍ଦ। ହେବନି ଅବା କେମିତି। ଏମାନେ ଯେ ସୁପରହିରୋ। ତେବେ ଆଖି ପିଛୁଳାକେ ଚମତ୍କାରିତା ଦେଖାଉଥିବା ଏସବୁ ଚରିତ୍ରର ସ୍ରଷ୍ଟା ହେଉଛନ୍ତି ଷ୍ଟାନ୍ ଲି। ଏହି ଲୋକପ୍ରିୟ ଲେଖକ ତଥା ଫିଲ୍ମ ନିର୍ମାତା ଇହଲୀଳା ସମ୍ବରଣ କରି ଆରପାରିକୁ ଚାଲିଯାଇଛନ୍ତି। ସେ ଅନେକ ଆମେରିକୀୟ କମିକ୍ ପୁସ୍ତକ ଲେଖିବା ସହ ସେଗୁଡ଼ିକର ସମ୍ପାଦନା ଏବଂ ପ୍ରକାଶନ କରିଛନ୍ତି। ମାର୍ଭେଲ୍ କମିକ୍ ସିରିଜ୍‌ରେ ତାଙ୍କର ଚମତ୍କାର କାର୍ଯ୍ୟ ଦର୍ଶକଙ୍କ ମନରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ୧୯୨୨ ଡିସେମ୍ବର ୧୮ରେ ଆମେରିକାର ନ୍ୟୁୟର୍କ ସିଟି ଅନ୍ତର୍ଗତ ମ୍ୟାନ୍‌ହାଟାନ୍‌ରେ ଷ୍ଟାଲିନ୍ ଲି (ପ୍ରଥମେ ନାମ ଥିଲା ଷ୍ଟାନ୍‌ଲି ମାର୍ଟିନ୍ ଲିବର) ଜନ୍ମଗ୍ରହଣ କରିଥିଲେ। ପିଲାବେଳୁ ତାଙ୍କ ଜୀବନରେ ଅନେକ ସଂଘର୍ଷମୟ ସ୍ଥିତି ଆସିଛି। ଜୀବନରେ ଅନେକ ଉତ୍‌ଥାନ ପତନ ଦେଖିବା ସତ୍ତ୍ୱେ ସେ ନିଜ ଭିତରେ ଥିବା କଳାକାରକୁ ପ୍ରସ୍ଫୁଟିତ କରାଇପାରିଥିଲେ। କାକା ରବି ସୋଲୋମନ୍‌ଙ୍କ ମାର୍ଗଦର୍ଶନ ପାଇ ଲି ମାତ୍ର ୧୭ ବର୍ଷ ବୟସରେ କ୍ୟାରିୟର ଆରମ୍ଭ କରିଥିଲେ। ତେବେ ପ୍ରଥମେ ସେ ଜଣେ ଔପନ୍ୟାସିକ ହେବାକୁ ଇଚ୍ଛା ରଖିଥିଲେ। କିନ୍ତୁ ତାହା ଘଟିଲା ନାହିଁ। 'ଟାଇମ୍‌ଲି କମିକ୍ସ'ରେ ସେ ସହକାରୀ ଭାବେ କାର୍ଯ୍ୟ କଲେ। ପରେ ଏହା ମାର୍ଭଲ ନାଁରେ ପରିଚିତ ହେଲା। ଷ୍ଟାନ୍‌ଲି ମାର୍ଟିନ୍ ଲିବରରୁ ଧୀରେ ଧୀରେ ସେ 'ଷ୍ଟାନ୍ ଲି' ନାଁରେ ପ୍ରସିଦ୍ଧି ଲାଭ କଲେ। ଏହାପରେ କମିକ୍ ପୁସ୍ତକ୍ ଲେଖା ଆରମ୍ଭ କରିଦେଲେ ଲି। ତାଙ୍କର ପ୍ରଥମ ଲେଖା 'କ୍ୟାପ୍ଟେନ୍ ଆମେରିକା' ଉପରେ ପର୍ଯ୍ୟବସିତ ଥିଲା, ଯାହାକି ୧୯୪୧ରେ ପ୍ରକାଶ ପାଇଥିଲା। ଟାଇମ୍‌ଲି ସମ୍ପାଦକ ଜୋ ସିମନ୍ ଏବଂ ତାଙ୍କ ସହଯୋଗୀ ଜ୍ୟାକ୍ କିର୍ବି ୧୯୪୧ରେ କମ୍ପାନୀ ଛାଡ଼ିବା ପରେ ମାର୍ଟିନ୍ ଗୁଡ୍‌ମ୍ୟାନ୍ ପକ୍ଷରୁ ଲିଙ୍କୁ କାମଚଳା ସମ୍ପାଦକ କରାଯାଇଥିଲା। ୧୯୬୧ରେ ତାଙ୍କ କ୍ୟାରିୟର ନୂଆ ମୋଡ଼ ନେଇଥିଲା। ଏହାପରଠାରୁ ସେ ଅଧିକ ଲୋକପ୍ରିୟତା ଅର୍ଜନ କଲେ। କେବଳ ସ୍ପାଇଡରମ୍ୟାନ୍ କିମ୍ବା ଆଇରନ୍‌ମ୍ୟାନ୍ ନୁହେଁ ଫାଣ୍ଟାଷ୍ଟିକ୍ ଫୋର୍, ଡେୟାରଡେଭିଲ୍, ହଲ୍କ, ଥର୍, ଏବଂ ଏକ୍ସମ୍ୟାନ୍ ଆଦି ଚରିତ୍ରର ସ୍ରଷ୍ଟା ହେଉଛନ୍ତି ଷ୍ଟାନ୍ ଲି। ବିଭିନ୍ନ ପ୍ରଯୋଜନା ସଂସ୍ଥା ପାଇଁ ସେ ୩୬୧ କାଳ୍ପନିକ ଚରିତ୍ର ସୃଷ୍ଟି କରିଛନ୍ତି। ୧୬୪ ଫିଲ୍ମରେ ସେ କାର୍ଯ୍ୟକାରୀ ପ୍ରଯୋଜକ ସାଜିଛନ୍ତି। ଆମେରିକା ସୈନ୍ୟବାହିନୀରେ ସେ ୧୯୪୨ରେ ଯୋଗଦେଇଥିଲେ। ସମୟକ୍ରମେ ଡିସି କମିକ୍ସର ଚାହିଦା ବଢ଼ିଲା। ତେଣୁ ଲିଙ୍କୁ ଏକ ନୂଆ ସୁପରହିରୋ ଟିମ୍ ଗଢ଼ିବାକୁ ଗୁଡ୍‌ମ୍ୟାନ୍ କହିଲେ। ଏହାପରେ ସେ କିର୍ବିଙ୍କ ସହ ମିଶି 'ଫାଣ୍ଟାଷ୍ଟିକ୍ ଫୋର୍'ର ସର୍ଜନା କଲେ। ପରବର୍ତ୍ତୀ ସମୟରେ ଦୁହେଁ ଅନେକ କମିକ୍ ଚରିତ୍ର ସାମ୍ନାକୁ ଆଣିଛନ୍ତି। ଦୁହିଁଙ୍କ କାର୍ଯ୍ୟଶୈଳୀ ନିଆରା ଥିଲା। ଲି ଏକ ଚରିତ୍ର ଓ କାହାଣୀ କଳ୍ପନା କରନ୍ତି। କିର୍ବି ତାହାକୁ ଡିଜାଇନ୍ କରିବା ସହ ଏକ କମିକ୍ ରୂପ ଦିଅନ୍ତି। ଏହାପରେ ସଂଳାପ ରଚନା କରନ୍ତି ଲି। ସେ ମଧ ପ୍ରସିଦ୍ଧ କଳାକାର ଏଭେରେଟଙ୍କ ସହ ମିଶି 'ଡେୟାରଡେଭିଲ୍' ଚରିତ୍ର ସୃଷ୍ଟି କରିଛନ୍ତି। ଦିତ୍‌କୋଙ୍କ ସହ ମିଶି ସେ ଡକ୍ଟର ଷ୍ଟ୍ରେଞ୍ଜ, ମାର୍ଭଲ ସିରିଜ୍‌ର ସବୁଠୁ ଲୋକପ୍ରିୟ ଚରିତ୍ର ସ୍ପାଇଡରମ୍ୟାନ୍‌କୁ ଦର୍ଶକଙ୍କୁ ଭେଟିଦେଇଥିଲେ। ଏସବୁ ଚରିତ୍ର ଫିଲ୍ମ ଜଗତରେ ବେଶ୍ ଜଣାଶୁଣା। ୧୯୭୨ରେ ମାର୍ଭଲ ଫିଲ୍ମର ଟିମ୍ ଛାଡ଼ିଥିଲେ ଲି। ତଥାପି ଏହି ଟାଇଟଲ୍‌ର ସ୍ରଷ୍ଟା ଭାବେ ଆଜୀବନ ତାଙ୍କ ନାମ ରହିଲା। ମାର୍ଭଲ ସିରିଜ୍‌ରେ ସେ ଯେଉଁ ଛାପ ଛାଡ଼ିଯାଇଛନ୍ତି, ତାହା ନିଆରା। ଝିଅ ଜେ.ସି. ଏବଂ ସାନଭାଇ ଲ୍ୟାରୀ ଲିବରଙ୍କୁ ଛାଡ଼ି ଲି ଆରପାରିକୁ ଚାଲିଯାଇଛନ୍ତି। ତାଙ୍କର ଅନ୍ୟ ଜଣେ ଝିଅ ଏବଂ ସ୍ତ୍ରୀ ପୂର୍ବରୁ ପ୍ରାଣ ହରାଇଛନ୍ତି।


୧୯୨୨-୨୦୧୮




### ସଂଘର୍ଷମୟ କ୍ୟାରିୟର

ଷ୍ଟାନ୍ ଲି ବହୁତ ସଂଘର୍ଷ କରି ତଳ ସ୍ତରରୁ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କ ପ୍ରଥମ କମିକ୍ ପୁସ୍ତକ 'କ୍ୟାପ୍ଟେନ୍ ଆମେରିକା ଫଏଲ୍ସ ଦ ଟ୍ରେଟର୍ସ ରିଭେଞ୍ଜ' (୧୯୪୧)। ଏଥିରେ ସେ ଟେକ୍ସ୍ଟ ଫିଲର ଭାବେ କାର୍ଯ୍ୟ କରିଥିଲେ। ଧୀରେ ଧୀରେ ନିଜେ ସାଜିଲେ ରଚୟିତା। ପ୍ରଥମ ପୁସ୍ତକରେ ସେ ପ୍ରଥମକରି ନିଜ ନାମ ଷ୍ଟାନ୍ ଲି ବୋଲି ଲେଖିଥିଲେ।

### ସବୁଠୁ ଆୟକାରୀ ଫିଲ୍ମ ନିର୍ମାତା

ସୁପରହିରୋଙ୍କ ଜନକ ଷ୍ଟାନ୍ ଲି ନିଜ କାର୍ଯ୍ୟ ପାଇଁ ଭୂୟସୀ ପ୍ରଶଂସା ପାଇଛନ୍ତି। ମାର୍ଭେଲ ସିରିଜ୍‌ର ସବୁ ଫିଲ୍ମର କାର୍ଯ୍ୟକାରୀ ପ୍ରଯୋଜକ ଭାବେ ସେ ସଫଳତାର ଶ୍ରେୟ ପାଆନ୍ତି। ମଜା କଥା ହେଲା କେତେକ ଚରିତ୍ରର ସ୍ରଷ୍ଟା ନ ହୋଇ ସୁଦ୍ଧା ସେ ସମ୍ମାନିତ ହୋଇଛନ୍ତି। ମାର୍ଭେଲ ଫିଲ୍ମଗୁଡ଼ିକ ଅନେକ ଆୟ କରେ। କେବଳ ଆଭେଞ୍ଜର୍ସ ସବୁଠୁ ଅଧିକ ଆୟକାରୀ ଫିଲ୍ମ ତାଲିକାର ତୃତୀୟ ସ୍ଥାନରେ ରହି ରେକର୍ଡ ସୃଷ୍ଟି କରିଛି। ଷ୍ଟାନ୍ ଲିଙ୍କ ଫିଲ୍ମ ୧୧ ବିଲିୟନ୍ ଡଲାର ଆୟ କରିଛି। ଫିଲ୍ମକୁ ବ୍ୟବସାୟିକ ସଫଳତା ଦେବାରେ ତାଙ୍କ ରେକର୍ଡ କେହି ଭାଙ୍ଗିପାରି ନାହାନ୍ତି।

### ଡିସି କମିକ୍‌ରେ ବି କମାଲ୍

ମାର୍ଭେଲ୍ ସିରିଜ୍‌ରୁ ଅବସର ନେବା ପରେ ଷ୍ଟାନ୍ ଲି ଡିସି କମିକ୍ ପାଇଁ କାର୍ଯ୍ୟ କରି କମାଲ୍ ଦେଖାଇଥିଲେ। 'ଜଟେ ଇମାଜିନ୍' ଶୀର୍ଷକ ଡିସି କମିକ୍ ସିରିଜ୍ ନିର୍ମାଣ କରିଥିଲେ ଷ୍ଟାନ୍ ଲି। ତାଙ୍କ ସର୍ଜନାରେ ପ୍ରଥମ କମିକ୍ ପୁସ୍ତକ ଚରିତ୍ର ହେଉଛି ଦ ଡେଷ୍ଟ୍ରୟର। ତେବେ କ୍ୟାରିୟର ଆରମ୍ଭ ବେଳେ ଷ୍ଟାନ୍ ଲି ପରଲୋକ ଗମନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କ କ୍ୟାରିୟର ଓ ଜୀବନୀ ବିଷୟରେ ଲେଖୁଥିଲେ।

### ନିଶା ନିବାରଣ ସଚେତନତା

ଆମେରିକା ସମେତ ବିଶ୍ୱର ବିଭିନ୍ନ ଭାଗରେ ଯୁବପିଢ଼ି ଡ୍ରଗ୍ସ କବଳରେ କବଳିତ ହେଉଛନ୍ତି। ପ୍ରଥମ କରି ଷ୍ଟାନ୍ ଲି କମିକ୍ ପୁସ୍ତକ ଜରିଆରେ ଡ୍ରଗ୍ସ ଭଳି ନିଶାଦ୍ରବ୍ୟ ବ୍ୟବହାରର ବିପଜ୍ଜନକ ପରିଣାମ ବିଷୟରେ ପ୍ରଚାର କରିଥିଲେ। ମାର୍ଭେଲ୍ କମିକ୍‌ର ମୁଖ୍ୟ ସମ୍ପାଦକ ଥିବାବେଳେ ତାଙ୍କୁ ନିଶା ନିବାରଣ ନେଇ ସଚେତନତା ସୃଷ୍ଟି କରିବାକୁ ଆମେରିକା ପରରାଷ୍ଟ୍ର ବିଭାଗ, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜନକଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଥିଲା।

### ସମ୍ମାନ ଓ ପୁରସ୍କାର

୧୯୯୪ରେ ଷ୍ଟାନ୍ ଲି କମିକ୍ ପୁସ୍ତକ ଜଗତର ମର୍ଯ୍ୟାଦାଜନକ ପୁରସ୍କାର ୱିଲ୍ ଇସ୍‌ନର ଆୱାର୍ଡ ହଲ୍ ଅଫ୍ ଫେମ୍ ସମ୍ମାନ ଗ୍ରହଣ କରିଥିଲେ। ବର୍ଷକ ପରେ ଜ୍ୟାକ୍ କିର୍ବି ହଲ୍ ଅଫ୍ ଫେମ୍ ଦ୍ୱାରା ମଧ ସେ ପୁରସ୍କୃତ ହୋଇଛନ୍ତି। ୨୦୦୮ରେ ସେ ନ୍ୟାଶନାଲ ମେଡାଲ ଅଫ୍ ଆର୍ଟ୍ସ ସମ୍ମାନ ଲାଭ କରିଥିଲେ।












## ଫଳଚାଷ ସମ୍ପର୍କରେ...

– ବଗିଚାକୁ ବର୍ଷାପରେ ଭଲଭାବରେ ଚାଷ କରନ୍ତୁ ।

–ଫଳବଗିଚା ସଫାକରି ଅନୁମୋଦିତ ପ୍ରଣାଳୀରେ ଖତ, ରାସାୟନିକ ସାର ଓ ଅଣୁସାର ଗଛରେ ଦିଅନ୍ତୁ ।

–ଆବଶ୍ୟକ ଅନୁଯାୟୀ ଜଳସେଚନ କରନ୍ତୁ ।

–ପୁରୁଣା ଗଛକୁ କାଣ୍ଟଛାଣ୍ଟ କରନ୍ତୁ ଏବଂ ମାଆ ଗଛରୁ ବାହାରୁଥିବା କୁଆଁକୁ କାଟି ଦିଅନ୍ତୁ।

–ରୋଗପୋକ ନିୟନ୍ତ୍ରଣ କରନ୍ତୁ ଏବଂ ଉଭ ଆକ୍ରମଣ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।

–ଗଛ ମୂଳକୁ ଛାଦିକରଣ କରନ୍ତୁ ।

–ବର୍ତ୍ତମାନ କଦଳୀ ଗଛ ଲଗାଇପାରିବେ। ଏଥିପାଇଁ ଜି–୯, ପାଟକପୁରା, ଡି.ସି. ପ୍ରଭୃତି କିସମ ନେଇପାରିବେ।

### ଚିନାବାଦାମ:



କିସମ : ଦେବୀ, ଜେ.ଏଲ୍.–୨୪, ଟି.ଏ.ଜି.–୨୪, ଟି.ଜି.–୩୮ ବି, ଟି.ଜି.–୩୭ ଏ, କାଦିରି–୩ ।

–ହେକ୍ଟର ପ୍ରତି ୧୨୫ କି.ଗ୍ରା. (ମଞ୍ଜି) ବିହନକୁ ବିଶୋଧନ କରି ରାଇଜୋବିୟମ୍ କଲ୍‌ଚର ୨୫୦ ରୁ ୫୦୦ ଗ୍ରାମ୍ ୧୦ କି.ଗ୍ରା. ବିହନ ପ୍ରତି ଉପଚାର କରନ୍ତୁ । ହେକ୍ଟର ପ୍ରତି ୨୦:୪୦:୪୦ କି.ଗ୍ରା. ଯବକ୍ଷାରଜାନ, ଫସ୍‌ଫରସ୍ ଓ ପଟାସ୍ ପ୍ରୟୋଗ କରି ଧାଡ଼ିକୁଧାଡ଼ି୩୦ ସେ.ମି. ଓ ଗଛକୁଗଛ ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ ।

**ଆଖୁର ଉନ୍ନତ କିସମ:** ଉନ୍ନତ କିସମର ଆଖୁ ବିହନ ଯଥା – ସବିତା, ନୀଳମାଧବ, ନୟନା, ବିଶ୍ୱାମିତ୍ର, ରଘୁନାଥ, ନୀଳଚକ୍ର ଆଦି ସଂଗ୍ରହ କରନ୍ତୁ ।

–ଜମିରେ ଜଳ ରହୁଥିଲେ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରନ୍ତୁ ।

–ପତ୍ରଡ଼ିଆଁ/ଧଳାମାଛି ଆକ୍ରମଣ ଦେଖାଗଲେ ଏକ ଲିଟର ପାଣିରେ ୦.୩ ଗ୍ରାମ୍ ଥାୟାମେଥୋକ୍ସାମ୍ ଗୋଳାଇ ସିଞ୍ଚନ କରନ୍ତୁ ।

–ନାଲି ଶଢ଼ାରୋଗ ଆକ୍ରମଣ କଲେ ୧ ଗ୍ରାମ୍ ବେନ୍‌ଲେଟ୍‌କୁ ୧ ଲିଟର ପାଣିରେ ଗୋଳାଇ ସିଞ୍ଚନ କରନ୍ତୁ ।



# ଗୋସମ୍ବର୍ଦ୍ଧନା



ଡା. ବୀରକିଶୋର ପରିଡ଼ା

ସୁସ୍ଥ ସମାଜ ଗଠନରେ ଗୋମାତାର ଅବଦାନ ଅତୁଳନୀୟ । ତେଣୁ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବାର ଲକ୍ଷ୍ୟ ନେଇ ଚଳିତ ମାସ ୧୦ ରୁ ୧୬ ତାରିଖ ପର୍ଯ୍ୟନ୍ତ ଆମ ରାଜ୍ୟ ତଥା ଦେଶରେ ପାଳିତ ହେଉଛି ୬୭ ତମ ଗୋସମ୍ବର୍ଦ୍ଧନା ସପ୍ତାହ। ଗୋ–ବର୍ଦ୍ଧନ ପୂଜା ଓ ଗୋଷ୍ଠାଷ୍ଟମୀକୁ ସଂଶ୍ଳିଷ୍ଟ କରାଯାଇ ୧୯୫୨ ମସିହାଠାରୁ ଏହା ପାଳିତ ହୋଇଆସୁଛି। ଗୋମାତା ଆମ ସୁଖ ସମୃଦ୍ଧିର ପ୍ରତୀକ। କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ଗୋସମ୍ପଦ ଉପରେ ହିଁ ପର୍ଯ୍ୟବସିତ। ଗୋ–ଶବ୍ଦର ଅର୍ଥ ଗତିଶୀଳ। ଗୋମାତାର ସୁରକ୍ଷାରେ ଆମ ରାଜ୍ୟ ତଥା ରାଷ୍ଟ୍ରର ପ୍ରଗତି ସମ୍ଭବ। ପ୍ରାଚୀନ କାଳରୁ ୫ଟି 'ଗ' ଯଥା – ଗାଈ, ଗଙ୍ଗା, ଗୀତା, ଗାୟତ୍ରୀ ଏବଂ ଗୁରୁ ହିଁ ଆମ ସଭ୍ୟତା ଓ ସଂସ୍କୃତିର ପ୍ରତୀକ ଭାବେ ପରିଗଣିତ। ପୁଣି ଗୋମାତା ଐଶ୍ୱରିକ ଚେତନାର ଶ୍ରେଷ୍ଠ ନିଦର୍ଶନ। ଏହା ପ୍ରକୃତିର ୫ଟି ମୌଳିକ ଉପାଦାନକୁ ରୂପାନ୍ତରିତ କରିଥାଏ। ତାହା ହେଲା – କୃଷିଜାତ ବର୍ଜ୍ୟ ପଦାର୍ଥକୁ କ୍ଷୀରରେ ରୂପାନ୍ତରିତ କରିଥାଏ। ଗୋମାତାଠାରୁ ତା'ର ଜନ୍ମିତ କଅଁଳା ବାଛୁରୀକୁ ଛଡ଼ାଇ ନେବା ପରେ ମଧ୍ୟ ଆମକୁ ଅନବରତ କ୍ଷୀର ଦେଇ ପ୍ରତିପୋଷଣ କରେ। ସହିଷ୍ଣୁତା ଓ ଆଜ୍ଞାନୁବର୍ତ୍ତିତାର ପ୍ରତୀକ ଭାବେ ବଳଦ ତା'ର କାନ୍ଧରେ ସକଳ କୃଷିକାର୍ଯ୍ୟ ଓ ପରିବହନରେ ସହାୟତା କରିଥାଏ। ଗୋମାତା ତା'ର ବାଛୁରୀ ଓ ମାଲିକଙ୍କୁ ଅସାଧାରଣ ଭାବେ ଭଲ ପାଏ। ମନୁଷ୍ୟ ପାଇଁ କ୍ଷତିକାରକ ବିଷ ପଦାର୍ଥକୁ ଅମୃତ ରସ ବା କ୍ଷୀରରେ ପରିଣତ କରେ। ଗୋରୁର ମଳ ହେଉଛି ପବିତ୍ର, ଯାହାର ସଂସ୍ପର୍ଶରେ ଗୋମୟ ପରିବେଶ ସୃଷ୍ଟି ହୋଇଥାଏ। ଗୋବର ଭୂମିର ଶ୍ରେଷ୍ଠ ପ୍ରାକୃତିକ ଖାଦ୍ୟ। ଗୋମୂତ୍ର ଏକ ଅବ୍ୟର୍ଥ ଔଷଧ ରୂପେ ବ୍ୟବହାର ହୋଇଥାଏ। ଦ୍ୱାପରଯୁଗରେ ଶ୍ରୀକୃଷ୍ଣ ଏବଂ ତାଙ୍କର ଅଗ୍ରଜ ବଳରାମ ଗୋପପୁରରେ ରହି ଗୋପାଳନର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଯାଇଛନ୍ତି। ଗିରି ଗୋବର୍ଦ୍ଧନ ଓ ଗୋମାତାର ପୂଜାବିଧି ଅନୁସାରେ ଏହିଦିନ ଗାଈବଳଦଙ୍କୁ ଗାଧୋଇ ଦିଆଯାଇ ମଥାରେ ଅବିର, ସିନ୍ଦୂର ଓ ବେକରେ ଫୁଲମାଳ ଲଗାଇ ପୂଜା କରାଯାଇଥାଏ ଏବଂ ସେମାନଙ୍କୁ ଶସ୍ୟଜାତୀୟ ଖାଦ୍ୟ, ସବୁଜ ଘାସ ଓ ଗୁଡ଼ ଆଦି ଖାଇବାକୁ ଦିଆଯାଏ। ଏହି ଉତ୍ସବ କାର୍ତ୍ତିକମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ସମାହିତ ହୋଇଥିବାରୁ ଏହାକୁ ଗୋପାଷ୍ଟମୀ ବା ଗୋଷ୍ଠାଷ୍ଟମୀ ଆଖ୍ୟା ଦିଆଯାଇଛି।

ବର୍ତ୍ତମାନ ଆମ ରାଜ୍ୟରେ ଗୋସମ୍ପଦର ବିକାଶ ସହିତ ଦୁଗ୍ଧ ଉତ୍ପାଦନ ବୃଦ୍ଧି ଲାଗି ଅନେକ ଯୋଜନା ପ୍ରଣୟନ କରାଯାଇଛି। ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା ସେବା ଅପହଞ୍ଚ ବା ଦୁର୍ଗମ ଅଞ୍ଚଳରେ ଗୋପାଳକଙ୍କ ଦ୍ୱାରଦେଶରେ ପହଞ୍ଚାଇ ଦିଆଯାଉଅଛି। ଏଥିସହ କୃତ୍ରିମ ପ୍ରଜନନ, ଟିକାକରଣ, ଅସ୍ତ୍ରୋପଚାର, ଜନସଚେତନତା କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯାଇଛି। ସେହିପରି ସବୁଜ ଗୋଖାଦ୍ୟର ଚାହିଦା ମେଣ୍ଟାଇବାପାଇଁ ଖରିଫ୍ ଓ ରବି ଋତୁରେ ଘାସ ମଞ୍ଜି ଯୋଗାଣ ସହିତ ସବୁଦିନିଆ ଘାସଚାଷ ଲାଗି ଘାସମୂଳ, କାଣ୍ଡ, ଚାରା ଆଦି ଯୋଗାଇ ଦିଆଯାଉଅଛି। ଜାତୀୟ ପ୍ରାଣୀଧନ ମିଶନ ଯୋଜନାରେ ଜଣେ ଗୋପାଳକ ଅନ୍ୟୂନ ଅଧଏକର ଜମିରେ ସବୁଦିନିଆ ଘାସଚାଷ ନିମନ୍ତେ ୬ହଜାର ଟଙ୍କାରୁ ଆରମ୍ଭକରି ଅଢ଼େଇ ଏକର ପର୍ଯ୍ୟନ୍ତ ଜମିରେ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି। ସେହିପରି ତିରୋଟ ସମୟରେ ଆଜୋଲା ଚାଷ, ଫଡ଼ର ବ୍ଲକ ପ୍ରସ୍ତୁତି, ମାଟି ନ ଥାଇ ଘାସଚାଷ, ଜଳଶୁଷ୍କ ଅଞ୍ଚଳରେ ମରୁଡ଼ି ସହନଶୀଳ ଘାସଚାଷ ଆଦି କରିବା ନିମନ୍ତେ ଆଧୁନିକ ବୈଷୟିକ ଜ୍ଞାନକୌଶଳ ଯୋଗାଇ ଦିଆଯାଉଛି। ସବୁଜ ଗୋଖାଦ୍ୟର ସୁବିନିଯୋଗ ନିମନ୍ତେ ଘାସକଟା ଯନ୍ତ୍ର ମଧ୍ୟ ଯୋଗାଇ ଦିଆଯାଉଛି।

ଆମ ରାଜ୍ୟର ଜାତୀୟ ମାନ୍ୟତାପ୍ରାପ୍ତ ଗାଈ ତଥା ବିଞ୍ଝାରପୁରୀ, ଘୁମୁସରୀ, ଖରିଆଳ, ମୋଟୁ ଏବଂ ମଇଁଷି ପ୍ରଜାତି ଯଥା – ଚିଲିକା ଓ କଳାହାଣ୍ଡି ଆଦିର ସଂରକ୍ଷଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଉଛି। ସେହିପରି ୧୦ଟି ଉପାନ୍ତ ଜିଲାରେ କଲ୍ୟାଣୀ କାର୍ଯ୍ୟକ୍ରମ ମାଧ୍ୟମରେ ୧୦୦ଟି ଗୋବିକାଶ କେନ୍ଦ୍ର ଗଠନ କରାଯାଇ ଦେଶୀ ଗୋପ୍ରଜାତିର ଉନ୍ନତୀକରଣ ପାଇଁ ବ୍ୟାପକ କୃତ୍ରିମ ପ୍ରଜନନ କାର୍ଯ୍ୟକ୍ରମ ହାତକୁ ନିଆଯିବା ସହିତ ସବୁଜ ଘାସଚାଷ ନିମନ୍ତେ ଘାସମଞ୍ଜି, ମୂଳ, ଚାରା ଆଦି ଯୋଗାଇ ଦିଆଯାଉଛି। ବିଭିନ୍ନ ସଂକ୍ରାମକ ରୋଗ ଦାଉରୁ ଗୋସମ୍ପଦକୁ ମୁକ୍ତ ରଖିବାପାଇଁ ସାହାଣା, ବଜବଜିଆ, ଆନ୍ଥ୍ରାକ୍ସ, ଫାଟୁଆ ଆଦି ରୋଗର ଟିକା ପ୍ରତ୍ୟେକ ପ୍ରାଣୀଚିକିତ୍ସା କେନ୍ଦ୍ରରେ ମହଜୁଦ ସହ ଟିକାକରଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇପାରିଛି।

ଅଧିକ ଉତ୍ପାଦନକ୍ଷମ ଗାଈଙ୍କୁ ଧାତବଲବଣ ଅଭାବରୁ ସୁରକ୍ଷା ପ୍ରଦାନ ଲାଗି ମିନେରାଲ ମିକ୍ସଚର ଗୋପାଳକମାନଙ୍କୁ ଯୋଗାଇ ଦିଆଯାଉଛି। ଏତଦ୍ ବ୍ୟତୀତ, ପ୍ରାଣୀ ସ୍ୱାସ୍ଥ୍ୟ ଏବଂ ଉତ୍ପାଦନ ସମ୍ବନ୍ଧୀୟ ସୂଚନା ବ୍ୟବସ୍ଥା ବା ଇନାଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ଉପାଦେୟ ତଥ୍ୟ ଯଥା–କୃତ୍ରିମ ପ୍ରଜନନ, ଦୁଗ୍ଧ ଉତ୍ପାଦନ, ପ୍ରାଣୀ ସ୍ୱାସ୍ଥ୍ୟରକ୍ଷା, ଗୋଖାଦ୍ୟ ପରିଚାଳନା ଇତ୍ୟାଦି ଲିପିବଦ୍ଧ କରାଯାଇ ଗୋ–ବିକାଶ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରାଯିବାର ବ୍ୟବସ୍ଥା ହୋଇଛି। ସେଥିପାଇଁ ପ୍ରତ୍ୟେକ ଗୃହପାଳିତ ପ୍ରାଣୀଙ୍କୁ କାନନୋଳି ଦ୍ୱାରା ଚିହ୍ନଟ କରାଯାଉଛି।

ବର୍ତ୍ତମାନ ଆମ ଦେଶ ସମଗ୍ର ବିଶ୍ୱରେ ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ପ୍ରଥମ ସ୍ଥାନ ଅଧିକାର କରି ରେକର୍ଡ ସୃଷ୍ଟି କରିପାରିଛି। ଆମ ରାଜ୍ୟରେ ଦୁଗ୍ଧ ଉତ୍ପାଦନ ଏବଂ ଦୁଗ୍ଧ ପ୍ରକ୍ରିୟାକରଣ ଓ ବିକ୍ରିବଟା ନିମନ୍ତେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରାଯାଉଥିବାରୁ ଦୁଗ୍ଧ ଉତ୍ପାଦନ କ୍ରମାଗତ ଭାବରେ ବୃଦ୍ଧି ପାଇପାରିଛି। ଦୁଗ୍ଧ ସଂଗ୍ରହ ଓ ପ୍ରକ୍ରିୟାକରଣ ନିମନ୍ତେ ଓମ୍‌ଫେଡ୍‌ର ଭୁବନେଶ୍ୱରଠାରେ ୫ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ପ୍ଲାଣ୍ଟ ଥିବାବେଳେ ବାରଙ୍ଗ ବ୍ଲକର ଗୋବିନ୍ଦପୁରଠାରେ ଆଉ ଏକ ୫ଲକ୍ଷ ଲିଟର ଦକ୍ଷତା ବିଶିଷ୍ଟ ପ୍ଲାଣ୍ଟ ସ୍ଥାପନ ହେବାକୁ ଯାଉଛି। ଫଳରେ ଆଗାମୀ ଦିନରେ ଦୁଗ୍ଧର ଅଭାବୀ ବିକ୍ରିର ସମ୍ଭାବନା ଆଉ ରହିବ ନାହିଁ। ଚଳିତ ବର୍ଷ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ଆପିକଲ୍ ମାଧ୍ୟମରେ ଅନ୍‌ଲାଇନ ପ୍ରକ୍ରିୟାରେ ୨୦ଟି ଉନ୍ନତ ଗାଈଙ୍କୁ ନେଇ ଫାର୍ମ ପ୍ରତିଷ୍ଠାନ ନିମନ୍ତେ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସେହିପରି ଦୈନିକ ସର୍ବନିମ୍ନ ୫ ହଜାର ଲିଟର କ୍ଷମତା ବିଶିଷ୍ଟ ଦୁଗ୍ଧ ପ୍ରକ୍ରିୟାକରଣ ନିମନ୍ତେ ଏଥିରେ ବ୍ୟବସ୍ଥା ରହିଛି। ଏକ ଏକର ଜମିରେ ସମନ୍ୱିତ ମାଛଚାଷ ସହିତ ଗୋପାଳନ ଓ ଅନ୍ୟାନ୍ୟ ପ୍ରାଣୀପାଳନ ଉପରେ ସବ୍‌ସିଡିର ବ୍ୟବସ୍ଥା ହୋଇଛି। ଏହି ଯୋଜନାରେ ସାଧାରଣବର୍ଗଙ୍କ ପାଇଁ ୪୦ ପ୍ରତିଶତ ଏବଂ ଅନୁସୂଚିତ ଜାତି, ଜନଜାତି ବା ମହିଳାଙ୍କ ପାଇଁ ୫୦% ସବ୍‌ସିଡିର ବ୍ୟବସ୍ଥା ରହିଛି।





ଆମର ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସହାୟତା କରୁଥିବା ଗୋମାତା ପ୍ରତି ଆମେ ଶ୍ରଦ୍ଧା ଓ ସମ୍ବେଦନଶୀଳ ମନୋଭାବ ପ୍ରଦର୍ଶନ କରିବା ଆବଶ୍ୟକ। ଏଥିସହିତ ସେମାନଙ୍କର ଖାଦ୍ୟ, ଉପଯୁକ୍ତ ପ୍ରଜନନ ବ୍ୟବସ୍ଥା, ଲାଳନ ପାଳନରେ ଯତ୍ନ, ରୋଗ ନିୟନ୍ତ୍ରଣ ପ୍ରତି ଯତ୍ନବାନ ହେବା ନିମନ୍ତେ ପ୍ରତ୍ୟେକ ନାଗରିକଙ୍କର କର୍ତ୍ତବ୍ୟ ରହିବା ଜରୁରୀ। ଗୋମାତାଠାରୁ କେବଳ ଦୁଗ୍ଧ ଉପରେ ନିର୍ଭର ନ କରି ଗୋବର ଓ ଗୋମୂତ୍ରକୁ ଠିକ୍ ଉପଯୋଗ କରି ଆଜୀବନ ପର୍ଯ୍ୟନ୍ତ ସେମାନଙ୍କ ପ୍ରତି ଯତ୍ନବାନ ହେଲେ ଆମ ଗ୍ରାମ, ରାଜ୍ୟ ତଥା ଦେଶରେ ସୁଖ ସମୃଦ୍ଧି ଘଟିବା ସହିତ ଆର୍ଥିକ ବିକାଶ ସମ୍ଭବ ହୋଇପାରିବ। ଆଜି ଆମ ରାଜ୍ୟ ତଥା ଦେଶରେ ବ୍ୟାପକ ଗୋଚାଲାଣ ଯୋଗୁ ଆମ ସମାଜର ବିକାଶଧାରାରେ ଘୋର ଅନ୍ତରାୟ ସୃଷ୍ଟି କରୁଛି।

ପବିତ୍ର ଗୋସମ୍ବର୍ଦ୍ଧନା ସପ୍ତାହ ପାଳନ ଅବସରରେ ରାଜ୍ୟସ୍ତରୀୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ପ୍ରାଣୀଚିକିତ୍ସା ଶିବିର, ପ୍ରଶିକ୍ଷଣ, ଗୋପୂଜନ, ଗୋ–ବତ୍ସା ପ୍ରଦର୍ଶନୀ, ସଭା, ଶ୍ରେଷ୍ଠ ଗୋପାଳକଙ୍କୁ ସମ୍ବର୍ଦ୍ଧନା ଆଦିର ଆୟୋଜନ କରାଯାଇଛି। ସେହିପରି ଜିଲାଗୁଡ଼ିକରେ ଗୋପାଳକମାନଙ୍କୁ ଉତ୍ସାହିତ କରିବା ସହିତ ଗୋପାଳନ ଉପରେ ବ୍ୟାପକ ଜନସଚେତନତା ସୃଷ୍ଟି ପାଇଁ ଜିଲାସ୍ତରରେ ମଧ୍ୟ ଗୋସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଉଛି। ପ୍ରକୃତରେ କହିବାକୁ ଗଲେ, ସମଗ୍ର ମନୁଷ୍ୟ ସମାଜର ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥ ରହିବାର ମୂଳ ଉତ୍ସ ହେଉଛି ଗୋମାତା।

–ଉପନିର୍ଦ୍ଦେଶକ (ରୋଗ ନିୟନ୍ତ୍ରଣ),
ପ୍ରାଣୀପାଳନ ଓ ପ୍ରାଣୀ ଚିକିତ୍ସା
ନିର୍ଦ୍ଦେଶାଳୟ, କଟକ,
ମୋ: ୯୪୩୭୬୦୭୩୧୨

## କୋବି



ପନିପରିବା (କୋବି ଜାତୀୟ) ତଳି ୩ ସପ୍ତାହର ହୋଇଗଲେ ମୁଖ୍ୟ କିଆରିରେ ରୋଇ ଦିଅନ୍ତୁ। ମୂଳ ସାର ହିସାବରେ ଏକର ପ୍ରତି ୧୬: ୧୬:୧୬ ଏନ୍. ପି. କେ. ବ୍ୟବହାର କରନ୍ତୁ। ଧାଡ଼ିକୁ ଧାଡ଼ି ୬୦ ସେ.ମି. ଓ ଗଛକୁ ଗଛ ୪୫ ସେ.ମି. ବ୍ୟବଧାନରେ ଲଗାନ୍ତୁ। ଯଦି ତଳି ନ ପକାଇଥାନ୍ତି, ମୁଖ୍ୟ ଋତୁ କିସମର ବିହନ ତଳି ପକାନ୍ତୁ ଯଥା ବନ୍ଧାକୋବି – ଡ୍ରମ୍‌ହେଡ୍, ଶ୍ରୀଗଣେଶ ଗୋଲ୍, ଫୁଲକୋବି– ପୁଷା ସ୍ନୋବଲ୍, ପୁଷା ହାଇବ୍ରିଡ୍ –୨। କାଳିମୁଣ୍ଡି ପୋକ ଦାଉରୁ ରକ୍ଷା କରିବା ପାଇଁ ନୂଆକରି ଲଗାଯାଇଥିବା ଫସଲରେ ପ୍ରତି ୨୫ ଧାଡ଼ି ବନ୍ଧାକୋବି ପରେ ୨ ଧାଡ଼ି ସୋରିଷ ବୁଣନ୍ତୁ। ବୋରନ୍ ଅଣୁସାରର ଅଭାବରେ କାଣ୍ଡଫମ୍ପା ଓ ବେରଙ୍ଗି ହୋଇ ଓଜନ କମିଯାଏ। ଏଥିପାଇଁ ଅନୁମୋଦିତ ପରିମାଣର ଯବକ୍ଷାରଜାନ ସାର ପ୍ରୟୋଗ ସହିତ ଜମିରେ ଏକର ପ୍ରତି ୪ ରୁ ୬ କି.ଗ୍ରା. ବୋରାକ୍ସ ଲଗାଇବା ସମୟରେ ଦିଆଯାଏ। ଫସଲରେ ବୋରନ୍ (ପ୍ରତି ଲିଟର ପାଣିରେ ୧ ଗ୍ରାମ୍ ହିସାବରେ) ସ୍ପ୍ରେ କରନ୍ତୁ। ଗଛଗୁଡ଼ିକ ମଧ୍ୟରେ ବ୍ୟବଧାନ ଅଧିକ ରଖିବା ଅନୁଚିତ। କୋବି ଫସଲରେ ଠିକିରିପିଠିଆ ପୋକ ଲାଗିବାର ଆଶଙ୍କା ଥାଏ। ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୧–୨ଗ୍ରାମ୍ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ।



# ଲଙ୍କାଚାଷ କରିବେ କିପରି



■ ଡ.(ଶ୍ରୀମତୀ) ଶାଶ୍ୱତୀ ପଟ୍ଟନାୟକ

ଲଙ୍କା ବା ଲଙ୍କାମରିଚର ବ୍ୟବହାର ଖାଦ୍ୟରେ ସ୍ୱାଦ ବଢ଼ାଇଥାଏ। ରାଗ ଲଙ୍କା ମୁହଁ କରିଦିଏ ବଙ୍କା ବୋଲି ମଧ୍ୟ କଥାରେ କୁହାଯାଇଥାଏ। ଏହାର ଖାଦ୍ୟଗୁଣ ଓ ଔଷଧୀୟ ଗୁଣ ଏହାକୁ ଅନନ୍ୟ କରି ରଖିଛି। ଏହାକୁ ଆମେ ମସଲା, ଆଚାର, ସସ୍, ଶୁଖିଲା ଲଙ୍କା ଗୁଣ୍ଡ ଏମିତି ଅନେକ ରକମର ବ୍ୟବହାର କରିଥାଉ। ଆମ ରାଜ୍ୟର ପ୍ରାୟ ସବୁ ଜାଗାରେ ଏହା ଚାଷ କରାଯାଇପାରେ। ୨୦°ସେ. ରୁ ୨୫° ସେ. ଉତ୍ତାପ ଲଙ୍କା ଚାଷ ପାଇଁ ଭଲ। ୩୭° ସେ.ରୁ ଅଧିକ ଉତ୍ତାପ ଏହାପାଇଁ କ୍ଷତିକାରକ। ବେଶି ବର୍ଷାରେ ମଧ୍ୟ ଗଛ ପଚିଯାଇଥାଏ। ଫଳ ଧାରଣ ଅବସ୍ଥାରେ କମ୍ ଆର୍ଦ୍ରତା ବାୟୁମଣ୍ଡଳରେ ରହିଲେ ବି ଫଳ ଭଲ ବୃଦ୍ଧି ପାଏନି। ଫୁଲ ବା ଫଳ ଝଡ଼ିଦିଏ। ବାଲିଆ, ଦୋରସା ଓ ପଟୁ ପଡ଼ିଥିବା ନିଗିଡ଼ା ଉର୍ବର ଜମି ଲଙ୍କାଚାଷ ଲାଗି ଭଲ। ସନ୍ତସନ୍ତିଆ ଜମିରେ ଗଛ ଭଲ ବଢ଼େ ନାହିଁ ଏବଂ ଅଧିକ ଅମ୍ଳୀୟ ଜମିରେ ମଧ୍ୟ ଗଛ ଭଲ ହୁଏ ନାହିଁ। ଉଭୟ ଖରିଫ ଓ ରବିଋତୁରେ ଏହା ଚାଷ କରାଯାଇପାରେ। ଖରିଫଋତୁ ପାଇଁ ମେ' ରୁ ଜୁନ୍ ମାସ ଓ ରବି ଋତୁ ପାଇଁ ସେପ୍ଟେମ୍ବରରୁ ଅକ୍ଟୋବର ମାସ ଉତ୍ତମ। ଖରାଦିନିଆ ଲଙ୍କାଚାଷ ପାଇଁ ଜାନୁୟାରୀରୁ ଫେବୃୟାରୀ ମାସ ଭଲ। ଲଙ୍କାମଞ୍ଜିରୁ ତଳି ପ୍ରସ୍ତୁତକରି ଗଛ ଲଗାଯାଇଥାଏ। ଲଙ୍କା ଚାରା ପ୍ରସ୍ତୁତି ପାଇଁ ଅଧିକ ଅମଳକ୍ଷମ ବିହନ କିସମ ଯାହାକି ରୋଗପୋକ ସହଣୀୟ ଥିବେ ସେଗୁଡ଼ିକ ବାଛିବା ଦରକାର। ଲଙ୍କାମରିଚର ବିଭିନ୍ନ କିସମ ହେଲା ଜି୪, କୋଏମ୍ବାଟୁର–୨, ପୁଷା ଜାଓ୍ୱଲା, ଭିନ୍‌ଆର–୩୦୫, କଳସ–୬୧୯, କ୍ରିଷ୍ଣା ଇତ୍ୟାଦି।

ସଙ୍କର ଜାତୀୟ କିସମ ହିସାବରେ ତେଜସ୍ୱିନୀ, ଅଗ୍ନିବାଣ, ଅଗ୍ନି, ସୂର୍ଯ୍ୟ, ସୁଇଟ୍ ଗୋଲ୍ଡ ସମର, ଚାମ୍ପିଅନ ଆଦି ବିହନ ବ୍ୟବହାର କରାଯାଇପାରେ।

ମାଟି ଓ ଲଗାଇବା ସମୟ: ବାଲିଆ ଦୋରସା ଓ ପଟୁପଡୁଥିବା ନିଗିଡ଼ା ଉର୍ବର ଜମି ଲଙ୍କାମରିଚ ଚାଷ ପାଇଁ ଭଲ। ସନ୍ତସନ୍ତିଆ ଜମିରେ ଗଛ ଭଲ ବଢ଼େନାହିଁ। ଅଧିକ ଅମ୍ଳୀୟ ଜମିରେ ଲଙ୍କା ଭଲ ହୁଏ ନାହିଁ।

ଲଗାଇବା ପ୍ରଣାଳୀ: ଏକ ଏକର ସକାଶେ ପ୍ରାୟ ୩୦୦ ଗ୍ରାମ ମଞ୍ଜି ଦରକାର ହୁଏ। ସଙ୍କର ଜାତୀୟ କିସମ ପାଇଁ ୧୦୦ଗ୍ରାମ ମଞ୍ଜି ଯଥେଷ୍ଟ ହୋଇଥାଏ। ସାଧାରଣତଃ ଚାରିସପ୍ତାହର ତଳି ହୋଇଗଲେ ଲଗାଇବା ପାଇଁ ଉପଯୁକ୍ତ ହୁଏ। ଧାଡ଼ିକୁ ଧାଡ଼ି ୬୦ସେଣ୍ଟିମିଟର ଓ ଗଛକୁ ଗଛ ୩୦–୪୫ସେଣ୍ଟିମିଟର ବ୍ୟବଧାନରେ ତଳି ରୋଇବା ଦରକାର।

ଲଙ୍କା ଫସଲରେ ପୋକ: ଏହି ଫସଲରେ ଥ୍ରିପ୍‌ସ ଲାଗିଲେ ଗଛ ପୋଡ଼ାଳିଆ ଦେଖାଯାଏ। ପତ୍ର ମୋଡ଼ିହୋଇ ହଳଦିଆ ପଡ଼ିଯାଏ। ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ପ୍ରଫେନୋଫସ ଅଥବା ୨ମି.ଲି. କିମ୍ବା କାର୍ବାରିଲ ୨ଗ୍ରା./ଲି. ପାଣିରେ ମିଶାଇ ସିଞ୍ଚନ କରିବାକୁ ହୁଏ। ଆର୍ଦ୍ର ପତ୍ରକୁ କାଢ଼ି ଅଲଗା କରିଦେବା ଉଚିତ। ଏହି ରୋଗ ଆକ୍ରାନ୍ତ ପତ୍ର ତଳପଟେ ଦେହଲଗା ପାଉଡର ଭଳି ସୃଷ୍ଟି ହୋଇଥାଏ ତଥା ଧୂସର ରଙ୍ଗର ପାଉଡର ପତ୍ରର ଉପର ପଟେ ସୃଷ୍ଟି ହୋଇଥାଏ, ଯାହାଫଳରେ ପତ୍ରଗୁଡ଼ିକ ଶୁଖି ଶୁଖି ଝଡ଼ିପଡ଼େ। ଏହି ରୋଗକୁ ନିୟନ୍ତ୍ରଣ କରିବାକୁ ହେଲେ ସଲ୍‌ଫର ୫୦ ଡବ୍ଲ୍ୟୁପି ୨ଗ୍ରା./ଲି. ପାଣିରେ ମିଶାଇ ୨–୩ ଥର ୧୦–୧୨ ଦିନ ବ୍ୟବଧାନରେ ସିଞ୍ଚନ କରିବା ଉଚିତ।

ଉତ୍ପାଦନ: ଲଙ୍କା ପାକଳ ହେଲେ ଉତ୍ପାଦନ କରାଯାଏ। ଏକ ଏକର ଜମିରୁ ୨୦–୨୨ କୁଇଣ୍ଟାଲ କଞ୍ଚା ଲଙ୍କା ମିଳିଥାଏ। ଏକର ପିଛା ୮–୧୦ କୁଇଣ୍ଟାଲ ଶୁଖିଲା ଲଙ୍କା ଅମଳ ହୋଇଥାଏ।

–ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ
କୃଷିବିଜ୍ଞାନ କେନ୍ଦ୍ର, ସମ୍ବଲପୁର,ମୋ:
୭୦୦୮୪୫୬୫୬୩



ପ୍ରଥମ ପୃଷ୍ଠାରୁ...

## ୧୧ ସେବାୟତଙ୍କୁ...

ଶ୍ରୀମନ୍ଦିର ପରିସରରୁ ତଥ୍ୟ ପ୍ରଘଟ କରିଥିବା ଜଣେ ଯୁବ ଦଇତା ରହିଛନ୍ତି। ତେବେ ନୋଟିସ ଜାରି କରିବା ପରେ ବି ଶ୍ରୀମନ୍ଦିର ପ୍ରଶାସନ ଏ ସମ୍ପର୍କରେ ମୁହଁ ନ ଖୋଲିବା ଘଟଣାକୁ ଅଧିକ ସନ୍ଦେହାଚ୍ଛନ୍ନ କରିଛି। ୨୦୧୫ ମସିହା ଥିଲା ମହାପ୍ରଭୁଙ୍କ ନବକଳେବର ବର୍ଷ। ସେହିବର୍ଷ ଜୁନ୍ ୧୫ରେ ମହାପ୍ରଭୁଙ୍କ ଘଟ ପରିବର୍ତ୍ତନ ପାଇଁ ନିର୍ଘଣ୍ଟ ହୋଇଥିଲା। କିନ୍ତୁ ଘଟ ସଂସ୍ଥାପନରେ ଅହେତୁକ ବିଳମ୍ବ ସାଙ୍ଗକୁ ବିଭ୍ରାଟ ହୋଇଥିଲା। ଏହି ବିଶୃଙ୍ଖଳାକୁ ନେଇ ଶ୍ରୀଜଗନ୍ନାଥ ଆଇନ–୧୯୫୫ର ଧାରା ୨୧ (କ) ଅନୁଯାୟୀ, ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ତଦନ୍ତ ଆରମ୍ଭ କରିଥିଲେ। ୪ ବାଡ଼ଗ୍ରାହୀ ଦଇତାପତି, ଦଇତାପତି ନିଯୋଗର ସଭାପତି ଓ ସମ୍ପାଦକ, ବିଦ୍ୟାପତି ଓ ବିଶ୍ୱାବସୁ, ଶ୍ରୀବିଗ୍ରହ ନିର୍ମାଣରେ ନିୟୋଜିତ ୧୦ ଜଣ ବିଶ୍ୱକର୍ମାଙ୍କ ବୟାନ ମୁଖ୍ୟ ପ୍ରଶାସକ ରେକର୍ଡ କରିଥିଲେ। ପ୍ରାଥମିକ ଅନୁସନ୍ଧାନ ଆଧାରରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ–୧୯୫୫ର ଧାରା ୨୧ (ଖ) ଅନୁଯାୟୀ, ୨ ଜଣ ଦଇତା କାଶୀନାଥ ଦାସମହାପାତ୍ର ଏବଂ ତାଙ୍କ ପୁଅ ଜୟକୃଷ୍ଣ ଦାସମହାପାତ୍ରଙ୍କୁ ନିଲମ୍ବନ କରାଯାଇଥିଲା। ଦିନ ଗଡ଼ିବା ସାଙ୍ଗକୁ ତଦନ୍ତ ପ୍ରକ୍ରିୟା ବିଳମ୍ବିତ ହେବାକୁ ଲାଗିଲା। ତଦନ୍ତ କରୁଥିବା ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ମୁଖ୍ୟ ପ୍ରଶାସକ ପଦବୀରୁ ଅବ୍ୟାହତି ଦିଆଗଲା। ପ୍ରଦୀପ ଜେନା ମୁଖ୍ୟ ପ୍ରଶାସକ ଦାୟିତ୍ୱ ଗ୍ରହଣ କଲେ। ପରିଚାଳନା କମିଟିରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ବ୍ରହ୍ମ ବିଭ୍ରାଟ ଘଟଣାର ତଦନ୍ତ ରିପୋର୍ଟ ଦେବା ପାଇଁ ସୁରେଶ ମହାପାତ୍ରଙ୍କୁ ପରିଚାଳନା କମିଟି ଅନୁରୋଧ କରିଥିଲା। ୨୦୧୭ ଅଗଷ୍ଟ ୫ରେ ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକ ଶ୍ରୀମନ୍ଦିର ପ୍ରଶାସନକୁ ରିପୋର୍ଟ ଦେଇଥିଲେ। ୨୦୧୮ ମାର୍ଚ୍ଚ ୨୦ରେ ଅନୁଷ୍ଠିତ ନୂତନ ପରିଚାଳନା କମିଟିର ପ୍ରଥମ ବୈଠକରେ ଘଟ ପରିବର୍ତ୍ତନ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। କିନ୍ତୁ ରିପୋର୍ଟକୁ ସାର୍ବଜନୀନ କରାଯାଇ ନ ଥିଲା। ପରିଚାଳନା କମିଟି ସଦସ୍ୟ ମହୀମୋହନ ତ୍ରିପାଠୀ, ବାବା ସଚ୍ଚିଦାନନ୍ଦ ଦାସମହାରାଜ ଏବଂ ସିଦ୍ଧେଶ୍ୱର ମହାପାତ୍ରଙ୍କୁ ନେଇ ଏକ ସବ୍ କମିଟି ଗଠନ କରାଗଲା। ସବ୍ କମିଟି ବ୍ରହ୍ମ ବିଭ୍ରାଟ ରିପୋର୍ଟକୁ ତର୍ଜମା କରି ସେମାନଙ୍କ ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହେଲା। ୨୦୧୮ ସେପ୍ଟେମ୍ବର ୨୭ ପୂର୍ବାହ୍ନ ସାଢେ ୧୦ଟାରେ ସବ୍ କମିଟି ମୁଖ୍ୟ ପ୍ରଶାସକଙ୍କୁ ରିପୋର୍ଟ ପ୍ରଦାନ କରିଥିଲା। ଉକ୍ତ ରିପୋର୍ଟ ବୈଠକରେ ଉପସ୍ଥାପନ କରାଯାଇଥିଲା। ୩ ମାସ ମଧ୍ୟରେ ବ୍ରହ୍ମ ବିଭ୍ରାଟ ଘଟଣାରେ ଜଡ଼ିତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥିର ହୋଇଥିଲା। ସେହି ଅନୁଯାୟୀ ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ ହୋଇଛି। ସାକ୍ଷ୍ୟ ଦେଇଥିବା ସେବକଙ୍କ ବୟାନକୁ ମୁଖ୍ୟ ପ୍ରଶାସକ ଯାହା ରେକର୍ଡ କରିଛନ୍ତି କିନ୍ତୁ ପ୍ରଦତ୍ତ ରିପୋର୍ଟରେ ଅଲଗା ପ୍ରକାର ରହିଥିବାରୁ ତାଳମେଳ ନ ଥିବା ସବ୍ କମିଟି ତା' ରିପୋର୍ଟରେ ଦର୍ଶାଇଛି। ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକ ତାଙ୍କ ରିପୋର୍ଟରେ ଯେଉଁ ତଥ୍ୟ ରଖିଛନ୍ତି ତାହାକୁ ସେ ଠିକ୍ ଭାବେ ବିଚାରକୁ ନେଇ ନ ଥିବା କମିଟି ରିପୋର୍ଟରେ ଉଲ୍ଲେଖ କରିଛି। ଜଟିଳ ଓ ସ୍ପର୍ଶକାତର ସେବାରେ ବିଶୃଙ୍ଖଳା କରିଥିବା ସେବକଙ୍କ ବିରୋଧରେ ଉପଯୁକ୍ତ ଦଣ୍ଡବିଧାନ ସହ ଆଗାମୀ ନବକଳେବରରେ ଏହା ଯେପରି ପୁନରାବୃତ୍ତି ନ ହେବ କମିଟି ତାହା ଦର୍ଶାଇଛି। ଅନ୍ୟପକ୍ଷରେ ଘଟ ପରିବର୍ତ୍ତନର ଦୁଇଟି ଦିଗ ଗୋଟିଏ ପ୍ରଶାସନିକ ଏବଂ ଅନ୍ୟଟି ଧାର୍ମିକ ଦିଗ ରହିଛି। ପ୍ରାକ୍ତନ୍ ମୁଖ୍ୟ ପ୍ରଶାସକଙ୍କ ରିପୋର୍ଟ, ତିନିଜଣିଆ ସବ୍ କମିଟି ରିପୋର୍ଟରେ କେତେକ ଗୁରୁତ୍ୱପୂର୍ଣ୍ଣ ଧାର୍ମିକ ପ୍ରସଙ୍ଗ ଉଠିଛି। ଧାର୍ମିକ ପ୍ରସଙ୍ଗରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ଦିଗ୍‌ଦର୍ଶନ ନେବାକୁ ଗତ ପରିଚାଳନା କମିଟିରେ ଗଜପତି ମହାରାଜା ମୁଖ୍ୟ ପ୍ରଶାସକଙ୍କୁ ପରାମର୍ଶ ଦେଇଛନ୍ତି। ରିପୋର୍ଟରେ ଗୋପନୀୟ ନୀତିକୁ ସୂଚନା ଅଧିକାରରେ ଦିଆଯିବ ନାହିଁ କିନ୍ତୁ ଯାହା ସର୍ବସାଧାରଣଙ୍କ ନିମନ୍ତେ ଅବଗତଯୋଗ୍ୟ ତାହା ଆଗରେ ରଖିବାକୁ ପରିଚାଳନା କମିଟି ନିଷ୍ପତ୍ତି ନେଇଛି।

## ସଙ୍ଗିନ ସ୍ଥିତିରେ ...

ଶ୍ରୀମନ୍ଦିର ଓ ପାର୍ଶ୍ୱ ଦେବଦେବୀ ମନ୍ଦିର ସଂରକ୍ଷଣ ସ୍ଥିତି ଆକଳନ ପାଇଁ ଏଏସ୍‌ଆଇ ପକ୍ଷରୁ ୨୦୧୧ ମସିହାରେ ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ପ୍ରାକ୍ତନ ଅଧୀକ୍ଷକ ବିଜୟ ରଥଙ୍କ ଅଧକ୍ଷତାରେ ବୈଷୟିକ ପରାମର୍ଶ କମିଟି ଗଠନ କରାଯାଇଥିଲା। ଶ୍ରୀମନ୍ଦିର ମୁଖ୍ୟ ମନ୍ଦିର ସମେତ ପାର୍ଶ୍ୱ ଦେବଦେବୀ ମନ୍ଦିରକୁ ମିଶାଇ ୧୦୩ଟି ନିର୍ମାଣ ଉପରେ କମିଟି ଅନୁଧ୍ୟାନ କରି ଷ୍ଟାଟସ ରିପୋର୍ଟ ପ୍ରଦାନ କରିଥିଲା। ଏହି ରିପୋର୍ଟ କମିଟି ସିଂହଦ୍ୱାର ଗୁମୁଟର ସ୍ଥିତି ସଙ୍ଗିନ ରହିଥିବା ଦର୍ଶାଇଥିଲା। ଗୁମୁଟର ଦୁର୍ବଳ ହୋଇଯାଇଥିବା ପ୍ଲାଷ୍ଟର ସମ୍ପୂର୍ଣ୍ଣ ଭାବେ ଛଡାଇ ସଂରକ୍ଷଣ କରିବାକୁ ପରାମର୍ଶ ଦେଇଥିଲା। ଉପଯୁକ୍ତ ପ୍ରଣାଳୀରେ ଜଏଣ୍ଟ ସିଲିଂ, ଦୁର୍ବଳ ପଥର ପରିବର୍ତ୍ତନ କରିବାକୁ କମିଟି ପରାମର୍ଶ ଦେଇଥିଲା। ଗୁମୁଟର ସିଂହଦ୍ୱାର ଓ ବାଇଶପାହାଚ ପାର୍ଶ୍ୱ ପ୍ରବେଶ ଉପରେ ରହିଥିବା କାଠ ଓ ଲୁହା ବିମ୍‌ଗୁଡିକ ନଷ୍ଟ ହୋଇଯାଇଥିବାରୁ ତାହାକୁ ତୁରନ୍ତ ପରିବର୍ତ୍ତନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲା। ଏହାସହିତ ଆବଶ୍ୟକ ସ୍ଥଳେ ଚଟାଣ ମରାମତି କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ରିପୋର୍ଟକୁ ଭିତ୍ତିକରି ଏଏସ୍‌ଆଇ ୨୦୧୨ମସିହାରେ ସିଂହଦ୍ୱାର ଗୁମୁଟ ସଂରକ୍ଷଣ କାର୍ଯ୍ୟ ଆରମ୍ଭ କରିଥିଲା। ଗୁମୁଟର ମୁଖ୍ୟ ଲିନ୍‌ଟାଲ(ପାଟପଥର)ରେ ଫାଟ ରହିଥିବାରୁ ପିନିଙ୍ଗ କରି ଷ୍ଟେନଲେସ ଷ୍ଟିଲ ବିମ୍ ଲଗାଇଥିଲା। ଗୁମୁଟର ସିଂହଦ୍ୱାର ପାର୍ଶ୍ୱ ପ୍ରବେଶ ପଥରେ ଦ୍ୱାରବନ୍ଧରେ ରହିଥିବା ୩ଟି କାଠ ବିମ୍‌କୁ ହଟାଇ ଷ୍ଟେନଲେସ୍ ଷ୍ଟିଲ ବିମ୍ ସ୍ଥାପନ ମଧ୍ୟ କରାଯାଇଥିଲା। ଗୁମୁଟର ନୂତନ ଅଁଳା ଓ କଳସ ମଧ୍ୟ ସ୍ଥାପନ କରାଯାଇଥିଲା। କିନ୍ତୁ ଏଏସ୍‌ଆଇ ସିଂହଦ୍ୱାର ଗୁମୁଟ ପଶ୍ଚିମ ପାର୍ଶ୍ୱ ଅର୍ଥାତ୍ ବାଇଶପାହାଚ ପାର୍ଶ୍ୱର ସଂରକ୍ଷଣ କାର୍ଯ୍ୟକୁ ନ କରି ଛାଡି ଦେଇଛି। ପଶ୍ଚିମ ପାର୍ଶ୍ୱର ପ୍ଲାଷ୍ଟର ଦୁର୍ବଳ ହୋଇପଡିଛି। ବିଭିନ୍ନ ସ୍ଥାନରେ ପଥର ମଧ୍ୟ ଦୁର୍ବଳ ହୋଇପଡିଲାଣି। ଗୁମୁଟର ବାଇଶପାହାଚ ପାର୍ଶ୍ୱସ୍ଥ ଦ୍ୱାରବନ୍ଧରେ ଥିବା ୩ଟି ଯାକ ବିମ୍ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। କେଉଁ ମୁହୂର୍ତ୍ତରେ ବିମ୍‌ଗୁଡିକ ଖସି ପଡିବା ସମ୍ଭାବନା ରହିଛି। ଏହାସହିତ ଗୁମୁଟର ଚଟାଣ ଆବୁରା ଖାବୁରା ହୋଇଗଲାଣି। ପଥର ମଧ୍ୟ ସ୍ଥାନେ ସ୍ଥାନେ ନଷ୍ଟ ହୋଇଗଲାଣି। ତେଣୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଜରୁରୀ ହୋଇପଡିଛି। ଏ ସମ୍ପର୍କରେ ଏଏସ୍‌ଆଇର ବରିଷ୍ଠ ସଂରକ୍ଷଣ ସହାୟକ ଚିତ୍ତରଞ୍ଜନ ଦାଶଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, କାର୍ତ୍ତିକ ମାସ ପରେ ସିଂହଦ୍ୱାର ଗୁମୁଟ ମରାମତି ହେବ। ଦୁର୍ବଳ ହୋଇଥିବା ବିମ୍ ବଦଳାଇ ଷ୍ଟେନ୍‌ଲେସ ଷ୍ଟିଲ ବିମ୍ ଲଗାଯିବ। ପଶ୍ଚିମ ପାର୍ଶ୍ୱର ଚୂନ ଛଡାଯାଇ ପଥର ସ୍ଥିତି ଯାଞ୍ଚ କରାଯିବ।

## ପରପାରିରେ ଚିତ୍ତ...

ଗୁଣୁଗୁଣେଇ ହେଉଥିବେ ତାଙ୍କର ଅପାସୋରା ଗୀତକୁ। ସେହି କଣ୍ଠର ଯାଦୁକର ତଥା ଓଡ଼ିଆ ସଂଗୀତ ଜଗତର ଅମ୍ଳାନ ପ୍ରତିଭା ଥିଲେ ଚିତ୍ତ ଜେନା। ସୋମବାର ବିଳମ୍ବିତ ରାତିରେ ଇହଧାମ ତ୍ୟାଗ କରିଛନ୍ତି ସେ। ତାଙ୍କୁ ୭୬ ବର୍ଷ ବୟସ ହୋଇଥିଲା। ଅସୁସ୍ଥତା ଯୋଗୁ କଟକର ଏକ ଘରୋଇ ହସ୍ପିଟାଲରେ ୩ ସପ୍ତାହ ହେବ ଚିକିତ୍ସିତ ହେଉଥିଲେ। ୨୦୧୬ ରେ ତାଙ୍କର ଓପନ ହାର୍ଟ ସର୍ଜରୀ ହୋଇଥିଲା। ମାତ୍ର ହଠାତ୍ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେବାରୁ ପରିବାର ଲୋକେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କଟକ ସଦର ଅଞ୍ଚଳର ପୋପରଡ଼ା ଗ୍ରାମରେ ୧୯୪୧ ଡିସେମ୍ବର ୨୪ରେ ଜନ୍ମଗ୍ରହଣ କରିଥିଲେ ଚିତ୍ତ। ମା' ହେମନ୍ତ କୁମାରୀ ଓ ପିତା ଯଦୁମଣିଙ୍କର ଏହି ପୁତ୍ରଙ୍କର ପିଲାଟି ବେଳରୁ ସଂଗୀତ ପ୍ରତି ଥିଲା ଅହେତୁକ ଆକର୍ଷଣ। ଏହାକୁ ଲକ୍ଷ୍ୟ କରି ତାଙ୍କ ମାତାପିତା ସଂଗୀତ ଶିକ୍ଷାଦେବା ଲାଗି ମନସ୍ଥ କରିଥିଲେ। ତେବେ ଗୁରୁ ପଣ୍ଡିତ ଭୁବନେଶ୍ୱର ମିଶ୍ର ହିଁ ହୋଇଥିଲେ ତାଙ୍କର ସଂଗୀତ ଗୁରୁ। ୧୯୭୪ ମସିହାରେ ନିର୍ମିତ ହୋଇଥିଲା ଚଳଚ୍ଚିତ୍ର 'ମନଆକାଶ'। ଆଉ ଏହି ଚଳଚ୍ଚିତ୍ରରୁ ହିଁ ଚିତ୍ତ ଜେନା ସାଜିଥିଲେ ପ୍ରଚ୍ଛଦପଟ ଗାୟକ। ତେବେ ଆରମ୍ଭରୁ ହିଁ ଶ୍ରୋତା ତାଙ୍କ କଣ୍ଠ ଯାଦୁରେ ଛନ୍ଦି ହୋଇ ଯାଇଥିଲେ। ଏହା ପରେ ସିନ୍ଦୂର ବିନ୍ଦୁ, ମମତା, ବତିଘର, ସତୀ ଅନସୂୟା, ବନ୍ଧୁ ମହାନ୍ତି, ଶେଷ ଶ୍ରାବଣ ସମେତ ବହୁ ଓଡ଼ିଆ ଚଳଚ୍ଚିତ୍ରରେ ସେ ଗାଇ ଚାଲିଲେ ଗୀତ। ଆଉ ତାଙ୍କ ଗୀତ ସବୁଠି ମତୁଆଲା କରିଦେଲା ଶ୍ରୋତାଙ୍କୁ। ବିବାହ ହେଉ କି ମେଲୋଡ଼ି ଅବା ଅନ୍ୟ ଉତ୍ସବ ଯେପରି ହେଲେ ତାଙ୍କ ଗୀତ ଶୁଣିବାକୁ ମିଳୁଥିଲା। ସଙ୍ଗୀତ ନିର୍ଦ୍ଦେଶକ ଉପେନ୍ଦ୍ରକୁମାର, ଭୁବନେଶ୍ୱର ମିଶ୍ର, ଅକ୍ଷୟ ମହାନ୍ତି, ବାସୁଦେବ ରଥଙ୍କ ସ୍ୱର ସଂଯୋଜନାରେ ସେ ଗୀତ ବୋଲିଥିଲେ ହେଁ ପ୍ରଫୁଲ୍ଲ କରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ବୋଲିଥିବା ବହୁ ଗୀତ ତାଙ୍କୁ ଶ୍ରୋତାଙ୍କ ନିକଟତର କରାଇଥିଲା। ତେବେ ନିଜର ସ୍ୱରର ଯାଦୁରେ ବାନ୍ଧି ରଖିବାରେ ମାହିର ଚିତ୍ତଙ୍କୁ ମିଳିଥିଲା ଅଜସ୍ର ସମ୍ମାନ ଆଉ ପ୍ରଶଂସା। ୨୦୧୫ରେ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନଜନକ ଡକ୍ଟରେଟ ଉପାଧି, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରସ୍କାର, ପ୍ରଫୁଲ୍ଲ କର ସମ୍ମାନ ସମେତ ବହୁ ସମ୍ମାନ ଓ ଉପାଧିର ସେ ଥିଲେ ଅଧିକାରୀ। ନିଜ ରୋମାଣ୍ଟିକ କଣ୍ଠର ଝଲକ ସେ ଦେଖାଇଥିଲେ ୧୯୬୦ରେ ବିଜେବି କଲେଜରେ। କଲେଜ ପକ୍ଷରୁ ପ୍ରତିନିଧିତ୍ୱ କରି ଦିଲ୍ଲୀରେ ଅନୁଷ୍ଠିତ ଯୁବ ଉତ୍ସବରେ ସେ ପ୍ରଥମ ପୁରସ୍କାର ହାସଲ କରିଥିଲେ। ତେବେ ନିଜ ଜୀବନର ଅଧିକାଂଶ ସମୟ ମାମୁଘର କଟକ ସଦର ଅନ୍ତର୍ଗତ ଶାସୋଲୋ ଗ୍ରାମରେ ବିତିଥିଲା। ଏହା ପରେ ସେ କଟକ ସହରର ରାଣୀହାଟ ନିକଟରେ ରହୁଥିଲେ। ଏବେ ତାଙ୍କ ସ୍ତ୍ରୀ ଶୋଭା, ଦୁଇ ପୁଅ ସୁନନ୍ଦନ ଓ ସୁଚନ୍ଦନଙ୍କ ସମେତ ସାନଝିଅ ସରିତା ଅଛନ୍ତି। ଜ୍ୟେଷ୍ଠା କନ୍ୟା କଣ୍ଠଶିଳ୍ପୀ ସଂଗୀତା ଥିଲେ ଚଳଚ୍ଚିତ୍ର ଅଭିନେତା ମିହିର ଦାସଙ୍କ ସ୍ତ୍ରୀ। ୨୦୧୦ରେ ସଂଗୀତାଙ୍କର ମୃତ୍ୟୁ ଘଟିଥିବା ବେଳେ ନାତି ଅମ୍ଲାନ ଏବେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣେ ଉଦୀୟମାନ ପ୍ରତିଭା। ଚିତ୍ତଙ୍କ ଶେଷକୃତ୍ୟ ଜନ୍ମମାଟି ପୋପରଡ଼ାରେ ସମ୍ପନ୍ନ ହୋଇଛି। ବଡ଼ପୁଅ ସୁନନ୍ଦନ ମୁଖାଗ୍ନି ଦେଇଥିଲେ। ଏହି ବର୍ଷୀୟାନ କଣ୍ଠଶିଳ୍ପୀଙ୍କ ମୃତ୍ୟୁ ଖବର ପାଇ ତାଙ୍କର ଏକାନ୍ତ ଘନିଷ୍ଠ ତଥା ବିଶିଷ୍ଟ ସଂଗୀତ ନିର୍ଦ୍ଦେଶକ ପ୍ରଫୁଲ୍ଲ କର, ରାଜ୍ୟ ଚଳଚ୍ଚିତ୍ର ଉନ୍ନୟନ ନିଗମର ଅଧ୍ୟକ୍ଷ କୁନା ତ୍ରିପାଠୀ, କଣ୍ଠଶିଳ୍ପୀ ସୁବାସ ଦାଶ, ଚଳଚ୍ଚିତ୍ର ଅଭିନେତା ଶ୍ରୀତମ ଦାସ ପ୍ରମୁଖ ଶେଷକୃତ୍ୟ ସମୟରେ ଉପସ୍ଥିତ ଥିଲେ। ମରଶରୀରକୁ ପ୍ରଥମେ ରାଣୀହାଟସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରୁ କଳାବିକାଶ କେନ୍ଦ୍ର ଓ ମାମୁଘର ଶାସୋଲୋ ନିଆଯିବା ପରେ ପୋପରଡ଼ାରେ ତାଙ୍କ ଚିତା ଜଳିଥିଲା। ତାଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକବ୍ୟକ୍ତ କରିଛନ୍ତି। ଜ୍ୱାଇଁ ତଥା ଅଭିନେତା ମିହିର ଦାସ କହିଛନ୍ତି, ନିଚ୍ଛକ ଓଡ଼ିଆ ଗୀତର ଅନୁଭବ ଦେଇପାରୁଥିବା ଜଣେ ପ୍ରତିଭା ସବୁଦିନ ପାଇଁ ଛାଡ଼ି ଚାଲିଯିବା ଓଡ଼ିଆ ସଂଗୀତ ଜଗତକୁ ଅପୂରଣୀୟ କ୍ଷତି ପହଞ୍ଚାଇଛି।

## ଗଢ଼ାହେବ ଷ୍ଟୁଡେଣ୍ଟ...

ସେମାନଙ୍କୁ ଖାକି ୟୁନିଫର୍ମ ପ୍ରଦାନ କରାଯିବ। ସପ୍ତାହକୁ ଗୋଟିଏରୁ ଦୁଇଟି କ୍ଲାସ ମଧ୍ୟ ନିଆଯିବ। ଏଥିରେ ଛାତ୍ରୀଛାତ୍ରଙ୍କୁ ଡ୍ରିଲ୍ ସହ ଆଇନ ଶୃଙ୍ଖଳା ବ୍ୟବସ୍ଥା, ଟ୍ରାଫିକ, ବନ ବିଭାଗ, ଅବକାରୀ ନିୟମ ସହ ବ୍ୟକ୍ତିଗତ ଶୃଙ୍ଖଳା, ଏକତ୍ରିତ ହୋଇ ରହିବା ଆଦି ବିଷୟରେ ଶିକ୍ଷା ଦିଆଯିବ। ଏଥିପାଇଁ ଜଣେ ଡ୍ରିଲ୍ ସବ୍-ଇନ୍ସପେକ୍ଟରଙ୍କୁ ନିଯୁକ୍ତ କରାଯିବ। ଦୁଇ ବର୍ଷ ପ୍ରଶିକ୍ଷଣ ପରେ ପ୍ରମାଣପତ୍ର ପ୍ରଦାନ କରାଯିବ। ଏହା ସମର ଶିକ୍ଷାର୍ଥୀ ବାହିନୀ, ରେଡ୍‌କ୍ରସ, ସ୍କାଉଟ୍ସ ଓ ଗାଇଡ୍ସ ପ୍ରମାଣପତ୍ର ଭଳି କାମ ଦେବ। ପୋଲିସ ଠାରୁ ଲୋକଙ୍କ ଦୂରତ୍ୱ କମାଇବା ପାଇଁ ଏପରି ଅଭିନବ ପ୍ରୟାସ କରାଯାଇଛି ବୋଲି ଅନୁଗୋଳ ଏସ୍‌ପି ମିତ୍ରଭାନୁ ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି କ୍ୟାଡେଟ୍‌ମାନଙ୍କୁ ବିଭିନ୍ନ ଥାନା ସହ ଜିଲା ପୋଲିସ ମୁଖ୍ୟାଳୟ ଓ ରାଜ୍ୟ ପୋଲିସ କାର୍ଯ୍ୟାଳୟ ପରିଦର୍ଶନରେ ନିଆଯିବ ବୋଲି ଏସ୍‌ପି ମହାପାତ୍ର କହିଛନ୍ତି। ଏହା କିପରି ଗଠନ ହେବ, କ'ଣ କାର୍ଯ୍ୟ କରିବ, ତାହା ସ୍ପଷ୍ଟ ହୋଇନାହିଁ। ଜିଲା ପ୍ରଶାସନ ସହିତ ବୈଠକ ପରେ ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହେବ। ବିଦ୍ୟାଳୟକୁ ଓଡ଼ିଶା ଗୃହ ବିଭାଗ ପକ୍ଷରୁ ଏକ ପତ୍ର ଆସିଛି। ଯେଉଁଥିରେ ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଏସ୍‌ପିସି ପାଇଁ ମନୋନୀତ ହୋଇଥିବା ଉଲ୍ଲେଖ ରହିଛି। ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ପ୍ରଧାନଶିକ୍ଷୟିତ୍ରୀ ନନ୍ଦ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଭାରତରେ ଏପରି ବ୍ୟବସ୍ଥା ପ୍ରଥମେ କେରଳ ପୋଲିସ ପକ୍ଷରୁ ଆରମ୍ଭ କରାଯାଇଥିଲା। ୨୦୧୦ ଅଗଷ୍ଟ ୨ରେ ଏହା ସେଠାରେ ଲାଗୁ ହୋଇଥିଲା।



ଗୋଟିଏ ମାରାତ୍ମକ ମିଥ୍ୟା କହି ଜଣେ ଯଦି ତାକୁ ସତ୍ୟ ବୋଲି ପ୍ରମାଣିତ କରିଦେଇ ପାରିଲା, ତେବେ ସେ ହିଁ ସବୁଠାରୁ ବିପଜ୍ଜନକ ଲୋକ।
- ସିସେରା



# ୨ ମୃତ ବିଦେଶୀ ପକ୍ଷୀ ଜବତ, ଜଣେ ଗିରଫ

**ଟାଙ୍ଗୀ (ଖୋର୍ଦ୍ଧା), ୧୩।୧୧ (ଡି.ଏନ.ଏ.)**

ମୃତ ବିଦେଶୀ ପକ୍ଷୀ ବଜାରରେ ବିକ୍ରି କରୁଥିବା ବେଳେ ମଙ୍ଗଳବାର ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ କର୍ମଚାରୀ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛନ୍ତି। ସେ ହେଲେ ଝାଡ଼ିପାଟଣାର ଜୟନ୍ତ ପଲେଇ (୪୨) । ଜୟନ୍ତ ଚିଲିକା କୂଳରେ ୨ଟି ମୃତ ଏସିଆନ୍ ଓପନ ବିର୍କଷ୍ଟ ପକ୍ଷୀ ବିକ୍ରି କରୁଥିବା ତାଙ୍କୁ ଗିରଫ ସହ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। କେତେଜଣ ଶିକାରୀ ବନ୍ୟପ୍ରାଣୀ ଆଇନ୍ କୋହଳର ଫାଇଦା ଉଠାଉଥିବା ଅଭିଯୋଗ ହୋଇଛି। କାରଣ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ ପରେ ମଧ୍ୟ ସେମାନଙ୍କୁ ସହଜରେ ଜାମିନ ମିଳିଯାଉଛି। ତେଣୁ ଚିଲିକା ବନ୍ୟପ୍ରାଣୀ ଉପଖଣ୍ଡର ଟାଙ୍ଗୀ ବନାଞ୍ଚଳରେ ଏଭଳି ବିଦେଶୀ ପକ୍ଷୀ ଶିକାର ବୃଦ୍ଧି ପାଉଛି। ଏଥିପାଇଁ ଆଇନ କଡ଼ାକଡ଼ି ହେବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।


## GOVERNMENT OF ODISHA
## DEPARTMENT OF WATER RESOURCES
**"e" Procurement Notice - BAID 05 of 2018-19**

**Bid Identification No. BAID 05 of 2018-19**

| | | |
|---|---|---|
| 1 | Name of the work | River Embankment works for the year 2019-20 |
| 2 | Total No. of package | 22 Nos. |
| 3 | Tender cost | Rs.13.23 lakhs to 30.65 lakhs as per DTCN |
| 4 | Bid Security (Online) | Rs.13300/- to Rs.30700/- as per DTCN |
| 5 | Cost of tender paper (Online) | Rs.6000/- as per DTCN |
| 6 | Period of completion | 120 days |
| 7 | Availability of tender online for bidding | From 16.11.2018 at 12.00 Noon to 26.11.2018 upto 5.00 PM |
| 8 | Date and place of opening | Dt.27.11.2018 at 11.00 AM in the office of the Executive Engineer, Baitarani Division, Salapada |
| 9 | Tender Inviting Authority | Executive Engineer, Baitarani Division, Salapada, Keonjhar, Odisha |

No.755-A

Further details can be seen from the website **http://www.tendersorissa.gov.in / www.dowrodisha.gov.in**. Any addendum / Corrigendum / Cancellation to the above notice will be published in this website.

**Sd./- Executive Engineer**
**Baitarani Division, Salapada**
32006/11/0006/1819

**Government of Odisha "e" procurement Notice**
## OFFICE OF THE SUPERINTENDING ENGINEER BOLANGIR IRRIGATION CIRCLE, BOLANGIR
**e-mail-sebalangir@gmail.com, Phone No.-06652-250483**
**e-Procurement Notice No. SEBOIC 05 of 2018-19**
**BID IDENTIFICATION NO. – SEBOIC BID 05 OF 2018-19**
**No. 2398** **Dated 08.11.2018**

**No.730-A:-** The Superintending Engineer, Balangir Irrigation Circle, Balangir on behalf of His Excellency, the Governor of Odisha invites online Percentage rate tenders in double cover system to be received in online mode only for the works as detailed below.

| | | | |
|---|---|---|---|
| 1. | Nature of work | : | Civil. |
| 2. | Number of works. | : | Three |
| 3. | Approximate amount put to tender. | : | Rs.133.50 lakh to Rs.167.90 lakh |
| 4. | Period of completion | : | 3 (Three) Calendar months. |
| 5. | Date & time of availability of Bid document in the portal | : | Dt. 19.11.2018-10.00 AM to 05.12.2018 up to 5.00 PM |
| 6. | Last date & time of seeking Tender clarification. | : | Dt. 26.11.2018 up to 5.00 PM |
| 7. | Last date/time of receipt of Bids in the portal. | : | Dt. 05.12.2018- up to 5.00 PM |
| 8. | Date, time & place of opening of bids in the portal. | : | Dt. 06.12.2018 at 11.30 AM- in the office of the Superintending Engineer, Balangir Irrigation Circle, Balangir. |
| 9. | Name & address of the officer Inviting bid. | : | Superintending Engineer, Balangir Irrigation Circle, Balangir. At- Laltikra, P.O- Rajendra College, Dist: Balangir, PIN-767002. |
| 10. | Any corrigendum required will be made available in Govt. web-site only. | | |

Further details can be seen from the e-procurement portal- https://tendersorissa.gov.in

**Sd./- SUPERINTENDING ENGINEER**
**BALANGIR IRRIGATION CIRCLE**
**BALANGIR**
32172/11/0008/1819

## OFFICE OF THE NOTIFIED AREA COUNCIl, BHUBAN
**Tel No: 06769-272023, E-mail ID: bhubann.hud@nic.in**
**NO. 1452** **Dt. 13.11.18**

**NOTICE INVITING EXPRESSION OF INTEREST (EOI)**

Executive Officer Bhuban NAC invites Expression of Interest (EOI) in sealed cover from the Registered Firms/ Architects having experience in the field of rendering Consultancy services of different projects as mentioned below for engagement as Consultant, so as to reach the undersigned on or before dt. 24.11.18 to 1.00 P.M. The Firms/ Architects must mention the Consultancy fee as per norm of the Government. The proposals will be opened on dt. 24.11.18 at 3.00 P.M. in presence of the applicants or their authorized representatives.

**Name of Work**

**Preparation of plan, Design, Detailed estimates, Rate Analysis, Detail Project Report (DPR) and supervision of work under different Schemes as per requirement.**

**Conditions**

The Firms/ Architects should submit the following documents.

1. Valid Registration Certificate.
2. Experience Certificate having completed the similar nature of works under any Development Authority or ULBs of the State.
3. Copy of valid Service Tax Certificate with PAN Card.
4. GST registration certificate.

Besides the above, the successful Firm/Architect should ensure the technical sanction of the Plan, Design, Estimate and DPR etc. from the competent authority. Payment of Consultancy fee is subject to availability of funds under the Schemes.

The authority reserves the right to reject any or all proposals without assigning any reason thereof.

**Sd./- Executive Officer, NAC, Bhuban**

## ODISHA STATE ROAD TRANSPORT CORPORATION
**(A Government of Odisha Undertaking)**
Paribahan Bhawan, Sachivalaya Marg, Bhubaneswar-751009
No.15893 Date: 13.11.2018

**TENDER NOTICE**

No.CAD-1016: Sealed tenders are invited in the prescribed format for GPS based Vehicle Tracking (VT) System in OSRTC buses. Details may be accessed from **www.osrtc.in**.

**Sd./- R.P.Sahoo**
**General Manager (Admn.)**
**OSRTC, Bhubaneswar**
38002/11/0004/1819

**GOVERNMENT OF ODISHA**
**DEPARTMENT OF WATER RESOURCES**
## OFFICE OF THE EXECUTIVE ENGINEER MINOR IRRIGATION DIVISION, PADAMPUR
**Phone No-(06683)-223418(Off.), E-mail:-eemipad@yahoo.co.in**
No.751-A:- **No-4294 / Date-05-11-2018**

**E-PROCUREMENT NOTICE**
**BID IDENTIFICATION No: EE, MID, PDP/07/2018-19**

| | | |
|---|---|---|
| Name of work | : | Civil Construction Works |
| No. of works | : | 04 (Four) Nos. |
| Estimated cost | : | Varies from Approximately Rs. 18.95 lakh to Rs. 59.97 lakh for 04 Nos. of works. |
| Tender paper cost | : | Referred to DTCN. |
| Period of completion | : | Referred to DTCN. |
| Availability of bid documents | : | From 20-11-2018 at 10.00 AM to 05-12-2018 up to 5.00 PM in website(www.tendersorissa.gov.in) |
| Period of receipt of bid through online | : | From 20-11-2018 at-10.00 AM to 05-12-2018 up to 5.00 PM through online. |
| Date of opening of bid documents | : | On dt.10-12-2018 at. 11.00 AM. Onwards. |
| Digital signature certificate of Bidder | : | The bidder must possess compatible digital signature certificate (DSC) of Class-II or Class-III. |
| Name & Address of the OIT | : | Executive Engineer, M.I.Division, Padampur. At-Padampur, PO-Raj bora sambar, Dist:- Bargarh, PIN-768036 |
| Further details can be seen from the E-Procurement market place. | : | http://tendersorissa.gov.in |

The detail tender call notice can also be seen in the DOWR website- http://dowrorissa.gov.in.

**Executive Engineer,**
**M.I.Division, Padampur**
**32037/11/0005/1819**

See Career Appointment on every Wednesday & Saturday

Classified Display on Every Tuesday and Friday
Size : 6 cm x 8 cm

## ODISHA SPACE APPLICATIONS CENTRE (ORSAC)
**Department of Science & Technology, Government of Odisha**
**Plot no.45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-**

**ORSAC Advt. No 13/2018**
**EOI FOR SELECTION OF AGENCY FOR SUPPORT SERVICE IN SAND BLOCK SURVEY ACTIVITIES**

**No.CAD-1013:-** Odisha Space Applications Centre (ORSAC) invites sealed bids from eligible firms for selection of agency for support service in Sand Survey activities.

Experienced and established Firms are invited to submit their EOI in the prescribed formats. The complete EOI document can be downloaded from the following websites: www.orsac.gov.in and www.odisha.gov.in. The last date for submission of bid is 3rd December 2018.

**28007/11/0014/1819** **CHIEF EXECUTIVE**

## OFFICE OF THE EXECUTIVE ENGINEER, RURAL WORKS DIVISION, PURI
**2nd Corrigendum to Tender Call Notice No.Online- 04 of 2018-19.**

**No.1000-O:-** Due to some technical necessity, the following changes are made in the TCN No. Online-04 Date:- 27.10.2018.
**The details of changes are given as below.**
1) The class of contractors in item of work Sl.No.1,3,4 & 7 is "D" & "C" in place of "C" & "B".
2. Period of availability of tenders on-line/ Date & time of bidding on-line/ last date of seekingclarification/ Date of opening of tender papers.

| Procure-ment Officer | Bid identification No. | Availability of tender on-line for bidding | | Last date & time of seeking tender clarification | Submission of original documents for verification | Date, time & venue of opening of tender |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Puri. | Online- 04 | 17.11.2018 at 11.00 A.M. | 30.11.2018 up to 3.00 P.M | 29.11.2018 up to 1.00 P.M | During office hours of working days from dt.01.12.2018 to 05.12.2018 up to 12.30 P.M. in the Office of the Executive Engineer, R.W.Division, Puri & Office of the Superintending Engineer, Central Circle, Rural Works, Bhubaneswar & R.W.Sub- Division, Pipili / Kanas. | 05.12.2018 at 12.30 P.M. Office of the E.E., R.W. Div ision, Puri. |

All other terms and conditions remain unaltered.
**25065/11/0012/1819** **Sd./- Executive Engineer, R.W. Division, Puri**

## BHUBANESWAR MUNICIPAL CORPORATION
**No.38515 COMPETITIVE BIDDING THROUGH e-Procurement Dt.12/11/18**

**NOTICE INVITING TENDER**
**Bid Reference No. BMC-EED-II-31/2018-19 Dt.12.11.2018**

On behalf of the Commissioner, Bhubaneswar Municipal Corporation (BMC), on-line e-tender **Percentage Rate Bids** are invited by the Executive Engineer-II, BMC from the intending and eligible class/category of bidders in conformity with the Detailed Tender Call Notice for execution of the works mentioned in the DTCN.

Only the Bid Reference **No.(BMC-EED-II-31/2018-19)** should be written clearly over (superscribed) the envelop containing the bid documents to be submitted by each intending bidder. Nowhere on the envelop the bidders should write Work Name & its Sl. No. failing which, such bids shall be rejected outrightly and will not be opened for evaluation. It is, therefore, urged that all the intending bidders should go through the tender call notice and DTCN thoroughly and submit their bids accordingly. In case of any mis-match or inconsistency or contradict among different clauses/conditions/instructions/ information furnished in this tender call notice or in the DTCN, then necessary clarification shall be issued by BMC on specific request without compromising the transparency. Clarifications required, if any, on any matter related to this tender notice, shall be furnished by an authorized officer, (during office hours only) till the stipulated last date and time of submission of on-line tender.

1. Total No. of works for which Tenders invited: **8** Nos.
2. Place of Execution : Different locations in **Division-II** of Bhubaneswar Municipal Corporation
3. Estimated Cost of Individual Work : Rs. **3,42,176/- to Rs. 22,14,003/-**
4. Eligible Class of Contractors –: Registered Class of Contractors as indicated against each work mentioned in the tender call Notice Column No.7.
5. Intending bidders have to participate through **"On-Line"** bidding only. The website for online bidding is https://www.tendersodisha.gov.in.
6. The bid documents will be available in the above website from **11.00 A.M on 14.11.2018 to 5 P.M on 24.11.2018** for online bidding.
7. Bids received online will be opened at **11.30 A.M on 30.11.2018.** The bidder must possess valid and Compatible **Digital Signature Certificate** (**DSC**).
8. The bidders bidding @ less than the estimated cost has to furnish A.P.S (Additional Performance Security) as per OPWD Code amendment to Para-3.5.5(V) failing which the bid shall not be considered.
9. The DTCN of works shall be available in the e-procurement portal https://www.tendersodisha.gov.in for on-line bidding .

**On behalf of Commissioner, BMC, Bhubaneswar**

**Executive Engineer**
**BMC Division No.-II**

**Progress Through Partnership for a Better Bhubaneswar**

**OFFICE OF THE**
**MUNICIPAL COUNCIL, NABARANGPUR**
**Nabarangpur (Odisha), Pin-764059**
**No. 2666/NM-2018** **Dated 13.11.2018**

**CORRIGENDUM**

As 19.11.2018 is declared as a local holiday the date of opening of tender paper pursuant to tender call notice No. 2652 dated 09.11.2018 and 2650 dated 09.11.2018 is reschedule on 20.11.2018 at 4 P.M.

**Sd./- Executive Officer, Nabarangpur, Municipality**

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ.**
## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
E.H.T. (O&M) Division, Jayanagar-764005. CIN: U40102OR2004SGC007553

**NOTICE INVITING TENDER**

Sealed Tenders are invited from Contractors having valid Licence (Civil, Electrical and Labour), valid I.T PAN No and GST Registration Certificate for **TCN: 18 (A)** Construction of open store at 220/132KV Grid S/S, Jayanagar **TCN: 18(B)** Repairing and renovation of approach road in 220KV S/Y of Grid S/S, Jayanagar. **TCN: 18 (C)** Painting of equipment structure of Grid S/S, Jayanagar. Sealed Tenders are also invited from registered order suppliers / Manufacturers / their authorized dealers for **TCN: 18 (D)** Supply of different type of LED Tube light fittings for different S/D'S under EHT(O&M) Division, Jayanagar. Cost of tender paper are **Rs.2240.00, Rs.672.00, Rs.448.00** and **Rs.672.00** (non-refundable) in shape of Cash for Tender call No 18(A), 18(B), 18(C) and 18(D) respectively & EMD are of **Rs.5,000.00, Rs.2,000.00, Rs.500** and **Rs.2,000.00** in the shape of DD for Tender call No.18(A), 18(B), 18(C) and 18(D) respectively. Sale of tender documents from **Dt.14.11.2018** to upto **11:30AM** of **Dt.24.11.2018.** Last date of submission of tender on or before **Dt.24.11.2018** upto **05:00PM.** Tenders will be opened on **Dt.26.11.2018** at **11:30 AM**, at **12;30 PM,** at **1:00PM** and at **1:30 PM** for Tender call No 18(A), 18(B), 18(C) and 18(D) respectively. **Corrigendum, if any, will be published in the website only.** Sd/- **DGM (Ele.)**

Please connect us: optcl.odisha optcl_odisha energyodisha

## OFFICE OF THE EXECUTIVE ENGINEER RWS & S DIVISION, BARGARH
**Email :- eerwss_bgh@.nic.in, Ph (O):-06646 233220, FAX :- 06646 234626**
**No. 2987** **Dt. 30.10.2018**

**GOVERNMENT OF ODISHA "e" PROCUREMENT NOTICE**
**Bid Identification No 07 Dt 30.10.2018 of 2018-19**

**No.957-O:-** The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B 'or 'A' registered with any department of State Government or equivalent class of Central Govt.etc. to be eventually drawn up in G2 Contract form as per terms and condition noted below.

| | | | |
|---|---|---|---|
| 1. | Name of the work | : | Execution of different RPW/S schemes under Bargarh District – 19 Nos |
| 2. | Approx. Estimated cost | : | Varies from Rs 48.80 lakh to 85.99 lakh |
| 3. | Date and time of availability of document in the portal | : | Dt 17.11.18 to Dt 10.12.2018 up to 5.00 P.M |
| 4. | Last date/ time for receipt of bids in the portal | : | Dt 10.12.2018 up to 5.00 P.M |
| 5. | Date & time of Opening of Tender | : | Dt 11.12.2018 at 11.00 A.M. |
| 6. | Name and address of the Officer Inviting Bid | : | Executive Engineer, RWS&S Division, Bargarh, District :- Bargarh |

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.

**Executive Engineer**
**RWS&S Division, Bargarh**
**25157/11/0022/1819**

OFFICE OF THE CHIEF CONSTRUCTION ENGINEER
**Upper Kolab Project, Bariniput, Dist, Koraput, ODISHA-764006**
email id: ccekolab@yahoo.com, Phone / FAX:06854-242035
No. 4511 Dated:- 12.11.2018

**1st corrigendum to e-Procurement Notice No. CCEUKP-03/2018-19**

No.758-A: Open bids invited for the work **"Construction of Parapet wall of the earth Dam of Telengiri Medium Irrigation Project"** vide e procurement notice no CCEUKP-03/2018-19, bid identification no UKP-THWD-01/03 of 2018-19 of this Office is here by cancelled.

**Sd./- Chief Construction Engineer,**
**Upper Kolab Project, Bariniput**
32197/11/0008/1819

## ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ପତ୍ର ସଂଖ୍ୟା ୨୯୪୧୮/ଭୁ.ଉ.କ., ଭୁବନେଶ୍ୱର ତା୦୨।୧୧।୧୮ ରିଖ
KNM-1646/93

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, କଳିଙ୍ଗ ନଗର ଜମି ପ୍ରକଳ୍ପର ଏମ୍.ଆଇ.ଜି. ପ୍ଲଟ୍ ନଂ. K7-107କୁ ଶ୍ରୀ ଶୁଭେନ୍ଦୁ କୁମାର ମିଶ୍ର, ପିତା: କସ୍ତୁରୀ ଚରଣ ମିଶ୍ର, ଗ୍ରାମ: ଖଣ୍ଡାୟତପାଟକିରା, ପୋଅ: ବାଘୁଣୀ, ଥାନା: ସାଲେପୁର, ଜିଲ୍ଲା: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀ ଶୁଭେନ୍ଦୁ କୁମାର ମିଶ୍ର ଉକ୍ତ ପ୍ଲଟକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ସୁଜାତା ସାହୁ, ସ୍ୱାମୀ: ମନମୋହନ ପ୍ରଧାନ, ଗ୍ରାମ: ପିପଲମୁଣ୍ଡା, ପୋ: ବାମୁର, ଥାନା: କିଶୋରନଗର, ଜିଲ୍ଲା: ଅନୁଗୁଳଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ପ୍ଲଟର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହାହେଲେ ଏହି ସୂଚନା ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ, ତତ୍‌ପରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୨
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ,
ଭୁବନେଶ୍ୱର

## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER
ZILLA SWASTHYA SAMITI, SUBARNAPUR

**Advt. No.: 4460** **Date: 13.11.2018**

**Contractual Engagement under NHM**

Applications are invited from the interested eligible candidates for filling of various posts under NHM in Subarnapur District on contractual basis for a term of 11 months with monthly remuneration as noted against each & also subject to renewal as per the society norms basing on the performance & subsistence of the programme. Performance incentive & other benefits are also admissible for all post as per NHM norms from time to time.

| Sl. No. | Name of the Post | Vacancy | Remuneration |
|---|---|---|---|
| 1 | Staff Nurse (DP/ NBSU/SNCU/KMC) | 27 (ST-10, SC-2, SEBC-3, UR-12, including PH-2 (VI-1, H-1) | Basic Pay- Rs. 14,362 + PI (Maximum 25%) |
| 2 | ANM (DP/NRC/ MHT) | 9 (ST-6, UR-3) | Basic Pay- Rs. 11,176 + PI (Maximum 25%) |

The above positions are purely temporary & also coterminous with the scheme. Canvassing in any form will render the candidates disqualified for the position. Interested candidates can log on to **www.subarnapur.nic.in** for eligibility criteria, age, educational qualification, selection procedure, application format etc. **& requested to submit the application to "Chief District Medical & Public Health Officer, Subarnapur** on or before **28.11.18** till 5.00 PM through register Post/Speed Post/Courier Service only. The envelope containing the application should superscribe on the top of the envelope **"Name of the Post Applied for......... under NHM, Subarnapur".** Numbers of Vacancies shown above are provisional & it may change at the time of actual appointment/posting. Further panel list of the candidates, will be prepared which can be utilized in future with same qualification & remuneration in the District. Preference will be given to the District candidate (Subarnapur) for the Post of Staff Nurse & ANM, in case of non availability of suitable candidates, other district candidates will be considered. Candidates are requested to log on to www.subarnapur.nic.in for further communication. No personal communication in any form will be entertained by the office.

The undersigned reserves the right to cancel any or all the applications without assigning any reason thereof.

**Sd./- CDM & PHO-cum-District Mission Director, Subarnapur**

## OFFICE OF THE EXECUTIVE ENGINEER, MANJORE IRRIGATION DIVISION, ATHMALLIK
**AT/PO- ATHMALLIK, DIST.- ANGUL (ODISHA), PIN-759125, E-mail ID- ee.manjore@gmail.com**

**AUCTION SALE NOTICE NO. MID - 01/2018 -19 Dated: 09.11.2018**

**No. 771-A:-** Sealed Tender on plain paper or letter are invited by the undersigned for disposal of the following Two nos. of Govt vehicle of Executive Engineer, Manjore Irrigation Division, Athmallik (Odisha) and lying at the respective location shown in the column 6 of the table below.

| S.N. | Type of vehicle | Registration No. | Up set price (Rs.) | EMD (Rs.) | Place of inspection / parking |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Mahindra jeep (diesel) | ORM-8571 | 14000 | 2800 | Garage at Manjore Irrigatin Division, Athmalik |
| 2 | Mahindra jeep (diesel) | OR 06A-7116 | 16000 | 3200 | Garage at Manjore Irrigatin Division, Athmalik |

1. The bidders should write "OFFER FOR AUCTION SALE OF GOVT. VEHICLE SL. No.____________ " on the top of the sealed envelope.
2. The intending bidders are inspect the above vehicles parked as mentioned above in column 6 between 11.00 AM to 04.00PM from 19.11.2018 to 18.12.2018 on all working days before submitting tender. Each tender must accompany an earnest money deposit shown in column 5 of the table shown in the shape of Bank Draft of any nationalized Bank drawn in favour of Executive Engineer, Manjore Irrigation Division, Athmallik which will be refunded to the unsuccessful bidders. The bid price offered shall not less than the minimum (upset ) price as mentioned above in the column 4 of the table in each case.
3. Tender must delivered on the tender box having Identification No. MID- 01 /2018-19.
4. Sealed tenders will be received from Dt. 08.12.2018 to 18.12.2018 in the office of the undersigned as well as in the office of the Sub Divisional officer , Sub Division No-II, Saradhapur.
5. Tender document delivered by registered / speed post must reach the undersigned on or before 18.12.2018 up to 05.00PM. The Executive Engineer, Manjore Irrigation Division, Athmallik will not be responsible for postal delay if any for delivery of the documents or non receipt of the same.
6. The tender will be opened on Dt. 19.12.2018 at 11.00AM By the Executive Engineer, manjore Irrigation Division, Athmallik in his office in the presence of the tenderers or their authorized representatives. If the last date of receipt or date of opening of tender declared is as a Govt. holidays, then the tenders will be receipt or opened on the next working day as per scheduled time. The undersigned will not be responsible regarding the late submission/ receive of tender paper in any manner.
7. Tender call submit for any one or for all the items. Separate envelope should be used for each individual items. Submission of more than one tender paper by a bidder for a particular work will be liable for rejection of all such tender paper.
8. Tender should submit attested copy of PAN card / Indentity card / Aadhar card along with his offer.
9. The highest tenderer, whose tender is accepted, shall deposit immediately 25% of the offered amount then & there as initial deposit i.e. by cash or Draft. He/She shall deposit the balance amount within fifteen days of the deposit of the initial amount. In case he/ she fails to deposit the total amount as per the tender within the stipulated time, the deposit including earnest money shall be forfeited. The EMD of the successful bidder can be adjusted at the time of final payment of tender value in time.
   VAT as admissible shall be paid on the bidding cost by the successful bidder.
10. The successful bidder shall take permission from Executive Engineer, Manjore Irrigation Division, Athmallik to remove the vehicle from the respective location as shown in column o6 of the table within seven days of deposit of the bid amount. On failure to remove the vehicle within afore said time span, ground rent @10% of the tender amount shall be charged for each day or part of the days removal of the vehicle from afore said location. If the ground rent so charged, exceed the sale price deposit, then the tender shall cease to have any right on the vehicle and the amount deposited by him shall be adjusted towards the ground rent. Tools implements of spare parts shall not be delivered with vehicle.
11. The authority reserves the right to reject any or all tenders without assigning any reason thereof.
12. The tender notice shall be available in Government Department website www.dowrodisha.gov.in

32198/11/0004/1819 ***Executive Engineer, Manjore Irrigation Division, Athmallik***



"ସତ୍ୟ, ନିଷ୍ଠା, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ

**ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା**

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ smbselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



# ଚକଡ଼ା ରୋଗପୋକରେ ଚାଷୀ ଅତିଷ୍ଠ

**ସୋନପୁର,୧୩।୧୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ଚକଡା ପୋକଙ୍କ ପ୍ରାଦୁର୍ଭାବ ଦେଖାଦେଇଛି। ଜଳସେଚିତ ଡୁଙ୍ଗୁରିପାଲି ଓ ବିନିକା ବ୍ଲକରେ ଚକଡା ପୋକ ଯୋଗୁଁ ଖରିଫ ଧାନ ଫସଲ ପ୍ରଭାବିତ ହେବାକୁ ବସିଲାଣି। ଦିନକୁ ଦିନ ଚକଡା ପୋକ କ୍ଷେତରେ ମାଡି ଚାଲିଛନ୍ତି। ବଜାରରେ ମିଳୁଥିବା କୀଟନାଶକ ବ୍ୟବହାର କରି ଚାଷୀ ଖର୍ଚ୍ଚାନ୍ତ ହେଉଥିଲେ ହେଁ ପୋକକୁ ଆୟତ୍ତ କରାଯାଇପାରୁନି। ତେଣୁ ଚାଷୀ ଅତିଷ୍ଠ ହେଲେଣି। ମଙ୍ଗଳବାର କ୍ଷୟକ୍ଷତି ଆକଳନ କରିବାକୁ ଡୁଙ୍ଗୁରିପାଲି ବ୍ଲକର ବେହେରାମାଲ ଓ ପିପିଲିପାଲି ଗ୍ରାମକୁ ଯାଇଥିବା ଚାଷୀଙ୍କୁ ହଟହଟା ହେବାକୁ ପଡିଛି। ରାମପୁର ତହସିଲଦାର ପଞ୍ଚାନନ ପାତ୍ର, ସହକାରୀ ଜିଲାପାଳ ସଚ୍ଚିଦାନନ୍ଦ ହନୁମାନ, ବେହେରାମାଲ ଆରଆଇ ଦିଲ୍ଲିପ କୁମାର ଜେନା, ଗ୍ରାମ୍ୟ କୃଷି କର୍ମଚାରୀ ଗୁରୁଦେବ ସା ଓ ଅମିନଙ୍କୁ ସ୍ଥାନୀୟ ଚାଷୀ ଦୀର୍ଘ ୫ଘଣ୍ଟା ଅଟକ ରଖିଥିଲେ। ବେହେରାମାଲ ଛକରେ ୨ ଶହରୁ ଉର୍ଦ୍ଧ୍ୱ ଚାଷୀ ରାସ୍ତାରୋକୋ କରିଥିଲେ। ଅଧିକାରୀଙ୍କ ଗାଡିକୁ ଛାଡି ନଥିଲେ। ଡୁଙ୍ଗୁରିପାଲି ଆଇଆଇସି ଅମରେନ୍ଦ୍ର ଷାଣ୍ଡଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅପରାହ୍ନ ୪ଟାରେ ରାଜସ୍ୱ ଓ କୃଷି ଅଧିକାରୀଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ମରୁଡି ଓ ରୋଗପୋକ ଯୋଗୁଁ ବାରମ୍ବାର ଫସଲ କ୍ଷତି ହେଉଛି। ଚଳିତ ବର୍ଷ ମଧ୍ୟ ଫସଲ ଉଜୁଡି ଯାଇଛି। ତେବେ ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରାଯାଉ ନ ଥିବାରୁ ଚାଷୀ ବୀମା କ୍ଷତିପୂରଣ ଓ ଅନ୍ୟ ସହାୟତା ପାଇ ପାରୁନଥିବା ଅଭିଯୋଗ ହେଉଛି। ବେହେରାମାଲ ପଞ୍ଚାୟତର ଚାଷୀ ଚକଡା ପୋକ ଜନିତ ଫସଲ କ୍ଷତି ସମ୍ପର୍କରେ ଜିଲା ପ୍ରଶାସନକୁ ଅବଗତ କରିଥିଲେ। ୩ ଦିନ ପୂର୍ବରୁ ଜିଲାପାଳ ମଧୁସୂଦନ ମିଶ୍ର ଓ ପିଡି ଡିଆରଡିଏ ସୂର୍ଯ୍ୟନାରାୟଣ ଦାଶ କ୍ଷତି ହୋଇଥିବା ଫସଲ ପରିଦର୍ଶନରେ ଯାଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ମିଳିବାର ପ୍ରତିଶୃତି ମିଳିଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ରାମପୁର ତହସିଲଦାର ପାତ୍ରଙ୍କ ନେତୃତ୍ୱରେ ରାଜସ୍ୱ ଓ କୃଷି ବିଭାଗର କର୍ମଚାରୀ କ୍ଷୟକ୍ଷତି ଆକଳନ ପାଇଁ କ୍ଷେତ୍ରୀୟ ତଦନ୍ତରେ ଯାଇଥିଲେ। ପ୍ରକୃତ କ୍ଷତି ହୋଇଥିବା ୧୦ରୁ ୧୨ ଏକର ଜମିର ଆକଳନ ସରିଥିଲା। କିନ୍ତୁ ଆକଳନର ପରିମାଣକୁ ନେଇ ଚାଷୀ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉପରିସ୍ଥ ଅଧିକାରୀଙ୍କଠାରୁ ଆମକୁ ପ୍ରତିଶୃତି ମିଳିଛି। ଚକଡା ପୋକ ରାତି ପାହିଲା ବେଳକୁ ଏକର ଏକର ଜମି ମାଡି ଯାଉଛି। ସମ୍ପୂର୍ଣ୍ଣ ଗ୍ରାମର ଚାଷ ଜମିକୁ କ୍ଷତି ହୋଇଥିବା ଦର୍ଶାଇବାକୁ ସେମାନେ ଅଡି ବସିଥିଲେ। ଧାନ ପାଚିବାକୁ ବସିଲାଣି ତେଣୁ ମଙ୍ଗଳବାର ଆକଳନ ସମ୍ପୂର୍ଣ୍ଣ କରିବାକୁ କହିଥିଲେ। ଅନ୍ୟପକ୍ଷେ ସ୍ୱଳ୍ପ ସଂଖ୍ୟକ କର୍ମଚାରୀଙ୍କୁ ନେଇ ଗୋଟିଏ ଦିନରେ ଏତେଗୁଡିଏ ଜମିର ଆକଳନ ସମ୍ଭବ ନୁହେଁ ବୋଲି ତହସିଲଦାର କହିବା ସହ ଭାଟବାହାଲି ଗାଁକୁ ଆକଳନ କରିବାକୁ ଯିବା ପାଇଁ ବାହାରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଚାଷୀମାନେ ଅଧିକାରୀଙ୍କ ଗାଡିକୁ ଛାଡି ନ ଥିଲେ। ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ସୋନପୁର ଉପଜିଲାପାଳ ବଳରାମ ମଲ୍ଲିକ ଘଟଣା ସମ୍ପର୍କରେ ପୋଲିସକୁ ଜଣାଇଥିଲେ।

- **ଅଟକ ରହିଲେ ତହସିଲଦାର, ସହକାରୀ ଜିଲାପାଳ**
- **ବେହେରାମାଲରେ ରାସ୍ତାରୋକୋ**
- **୫ ଘଣ୍ଟା ପରେ ଅଧିକାରୀଙ୍କୁ ଉଦ୍ଧାର କଲା ପୋଲିସ**



ବେହେରାମାଲରେ ରାମପୁର ତହସିଲଦାରଙ୍କ ଗାଡିକୁ ଚାଷୀ ଅଟକ ରଖିଛନ୍ତି ।

# ପୁଅ ଇଟା ମାଡ଼ରେ ମା'ଙ୍କ ଜୀବନ ଗଲା

**ବାଲିଶଙ୍କରା,୧୩।୧୧(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କିଞ୍ଜିରକେଲା ଥାନା ଅନ୍ତର୍ଗତ ଦେଓଭୁବନପୁର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ମହେଶ ବାର୍ଲା (୨୩) ତାଙ୍କ ମା' ସମ୍ବାରୀ (୬୫)ଙ୍କ ମୁଣ୍ଡକୁ ଇଟାରେ ଛେଚି ହତ୍ୟା କରିବା ପରେ ଫେରାର ହୋଇଯାଇଛନ୍ତି। ପୋଲିସ ସୂଚନା ଅନୁଯାୟୀ ମହେଶ ବିଳମ୍ବିତ ରାତିରେ ଘରକୁ ଫେରି ଶୋଇଥିବା ମା'ଙ୍କୁ ଉଠାଇ ଟଙ୍କା ମାଗିଥିଲେ। କାମଧନ୍ଦା କିଛି ନ କରି ବେକାର ହୋଇ ବୁଲୁଛୁ କହି ସମ୍ବାରୀ ଟଙ୍କା ଦେବାକୁ ସିଧାସଳଖ ମନା କରିଦେଇଥିଲେ। ଏଥିରେ ମହେଶ ଉତ୍ତ୍ୟକ୍ତ ହୋଇ ପାଖରେ ପଡ଼ିଥିବା ଇଟାରେ ସମ୍ବାରୀଙ୍କ ମୁଣ୍ଡକୁ ବାରମ୍ବାର ପ୍ରହାର କରିଥିଲେ। ଘଟଣାସ୍ଥଳରେ ସମ୍ବାରୀଙ୍କ ମୃତ୍ୟୁ ହୋଇଥିଲା। ମହେଶଙ୍କୁ ତାଙ୍କ ବଡ଼ଭାଇ ରାଜେଶ ବାର୍ଲା ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ମଧ ସେ ରାଜେଶଙ୍କୁ ଏକ କୋଠରିରେ ବନ୍ଦ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଗ୍ରାମବାସୀ ଜାଣିବା ପରେ ପୋଲିସକୁ ଖବର ଦେଇଥିଲେ। ଥାନା ଅଧିକାରୀ ବିଦେଶୀ ବାଗ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହ ଜବତ କରି ମହେଶଙ୍କୁ ଧରିବା ପାଇଁ ତନାଘନା ଚଳାଇଥିବା ପୋଲିସ କହିଛି।

# ବୁଗୁଡ଼ା ପୋଲିସର ଏନ୍‌କାଉଣ୍ଟର

**ବୁଗୁଡ଼ା,୧୩।୧୧(ଡି.ଏନ.ଏ.)**

- **ଅଭିଯୁକ୍ତ ଗିରଫ**
- **ବାଇକ, ବନ୍ଧୁକ, ମୋବାଇଲ ଜବତ**



ଆହତ ବେଣୁ ବାରିକ।

ଗଞ୍ଜାମ ଜିଲା ବୁଗୁଡ଼ା ଥାନା ପୋଲିସ ଏନ୍‌କାଉଣ୍ଟରରେ ବିଭିନ୍ନ ବ୍ୟାଙ୍କ ଡକାୟତି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତ ଆହତ ହୋଇଛନ୍ତି। ସେ ହେଲେ ନୟାଗଡ଼ ଜିଲା ଓଡ଼ଗାଁ ଥାନା ଜାମୁପାଟଣା ଗ୍ରାମର ବେଣୁ ବାରିକ। ମଙ୍ଗଳବାର ସକାଳେ କରଚୁଲି ନିକଟସ୍ଥ ରାମପାଦ ଜଙ୍ଗଲରେ ବେଣୁଙ୍କୁ ପୋଲିସ ଏନ୍‌କାଉଣ୍ଟର କରିଥିଲା। ତାଙ୍କ ବାମ ଗୋଡ଼ରେ ଗୁଳି ବାଜିଛି। ପ୍ରଥମେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ବେଣୁଙ୍କ ନିକଟରୁ ବନ୍ଧୁକ, ଗୁଳି, ମୋବାଇଲ ଫୋନ ଓ ବାଇକ୍ ଜବତ କରାଯାଇଛି। ତାଙ୍କ ସହଯୋଗୀ ବୁଲୁ ଦାଶ ଖସି ପଳାଇଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ବେଣୁ ମାଣିତରା ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଓ ଖୋର୍ଦ୍ଧାରେ ଏକ ବ୍ୟାଙ୍କ ଡକାୟତି ସହ ବିଭିନ୍ନ ଆପରାଧିକ ମାମଲାରେ ସମ୍ପୃକ୍ତ ଥିଲେ। ଓଡ଼ଗାଁ ଥାନାରେ ମଧ ତାଙ୍କ ନାମରେ ୩ ମାମଲା ରହିଛି। ୨୦୧୩ରୁ ଖୋର୍ଦ୍ଧା ଜେଲ୍‌ରୁ ପାରୋଲରେ ଆସି ସେ ବିଭିନ୍ନ ଅପରାଧ ଭିଆଉଥିଲେ। ମଙ୍ଗଳବାର ଭୋର ପ୍ରାୟ ୬ଟାରେ କରଚୁଲି ଜଙ୍ଗଲ ଅଞ୍ଚଳରେ ବେଣୁ ଓ ତାଙ୍କ ସାଙ୍ଗ ବୁଲୁ ବାଇକରେ ବୁଲୁଥିବା ପୋଲିସକୁ ସୂଚନା ମିଳିଥିଲା। ଭଞ୍ଜନଗର ଏସଡିପିଓ ଉତ୍କଳ କେଶରୀ ଦାଶଙ୍କ ନେତୃତ୍ୱରେ ବୁଗୁଡ଼ା ଥାନାଧିକାରୀ ରାମଚନ୍ଦ୍ର ବିଶ୍ୱାଳ ପୋଲିସ ଫୋର୍ସ ସହ କରଚୁଲି ଜଙ୍ଗଲକୁ ଯାଇଥିଲେ। ରାମପାଦ ଜଙ୍ଗଲ ଠାରେ ପୋଲିସ ସହ ମୁହାଁମୁହିଁ ହେବାରୁ ବେଣୁ ପ୍ରଥମେ ଗୁଳି ଚଳାଇଥିଲେ। ପୋଲିସ ପାଲଟା ଗୁଳି ଚଳାଇବାରୁ ବେଣୁଙ୍କ ଗୋଡ଼ରେ ବାଜିଥିଲା। ସେ ପଡ଼ିଯିବାରୁ ତାଙ୍କୁ କାବୁ କରାଯାଇଥିଲା। ଏହି ସମୟରେ ବୁଲୁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଜାରି ରହିଛି। ବେଣୁ ପୋଲିସ ଉପରକୁ ଗୁଳି ଚଳାଇଥିବା ନେଇ ବୁଗୁଡ଼ା ଥାନାରେ ନଂ. ୨୭୩/୧୮ରେ ଏକ ମାମଲା ରୁଜୁ ହୋଇଛି।

## ସେଲ୍ଫି କର୍ନର



@ ଅକୁ



@ ବବୁଲ



@ ବଳରାମ



@ ଭୂପିନ୍ଦର



@ ଅଙ୍କିତ୍

**ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ** smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)


## ଧରିତ୍ରୀ CAREER APPOINTMENT
every Wednesday & Saturday

**OFFICIALLY JOB**
ଯୋଗ୍ୟତା: 10th Pass/Fail, ବୟସ: (18-35) yrs. Monthly Salary upto Rs.25000/-.
Contact Immediately Mob: 8763257042

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ବାଲେଶ୍ୱର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25000/-.
Contact: 9938676412

**SWETA SUPER BAZAR**
required experienced Cashier/ Computer Operator, Salesman.
7008731441

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

**SWIGGY REQUIRES**
Work Full Time/ Part Time with Swiggy as a DELIVERY EXECUTIVE (Bike and DL) and earn up to 12000 - 25000 / month (Incentives and Insurance worth 6 lakhs extra).
Walk-in at Swiggy office at Gulmohar Building, Ground Floor, Behera Sahi, Nayapalli (opp. NABARD) Regiona, Bhubaneshwar, Odisha-751012 or give a missed call or call us on 011 30017619

**EXIDE LIFE INSURANCE IS HIRING !**
We invite you to be part of a winning performance culture
ROLE : BRANCH MANAGER & AGENCY DEVELOPMENT MANAGER
Eligibility : Graduate with min. 3 years of Experience in Life Insurance.
Salary : As per the Industry + Variable
Location : Puri, Kendrapara, Angul, Baripada, Jajpur, Jharsuguda, Aska (Near Berhampur)
Interested Candidates can call on 8908022111/ 9748686600
Email : jayati.basu@exidelife.in
Exide Life Insurance Company Limited (Formerly known as ING Vysya Life Insurance Company Limited), CIN: U66010KA2000P-LC028273. Registered office: 3rd floor, JP Techno Park, No.3/1, Millers Road, Bengaluru- 560001, India. Toll Free : 18004198228, visit : exidelife.in

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

ଚେନ୍ନାଇରେ ଚାକିରି + ମାଗଣା ଘର। ହିନ୍ଦୀ କହିପାରୁଥିବେ।
ବେତନ: ୧୨୦୦୦ - ୧୫୦୦୦।
ହାଉସ୍ କିପିଂ ବଏ / ରୋଷେୟା। କାର ଡ୍ରାଇଭର / ମାଳିକଙ୍କ ବ୍ୟକ୍ତିଗତ ସେବକ / ଅଫିସ ଆସିଷ୍ଟାଣ୍ଟ।
9884761210

**URGENT REQUIRED**
- ରେଷ୍ଟୁରାଣ୍ଟ ୱେଟର : ୪ ଜଣ
- DRIVER : ୨ ଜଣ
- ହାଉସ୍ କିପର : ୨ ଜଣ
- ୱେଟର : ୨ ଜଣ

ଆକର୍ଷଣୀୟ ଦରମା, ଅଭିଜ୍ଞଙ୍କୁ ସୁଯୋଗ।
Contact: 9938329002

A Leading Distribution of Tiles & Marble Are Looking For
1. Sr SALES MANAGER
2. SALES EXECUTIVE
(MALE / FEMALE)
For its 4 showrooms in Bhubaneswar. Candidates must have 1-2 Yrs Exp..
SEND YOUR C.V TO EMAIL pralep.samal@rediffmail.com
Mob : 7894997519, 8763701801

A Fast growing leading Real-Estate Company requires following personnel for its Business Expansion.
1. MARKETING MANAGER: 03 Posts (MBA/ Graduate having minimum 2-3 years of Exp. in same trade)
2. DEPUTY MANAGER: 04 Posts (MBA/Graduate having minimum 1-2 years of Exp. in same trade)
3. MARKETING EXECUTIVE: 10 Posts (Freshers can also apply.) Experienced preferable.

Company provides fix Salary, convenience and High Incentive.
Interested candidate may Walk-in-interview on **10.11.18 (Saturday), 11.11.18 (Sunday) and 14.11.18 (Wednesday)**, Rush to-
**DIVINE INNOVATIONS PVT. LTD.,**
Plot No.: M/17, Madhusudan Nagar, Unit-4, BBSR, Near Vivekananda Sikshya Kendra, Ph: 0674-2534989, Mob: 9338424304, 9337024304

**REQUIRES SALES EXECUTIVE**
Graduates having smart and dynamic personality with 2 to 3 years experience in sales and collection for Bhubaneswar location may apply. Salary: (Negotiable+TA+Incentive)
Mobile : 7077799953, Email : rs.jagannath@gmail.com

**REQUIREMENT**
1. Operation Manager, 2. Depot Manager (Bus Depot), 3.Area Manager, 4. Field Officer, 5. Office In-Charge (M/F), 6.Lady Bus Guide (Conductor), 12th Pass (80 posts).
All are with the experience of Recruitment / Manpower Agency Age 30 to 45)
Walk-in-Interview: MAX DETECTIVES & SECURITY
SECURITY & MANAGEMENT SUPPORT SERVICE
BDA Commercial Complex, 1st Floor, Samanta Vihar, Chandrasekharpur near Nalco Square, Bhubaneswar-751023, Mob: 8114396262, 8114396396

**PARADIP PORT TRUST**
PARADIP - 754142, ODISHA (INDIA) SAGARMALA
(An autonomous body under Ministry of Shipping, Govt. of India)
No. AD/RSC-I-21/66/2011/3976 Dated, the 5th Nov., 2018
**ADVERTISEMENT**
Applications are invited from Indian Nationals for filling up following **Class-I posts** on **absorption / deputation** basis in Paradip Port Trust.
1. Dy. C.M.O (Surgery)
2. Dy. C.M.O. (Obstetrics & Gynaecology)
3. Dy. C.M.O. (Pediatrics)
4. Dy. C.M.O. (Orthopaedic)
5. Dy. C.M.O. (Pathology)
6. Dy. C.M.O. (Anesthesiology)

For further details, refer to our website **www.paradipport.gov.in**
PPT/PR/462/18-19 Dt.12.11.2018 Secretary

**REQUIRED**
- MARKETING BOY for BATHROOM FITTINGS.
- ACCOUNTANT with exp. of Tally 9.

H.R. Trading Co., 57, Budha Nagar, Near Kalpana Sqr., BBSR - 06, Ph : 0674-2310921, mail : hrtrading.co.in@gmail.com

ଭୁବନେଶ୍ୱରରେ ଘରୋଇ ରୋଷେଇ ପାଇଁ ରୋଷେୟା(COOK) ପୁରୁଷ / ମହିଳା ଆବଶ୍ୟକ ଏବଂ ଘରୋଇ ବଗିଚା ପାଇଁ ଭୁବନେଶ୍ୱରରେ PART TIME ମାଳୀ ଆବଶ୍ୟକ।
ଯୋଗାଯୋଗ: ୯୯୩୭୨୦୩୧୭୮

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT 09319945331

**ଆବଶ୍ୟକତା**
**ଶିପିଂ କମ୍ପାନୀରେ**
ଦଶମ, ଦ୍ୱାଦଶ ଏବଂ ସ୍ନାତକ ପ୍ରାର୍ଥୀଙ୍କର ତାଲିମ ପରେ କ୍ୟାରିୟର ଆରମ୍ଭ କରନ୍ତୁ
25,000ରୁ 35,000 ଦରମା + ଅନ୍ୟାନ୍ୟ ସୁବିଧା ସହିତ
ବୟସ:- 18 ରୁ 25 ବର୍ଷ
ଯୋଗାଯୋଗ- 08766655532
ଇମେଲ୍: careerpoint821@gmail.com

**Required** for Travel Co in BBSR
**SEO and SMO Executive:** (2 Nos.)
**Digital Marketing Executive:** (2 Nos.)
Minimum 2 years experience required. Interested candidates may send their CV within 7 days to **info@urbanyatra.com** & may drop resume on: Plot: N4/244, (Near Hotel Crown), BBSR.
Call on: 9437534567

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

See Career Appointment on every Wednesday & Saturday

**ଭାରତୀୟ ରିଜର୍ଭ ବ୍ୟାଙ୍କ୍ ସର୍ଭିସେସ୍ ବୋର୍ଡ, ମୁମ୍ବାଇ**
www.rbi.org.in
**ବିଜ୍ଞାପନ ସଂଖ୍ୟା. ୪/୨୦୧୮-୧୯**
୧. ଭାରତୀୟ ରିଜର୍ଭ ବ୍ୟାଙ୍କରେ ନିମ୍ନଲିଖିତ ପଦବୀରେ ନିଯୁକ୍ତି ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଅଛି।

| ପଦବୀ | ଖାଲିଥିବା ସ୍ଥାନ |
|---|---|
| ଗବେଷକ ପଦବୀ ନିମନ୍ତେ ପି.ଏଚ୍‌ଡି. (Ph.D.) ଗ୍ରେଡ୍ 'ବି' | ୧୪ |

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ଖାଲିଥିବା ସ୍ଥାନର ସଂରକ୍ଷଣ, ଚୟନ ପ୍ରଣାଳୀ, ଅନଲାଇନ୍ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ରିଜର୍ଭ ବ୍ୟାଙ୍କର ୱେବସାଇଟ୍ (www.rbi.org.in) ରେ ଅକ୍ଟୋବର ୩୦, ୨୦୧୮ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ। ପ୍ରାର୍ଥୀମାନେ ଏହି ପଦବୀ ଗୁଡିକ ପାଇଁ କେବଳ ଅନଲାଇନ୍ ରେ ବ୍ୟାଙ୍କର ୱେବସାଇଟ୍ ମାଧ୍ୟମରେ ଆବେଦନ କରିପାରିବେ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ :

| | |
|---|---|
| ୱେବସାଇଟ୍ ଲିଙ୍କ ଉନ୍ମୁକ୍ତ-ଅନଲାଇନ୍ ଦରଖାସ୍ତ ରେଜିଷ୍ଟ୍ରେସନ ଓ ଫିସ୍ (fees)/ସୂଚନା ଦେୟ ପ୍ରଦାନ ନିମନ୍ତେ | ଅକ୍ଟୋବର ୩୦, ୨୦୧୮ ରୁ ନଭେମ୍ବର ୩୦, ୨୦୧୮ |
| ନିର୍ଦ୍ଧାରିତ ଫିସ୍ (fees) ସହିତ ଅନଲାଇନ୍ ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ | ନଭେମ୍ବର ୩୦, ୨୦୧୮ |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟ୍‌ରେ ପ୍ରକାଶିତ ହେବ।

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ଦେଶରେ ଡାଟାକୁ ସଂରକ୍ଷଣ କରି ରଖିବାକୁ ସଂରକ୍ଷଣବାଦ୍ ବୋଲି କୁହାଯାଇପାରିବ ନାହିଁ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଆବଶ୍ୟକତାକୁ ପୂରଣ କରାଯାଇପାରିବ।
– ରସେସ ଶାହ, ପ୍ରେସିଡେଣ୍ଟ, ଫିକି



"ତେଲ ବିକ୍ରି ବନ୍ଦ ହେବା ପର୍ଯ୍ୟନ୍ତ ଇରାନ ବିରୋଧରେ ଆମେରିକା କଟକଣାକୁ କଠୋର କରିବା ଏଥିପାଇଁ ପ୍ରୟାସ ଜାରି ରହିବ।
– ଜନ୍ ବୋଲ୍ଟନ, ଜାତୀୟ ସୁରକ୍ଷା ଉପଦେଷ୍ଟା, ଆମେରିକା

## ସଂକ୍ଷେପରେ

### ଜେଟ୍ ଏୟାରୱେଜକୁ କିଣିବା ଲାଗି ଟାଟା ଗ୍ରୁପ୍‌ର ଉଦ୍ୟମ

**ନୂଆଦିଲ୍ଲୀ,୧୩-୧୧:** ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବା ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜକୁ କିଣିବା ଲାଗି ଟାଟା ଗ୍ରୁପ୍ ଉଦ୍ୟମ କରୁଛି। ଏହି କ୍ରମରେ ଗ୍ରୁପ୍ ପକ୍ଷରୁ ଜେଟ୍ ସମ୍ପର୍କରେ ଖୋଳତାଡ଼ ଆରମ୍ଭ ହୋଇଛି। ଗ୍ରୁପ୍‌ର ଚିଫ୍ ଫାଇନାନ୍ସିଆଲ ଅଫିସର ସୌରଭ ଅଗ୍ରୱାଲଙ୍କ ନେତୃତ୍ୱରେ ଟାଟା ସନ୍ସ ଲିମିଟେଡ ଜେଟ୍ ଏୟାରୱେଜ ମାଲିକ ତଥା ଅଧ୍ୟକ୍ଷ ନରେଶ ଗୋଏଲଙ୍କ ସହ ଆଲୋଚନା ଆରମ୍ଭ କରିଛି। ସେହିପରି ଟାଟା ସନ୍ସର ଏକ ଦଳ ବିମାନ କମ୍ପାନୀର ପରିଚାଳନା, ଆର୍ଥିକ ସ୍ଥିତି ଆଦି ସମ୍ପର୍କରେ ପଚାରି ବୁଝୁଛି। ଜେଟ୍‌କୁ ଅଧିଗ୍ରହଣ କଲେ ଟାଟା ଗ୍ରୁପ୍‌ର ବଜାର ଅଂଶ ୨୪% ବୃଦ୍ଧି ପାଇବ। ଉଲ୍ଲେଖଥାଉ କି, ଆର୍ଥିକ ସଙ୍କଟରୁ ମୁକ୍ତି ପାଇବା ଲାଗି ଗୋଏଲ ଜେଟ୍ ଏୟାରୱେଜର ଅଂଶଧନ ବିକ୍ରି କରିଦେବା ଲାଗି ଟାଟା ଗ୍ରୁପ୍ ସହ ବହୁ ନିବେଶକଙ୍କୁ ଆହ୍ୱାନ ଦେଇଥିଲେ। ବିମାନ କମ୍ପାନୀର ନିୟନ୍ତ୍ରଣ ଏହାର ମାଲିକ ଗୋଏଲ ଛାଡିବାକୁ ରାଜି ହେଲେ ଟାଟା ଭାବି ଦେଖିବ ବୋଲି ପୂର୍ବରୁ ଗ୍ରୁପ୍ ପକ୍ଷରୁ କୁହାଯାଇଥିଲା।

### ଆମ୍ରପାଲିର ସମ୍ପତ୍ତି ଜବତ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୧୩-୧୧:** ରିଏଲ ଇଷ୍ଟେଟ କମ୍ପାନୀ ଆମ୍ରପାଲି ଗ୍ରୁପ୍ ବିରୋଧରେ ସୁପ୍ରିମକୋର୍ଟ ମଙ୍ଗଳବାର ଏକ କଠୋର ନିଷ୍ପତ୍ତି ନେଇଛନ୍ତି। ସର୍ବୋଚ୍ଚ ଅଦାଲତ ତାଙ୍କ ଅନ୍ତରୀଣ ରୁଲିଂରେ ଉକ୍ତ ଗ୍ରୁପ୍‌ର ହସ୍ପିଟାଲ ଓ ଅନ୍ୟ ସମ୍ପତ୍ତିକୁ ଜବତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୋଆରେ ଥିବା ଏହାର ସମ୍ପତ୍ତିକୁ ବିକ୍ରି କରିବା ଏବଂ କର୍ପୋରେଟ୍ ଅଫିସର ଟାୱାରକୁ ଜବତ କରିବାକୁ କହିଛନ୍ତି। ହଜାର ହଜାର ନିବେଶକଙ୍କ ଅର୍ଥ ହଡପ କରିଥିବା ନେଇ ଆମ୍ରପାଲି ଗ୍ରୁପ୍ ବିରୋଧରେ ଅଭିଯୋଗ ହୋଇଛି। ଅତୀତରେ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଗ୍ରୁପ୍ ବିରୋଧରେ ବହୁବାର କଡ଼ା ଟିପ୍ପଣୀମାନ ଦେଇସାରିଛନ୍ତି। ଗ୍ରୁପ୍‌ର ପର୍ଦ୍ଦାଫାଶ ହେବା ଦରକାର ବୋଲି ସୁପ୍ରିମକୋର୍ଟ କହିଥିଲେ। ହୋମ ବାୟର୍ସଙ୍କ ଅର୍ଥକୁ ଆମ୍ରପାଲି ହେରଫେର କରିଥିବା କୁହାଯାଇଛି।

# ଫ୍ଲିପ୍‌କାର୍ଟ ସିଇଓ ପଦରୁ ବିନିଙ୍କ ଇସ୍ତଫା

**ନୂଆଦିଲ୍ଲୀ,୧୩-୧୧**



**ଦୁର୍ବ୍ୟବହାର ଅଭିଯୋଗ**
- ୱାଲମାର୍ଟ ସହ କମ୍ପାନୀର ମିଳିତ ତଦନ୍ତ ଆରମ୍ଭ
- ବିନିଙ୍କ ପକ୍ଷ ଦୁର୍ବଳ ଥିଲା
- କଲ୍ୟାଣ କ୍ରିଷ୍ଣମୂର୍ତ୍ତିଙ୍କୁ ସିଇଓ ଦାୟିତ୍ୱ

ଦେଶର ଶୀର୍ଷ ଇ-କମର୍ସ କମ୍ପାନୀ ଫ୍ଲିପ୍‌କାର୍ଟର ଗ୍ରୁପ୍ ସିଇଓ ବିନି ବଂଶଲ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ୱାଲମାର୍ଟ ଅଧିଗ୍ରହଣ କରିବାର ମାତ୍ର ୬ ମାସ ପରେ କମ୍ପାନୀରେ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମ ଦେଖିବାକୁ ମିଳିଥିଲା। ବନ୍ଧୁ ସଚିନ ବଂଶଲଙ୍କ ସହିତ ମିଶି ବିନି ଫ୍ଲିପ୍‌କାର୍ଟକୁ ପ୍ରତିଷ୍ଠା କରିଥିଲେ। କିନ୍ତୁ ଅଧିଗ୍ରହଣ ପୂର୍ବରୁ ସଚିନ କମ୍ପାନୀରୁ ଓହରି ଯାଇଥିଲେ। ବିନିଙ୍କ ବିରୋଧରେ ଦୁର୍ବ୍ୟବହାର ଅଭିଯୋଗ ଆସିଛି। ତେବେ ଇସ୍ତଫା ପରେ ସେ କମ୍ପାନୀ ବୋର୍ଡରେ ରହିବେ କି ନା ତାହା ସ୍ପଷ୍ଟ ହୋଇନାହିଁ। ବ୍ୟକ୍ତିଗତ ଦୁର୍ବ୍ୟବହାର ଅଭିଯୋଗ ଅଣାଯିବା ପରେ ଉଭୟ ଫ୍ଲିପ୍‌କାର୍ଟ ଓ ୱାଲମାର୍ଟ ପକ୍ଷରୁ ମିଳିତ ଭାବେ ଏକ ଆଭ୍ୟନ୍ତରୀଣ ତଦନ୍ତ ଆରମ୍ଭ କରାଯାଇଥିଲା। ତେବେ ରିପୋର୍ଟ ଆସିବା ପୂର୍ବରୁ ସେ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ବିରୋଧରେ ଆଗତ ସମସ୍ତ ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି। ଯାଞ୍ଚ ବେଳେ ବିନିଙ୍କ ବ୍ୟବହାରରୁ ତାଙ୍କ ବିରୋଧରେ ଆଗତ ଅଭିଯୋଗର ସତ୍ୟତା ରହିଥିବା ମନେ କରାଯାଉଛି। ୱାଲମାର୍ଟ ପକ୍ଷରୁ ଏକ ବୟାନ ଜାରି କରି କୁହାଯାଇଛି ଯେ, ବିନି ମଙ୍ଗଳବାର ସିଇଓ ପଦରୁ ଇସ୍ତଫା ଦେଇଛନ୍ତି। ଫ୍ଲିପ୍‌କାର୍ଟ ପ୍ରତିଷ୍ଠା କରିବାରେ ସେ ଅନେକ ପରିଶ୍ରମ କରିଥିଲେ। ଆରମ୍ଭରୁ ସେ ଏହି କମ୍ପାନୀରେ ନିଜକୁ ସମ୍ପୂର୍ଣ୍ଣ ସାମିଲ କରିଥିଲେ। କିନ୍ତୁ ନିକଟ ଅତୀତରେ ସଂଘଟିତ ଘଟଣା ତାଙ୍କୁ ବିଚଳିତ କରିଥିଲା। ସେ ବ୍ୟକ୍ତିଗତ ଭାବେ ଦୁର୍ବ୍ୟବହାର କରିଥିଲେ ବୋଲି ଅଭିଯୋଗ ଅଣାଯାଇଛି। ଏହାର ଏବେ ଯାଞ୍ଚ ଆରମ୍ଭ ହୋଇଛି। ୱାଲମାର୍ଟ ପକ୍ଷରୁ କୁହାଯାଇଛି ଯେ, କଲ୍ୟାଣ କ୍ରିଷ୍ଣମୂର୍ତ୍ତି ଏବେ ଫ୍ଲିପ୍‌କାର୍ଟର ସିଇଓ ଭାବେ ଦାୟିତ୍ୱ ତୁଲାଇବେ ଏବଂ ମିନ୍ତ୍ରା ଏବଂ ଜବଙ୍ଗକୁ କମ୍ପାନୀରେ ସାମିଲ କରାଯାଇଥିଲେ ହେଁ ଏହା ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରିବ। ସେହିଭଳି ଅନନ୍ତ ନାରାୟଣନ ମିନ୍ତ୍ରା ଓ ଜବଙ୍ଗର ସିଇଓ ଭାବେ କାର୍ଯ୍ୟ ତୁଲାଇବେ। ଫୋନ ପେର ସିଇଓ ଭାବେ ସମୀର ନିଗମ ଦାୟିତ୍ୱରେ ରହିବେ। ଉଭୟ କଲ୍ୟାଣ ଓ ସମୀର ବୋର୍ଡ ନିକଟରେ ଉତ୍ତରଦାୟୀ ରହିବେ।

### ୨୦୧୮-୧୯ ଅର୍ଦ୍ଧବାର୍ଷିକ ଫଳାଫଳ
# ନାଲ୍‌କୋର ନିଟ୍‌ଲାଭ ୩ ଗୁଣ ବଢ଼ିଲା

**ଭୁବନେଶ୍ୱର,୧୩-୧୧**

ଦେଶର ଅନ୍ୟତମ ନବରତ୍ନ କମ୍ପାନୀ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ(ନାଲ୍‌କୋ) ୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକ ଫଳାଫଳ ଘୋଷଣା କରିଛି। କମ୍ପାନୀ ଏହି ସମୟରେ ୫୯୫୨ କୋଟି ଟଙ୍କାର ଟର୍ନଓଭର ଲାଭ ହାସଲ କରିଛି, ଯାହା କି,୨୦୧୭-୧୮ ଆର୍ଥିକ ବର୍ଷ ତୁଳନାରେ ୪୨ ପ୍ରତିଶତ ଅଧିକ। ଅପରେଟିଂ ଲାଭ ୪ ଗୁଣା ବୃଦ୍ଧି ପାଇଛି। ସେହିପରି କମ୍ପାନୀର ନିଟ୍ ଲାଭ ପ୍ରାୟ ୩ ଗୁଣ ବୃଦ୍ଧି ପାଇଛି।

ଗତ ଆର୍ଥିକ ବର୍ଷ ତୁଳନାରେ କମ୍ପାନୀ ୩୩୪ କୋଟି ଟଙ୍କାର ନିଟ୍‌ଲାଭ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଲାଭ ପରିମାଣ ୩ଗୁଣା ବୃଦ୍ଧି ପାଇବା ସହିତ ୧୬୨୪ କୋଟି ଟଙ୍କାରେ ପହଞ୍ଚିଛି। ଯାହାକି ପ୍ରାୟ ୩୪% ରହିଛି। ମଙ୍ଗଳବାର ଏଠାରେ କମ୍ପାନୀ ବୋର୍ଡ ବୈଠକରେ ୨୦୧୮-୧୯ଆର୍ଥିକ ବର୍ଷର ପ୍ରଥମ ୬ ମାସ ତଥା ଦ୍ୱିତୀୟ ଅର୍ଦ୍ଧବାର୍ଷିକ ଆୟବ୍ୟୟ ହିସାବକୁ ଅନୁମୋଦନ କରାଯାଇଛି। ପୂର୍ବବର୍ଷରେ ୨୩୫ କୋଟି ଟଙ୍କା ନିଟ୍‌ଲାଭ ହୋଇଥିବା ବେଳେ ଚଳିତ ବର୍ଷ ଏହା ୫୧୦ କୋଟି ଟଙ୍କାରେ ପହଞ୍ଚିଛି। ୨୦୧୮-୧୯ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସରେ ଅପରେଟିଂ ଲାଭ ଗତବର୍ଷର ୨୨୩ କୋଟି ଟଙ୍କା ତୁଳନାରେ ୨୨୯ପ୍ରତିଶତ ବୃଦ୍ଧି ପାଇ ୭୩୫ କୋଟି ଟଙ୍କାରେ ପହଞ୍ଚିଛି। ଆଲୁମିନା ଏବଂ ଆଲୁମିନିୟମ ବଜାରରେ ଆମେରିକାର କଟକଣା ସତ୍ତ୍ୱେ ନାଲ୍‌କୋ ପକ୍ଷରୁ ଗତ ଦେଢ଼ବର୍ଷ ପୂର୍ବେ ପ୍ରଣୀତ ନୂତନ ବ୍ୟବସାୟିକ ମଡେଲ ଆପଣାଇ ନିଟ୍‌ଲାଭରେ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୭-୧୮ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନିଟ୍‌ଲାଭ ୧୨୯ କୋଟି ଟଙ୍କା ହୋଇଥିବା ବେଳେ ଚଳିତ ବର୍ଷର ଏହି ସମୟରେ ଏହା ୬୮୭ କୋଟି ଟଙ୍କା ହୋଇଛି। ନାଲ୍‌କୋର ସଫଳତା ଦ୍ୱିତୀୟ ତ୍ରୈମାସରେ ମଧ୍ୟ ଜାରି ରହିଛି। ଅଧ୍ୟକ୍ଷ ଡ.ତପନ କୁମାର ଚାନ୍ଦଙ୍କ ନେତୃତ୍ୱରେ ନିଷ୍ଠାପର ଓ ନିରନ୍ତର ପ୍ରୟାସ ବଳରେ ଚଳିତ ଆର୍ଥିକ ବର୍ଷରେ ରେକର୍ଡ ଟର୍ନଓଭର ଲାଭ କରିବାକୁ ନାଲ୍‌କୋ ଦୃଢ଼ ଆଶାବାଦୀ ଥିବା କହିଛି।

### ଭାରତୀୟ ଏମ୍‌ଏସ୍‌ଏମ୍‌ଇକୁ ମିଳିବ ବିଦେଶୀ ଟଙ୍କା
# ଚାଇନା ବ୍ୟାଙ୍କ ୨୦ କୋଟି ଡଲାର ପାଣ୍ଠି ଗଠନ କଲା

**ବେଜିଂ,୧୩-୧୧**

ନଗଦ ସଙ୍କଟ ଯୋଗୁ ଦେଶର ସୂକ୍ଷ୍ମ, ଲଘୁ ଓ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ) ଗୁଡିକ ପାଣ୍ଠି ଅଭାବରେ ଆଗେଇ ପାରୁନାହାନ୍ତି। ସେମାନଙ୍କୁ ପାଣ୍ଠି ଦେବା ଲାଗି ଏବେ ଚାଇନାର ସର୍ବବୃହତ ବ୍ୟାଙ୍କ ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ କମର୍ସିଆଲ ବ୍ୟାଙ୍କ ଅଫ୍ ଚାଇନା(ଆଇସିବିସି) ୨୦ କୋଟି ଡଲାରର ଏକ ପାଣ୍ଠି ଗଠନ କରିଛି। ବ୍ୟାଙ୍କ ଏହି ପାଣ୍ଠି ଜରିଆରେ ଏମ୍‌ଏସ୍‌ଏମ୍‌ଇରେ ନିବେଶ କରିବ। ଆଇସିବିସି ଇଣ୍ଡିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚେଙ୍ଗ୍ ୱିନ୍ ଏଠାରେ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଦ୍ୱିତୀୟ 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ନିବେଶ ସମ୍ମିଳନୀରେ ଯୋଗ ଦେଇ ଭାରତୀୟ ଷ୍ଟାର୍ଟ ଅପ୍ ଉପରେ ପାରିପାର୍ଶ୍ୱିକ ସ୍ଥିତିର ପ୍ରଭାବ ଉପରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ଭାରତୀୟ ଏମ୍‌ଏସ୍‌ଏମ୍‌ଇରେ ନିବେଶ ଲାଗି ଆଇସିବିସି ଇଣ୍ଡିଆ ୨୦ କୋଟି ଡଲାରର ଏକ ପାଣ୍ଠି ଗଠନ କରାଯାଇଛି ବୋଲି ଜଣାଇଥିଲେ। ଉଲ୍ଲେଖଥାଉ କି, ବଜାର ପୁଞ୍ଜି ହିସାବରେ ଆଇସିବିସି ଚାଇନାର ଶୀର୍ଷ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ହୋଇଥିବା ବେଳେ ୨୦୧୧ରେ ଏହା ମୁମ୍ବାଇରେ ନିଜର ଶାଖା ଖୋଲିଥିଲା। ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୩୫୦ ପୁଞ୍ଜିନିବେଶକାରୀ ଏଥିରେ ଯୋଗ ଦେଇଥିଲେ। ଏହାଛଡା ୨୦ଭାରତୀୟ ଷ୍ଟାର୍ଟଅପ୍ ଓ ୪୨ ଉଦ୍ୟୋଗ ଏଥିରେ ଅଂଶଗ୍ରହଣ କରିଥିଲେ।

### ଆର୍ସେଲର ମିତ୍ତଲଙ୍କୁ ଓଡ଼ିଶା ଷ୍ଟିଭେଡର୍ସର ବିରୋଧ

**ନୂଆଦିଲ୍ଲୀ,୧୩-୧୧**

ଦେବାଳିଆ ଆଇନ ଅଧୀନରେ ଋଣ ସମାଧାନ ପ୍ରକ୍ରିୟାର ସମ୍ମୁଖୀନ ହୋଇଥିବା ଏସାର୍ ଷ୍ଟିଲ୍‌କୁ ଅଧିଗ୍ରହଣ କରିବା ଲାଗି ଆର୍ସେଲର ମିତ୍ତଲର ସ୍ୱପ୍ନ ଘୁଞ୍ଚି ଘୁଞ୍ଚି ଯାଉଛି। ଏହି କମ୍ପାନୀ ବିରୋଧରେ ଅନ୍ୟତମ ଋଣ ପ୍ରଦାନକାରୀ ଓଡ଼ିଶା ଷ୍ଟିଭେଡର୍ସ ଲିମିଟେଡ ଏନ୍‌ସିଏଲ୍‌ଟିରେ ମାମଲା ଦାଏର କରିଛି। ଏଥିରେ ଏସାର ଷ୍ଟିଲ୍‌କୁ ଆର୍ସେଲର ମିତ୍ତଲର ଅଧିଗ୍ରହଣକୁ ବିରୋଧ କରାଯାଇଛି। ଏସାର୍ ଷ୍ଟିଲ୍‌ର ଶେୟାରଧାରକଙ୍କ ଦ୍ୱାରା ଦିଆଯାଇଥିବା ଋଣ ସମାଧାନ ପ୍ରସ୍ତାବକୁ ଗ୍ରହଣ କରାଯାଉ। ଏସାର ଷ୍ଟିଲ୍‌କୁ ଓଡ଼ିଶା ଷ୍ଟିଭେଡର୍ସ ୨୦.୪୬ କୋଟି ଟଙ୍କା ଋଣ ଦେଇଥିଲା।

# ୟୁନିୟନ ବ୍ୟାଙ୍କ କର୍ମଚାରୀଙ୍କୁ ମିଳିବ ଶେୟାର

**ନୂଆଦିଲ୍ଲୀ,୧୩-୧୧**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ବୋର୍ଡ କର୍ମଚାରୀଙ୍କୁ ବ୍ୟାଙ୍କର ଶେୟାର ଜାରି କରିବାକୁ ଅନୁମତି ପ୍ରଦାନ କରିଛି। ଏହାକୁ ବିକ୍ରି କରି ବ୍ୟାଙ୍କ ୬୦୦ କୋଟି ଟଙ୍କା ଯୋଗାଡ଼ କରାଯିବ। ଷ୍ଟକ ଏକ୍ସଚେଞ୍ଜକୁ ଦିଆଯାଇଥିବା ସୂଚନାନୁଯାୟୀ କର୍ମଚାରୀ ଶେୟାର କ୍ରୟ ଯୋଜନା(ଇଏସ୍‌ପିଏସ୍) ଅଧୀନରେ ଶେୟାର ଜାରି କରାଯିବ। ଫଳରେ ବ୍ୟାଙ୍କ ଉକ୍ତ ଟଙ୍କା ହାସଲ କରିବ। ଏଥିଲାଗି କର୍ମଚାରୀଙ୍କୁ ଥରକେ ଅଥବା ଏକାଧିକ ଥର ଶେୟାର ପ୍ରଦାନ କରାଯିବ। ବ୍ୟାଙ୍କ ବୋର୍ଡରେ ଏ ସମ୍ପର୍କରେ ଆଗତ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।


MCL | ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍
(କୋଲ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା-୭୬୮୦୨୦, ଜିଲ୍ଲା-ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ - (EPABX) : ୦୬୬୩-୨୫୪୨୪୬୧ ରୁ ୪୬୯, ୱେବସାଇଟ୍ : www.mahanadicoal.in

**ଇ-ଟେଣ୍ଡର ବିଜ୍ଞପ୍ତି**

ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ର ନିମ୍ନଲିଖିତ ଇ-ଟେଣ୍ଡରଗୁଡ଼ିକ, କୋଲ୍ ଇଣ୍ଡିଆ ଲିମିଟେଡ୍ ଅଧୀନସ୍ଥ ଇ-ଟେଣ୍ଡର ପୋର୍ଟାଲ (https://coalindiatenders.nic.in) ରେ ପ୍ରକାଶିତ ଅଛି ଏବଂ ଏହା କେନ୍ଦ୍ରୀୟ ସାର୍ବଜନୀକ ପ୍ରୋକ୍ୟୁରମେଣ୍ଟ ପୋର୍ଟାଲ (https://eprocure.gov.in) ରେ ମଧ୍ୟ ଦୃଶ୍ୟମାନ ହେଉଛି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଦୟାକରି ଉପରୋକ୍ତ ୱେବ୍‌ସାଇଟ୍‌ଗୁଡ଼ିକୁ ଦେଖନ୍ତୁ ।

| କ୍ର. ସଂ. | ଟେଣ୍ଡର ଆଇଡି | କାର୍ଯ୍ୟ/ସେବାର ନାମ | ଟେଣ୍ଡର ମୂଲ୍ୟ In (₹) |
|---|---|---|---|
| 1 | 2018_MCL_119433_1 | Renovation of track of Railway in-motion weigh bridge No-VII at Bharatpur OCP. | 915361.00 |
| 2 | 2018_MCL_119507_1 | PROCUREMENT OF SPARES FOR D 11T DOZERS | 219555.00 |
| 3 | 2018_MCL_119667_1 | PROCUREMENT OF HOSE KIT AND VALVE SOLENOID FOR TATA 1200 HYD EXCAVATOR | 1016328.00 |
| 4 | 2018_MCL_119610_1 | Hiring of One (1) Jeep (Bolero, Sumo or its equivalent) for movement of RPF personnel from Jharsuguda to MCL Sardega Siding Basundhara Area for 24hrs per day duty for six months (180 days) | 299160.00 |
| 5 | 2018_MCL_119652_1 | Hiring of One (1) Jeep (Bolero / Sumo or its equivalent) fitted with AC for B(W) OCP shift duty for 12 hrs per day duty for two years at Basundhara Area (682 days) | 685410.00 |
| 6 | 2018_MCL_119656_1 | Hiring of One (1) Jeep (Bolero / Sumo or its equivalent) fitted with AC for B(W) OCP for 12 hrs per day duty for two years at Basundhara Area (682 days). | 685410.00 |
| 7 | 2018_MCL_119664_1 | Hiring of One (1) Jeep (Scorpio / Xylo or its equivalent) fitted with AC for pool duty for 12 hrs per day duty for two years at Basundhara Area (682 days). | 685410.00 |
| 8 | 2018_MCL_119665_1 | Hiring of 1 Camper (4 plus 1 seater), Pick-up or equivalent for 12 hrs per day duty at KOCP for two years at Basundhara Area (682 days). | 650628.00 |
| 9 | 2018_MCL_119739_1 | Cleaning, Upkeeping of Transit House, Senior Transit house and Catering Service including the cost of consumables and labour etc., for a period of two years at NTPC Permanent Township stage-II under Kaniha OCP of Kaniha Area | 3509330.00 |
| 10 | 2018_MCL_119745_1 | Hiring of a School Bus (52 plus 1 seater) for 12 hours duty for use under Ananta OCP, Jagannath Area for 560 days in a period of 02 (two) years. | 1579760.00 |
| 11 | 2018_MCL_119753_1 | Making of Temporary 2 nos of Rooms with Verandha for Kaniha Coal Analysis Laboratory at Kaniha OCP of Kaniha Area | 783124.00 |
| 12 | 2018_MCL_119765_1 | Hiring of a Covered Jeep (Bolero / Sumo or equivalent vehicle (Diesel) minimum 7 seater with AC fitted) for 24 hours duty for use at Ananta OCP, Jagannath Area for 682 days in a period of 02 (two) years. | 1231010.00 |
| 13 | 2018_MCL_119658_1 | Annual cleaning, up keeping of GM office building including maintenance of garden inside GM office premises at Lakhanpur Area. | 1379302.00 |
| 14 | 2018_MCL_119799_1 | Regular repairing and maintenance of Electrical points of lights, fans, street lights, power points for water coolers, air conditioners, refrigerators etc including power supply through overhead lines and cables of Central Hospital, Doctors Colony, | 2249579.00 |
| 15 | 2018_MCL_119706_1 | Hiring of 03 Nos. Diesel Driven Covered Jeep (Bolero Front Suspension Type or equivalent), having 6 plus 1 seating capacity with A/C fitted (for 24 Hrs. Duty and Average run of 120 KM Per Day) for Orient Area, MCL, for Two years (706 working days) | 2859300.00 |
| 16 | 2018_MCL_119809_1 | RENOVATION OF NETAJEE BHAWAN UNDER ORIENT SUB AREA | 1680943.00 |
| 17 | 2018_MCL_119371_1 | Supply of IV Stand for NSCH,Talcher. | 150000.00 |
| 18 | 2018_MCL_119775_1 | PROCUREMENT OF SPARES FOR TATA HITACHI-86 EXCAVATOR | 101966.00 |
| 19 | 2018_MCL_119815_1 | Repair and maintenance of Rest Shelters at AOCP under Jagannath Area. | 629860.00 |
| 20 | 2018_MCL_119820_1 | Cleaning of slush and spreading of sand on various Junction at Coal Transportation Road under Bhubaneswari OCP, Jagannath Area for a period of 01(one) year. | 2529337.00 |
| 21 | 2018_MCL_119828_1 | Renovation and Maintenance of Compound Wall near New B-Type Quarters at Ananta Vihar Colony of Ananta OCP under Jagannath Area. | 769787.00 |
| 22 | 2018_MCL_119844_1 | Hiring of 03 nos. of Mahindra Bolero / Tata Pick up or equivalent cabin seat 4 plus 1 and minimum 1 (one) Ton Load capacity in rear load body for 24 hours duty for use at Jagannath OCP, Jagannath Area for 682 days in a period of 02 (two) years. | 3580500.00 |
| 23 | 2018_MCL_119839_1 | Upkeeping of 36 Nos. C type and 6 Nos. B type colony under Jagannath Area for a period of two years. (Re tender) | 345721.00 |
| 24 | 2018_MCL_119854_1 | Hiring of a School Bus (52 plus 1 seater) for 12 hours duty for use under Jagannath OCP, Jagannath Area for 560 days in a period of 02 (two) years. | 1513120.00 |
| 25 | 2018_MCL_119967_1 | PROCUREMENT OF GEAR COUPLING AND TYRE COUPLING SPARES | 1489336.00 |
| 26 | 2018_MCL_119932_1 | Operation of valves for GM office and residential quarters of GM complex at Jagannath Area for a period of 02(two) years. | 733051.00 |
| 27 | 2018_MCL_119947_1 | Cleaning and Upkeeping of 06 Nos D-Type quarters at Ananta Vihar Colony of Ananta OCP under Jagannath Area for a period of 02(two) years. | 1198863.00 |
| 28 | 2018_MCL_119962_1 | Cleaning of Road from Dera Chhak to GVTC chhak under Jagannath Area for a period of 01(one) year. | 918825.00 |
| 29 | 2018_MCL_119936_1 | Annual Cleaning, Upkeeping and Gardening of Kalyan Mandap under Ib Valley Area | 2357776.00 |
| 30 | 2018_MCL_119940_1 | Renovation of Land Acquisition office (Qtr No. B-6) inside GM Complex of Ib Valley Area | 305893.00 |
| 31 | 2018_MCL_119948_1 | Safety forthnight related civil work at SOCP under Ib Valley Area | 614682.00 |
| 32 | 2018_MCL_119966_1 | Hiring of 01 no. Air Conditioned 7 seater (6 plus 1) Hard Top diesel jeep or equivalent SUV, max 4000 Km run per month, 24 hrs duty for two year (341 days per year) for SOCP, IB Valley Area. | 1435030.00 |
| 33 | 2018_MCL_119952_1 | Procurement of Spares of Protection India starter for Nandira Colliery MCL Talcher Area. | 236765.00 |
| 34 | 2018_MCL_120019_1 | PROCUREMENT OF TONER CARTRIDGE FOR SHARP PHOTOCOPIER MACHINE | 21309.00 |
| 35 | 2018_MCL_119917_1 | Supply of Dental materials and appliances for NSCH, Talcher. | 128820.00 |
| 36 | 2018_MCL_120075_1 | PROCUREMENT OF SPARES FOR IR MAKE FEEDER BREAKER | 1285297.00 |

ଏମ୍‌ସିଏଲ୍ ଇ-ପ୍ରୋକ୍ୟୁରମେଣ୍ଟ ସହାୟତା କେନ୍ଦ୍ର (ଫୋନ୍ ନଂ - 0663-2542695/2542264), ଇ-ମେଲ : hlp-eproc.mcl@coalindia.in R-4859

ଆମର ଆପ ପ୍ରାପ୍ତ କରିବା ପାଇଁ ଟୋଲ୍ ଫ୍ରି ନମ୍ବର ୧୮୦୦ ୨୦୦ ୩୦୦୪ ରେ ଏକ ମିସ୍‌ଡ କଲ୍ କରନ୍ତୁ ।








ଜାତୀୟ ସ୍ୱାସ୍ଥ୍ୟ ମିଶନ୍ | NATIONAL HEALTH MISSION

**ଓଡ଼ିଶାର ପ୍ରଥମ ଗ୍ରାମାଞ୍ଚଳ ଡାଇଲିସିସ୍ କେନ୍ଦ୍ର**
**(ବଡ଼ମ୍ବା ନରସିଂହପୁରର କିଡ୍‌ନୀ ଆକ୍ରାନ୍ତଙ୍କ ପାଇଁ ନିଃଶୁଳ୍କ ସେବା)**
**ନରସିଂହପୁର ଡାକ୍ତରଖାନାରେ ଶୁଭ ଲୋକାର୍ପଣ**

ତାରିଖ - ୧୪।୧୧।୧୮
ସମୟ - ମଧ୍ୟାହ୍ନ - ୧୨.୦୫ ମିନିଟ୍

ମୁଖ୍ୟ ଅତିଥି– **ଶ୍ରୀ ପ୍ରତାପ ଜେନା** ମାନ୍ୟବର ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ
ବିଶିଷ୍ଟ ଅତିଥି– **ଶ୍ରୀ ଭର୍ତ୍ତୃହରି ମହତାବ** ମାନ୍ୟବର କଟକ ସାଂସଦ
ପୌରୋହିତ୍ୟ– **ଶ୍ରୀ ଦେବୀପ୍ରସାଦ ମିଶ୍ର** ମାନ୍ୟବର ବିଧାୟକ, ବଡ଼ମ୍ବା

ଏଥି ସହିତ ମାଣିଆବନ୍ଧ, ବଡ଼ମ୍ବା, ଯୋଡୁମ (ଜିଲିଣ୍ଡା), କାନପୁର ଓ ନରସିଂହପୁର ଡାକ୍ତରଖାନାମାନଙ୍କର ଭିତ୍ତିଭୂମି ଉନ୍ନତୀକରଣର ଶିଳାନ୍ୟାସ, ମଣିଆବନ୍ଧ, ବଡ଼ମ୍ବା ଡାକ୍ତରଖାନାରେ ବ୍ଲଡ୍ ଆନାଲାଇଜର ପ୍ରଦାନ, ବିଶ୍ୱ ମଧୁମେହ ଦିବସରେ ବୃକ୍କ ଓ ସହଜାତ ରୋଗ ପାଇଁ ପରୀକ୍ଷଣ ଓ ପରାମର୍ଶ ଶିବିର ନରସିଂହପୁରରେ ଅନୁଷ୍ଠିତ ହେବ।

ଆପଣଙ୍କୁ ସାଦର ଆମନ୍ତ୍ରଣ
: ଆୟୋଜକ :
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, କଟକ

“ସ୍ପାନିଶ ଫୁଟ୍‌ବଲ ଲିଗ୍ ଲା ଲିଗା ପାଇଁ ଲିଓନେଲ ମେସିଙ୍କଠାରୁ ଅନ୍ୟ କେହି ଅଧିକ କରି ନାହାନ୍ତି। ତାଙ୍କ ନାମରେ ପୁରସ୍କାର ବ୍ୟବସ୍ଥା କରାଯିବା ଉଚିତ ।

–ଜାଭିଏର ଟେବାସ, ଲା ଲିଗା ସଭାପତି



“ନଭେମ୍ବର ୧୫ରୁ ୨୪ ପର୍ଯ୍ୟନ୍ତ ହେବାକୁଥିବା ମହିଳା ବକ୍ସିଂ ବିଶ୍ୱକପ୍‌ରେ ଭାରତ ଅତି କମ୍‌ରେ ତିନୋଟି ପଦକ ଜିତିବା ଲକ୍ଷ୍ୟ ରଖିଛି ।

–ସାଣ୍ଟିଆଗୋ ନିଭା, ହାଇପରଫର୍ମାନ୍ସ ଡାଇରେକ୍ଟର



## ସଂକ୍ଷେପରେ

### ଟେଲରଙ୍କ ଶତକ ସତ୍ତ୍ୱେ ବାଂଲାଦେଶର ସ୍ଥିତି ଦୃଢ଼

**ଢାକା, ୧୩।୧୧ (ଏଏଫ୍‌ପି):** ବ୍ରେଣ୍ଡନ ଟେଲରଙ୍କ ଲଢୁଆ ଶତକ ସତ୍ତ୍ୱେ ବାମହାତୀ ସ୍ପିନର ତାଇଜୁଲ ଇସ୍‌ଲାମଙ୍କ ୫ ଉଇକେଟ ସଫଳତା ଯୋଗୁ ଏଠାରେ ଚାଲିଥିବା ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟେଷ୍ଟ କ୍ରିକେଟରେ ବାଂଲାଦେଶର ସ୍ଥିତି ସୁଦୃଢ଼ ରହିଛି। ବାଂଲାଦେଶର ପ୍ରଥମ ଇନିଂସ ବିଶାଳ ସ୍କୋର ୫୨୨/୭ ସ୍କୋର ଜବାବରେ ଜିମ୍ବାୱେ ୩୦୪ ରନ କରି ଅଲଆଉଟ ହୋଇଯାଇଛି। ଫଳରେ ଘରୋଇ ଦଳ ୨୧୮ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଜିମ୍ବାୱେ ଯଦି ଏହି ମ୍ୟାଚ ଡ୍ର ରଖେ ତେବେ ୭ ବର୍ଷରେ ପ୍ରଥମ ଥର ଏକ ଟେଷ୍ଟ ସିରିଜରେ ବିଜୟ ଲାଭ କରିବ। ଦଳ ସିଲ୍‌ହେଟ୍‌ଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ ୧୫୧ ରନରେ ବିଜୟ ଲାଭ କରିଥିଲା। ଭ୍ରମଣକାରୀ ଦଳ ପ୍ରାୟ ଦୁଇ ଦଶନ୍ଧି ଧରି ବିଦେଶରେ ଏକ ଟେଷ୍ଟ ସିରିଜ ଜିତିପାରି ନାହିଁ। ତାଇଜୁଲଙ୍କ ଅନ୍ତିମ ଶିକାର ହୋଇଥିଲେ ରେଗିସ୍ ଚକାବଭା (୧୦ରନ)। ଏହି ଖେଳାଳିଙ୍କ ଆଉଟ ସହ ଜିମ୍ବାୱେ ପ୍ରଥମ ଇନିଂସ ଶେଷ ହୋଇଥିଲା। ଇଞ୍ଜୁରି ଯୋଗୁ ଶେଷ ବ୍ୟାଟ୍ସମ୍ୟାନ ଟେଣ୍ଡାଇ ଚାଟରା ବ୍ୟାଟିଂ କରିବା ଲାଗି ଆସି ନ ଥିଲେ। ଜିମ୍ବାୱେ ଏକଦା ୫ ଉଇକେଟ ବିନିମୟରେ ୧୧୩ ରନ କରି ସଙ୍କଟରେ ପଡ଼ିଥିଲା। ମାତ୍ର ଟେଲରଙ୍କ ୧୯୪ ବଲ୍‌ରୁ ୧୧୦ ରନ ଏବଂ ପିଟର ମୁର୍‌ଙ୍କ କ୍ୟାରିୟର ଶ୍ରେଷ୍ଠ ୮୩ ରନ ଯୋଗୁ ଦଳର ସ୍ଥିତିରେ ସୁଧାର ଆସିଥିଲା। ଉଭୟେ ୬ଷ୍ଠ ଉଇକେଟରେ ୧୩୯ ରନ ଯୋଗ କରିଥିଲେ। ଏହି ଯୋଡ଼ିକୁ ଆରିଫୁଲ୍ ହକ୍ ଭଙ୍ଗ କରିଦେଇଥିଲେ। ସେ ମୁର୍‌ଙ୍କୁ ଏଲବିଡବ୍ଲ୍ୟୁ କରିଦେଇଥିଲେ। ମୁର୍‌ଙ୍କର ଏହାଥିଲା କ୍ରମାଗତ ଦ୍ୱିତୀୟ ଏବଂ ୫ମ ଟେଷ୍ଟ ଅର୍ଦ୍ଧଶତକ। ସେ ୧୨ ଚୌକା ଓ ଗୋଟିଏ ଛକା ଲଗାଇଥିଲେ।

**ସଂକ୍ଷିପ୍ତ ସ୍କୋର:** ବାଂଲାଦେଶ ପ୍ରଥମ ଇନିଂସ: ୫୨୨/୭, ଘୋଷଣା। **ଜିମ୍ବାୱେ ପ୍ରଥମ ଇନିଂସ:** ୩୦୪/ଅଲଆଉଟ (ବ୍ରେଣ୍ଡନ ଟେଲର-୧୧୦, ପିଟର ମୁର୍-୮୩, ବ୍ରାଏନ ଚାରି-୫୩; ତାଇଜୁଲ ଇସ୍‌ଲାମ-୫/୧୦୭, ମେହିଦି ହସନ-୩/୬୧)।

# ସିଧା ଅଷ୍ଟ୍ରେଲିଆ ଯିବେ ରୋହିତ୍

**ନୂଆଦିଲ୍ଲୀ, ୧୩।୧୧ (ପି.ଟି.)**

ବ୍ୟସ୍ତବହୁଳ କ୍ରିକେଟ ଓ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି ଭାରତୀୟ ତାରକା ଓପନର ରୋହିତ ଶର୍ମାଙ୍କୁ ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଅନଅଫିସିଆଲ ଟେଷ୍ଟ ମ୍ୟାଚରୁ ବିଶ୍ରାମ ଦିଆଯାଇଛି। ଯଦିଓ ତାଙ୍କୁ ଏହି ମ୍ୟାଚ୍ ପାଇଁ ପୂର୍ବରୁ ଦଳରେ ସାମିଲ କରାଯାଇଥିଲା। ରୋହିତ ଇତିମଧ୍ୟରେ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଫଳରେ ସେ ଭାରତୀୟ ଟି୨୦ ଦଳ ସହ ଶୁକ୍ରବାର ସିଧା ଅଷ୍ଟ୍ରେଲିଆ ଯିବେ।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମେଡିକାଲ ଟିମ୍ ରୋହିତଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେଇଛି। ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଓ ଚୟନ କମିଟି ସହ ଆଲୋଚନା କରି ମେଡିକାଲ ଟିମ୍ ଏହି ପରାମର୍ଶ ଦେଇଛି। ରୋହିତ୍‌ଙ୍କ ଉପରୁ କାର୍ଯ୍ୟଭାର କମାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ବିସିସିଆଇ ତରଫରୁ କୁହାଯାଇଛି। ସୀମିତ ଓଭର କ୍ରିକେଟରେ ଦମ୍‌ଦାର ପ୍ରଦର୍ଶନ କରି ରୋହିତ ଟେଷ୍ଟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି।



ଏହି ୪ ଦିନିଆ ମ୍ୟାଚ୍ ପାଇଁ ରୋହିତ ଆଜିଙ୍କ୍ୟ ରାହାନେ, ମୁରଲୀ ବିଜୟ, ହନୁମା ବିହାରୀ, ପାର୍ଥିବ ପଟେଲ ଓ ପୃଥ୍ୱୀ ଶଙ୍କ ଦଳରେ ସାମିଲ ହୋଇଥିଲେ। ଅଷ୍ଟ୍ରେଲିଆ ଗସ୍ତ ପୂର୍ବରୁ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିବା ଭାରତୀୟ ବ୍ୟାଟ୍ସମ୍ୟାନ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଭାରତ ଏ’ କୋଚ୍ ରାହୁଲ ଦ୍ରାବିଡ କହିଛନ୍ତି।

ଭାରତ ଏ’ ଦଳରେ ରୋହିତ୍‌ଙ୍କ ବଦଳ ଖେଳାଳିଙ୍କ ନାମ ଘୋଷଣା କରାଯାଇ ନାହିଁ। ଡିସେମ୍ବର ୬’ ତାରିଖରେ ଆଡିଲେଡରେ ଖେଳାଯିବାକୁ ଥିବା ପ୍ରଥମ ଟେଷ୍ଟ ପୂର୍ବରୁ ରୋହିତ ଏବେ ମାତ୍ର ଗୋଟିଏ ଅଭ୍ୟାସ ମ୍ୟାଚ୍ ଖେଳିବେ। ତେବେ ଏହା ପୂର୍ବରୁ ସେ ୩ଟି ଟି୨୦ ମ୍ୟାଚ୍ ଖେଳିବେ। ଆସନ୍ତା ୨୧ ତାରିଖରେ ଗାବାରେ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ। ନ୍ୟୁଜିଲାଣ୍ଡ ଏ’ ବିପକ୍ଷ ସିରିଜରେ ରାହାନେ ଭାରତ ଏ’ର ନେତୃତ୍ୱ ନେବେ। ତିନି ମ୍ୟାଚ୍ ବିଶିଷ୍ଟ ଅନ୍‌ଅଫିସ୍‌ଆଲ୍ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଶୁକ୍ରବାରଠାରୁ ନ୍ୟୁଜିଲାଣ୍ଡର ମାଉନଗାନୋଇରେ ଆରମ୍ଭ ହେବ।

**ଭାରତ ଏ’ ଦଳ**

ଅଜିଙ୍କ୍ୟ ରାହାନେ (ଅଧିନାୟକ), ମୁରଲୀ ବିଜୟ, ପୃଥ୍ୱୀ ଶ, ମୟଙ୍କ ଅଗ୍ରୱାଲ, ହନୁମା ବିହାରି, ପାର୍ଥିବ ପଟେଲ (ଉଇକେଟ କିପର), କେ. ଗୋଥାମ, ଶାହାବାଜ ନଦୀମ, ମହମ୍ମଦ ସିରାଜ, ନବଦୀପ ସଇନି, ଦୀପକ ଚହର, ରଜନୀଶ ଗୁର୍ବାନୀ, ବିଜୟ ଶଙ୍କର ଓ କେ.ଏସ. ଭରତ (ଉଇକେଟ କିପର)।

■ ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ ମିଟ୍

# ସ୍ୱର୍ଣ୍ଣ ସହ ଆଂଶିକାଙ୍କ ନୂତନ ରେକର୍ଡ

**ଭୁବନେଶ୍ୱର, ୧୩।୧୧ (ସ୍ପୋର୍ଟ୍ସ ବ୍ୟୁରୋ)**

କର୍ନାଟକର ଦେବାଙ୍ଗରେ ଚାଲିଥିବା ୨୩ତମ ସିବିଏସ୍‌ଇ ଜାତୀୟ ଆଥ୍‌ଲେଟିକ ମିଟ୍‌ରେ ଓଡ଼ିଶାର ଆଂଶିକା ରାଉତରାୟ ନୂତନ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ଭାରତର ଜଣାଶୁଣା ପୂର୍ବତନ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ଆଂଶିକା ୧୪ ବର୍ଷରୁ କମ୍ ବାଳିକା ଶଟ୍ ପୁଟ୍ ଥ୍ରୋ’ରେ ସ୍ୱର୍ଣ୍ଣ ପଦକ ଜିତି ଏହି ସଫଳତା ପାଇଛନ୍ତି। ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ଆଂଶିକା ୧୧.୪୫ ମିଟର ଦୂରକୁ ଶଟ୍‌ପୁଟ୍ ଫିଙ୍ଗି ପ୍ରଥମ ସ୍ଥାନରେ ରହିବା ସହିତ ନୂତନ ସିବିଏସ୍‌ଇ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପୂର୍ବରୁ ଏହି ରେକର୍ଡ ପ୍ରିୟାଂଶୀ (୧୧.୨୩ ମିଟର)ଙ୍କ ନାମରେ ରହିଥିଲା। ବିଡିଏସ୍ ଇଣ୍ଟରନ୍ୟାଶନାଲ ସ୍କୁଲର ମହକ (୧୦.୪୫ ମିଟର) ଓ ରୋଜ୍ ମେରୀ ପବ୍ଲିକ ସ୍କୁଲର ସୁଜନ (୧୦.୨୫ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



# ମ୍ୟାଚ ଫିକ୍ସିଂ ଅଭିଯୋଗରେ ଲୋକୁହେଟିଗ୍ ସସ୍‌ପେଣ୍ଡ

**ଦୁବାଇ, ୧୩।୧୧ (ପି.ଟି.)**

ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ଦିଲ୍‌ହରା ଲୋକୁହେଟିଗ୍ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମଙ୍ଗଳବାର ସସ୍‌ପେଣ୍ଡ କରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଗତବର୍ଷ ଅନୁଷ୍ଠିତ ଟି୧୦ ଲିଗ୍‌ରେ ମ୍ୟାଚ୍ ଫିକ୍ସିଂ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୩୮ ବର୍ଷୀୟ ଲୋକୁହେଟିଗ୍ ଶ୍ରୀଲଙ୍କା ତରଫରୁ ୯ ଅନ୍ତର୍ଜାତୀୟ ଦିନିକିଆ ଏବଂ ଦୁଇଟଠି ଟି୨୦ ଖେଳିଛନ୍ତି। ଏମିରେଟ୍ସ କ୍ରିକେଟ ବୋର୍ଡ (ଇସିବି) ଆଚରଣବିଧିର ତିନୋଟି ଧାରା ସେ ଉଲ୍ଲଂଘନ କରିଛନ୍ତି। ଲୋକୁହେଟିଗ ଟି୧୦ ପ୍ରତିଯୋଗିତାରେ ସ୍ଥାନ ପାଇ ନ ଥିଲେ। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ନେଇ ୧୪ ଦିନ ମଧ୍ୟରେ ଜବାବ ରଖିବା ଲାଗି ତାଙ୍କୁ କୁହାଯାଇଛି। ଶ୍ରୀଲଙ୍କା କ୍ରିକେଟ (ଏସଏଲସି)ର ଅନେକ ଦୁର୍ନୀତି ଇତିମଧ୍ୟରେ ପଦାକୁ ଆସି ସାରିଛି। ମ୍ୟାଚ ଫିକ୍ସିଂ ଅଭିଯୋଗରେ ଆଇସିସି ଅକ୍ଟୋବର ୩୧ରେ ଶ୍ରୀଲଙ୍କାର ପୂର୍ବତନ ଫାଷ୍ଟ ବୋଲର ନୁୱାନ ଜୟସାଙ୍କୁ ସାମୟିକ ସସ୍‌ପେଣ୍ଡ କରିଛି। ସନଥ ଜୟସୂରିୟା ଆଇସିସିର ଦୁଇଟି ଦୁର୍ନୀତି ନିବାରଣ କୋଡ୍ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଥିବାବେଳେ ପୂର୍ବତନ ଶ୍ରୀଲଙ୍କା ଅଧିନାୟକ ତାହାକୁ ଖଣ୍ଡନ କରିଆସୁଛନ୍ତି।

# ଶୀର୍ଷ ସ୍ଥାନ ବଜାୟ ରଖିଲେ କୋହଲି, ବୁମରା



**ଦୁବାଇ, ୧୩।୧୧ (ପି.ଟି.):** ଭାରତୀୟ ଅଧିନାୟକ ବିରାଟ କୋହଲି ଓ ପେସର ଯଶପ୍ରୀତ ବୁମରା ଆଇସିସି ଦିନିକିଆ ବ୍ୟାଟ୍ସମ୍ୟାନ ଓ ବୋଲରଙ୍କ ର୍‍ୟାଙ୍କିଙ୍ଗ୍ ଶୀର୍ଷରେ ସ୍ଥାନ ବଜାୟ ରଖିଛନ୍ତି। କୋହଲି ସର୍ବାଧିକ ୮୯୯ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ଉପଅଧିନାୟକ ରୋହିତ ଶର୍ମା ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଅନ୍ୟତମ ଓପନର ଶିଖର ଧାୱନ ୩ୟ ଭାରତୀୟ ଖେଳାଳି ଭାବେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ପୂର୍ବରୁ ୯ମ ସ୍ଥାନରେ ଥିବା ଧାୱନ ଏବେ ୮ମ ସ୍ଥାନରେ ରହିଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ୨୦ତମ ସ୍ଥାନରେ ରହିଥିବା ମଙ୍ଗଳବାର ପ୍ରକାଶିତ ତାଲିକା ଦର୍ଶାଇଛି। ସେହିଭଳି ବୋଲରଙ୍କ ମଧ୍ୟରେ ୩ ଭାରତୀୟ ଟପ୍ ୧୦ରେ ରହିଛନ୍ତି। ବୁମରା ୮୪୧ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ କୁଲଦୀପ ଯାଦବ ୩ୟ ସ୍ଥାନ ବଜାୟ ରଖିଛନ୍ତି। ୟୁଜବେନ୍ଦ୍ର ଚହଲ ପୂର୍ବ ଅପେକ୍ଷା ୩ ସୋପାନ ଉପରକୁ ଉଠିଛନ୍ତି। ଏବେ ସେ ୫ମ ସ୍ଥାନରେ ଅଛନ୍ତି। ଦଳଗତ ର୍‍ୟାଙ୍କିଙ୍ଗ୍‌ରେ ଭାରତ ୧୨୧ ପଏଣ୍ଟ ସହ ଇଂଲଣ୍ଡ(୧୨୬) ତଳକୁ ଦ୍ୱିତୀୟ ସ୍ଥାନରେ ରହିଛି।

# ସେମିଫାଇନାଲରେ ନାଗପୁର

**ଧର୍ମଶାଳା, ୧୩।୧୧ (ଡି.ଏନ୍.ଏ.)**

**ଅଂଶୁମାନ ମେମୋରିଆଲ୍ କ୍ରିକେଟ**

ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆରେ ଆୟୋଜିତ ନବମ ସର୍ବଭାରତୀୟ ଅଂଶୁମାନ୍ ମେମୋରିଆଲ୍ କ୍ରିକେଟ୍ ଟୁର୍ନାମେଣ୍ଟର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶେଷ ହୋଇଛି। ମଙ୍ଗଳବାର କରିମ୍ ସ୍ପୋର୍ଟ୍ସ ଏକାଡେମୀ ନାଗପୁର ୧୪୧ ରନ୍‌ରେ ରାୟପୁର ରେଲୱେକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। କରିମ୍ ସ୍ପୋର୍ଟ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରୁ ୨୭.୫ ଓଭର ଖେଳି ସମସ୍ତ ଉଇକେଟ ହରାଇ ୩୦୨ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ଅବୁଜାର ଖାନ୍ ୩୪ ବଲ୍‌ରେ ୮୯ରନ୍ ଓ ଗୌରବ ବରାଡି ୩୭ ବଲ୍‌ରୁ ୬୫ରନ୍ ସଂଗ୍ରହ କରିଥିଲେ। ରାୟପୁର ଦଳର ପପୁଲ ଶର୍ମା ୪ଟି ଓ କରନ୍ ସିଂ ୩ଟି ଲେଖାଏ ଉଇକେଟ୍ ନେବାରେ ସମର୍ଥ ହୋଇଥିଲେ। ଜବାବ୍‌ରେ ରାୟପୁର ଦଳ ବ୍ୟାଟିଂ କରି ୧୭.୩ ଓଭର୍‌ରେ ସମସ୍ତ ଉଇକେଟ ହରାଇ ୧୬୧ରନ୍ ସଂଗ୍ରହ କରି ଦଳକୁ ପରାଜୟ ସ୍ୱୀକାର କରିବାକୁ ପଡିଥିଲା। ଦଳପକ୍ଷରୁ ରୋହିତ୍ ଧଡ୍ୱା ୩୧ ବଲ୍‌ରୁ ୫୭ ରନ୍, ଅର୍ଭୀ ଶର୍ମା ୧୨ ବଲ୍‌ରୁ ୨୪ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ ନାଗପୁର ଦଳର ସାହାଜ୍ କୁମାର ୫ଟି ଉଇକେଟ୍ ଅକ୍ତିଆର କରିଥିଲେ। ଆଶୁତୋଷ ପାଣି, ଶରତ ଜେନା ଖେଳ ପରିଚାଳନା କରିଥିଲେ। ବିଜୟୀ ଦଳର ଶାହାଜ୍ କୁମାରଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ବିଜୟ କୁମାର ରାୟଙ୍କ ଅଧ୍ୟକ୍ଷତାରେ କ୍ରୀଡାବିତ୍ ହିମାଂଶୁ ଶେଖର ସାହୁ ଅତିଥିଭାବେ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର କରିମ୍ ସ୍ପୋର୍ଟ୍ସ ଓ ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଖେଳ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ସୀତାଂଶୁ ସାହୁ ସୂଚନା ଦେଇଛନ୍ତି।



ଶାହାଜ୍ କୁମାର ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି।




ସର୍ବଭାରତୀୟ ମଳୟ ମୁର୍ମୁ ଦିବାରାତ୍ର ଟି-୨୦

# ମର୍ନିଂଷ୍ଟାର, ୟୁ ଆଣ୍ଡ ମି କ୍ଲବ ବିଜୟୀ

**ବାଲେଶ୍ୱର ଅଫିସ, ୧୩।୧୧:** ବାଲେଶ୍ୱର ପରମିଟ୍ ପଡ଼ିଆରେ କ୍ଲବ ‘ୟୁ ଆଣ୍ଡ ମି’ ପକ୍ଷରୁ ଆୟୋଜିତ ସର୍ବଭାରତୀୟ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଉତ୍ତରଓଡ଼ିଶା ଚାମ୍ପିୟନଶିପ୍‌ର ଲିଗ୍ ପର୍ଯ୍ୟାୟରେ ପ୍ରଥମ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାର ଏବଂ ଭଦ୍ରକ ଚରମ୍ପା ଏକାଡ଼େମୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ କେନ୍ଦୁଝର ୟୁନିକ୍ କ୍ରିକେଟ୍ ଏକାଡ଼େମୀ ଏବଂ ବାଲେଶ୍ୱର କ୍ଲବ ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା।

ପ୍ରଥମ ମ୍ୟାଚ୍‌ରେ ଭଦ୍ରକ ଚରମ୍ପା ଏକାଡ଼େମି ଟସ୍ ଜିତି ୧୯.୩ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୧୪୬ ରନ୍ କରିପାରିଥିଲା। ଅବିନାଶ ସିଂ ୪୦, ମାନସ ସାହୁ ୩୪, ଜ୍ୟୋତିରଞ୍ଜନ ୨୮ ରନ କରିଥିବା ବେଳେ ମର୍ନିଂଷ୍ଟାର ତରଫରୁ ସୟଦ ଜାକି ସର୍ବାଧିକ ୪ଟି, ଅରିନ୍ଦମ ଚକ୍ରବର୍ତ୍ତୀ ଓ ଅହିତୋଷ ଦାସ ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ। ଜବାବରେ ମର୍ନିଂଷ୍ଟାର ପକ୍ଷରୁ ଅଜୟ ପ୍ରଧାନ ୨୯ ବଲ୍‌ରେ ୫୩ ରନ୍ ଏବଂ ଯଶୋବନ୍ତ ବେହେରାଙ୍କ ୬୭ ରନ୍ ବଳରେ ୧୮.୧ ଓଭର୍‌ରେ ୫ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଚରମ୍ପା ଏକାଡ଼େମୀ ପକ୍ଷରୁ ରାଜେଶ ବଳ ୩ଟି ଉଇକେଟ୍ ନେଇଥିଲେ। ଯଶୋବନ୍ତ ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

ଦ୍ୱିତୀୟ ମ୍ୟାଚ୍‌ରେ କ୍ଲବ ୟୁ ଆଣ୍ଡ ମି ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭର୍‌ରେ ୫ ଉଇକେଟ୍ ହରାଇ ୨୪୬ ରନ୍ କରିଥିଲା। ସର୍ବେଶ୍ୱର ମହାନ୍ତି ୫୧ ବଲ୍‌ରେ ୧୬ ଛକା ଓ ୫ ଚୌକା ସହାୟତାରେ ୧୩୬ ରନ୍ ଏବଂ ରୋନାଲ ଦାସ ୪୮ ରନ୍ କରିଥିଲେ। ୟୁନିକ୍ ଏକାଡ଼େମୀ ତରଫରୁ ସରୋଜ ପରିଡ଼ା ୨ଟି ଉଇକେଟ୍ ନେଇଥିଲେ। ଜବାବରେ ୟୁନିକ ଏକାଡ଼େମୀ ୯ ଉଇକେଟ୍ ହରାଇ ୧୭୯ ରନ୍ କରିଥିଲା। ଦିନେଶ ନାୟକ ୪୪ ଓ ବିପୁଲ ରାଉତ ୩୩ ରନ୍ କରିଥିବା ବେଳେ ୟୁ ଆଣ୍ଡ ମି ପକ୍ଷରୁ ବିଶ୍ୱମୋହନ ବାରିକ ୪, ନଜରୁଲ ଖାଁ ୨ଟି ଉଇକେଟ୍ ନେଇଥିଲେ। ସର୍ବେଶ୍ୱରଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ବୁଧବାର ପ୍ରଥମ ମ୍ୟାଚ୍ ବାଲେଶ୍ୱର ମର୍ନିଂଷ୍ଟାର ଓ ୟୁ ଆଣ୍ଡ ମି କ୍ଲବ ଏବଂ ସର୍ବଭାରତୀୟସ୍ତରରେ କଟକ ରାଇଜିଂ ଷ୍ଟୁଡେଣ୍ଟ ଓ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ମିଳିଛି।

No. 55-n

**ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ**
**ଓଡ଼ିଶା ସରକାର**

**ସୁରଭି : ୨୦୧୮**
**(ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ)**

**ସ୍ଥାନ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସର, ୟୁନିଟ୍-୯, ଭୁବନେଶ୍ୱର ॥ ତା: ୧୪,୧୫ ଓ ୧୬ ନଭେମ୍ବର ୨୦୧୮**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନଭେମ୍ବର ୧୪,୧୫ ଓ ୧୬ ତିନିଦିନ ଧରି ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୧୮ ୟୁନିଟ୍-୯, ଭୁବନେଶ୍ୱର ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ।

ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା , ବିଜ୍ଞାନ ଓ କାରିଗରୀ କୌଶଳ ମନ୍ତ୍ରୀ ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର ଏହି ଉତ୍ସବରେ ଉପସ୍ଥିତ ରହି ଶିଶୁମାନଙ୍କୁ ଉତ୍ସାହିତ କରିବେ।

॥ କାର୍ଯ୍ୟସୂଚୀ ॥

| | | |
|---|---|---|
| ତା ୧୪.୧୧.୨୦୧୮ (ବୁଧବାର)<br>ସମୟ – ସକାଳ ୮.୦୦ ଘଟିକା<br>ଶିକ୍ଷା ସଚେତନତା ସାଇକେଲ୍ ରାଲି : ବିଜୁ ପଟ୍ଟନାୟକ (ଫରେଷ୍ଟ) ପାର୍କ ଠାରୁ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯, ଭୁବନେଶ୍ୱର | : ଆଦରଣୀୟ ଅତିଥି : | ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା, ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା |
| ତା ୧୪.୧୧.୨୦୧୮ (ବୁଧବାର)<br>ସଂଧ୍ୟା ୫.୦୦ ଘଟିକା :<br>ଉଦ୍‌ଘାଟନ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ | : ଆଦରଣୀୟ ଅତିଥି : | ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ମାନ୍ୟବର ସାଂସଦ, ଭୁବନେଶ୍ୱର<br>ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା<br>ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ<br>ଡ. ହମିଦ୍ ନୁର୍‌, ପ୍ରତିନିଧି ଓ ନିର୍ଦ୍ଦେଶକ<br>ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଭାରତ<br>ଫାରୁଗ୍ ଫୌଜତ୍, ଉପ ପ୍ରତିନିଧି, ଯୋଜନା<br>ୟୁନିସେଫ୍, ଭାରତ |
| ତା ୧୫.୧୧.୨୦୧୮ (ଗୁରୁବାର)<br>ସମୟ-ଅପରାହ୍ନ ୩.୦୦ ଘଟିକା : ଛାୟା ବିଧାନସଭା<br>ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ଭୁବନେଶ୍ୱର | : ଆଦରଣୀୟ ଅତିଥି : | ଶ୍ରୀଯୁକ୍ତ ପ୍ରଦୀପ କୁମାର ଅମାତ, ମାନ୍ୟବର ବାଚସ୍ପତି, ଓଡ଼ିଶା ବିଧାନସଭା<br>ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା |
| ସଂଧ୍ୟା ୬.୦୦ ଘଟିକା : ସାଂସ୍କୃତିକ କାର୍ଯ୍ୟକ୍ରମ | : ଆଦରଣୀୟ ଅତିଥି : | ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା |
| ତା୧୬.୧୧.୨୦୧୮ (ଶୁକ୍ରବାର)<br>ସମୟ ସଂଧ୍ୟା ୬.୦୦ଘଟିକା<br>ଉଦ୍‌ଯାପନ ଉତ୍ସବ: ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ, ୟୁନିଟ୍-୯ ଭୁବନେଶ୍ୱର | : ଆଦରଣୀୟ ଅତିଥି : | ଶ୍ରୀଯୁକ୍ତ ବଦ୍ରିନାରାୟଣ ପାତ୍ର, ମାନ୍ୟବର ମନ୍ତ୍ରୀ<br>ବିଦ୍ୟାଳୟ ଓ ଗଣଶିକ୍ଷା, ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ, ଓଡ଼ିଶା<br>ଶ୍ରୀଯୁକ୍ତ ଚନ୍ଦ୍ର ସାରଥୀ ବେହେରା, ମାନ୍ୟବର ମନ୍ତ୍ରୀ<br>ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ, ଓଡ଼ିଶା<br>ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ<br>ମାନ୍ୟବର ସାଂସଦ, ଭୁବନେଶ୍ୱର<br>ଶ୍ରୀଯୁକ୍ତ ବିଜୟ କୁମାର ମହାନ୍ତି<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ମଧ୍ୟ)<br>ଶ୍ରୀଯୁକ୍ତ ପ୍ରିୟଦର୍ଶୀ ମିଶ୍ର<br>ମାନ୍ୟବର ବିଧାୟକ, ଭୁବନେଶ୍ୱର (ଉତ୍ତର)<br>ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା<br>ମାନ୍ୟବର ମେୟର, ଭୁବନେଶ୍ୱର ମହାନଗର ନିଗମ |

**ଉକ୍ତ ମହୋତ୍ସବରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ**

ପ୍ରମୁଖ ଶାସନ ସଚିବ
ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ

27005/11/0019/1819



ୱେଷ୍ଟଇଣ୍ଡିଜ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରେ ରୋହିତ ଶର୍ମାଙ୍କ ଅଧିନାୟକତ୍ୱ ମୋତେ ଖୁବ୍ ପ୍ରଭାବିତ କରିଛି।

–ଭିଭିଏସ ଲକ୍ଷ୍ମଣ, ପୂର୍ବତନ କ୍ରିକେଟର



ଇଂଲଣ୍ଡ ଫୁଟ୍‌ବଲ ଟିମ୍ ମ୍ୟାନେଜର ଗ୍ୟାରେଥ ସାଉଥ୍ ଗେଟ୍ ମୋ ପାଇଁ ଫେୟାରୱେଲ ମ୍ୟାଚ ଆୟୋଜନ କରିଥିବାରୁ ମୁଁ ଖୁବ୍ ଆନନ୍ଦିତ ।

–ୱେନ ରୁନି, ଇଂଲଣ୍ଡ ଫୁଟ୍‌ବଲର

## ସଂକ୍ଷେପରେ

### ଧୋନୀ ମାଟ୍ରିମୋନି ସାଇଟ୍ ଆମ୍ବାସାଡର

**ଚେନ୍ନାଇ,୧୩।୧୧:** ଅନଲାଇନ ମାଟ୍ରିମୋନି ବ୍ୟବସ୍ଥା ଯୋଗାଉଥିବା ଭାରତ ମାଟ୍ରିମୋନି ସୋମବାର ପୂର୍ବତନ ଭାରତୀୟ ଅଧିନାୟକଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ଏହି କମ୍ପାନୀ ପ୍ରଚାର ପାଇଁ ଖୁବ ଶୀଘ୍ର ଧୋନୀଙ୍କୁ ନେଇ ଟିଭି ଲାଗି ବିଜ୍ଞାପନା ଶୁଟିଂ କରିବ। ଏହି ଅବସରରେ ଭାରତ ମାଟ୍ରିମୋନି ଡଟ୍ କମ କମ୍ପାନୀର କାର୍ଯ୍ୟନିର୍ବାହୀ ଅଫିସର ମୁରୁଗାଭେଲ ଜାପାକିରାମାନ କହିଛନ୍ତି, ଆମେ ଧୋନୀଙ୍କ ସହ ଜଡ଼ିତ ହୋଇ ଗର୍ବିତ। କାରଣ ଧୋନୀ ଦେଶର ବହୁ ଯୁବଙ୍କ ଲାଗି ପ୍ରେରଣା। ଭାରତ ମାଟ୍ରିମୋନି ଏକ ବିଶ୍ୱାସଯୋଗ୍ୟ ସାଇଟ୍। ଗତ ୧୮ ବର୍ଷ ମଧ୍ୟରେ ଆମେ ନିୟୁତରୁ ଅଧିକ ଭାରତୀୟଙ୍କୁ ଜୀବନ ସାଥୀ ଖୋଜି ଦେଇଛୁ।

### ନିର୍ବାଚନ ଲଢ଼ିବେ ମୋର୍ତାଜା

**ଢାକା,୧୩।୧୧:** ବାଂଲାଦେଶ ଦିନିକିଆ ଦଳର ଅଧିନାୟକ ମାଶ୍ରଫି ମୋର୍ତାଜା ନିର୍ବାଚନରେ ଲଢ଼ିବେ ବୋଲି ସରକାରୀ ଦଳ ଘୋଷଣା କରିଛି। ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନରେ ଛିଡ଼ା ହେବା ପାଇଁ ୩୫ ବର୍ଷୀୟ କ୍ରିକେଟରଙ୍କୁ ପ୍ରଧାନମନ୍ତ୍ରୀ ଶେଖ ହସିନା ସ୍ୱାଗତ କରିଛନ୍ତି। ତେବେ ସେ ତାଙ୍କ ଜିଲା ନାରାଲିରୁ ନିର୍ବାଚନ ଲଢ଼ିବେ। ଏ ସମ୍ପର୍କରେ ବିସିବି ପକ୍ଷରୁ ମଧ ସ୍ପଷ୍ଟୀକରଣ ଦିଆଯାଇଛି। କିନ୍ତୁ ଏ ନେଇ ମଶ୍ରଫି ନିଜ ପକ୍ଷରୁ ସ୍ପଷ୍ଟ କରି ନାହାନ୍ତି। ''ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ମଶ୍ରଫିଙ୍କ ସାମ୍ବିଧାନିକ ଅଧିକାର। ଯଦି ସେ ନିଜ ଅଧିକାରକୁ କାର୍ଯ୍ୟକାରୀ କରିବାକୁ ଚାହୁଁଛନ୍ତି, ଏଥିରେ କୌଣସି ଅସୁବିଧା ନାହିଁ'' ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ ପ୍ରବକ୍ତା ଜଲାଲ ୟୁନୁସ କହିଛନ୍ତି।

### ହଂକଂ ଓପନ: କାଶ୍ୟପଙ୍କ ବିଜୟ ଅଭିଯାନ



**ହଂକଂ,୧୩।୧୧:** ପୂର୍ବତନ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିୟନ ପାରୁପଲୀ କାଶ୍ୟପ, ସୁ ଜେନ ହାଓଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ହଂକଂ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟର ମୁଖ୍ୟ ପର୍ଯ୍ୟାୟରେ ପ୍ରବେଶ କରିଛନ୍ତି। ଗତ କିଛିବର୍ଷ ହେଲା ଆହତ ସମସ୍ୟା ସହ ସଂଘର୍ଷ କରୁଥିବା କଶ୍ୟପ ୨୧-୧୭, ୧୨-୨୧, ୨୧-୧୮ ଗେମ୍‌ରେ ଚାଇନିଜ ତାଇପେ ଶଟଲରଙ୍କୁ ହରାଇ ଦେଇଛନ୍ତି। ଏହି ବିଜୟ ଲାଗି ତାଙ୍କୁ ଏକ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଲାଗିଥିଲା। ସେ ଆଗାମୀ ମ୍ୟାଚ୍‌ରେ ୭ମ ସିଡ ଇଣ୍ଡୋନେସିଆର ଆନ୍ଥୋନି ସିନିସୁକାଙ୍କୁ ଭେଟିବେ। ମିକ୍ସଡ ଡବଲ୍ସ ବର୍ଗରେ ସାତ୍ୱିକସାଇରାଜ ରାନ୍‌କି ରେଡ୍ଡୀ ଓ ଅଶ୍ୱିନୀ ପୋନପ୍ପାଙ୍କ ଯୋଡ଼ି ମଧ ମୁଖ୍ୟ ପର୍ଯ୍ୟାୟରେ ଖେଳିବ। ଏହି ଭାରତୀୟ ଯୋଡ଼ି ତାଇୱାନ ଲି ୟାଙ୍ଗ ଓ ସୁ ୟା ଚିଙ୍ଗଙ୍କୁ ୨୧-୧୬, ୧୯-୨୧, ୨୧-୧୪ ଗେମ୍‌ରେ ପରାସ୍ତ କରିଛନ୍ତି।

### ପୁଅ ପାଇଁ ଟି୨୦ରୁ ଓହରିଲେ ମଲିକ

**କରାଚୀ,୧୩।୧୧:** ନିକଟରେ ବାପା ହେବାର ସୁଖ ପାଇଥିବା ପାକିସ୍ତାନୀ ଅଲରାଉଣ୍ଡର ଶୋଏବ ମଲିକ ୟୁଏଇଠାରେ ହେବାକୁ ଥିବା ଟି୨୦ କ୍ରିକେଟ ଲିଗ୍‌ର ଦ୍ୱିତୀୟ ସଂସ୍କରଣରୁ ଓହରି ଯାଇଛନ୍ତି। ପୂର୍ବତନ ଅଧିନାୟକ ପଞ୍ଜାବୀ ଲିଜେଣ୍ଡ୍ସ ପକ୍ଷରୁ ଖେଳିଥାନ୍ତେ। ତେବେ ପରିବାର ସହିତ ଅଧିକ ସମୟ ବିତାଇବା ଲାଗି ଟି୨୦ କ୍ରିକେଟ ପାଇଁ ଉପଲବ୍ଧ ରହିବା ସମ୍ଭବ ନ ଥିବା ଟୁଇଟ୍ କରି ସୂଚନା ଦେଇଛନ୍ତି। ଏହା ମୋ ପାଇଁ ଏକ କଠିନ ନିଷ୍ପତ୍ତି। ମାତ୍ର ମୁଁ ମୋ ପତ୍ନୀ ଓ ପୁଅ ସହ ଅଧିକ ସମୟ ଅତିବାହିତ କରିବା ଛଡ଼ା ଆଉ କିଛି ଚାହେଁନାହିଁ। ଏଣୁ ପଞ୍ଜାବୀ ଲିଜେଣ୍ଡ୍ସ ପକ୍ଷରୁ ଟି୨୦ ଖେଳି ପାରିବି ନାହିଁ ବୋଲି ଟୁଇଟରରେ ସେ ଲେଖିଛନ୍ତି। ଉଲ୍ଲେଖଥାଉ କି, ୨୦୧୦ ଏପ୍ରିଲ ୧୦ରେ ମଲିକ ଭାରତୀୟ ଟେନିସ୍ ତାରକା ସାନିଆ ମିର୍ଜାଙ୍କୁ ବିବାହ କରିଥିଲେ। ଚଳିତ ମାସରେ ଏହି ହାଇ ପ୍ରୋଫାଇଲ ଦମ୍ପତିଙ୍କ ପୁଅ ହୋଇଛି। ପୁଅଙ୍କ ନାମ ଇଜହାନ ମିର୍ଜା ମଲିକ ରଖାଯାଇଛି।

# ଅଖଦୀପଙ୍କ ଶତକରେ ୟୁପି ଇନିଂସ ଅଗ୍ରଣୀ

**ଭୁବନେଶ୍ୱର, ୧୩।୧୧(ସ୍ପୋର୍ଟ୍ସ ବ୍ୟୁରୋ)**

ଅଧିନାୟକ ଅଖଦୀପ୍ ନାଥଙ୍କ ଅପରାଜିତ ଶତକ ବଳରେ ଭ୍ରମଣକାରୀ ଉତ୍ତରପ୍ରଦେଶ (ୟୁପି) ଦଳ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ବିପକ୍ଷ ଚାଲିଥିବା ରଣଜୀ ଟ୍ରଫି ମ୍ୟାଚ୍‌ରେ ପ୍ରଥମ ଇନିଂସ ଅଗ୍ରଣୀ ହାସଲ କରିବାରେ ସଫଳ ହୋଇଛି। ଘରୋଇ ଓଡ଼ିଶା ଦଳର ପ୍ରଥମ ଇନିଂସ ସ୍କୋର ୨୫୬ ରନ ଜବାବରେ ମଙ୍ଗଳବାର ୨ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ୟୁପି ପ୍ରଥମ ଇନିଂସରେ ୧୦୭ ଓଭରରେ ୬ ଉଇକେଟ୍ ହରାଇ ୩୬୧ ରନ ସଂଗ୍ରହ କରିଛି। ଆହୁରି ୪ଟି ଉଇକେଟ୍ ସୁରକ୍ଷିତ ରହିଥିବାବେଳେ ୟୁପି ଦଳ ଏବେ ୧୦୫ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରି ଭଲ ସ୍ଥିତିରେ ରହିଛି। ମ୍ୟାଚ୍ ଆହୁରି ୨ ଦିନ ବାକି ରହିଥିବାବେଳେ ଫଳାଫଳ ବାହାରିବା ଆଶା ଉଜ୍ଜୀବିତ୍ ରହିଛି।





ଉଇକେଟ୍ ନେବାପରେ ବସନ୍ତ ମହାନ୍ତିଙ୍କୁ ସାଥୀ ଖେଳାଳି ବଧାଇ ଜଣାଉଛନ୍ତି। ଶତକ ହାସଲ ପରେ ଅଖଦୀପ ନାଥ୍।

### ଫାଇଦା ଉଠାଇ ପାରିଲାନି ଓଡ଼ିଶା

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୪୨/୧ରୁ ଖେଳ ଆରମ୍ଭ କରିଥିବା ଉତ୍ତରପ୍ରଦେଶ ମଙ୍ଗଳବାର ସକାଳେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପରବର୍ତ୍ତୀ ୩୦ ରନରେ ଦଳ ୩ଟି ଉଇକେଟ୍ ହରାଇଥିଲା। ସକାଳ ପରିବେଶରୁ ସମ୍ପୂର୍ଣ୍ଣ ଫାଇଦା ଉଠାଇ ଓଡ଼ିଶାର ଅଭିଜ୍ଞ ବୋଲର ବସନ୍ତ ମହାନ୍ତି ପୂର୍ବଦିନର ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ମାଧବ କୌଶିକ (୧୭) ଓ ମହମ୍ମଦ ସୈଫ୍ (୨୮)ଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ। ସେହିଭଳି ଏହି ମ୍ୟାଚ୍‌ର ମୁଖ୍ୟ ଆକର୍ଷଣ ରହିଥିବା ଭାରତୀୟ ଦଳର ଷ୍ଟାର ଖେଳାଳି ସୁରେଶ ରାଇନା ମଧ ଦର୍ଶକଙ୍କୁ ନିରାଶ କରିଥିଲେ। ରାଇନା ୧୦ ରନ କରି ବ୍ୟାଟିଂ କରୁଥିବାବେଳେ ଯୁବ ଦ୍ରୁତ ବୋଲର ରାଜେଶ ମହାନ୍ତିଙ୍କ ବଲକୁ ଖେଳିବାକୁ ଯାଇ ଗୋବିନ୍ଦ ପୋଦ୍ଦାରଙ୍କ ହାତରେ ଧରା ପଡ଼ିଥିଲେ। ୭୨ ରନରେ ୪ଟି ଉଇକେଟ୍ ହରାଇ ୟୁପି ଏକପ୍ରକାର ସଙ୍କଟଜନକସ୍ଥିତିରେ ପଡ଼ିଯାଇଥିଲା। ଅପରପକ୍ଷରେ ବିପ୍ଳବ ସାମନ୍ତରାୟଙ୍କ ନେତୃତ୍ୱାଧୀନ ଘରୋଇ ଓଡ଼ିଶା ଦଳ

**ରଣଜୀ ଟ୍ରଫି ୨ୟ ରାଉଣ୍ଡ**

ପାଇଁ ଇନିଂସ ଅଗ୍ରଣୀ ହାସଲ କରିବାର ଏକ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ପ୍ରତିପକ୍ଷ ଅଧିନାୟକ ଅଖଦୀପ୍ ମଧ୍ୟକ୍ରମରେ ପ୍ରିୟମ ଗର୍ଗ ଓ ରିଙ୍କୁ ସିଂଙ୍କ ସହ ଦୁଇଟି ଶତକୀୟ ଭାଗୀଦାରି କରି ଓଡ଼ିଶା ବୋଲରଙ୍କୁ ନିରାଶ କରିଥିଲେ। ଅଖଦୀପ୍ ୫ ଉଇକେଟ୍‌ରେ ପ୍ରିୟମଙ୍କ (୫୯ ରନ) ସହ ୧୨୬ ରନ ଯୋଗ କରିଥିଲେ। ଏହି ଯୋଡ଼ିକୁ ବିପ୍ଳବ ଭାଙ୍ଗିଥିଲେ। ଏହାପରେ ୨୫ ବର୍ଷୀୟ ଅଖଦୀପ୍ ୬ଷ୍ଠ ଉଇକେଟ୍‌ରେ ରିଙ୍କୁ ସିଂ (୭୨ ରନ)ଙ୍କ ସହ ୧୫୪ ରନ ସଂଗ୍ରହ କରି ଦଳୀୟ ସ୍କୋରକୁ ୩୫୦ ରନ ଅତିକ୍ରମ କରାଇଥିଲେ। ନୂଆ ବଲ୍ ନେବାପରେ ଦ୍ରୁତ ବୋଲର ଦେବବ୍ରତ ପ୍ରଧାନ ପଏଣ୍ଟ ଏରିଆରେ ଗୋବିନ୍ଦଙ୍କ ହାତରେ ରିଙ୍କୁଙ୍କୁ ଆଉଟ୍ କରି ଏହି ଭାଗୀଦାରି ଭାଙ୍ଗିଥିଲେ। ଦ୍ୱିତୀୟ ଦିବସ ଖେଳ ଶେଷ ହେବାବେଳକୁ ୟୁପି ୬ ଉଇକେଟ୍ ବିନିମୟରେ ୩୬୧ ରନ ସଂଗ୍ରହ କରିଛି। ଅଖଦୀପ୍ ଧୈର୍ଯ୍ୟର ସହ ବ୍ୟାଟିଂ କରି ୧୫୧ ରନରେ ଅପରାଜିତ ରହିଛନ୍ତି। ପାଖାପାଖି ସାଢ଼େ ୬ ଘଣ୍ଟା ବ୍ୟାଟିଂ କରିଥିବା ଅଖଦୀପ୍ ଏହି ଇନିଂସ ମଧ୍ୟରେ ୨୫୮ଟି ବଲର ସମ୍ମୁଖୀନ ହୋଇ ୨୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଚଳିତ ସିଜନରେ ଏହା ତାଙ୍କର ଲଗାତର ୨ୟ ଶତକ ଏଥିପୂର୍ବରୁ ଅଖଦୀପ୍ ଗୋଆ ବିପକ୍ଷରେ ୧୯୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ବସନ୍ତ ମହାନ୍ତି ସର୍ବାଧିକ ୩ଟି ଉଇକେଟ୍ ନେଇଥିବାବେଳେ ବିପ୍ଳବ, ରାଜେଶ ଓ ଦେବବ୍ରତ ଗୋଟିଏ ଲେଖାଏ ସଫଳତା ପାଇଥିଲେ। ଦ୍ୱିତୀୟ ଦିବସରେ ୟୁପି ବ୍ୟାଟ୍ସମ୍ୟାନ କେତୋଟି କ୍ୟାଚ୍ ଓ ରନ୍‌ଆଉଟ୍ ସୁଯୋଗ ଦେଇଥିଲେ ମଧ ଓଡ଼ିଶା ଫିଲ୍ଡର ଏହାର ଫାଇଦା ଉଠାଇପାରି ନ ଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୫୬/୧୦ (ଶୁଭ୍ରାଂଶୁ ସେନାପତି ୮୭, ସୁଜିତ ଲେଙ୍କା ୪୬, ଗୋବିନ୍ଦ ପୋଦ୍ଦାର ୩୯, ଅଙ୍କିତ ରାଜପୁତ ୩/୬୧)।

ୟୁପି ପ୍ରଥମ ଇନିଂସ- ୩୬୧/୬, ୧୦୭ ଓଭର (ଅଖଦୀପ୍ ୧୫୧*, ସୌରଭ କୁମାର ୮*, ରିଙ୍କୁ ୭୨, ରାଇନା ୧୦, ବସନ୍ତ ୩/୪୪)।

### ଝାଡ଼ଖଣ୍ଡକୁ ଜିତାଇଲେ ଆରୋନ

**ରୋହତକ, ୧୩।୧୧**

ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ପର୍ଯ୍ୟାୟର ମାତ୍ର ଦୁଇ ଦିନ ମଧ୍ୟରେ ଝାଡ଼ଖଣ୍ଡ ୯ ଉଇକେଟରେ ହରିୟାଣାକୁ ପରାସ୍ତ କରିଛି। ସ୍ଥାନୀୟ ବଂଶୀ ଲାଲ କ୍ରିକେଟ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମ ଇନିଂସ୍ ହରିୟାଣା ଦଳ ମାତ୍ର ୮୧ ରନ୍‌ରେ ସୀମିତ ରହିବା ପରେ ଝାଡ଼ଖଣ୍ଡ ୧୪୩ ରନ୍ କରିବାକୁ ସକ୍ଷମ ହୋଇଥିଲା। ୬୨ ରନ୍ ପଛରେ ଥିବା ଘରୋଇ ଦଳ ଦ୍ୱିତୀୟ ଇନିଂସ୍‌ରେ ମାତ୍ର ୭୨ ରନ୍ କରିପାରିଥିଲା। ପ୍ରତିପକ୍ଷ ଦଳର ପେସର ବରୁନ ଆରୋନ ସର୍ବାଧିକ କ୍ଷତି ଘଟାଇଥିଲେ। ସେ ମାତ୍ର ୩୨ ରନ ଦେଇ ୬ ଉଇକେଟ ନେଇଥିଲେ। ଜବାବରେ ବିଜୟ ଲାଗି ଧାର୍ଯ୍ୟ ୧୧ ରନ୍‌ର ଲକ୍ଷ୍ୟକୁ ଝାଡ଼ଖଣ୍ଡ ଅଧିନାୟକ ଇଶାନ କିଶାନ(୧)ଙ୍କ ଉଇକେଟ ହରାଇ ହାସଲ କରିନେଇଥିଲା। ଅନ୍ୟପକ୍ଷରେ ରବୀନ୍ଦ୍ର ଜାଡେଜା ନିଜ ପ୍ରଥମ ଶ୍ରେଣୀ କ୍ୟାରିୟରରେ ୧୦ମ ଶତକ ହାସଲ କରିଛନ୍ତି। ସୌରାଷ୍ଟ୍ରଠାରେ ଚାଲିଥିବା ରେଲ୍‌ୱେ ବିପକ୍ଷ ମ୍ୟାଚ୍‌ରେ ଅଲରାଉଣ୍ଡର ଜାଡେଜା ୧୭୮ ରନ୍‌ର ଅପରାଜିତ ଇନିଂସ୍ ଖେଳିଛନ୍ତି। ତାଙ୍କର ଏହି ଇନିଂସ୍‌ରେ ୧୬ ଚୌକା ଓ ୪ ଛକା ସାମିଲ ରହିଛି। ଜାଡେଜାଙ୍କ ଯୋଗୁ ଟିମ ସୌରାଷ୍ଟ୍ର ପ୍ରଥମ ଇନିଂସ୍‌ରେ ୧୪୪ ରନର ଅଗ୍ରଣୀ ନେବାକୁ ସଫଳ ହୋଇଛି। ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ଘରୋଇ ଦଳ ୮ ଉଇକେଟ ହରାଇ ୩୪୪ ରନ୍ କରିଛି। ପୂର୍ବରୁ ରେଲୱେ ଦଳ ପ୍ରଥମେ ବ୍ୟାଟିଂ କରି ୨୦୦ ରନ୍ କରି ଅଲଆଉଟ୍ ହୋଇଥିଲା। ଘରୋଇ ଦଳ ଲାଗି ଜାଡେଜା ୪ ଉଇକେଟ ନେଇଥିଲେ।

# ଅଧିନାୟକ ମନପ୍ରୀତ୍ ସିଂ

**ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଆଉ ମାତ୍ର କେତୋଟି ଦିନ ପରେ ଆରମ୍ଭ ହେବାକୁ ଯାଉଛି ହକି ବିଶ୍ୱକପ୍‌ର ୧୪ତମ ସଂସ୍କରଣ। ଏହି ମେଗା ଇଭେଣ୍ଟ ପାଇଁ ଭାରତ ତା'ର ପ୍ରସ୍ତୁତିକୁ ଅନ୍ତିମ ରୂପ ଦେବାକୁ ଯାଉଛି। ଦଳରେ କେତେଜଣ ଅଭିଜ୍ଞ ଖେଳାଳିଙ୍କ ଉପସ୍ଥିତି ସତ୍ତ୍ୱେ ଯୁବ ତଥା ଷ୍ଟାର ମିଡଫିଲ୍ଡର ମନପ୍ରୀତ୍ ସିଂଙ୍କୁ ନେତୃତ୍ୱ ପ୍ରଦାନ କରାଯାଇଛି। ତାଙ୍କ ପୂର୍ବରୁ ଅଭିଜ୍ଞ ଗୋଲ କିପର ପି.ଆର. ଶ୍ରୀଜେଶ ଦଳରେ ନେତୃତ୍ୱ ନେଉଥିଲେ। ବିଶ୍ୱକପ୍‌ରେ ନେତୃତ୍ୱର ଗୁରୁଦାୟିତ୍ୱକୁ ସଫଳତାର ସହ ତୁଲାଇବାକୁ ସବୁମତେ ଚେଷ୍ଟା କରିବେ ବୋଲି ମନପ୍ରୀତ୍ କହିଛନ୍ତି।**

ପଞ୍ଜାବର ଜଳନ୍ଧରରେ ୧୯୯୨ ଜୁନ୍ ୨୬ ତାରିଖରେ ଜନ୍ମ ଗ୍ରହଣ କରିଥିବା ମନପ୍ରୀତ ୨୦୧୭ ମେ ମାସରୁ ଭାରତୀୟ ଦଳର ନେତୃତ୍ୱ ନେଇ ଆସୁଛନ୍ତି। ମାତ୍ର ୧୯ ବର୍ଷ ବୟସରେ ସେ ଭାରତ ପାଇଁ ପ୍ରଥମେ ଖେଳିବାର ସୁଯୋଗ ହାସଲ କରିଥିଲେ। ଜଳନ୍ଧର ଉପକଣ୍ଠରେ ଥିବା ମିଠାପୁର ଗ୍ରାମରେ ଏକ କୃଷକ ପରିବାରରେ ସେ ଜନ୍ମ ଗ୍ରହଣ କରିଥିଲେ। ଭାରତୀୟ ପୂର୍ବତନ ହକି ଅଧିନାୟକ ପଦ୍ମଶ୍ରୀ ପରଗତ ସିଂଙ୍କୁ ନିଜର ଆଦର୍ଶ ମାନୁଥିବା ମନପ୍ରୀତ୍ ହକି ଖେଳିବା ପାଇଁ ତାଙ୍କଠାରୁ ପ୍ରେରଣା ପାଇଥିଲେ। ପରଗତ ମଧ ମିଠାପୁର ଗ୍ରାମରେ ଜନ୍ମ ଗ୍ରହଣ କରି ନିଜ ପ୍ରତିଭା ମାଧ୍ୟମରେ ଜାତୀୟ ଦଳର ଅଧିନାୟକ ହୋଇ ପାରିଥିଲେ। ମନପ୍ରୀତ୍‌ଙ୍କ ବଡ଼ ଭାଇମାନେ ହକି ଖେଳି ଘରକୁ ପୁରସ୍କାର ଆଣୁଥିଲେ ଓ ଏଥିରେ ସେ ବେଶ୍ ପ୍ରଭାବିତ ହୋଇଥିଲେ। ୧୦ ବର୍ଷ ବୟସରୁ ୨୦୦୨ରେ ସେ ନିୟମିତ ଭାବେ ହକି ଖେଳିବା ଆରମ୍ଭ କରିଥିଲେ। ତେବେ ତାଙ୍କ ମା' ତାଙ୍କୁ ହକି ଖେଳିବାରୁ ଦୂରେଇ ରଖିବା ପାଇଁ ତାଙ୍କୁ କୋଠରିରେ ବନ୍ଦ କରିଦେଉଥିଲେ। ହକି ପ୍ରତି ମନପ୍ରୀତଙ୍କର ଯଥେଷ୍ଟ ଆକର୍ଷଣ ଥିଲା। ଏଥିପାଇଁ ମନପ୍ରୀତଙ୍କୁ ସୁଯୋଗ ପ୍ରଦାନ କରିବା ପାଇଁ ତାଙ୍କ ଭାଇଙ୍କୁ କୋଚ୍ କହିଥିଲେ। ଏକ ଲୋକାଲ ଟୁର୍ନାମେଣ୍ଟରେ ମନପ୍ରୀତ ସୁନ୍ଦର ପ୍ରଦର୍ଶନ କରି ୫୦୦ ଟଙ୍କା ପୁରସ୍କାର ଜିତିବାପରେ ତାଙ୍କ ପରିବାର ତାଙ୍କୁ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରିବା ଆରମ୍ଭ କରିଦେଇଥିଲେ। ଏହାପରେ ଜଳନ୍ଧର ସ୍ଥିତ ସୁରଜିତ ହକି ଏକାଡେମୀରେ ସେ ଯୋଗ ଦେଇଥିଲେ ଓ ନିଜ ପ୍ରତିଭା, ପ୍ରଦର୍ଶନ ଓ ଦକ୍ଷତା ମାଧ୍ୟମରେ କୋଚ୍ ଓ ଚୟନକର୍ତ୍ତାମାନଙ୍କୁ ପ୍ରଭାବିତ କରିବାରେ ସଫଳ ହୋଇଥିଲେ। ପ୍ରଥମେ ସେ ଭାରତୀୟ ଜୁନିୟର ଦଳ ତରଫରୁ ପଦାର୍ପଣ କରିବାର ସୁଯୋଗ ହାସଲ କରିଥିଲେ। ପୂର୍ବତନ ଜର୍ମାନୀ ଅଧିନାୟକ ମୋର୍ଟିଜ୍ ଫୁଏର୍ଷ୍ଟଙ୍କୁ ସେ ନିଜ ପସନ୍ଦର ଖେଳାଳି ଭାବେ ବିବେଚନା କରନ୍ତି। ସେ ସର୍ଦ୍ଦାର ସିଂ ଖେଳିବା ଶୈଳୀରୁ ପ୍ରେରଣା ପାଇଥାନ୍ତି ବୋଲି କହିଛନ୍ତି। ତାରକା ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋ ଓ ଡେଭିଡ ବେକ୍‌ହାମ୍‌ଙ୍କର ମନପ୍ରୀତ ଜଣେ ବଡ଼ ପ୍ରଶଂସକ। ଏହି ଦୁଇ ଖେଳାଳିଙ୍କ ଜର୍ସି ନମ୍ବର ୭ ତାଙ୍କର ପ୍ରିୟ ଓ ଖେଳିବା ବେଳେ ସେ ଏହି ଜର୍ସି ପରିଧାନ କରିଥାନ୍ତି।

୨୦୧୩ରେ ସେ ଭାରତୀୟ ଜୁନିୟର ଦଳର ଅଧିନାୟକ ନିଯୁକ୍ତ ହୋଇଥିଲେ। ୨୦୧୩ ସୁଲତାନ ଜୋହର କପ ହକିରେ ତାଙ୍କ ନେତୃତ୍ୱରେ ଭାରତୀୟ ଜୁନିୟର ଦଳ ସ୍ୱର୍ଣ୍ଣ ପଦକ ହାସଲ କରିଥିଲା। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଭାରତ ମାଲେସିଆକୁ ୩-୦ ଗୋଲରେ ପରାସ୍ତ କରିଥିଲା। ମନପ୍ରୀତ ମଧ ଗୋଟିଏ ଗୋଲ ସ୍କୋର କରିଥିଲେ। ୨୦୧୪ରେ ଏସିଆନ ହକି ଫେଡେରେଶନ ତାଙ୍କୁ ଜୁନିୟର ପ୍ଲେୟାର ଅଫ୍ ଦି ଇୟର ଭାବେ ପୁରସ୍କୃତ କରିଥିଲା।

ସେହିପରି ସିନିୟର ହକିରେ ମଧ ସେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ୨୦୧୨ ଅଲିମ୍ପିକ୍ସରେ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ। ୨୦୧୪ ଇଞ୍ଚିଅନ୍ ଏସିଆନ ଗେମ୍ସରେ ସେ ଭାରତୀୟ ଦଳର ସଦସ୍ୟ ଥିଲେ ଓ ଏହି ମେଗା ଇଭେଣ୍ଟରେ ଭାରତ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୨ ଗୋଲରେ ପରାସ୍ତ କରି ଟାଇଟଲ ଜିତିଥିଲା। ସେହିପରି ୨୦୧୪ ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇ ରନର୍ସଅପ୍ ହୋଇଥିଲା ଓ ମନପ୍ରୀତ ମଧ ଏହି ଦଳର ସଦସ୍ୟ ଥିଲେ। ୨୦୧୬ ଲଣ୍ଡନ ପୁରୁଷ ହକି ଚାମ୍ପିୟନ୍ସ ଟ୍ରଫିରେ ଭାରତ ୩୮ ବର୍ଷ ପରେ ଫାଇନାଲରେ ପ୍ରବେଶ କରିଥିଲା ଓ ମନପ୍ରୀତ୍ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ତେବେ ଫାଇନାଲରେ ଭାରତ ଅଷ୍ଟ୍ରେଲିଆଠାରୁ ୩-୧ ଗୋଲରେ ପରାସ୍ତ ହୋଇଥିଲା। ୨୦୧୬ ରିଓ ଅଲିମ୍ପିକ୍ସ ମଧ ସେ ଭାରତ ପାଇଁ ପ୍ରତିନିଧିତ୍ୱ କରିଥିଲେ।

୨୦୧୭ ଜୁନ୍ ୧ ତାରିଖରେ ଜର୍ମାନୀରେ ଆରମ୍ଭ ହୋଇଥିବା ତ୍ରିରାଷ୍ଟ୍ରୀୟ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟରେ ସେ ପ୍ରଥମଥର ପାଇଁ ଭାରତୀୟ ଦଳର ନେତୃତ୍ୱ ନେଇଥିଲେ। ଏହାର କିଛିଦିନ ପରେ ସେ ଇଂଲଣ୍ଡରେ ଖେଳାଯାଇଥିବା ୱାର୍ଲ୍ଡ ଲିଗ୍ ସେମିଫାଇନାଲରେ ମଧ ଭାରତୀୟ ଦଳର ନେତୃତ୍ୱ ନେଇ ସଫଳ ହୋଇପାରିଥିଲେ।

୨୦୧୬ ଆଜଲାନ ଶାହ କପ୍ ହକି ଖେଳିବା ଅବସରରେ ମନପ୍ରୀତଙ୍କ ପିତା ମୃତ୍ୟୁବରଣ କରିଥିଲେ। ଜାପାନ ବିପକ୍ଷ ଉଦ୍‌ଘାଟନୀ ମ୍ୟାଚ୍ ଖେଳିବାର କେତେଘଣ୍ଟା ପୂର୍ବରୁ ଏହି ଦୁଃଖଦ ଖବର ମିଳିଥିଲା। ତେବେ ଏହା ସତ୍ତ୍ୱେ ଭାରତ ୨-୧ ଗୋଲରେ ବିଜୟୀ ହୋଇଥିଲା। ପିତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ସେ ଏହା ପରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିଲେ। ଫଳରେ ଅଷ୍ଟ୍ରେଲିଆ ବିପକ୍ଷ ମ୍ୟାଚ୍‌ରେ ସାମିଲ ହୋଇପାରି ନ ଥିଲେ। ଫଳରେ ମନପ୍ରୀତଙ୍କ ଅନୁପସ୍ଥିତିରୁ ଫାଇଦା ଉଠାଇ ଅଷ୍ଟ୍ରେଲିଆ ୫-୧ ଗୋଲରେ ବିଜୟୀ ହୋଇଥିଲା। ଏହା ପରେ ମା ତାଙ୍କୁ ଏହି ଟୁର୍ନାମେଣ୍ଟରେ ଖେଳ ଜାରି ରଖିବାକୁ କହିଥିଲେ। ପିତାଙ୍କ ସ୍ୱପ୍ନ ପୂରଣ କରିବାକୁ ଓ ଦେଶ ପାଇଁ ଗୌରବ ଆଣିଦେବାକୁ ମା'ଙ୍କ ନିର୍ଦ୍ଦେଶ ଅନୁସାରେ ସେ ପୁଣି ମାଲେସିଆ ପ୍ରତ୍ୟାବର୍ତ୍ତନ କରି ଆଜଲାନ ଶାହ କପ୍ ଖେଳିଥିଲେ ଓ କାନାଡ଼ା ବିପକ୍ଷରେ ଭାରତର ୩-୧ ଗୋଲ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାପରେ ଭାରତ ୫-୧ ଗୋଲରେ ପାକିସ୍ତାନକୁ ହରାଇଥିଲା ଓ ଚତୁର୍ଥ ମିନିଟରେ ମନପ୍ରୀତ ଗୋଲ ସ୍କୋର କରି ଭାରତକୁ ଅଗ୍ରଣୀ କରାଇଥିଲେ। ଏହା ପରେ ଭାରତ ନ୍ୟୁଜିଲାଣ୍ଡଠାରୁ ୨-୧ ଗୋଲରେ ହାରିଥିଲା। ତେବେ ଭାରତ ପାଇଁ ମନପ୍ରୀତ୍ ଏକମାତ୍ର ଗୋଲ ସ୍କୋର କରିଥିଲେ। ଏହା ପରେ ଭାରତ ଅନ୍ତିମ ପୁଲ୍ ମ୍ୟାଚ୍‌ରେ ମାଲେସିଆକୁ ୬-୧ ଗୋଲରେ ହରାଇଥିଲା। ତେବେ ଫାଇନାଲରେ ଭାରତ ୪-୦ ଗୋଲରେ ଅଷ୍ଟ୍ରେଲିଆଠାରୁ ହାରି ରନର୍ସଅପ୍ ହୋଇଥିଲା। ପିତା ମୃତ୍ୟୁ ସତ୍ତ୍ୱେ ମନପ୍ରୀତ୍ ନିଜ ଖେଳକୁ ପ୍ରଭାବିତ ହେବାକୁ ଦେଇ ନ ଥିଲେ, ଯାହା ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ ଥିଲା ଓ ତାଙ୍କର ଏହି ସାହସିକ ଖେଳ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

ସିନିୟର ହକିରେ ସେ ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି। ୨୦୧୬ ଲଣ୍ଡନ ଓ ୨୦୧୮ ବ୍ରେଡା ଚାମ୍ପିୟନ୍ସ ଟ୍ରଫିରେ ସେ ରୌପ୍ୟ ପଦକ ଜିତିଥିଲେ। ୨୦୧୪ ଗ୍ଲାସ୍‌ଗୋ ରାଜ୍ୟ ଗୋଷ୍ଠୀ କ୍ରୀଡ଼ାରେ ଭାରତର ରୌପ୍ୟ ପଦକ ହାସଲରେ ସେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ୨୦୧୪ ଇଞ୍ଚିଅନ ଓ ୨୦୧୮ ଜାକର୍ତ୍ତା ଏସିଆନ ଗେମ୍ସରେ ଭାରତ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ଜିତିଥିଲା। ଏହି ଟୁର୍ନାମେଣ୍ଟରେ ମଧ ମନପ୍ରୀତ୍ ଦମ୍‌ଦାର ପ୍ରଦର୍ଶନ କରିଥିଲେ। ୨୦୧୭ ଢାକା ଓ ୨୦୧୩ ମାଲେସିଆ ଏସିଆ କପ୍‌ରେ ଭାରତ ମନପ୍ରୀତ୍‌ଙ୍କ ପ୍ରଦର୍ଶନ ବଳରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଜିତିଥିଲା।

ଅଭିନୟରେ ରୁଚି ରଖୁଥିବା ମନପ୍ରୀତ ସୁଯୋଗ ମିଳିଲେ ସିନେମାରେ ଅଭିନୟ କରିବାକୁ ପିଛାଇବେ ନାହିଁ ବୋଲି କୁହନ୍ତି। ସଲମାନ ଖାଁ ତାଙ୍କର ପସନ୍ଦର ଅଭିନେତା। ପଞ୍ଜାବି ଭାଙ୍ଗ୍ରା ମ୍ୟୁଜିକ୍ ଶୁଣିବାକୁ ସେ ଅଧିକ ପସନ୍ଦ କରିନ୍ତି। ଆଗାମୀ ବିଶ୍ୱପକପ୍‌ରେ ତାଙ୍କ ନେତୃତ୍ୱରେ ଭାରତ ଭଲ ପ୍ରଦର୍ଶନ କରିବ ବୋଲି ମନପ୍ରୀତ୍ ଆଶା ପ୍ରକାଶ କରିଛନ୍ତି।







ପୂରା ନାମ: ମନପ୍ରୀତ୍ ସିଂ ପାୱାର
ଜନ୍ମ: ଜଳନ୍ଧର, ପଞ୍ଜାବ
ବୟସ: ୨୬ ବର୍ଷ
ଉଚ୍ଚତା: ୫ ଫୁଟ ୫ ଇଞ୍ଚ୍
ପ୍ଲେଇଙ୍ଗ ପୋଜିଶନ: ହାଫ୍ ବ୍ୟାକ୍

**ମେଡାଲ ରେକର୍ଡ**

ଚାମ୍ପିୟନ୍ସ ଟ୍ରଫି:
୨୦୧୬ ଲଣ୍ଡନ– ରୌପ୍ୟ
୨୦୧୮ ବ୍ରେଡା– ରୌପ୍ୟ
ରାଜ୍ୟଗୋଷ୍ଠୀ କ୍ରୀଡ଼ା:
୨୦୧୪ ଗ୍ଲାସଗୋ– ରୌପ୍ୟ
ଏସିଆନ ଗେମ୍ସ:
୨୦୧୪ ଇଞ୍ଚିଅନ୍– ସ୍ୱର୍ଣ୍ଣ
୨୦୧୮ ଜାକର୍ତ୍ତା– ରୌପ୍ୟ
ଏସିଆ କପ୍:
୨୦୧୭ ଢାକା– ସ୍ୱର୍ଣ୍ଣ
୨୦୧୩ ମାଲେସିଆ– ରୌପ୍ୟ




### ବିଲରେ ପାଣି ଦେବାକୁ ନେଇ କକାଙ୍କୁ ମରଣାନ୍ତକ ଆକ୍ରମଣ ମାମଲା

# ପୁତୁରାଙ୍କୁ ୫ ବର୍ଷ କାରାଦଣ୍ଡାଦେଶ

**ବୌଦ୍ଧ,୧୩।୧୧ (ସ୍ୱ.ପ୍ର.)**

ବୌଦ୍ଧ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜ୍ ପ୍ରଦୀପ୍ତ କୁମାର ସାହୁ ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ମଙ୍ଗଳବାର ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ପୁତୁରା ସୁଦାମ ମହାକୁଡ଼ଙ୍କୁ ୫ ବର୍ଷ କାରାଦଣ୍ଡାଦେଶ ସହ ୧୦୦୦ ଟଙ୍କା ଜରିମାନା ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୧୫ ଅଗଷ୍ଟ ୯ରେ ବୀରରାମଚନ୍ଦ୍ରପୁର ଗ୍ରାମର ନନ୍ଦକିଶୋର ଜେନା କିଛି ଜମି ଠିକାରେ ନେଇ ଚାଷ କରିଥିଲେ। ଜେନା ଅନ୍ୟମାନଙ୍କ ବିଲ ଦେଇ ଜମିରେ ନାଳ ତିଆରି କରି ସକାଳ ୮ଟାରେ ପାଣି ନେଉଥିଲେ। ପାଣି ନେବା ସମୟରେ ଅଭିଯୁକ୍ତ ସୁଧାଂଶୁ ଓରଫ ସୁଦାମ ମହାକୁଡ଼ (୩୮) ନାଳ କାଟିଦେବା ସହ ନନ୍ଦକିଶୋରଙ୍କୁ ଗାଳିଗୁଲଜ କରିଥିଲେ। ଏ ନେଇ ସୁଦାମଙ୍କ କକା ମହେଶ୍ୱର ମହାକୁଡ଼ ବାରଣ କରିଥିଲେ। ସୁଦାମ ଉତ୍ତ୍ୟକ୍ତ ହୋଇ ମହେଶ୍ୱରଙ୍କୁ ଗାଳିଗୁଲଜ କରିବା ସହ ହାତରେ ଧରିଥିବା କୋଡ଼ିରେ ତାଙ୍କ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ମହେଶ୍ୱରଙ୍କ ମୁଣ୍ଡ ଫାଟିଯାଇଥିଲା। ଆହୁରି ମଧ୍ୟ ସୁଦାମ ନନ୍ଦକିଶୋରଙ୍କୁ ଏକ ଧକ୍କା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ସମୟରେ ଅନ୍ୟ ବିଲରେ କାମ କରୁଥିବା ଗ୍ରାମବାସୀଙ୍କ ସମେତ ମହେଶ୍ୱରଙ୍କ ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ବୌଦ୍ଧ ଆଣିଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସିତ ହୋଇ ମହେଶ୍ୱର ଘରକୁ ଫେରିଥିଲେ। ଏ ସମ୍ପର୍କରେ ମହେଶ୍ୱରଙ୍କ ପୁଅ ସିକୁନ ଘଟଣା ଦିନ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.-୧୮୬/୧୫) ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତ ସୁଦାମଙ୍କୁ ପୋଲିସ ୨୦୧୫ ଅଗଷ୍ଟ ୧୩ରେ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାଟି ବୌଦ୍ଧ ଚିଫ୍ ଜୁଡିସିଆଲ ମାଜିଷ୍ଟ୍ରେଟ ତଥା ସହକାରୀ ଦୌରାଜଜଙ୍କ ଅଦାଲତରେ ବିଚାରାଧୀନ ଥିଲା। ସରାକାରଙ୍କ ପକ୍ଷରୁ ୧୧ ଜଣ ସାକ୍ଷୀଙ୍କ ବୟାନ ଓ ପ୍ରମାଣ ଭିତିରେ ବିଚାରପତି ସାହୁ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦେବରଞ୍ଜନ ବିଶି ପରିଚାଳନା କରୁଥିଲେ।




## ଅଲ ଇଣ୍ଡିଆ ଫୁଟବଲ: ପଦମପୁର ଚାମ୍ପିୟନ



ଅତିଥିଙ୍କ ଗହଣରେ ବିଜେତା ପଦମପୁର ଦଳର ଖେଳାଳିମାନେ।

**ଟିଟିଲାଗଡ଼,୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ ବୀର ହନୁମାନ ବ୍ୟାୟାମଶାଳା ପକ୍ଷରୁ ସ୍ଥାନୀୟ ବାଳକ ହାଇସ୍କୁଲ ପଡିଆଠାରେ ଆୟୋଜିତ ଅଲ ଇଣ୍ଡିଆ ଫୁଟବଲ ପ୍ରତିଯୋଗିତାର ମଙ୍ଗଳବାର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ପଦମପୁର ଦଳ ରାୟପୁରକୁ ହରାଇ ଚାମ୍ପିୟନ ହୋଇଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ ମଧ୍ୟରେ ଖେଳ ବରାବର ରହିବାରୁ ଟାଇବ୍ରେକର ଜରିଆରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା। ଏଥିରେ ପଦମପୁର ଦଳ ୧-୦ଗୋଲରେ ବିଜୟୀ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ମୁଖ୍ୟଅତିଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ରାଜ୍ୟ ବିଜେଡି ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ସାମାଜିକ କର୍ମୀ ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ୨୧ହଜାର ଓ ଉପବିଜେତାଙ୍କୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଖେଳକୁ ଚଞ୍ଚଳ ମାଝୀ, ଛବି ନାୟକ, ତନ୍ମୟ ପ୍ରଧାନ, ରାଜେଶ ସ୍ୱାଇଁ ପରିଚାଳନା କରିଥିଲେ। ଆୟୋଜକ ଅନୁଷ୍ଠାନର ଦିଲୀପ ବାଗ, ରୁଟୁ ବାଗ, ବବୁ ରତେଇ, ରତନ ହାତି, ରବି ବାଗ, ମୁନା ବାରିକ, ତପନ ହେର୍ଣ୍ଣା, ଦିଲୀପ ବେହେରା, ଏମଡି ଖାଲିଦ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଜୀବନଟା ଖଣ୍ଡେ ପଥର ଭଳି। ତାକୁ କାଟି ଆମକୁ ସୁନ୍ଦର ମୂର୍ତ୍ତି ଗଢ଼ିବାକୁ ହେବ।

- ଭଲ୍‌ଟାୟାର

## ସଂକ୍ଷେପରେ

### ଟ୍ରକ ପଛରେ ପିଟି ହୋଇ ବାଇକ ଆରୋହୀ ମୃତ

**ଡୁଙ୍ଗୁରିପାଲି, ୧୩।୧୧ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଜାତୀୟ ରାଜପଥ ୨୬ର ଡୁଙ୍ଗୁରିପାଲି ଏଫସିଆଇ ଶ୍ୟାମ ପ୍ୟାଲେସ ନିକଟରେ ଠିଆ ହୋଇଥିବା ଏକ ମାଲ ବୋଝେଇ ଟ୍ରକ ନଂ. ସିଜି ୦୪ ଜେଡି- ୭୭୧୨ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସହଲା ଗ୍ରାମର ଅସାଡୁ ସେଠ(୨୬)। ବାଇକ ନଂ. ଓଡି ୩୧ ଡି- ୯୧୨୮ରେ ସେ ବରଗଡ ପଟରୁ ଘରକୁ ସୋମବାର ରାତି ପ୍ରାୟ ୯ଟା ବେଳେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଡୁଙ୍ଗୁରିପାଲି ପୋଲିସ ଓ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭୯/୧୮) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ପୋଲିସ ଜବତ କରିଛି।



### ଯାତ୍ରୀବାହୀ ବସ୍ ଧକ୍କାରେ ବୃଦ୍ଧ ଗୁରୁତର

**ବୌଦ୍ଧ, ୧୩।୧୧ (ସ୍ୱ.ପ୍ର.)-** ବୌଦ୍ଧ ସହର ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ରାମେଶ୍ୱର ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଯାତ୍ରୀବାହି ବସ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ବୌଦ୍ଧ ଓ ରେଢାଖୋଲ ମଧ୍ୟରେ ଚଳାଚଳ କରୁଥିବା ନାରାୟଣୀ ନାମକ ଘରୋଇ ଯାତ୍ରୀବାହି ବସ ବସଷ୍ଟାଣ୍ଡକୁ ଆସୁଥିବା ବୌଦ୍ଧ ପଟୁ ଗହ୍ମାରିପଦର ଗ୍ରାମର ବୃଦ୍ଧ ସାରଥୀ ସେଠୀ(୮୦) ଏକ ସାଇକେଲରେ ଘରକୁ ଫେରୁଥିବାଥିବା ବେଳେ ତାଙ୍କୁ ବସ୍‌ଟି ରାମେଶ୍ୱର ମନ୍ଦିର ନିକଟରେ ଧକ୍କା ଦେଇଥିଲା। ଗାଡି ଧକ୍କାରେ ସାରଥୀ ଛିଟକି ପଡିବା ସହିତ ମୁଣ୍ଡ ଓ ଗୋଡରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ତୁରନ୍ତ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ଥିବା ଡାକ୍ତର ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ସହ ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରିଛି।

### ମଝିପଡ଼ା ସାର୍ବଜନୀନ କାଳୀପୂଜା

# ମନମୋହିଲେ ରକ୍‌ଷ୍ଟାର ସୁଶ୍ୱାତୀ

**ସୋନପୁର,୧୩।୧୧ (ନି.ପ୍ର.)**

ସୋନପୁର ସହରର ମଝିପଡା ସାର୍ବଜନୀନ କାଳୀପୂଜା ପାଳିତ ହେଉଛି। ସ୍ଥାନୀୟ ରାମଧୂନ କ୍ଲବ ପକ୍ଷରୁ ଚଳିତ ଥର ସୁବର୍ଣ୍ଣଜୟନ୍ତୀ ସମାରୋହ ପାଳନ କରାଯାଉଛି। ସୋମବାର ସନ୍ଧ୍ୟାରେ ବମ୍ବେର ବଲିଉଡ ରକ୍‌ଷ୍ଟାର ତଥା ସୁନାମଧନ୍ୟ ସିଙ୍ଗର ସୁଶ୍ୱାତି ମଲ୍ଲିକଙ୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁସ୍ୱାତି ଓ ତାଙ୍କ ଗ୍ରୁପ୍‌ର କଳାକାରଙ୍କ ସଙ୍ଗୀତ, ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଭଏସ ଅଫ ଓଡିଶାର ବିଜେତା ପୂର୍ଣ୍ଣଚନ୍ଦ୍ର ପାଢୀ, ସୁନୀଲ କୁମାର ଓ ସାଥି ସଙ୍ଗୀତ ପରିବେଷଣ କରିଥିଲେ। ସାଂସ୍କୃତିକ ସଭାକୁ ସ୍ଥାନୀୟ ବିଧାୟକ ତଥା ଜଳସମ୍ପଦ, ନଗର ଉନ୍ନୟନ ଓ ଗୃହନିର୍ମାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଉଦ୍‌ଘାଟନ କରିଥିଲେ। ଗତ ୫୦ବର୍ଷ ଧରି ସାଂସ୍କୃତିକ ପ୍ରାଣକେନ୍ଦ୍ର ମଝିପଡାରେ ସାର୍ବଜନୀନ କାଳୀପୂଜା ଭାଇଚାରା ମଧ୍ୟରେ ପାଳନ ହେବା ନିଆରା ବୋଲି ମନ୍ତ୍ରୀ ପୂଜାରୀ କହିଥିଲେ। ପୂଜା ମଣ୍ଡପ ସମ୍ପୂର୍ଣ୍ଣ ପାଇଁ ଅନୁଦାନ ଯୋଗାଇ ଦେବେ ବୋଲି ମନ୍ତ୍ରୀ ଏହି ଅବସରରେ ଘୋଷଣା କରିଥିଲେ। ଜିଲାପାଳ ମଧୁସୁଦନ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କ୍ଲବ ତଥା ପୂଜା କମିଟିର ପ୍ରତିଷ୍ଠାତା ସଦସ୍ୟ ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ କାଳୀପୂଜାର ଇତିହାସ ଓ ଜାତି, ଧର୍ମ ନିର୍ବିଶେଷରେ ମଝିପଡାବାସୀ କିଭଳି ପୂଜାରେ ଏକାଠି ହୁଅନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଅଧାପକ ମଦନ ସୁନ୍ଦର କ୍ଷେତି ଓ ମନୋରଞ୍ଜନ ତ୍ରିପାଠୀ କାଯର୍‌ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଅବସରରେ କ୍ଲବର ପ୍ରତିଷ୍ଠାତା ସଦସ୍ୟଙ୍କୁ ସମ୍ମାନିତ କରାଯାଇଥିଲା । କମିଟିର ସଭାପତି ପୀୟୁଷ କୁମାର ପଣ୍ଡା, ସମ୍ପାଦକ ସୁମନ କୁମାର ମିଶ୍ର, ଲଡୁକିଶୋର ମଲ୍ଲିକ, ଜଗତବନ୍ଧୁ ତ୍ରିପାଠୀ, ସତ୍ୟନାରାୟଣ ଦରୱାନ, ମନୋରଞ୍ଜନ ତ୍ରିପାଠୀ ଓ ମାନସ ରଞ୍ଜନ ସେଠ୍ ପ୍ରମୁଖ ସଭ୍ୟ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।



ସୁଶ୍ୱାତୀ ମଲ୍ଲିକ ସଙ୍ଗୀତ ପରିବେଷଣ କରୁଛନ୍ତି।

# ଚତୁର୍ଦ୍ଦଶ ବୌଦ୍ଧ ପୁସ୍ତକମେଳା ନେଇ ପ୍ରସ୍ତୁତି ବୈଠକ

■ ଆସନ୍ତା ଡିସେମ୍ବର ୩ରୁ ଆରମ୍ଭ

**ବୌଦ୍ଧ, ୧୩।୧୧ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ୍ ତରଫରୁ ଆୟୋଜିତ ହୋଇଆସୁଥିବା ବୌଦ୍ଧ ପୁସ୍ତକମେଳା ନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଜଗନ୍ନାଥ ମନ୍ଦିରଠାରେ ସଭାପତି ଦିବ୍ୟଶଙ୍କର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଳା ଆସନ୍ତା ଡିସେମ୍ବର ୩ ରୁ ୯ ତାରିଖ ଯାଏଁ କଚେରୀ ଖେଳପଡିଆରେ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ପୁସ୍ତକ ମେଳାର ଉଦ୍‌ଯାପନୀ ଦିନ ଜିଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସାମ୍ବାଦିକତା, ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ବିଭିନ୍ନ ପ୍ରତିଭାଧରମାନଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହା ସହ ରାଜ୍ୟସ୍ତରୀୟ ସାମ୍ବାଦିକତା କ୍ଷେତ୍ରରେ ବାର୍ତ୍ତାବହ ସମ୍ମାନ ସମ୍ବର୍ଦ୍ଧିତ କରାଯିବ। ସ୍ୱତନ୍ତ୍ରଭାବେ ପ୍ରତ୍ୟେକ ପୁସ୍ତକମେଳାରେ ପ୍ରକାଶିତ ହୋଇଆସୁଥିବା ସ୍ମରଣିକା 'ବୌଦ୍ଧ ବାର୍ତ୍ତାବହ' ମଧ୍ୟ ଏହି ଅବସରରେ ଉନ୍ମୋଚିତ ହେବ। ଏହା ସହ ଜିଲାର ଅନୁଷ୍ଠାନମାନଙ୍କ ଦ୍ୱାରା ସାହିତ୍ୟ ସଭା, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ, କର୍ମଶାଳା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଇତ୍ୟାଦି ଅନୁଷ୍ଠିତ ହେବ। ପ୍ରତ୍ୟେକ ସନ୍ଧ୍ୟାରେ ଜିଲାର ବିଭିନ୍ନ ବିଦ୍ୟାଳୟ ଓ ଜିଲାବାହାରୁ ଅନୁଷ୍ଠାନମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବୌଦ୍ଧର ଶ୍ରୀଜଗନ୍ନାଥ ମନ୍ଦିରଠାରେ ପୁସ୍ତକମେଳା କମିଟିସହ ଜିଲାର ବହୁ ଅନୁଷ୍ଠାନ ଏକତ୍ରିତ ହୋଇ ସହଯୋଗର ହାତ ବଢାଇଛନ୍ତି। ବୈଠକରେ ଜର୍ଣ୍ଣାଲିଷ୍ଟ ଫୋରମ୍‌ର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାମଲ ପୁସ୍ତକମେଳା ସମ୍ପର୍କରେ ସୂଚନା ଦେବାସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ପ୍ରସ୍ତୁତି ବୈଠକରେ ସହରର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ, ସାମ୍ବାଦିକ, କଲଚରାଲ ଏକାଡେମୀ, ନୀଳଚକ୍ର ସାହିତ୍ୟ ସଂସଦ, ରୋଟାରୀ କ୍ଲବ, ଯୋଗୀନ୍ଦ୍ରଦେବ କ୍ଲବ, ମାରୱାଡି ଯୁବାମଞ୍ଚ, ପ୍ରଣାମ ଅନୁଷ୍ଠାନ, ଜିଲା କ୍ରିକେଟ ସଂଘ, ମଦନମୋହନ ନାଟ୍ୟକଳା ପରିଷଦ, ଜିଲା ଫୁଟବଲ ସଂଘ, ପ୍ରଗତି କ୍ଲବ କଣ୍ଟାମାଳ, ଭୈରବୀକ୍ଲବ ପୁରୁଣାକଟକ, ଗ୍ରାମବିକାଶ ପରିଷଦ ଖୁଣ୍ଟବନ୍ଧର କର୍ମକର୍ତ୍ତା ଯୋଗଦେଇ ପୁସ୍ତକମେଳାକୁ ସମର୍ଥନ ଜଣାଇବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରିଥିଲେ। ଶେଷରେ ପୁସ୍ତକମେଳା କମିଟିର ଆବାହକ ସୁକାନ୍ତ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଶଗଡ଼ାରେ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମ

**ମନମୁଣ୍ଡା, ୧୩।୧୧ (ଡି.ଏନ.ଏ)**

ବୌଦ୍ଧ ଜିଲା ଶଗଡାଠାରେ ମଙ୍ଗଳବାର କଂଗ୍ରେସ ଦଳ ତରଫରୁ ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସୁଧିର ମହାକୁଡଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ଜିଲା କଂଗ୍ରେସ ଉପସଭାପତି ସରୋଜ ପ୍ରଧାନ, ଛାତ୍ର କଂଗ୍ରେସ ସଭାପତି ବିକ୍ରମ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବିନ୍ଧ୍ୟାବିନୀ ସାହୁ, ଜିଲା କଂଗ୍ରେସ କାର୍ଯ୍ୟକାରୀ ମହିଳା ସଭାନେତ୍ରୀ ନୀରୁପମା ମଲିକ, ପୂର୍ବତନ ବିଧାୟକ ସୁଜୀତ ପାଢ଼ୀ, ଜିଲା ସାଧାରଣ ସମ୍ପାଦକ ମହେଶ୍ୱର ପ୍ରଧାନ, ନଂ. ୪ ଜୋନ ସଭାପତି ରଘୁନାଥ ପଲିଆ, ଶଗଡାର ପୂର୍ବତନ ସମିତି ସଭ୍ୟ କାଲିଆ କହଁର, ଦକ୍ଷନେତା ଦିଲୀପ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ଧର୍ମ ନିରପେକ୍ଷ ଦଳ କଂଗ୍ରେସକୁ ପ୍ରବଳ ମାତ୍ରାରେ ସମର୍ଥନ କରିବାକୁ ଓ ସହଯୋଗର ହାତ ବଢ଼ାଇବାକୁ ନେତାମାନେ ଉପସ୍ଥିତ ଶତାଧିକ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବୁଥ ସ୍ତରର ନେତାମାନଙ୍କ ସହ ଭାବର ଆଦାନପ୍ରଦାନ କରି ସମସ୍ୟା ସମ୍ପର୍କରେ ବୁଝିଥିଲେ। ଏକ ବୁଥ ସ୍ତରୀୟ କମିଟି ଗଠନ କରିଥିଲେ। ହାଇକମାଣ୍ଡ ରାହୁଲ ଗାନ୍ଧୀଙ୍କ ସହ ମନର କଥା କହିବା ପାଇଁ ସମସ୍ତଙ୍କୁ ଏକ ଫ୍ରିକଲ ଫୋନ ନଂ. ଦେଇଥିଲେ।



ମୋ ବୁଥ ମୋ ଗୌରବ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ମଞ୍ଚାସୀନ।

# ବୌଦ୍ଧ ଜିଲାସ୍ତରୀୟ ଯୁବମହୋତ୍ସବ ଉଦ୍‌ଯାପିତ

**ବୌଦ୍ଧ, ୧୩।୧୧ (ସ୍ୱ.ପ୍ର.)**

ବୌଦ୍ଧ ଟାଉନହଲ ଠାରେ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ଆନକୂଲ୍ୟରେ ଜିଲା କ୍ରୀଡା ବିଭାଗ ଦ୍ୱାରା ଆୟୋଜିତ ଯୁବ ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଜିଲାପାଳ ଶିତାଂଶୁ କୁମାର ରାଉତ ଓ ସମ୍ମାନିତ ଅତିଥି ଭାବରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଟ୍ଟାନୟକ ଯୋଗଦେଇଥିଲେ। ଜିଲାର ଯୁବ ପ୍ରତିଭାମାନଙ୍କୁ ଉତ୍ସାହିତ କରିବା ସହିତ ଜୀବନରେ ସେମାନେ ସଫଳ ହୋଇ ଅଞ୍ଚଳର ଗୌରବ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ଜିଲା କ୍ରୀଡା ଅଧିକାରୀ ପବିତ୍ର କୁମାର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଯୁବ ଉତ୍ସବରେ ବୌଦ୍ଧ ଓ କଣ୍ଟାମାଳ ବ୍ଲକରୁ ବହୁ ସଂଖ୍ୟାରେ ଯୁବ କଳାକାର ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ଓଡ଼ିଶୀରେ ଜିତେନ୍ଦ୍ର ମହାନ୍ତି, କଥକରେ ରୋହନ କୁମାର ସେଠୀ, ଭାରତନାଟ୍ୟମରେ ସୋର୍ମି ସେଫାଳୀ ଶାସିନୀ, କୁଚିପୁଡିରେ ସ୍ମୃତି ଚିନ୍ମୟୀ ପ୍ରଧାନ, ତବଲାରେ ରିତେଶ କୁମାର ମହାପାତ୍ର, ଶାସ୍ତ୍ରୀୟ ସଙ୍ଗୀତରେ ନମିତାରାଣୀ ରଥ, ମୃଦଙ୍ଗରେ ସଞ୍ଜୟ ପ୍ରଧାନ, ହାରମୋନିୟମରେ ସତ୍ୟମ ସାହୁ, ନାଟକରେ ସାଂସ୍କୃତିକ କଳା ବିକାଶ କେନ୍ଦ୍ର (ପଲଶାଗୋରା), ଲୋକନୃତ୍ୟରେ ଉକିଆ କଣ୍ଟାମାଳ ଓ ଲୋକ ସଙ୍ଗୀତରେ ମା' ମାଣିକେଶ୍ୱରୀ କରମଶାନୀ ଦଳ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଜିଲା ଯୁବ ମହୋତ୍ସବରେ ପ୍ରଥମ ହୋଇଥିବା ସମସ୍ତ ସଫଳ କଳାକାର ୧୫ ତାରିଖଠାରୁ ଯାଜପୁରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଯୁବ ମହୋତ୍ସବରେ ଜିଲା ପକ୍ଷରୁ ପ୍ରତିନିଧିତ୍ୱ କରିବେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ତଥା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ, ଯୁବ ସଙ୍ଗଠକ କୃତ୍ତିବାସ ପଲିଆ ଓ ଅରୁଣ କୁମାର ମେଣ୍ଡେଲି ସହଯୋଗ କରିଥିଲେ।


ବୌଦ୍ଧ ଜିଲା ଯୁବ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ଅତିଥି।

# ଆଞ୍ଚଳିକ ଡିଗ୍ରୀ କଲେଜରେ ଯୋଗଶିବିର

**ଅମରପାଲି, ୧୩।୧୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ଆଞ୍ଚଳିକ ଡିଗ୍ରୀ କଲେଜରେ ପତଞ୍ଜଳି ଯୁବ ଭାରତ ତରଫରୁ ଏକ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ପତଞ୍ଜଳି ଯୁବ ଭାରତର କାର୍ଯ୍ୟକାରିଣୀ ସଭ୍ୟ ମନୋଜ ପଣ୍ଡା ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଯୋଗଶିକ୍ଷା ଦେଇଥିଲେ। କଲେଜର ଅଧକ୍ଷ ବଳଦେବ ପୂଜାହାରୀ ଯୋଗ କିପରି ଜଣେ ବିଦ୍ୟାର୍ଥୀଙ୍କୁ ସଫଳତାର ଶିଖରକୁ ପହଞ୍ଚାଇବାରେ ସହାୟକ ହୋଇଥାଏ ସେହି ବିଷୟରେ ବୁଝାଇଥିଲେ। ଉକ୍ତ ଶିବିରରେ କଲେଜର ୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଯୋଗଶିକ୍ଷା ଗ୍ରହଣ କରିଥିଲେ। ଶିବିର ପରିଚାଳନାରେ ଅଧାପିକା ବୀଣାପାଣି ଦାସ, ଅଧାପକ ପଦ୍ମନାଭ ମେହେର, ଶୁଭ୍ରାଂଶୁ ଶେଖର ପ୍ରଧାନ, ସୟଦ ତସେପୁର ରହମାନ, ପୂର୍ଣ୍ଣଚନ୍ଦ୍ର ମେହେର, ହଜାରୀ ମେହେର, ପିତବାସ, ହୃଷିକେଶ, ରାକେଶ ଦାସ ସହଯୋଗ କରିଥିଲେ । ପୂର୍ବତନ ଛାତ୍ର ପ୍ରଦ୍ୟୁମ୍ନ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ଭାଜପାର ଜନ ପରାମର୍ଶ ପଦଯାତ୍ରା ପ୍ରସ୍ତୁତି ବୈଠକ

**ମନମୁଣ୍ଡା, ୧୩।୧୧ (ଡି.ଏନ.ଏ)**

**କଣ୍ଟାମାଳ ନିର୍ବାଚନ ମଣ୍ଡଳୀ**

କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଭାଜପାର ଜନ ପରାମର୍ଶ ପଦଯାତ୍ରା ପାଇଁ ମଙ୍ଗଳବାର ମଧ୍ୟାହ୍ନରେ ମନମୁଣ୍ଡା ଡାକବଙ୍ଗଳାଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାଜପା ହାଇକମାଣ୍ଡଙ୍କ ନିର୍ଦ୍ଦେଶମତେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ କହ୍ନେଇ ଚରଣ ଡାଙ୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମନମୁଣ୍ଡା ମଣ୍ଡଳ ସଭାପତି ନିରଞ୍ଜନ କର୍ଣ୍ଣ, ବାଉଁଶୁଣି ମଣ୍ଡଳ ସଭାପତି ପଞ୍ଚମନ ଜଗଦଲା, କଣ୍ଟାମାଳ ମଣ୍ଡଳ ସଭାପତି ଅନୀଲ ପ୍ରଧାନ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ରାକେଶ ତ୍ରିପାଠୀ, ରାଜ୍ୟ ପରିଷଦ ସଭ୍ୟ ଗୋପାଳ ପୁରୋହିତ, ବରିଷ୍ଠ ସଦସ୍ୟ ନବୀନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହା ଆସନ୍ତା ୧୬ରୁ ଆରମ୍ଭ କରାଯାଇ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୪୧ଟି ଗ୍ରାମ ପଞ୍ଚାୟତ ପରିଭ୍ରମଣ କରାଯିବ। ପ୍ରତ୍ୟେକ ବୁଥର ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ କରାଯିବା ସହ ବୁଥ ସ୍ତରୀୟ ସଭା ଏବଂ ପଥପ୍ରାନ୍ତ ସଭାମାନ ଅନୁଷ୍ଠିତ କରାଯିବ ବୋଲି ବୈଠକରେ ସ୍ଥିରିକୃତ କରାଯାଇଛି । ଏହି ପଦଯାତ୍ରାର ମୁଖ୍ୟ ଲକ୍ଷ୍ୟ ଜନସାଧାରଣଙ୍କ ବିଭିନ୍ନ ସୁବିଧା, ଅସୁବିଧା ବୁଝିବା, ଅଞ୍ଚଳର ସମସ୍ୟା ଶୁଣିବା, କଣ କଲେ ତହିଁର ପ୍ରତିକାର ହୋଇପାରିବ ଜନସାଧାରଣଙ୍କଠାରୁ ପରାମର୍ଶ ଗ୍ରହଣ କରିବା ଇତ୍ୟାଦି ବୋଲି ବରିଷ୍ଠ ନେତା ଡାଙ୍ଗ ପ୍ରକାଶ କରିଛନ୍ତି। ଜନ ପରାମର୍ଶ ଅନୁଯାୟୀ ଦଳ ପରବର୍ତ୍ତି ଏଜେଣ୍ଡା ପ୍ରସ୍ତୁତ କରିବା ସହ ତଦନୁପ୍ରକାରେ ପଦକ୍ଷେପମାନ ଗ୍ରହଣ କରାଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ ପଦଯାତ୍ରାର ଏକ ରୋଡ ମ୍ୟାପ ପ୍ରସ୍ତୁତ କରାଯାଇଛି । ଶେଷରେ ଯୁବନେତା ରାକେଶ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।


ଜନ ପରାମର୍ଶ ପଦଯାତ୍ରା ପାଇଁ ମନମୁଣ୍ଡା ଡାକବଙ୍ଗଳାଠାରେ ପ୍ରସ୍ତୁତି ବୈଠକରେ ଭାଜପା ନେତା ଓ କର୍ମୀ।

# ବେଆଇନ ରାସ୍ତା ଅବରୋଧ ହଟାଇବାକୁ ଜିଲାପାଳଙ୍କ କଡ଼ା ନିର୍ଦ୍ଦେଶ

**ବୌଦ୍ଧ, ୧୩।୧୧ (ସ୍ୱ.ପ୍ର.)**

ବୌଦ୍ଧ ସହରରେ ଦିନକୁ ଦିନ ବେଆଇନ ଜବରଦଖଲ ଯୋଗୁ ରାସ୍ତା ଅବରୋଧ କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳ ତଥା ଏନଏସିର ଭାରପ୍ରାପ୍ତ ଅଧ୍ୟକ୍ଷ ଶିତାଂଶୁ କୁମାର ରାଉତ କଡା ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ମଙ୍ଗଳବାର ସକାଳୁ ଜିଲାପାଳ ରାଉତ, ଉପଜିଲାପାଳ ଏନସି ଜ୍ୟୋତି ରଞ୍ଜନ ନାଏକ ଓ ଏନଏସି ନିର୍ବାହୀ ଅଧିକାରୀ ଇଂ ମନୋରଞ୍ଜନ ପଣ୍ଡା ବୌଦ୍ଧ ସହରର ଗାନ୍ଧୀ ଛକଠାରୁ ଭୈରବୀ ଛକ, ଗଡଖାଇ ଓ ସହରର ଅନେକ ସ୍ଥାନ ବୁଲି ଦେଖିଥିଲେ। ବ୍ୟବସାୟୀମାନେ ସର୍ବସାଧାରଣ ରାସ୍ତା ଉପର ପର୍ଯ୍ୟନ୍ତ ଦୋକାନର ଜିନିଷପତ୍ର ରଖିବା, ଅଳିଆ ଆବର୍ଜନାକୁ ଏଣେତେଣେ ଫିଙ୍ଗିବା ଓ ଘର ନିର୍ମାଣ ସାମଗ୍ରୀ ସବୁ ରାସ୍ତା ଉପରେ ଜମା କରି ରଖିଥିବା ଅଧିକାରୀମାନେ ବୁଲି ଦେଖିଥିଲେ। ସେଗୁଡିକୁ ତୁରନ୍ତ ହଟାଇବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ଜିଲାପାଳ ରାଉତ ଏନଏସି ଅଧିକାରୀଙ୍କୁ ସହରର ଏକମାତ୍ର ଦୈନିକ ବଜାର ରାସ୍ତା ଉପରେ ବସୁଥିବାବେଳେ ନିର୍ମାଣ ପରେ ବିବାଦୀୟ ହୋଇ ପଡିରହିଥିବା ଦ୍ୱିତୀୟ ଦୈନିକ ବଜାର ମଧ୍ୟ ଜିଲାପାଳ ଓ ଅଧିକାରୀମାନେ ବୁଲି ଦେଖିଥିଲେ। ପ୍ରତିଦିନ ବୌଦ୍ଧ ସହରରୁ ବହୁ ମାତ୍ରାରେ ଆବର୍ଜନା ସଫା କରାଯାଉଥିବାବେଳେ ବର୍ଜ୍ୟବସ୍ତୁ ପରିଚାଳନା ନେଇ ସ୍ଥାନ ମିଳୁ ନ ଥିବାରୁ ଏହା ବୌଦ୍ଧ ଏନଏସି କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇପଡିଛି। ସହରରୁ ସଂଗୃହୀତ ଆବର୍ଜନାକୁ ଐତିହାସିକ ଗଡଖାଇ ପୋତିବା କାର୍ଯ୍ୟରେ ଏନଏସି କର୍ତ୍ତୃପକ୍ଷ ଲଗାଉଥିବାରୁ ଏହାକୁ ନେଇ ସାଧାରଣରେ ଅସନ୍ତୋଷ ଲାଗି ରହିଛି। ଏହା ସହର ପରିବେଶକୁ ଅଧିକ ପ୍ରଦୂଷିତ କରିବା ସହିତ ଗଡଖାଇ ନିକଟରେ ରହୁଥିବା ବସ୍ତିବାସୀନ୍ଦାଙ୍କ ପାଇଁ ମଧ୍ୟ ଚିନ୍ତାର କାରଣ ହୋଇଛି। ତେଣୁ ତୁରନ୍ତ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ଥାନ ନିରୂପଣ କରାଯାଇ ସେଠାରେ ସହରର ଆବର୍ଜନା ପକାଇବାକୁ ସାଧାରଣରେ ମତପ୍ରକାଶ ପାଉଛି।


ଜିଲାପାଳ, ଉପଜିଲାପାଳ ଓ ଏନଏସି ନିର୍ବାହୀ ଅଧିକାରୀ ବୌଦ୍ଧ ସହରର ବିଭିନ୍ନ ସ୍ଥାନ ବୁଲି ଦେଖୁଛନ୍ତି।



ପର ପାଇଁ ଦୁଃଖ ସହିବା ହେଉଛି
ମନୁଷ୍ୟର ପ୍ରକୃତ ଧର୍ମ।
- ମହାତ୍ମାଗାନ୍ଧୀ



**ସଂକ୍ଷେପରେ**

## ଡିସେମ୍ବର ୨୧ରୁ ଥୁଆପାଲି ଧନୁଯାତ୍ରା

ଭେଡେନ,୧୩।୧୧(ଡି.ଏନ୍.ଏ.)- ବରଗଡ ଜିଲା ଭେଡେନ ବ୍ଲକ ଅଧୀନ ଥୁଆପାଲିଠାରେ ଆସନ୍ତା ଡିସେମ୍ବର ୨୧ରୁ ୩୧ ପର୍ଯ୍ୟନ୍ତ ଧନୁଯାତ୍ରା ମହୋତ୍ସବ ଅନୁଷ୍ଠିତ ହେବ । ଏନେଇ ମଙ୍ଗଳବାର ଥୁଆପାଲିଠାରେ ଭୁସକା ପୋଡ଼ଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆଗାମୀ ଧନୁଯାତ୍ରାର ପ୍ରସ୍ତୁତି ପାଇଁ ଏକ ପରିଚାଳନା କମିଟି ଗଠିତ ହୋଇଥିଲା। ସଭାପତି ଭାବେ ଅନିରୁଦ୍ଧ ସାହୁ, ଉପସଭାପତି ଧର୍ମରାଜ ଭୋଇ, ସମ୍ପାଦକ ରୂପେଶ ଭୋଇ, କୋଷାଧ୍ୟକ୍ଷ ସାହାୟତ ଅଲି, ସହସମ୍ପାଦକ ନିମାଇଁ ଯୁଆଡି, ସହ କୋଷାଧ୍ୟକ୍ଷ ଟୁନୁ ଭୋଇ ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଜିତେନ୍ଦ୍ରିୟ ପୋଡ଼ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏପରି କି ଫଗନୁ ଜୁଆଡି, ତ୍ରିଦେବ ସାହୁ, ଚିତ୍ତରଞ୍ଜନ ଦାଶ, ଟୁନୁ ଭୁଏ, ମଦନ ଜୁଆଡି, ପୂର୍ଣ୍ଣ ଜୁଆଡି ଏବଂ ରଣଜିତ ଭୋଇଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

### ବିଜେପୁର ବ୍ଲକ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବି

# ଜିଲାପାଳଙ୍କ ଉଦ୍ଦେଶ୍ୟରେ ଚାଷୀଙ୍କ ସ୍ମାରକପତ୍ର

**ବିଜେପୁର,୧୩।୧୧(ଡି.ଏନ୍.ଏ.)** ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଅଧୀନ ଅଣଜଳସେଚିତ ବିଜେପୁର ବ୍ଲକକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା ଦାବି କରାଯାଇଛି। ଏହି ମର୍ମରେ ଚାଷୀମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ତହସିଲଦାର ପ୍ରଦୀପ କୁମାର ଦାଶ ସ୍ମାରକପତ୍ର ଗ୍ରହଣ କରି ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ମିଳିଥିବା ସୂଚନା ମୁତାବକ, ଅଗଷ୍ଟ ସୁଦ୍ଧା ବିଜେପୁର ବ୍ଲକ ଅଞ୍ଚଳରେ ବୃଷ୍ଟିପାତର ପରିମାଣ ଭଲ ଥିବାରୁ ଚାଷୀମାନେ ଧାରକରଜ କରି ଚାଷ କାର୍ଯ୍ୟ ତ୍ୱରାନ୍ୱିତ କରିଥିଲେ । ହେଲେ ସେପ୍ଟେମ୍ବର ଓ ଅକ୍ଟୋବର ମାସରେ ଅଞ୍ଚଳରେ ଆଦୌ ବର୍ଷା ହୋଇ ନ ଥିଲା। ଫଳରେ ପାଣିର ସୁବିଧା ନ ଥିବା ଧାନ ଫସଲ ଉଜୁଡି ଯାଇଥିଲା। ଅନ୍ୟପକ୍ଷେ ଚାଷୀ ବହୁ କଷ୍ଟରେ ଯେଉଁଠି ପାଣିର ସୁବିଧା ରହିଥିବା ଜମିରେ ମୋଟର ପମ୍ପ ସାହାର୍ଯ୍ୟରେ ଚାଷ ଜମିରେ ପାଣି ମଡାଇ ଥିଲେ। ହେଲେ ଧାନରେ ଚକଡା ପୋକ ଲାଗି ଫସଲ ନଷ୍ଟ ହୋଇଯାଇଥିଲା। ଫଳରେ ଚାଷୀ ଚିନ୍ତାରେ ପଡିଛନ୍ତି। ଏଭଳି ପରିସ୍ଥିତିରେ ବ୍ଲକର ବିଭିନ୍ନ ସ୍ଥାନରେ ଧାନ କ୍ରୟ କେନ୍ଦ୍ର ଖୋଲାଯିବା ହାସ୍ୟାସ୍ପଦ ବିଷୟ । ମରୁଡି ଯୋଗୁ ଖରିଫ ଫସଲ ପ୍ରଭାବିତ ହୋଇଥିବା ବେଳେ ଧାନ ବିକ୍ରିୟ ପାଇଁ ଚାଷୀମାନଙ୍କୁ ପି ପାସ ପ୍ରଦାନ କରାଯାଉଛି। ଏହାର ସୁଯୋଗ ନେଇ ମୁନାଫାଖୋର ବ୍ୟବସାୟୀମାନେ ମାଲାମାଲ ହେବା ବେଳେ ଚାଷୀ ଶୋଷଣର ଶିକାର ହେବେ ବୋଲି ଅଭିଯୋଗ ହେଉଛି। ତେବେ ଏହାର ତଦନ୍ତ କରି ବିଜେପୁର ବ୍ଲକ ଅଞ୍ଚଳକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କରିବାକୁ ସୁବାଷ ପଧାନ, ବିକ୍ରମାଦିତ୍ୟ ପଧାନ, ଜନାର୍ଦ୍ଦନ ପାଣିଗ୍ରାହୀ, ସଞ୍ଜୀବ ପଣ୍ଡା, ଭିକାରୀ ମେହେର, ଚୂଡାମଣି ପଧାନ ପ୍ରମୁଖଙ୍କୁ ଶତାଧିକ ଚାଷୀ ଦାବୀ କରିଛନ୍ତି।



ବିଜେପୁର ବ୍ଲକ ଅଞ୍ଚଳକୁ ମରୁଡ଼ି ଘୋଷଣା ଦାବିରେ ଚାଷୀମାନେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

# ପୁଣି ୬୨ ଭୂମିହୀନଙ୍କୁ ମିଳିଲା ଘରଡିହ ପଟ୍ଟା

**ବୀରମହାରାଜପୁର, ୧୩।୧୧(ଡି.ଏନ୍.ଏ.)** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ବସବାସ କରୁଥିବା ଭୂମିହୀନମାନଙ୍କୁ ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ ଘରଡିହ ଯୋଗାଇ ଦେବାର ପ୍ରକ୍ରିୟା ଜାରି ରହିଛି। ସୋମବାର ଉକ୍ତ ଯୋଜନାରେ ପୁଣି ସାମିଲ ହୋଇଛନ୍ତି ୬୨ ଜଣ ହିତାଧିକାରି। ସ୍ଥାନୀୟ କଲ୍ୟାଣ ମଣ୍ଡପଠାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏହି ହିତାଧିକାରିଙ୍କୁ ଘରଡିହ ପଟ୍ଟା ବଣ୍ଟନ କରିଥିଲେ। ଏମାନଙ୍କ ମଧ୍ୟରେ ପୁଲେଶ୍ୱର ଗ୍ରାମର ୧୪ଜଣ, ସରଧାପାଲି ଓ ବହଳପଦର ଗ୍ରାମର ୧୨ଜଣ ଲେଖାଏଁ, ବଳିପାଲିର ୬, ଗୁରୁଗୁଡା ଗ୍ରାମର ୭, ଖଇରମାଲର ୮ ଓ କେଶଲଗା ଗ୍ରାମର ୩ଜଣ ଥିବା ଜଣାଯାଇଛି। ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ପଟ୍ଟା ବଣ୍ଟନ ମେଳାରେ ଉପଜିଲାପାଳ ସୁବ୍ରତ କୁମାର ବେହେରା, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ ଏବଂ ବିଡିଓ ଅଭିମନ୍ୟୁ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତହସିଲ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଚଳିତ ବର୍ଷ ଏ ଯାବତ ଏହି ତହସିଲରେ ୬୩୩ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ତନ୍ମ ମଧ୍ୟରେ ୩୬୭ ତଫସିଲଭୁକ୍ତ ଜାତି, ୫୧ ଜଣ ତଫସିଲ ଭୁକ୍ତ ଜନଜାତି ଏବଂ ୨୧୫ ଜଣ ଅନ୍ୟାନ୍ୟ ବର୍ଗର ହିତାଧିକାରୀ ଉପକୃତ ହୋଇପାରିଛନ୍ତି। ସେମାନଙ୍କୁ ୨୫ଏକର ୩୨୦ ଡିସିମିଲ ସରକାରୀ ଜମି ଆବଣ୍ଟନ କରାଯାଇ ସାରିଥିବା ପ୍ରକାଶ।



ବିଧାୟକ ପଦ୍ମନାଭ ବେହେରା ଜଣେ ଭୂମିହୀନଙ୍କୁ ଘରଡିହ ପଟ୍ଟା ପ୍ରଦାନ କରୁଛନ୍ତି।

## ହରଭଙ୍ଗା କିଷାନ ସଂଘ ବୈଠକ

ପୁରୁଣାକଟକ, ୧୩।୧୧(ଡି.ଏନ.ଏ.)- ହରଭଙ୍ଗା ବ୍ଲକ କିଷାନ ସଂଘ ପକ୍ଷରୁ ମଙ୍ଗଳବାର ଧଳପୁର ପଞ୍ଚାୟତ ସାକୁସିଙ୍ଗା ଗ୍ରାମର କାଶି ବିଶ୍ୱନାଥ ମନ୍ଦିର ପ୍ରାଙ୍ଗଣରେ ସଭାପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ମେଗା ଉଠାଜଳସେଚନ, ଚାଷୀଙ୍କୁ ଭଲ କିଷମ ସାର ମିଳିବା ଏବଂ ଗମ୍ଭିରାଦରହ ଡ୍ୟାମ ନିର୍ମାଣ ପାଇଁ ଆଲୋଚନା ହୋଇଥିଲା। ସାକୁଶିଙ୍ଗା ଗ୍ରାମର ଚାଷୀମାନେ ୨୦୧୭ ମସିହାର ରବି ଚାଷର ଋଣ ପାଇଁ ଦାବି କରିଥିଲେ। ଆସନ୍ତା ୨୭ରେ ବୌଦ୍ଧରେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ହେବାକୁ ଥିବା ମହା ର୍ୟାଲିରେ ହରଭଙ୍ଗା ବ୍ଲକ କିଷାନ ସଂଘ ଯୋଗଦେବାକୁ ନିଷ୍ପତ୍ତି ହୋଇଥିଲା।

# ପ୍ରତିଶ୍ରୁତି ପରେ ଅନଶନରୁ ଓହରିଲେ



ଅନଶନକାରୀଙ୍କ ସହିତ ଭାରପ୍ରାପ୍ତ ସିଡିଏମ୍ଓ ଆଲୋଚନା କରୁଛନ୍ତି।

**ଗାଇସିଲେଟ୍,୧୩।୧୧(ଡି.ଏନ.ଏ)** ବରଗଡ଼ ଜିଲା ଗାଇସିଲେଟ ଅଞ୍ଚଳରେ ଡାକ୍ତର ପଦବୀ ଖାଲି ପଡ଼ିଥିବା ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇଥିବା ପ୍ରତିବାଦରେ ସୋମବାରଠାରୁ ସ୍ଥାନୀୟ ଡାକ୍ତରଖାନା ସମ୍ମୁଖରେ ଭାଜପା ନେତାମାନେ ଅନଶନରେ ବସିଥିବା ବେଳେ ମଙ୍ଗଳବାର ବନ୍ଦ ପାଳନ କରାଯାଇଥିଲା। ପଦ୍ମପୁର ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍ଓ) ଡା. ସାଧୁଚରଣ ଦାଶ ପ୍ରମୁଖ ପହଞ୍ଚି ଗାଇସିଲେଟ ଓ ତାଳପାଲି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନିଯୁକ୍ତି ନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା । ପ୍ରକାଶଥାଉକି, ଭାଜପା ଯୁବମୋର୍ଚ୍ଚା ଜିଲା ସହ ସମ୍ପାଦକ ପ୍ରବୀଣ କୁମାର ପାଣିଗ୍ରାହୀ, ମଣ୍ଡଳ ସଭାପତି ପୂର୍ଣ୍ଣାନନ୍ଦ ସିଂ ଠାକୁର, ବିନାୟକ ପ୍ରସାଦ ଗୁରୁ, ବିପିନ ବିହାରୀ ସାହୁ, ଭଗବାନ ପୁଟେଲ, ନିରାକାର ସାହୁ, ଯଜ୍ଞେଶ୍ୱର ପ୍ରଧାନ ପ୍ରମୁଖ ସୋମବାରଠାରୁ ଅନଶନରେ ବସିଥିଲେ । ଅନଶନକୁ ସମର୍ଥନ ଜଣାଇ ମଙ୍ଗଳବାର ବନ୍ଦ ପାଳନ କରାଯାଇଥିଲା। ସେହିପରି ଗାଇସିଲେଟ ନାଗରିକ ମଞ୍ଚ ସଭାପତି ପ୍ରଣୟ କୁମାର ସାହୁ, ଦେବେନ୍ଦ୍ର କୁମାର ଯୋଷୀ, ନବ କିଶୋର ପାଣିଗ୍ରାହୀ, ଡା.ରାମକୃଷ୍ଣ ପୁରୋହିତ, ସନତ ଗଡ଼ତିଆ, ରବି ନାରାୟଣ ଦାଶ, ଗୋବର୍ଦ୍ଧନ ଭୋଏ, ନିଲମଣି ବରିହା ପ୍ରମୁଖ ପହଞ୍ଚି ଅନଶନକୁ ସମର୍ଥନ ଜଣାଇଥିଲେ ।

# ସଡ଼କ ସୁରକ୍ଷା ଆଲୋଚନାଚକ୍ର

**ପଦ୍ମପୁର,୧୩।୧୧(ଡି.ଏନ୍.ଏ.)** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସେବାଶ୍ରୀ ଭୋଇଙ୍କ ଆବାହକତ୍ୱରେ ବିଦ୍ୟାଳୟ ସୁରକ୍ଷା ଉପଦେଷ୍ଟା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ବହିଦାରଙ୍କ ସଭାପତିତ୍ୱରେ ସଡ଼କ ସୁରକ୍ଷା ନିୟମାବଳୀ ସଂକ୍ରାନ୍ତରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବୃନ୍ଦାବନ ଦାଶ ସଡ଼କ ସୁରକ୍ଷା ନିୟମାବଳୀ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ସୁରେନ୍ଦ୍ର କୁମାର ଭୋଇ, ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ କୁଇଜ କାର୍ଯ୍ୟକ୍ରମ ପରିଚାଳନା ପୂର୍ବକ ସଡକ ସୁରକ୍ଷା ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଏଥିରେ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ନବ ବରିହା, ମନୋରମା ମହାପାତ୍ର, ସବିତା ଦାଶ, ବବିତା ମହାପାତ୍ର, ରବୀନ୍ଦ୍ର ମୋହନ ଦାଶ, ସମୀର ଖାଁ, ଶରତ ଚନ୍ଦ୍ର ବାରିକ, ସୁବାଷ ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ । ୬ଷ୍ଠରୁ ୧୦ମ ଶ୍ରେଣୀର ଛାତ୍ରୀମାନଙ୍କ ଅଭିଭାବକ, ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଚିନ୍ତାମଣି ସାହୁ, ଜ୍ୟୋସ୍ନାରାଣୀ ସାହୁ, ପ୍ରେମାନନ୍ଦ ବେହେରା, ରଞ୍ଜନ କୁମାର ହୋତା, ସୁଶିଲ କୁମାର ବରିହା, ନୀଳିମାରାଣି ମହାନ୍ତି, ରୋଜି ବଡ଼ାଇ ପ୍ରମୁଖ ଉପସ୍ଥିତ ଥିଲେ। ବସନ୍ତ ନାଗ, ଦୁଷ୍ମନ୍ତ ଛତର, ନନ୍ଦିନୀ ବାଗ ସହାୟତା କରିଥିଲେ । ବିଦ୍ୟାଳୟର ପୂର୍ବତନ ଏସ୍ଏମସି ଅଧ୍ୟକ୍ଷ ଦିଲୀପ କୁମାର ବହିଦାରଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ମିନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ୬୨୮ ଜଣଙ୍କୁ ଭତ୍ତା ବଣ୍ଟନ

ଉଲୁଣ୍ଡା ୧୩।୧୧ (ଡି.ଏନ.ଏ) ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ପରିସରରେ ମଙ୍ଗଳବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରୁନୁ ଲାକ୍ରାଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବରେ ଯୋଗଦେଇ ବ୍ଲକର ୬୨୮ଜଣ ବିଧବା, ବୃଦ୍ଧ ଏବଂ ଦିବ୍ୟାଙ୍ଗଙ୍କୁ ଭତ୍ତା କାର୍ଡ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ମିତାଳି ମହାକୁର, ଉପାଧ୍ୟକ୍ଷ ଅଶୋକ କୁମାର ପଣ୍ଡା ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଜୁ ଯୁବ ବାହିନୀ ସଦସ୍ୟଙ୍କୁ ସ୍ପୋର୍ଟସ କିଟ ବକ୍ସ ପ୍ରଦାନ କରାଯାଇଥିଲା।

# ବିନ୍ଧ୍ୟାବିନି ସାହୁ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ମନୋନୀତ

ମନମୁଣ୍ଡା, ୧୩।୧୧ (ଡି.ଏନ.ଏ) ବୌଦ୍ଧ ଜିଲାର ବରିଷ୍ଠ ମହିଳା କଂଗ୍ରେସନେତ୍ରୀ ବିନ୍ଧ୍ୟାବିନୀ ସାହୁ ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ଭାବେ ମନୋନୀତ ହୋଇଛନ୍ତି। ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ମାର୍ଗଦର୍ଶନ ଓ ଅଖିଳ ଭାରତ ମହିଳା କଂଗ୍ରେସ ସଭାନେତ୍ରୀ ସୁଶ୍ରୀ ସୁସ୍ମିତା ଦେବଙ୍କ ଅନୁମୋଦନ ଓ ଅଖିଳ ଭାରତ ମହିଳା କଂଗ୍ରେସ କମିଟିର ସମ୍ପାଦିକା ତଥା ଓଡିଶା ମହିଳା କଂଗ୍ରେସ ପ୍ରଭାରୀ ସନ୍ଧ୍ୟା ସାୱାଲେଖା ଏକପ୍ରେସ ବିଜ୍ଞପ୍ତି ଜରିଆରେ ୧୨ ତାରିଖ ରାଜ୍ୟ ମହିଳା କଂଗ୍ରେସ କମିଟି ଘୋଷଣା କରିଛନ୍ତି । ଉକ୍ତ କମିଟିରେ ୨ଜଣ କାର୍ଯ୍ୟକାରୀ ସଭାପତି, କୋଷାଧ୍ୟକ୍ଷଙ୍କ ସମେତ ୧୫ଜଣ ଉପସଭାପତି, ୩୧ଜଣ ସାଧାରଣ ସମ୍ପାଦିକା, ୩୫ଜଣ ସମ୍ପାଦିକା, ୧୦ଜଣ କାର୍ଯ୍ୟକାରିଣୀ ସଦସ୍ୟ, ୧୪ଜଣ ସ୍ଥାୟୀ ସ୍ୱତନ୍ତ୍ର ସଦସ୍ୟା ରହିଛନ୍ତି। ବିନ୍ଧ୍ୟାବିନୀ ଏଥିପୂର୍ବରୁ କାଉନସିଲର ୫ବର୍ଷ, ଅବିଭକ୍ତ ଫୁଲବାଣୀ ଜିଲା ମହିଳା କଂଗ୍ରେସ ଉପସଭାନେତ୍ରୀ, ବୌଦ୍ଧ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ୧୫ବର୍ଷ ଏବଂ ପିସିସି ସଭ୍ୟା ଥିଲେ । ତାଙ୍କ ଦକ୍ଷ ନେତୃତ୍ୱ ଓ ଅଭିଜ୍ଞତାକୁ ନେଇ ତାଙ୍କୁ ସାଧାରଣ ସମ୍ପାଦିକା ମନୋନୀତ କରାଯାଇଛି। ଏଥିପାଇଁ ଜିଲାରେ କଂଗ୍ରେସ ଦଳରେ ଖୁସିର ଲହରୀ ଖେଳି ଯାଇଛି ଏବଂ ତାଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଦେଇଥିବା ନେଇ ସେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ସୁମିତ୍ରା ଜେନା ଏବଂ ରାହୁଲ ଗାନ୍ଧୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ବସ୍‌କୁ ଅଟକାଇ କଣ୍ଡକ୍ଟର, ହେଲପରଙ୍କୁ ମାଡ଼

## ଯାତ୍ରୀଙ୍କଠାରୁ ଲୁଟିଲେ ସୁନାଚେନ୍

**ସୋନପୁର,୧୩।୧୧(ନି.ପ୍ର.)** ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ଅଫିସ ସମ୍ମୁଖରେ ମଙ୍ଗଳବାର ରାତିରେ ଲୁଟେରାଙ୍କ ରାଜ୍ ଦେଖିବାକୁ ମିଳିଥିଲା। ଏକ ବାଇକ୍‌ରେ ଦୁଇ ଜଣ ଲୁଟେରା ଆସି ହଙ୍ଗାମା କରିଥିଲେ। ବରଗଡ ଜିଲା ପାଇକମାଳରୁ ବରହମପୁର ଯାଉଥିବା ବଡପଣ୍ଡା ନାମକ ନାଇଟ୍ ଏକ୍ସପ୍ରେସକୁ ଜବରଦସ୍ତ ଅଟକାଇ ଥିଲେ। ବସ୍ ନଂ ଓଡି୧୭ଏଫ-୯୨୪୪ର କାଚକୁ ଇଟା ମାରି ଭଙ୍ଗା ରୁଜା କରିଥିଲେ। ପରେ କଣ୍ଡକ୍ଟର ଓ ହେଲପରକୁ ନିଘୁଙ୍କ ମାଡ ମାରିଥିଲେ। ଦୁଇ ଜଣ ଯାତ୍ରୀ ଘଟଣାର ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ମାଡ ମାରିଥିଲେ। ଏପରିକି ବସ୍ କର୍ମଚାରୀଙ୍କୁ ସହାୟତା କରିବାକୁ ଆଗେଇ ଆସିଥିବା ଯାତ୍ରୀ ତଥା ବଲାଙ୍ଗୀର ଶାସ୍ତ୍ରୀନଗର ଅଞ୍ଚଳର ସତ୍ୟନାରାୟଣ ବରାଡଙ୍କୁ ମାଡ ମାରିବା ସହ ବେକରୁ ସୁନାଚେନ୍ ଲୁଟି ଫେରାର ମାରିଥିଲେ। ସୋନପୁର ବସ୍ଷ୍ଟାଣ୍ଡରୁ ବସ୍ ଛାଡିବାର ମାତ୍ର ୨୦ମିଟର ଦୂରରେ ଏହି ଘଟଣା ଘଟିଛି। ଗଣ୍ଡଗୋଳର କାରଣ ସ୍ପଷ୍ଟ ହୋଇପାରିନି । ଅଭିଯୁକ୍ତ ସୋନପୁର ଥାନା ଜନମୁରା ଅଞ୍ଚଳର ବୋଲି ଜଣାପଡିଛି। ତାଙ୍କ ନାମରେ ପୂର୍ବରୁ ଚୋରି ଓ ଛିନ୍‌ତାଇ ମାମଲା ରହିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଆରମ୍ଭ କରିଛି।

### ରେମଣ୍ଡା ଫୁଟବଲ:

## ସେମିଫାଇନାଲରେ ଜାଙ୍ଗେଡ ଦଳ

ଭେଡେନ,୧୩।୧୧(ଡି.ଏନ୍.ଏ.)- ବରଗଡ଼ ଜିଲା ଭେଡେନ ବ୍ଲକ ରେମଣ୍ଡାଠାରେ ଚାଲିଥିବା ଫୁଟବଲ ମହୋତ୍ସବ- ୨୦୧୮ର ମଙ୍ଗଳବାର ମ୍ୟାଚରେ ଜାଙ୍ଗେଡ ଦଳ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ମଙ୍ଗଳବାର ଖେଳା ଯାଇଥିବା ତୃତୀୟ କ୍ୱାଟର ଫାଇନାଲ ମ୍ୟାଚରେ ଜାଙ୍ଗେଡ ଦଳ ଅମସ୍ତଲା ଏକାଦଶକୁ ୧-୦ ଗୋଲରେ ପରାସ୍ତ କରିଥିଲା। ବିଜୟୀ ଦଳର ଜୀତେନ ସେଠଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଛି। ଉଦ୍‌ଯାପନୀ ଉତ୍ସବରେ ଇଂ. ଭରତ ବେହେରା ମୁଖ୍ୟଅତିଥି, ମହେନ୍ଦ୍ର ପୁରୋହିତ, ବିକ୍ରମ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖେଳକୁ ରେଫରି ନିରଞ୍ଜନ ମହାକୁର, ଶୁଭମ୍ ପାତ୍ର, ଶିବାନନ୍ଦ ଦାଶ ପରିଚାଳନା କରିଥିବା ବେଳେ ସଞ୍ଜନ ନନ୍ଦ ଓ ପ୍ରଭଞ୍ଜନ ଶତପଥୀ ଧାରାବିବରଣୀ ପ୍ରଦାନ କରିଥିଲେ। ବୁଧବାର ମାନପୁର ଏବଂ ପତ୍ରାପାଲି ମଧ୍ୟରେ ଅନ୍ତିମ କ୍ୱାଟର ଫାଇନାଲ ମ୍ୟାଚ ହେବ।

### ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ

# ତୁରୁଙ୍ଗା, ଲେବିଡ଼ି ବିଜୟୀ



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳିମାନେ ।

**ବରଗଡ଼ ଅଫିସ୍,୧୩।୧୧** ବରଗଡ଼ ବ୍ଲକ ଅଧୀନ ବଗେଇବିରା ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ପ୍ରଦୀପ ମେମୋରିଆଲ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ବରଗଡ଼ ସଦର ଥାନା ଆଇଆଇସି ମମତା ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ତୁରୁଙ୍ଗା ଏବଂ ତାଲଶ୍ରିଗୀଡ଼ା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ହୋଇଥିଲା । ନିର୍ଦ୍ଧାରିତ ସମୟ ସୁଦ୍ଧା କୌଣସି ଦଳ ଗୋଲ ସ୍କୋର କରି ପାରି ନ ଥିଲେ । ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ତୁରୁଙ୍ଗା ୪-୩ ଗୋଲରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ଲେବିଡ଼ି ପ୍ରତିପକ୍ଷ ବଡ଼ମାଳକୁ ୧-୦ ଗୋଲରେ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲା । ସୁରେଶ ଦାଶ, ପଞ୍ଚାନନ ପାତ୍ର ମ୍ୟାଚ ପରିଚାଳନା କରିଥିଲେ। ନାରାୟଣ ପଣ୍ଡା, ଅଜିତ ପ୍ରଧାନ ଲାଇନରେ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ସମୁଦାୟ ୧୬ଟି ଦଳ ଭାଗନେଇ ଥିବାବେଳେ ଆସନ୍ତା ୧୫ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



"ଯୱାନ ଓ କିଷାନ୍‌ର ଜୟ ହିଁ ଦେଶ ଏବଂ ଜାତିର ଜୟ।
- ଲାଲ୍‌ବାହାଦୁର ଶାସ୍ତ୍ରୀ



## ସଂକ୍ଷେପରେ

### ଏସ୍‌ଏଚ୍‌ଜି ମହିଳାଙ୍କ ମହାସମନ୍ୱୟ ମେଳା

ଭଟଲି,୧୩।୧୧(ଡି.ଏନ୍.ଏ.)- ବରଗଡ଼ ଜିଲା ଭଟଲି ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସ୍ୱୟଂ ସହାୟିକା ଗୋଷ୍ଠିର ମହିଳାମାନଙ୍କୁ ନେଇ ଏକ ମହାସମନ୍ୱୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କହିଥିଲେ । ପରେ ଓଡ଼ିଶା ଜୀବିକା ମିଶନର ଜିଲା ଯୋଜନା ପରିଚାଳକ ଶଙ୍କର ଜାଲ ସ୍ୱୟଂ ସହାୟିକା ଗୋଷ୍ଠିମାନେ କିଭଳି ଭାବେ ଅଳ୍ପ ସୁଧରେ ଋଣ ନେଇ ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିପାରିବେ ସେନେଇ ପରାମର୍ଶ ଦେଇଥିଲେ । ପିଏ ଉମାରାଣୀ ଝାଙ୍କର, ବିପିଏମ୍ ଲଳିତା ଛୁରା, ବିଏଲ୍‌ସି ରଞ୍ଜନ ଭୁଏ, ମୃତ୍ୟୁଞ୍ଜୟ ପାଳ ପ୍ରମୁଖ ବ୍ୟାଙ୍କ ଋଣ ବିଷୟରେ ଆଲୋକପାତ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଏଫଆଇଇ କିଶୋର ଚନ୍ଦ୍ର ପଣ୍ଡା, ବିପିଏମ୍ ଶରତ ନାୟକ, ଏପିଡି ଟ୍ରେନିଂ ବିଭୁ ପ୍ରକାଶ ମିଶ୍ର, ଭଟଲି ୟୁକୋ ବ୍ୟାଙ୍କ, ଷ୍ଟେଟ୍ ବ୍ୟାଙ୍କ, ୟୁବିଆଇ ଏବଂ ଆହ୍ଲାବାଦ ବ୍ୟାଙ୍କର କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ। ପରେ ୭୬ଟି ସ୍ୱୟଂ ସହାୟିକା ଗୋଷ୍ଠିଙ୍କୁ ୧୨୩ ଲକ୍ଷ ୯୩ ହଜାର ଟଙ୍କା ଋଣ ପ୍ରଦାନ କରାଯାଇଥିଲା।

### ଦିବ୍ୟାଙ୍ଗ ଶିକ୍ଷୟିତ୍ରୀଙ୍କ ହାତରେ ପିଲାଙ୍କ ଭବିଷ୍ୟତ ପ୍ରସଙ୍ଗ

# ବିଇଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଇଓ

**ବରଗଡ଼ ଅଫିସ୍,୧୩।୧୧**

ବରଗଡ଼ ଜିଲା ସଦର ମହକୁମାଠାରୁ ମାତ୍ର ୫କି.ମି ଦୂରରେ ରହିଥିବା ତେଲେନଟିକିରା ପ୍ରାଥମିକ ସ୍କୁଲରେ ଜଣେ ମାତ୍ର ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ରହିଥିବା ଏବଂ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଉପରେ ପାଠପଢ଼ାଠାରୁ ସ୍କୁଲର ଅନ୍ୟ ଆନୁସଙ୍ଗିକ କାର୍ଯ୍ୟର ବୋଝ ପଡୁଥିବା ନେଇ ଗତ ୧୧ତାରିଖ ଧରିତ୍ରୀରେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀଙ୍କ ହାତରେ ପିଲାଙ୍କ ଭବିଷ୍ୟତ ଶୀର୍ଷକ ଏକ ବିସ୍ତୃତ ଖବର ପ୍ରକାଶ ପାଇଥିଲା । ଏହି ଖବର ପ୍ରକାଶ ପାଇବା ପରେ ଶିକ୍ଷାବିଭାଗ ପକ୍ଷରୁ ତତ୍ପରତା ଦେଖାଦେଇଛି। ଧରିତ୍ରୀରେ ପ୍ରକାଶିତ ଖବରକୁ ଆଧାର କରି ଜିଲା ଶିକ୍ଷା ଅଧିକାରୀ(ଡିଇଓ) ପ୍ରକାଶ କୁମାର ଯୋଶୀ ମଙ୍ଗଳବାର ଆଦେଶ ସଂଖ୍ୟା- ୧୨୧୬୮ ତା୧୩।୧୧।୨୦୧୮କ୍ରମେ ଏହାର ତଦନ୍ତ କରି ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ସୁଧାଂଶୁ ଶେଖର ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଗତମାସ ୨୨ତାରିଖରୁ ଉକ୍ତ ସ୍କୁଲର ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ କରିଥିବା ପତ୍ରାଳାପ ଉପରେ କିଭଳି ପଦକ୍ଷେପ ନିଆଯାଇଛି, ସେ ସମ୍ପର୍କରେ ମଧ୍ୟ ଜଣାଇବାକୁ ଡିଇଓ ଯୋଶୀ ବିଇଓ ମିଶ୍ରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରକାଶଥାଉକି, ତେଲେନଟିକ୍ରା ପ୍ରାଥମିକ



DISTRICT EDUCATION OFFICE, BARGARH
Order No. 12168 // Dated 13-11-2018
Email: - deobargarh03@gmail.com Phone: - 06646-246788

To
The Block Education Officer
Bargarh

Sub:- Regarding submission of proposal

Sir,
In enclosing herewith the Paper Clipping in Odia Daily "DHARATRI" "ଦିବ୍ୟାଙ୍ଗ ଶିକ୍ଷୟିତ୍ରୀଙ୍କ ହାତରେ ପିଲାଙ୍କ ଭବିଷ୍ୟତ" you are requested to cause an enquiry and submit a report along with proposal for deployment of teacher to Telenpali Primary School by 4.00 P.M. today i.e. dt.13.11.2018 positively. Further you are to submit the action report on the letter of Junior Teacher dated 22.10.2018. (enclosed)

This may be treated as MOST URGENT.

Yours faithfully,
13-11-2018
DISTRICT EDUCATION OFFICER
BARGARH

Memo No. 12169 / dt. 13-11-2018
Copy submitted to District Magistrate and Collector, Bargarh for favour of kind information.
13-11-2018
DISTRICT EDUCATION OFFICER
BARGARH

ଡିଇଓ ଦେଇଥିବା ତଦନ୍ତ ନିର୍ଦ୍ଦେଶର ନକଲ ।

ସ୍କୁଲରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛନ୍ତି ଏବଂ ସମୁଦାୟ ୧୯ ଛାତ୍ରୀଛାତ୍ର ଅଛନ୍ତି । ସ୍କୁଲର ପ୍ରଧାନଶିକ୍ଷକ ଭାବେ ବିନୋଦ ବିହାରୀ ଦାଶ ଗତ ଅକ୍ଟୋବର ୩୧ତାରିଖ ଅବସର ଗ୍ରହଣ କରିଥିଲେ। ଏହାପରେ ସ୍କୁଲର ବୋଝ କନିଷ୍ଠ ଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତୀ ଷଣ୍ଢ ଉପରେ ପଡ଼ିଛି । ତେବେ ଚନ୍ଦ୍ରକାନ୍ତୀ ଜଣେ ଦିବ୍ୟାଙ୍ଗ(ଦୃଷ୍ଟିହୀନ ହୋଇଥିବା ଯୋଗୁ ପ୍ରଧାନଶିକ୍ଷକ ଅବସର ଗ୍ରହଣ କରିବାର ସପ୍ତାହ ପୂର୍ବରୁ ଅର୍ଥାତ୍ ଗତମାସ ୨୩ତାରିଖ ଚନ୍ଦ୍ରକାନ୍ତୀ ସମ୍ଭାବ୍ୟ ସମସ୍ୟା

**ଧରିତ୍ରୀ ପ୍ରଭାବ**

ଉଲ୍ଲେଖିତ କରି ଆଉ ଜଣେ ଶିକ୍ଷକ ଅବସ୍ଥାପିତ କରିବାପାଇଁ ବିଇଓଙ୍କୁ ନିବେଦନ କରିଥିଲେ । ସେହିପରି ପ୍ରାଥମିକ ଶିକ୍ଷକ ସଂଘ ମଧ୍ୟ ଉକ୍ତ ସମସ୍ୟା ନେଇ ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହାସତ୍ତ୍ୱେ ଏପର୍ଯ୍ୟନ୍ତ ସ୍କୁଲରେ ଅନ୍ୟଜଣେ ଶିକ୍ଷକଙ୍କୁ ଅବସ୍ଥାପିତ କରାଯାଇ ନାହିଁ ଏବଂ ସ୍କୁଲର ଗୋଟିଏ କୋଠରୀରେ ୫ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ବସାଇ ଚନ୍ଦ୍ରକାନ୍ତୀ ଏକାକୀ ଶିକ୍ଷାଦାନ କରୁଛନ୍ତି । ଏହି ସମସ୍ୟା ନେଇ ଗତ ୧୧ତାରିଖ ଧରିତ୍ରୀରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଥିଲା ।

## ବର୍‌ତ ବିକି ପେଟ୍ ପାଲୁଛନ୍ ୮୫ ବଛ୍‌ରିଆ ବୁରୁଧି୍

**ଅତାବିରା, ୧୩।୧୧ (ଡି.ଏନ.ଏ)**

ବଏସ୍ ୮୦ ଡେଗ୍‌ଲାନ। ଇ ବଏସେ ସେ ଘରେ ନାତି ନାତେନ ଖେଲେଇ ପୁଓବହର ସେବା ଯତନ୍ ପାଏବାର କଥା। ହେଲେ ସଥେ ଯେନ୍‌ତା ଇ ସବୁ ତାକର ଭାଏଗ୍‌ରେ ନାଇଁ। ହେଲେ ସେ ହାର ନାଇଁମାନି। ଆଜି ବି ନିଜର କଉଲିକ୍ ବୁର୍‌ତିକେ ଧରି ଚାଲିଛନ୍। ଗାଁ ଗାଁ ବୁଲି ବର୍‌ତ ବିକୁଛନ୍ ଆର୍ ଯାହା ମିଳୁଛେ ସେଥିରେ ପେଟ୍ ପାଲୁଛନ୍। ଇଏ ହେଉଛନ୍ ବୁରୁଧି୍ ଜହ୍ନ ମେହେର(୮୫)। ଦେଶପର୍ଥଲା ଗାଁରେ ବୁଧୁବାର ବର୍‌ତ ବିକୁଥିଲା ବେଲେ ତାହାକୁ ଭେଟି ତାକର ଜୀବନ୍ ଜୀବ୍‌କା ବାବ୍‌ଦେ ପଚାରି ବୁଝିଥିଲେ ଧରିତ୍ରୀ ପର୍‌ତିନିଧି। ସୂଚ୍‌ନା ଅନ୍‌ସାରେ ଜହ୍ନକଁର ଜନମ୍ ବରଗଡ଼ ସହରର ତଲିପଡାରେ ହେଇଥିଲା। ମା'ବାପ୍‌କଁର ମୁର୍‌ତୁ ହେଲାରୁ ସେ ଭେଡ଼େନ ବ୍ଲକ୍ ରୁଷୁଡା ପଁନ୍‌ଚେତ ରୁଷୁଡା ଗାଁର ମଧୁସୂଦନ ମେହେରକଁର ଘରେ ଆଶ୍‌ରେ ନେଇ ଏକ୍‌ଟିଆ ଜୀବନ୍ ବିତଉଛନ୍। ଦିନ୍‌କ ଗୁଟେ ଗାଁରେ ବର୍‌ତ ବିକି ଯେନ୍ ଦୁଇ ପଏସା ପାଉଛନ୍ ସେଥିରେ ସେ ଖୁସି ଅନୁଭବ୍ କରୁଛନ୍। ଏନ୍‌ତା କି ରୁଷୁଡା ଗାଁରୁ କେହେନ୍‌ସି ବି ବସ୍‌ରେ ୩୦ କି.ମି. ତକ୍ ଯାଇ ବର୍‌ତ ବିକୁଛନ୍। ଆଗ୍‌କେ କାର୍ତ୍ତିକ୍ ପୁନି ଅଛେ, ଇ



ଦେଶପର୍ଥଲା ଗାଁରେ ଜହ୍ନ ମେହେର ବର୍‌ତ ବିକୁଛନ୍।

ପୁଇନ୍ ମାସେ ଭଲ୍ ଦୁଇପଏସା ରୁଜ୍‌ଗାର ହେସି ବଲି ଜହ୍ନ କହିଛନ୍। ପଁନ୍‌ଚେତରୁ ମାସିକ୍ ୩ଶହ ଟଁକା ଭତା ପାଉଛନ୍। ହେଲେ ଇ ବଏସେ ଯଦି ସରକାର ଅନ୍ନପୂର୍ଣ୍ଣା କି ଅନ୍ତ୍ୟୋଦୟ ଯୋଜ୍‌ନାରେ ୩୫ କେ.ଜି. ଚାଉଲ ଯୁଗେଇ ଦେତେ ମୋର ଦୁଖ୍ ଯାଏତା ବଲି ସେ କହିଛନ୍।

## ଭତା, ଆବାସ୍ ଯୋଜ୍‌ନାରୁ ବଁଚିତ୍ ମୁକ୍ତା

**ଅତାବିରା, ୧୩।୧୧ (ଡି.ଏନ.ଏ)**

ରାଏଜ୍ ଆର୍ କେନ୍ଦ୍ର ସରକାର ଭିନେ ଭିନେ ଯୋଜ୍‌ନା କରି ଗରିବ୍‌ଦୁଖିକୁ ମୋ କୁଡ଼ିଆ, ଇନ୍ଦିରା ଆବାସ, ବିଜୁ ପକ୍କାଘର, ବୁଢ଼ାବୁଢ଼ୀ



ଭେଡ଼େନ ବ୍ଲକ୍ ଉଦେପୁର ଗାଁର ବୁର୍‌ଧା ମୁକ୍ତା ବାଦୀ।

ଭତା, ବିଧବା ଭତା, ଭିନ୍ନକ୍ଷମ ଭତା ଯୁଗେଇ ଦେବାକେ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ ବହୁତ୍ ଜାଗାରେ ଦେଖ୍‌ବାକେ ମିଳୁଛେ ପର୍‌ଶାସନିକ୍ ଅଧିକାରୀମାନକର ଉଦାସିନ୍‌ତା ଲାଗି ବହୁତ୍‌ଟେ ଗରିବ୍ ଇ ମହତ୍ ଯୋଜ୍‌ନାମାନକର ସୁଫଳ ପାଏବାରୁ ବଁଚିତ୍ ହେଉଛନ୍। ବାରବାର ଆବେଦନ କରି ହିତାଧିକାରୀମାନେ ନିରାଶ ହେଉଛନ୍। ଏନ୍‌ତା ଗୁଟେ ଉଦାହରନ୍ ଦେଖ୍‌ବାକେ ମିଳିଛେ ବରଗଡ ଜିଲା ଭେଡ଼େନ ବ୍ଲକ୍ ଦେଶଭଟିଲି ପଁନ୍‌ଚେତ ଉଦେପୁର ଗାଁରେ। ଇ ଗାଁର ବାସିନ୍‌ଦା ହେଉଛନ୍ ମୁକ୍ତା ବାଦୀ(୬୫)। ସେ ଝନେ ନିହାତି ଗରିବ୍, ଛାର୍‌ରି ମାଏକିନା ହେଇଥିଲା ବେଲେ ସବୁ ପର୍‌କାର ସରକାରୀ ସୁବିଧା ସୁଯୋଗ୍‌ନୁ ବଁଚିତ୍ ହେଇଛନ୍। ଗଲା ୪୦ ବଛରନୁ ଅଧିକା ହେବା ସେ ଏକ୍‌ଲା ରହୁଛନ୍। ସରକାରକଁର ତରଫୁ ମିଳୁଥିବାର ବୁଢ଼ାବୁଢ଼ୀ ଭତା, ଇନ୍ଦିରା ଆବାସ ମୁକ୍ତାକଁର ଲାଗି ସପନ୍ ହେଇଛେ। ପଁନ୍‌ଚେତକେ ବାରବାର ଦଉଡୁଥିଲେ ବି କେହି ତାକର କଥା ନାଇଁ ଶୁନୁଥିବାର ସେ ଅଭିଯୋଗ୍ କରିଛନ୍। ଘରଦୁଆର ନାଇଁଥିବାର ଲାଗି ସେ ଉପେଶୂଇନ୍ ହେଇ ଭାଇ ଚକା ବାଦୀକଁର ଘରେ ଆଶ୍‌ରେ ନେଇଥିବାର କହିଛନ୍। ପର୍‌ଶାସନ ମୁକ୍ତା ବାଦୀକୁଁ ଦୁରୁଷ୍ଟି ଦେଇ ତାହାକୁ ଗୁଟେ ଇନ୍ଦିରା ଆବାସ ଆର୍ ବୁଢ଼ାବୁଢ଼ୀ ଭତା ଯୁଗେଇ ଦେବାକେ ସାଧାରନ୍‌ରେ ଦାବି ହେଉଛେ।

## ତାଳପଦରରେ କରମସାନୀ ମହୋତ୍ସବ





ଖଗେଶ୍ୱର ସାହିତ୍ୟର ପ୍ରଚାରକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି (ବାମ) । କଳାକାରମାନେ ଲୋକନୃତ୍ୟ କରମା ପରିବେଷଣ କରୁଛନ୍ତି ।

**ବିଜେପୁର,୧୩।୧୧(ଡି.ଏନ୍.ଏ.)**

ବରଗଡ଼ ଜିଲା ବିଜେପୁର ବ୍ଲକ ଅଧୀନ ତାଳପଦରଠାରେ କରମସାନୀ ମହୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ମାନ୍ଦଲ, ଗିନିର ତାଳେ ତାଳେ ଏକ ଭବ୍ୟ ଶୋଭାଯାତ୍ରାରେ ଗାଁ ମୁଣ୍ଡରୁ କରମାଡାଳ ଅଣାଯାଇ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ରୀତିନୀତି ସହକାରେ ପୂଜାର୍ଚ୍ଚନା କରାଯାଇଥିଲା। ଗଜାନନ ସାହୁ ଏବଂ ତାଙ୍କ ସ୍ତ୍ରୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । କବି ରାମ ପ୍ରସାଦ ବାଗ ଯୋଗଦେଇ କରମା କାହାଣୀ ଶୁଣାଇଥିଲେ। ପରେ ବିବେକାନନ୍ଦ ପଧାନଙ୍କ ସଞ୍ଚାଳନରେ ଏକ ସଭା ହୋଇଥିଲା। ପୂର୍ବତନ ବିଧାୟକ ଆଶୋକ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ କ୍ଷୀରୋଦ ସାହୁ ସମ୍ମାନିତ ଅତିଥି, ଅଧାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଏହି ଅବସରରେ ଖଗେଶ୍ୱର ସାହିତ୍ୟ ପ୍ରଚାରକ ଭାବେ ଗୁଣନିଧି ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଲୋକନୃତ୍ୟ କରମା ପରିବେଷିତ ହୋଇଥିଲା। ଏଥିରେ ସଂକୀର୍ତ୍ତନ୍ୟ ଭୋଇ, ବାସୁଦେବ ଭୋଇ, ଦେହେରୀ ଭୁଏ, ଶତ୍ରୁଘ୍ନ ଭୁଏ, ଚିଣ୍ଟୁ ଭୁଏ, ଦୁର୍ବାଦଳ, ସହଦେବ, ଭେଙ୍କଟେସ ପ୍ରମୁଖ କଳାକାର ନିଜର କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଦିଲୀପ ମିଶ୍ର, ବାସୁଦେବ ପଧାନ, ରାଜକିଶୋର ମିଶ୍ର, ଚିତ୍ତରଞ୍ଜନ ପଧାନ, ଗିରିଧର ସାହୁ, ଦେବାନନ୍ଦ ସାହୁ, ରମେଶ ଭୋଇ, କିଶୋର ସାହୁ, ମୁକୁନ୍ଦ ଗଡତିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଆଡ଼ମ୍ବରରେ ପାଳିଲେ ଛଟ୍ ପୂଜା



ବରଗଡ଼-ଭେଡ଼େନ କେନାଲରେ ଛଟ୍ ପୂଜା ପାଳନ କରାଯାଉଛି ।

**ବରଗଡ଼ ଅଫିସ୍,୧୩।୧୧**

ବରଗଡ଼ରେ ବିହାରୀ ସମାଜ ପକ୍ଷରୁ ମଙ୍ଗଳବାର ଛଟ୍ ପୂଜା ଉତ୍ସାହ ଉଦ୍ଦୀପନାର ସହିତ ପାଳିତ ହୋଇଛି । ବରଗଡ଼ ସହର ଉପକଣ୍ଠ ପାଣିଛତ୍ର ଏବଂ ପୁରୁଣା ରିଜର୍ଭ ପୋଲିସ ପଡ଼ିଆ ସମ୍ମୁଖ ବରଗଡ଼-ଭେଡ଼େନ କେନାଲରେ ଏହି ଉତ୍ସବ ପାଳନ କରାଯାଇଥିଲା । ବିହାରୀ ସମାଜର ଶତାଧିକ ମହିଳା, ପୁରୁଷ ପୂଜାସ୍ଥଳୀରେ ସମବେତ ହୋଇଥିଲେ । ଉପବାସ ହୋଇ ସେମାନେ ସୂର୍ଯ୍ୟ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହି ପୂଜା କଲେ ପାପ କ୍ଷୟ ହୋଇ ପୁଣ୍ୟ ମିଳେ ବୋଲି ବିଶ୍ୱାସ ରହିଛି । ଫଳରେ ପୂଜାସ୍ଥଳୀରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା ।

## ଫୁଟବଲ ଟୁର୍ଣ୍ଣାମେଣ୍ଟ: ଲହଣ୍ଡା ଚାମ୍ପିୟନ



ଟ୍ରଫି ସହ ଚାମ୍ପିୟନ ଲହଣ୍ଡା ଦଳ ଖେଳାଳିମାନେ ।

**ଅତାବିରା,୧୩।୧୧(ଡି.ଏନ୍.ଏ.)**

ଅତାବିରା ବ୍ଲକ ଅଧୀନ ଗମ୍ଭାରୀପାଲି ୟୁଥ ସ୍ପୋର୍ଟ ଆସୋସିଏଶନ୍ ଆନୁକୂଲ୍ୟରେ ଏକଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଅମସ୍ତଲା, କର୍ଡୋଲା, ନାଗପାଲି, ଆରତି ଫୁଟବଲ ଆକାଡେମି, ବୁଗବୁଗା, କୁମେଲସିଂହା, ଲହଣ୍ଡା, ଡୁମେରମୁଣ୍ଡା ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ଲହଣ୍ଡା ଓ କର୍ଡୋଲା ମଧ୍ୟରେ ହୋଇଥିଲା। ଲହଣ୍ଡା ଦଳ ୧-୦ ଗୋଲରେ କର୍ଡୋଲା ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲା। ଏହି ଅବସରରେ ଭାଜପା ନେତା ସୁବାସ ଚୌହାନ ମୁଖ୍ୟଅତିଥି ଭାବରେ ଯୋଗଦେଇ ବିଜୟୀ ଲହଣ୍ଡା ଓ ରନସଅପ୍ କର୍ଡୋଲା ଦଳକୁ ଟ୍ରଫି ସହ ପୁରସ୍କୃତ କରିଥିଲେ । ଚିତ୍ତରଞ୍ଜନ ଛନ୍ଦ ଖେଳ ପରିଚାଳନା କରିଥିବାବେଳେ ଏକଲବ୍ୟ ଛନ୍ଦ, ପପୁ, ଗୋବର୍ଦ୍ଧନ, ସୁଶାନ୍ତ ସିଂଙ୍କ ସହ ୟୁଥ କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ଉଦ୍‌ଯାପିତ





ଶିଶୁ ମହୋତ୍ସବ ସରଗିଫୁଲର ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

**ପଦ୍ମପୁର,୧୩।୧୧(ଡି.ଏନ୍.ଏ.)**

ବରଗଡ଼ ଜିଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ- ୨୦୧୮ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଆଦିବାସୀ କଲ୍ୟାଣ ବିଭାଗ ବାଳିକା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ଉତ୍ସବର ଉଦ୍‌ଯାପନୀ ସଭା ଜିଲା ମଙ୍ଗଳ ଅଧିକାରୀ ଭାରତଭୂଷଣ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବରଗଡ଼ ଅତିରିକ୍ତ ଜିଲାପାଳ ତପିରାମ ମାଝି ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ସମ୍ବଲପୁର ଗୌରୀରାଣୀ ଦେଇ, କଲ୍ୟାଣ ବିଭାଗ ବରଗଡ ଜିଲା ଶିକ୍ଷା ନିରୀକ୍ଷକ ଜୟଦେବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ପଦ୍ମପୁର କଲ୍ୟାଣ ବିଭାଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ତଥା ମହୋତ୍ସବର ଆବାହକ ପ୍ରଦୀପ କୁମାର ମେହେର, ଝୋପାଲି ପ୍ରଧାନଶିକ୍ଷକ ପ୍ରମୋଦ ହରିଚନ୍ଦନ, ନୃସିଂହ ନାଥ ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ନାଏକ ପ୍ରମୁଖ ମଞ୍ଚାସୀନ ଥିଲେ। ମଞ୍ଚ ସଂଯୋଜନା କରିଥିଲେ ଆଶୁତୋଷ ରଥ, ନିରଞ୍ଜନ ପ୍ରଧାନ ଓ ଦୈତାରୀ ବିଶ୍ୱାଳ । ଗ୍ରୁପ ଡ୍ୟାନ୍ସ, ଗଣିତ କୁଇଜ, ବାଦ୍ୟ ଏକକ ଅଭିନୟ ପ୍ରତିଯୋଗୀତାରେ ଜିଲାର ବିଭିନ୍ନ ସ୍କୁଲରୁ ଆସିଥିବା ଛାତ୍ରୀଛାତ୍ର ଭାଗ ନେଇଥିଲେ। ମହାତ୍ମା ଗାନ୍ଧୀଙ୍କ ଶାନ୍ତି, ମୈତ୍ରୀ, ପ୍ରଗତି ଉପରେ ମୁଖ୍ୟଅତିଥି ମାଝି ଆଲୋକପାତ କରିଥିଲେ। ଜୀବନ କୌଶଳ ଶିକ୍ଷା ନାଟକ ଅଭିନୀତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର ବିଚାରକ ଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ମାତୃନିକେତନ ଅନ୍ତେବାସୀଙ୍କୁ ସହାୟତା

**ପାଇକମାଲ,୧୩।୧୧(ଡି.ଏନ.ଏ.)**

ବରଗଡ଼ ଜିଲା ପାଇକମାଲସ୍ଥିତ କସ୍ତୁରବା ଗାନ୍ଧୀ ମାତୃନିକେତନ ଅନ୍ତେବାସୀଙ୍କୁ ବୁଧବାର ସହାୟତା ପ୍ରଦାନ କରାଯାଇଛି। ବରଗଡ଼ର ପ୍ରଦୀପ ଦେବତା ତାଙ୍କ ପିତା ସ୍ୱର୍ଗତ କେଶବ ଦେବତାଙ୍କ ଶ୍ରାଦ୍ଧ ଉପଲକ୍ଷେ ଅନ୍ତେବାସୀଙ୍କୁ ଏକ ଏଲ୍‌ସିଡି ଟିଭି ପ୍ରଦାନ କରିଛନ୍ତି। ତାଙ୍କ ସାଙ୍ଗରେ ତାଙ୍କ ସ୍ତ୍ରୀଙ୍କ ସହ ସୁଷମା ଦାସ, ସ୍ୱର୍ଣ୍ଣଲତା ଦାସ, କଳ୍ପନା ଦାସ, ନିରୁ ଦେବତା, ଲିପ୍ସା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏପରି କି ସେମାନେ ଅନ୍ତେବାସୀଙ୍କ ସହ କିଛି ସମୟ ବିତାଇଥିଲେ। ଆଗାମୀ ଦିନରେ ଦେବତା ସାହାଯ୍ୟ ପାଇଁ ଚେଷ୍ଟା କରିବି ବୋଲି କହିଥିଲେ।



ଯଦି ଶାନ୍ତି ଚାହଁ, ତେବେ କାହାର ଦୋଷ ନ ଦେଖି ପ୍ରଥମେ ନିଜ ଦୋଷ ଦେଖ, ଜଗତକୁ ନିଜର ବୋଲି ଜାଣି ସମସ୍ତଙ୍କୁ ଭଲ ପାଅ।

- ସାରଦା ଦେବୀ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ସଇଁତଲା,୧୩।୧୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ନିକଟସ୍ଥ ୨୬ନଂ ଜାତୀୟ ରାଜପଥର କରେଲଧୁଆ ଓ ଗୁର୍ଲାମାଲ ମଧ୍ୟସ୍ଥ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ସଇଁତଲା ଥାନା ପୋଲିସ ଉଦ୍ଧାର କରିଛି। ମୃତଦେହ ନିକଟରେ ଏକ ସାଇକେଲ ପଡିଛି। କୌଣସି ଗାଡି ସାଇକେଲରେ ଯାଉଥିବା ଉକ୍ତ ଆରୋହୀଙ୍କୁ ଧକ୍କା ଦେବାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡୁଛି। ଭାଙ୍ଗି ଯାଇଥିବା ସାଇକେଲ ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ପଠାଇଛି ପୋଲିସ। ମୃତ ଯୁବକ ଜଣକ ଦେଓଗାଁ ଫାଣ୍ଡି ଅନ୍ତର୍ଗତ ଜରାସିଂହା ଗ୍ରାମର ସୁଶାନ୍ତ ଦିଗାଲ(୪୫)। ସେ ପାଟଣାଗଡ ଅଞ୍ଚଳରେ ଥିବା ତାଙ୍କ ଶ୍ୱଶୁର ଘରେ ରହୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ଟ୍ରକ ପଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

**ଡୁଙ୍ଗୁରିପାଲି, ୧୩।୧୧ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଜାତୀୟ ରାଜପଥ ୨୬ର ଡୁଙ୍ଗୁରିପାଲି ଏଫସିଆଇ ଶ୍ୟାମ ପ୍ୟାଲେସ ନିକଟରେ ଠିଆ ହୋଇଥିବା ଏକ ମାଲ ବୋଝେଇ ଟ୍ରକ ନଂ. ସିଜି ୦୪ ଜେଡି- ୭୭୧୨ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସହଲା ଗ୍ରାମର ଅସାଡୁ ସେଠୀ(୨୬)। ବାଇକ ନଂ. ଓଡି ୩୧ ଡି- ୯୧୨୮ରେ ସେ ବରଗଡ ପଟରୁ ଘରକୁ ସୋମବାର ରାତି ପ୍ରାୟ ୯ଟା ବେଳେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଡୁଙ୍ଗୁରିପାଲି ପୋଲିସ ଓ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭୯/୧୮) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ପୋଲିସ ଜବତ କରିଛି।

### ଡିସେମ୍ବର ୩ରୁ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ବାର୍ଷିକ କ୍ରୀଡ଼ା

**ବଲାଙ୍ଗୀର ଅଫିସ, ୧୩।୧୧:** ଆସନ୍ତା ଡିସେମ୍ବର ୩ ଓ ୪ତାରିଖ ଦୁଇଦିନ ଧରି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ କ୍ରୀଡା ସଂସଦର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ କ୍ରୀଡାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବ ଏବଂ ବ୍ୟକ୍ତିଗତ କ୍ରୀଡାବିତମାନେ ଚଳିତ ନଭେମ୍ବର ମାସ ୨୦ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ ସକାଶେ ନିର୍ଦ୍ଧାରିତ ଫର୍ମରେ ଷ୍ଟାଡିୟମର କାର୍ଯ୍ୟାଳୟରେ କିମ୍ବା ସଂସଦ କ୍ରୀଡା ସମ୍ପାଦକ ବିଭୂତି ଭୂଷଣ ପଣ୍ଡାଙ୍କଠାରେ ଦାଖଲ କରିବା ପାଇଁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କ୍ରୀଡାବିତମାନେ ଫର୍ମ ସହିତ ଜନ୍ମଦିନ, ମାସ, ବର୍ଷ ସୂଚିତ ଥିବା ଆଧାରକାର୍ଡ, ସ୍କୁଲ, କଲେଜ ପରିଚୟପତ୍ର, ମେଟ୍ରିକ ପାସ ବୋର୍ଡ ସାର୍ଟିଫିକେଟ ଯେ କୌଣସି ଗୋଟିଏ ନଥିକରି ନିର୍ଦ୍ଧାରିତ ତାରିଖ ମଧରେ ଫର୍ମ ଦାଖଲ ନ କଲେ ପୁନଶ୍ଚ ଫର୍ମ ଗ୍ରହଣ କରାଯିବ ନାହିଁ ବୋଲି ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ସୂଚନା ଦେଇଛନ୍ତି।

ଟିଟିଲାଗଡ଼ ଜିଲା ଦାବି

# ବଢୁଛି ସମର୍ଥନ, ଧାରଣାରେ ବସିଲେ ବିଧାୟିକା

**ଟିଟିଲାଗଡ଼, ୧୩।୧୧(ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ଦାବି ନେଇ ମଙ୍ଗଳବାର ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଗଣଧାରଣାରେ ସାମିଲ ହୋଇଛନ୍ତି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ବିଧାୟିକାଙ୍କ ନେତୃତ୍ୱରେ ସହସ୍ରାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ଆସି ଗଣଧାରଣାସ୍ଥଳ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚି ଥିଲେ। ଜିଲା କ୍ରିୟାନୁଷ୍ଠାନ କମିଟିର ଆବାହକ କୃଷ୍ଣଚନ୍ଦ୍ର ସାହୁ, ମୁଖପାତ୍ର ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢୀ, ମୋହନଲାଲ ଜୈନ, ରଘୁନାଥ ରଥ, ନିହାର ରଞ୍ଜନ ବାବୁ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଶାସକ ଦଳ ପ୍ରତିନିଧିଙ୍କୁ ଗଣଧାରଣା ମଞ୍ଚରେ ସ୍ୱାଗତ କରିଥିଲେ। ପୂର୍ବରୁ ଟିଟିଲାଗଡ କେସିଙ୍ଗା ରାସ୍ତାରେ ତେଲନଦୀ ପୋଲ, ଟିଟିଲାଗଡ ସହରରେ ରେଳଧାରଣା ଉପରେ ଓଭର ବ୍ରିଜ, ଅଣ୍ଡର ବ୍ରିଜ, ମାତୃଶିଶୁ ଡାକ୍ତରଖାନା, ମେଗା ଉଠା ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଭଳି ଅନେକ ଜନହିତକର ଯୋଜନା, ଟିଟିଲାଗଡକୁ ପୌରାଞ୍ଚଳ ମାନ୍ୟତା ପ୍ରଦାନ ପ୍ରଭୃତି ମୁଖ୍ୟମନ୍ତ୍ରୀ ସହଅଦୟତାର ସହ ବିଚାର କରିଛନ୍ତି। ଟିଟିଲାଗଡ ଉପଖଣ୍ଡବାସୀଙ୍କ ଦୀର୍ଘ ୨୬ ବର୍ଷ ଧରି ଜାରି ରହିଥିବା ଜିଲା ଦାବିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ବିଧାୟିକା ସାହୁ ଏହି ଅବସରରେ ତାଙ୍କ ବକ୍ତବ୍ୟରେ କହିଥିଲେ। ଆଜିର ଏହି ଗଣଧାରଣାରେ ଶାସକ ଦଳ ପକ୍ଷରୁ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ପ୍ରେମ ଜୈନ, ପୂର୍ବତନ କାଉନସିଲର ସୁଧିର ମିଶ୍ର, ବ୍ଲକ ସଭାପତି ରଣଜିତ ପୃଷ୍ଟି, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ଟିଟିଲାଗଡ ପୌର ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜଳି ବର୍ମା ତଥା ସମସ୍ତ ପୌର କାଉନସିଲର, ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ, ଉପାଧ୍ୟକ୍ଷ ଭୋଦର ମାଝୀ, ବିଧାୟିକା ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ନଗର ସଭାପତି ଜଗଦୀଶ ମହାଲିଙ୍ଗ, ସଇଁନ୍ତଲା ବ୍ଲକ ସଭାପତି ଦିଲିପ ରାଜପାଲିଆ, ପୂର୍ବତନ ଅଧ୍ୟକ୍ଷା ଗିତା ବିଶି, ଉମାଦେବୀ ଅଗ୍ରୱାଲ, ସୁକାନ୍ତି ପାଢୀ, ସଇଁନ୍ତଲା ବ୍ଲକ ସରପଞ୍ଚ ସଂଘ ସଭାପତି ହିମାଞ୍ଚଳ ବୁଡେକ, ସରପଞ୍ଚ ମୁନିରାମ ଖର୍ସେଲ, କପିଲ ଭୋଇ, ମନୋଜ କଠାର, ପୂର୍ଣ୍ଣଚନ୍ଦ୍ର ହିଆଲ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ବେହେରା, ଜିଲା ଛାତ୍ର ସମ୍ପାଦକ ଆଲୋକ ବୁଡେକ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ଗତ ୧ତାରିଖଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣାରେ ପୂର୍ବରୁ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ ସାମିଲ ହୋଇଥିବା ବେଳେ ସୋମବାର ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂଭୋଇ ସାମିଲ ହୋଇଥିଲେ।



ଗଣଧାରଣାସ୍ଥଳରେ ବିଧାୟିକା ଟୁକୁନୀ ସାହୁ ଉଦ୍‌ବୋଧନ ଦେଉଛନ୍ତି।

## କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଦେଓଗାଁ, ୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ୧୦ ଲକ୍ଷଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ । ସମ୍ମାନୀତଭାବେ ଏମପି ପ୍ରତିନିଧି ଉମା ଶଙ୍କର ସିଂ, ସ୍ଥାନୀୟ ସରପଞ୍ଚ ବଡ ପଧାନ, ସମିତିସଭ୍ୟା ରଞ୍ଜୁ ଭୋଇ, କୈଳାସ ମହାନ୍ତି, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପ୍ରାଣବନ୍ଧୁ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଦେବରାଜ ଭୋଇ, ଘନଶ୍ୟାମ ପ୍ରଧାନୀ, କିର୍ତ୍ତିରାଜ ବାଗ, ବୁଦ୍ଧଦେବ ପରୁଆ, କୁମୁଦ ପୋଢ଼, କପିଳେଶ୍ୱର ପଧାନ, ସୁନୁ ପୋଢ଼, ସୁଧିର ପୋଢ଼, ସୁନୀଲ ପୁରୋହିତ, ଅରୁଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।



ଉଦ୍ଧାର ଦାଦନ ଶ୍ରମିକମାନେ।

## ୧୨ଦାଦନ ଶ୍ରମିକ ଉଦ୍ଧାର

**କଣ୍ଟାବାଞ୍ଜି, ୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ପୋଲିସ ସୋମବାର ରାତିରେ ଖୁଟୁଲୁମୁଣ୍ଡା ରେଲୱେ ଫାଟକ ନିକଟରେ ଚାଲାଣ ହେବାକୁ ଥିବା ୧୨ଦାଦନ ଶ୍ରମିକଙ୍କୁ ଉଦ୍ଧାର କରିଛି। କଣ୍ଟାବାଞ୍ଜିର ଜଣେ ସର୍ଦ୍ଦାର ଆନ୍ଧ୍ରର ଇଟାଭାଟିକୁ ଚାଲାଣ କରୁଥିବା ଶ୍ରମିକମାନେ କହିଛନ୍ତି। ଏ ନେଇ ତୁରେକେଲା ଥାନାରେ ଦଫା ୪୨୦, ୩୭୪, ୨୫ ମାଇଗ୍ରାଣ୍ଟ ଆକ୍ଟରେ ଏକ ମାମଲା (ନଂ.୧୧୧/୧୮) ରୁଜୁ ହୋଇଛି । ଏହା ପରେ ପୋଲିସ ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ନିଜ ଗାଁରେ ନେଇ ଛାଡିଛି।

ଘରୋଇକରଣ, ନୂତନ ପେନସନ ନୀତିକୁ ବିରୋଧ

# ଦ୍ୱିପ୍ରହର ଭୋଜନ ବର୍ଜନ କଲେ ପ୍ରତିରକ୍ଷା କର୍ମଚାରୀ

**ସଇଁତଲା, ୧୩।୧୧(ଡି.ଏନ.ଏ.)**

ପ୍ରତିରକ୍ଷା କ୍ଷେତ୍ରରେ ଘରୋଇକରଣ ଓ ନୂତନ ପେନସନ ନୀତିକୁ ବିରୋଧ କରି ମଙ୍ଗଳବାର ବଡ଼ମାଳ ଗୋଳାବାରୁଦ କାରଖାନାର କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ଡ୍ୟୁଟି କରିଥିଲେ। ଦ୍ୱିପ୍ରହର ଭୋଜନ ବର୍ଜନ କରି ପ୍ରତିବାଦ କରିଥିଲେ। ଦେଶର ପ୍ରତିରକ୍ଷା ପାଇଁ ସେନାବାହିନୀକୁ ଆବଶ୍ୟକ ହେଉଥିବା ଗୋଳାବାରୁଦ ସରକାରଙ୍କ ଦ୍ୱାରା ଅବସ୍ଥାପିତ ୪୧ଗୋଟି ଗୋଳାବରୁଦ କାରଖାନା ଯୋଗାଇ ଆସୁଥିଲେ। କେନ୍ଦ୍ର ସରକାର ଗତ ଦୁଇବର୍ଷ ମଧ୍ୟରେ ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନ ପାଇଁ ଘରୋଇ କମ୍ପାନୀଗୁଡ଼ିକୁ ଅନୁମତି ପ୍ରଦାନ କରିବା ଫଳରେ ସରକାରୀ କାରଖାନାଗୁଡ଼ିକରେ କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କୁ ଆଉ ଅଧିକ କାମ ମିଳିପାରୁନାହିଁ। ଯାହାର ପ୍ରତିବାଦ ଦୀର୍ଘଦିନ ହେଲା ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରୁଥିବା କର୍ମଚାରୀ କରିଆସୁଛନ୍ତି। ସେହିଭଳି ଗତ ୨୦୦୪ ମସିହା ପରେ କେନ୍ଦ୍ର ସରକାରଙ୍କ ଅଧିନରେ ଚାକିରୀରେ ଯୋଗଦେଲେ ପୂର୍ବପରି ପେନସନ ପାଇବେ ନାହିଁ। ସେଥିପାଇଁ କେନ୍ଦ୍ର ସରକାର ନୂତନ ପେନସନ ନୀତି ଘୋଷଣା କରିଛନ୍ତି। ଏହି ଯୋଜନାରେ ସରକାରୀ କର୍ମଚାରୀମାନେ କ୍ଷତିରେ ପଡ଼ିବେ। କେନ୍ଦ୍ରୀୟ ବେସାମରିକ କର୍ମଚାରୀମାନଙ୍କ ବିଭିନ୍ନ ଶ୍ରମିକ ମହାସଂଗଠନ ତରଫରୁ ଆହୂତ ଏହି ଅଭିନବ ପ୍ରତିବାଦ ସମଗ୍ର ଦେଶରେ ଦେଖାଦେଇଥିଲା। ଏହି ପରିପ୍ରେକ୍ଷୀରେ ବଡ଼ମାଳ ଗୋଳାବାରୁଦ କାରଖାନାର ସମସ୍ତ ଶ୍ରମିକ ସଂଗଠନ ଏହି ଆନ୍ଦୋଳନକୁ ସମର୍ଥନ କରିବା ସହ କାରଖାନାରେ କାର୍ଯ୍ୟରତ ଥିବା ସମସ୍ତ କର୍ମଚାରୀ ଓ ଅଧିକାରୀ କାରଖାନା ପରିସରରେ ଥିବା କ୍ୟାଣ୍ଟିନକୁ ଖାଇବାକୁ ନ ଯାଇ ଦ୍ୱିପ୍ରହର ଭୋଜନକୁ ବର୍ଜନ କରିଥିଲେ।



ଦ୍ୱିପ୍ରହର ଭୋଜନକୁ ବର୍ଜନ ଅବସରରେ ଶ୍ରମିକ ସଂଗଠନ ସଦସ୍ୟ।

## ଜିଆର୍‌ଏସ୍ ସଂଘର ଦାବିପତ୍ର ପ୍ରଦାନ

**ଖପ୍ରାଖୋଲ, ୧୩।୧୧(ଡି.ଏନ.ଏ.)**

ନିୟମିତ କରିବା ଦାବିରେ ସାମୂହିକ ଛୁଟିରେ ଯିବା ପାଇଁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଜିଆରଏସ ସଂଘ ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତରଣୀ ସୁନାଙ୍କୁ ଏକ ଦାବିପତ୍ର ମଙ୍ଗଳବାର ପ୍ରଦାନ କରାଯାଇଛି। ରାଜ୍ୟ ଜିଆରଏସ ସଂଘ ତରଫରୁ ଏହି ଦାବିରେ ଆଗାମୀ ୧୫ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାମୂହିକ ଛୁଟିରେ ଯିବା ପାଇଁ ଡାକରା ଦିଆଯାଇଥିବା ବେଳେ ଖପ୍ରାଖୋଲ ବ୍ଲକ ସଂଘ ଏ ନେଇ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଛି। ଏହି ଅବସରରେ ସଂଘ ସଭାପତି ମୃତ୍ୟୁଞ୍ଜୟ ନନ୍ଦ, ସମ୍ପାଦକ ପବିତ୍ର କାଲସାଏ, ପ୍ରଦୀପ ଶତପଥୀ, ଦେବେନ୍ଦ୍ର ବାରିକ, ସତ୍ୟନାରାୟଣ ମେହେର, ସରୋଜ ଭୋଇ ପ୍ରମୁଖ ବ୍ଲକର ଜିଆରଏସମାନେ ଉପସ୍ଥିତ ଥିଲେ।



ଜିଆର୍‌ଏସ୍ ସଂଘ ପକ୍ଷରୁ ବିଡିଓ ତରଣୀ ସୁନାଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ଟିକ୍ରାପଡା, ୧୩।୧୧(ଡି.ଏନ.ଏ.)**

ମୁରିବାହାଲ ବ୍ଲକ ଚଲକି ଗ୍ରାମର ଜଣେକ ଯୁବକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି । ମୃତ ଯୁବକ ହେଲେ ହୃଷିକେଶ ପ୍ରଧାନୀ(୧୬) । ମଙ୍ଗଳବାର ପୂର୍ବାହ୍ନ ୧୨ଟାରେ ହୃଷିକେଶ ବିଦ୍ୟୁତ ମୋଟର ଲଗାଇଥିବା ସ୍ଥାନକୁ ଗାଧୋଇବାକୁ ଯାଇଥିଲେ । ଗାଧୋଇ ସାରି ମୋଟର ବନ୍ଦ କରିବା ପାଇଁ ଯାଉଥିବା ବେଳେ ଶର୍ଟ ସର୍କିଟ ଯୋଗୁଁ ବିଦ୍ୟୁତ ସଂସ୍ପର୍ଶରେ ଆସି ଅଚେତ ହୋଇ ପଡିଯାଇଥିଲେ । ଘର ଲୋକେ ୧୦୮ ଅମ୍ବୁଲାନ୍ସ ଯୋଗେ ସ୍ଥାନୀୟ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତକରିଥିଲେ ।

## ବୀର୍ସାମୁଣ୍ଡା ଜୟନ୍ତୀ ପାଇଁ ପ୍ରସ୍ତୁତି

**ପାଟଣାଗଡ, ୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଆଦିବାସୀ ଭବନଠାରେ ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ବ୍ଲକ ସଭାପତି ଅଷ୍ଟରତ୍ନ ବରିହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ନଭେମ୍ବର ୧୫ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସ୍ଥିର କରାଯାଇଥିଲା। ଉକ୍ତ ଜୟନ୍ତୀ ସମାରୋହରେ ହେବାକୁ ଥିବା ସାଂସ୍କୃତିକ ଶୋଭାଯାତ୍ରାରେ ସମସ୍ତ ଢକା ଦଳ, ଢାପ ପାର୍ଟି, ଘୁମରା ଦଳ ଓ ଅନ୍ୟାନ୍ୟ ସାଂସ୍କୃତିକ ତଥା ପାରମ୍ପରିକ ଦଳ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା। ଆଦିବାସୀମାନଙ୍କ ଜମି, ଜଳ, ଜଙ୍ଗଲ, ଜୀବନ ଜୀବିକାର ଉତ୍ସ, ଭାଷା, ସଂସ୍କୃତି, ଦେବାଦେବୀ ପୂଜା ପୀଠ, ଉଚ୍ଚ ଶିକ୍ଷା, ଅର୍ଥନୈତିକ ବିକାଶ ପାଇଁ ସାଲିଶବିହୀନ ସଂଗ୍ରାମ କରି ସହିଦ ବୀର ବିର୍ସା ମୁଣ୍ଡାଙ୍କ ସ୍ୱପ୍ନକୁ ସାକାର କରିବାକୁ ସଂକଳ୍ପ କରାଯାଇଥିଲା। ବୈଠକରେ ସଂଘ କାର୍ଯ୍ୟକାରୀ ସଭାପତି ଡିଙ୍ଗର ଭୋଇ, ଉତ୍କଳ କନ୍ଧ ସମାଜର ସଭାପତି ଉଜ୍ୱଳ ସିଂ ମାଝି, ସଂଗଠକ ସୁରେଶ ଭୋଇ, ଗଦି ବରିହା, ବିପ୍ର ବିଶି, ବସନ୍ତ ମାଝି, ଡମ୍ବରୁ ଧରୁଆ, ମନବୋଧ ବରିହା, ଗୁଣନିଧି ବର୍ଗେ, ଗୋରେଖ ବରିହା, ଥବୀର ଧରୁଆ, ମଙ୍ଗଳୁ ବରିହା ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ସାରଥି ବାଗ ଧନ୍ୟବାଦ ଦେଇଥିଲେ।

## ଧଣ୍ଡାମୁଣ୍ଡା କପ୍ ଫୁଟବଲ: ଟିଟିଲାଗଡ଼ ବିଜୟୀ

**ଖପ୍ରାଖୋଲ, ୧୩।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡାଠାରେ ଡିସିସି ତରଫରୁ ଆୟୋଜିତ ଧଣ୍ଡାମୁଣ୍ଡା କପ୍ ଫୁଟବଲ ଟୁର୍ନାମେଣ୍ଟ ମଙ୍ଗଳବାର ସପ୍ତମ ଦିନରେ ପହଞ୍ଚିଛି। ଏହିଦିନରେ ଲୁହାସିଂହା ଏବଂ ଟିଟିଲାଗଡ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଲୁହାସିଂହାକୁ ୨-୦ ଗୋଲରେ ହରାଇ ଟିଟିଲାଗଡ ଦଳ ବିଜୟୀ ହୋଇଥିଲା। ଖେଳକୁ ଦେବକାନ୍ତ ନାହାକ, ଅଚ୍ୟୁତ ପୁରୋହିତ, ଚିତ୍ତରଞ୍ଜନ ପାଣ୍ଡେ ପରିଚାଳନା ଓ ଶମ୍ଭୁଦତ ମିଶ୍ର ଚତୁର୍ଥ ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। ସପ୍ତମ ଦିନ ମ୍ୟାଚରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଖପ୍ରାଖୋଲ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣମାସୀ ବରିହା, ସମ୍ମାନିତ ଅତିଥି ୟୁଜିବି ବ୍ୟାଙ୍କ କ୍ୟାଶିଅର୍ ସୁରେନ୍ଦ୍ର କୁମାର ସାହୁ, ଆଦିବାସୀ ନେତା ରଘୁନାଥ ସିଂ ବରିହା, ସାମାଜିକ କର୍ମୀ କ୍ଷମାନିଧି ଭୋଇ, ଡିସିସି ସଭାପତି ଦେବକାନ୍ତ ପାଣିଗ୍ରାହୀ, ଦୟାନିଧି ସାହୁ, ସୁକୁମାର ଭୋଇ, ସାଇରାମ ସାହୁ, ଦେବଦତ ଭୋଇ, ଏମ.ଡି. ଅସରଫଙ୍କ ସମେତ କ୍ଲବ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ମଙ୍ଗଳବାର ଖେଳା ଯାଇଥିବା ମ୍ୟାଚରେ ଉଭୟ ଦଳର ଖେଳାଳିମାନେ।

# ଜଳନିଧି ଯୋଜନା ବାଟବଣା

**ସଇଁତଲା, ୧୩।୧୧(ଡି.ଏନ.ଏ.)**

**ସଇଁତଲା ବ୍ଲକ**
- ସବ୍‌ସିଡ ଟଙ୍କା ନେଉଛି ବୋରୱେଲ କମ୍ପାନୀ
- ଭିଜିଲାନ୍ସ ତଦନ୍ତ ଦାବି

ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଜମିକୁ ଜଳ ଯୋଗାଣ ପାଇଁ ଜଳନିଧି ଯୋଜନା ରାଜ୍ୟ ସରକାରଙ୍କ ତରଫରୁ ଲାଗୁ କରାଯାଇଛି। ଏହି ଯୋଜନା କର୍ମଚାରୀ ଓ ଠିକା ସଂସ୍ଥାର ମଧୁଚନ୍ଦ୍ରିକା ଯୋଗୁଁ ସଇଁତଲା ବ୍ଲକରେ ଫେଲ ମାରିଥିବା ଅଭିଯୋଗ ହେଉଛି। ଜଳନିଧି ଯୋଜନାରେ ବ୍ଲକ କୃଷି ବିଭାଗ ତରଫରୁ ୨୦୧୭-୧୮ ବର୍ଷ ପାଇଁ ୧୯ଗୋଟି ବୋରୱେଲ ଖୋଳି ସେଠାରେ ପାଣିପମ୍ପ ଓ ପାଇପ ଲଗାଇବା ପାଇଁ ଅନୁମତି ମିଳିଥିଲା। ଏହି ଯୋଜନାରେ ଚାଷୀ କୃଷି ବିଭାଗ ପାଖରେ ୧୭୫୦୦ ଟଙ୍କା ପଇଠ କଲାପରେ ଗଭୀର ନଳକୂପ ଖୋଳିବା ପାଇଁ ଏକ ନିର୍ଦ୍ଦିଷ୍ଟ ବୋରୱେଲ କମ୍ପାନୀକୁ ଆଦେଶ ମିଳିଥାଏ। ଚାଷୀ ପମ୍ପସେଟ, ବିଦ୍ୟୁତ ସଂଯୋଗ ଓ ପାଇପ ନିଜେ ଲଗାଇବା କଥା। ଏହି ସମସ୍ତ କାର୍ଯ୍ୟ ସମାପ୍ତ ହେଲେ ଚାଷୀ ବ୍ୟାଙ୍କ ଖାତାରେ ସବସିଡ଼ି ବାବଦକୁ ପଚାଶ ହଜାର ଟଙ୍କା ଆସିଥାଏ। ସଇଁତଲା କୃଷି ବିଭାଗରେ ଏହି ଯୋଜନା କିନ୍ତୁ ଓଲଟା। ଏଠାରେ ସବସିଡ଼ି ଅର୍ଥ ବୋରୱେଲ କମ୍ପାନୀ ଚାଷୀଙ୍କଠାରୁ ନେଇଯାଉଥିବା ଅଭିଯୋଗ ହେଉଛି। ଏଥିସହ ଚାଷ ଜମିରେ ଖୋଳାଯିବାକୁ ଥିବା ବୋରୱେଲ ବ୍ୟକ୍ତିଗତ ଭାବରେ ଘରମାନଙ୍କରେ ମଧ୍ୟ ଖୋଳାଯାଇଥିବା ଭଦ୍ରା ପଞ୍ଚାୟତ ଅଞ୍ଚଳର କେତେକ ଚାଷୀ ଅଭିଯୋଗ କରିଛନ୍ତି। ଅଭିଯୋଗ ସମ୍ପର୍କରେ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସହ ଯୋଗଯୋଗ କରିବାରେ ଉକ୍ତ ଯୋଜନାରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ୨୦୧୭-୧୮ ବର୍ଷରେ ଉକ୍ତ ଯୋଜନାରେ ସାମିଲ ଥିବା ୧୯ ଚାଷୀଙ୍କ ମଧ୍ୟରୁ କେବଳ ୧୨ଜଣଙ୍କ କାର୍ଯ୍ୟ ସମାପ୍ତ ହୋଇସାରିଥିବା କୁହାଯାଉଥିବାବେଳେ ସାତ ଜଣଙ୍କ ନାମ କୃଷି ଅଧିକାରୀ କହିପାରି ନ ଥିଲେ। ସେ ମଧ୍ୟରୁ ଦୁଇଜଣ କେବଳ ନଳକୂପ ଖୋଳିଥିଲେ ମଧ୍ୟ ପମ୍ପ, ବିଦ୍ୟୁତ କିମ୍ବା ପାଇପ ଲାଗି ନ ଥିବାରୁ ତାହା କାର୍ଯ୍ୟକ୍ଷମ ହୋଇପାରିନାହିଁ। କାର୍ଯ୍ୟାଳୟ ସୂଚନା ଅନୁସାରେ ବୁଢ଼ାବାହାଲ ପଞ୍ଚାୟତର ମାଲପଡ଼ା ଗ୍ରାମର ସେବତୀ ସାହୁ, ବାବୁକେଲ ଗାଁର ଆନନ୍ଦ ସିଂ, ଧରବଗଡ଼ର ଜୟାନନ୍ଦ କୁଅଁର, କୁମ୍ଭାରୀର କରୁଣାକର ବଗର୍ତୀ, କୁସମଖାଲର ପଙ୍କଜ ବଗର୍ତୀ, ଖାସବାହାଲର ପ୍ରଦୀପ ରଣା, ଭଦ୍ରାର ଟଙ୍କଧର ବେହେରା ଓ ସଇଁତଲାର ଗୀତାରାଣୀ ସେଠଙ୍କ ଚାଷଜମିରେ ଏହି ଯୋଜନା କାର୍ଯ୍ୟକାରୀ ହୋଇ ଜଳସେଚିତ ହେଉଛି । ଜିଲା ପ୍ରଶାସନ ଭଦ୍ରା ଓ ସଇଁତଲା ଅଞ୍ଚଳରେ ଏହି ଯୋଜନା କେତେଦୂର କାର୍ଯ୍ୟକାରୀ ହୋଇଛି ବୋରୱେଲ ଖୋଳାଯାଇଥିବା ସ୍ଥାନରେ ପହଞ୍ଚି ସମୀକ୍ଷା କଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ସମ୍ପୃକ୍ତ ଚାଷୀମାନେ କହିଛନ୍ତି। ଗତ ମାର୍ଚ୍ଚମାସ ପୂର୍ବରୁ ଏହି ଯୋଜନାରେ ସାମିଲ ଚାଷୀମାନଙ୍କୁ ଅଦ୍ୟାବଧି କୃଷି ବିଭାଗ ଜଳସେଚନ ବ୍ୟବସ୍ଥା କରିବାରେ ବିଫଳ ହୋଇଥିବାରୁ ଚଳିତ ବର୍ଷ ମଧ୍ୟ ଖରିଫ ଚାଷର ଶେଷ ଆଡ଼କୁ ବର୍ଷା ଅଭାବ ଯୋଗୁଁ ଚାଷ ଉଜୁଡ଼ି ମରୁଡ଼ି ପରିସ୍ଥିତି ଦେଖାଦେଇଛି । ଏ ସମ୍ପର୍କରେ ସଇଁତଲା କୃଷି ଅଧିକାରୀ ଦିଲିପ ମାଝୀଙ୍କୁ ପଚାରିବାରୁ ଜଳନିଧି ଯୋଜନାରେ ଚାଷୀ ହିଁ ସମସ୍ତ କାର୍ଯ୍ୟ ସମ୍ପାଦନ କରି ସବ୍‌ସିଡ଼ି ପଇସା ନେବା କଥା। ହେଲେ ଚାଷୀଙ୍କ ପାଖରେ ଆର୍ଥିକ ଅଭାବ ଥିବାରୁ ବୋରୱେଲ କମ୍ପାନୀ ସମସ୍ତ କାର୍ଯ୍ୟ ସମ୍ପାଦନ କରି ଚାଷୀଙ୍କଠାରୁ ସବସିଡ଼ି ଟଙ୍କା ମାଗି ନେଉଥିବା କହିଥିଲେ। ଜଳନିଧି ଯୋଜନାର ଭିଜିଲାନ୍ସ ସ୍ତରୀୟ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେନ୍ଦ୍ର ଠାକୁର ଦାବି କରିଛନ୍ତି।



"ଏ ସୁନ୍ଦର ପୃଥିବୀରେ ମୁଁ ମରିବାକୁ ଚାହେଁ ନାହିଁ,
ମଣିଷମାନଙ୍କ ମଧ୍ୟରେ ବଞ୍ଚି ରହିବାକୁ ଚାହେଁ।
- ରବୀନ୍ଦ୍ରନାଥ ଟାଗୋର



## ସଂକ୍ଷେପରେ

### ରନ୍ଧନ ଗ୍ୟାସ୍ ଚୋରା ଚାଲାଣ ଧରାପଡ଼ିଲା

**ସରଣ୍ଡା, ୧୩।୧୧ (ଡି.ଏନ.ଏ):** ରଗଡ଼ ଜିଲା ଅତାବିରା ଥାନା ଶୁକୁଟାପାଲି ନିକଟରେ ରହିଥିବା ଏକ ଢ଼ାବାରେ ରନ୍ଧନ ଗ୍ୟାସ ଚୋରାଚାଲାଣ ହେଉଥିବା ଧରାପଡ଼ିଛି । ଅତାବିରା ଥାନା ପୋଲିସ ରନ୍ଧନ ଗ୍ୟାସ ବୋଝେଇ ୨ଟି ଟ୍ୟାଙ୍କର(ନଂ.ଜିଜେ୦୬ଏୟୁ ୪୪୧୧ ଓ ଜିଜେ୦୬ଏୟୁ ୩୧୧୧)କୁ ଜବତ୍ କରିଛି । ଏହା ସହିତ ଢ଼ାବାରୁ ୪୯ଟି ଖାଲି ସିଲିଣ୍ଡର ଜବତ୍ ହୋଇଛି । ସେହିପରି ଉଭୟ ଟ୍ୟାଙ୍କରର ଡ୍ରାଇଭର ଏବଂ ଢ଼ାବା ମାଲିକଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି । ଏ ନେଇ ଅତାବିରା ଥାନାରେ ଏକ ମାମଲା(ନଂ.୨୪୪/୧୮) ରୁଜୁ ହୋଇଛି । ପ୍ରକାଶ ଯେ, ସୋମବାର ବିଳମ୍ବିତ ରାତ୍ରିରେ ଉକ୍ତ ଢ଼ାବାରେ ଗ୍ୟାସ ବୋଝେଇ ଟ୍ୟାଙ୍କରରୁ ସିଲିଣ୍ଡରରେ ଗ୍ୟାସ ରିଫିଲିଙ୍ଗ କରାଯାଉଥିଲା । ଏ ନେଇ ଖବର ପାଇବା ପରେ ପୋଲିସ ଚଢ଼ାଉ କରି ଟ୍ୟାଙ୍କର, ସିଲିଣ୍ଡର ଜବତ୍ କରିବା ସହିତ ଢ଼ାବା ମାଲିକ, ଟ୍ୟାଙ୍କର ଡ୍ରାଇଭରଙ୍କୁ ଥାନାକୁ ଆଣିଥିଲା।

### ଝାରବନ୍ଧ ଡିଗ୍ରୀ କଲେଜରେ ଯୁବ ଉତ୍ଥାନ କାର୍ଯ୍ୟକ୍ରମ

**ଝାରବନ୍ଧ, ୧୩।୧୧ (ଡି.ଏନ୍.ଏ.):** ଝାରବନ୍ଧ ପଞ୍ଚାୟତ ସମିତି ଡିଗ୍ରୀ କଲେଜର ସଫଳ ଯୁବା ସଫଳ ଭାରତ କାର୍ଯ୍ୟକ୍ରମ ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁଧାକର ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶ ଓ ତ୍ୟାଗ ଉପରେ ଆଲୋକପାତ କରିଥିଲେ । ଅଧାପିକା ଯାଜ୍ଞସେନୀ ନାୟକ, ଅଧାପକ ଗଗନ ବିହାରୀ ଡନସନା, ନବୀନ କୁମାର ମେହେର, କ୍ଷାତିମୟ ତ୍ରିପାଠୀ, ଜୟନ୍ତ ସାହୁ, ରୀତାଞ୍ଜଳି ଗୁରୁ, ରଶ୍ମି ମହାଲିଙ୍ଗ, ଅଶୋକ ହାତୀ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ବ୍ଲୁ ହ୍ୱେଲ, ମୋମୋ ଗେମ୍ ଭଳି ଆତ୍ମହତ ଖେଳ ପ୍ରତି ସାବଧାନ ରହିବା ନିମନ୍ତେ ଅଧକ୍ଷ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ ।

### ଜୁନିୟର କଲେଜରେ ଆତ୍ମସୁରକ୍ଷା ତାଲିମ ଶିବିର

**ଝାରବନ୍ଧ, ୧୩।୧୧ (ଡି.ଏନ୍.ଏ.):** ଝାରବନ୍ଧ ସ୍ଥିତ ପଞ୍ଚାୟତ ସମିତି ଜୁନିୟର ଯୁକ୍ତ ୨ କଲେଜରେ ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ୮୭ଜଣ ଛାତ୍ରୀ ଦୀର୍ଘ ୧୨ଦିନ ଧରି ତାଲିମ ଗ୍ରହଣ କରିଥିଲେ । ଟ୍ରେନର ଖୁଲଣା ସିଦାର, ନନ୍ଦିନୀ ରାଉତ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷାର ବିଭିନ୍ନ ଜ୍ଞାନ କୌଶଳ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଯୁକ୍ତ ୨ ଅଧକ୍ଷ ସାନନ୍ଦ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଅଧାପିକା ପୁଷ୍ପମଞ୍ଜରୀ ପାଣିଗ୍ରାହୀ ଯୋଗଦେଇ ତାଲିମ ଶିବିରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ତାରିଣୀ ରାଉତ ଉତ୍ସବ ପରିଚାଳନା କରିଥିଲେ । ଗ୍ରନ୍ଥରକ୍ଷକ ଚିନ୍ତାମଣି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

■ ରଘୁନାଥଙ୍କ ଗୁରୁତର ଅବସ୍ଥା ଘଟଣା

# ଛୁଇଁଲା ନାହିଁ ଡାକ୍ତରୀ ଟିମ୍, ଔଷଧ ଦେଇ ଫେରିଲେ

**ଲୋଇସିଂହା, ୧୩।୧୧ (ଡି.ଏନ.ଏ)**



ଗାଁ ଜଗନାଥ ମନ୍ଦିର ପିଣ୍ଡାରେ ବସିଥିବା ରଘୁନାଥଙ୍କ ପାଖରେ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଟିମ୍।

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ଗ୍ରାମର ରଘୁନାଥ ମିଶ୍ର(୬୧)ଙ୍କ ବାମ ଗୋଡର ଘା ପଚି ଗୁରୁତର ରୂପ ଧାରଣ କରିଛି । ତାଙ୍କ ମାନସିକ ସ୍ଥିତି ଠିକ ନ ଥିବା ଓ ଏକାକୀ ରହୁଥିବାରୁ ଆବଶ୍ୟକ ଚିକିତ୍ସା ସୁବିଧା ନ ପାଇ ଦୁଃସ୍ଥିତିରେ ଗତି କରୁଛନ୍ତି । ପଡୋଶୀ ଏବଂ ଗ୍ରାମବାସୀଙ୍କ ସୂଚନା ଆଧାରରେ ଧରିତ୍ରୀରେ ଏ ସଂକ୍ରାନ୍ତରେ ଏକ ଖବର ମଙ୍ଗଳବାର ପ୍ରକାଶ ପାଇଥିଲା । ଖବର ପ୍ରଶାସନ ପରେ ସ୍ଥାନୀୟ ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇ ଉଠିଥିଲା । ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସା ଅଧିକାରୀ ସନ୍ତୋଷ କୁମାର ସେଠୀ, ଡା.ଯଶୋବନ୍ତ ପାଢ଼ୀ ଓ ଅନ୍ୟମାନେ ରଘୁନାଥଙ୍କ ଘରେ ମଙ୍ଗଳବାର ମଧ୍ୟାହ୍ନରେ ପହଞ୍ଚିଥିଲେ । ରଘୁନାଥଙ୍କ ଗୁରୁତର ଅବସ୍ଥାକୁ ଉକ୍ତ ଟିମ୍ ପାଖରୁ ଦେଖିଥିଲେ । ଏହା ଏଠାରେ ଚିକିତ୍ସା ସମ୍ଭବ ନୁହେଁ ବୋଲି ଚିକିତ୍ସା ଅଧିକାରୀ ଗ୍ରାମବାସୀଙ୍କୁ କହିଥିଲେ । ଡାକ୍ତରଖାନରେ ରଖି ଗୋଟିଏ ସପ୍ତାହ ଚିକିତ୍ସାର ଅବଶ୍ୟକ । ସାଙ୍ଗରେ କେହି ଜଣେ ରହିବାକୁ ପଡିବ । ଡ୍ରେସିଂ ପାଇଁ ସାମଗ୍ରୀ ପାଖରେ କିଛି ନାହିଁ। କିଛି ଔଷଧ, ବ୍ୟାଣ୍ଡିଜ କପଡ଼ ଦେଇ ସଫାସୁତୁର କରି ଦେବାକୁ ତାଙ୍କର କେତେକ ସମ୍ପର୍କୀୟଙ୍କୁ କହିଥିଲେ। ସନ୍ଧ୍ୟାରେ ଆମ୍ବୁଲାନ୍ସ ଆସିଲେ ତାଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯିବ ବୋଲି କହିଥିଲେ । ଉକ୍ତ ଡାକ୍ତରୀ ଟିମ ରଘୁନାଥଙ୍କୁ ଛୁଇଁ ନ ଥିବା ଗ୍ରାମର ଉପେନ୍ଦ୍ର କୁମାର ଥନାପତି ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଯୋଗୀସର୍ଡା ପଞ୍ଚାୟତ ସଦର ଗାଁର ମାଉସୀ ମନ୍ଦିର ପଛ ପଟେ ଥିବା ଝାଟିକୁଟି ଘରେ ରହିଆସୁଛନ୍ତି । ବିବାହିତ ରଘୁନାଥଙ୍କ ମାନସିକ ସ୍ଥିତି ବିଗିଡିଯିବା ପରେ ସ୍ତ୍ରୀ ବାପ ଘରକୁ ଚାଲି ଯାଇଛନ୍ତି । ପର ହାତଟେକା ଖାଦ୍ୟରେ ରଘୁନାଥଙ୍କ ଜୀବନ ବିତୁଛି । ପ୍ରାୟ ଅଢ଼େଇ ମାସ ହେବ ତାଙ୍କ ବାମ ଗୋଡରେ ଘା ସୃଷ୍ଟି ହୋଇଛି । ଚିକିତ୍ସା ସୁବିଧା ନ ପାଇ ଏହା ଗୁରୁତର ଧାରଣ କଲାଣି । ରଘୁନାଥଙ୍କ ଏହି ଅବସ୍ଥା ଗ୍ରାମବାସୀଙ୍କୁ ବ୍ୟଥିତ କରିଛି । ରବିବାର ତାଙ୍କର ଏହି ଅବସ୍ଥା ସମ୍ପର୍କରେ ସ୍ଥାନୀୟ ଡାକ୍ତରଖାନାକୁ ସୂଚନା ଦିଆଯାଇଥିଲା। ହେଲେ ଏଥିପ୍ରତି ସୋମବାର ଗୁରୁତ୍ୱ ଦିଆଯାଇ ନ ଥିଲା । ଡାକ୍ତରୀ ଟିମ ଗୋଟିଏ ଦିନ ବିଳମ୍ବରେ ଗାଁକୁ ଯାଇଥିଲେ। କୌଣସି ଚିକିତ୍ସା ସାମଗ୍ରୀ ଆଣି ନାହୁଁ କହି ରଘୁନାଥଙ୍କୁ କୌଣସି ଚିକିତ୍ସା ନ କରି ଫେରିବା ଏବଂ ସନ୍ଧ୍ୟାରେ ଆମ୍ବୁଲାନ୍ସ ନ ପଠାଇବା ଦାୟିତ୍ୱହୀନତାର ପରିଚୟ ବୋଲି କଂଗ୍ରେସର ପଞ୍ଚାୟତ ସଭାପତି ଉପେନ୍ଦ୍ର ଥନାପତି ଓ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### ଏନ୍‌ସିଟିଇ. ଡେପୁଟି ଡାଇରେକ୍ଟରଙ୍କ ବଙ୍ଗୋମୁଣ୍ଡା ଗସ୍ତ

**ବଙ୍ଗୋମୁଣ୍ଡା, ୧୩।୧୧ (ଡି.ଏନ୍.ଏ.)**

ଏନ୍‌ସିଟିଇ ଡେପୁଟି ଡାଇରେକ୍ଟ ସଂଜୟ ଦାସ ଗୁପ୍ତା ମଙ୍ଗଳବାର ବଙ୍ଗୋମୁଣ୍ଡା ଗସ୍ତ କରି କଁସିଲର ଉନ୍ନିତ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ଶିକ୍ଷା ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ବିଶଦ ଆଲୋଚନା କରିଥିଲେ। ଏହି ଅବସରରେ ସେ ଇଂରାଜୀ ବିଷୟରେ ଛାତ୍ରୀଛାତ୍ରଙ୍କୁ ଗୋଟିଏ ପିରିୟଡ ପାଠ୍ୟଦାନ କରିଥିଲେ । ପରେ ସିନ୍ଧେକେଲା ପଲ୍ଲୀଶ୍ରୀ ନୋଡାଲ ହାଇସ୍କୁଲକୁ ଆଗାମୀ ୧୭ ତାରିଖ ବଙ୍ଗୋମୁଣ୍ଡା ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରକଳ୍ପ ତିଆରି କରୁଥିବା ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ । ପରିଦର୍ଶନ ସମୟରେ ପ୍ଲାନିଂ କୋଅର୍ଡିନେଟର ଖଗେଶ୍ୱର ମହାରଣା, ଟେକନିକାଲ କନସଲ୍‌ଟାଣ୍ଟ ମାଧବ ପାଣିଗ୍ରାହୀ, ସର୍ବଶିକ୍ଷା ଅଭିଯାନ ବଲାଙ୍ଗୀର, ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ଭୋଇ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟନ୍ତ ପ୍ରଧାନ, ସାଧନା କର୍ମୀ ସଂଜୟ କୁମାର ପ୍ରଧାନୀ, ଦେବରାଜ ମେହେର ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲା କରାଟେ ସଂଘ ସାଧାରଣ ପରିଷଦ ବୈଠକ

## ବଳରାମ ସଭାପତି, ମାନୁଏଲ ସମ୍ପାଦକ ମନୋନୀତ

**ବଲାଙ୍ଗୀର ଅଫିସ, ୧୩।୧୧**

ବଲାଙ୍ଗୀର ଜିଲା କରାଟେ ସଂଘ ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ମନୋନୟନ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି । ସମ୍ପାଦକ ମାନୁଏଲ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଜିଲା କରାଟେ ସଂଘ ସମ୍ପର୍କରେ ବିଶେଷ ଆଲୋଚନା ହୋଇଥିଲା । ବୈଠକ ପରେ ସଂଘ କର୍ମକର୍ତ୍ତା ମନୋନୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡିଶା ରାଜ୍ୟ ପଛୁଆ ବର୍ଗର ରାଜ୍ୟ ସଭାପତି ବଳରାମ ସିଂ ଯାଦବ ସଭାପତି, ସୁରେଶ ଚନ୍ଦ୍ର ଜାଲ ଯାଦବ ଓ ଉମେଶଷ ଚନ୍ଦ୍ର ନନ୍ଦ ଉପସଭାପତି, ମାନୁଏଲ ନାଗ ସମ୍ପାଦକ, ହୃଦୟ ଶବର ଯୁଗ୍ମ ସମ୍ପାଦକ ଓ ସରୋଜକାନ୍ତ ବେହେରା କୋଷାଧ୍ୟକ୍ଷଭାବେ ମନୋନୀତ ହୋଇଥିଲେ । ସଂଘ ନୂତନ କର୍ମକର୍ତ୍ତା ଭାବେ ଗୋପାଳ ଚନ୍ଦ୍ର ଦୀପ, ଚନ୍ଦ୍ରଶେଖର ସେଠ୍, ପର୍ଶୁରାମ ସ୍ୱାଇଁ, ଉପେନ୍ଦ୍ର ଚନ୍ଦନ, ମନୋହାର ନିଆଲ, ପ୍ରମୋଦ ରଥ, କିଶୋର କୁଅଁର, ନଥିନିଆଲ ଛତ୍ରିଆ, ସଚିନ୍ ବାଗ, କଲ୍ୟାଣ ସେଠ୍, କାର୍ତ୍ତି ଚନ୍ଦ୍ର ଦାଶ, ବୀରେନ୍ କୁମାର ସାହୁଙ୍କ ମନୋନୀତ କରାଯାଇଥିଲା । ୨୮ତମ ଜିଲା କରାଟେ ପ୍ରତିଯୋଗିତା ଆସନ୍ତା ମାସ ପ୍ରଥମ ସପ୍ତାହରେ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଶେଷରେ ଯୁଗ୍ମ ସମ୍ପାଦକ ଶବର ଧନ୍ୟବାଦ ଅର୍ପଣ କରିଥିଲେ ।




ଜିଲା କରାଟେ ସଂଘର ସାଧାରଣ ପରିଷଦ ବୈଠକରେ ମନୋନୀତ ନୂତନ କର୍ମକର୍ତ୍ତା ।

### ନାବାଳିକାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାବାଞ୍ଜି, ୧୩।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଲାଲଝରା ଗ୍ରାମର ନାଲା ନିକଟରେ ଏକ ଗଛରୁ ଜଣେ ନାବାଳିକାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମଙ୍ଗଳବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ସନ୍ଧ୍ୟାରୁ ଘରୁ ନିଖୋଜ ହୋଇଥିବା ମୃତାଙ୍କ ପରିବାର ଲୋକେ କହିଛନ୍ତି। ଖୋଜାଖୋଜି କରି ନ ପାଇଲା ପରେ ଲାଲଝରା ଗାଁର ଝରଣା ନିକଟସ୍ଥ ଏକ ନିମ୍ବଗଛରେ ମୃତଦେହ ଝୁଲୁଥିବା ଦେଖି ଚିହ୍ନଟ କରିଥିଲେ । ବେଲପଡା ଥାନା ବୁଢାଭଟାର ଜଣେ ସମ୍ପର୍କିୟଙ୍କ ପୁଅ ସହିତ ତାଙ୍କର ପ୍ରେମ ଜନିତ ସମ୍ପର୍କ ଥିବା ମୃତାଙ୍କ ପିତା କହିଛନ୍ତି। ଏ ନେଇ କଣ୍ଟାବାଞ୍ଜି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩/୧୮) ରୁଜୁ କରି ପୋଲିସ ଅଧିକ ଅନୁସନ୍ଧାନ ଜାରି ରଖିଛି।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କଲେ ଏମ୍‌ପି

**ବଲାଙ୍ଗୀର ଅଫିସ, ୧୩।୧୧**



ଏମ୍‌ପି କଲିକେଶ ନାରାୟଣ ସିଂଦେଓ ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି ।

ବଲାଙ୍ଗୀର ସହରରେ ତିଆରି ହେବାକୁ ଥିବା ବିଭିନ୍ନ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଏମ୍‌ପି କଲିକେଶ ନାରାୟଣ ସିଂଦେଓ । ଗାନ୍ଧୀନଗରପଡା ଜାତୀୟ ରାଜପଥଠାରୁ ସାପ୍ତାହିକ ବଜାର, ବରପାଲିପଡା ଏବଂ ତାଲପାଲିପଡା ପର୍ଯ୍ୟନ୍ତ ୧କୋଟି ୬୩ ଲକ୍ଷ ୨୦ ହଜାର ଟଙ୍କାରେ ନିର୍ମିତ ହେବାକୁ ଥିବା ରାସ୍ତା ପ୍ରଶସ୍ତିକରଣ ପାଇଁର ଭିତ୍ତିପ୍ରସ୍ତର ଦେଇଥିଲେ। ବଲାଙ୍ଗୀର-ଟିଟିଲାଗଡ ଜାତୀୟ ରାଜପଥଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୧କୋଟି ୯୨ ଲକ୍ଷ ୨୩ ହଜାର ଟଙ୍କାର ରାସ୍ତା, ଆରଟିଓ ଅଫିସଠାରୁ ଆରମ୍ଭ ହୋଇ ଇଛାପଡା ଓ ଇନ୍ଦିରା ନଗର ରାସ୍ତାର ଉନ୍ନତିକରଣ ପାଇଁ ୧କୋଟି ୨୭ ଲକ୍ଷ ୩୯ହଜାର ଟଙ୍କା, ବିଜାଖମନରୁ ରାଜୀବ ନଗର ରାସ୍ତାର ଉନ୍ନତିକରଣ ପାଇଁ ୩ କୋଟି ଟଙ୍କାର, ରିଙ୍ଗ ରୋଡ ଠାରୁ ରାଜୀବ ନଗର ମଠଖାଇ ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପାଇଁ ୪୮ ଲକ୍ଷ ଟଙ୍କା ଏବଂ ଜାତୀୟ ରାଜପଥରୁ କେନ୍ଦ୍ରୀୟ ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି କରଣ ପାଇଁ ୯୧ଲକ୍ଷ ୯୦ହଜାର ଟଙ୍କାର ରାସ୍ତାକାମ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୌରାଧକ୍ଷା ସନ୍ତୋଷିନୀ ବେହେରା, ଉପାଧକ୍ଷା ଲିପିଶ୍ରୀ ସାଏ, ଯୁବ ବିଜେଡି ସଭାପତି ଲୋଟସ ଷଡଙ୍ଗୀ, ଜୟରାମ ମିଶ୍ର, କାଉନସିଲର ଇର୍ସାଦ ଖାନ, ଶମ୍ଭୁ ନାଗ, ଅଶ୍ୱିନୀ ପୁଟେଲ, ଉପେନ ଦୀପ, ମମତା ଜେନା ସମେତ ଧ୍ରୁବ ଯୁଏଡ, ରଞ୍ଜନା ମହାନ୍ତି, ଦୁଆରୁ ବର୍ଗର୍ତ୍ତି, ଅନ୍ତ ବର୍ଗର୍ତ୍ତି, ଯମୁନା ନାଏକ, ସୌଦାମିନୀ ମିଶ୍ର, ରାଜୁ ଚୋପଦାର, କୁନା ନନ୍ଦ, ଅଶୋକ ବେହେରା, ଶିବୁ ଦତ୍ତ, ପୃଥ୍ୱୀରାଜ ବରାଡ, ବାସୁଦେବ ଦାଶ, ମନୀଷ ମିଶ୍ର, ମୁନୁ ପୋଢ, ରାଜୁ ସାହୁ, ଇନ୍ଦ୍ରମଣି ନନ୍ଦ, ଇକୁ ମେହେର, ପ୍ରତ୍ୟୁଶ ଯୋଶୀ, ନିରୋଜ ଚୋପଦାର, ଛାତ୍ର ବିଜେଡି ସଭାପତି ଗୁଞ୍ଜା ଖାନ୍ ଉପସ୍ଥିତ ଥିଲେ ।

## ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ପ୍ରସ୍ତୁତି

**ଦେଓଗାଁ, ୧୩।୧୧ (ଡି.ଏନ.ଏ.)**



ବ୍ଲକସ୍ତରୀୟ ବିଜ୍ଞାନମେଳା ଆୟୋଜନ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକବୃନ୍ଦ ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ମକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ବନ୍ଧପାଲି ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ଚଳିତ ମାସ ୨୦ତାରିଖରେ ଅନୁଷ୍ଠିତ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳାପାଇଁ ମଙ୍ଗଳବାର ବନ୍ଧପାଲିରେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜରାସିଂହା ନେତ୍ରଭାନୁ ହାଇସ୍କୁଲର ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଭାଗ୍ୟବତୀ ଦାଶ, ସମ୍ମାନୀତ ଭାବେ ଏବିଇଓ ଅଭିନ୍ନ ଚନ୍ଦ୍ର ନାଏକ ଯୋଗଦେଇଥିଲେ । କମିଟି ଆବାହକ କୁମାର ଷାଣ୍ଡ ସ୍ୱାଗତ ଭାଷଣ, ପରିଚାଳନା ସମ୍ପାଦକ ସନ୍ତୋଷ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ବିଭୂତି ଭୂଷଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ବୈଠକରେ ଶାନ୍ତିଶୃଙ୍ଖଳାରେ ମେଳା ଆୟୋଜନ ନେଇ ଆଲୋଚନା କରାଯିବା ସହ ବିଭିନ୍ନ କମିଟି ମାନ ଗଠନ କରାଯାଇଥିଲା । ଚଳିତ ବର୍ଷ ବଲାଙ୍ଗୀର ଜିଲାରେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଆୟୋଜନ ହେବାପାଇଁ ସ୍ଥିର ହୋଇଥିବାରୁ ବ୍ଲକ ସ୍ତରୀୟ ମେଳାରେ ସ୍କୁଲମାନଙ୍କରୁ କେମିତି ଉନ୍ନତ ମାନର ପ୍ରକଳ୍ପ ଆସିପାରିବ ସେ ନେଇ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ସମସ୍ତ ସିଆରସିସି ଓ ବିଜ୍ଞାନ ଶିକ୍ଷକମାନେ ଦାୟିତ୍ୱ ନେବାପାଇଁ ଅନୁରୋଧ କରାଯାଇଥିଲା। ବୈଠକରେ ସମସ୍ତ ହାଇସ୍କୁଲ, ଉନ୍ନିତ ହାଇସ୍କୁଲ ଓ ପ୍ରାଥମିକ ସ୍କୁଲ ଆଦିରୁ ବିଜ୍ଞାନ ଶିକ୍ଷକ ଓ ସିଆରସିସିମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ ।

## ଗ୍ରାମାଞ୍ଚଳ ଫୁଟବଲ: ଧୂମାଭଟା ଚାମ୍ପିୟନ

**ଟିକ୍ରାପଡା, ୧୩।୧୧ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ସଇଁନ୍ତଲା ବ୍ଲକ ଟିକ୍ରାପଡା ପଞ୍ଚାୟତ ଅଧିନ ମେରାବାହାଲସ୍ଥିତ ବେଣୁଧର ଯୋଶୀ ଫୁଟବଲ ପଡିଆରେ ଅନୁଷ୍ଠିତ ଗ୍ରାମାଞ୍ଚଳ ଫୁଟବଲ ଟର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି । ଅନୁଷ୍ଠିତ ଫାଇନାଲ ମ୍ୟାଚ ଅମୀମାଂସିତ ରହିବାରୁ ଟାଇବ୍ରେକରର ସହାୟତା ନିଆଯାଇଥିଲା । ଏଥିରେ ୩-୨ ଗୋଲରେ ଚଲକିକୁ ହରାଇ ଧୂମାଭଟା ଚାମ୍ପିୟନ ହୋଇଥିଲା । ବିଜୟ ଖମାରୀ, ତ୍ରିନାଥ ଚନ୍ଦନ, ଖୁସିରାମ ମଲ୍ଲିକ ଖେଳ ପରିଚାଳନା କରିଥିଲେ । ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ପୂର୍ବତନ ସମିତି ସଭ୍ୟ ସନ୍ତୋଷ ପାତ୍ର, ଚନ୍ଦ୍ର ଚନ୍ଦନ, ସୁବ୍ରତ ବେହେରା, ବନମାଳି ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ସୁମନ୍ତ ହରପାଲ ସଭାରେ ଅଧ୍ୟକ୍ଷତା କରିଥିଲେ । ପରମା ପରାଭୁଏ ସଭା ସଂଯୋଜନା କରିଥିଲେ । ଚାମ୍ପିୟନ ଦଳକୁ ଟ୍ରଫି ସହ ୬୬୬୬ ଟଙ୍କା ଓ ରନର୍ସଅପ ଦଳକୁ ଟ୍ରଫି ସହ ୪୪୪୪ ଟଙ୍କା ପ୍ରଦାନ କରାଯାଇଥିଲା। ରୂପଧର ରଣା, ଭଗବାନ ହରପାଲ, ବସ' ମିର୍ଦ୍ଧା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।



ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥିଙ୍କ ସହ ଫାଇନାଲ ଖେଳିଥିବା ଖେଳାଳିମାନେ ।

■ କୃଷି ବିଭାଗର ବିଚିତ୍ର ନୀତି

## ଅମଳ ବେଳେ ରୋଗପୋକ ଔଷଧ ବଣ୍ଟନ

**ଲୋଇସିଂହା, ୧୩।୧୧ (ଡି.ଏନ.ଏ.)**

### ଅସନ୍ତୋଷ ପ୍ରକାଶ କଲେ ଚାଷୀ

ରୋଗପୋକରେ ଧାନଚାଷ ନଷ୍ଟ ହୋଇ ଯାଇଛି । ବର୍ତ୍ତମାନ ଧାନ ଅମଳ ଆରମ୍ଭ ହୋଇଯାଇଛି । କିନ୍ତୁ ରବିବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ କୃଷି ବିଭାଗ ପକ୍ଷରୁ ବିଜିଆରଇଆଇ (ଭାରତ ସରକାରଙ୍କ ଦ୍ୱିତୀୟ ସବୁଜ ବିପ୍ଳବ) ଯୋଜନାରେ ଧାଡିରୁଆ ଚାଷ କରିଥିବା ଚାଷୀଙ୍କୁ ଚକଡା ରୋଗ ଔଷଧ ମାଗଣାରେ ବଣ୍ଟନ କରାଯାଇଛି । କୃଷି ବିଭାଗର ଏପରି ବିଚିତ୍ର ନୀତିକୁ ନେଇ ଘୁଷୁରାମୁଣ୍ଡା ଗ୍ରାମର ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରିବା ସହ ପଞ୍ଚାୟତରେ କାର୍ଯ୍ୟରତ କୃଷି କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି ପାଇଁ ଜିଲାପାଳ ଏବଂ କୃଷି ଉପନିର୍ଦ୍ଦେଶକଙ୍କୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟରେ ଚାଷୀମାନେ ମଙ୍ଗଳବାର ଜଣାଇଛନ୍ତି। ଅଭିଯୋଗ ମୁତାବକ, କୃଷି ବିଭାଗର ପାରମର୍ଶକ୍ରମେ ଚଳିତ ଖରିଫରେ ବୁଢୀପଦର ପଞ୍ଚାୟତ ଅଧୀନ ଘୁଷୁରାମୁଣ୍ଡା ଗ୍ରାମରେ ବିଜିଆରଇଆଇ ଯୋଜନାରେ ୨୫ହେକ୍ଟର ଧାଡି ରୁଆ ଚାଷ ହୋଇଥିଲା। ଏହି ଯୋଜନାରେ ଚାଷ କରିଥିବା ଚାଷୀମାନଙ୍କୁ ହେକ୍ଟର ପିଛା ୪୦କେଜି ଧାନ ବିହନ ଦିଆଯାଇଥିଲା । ବ୍ଲକକୁ ଠିକ ସମୟରେ ସାର ଓ ଔଷଧ ଆସିଥିଲେ ମଧ୍ୟ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ବିଳମ୍ବରେ ଦିଆଯାଇଛି । ଚକଡା ଲାଗିବା ସମୟରେ ବିଭାଗୀୟ ଅଧିକାରୀଙ୍କୁ ଔଷଧ ସମ୍ପର୍କରେ ପଚାରିବାରୁ ସରକାରଙ୍କଠାରୁ ଆସି ନ ଥିବା କୁହାଯାଇଥିଲା । ଫଳରେ ଚକଡା ରୋଗରେ ଧାନ କ୍ଷେତ କ୍ଷତିଗ୍ରସ୍ତ ହେଲା । ବର୍ତ୍ତମାନ ଅମଳ ଆରମ୍ଭ ହୋଇଯାଇଛି । ଏବେ ଚକଡା ରୋଗର ଔଷଧ ବଣ୍ଟନ କରାଗଲେ ଲାଭ ବା କ'ଣ ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି । ପୁନଶ୍ଚ ଆବଶ୍ୟକତାଠାରୁ କମ୍ ଔଷଧ ଦିଆଯାଉଛି । ଏପରିକି ସ୍ଥାନୀୟ କୃଷି କର୍ମଚାରୀ ଚାଷୀଙ୍କୁ ଭଲ ବ୍ୟବହାର କରୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଏ ସମ୍ପର୍କରେ ସ୍ଥାନୀୟ କୃଷି କର୍ମଚାରୀ ଧରିତ୍ରୀ ସାହୁଙ୍କୁ ପଚାରିବାରୁ ଯେଉଁ ସମୟରେ ଔଷଧ ଆସିବ ଆମେ ସେହି ସମୟରେ ଦେବୁ । ପୂର୍ବରୁ ବଣ୍ଟନ ପାଇଁ ଯାଇଥିବାବେଳେ ଗାଁରୁ ମୋତେ ଫେରାଇ ଦିଆଯାଇଥିଲା । ଚାଷୀଙ୍କୁ ଦୁର୍ବ୍ୟବହାର ଘଟଣାକୁ ସେ ଖଣ୍ଡନ କରିଥିଲେ । ବ୍ଲକ ସହକାରୀ କୃଷି ଅଧିକାରୀ ସୌମିତ୍ରା ମହାନ୍ତିଙ୍କୁ ପଚାରିବାରୁ, ମଙ୍ଗଳବାର ଗାଁକୁ ରୋଗପୋକ ସ୍ଥିତ ଅନୁଧ୍ୟାନ ପାଇଁ ଯାଇଥିଲି । କେହି ଚାଷୀ ମୋତେ ଏ ସଂକ୍ରାନ୍ତରେ ଜଣାଇ ନ ଥିଲେ । ଗାଁରେ କିଛି ଘଟଣା ଘଟି ଯାଇଥିବାରୁ ୧୧ ତାରିଖ ବଣ୍ଟନ ପାଇଁ ସମୟ ଦେଇଥିଲେ ବୋଲି ପ୍ରକାଶ କରିଛନ୍ତି।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ୧୫ରୁ ଜିଆର୍ଏସ୍ ସଂଘର କାର୍ଯ୍ୟବନ୍ଦ

**ବଙ୍ଗୋମୁଣ୍ଡା, ୧୩।୧୧(ଡି.ଏନ୍.ଏ.):** ଓଡ଼ିଶା ଗ୍ରାମ ରୋଜଗାର ସେବକ ସଂଘ(ଜିଆରଏସ)ଙ୍କ ଆହ୍ୱାନ କ୍ରମେ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ଆସନ୍ତା ୧୫ ତାରିଖରୁ ଅନିର୍ଦ୍ଧିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ନିଷ୍ପତ୍ତି ନିଆଯାଇଛି। ବଙ୍ଗୋମୁଣ୍ଡା ବ୍ଲକ ଗ୍ରାମ ରୋଜଗାର ସେବକ ସଂଘ ସଭାପତି ସିଦ୍ଧାର୍ଥ କୁମାର ମିଶ୍ରଙ୍କ ସଭାପତିତ୍ୱରେ ବଙ୍ଗୋମୁଣ୍ଡାଠାରେ ଏକ ଜରୁରିକାଳୀନ ବୈଠକରେ ରାଜ୍ୟ ସଂଘ ଆହ୍ୱାନକୁ କିଭଳି ସଫଳ କରାଯିବ ଓ ଦାବି କିପରି ପୂରଣ ହେବ ତାହା ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ବଙ୍ଗୋମୁଣ୍ଡା ବ୍ଲକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ପୁଣି ୬୨ଭୂମିହୀନଙ୍କୁ ମିଳିଲା ଘରଡିହ ପଟ୍ଟା



**ବୀରମହାରାଜପୁର, ୧୩।୧୧(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ତହସିଲ ଅଞ୍ଚଳରେ ବସବାସ କରୁଥିବା ଭୂମିହୀନମାନଙ୍କୁ ରାଜ୍ୟ ସରକାରଙ୍କ ବସୁନ୍ଧରା ଯୋଜନାରେ ଘରଡିହ ଯୋଗାଇ ଦେବାର ପ୍ରକ୍ରିୟା ଜାରି ରହିଛି। ସୋମବାର ଉକ୍ତ ଯୋଜନାରେ ପୁଣି ସାମିଲ ହୋଇଛନ୍ତି ୬୨ ଜଣ ହିତାଧିକାରି। ସ୍ଥାନୀୟ କଲ୍ୟଣ ମଣ୍ଡପଠାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଯୋଗଦେଇ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ଏହି ହିତାଧିକାରିଙ୍କୁ ଘରଡିହ ପଟ୍ଟା ବର୍ଣ୍ଟନ କରିଥିଲେ। ଏମାନଙ୍କ ମଧରେ ପୁଲେଶ୍ୱର ଗ୍ରାମର ୧୪ଜଣ, ସରଧାପାଲି ଓ ବହଲପଦର ଗ୍ରାମର ୧୨ଜଣ ଲେଖାଏଁ, ବଲିପାଲିର ୬, ଗୁରୁଗୁଡା ଗ୍ରାମର ୭, ଖଇରମାଲର ୮ ଓ କେଶଲଗା ଗ୍ରାମର ୩ଜଣ ଥିବା ଜଣାଯାଇଛି। ବୀରମହାରାଜପୁର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ତତ୍ୱାବଧାନରେ ଆୟୋଜିତ ପଟ୍ଟା ବର୍ଣ୍ଟନ ମେଳାରେ ଉପଜିଲାପାଳ ସୁବ୍ରତ କୁମାର ବେହେରା, ଜିଲା ପରିଷଦ ଅଧକ୍ଷା ଉଷା କୁମାରୀ, ପଞ୍ଚାୟତ ସମିତି ଅଧକ୍ଷ ସନ୍ତୋଷ କୁମାର ଭୋଇ ଏବଂ ବିଡିଓ ଅଭିମନ୍ୟୁ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ତହସିଲ ସୂତ୍ରରୁ ମିଳିଥିବା ସୂଚନା ଅନୁଯାଇ ଚଳିତ ବର୍ଷ ଏ ଯାବତ ଏହି ତହସିଲରେ ୬୩୩ଜଣ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ତନ୍ମ ମଧରେ ୩୬୭ ତଫସିଲଭୁକ୍ତ ଜାତି, ୫୧ ଜଣ ତଫସିଲ ଭୁକ୍ତ ଜନଜାତି ଏବଂ ୨୧୫ ଜଣ ଅନ୍ୟାନ୍ୟ ବର୍ଗର ହିତାଧିକାରୀ ଉପକୃତ ହୋଇପାରିଛନ୍ତି। ସେମାନଙ୍କୁ ୨୫ଏକର ୩୨୦ ଡିସିମିଲ ସରକାରୀ ଜମି ଆବର୍ଣ୍ଟନ କରାଯାଇ ସାରିଥିବା ପ୍ରକାଶ।

■ ବଲାଙ୍ଗୀର ଲୋକଉତ୍ସବ ଉଦ୍‌ଯାପିତ

# ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା

**ବଲାଙ୍ଗୀର ଅଫିସ, ୧୩।୧୧**

ସ୍ୱାଧୀନତା ପରେ ବଲାଙ୍ଗୀର ଜିଲାର ବିକାଶ ହୋଇଛି । ତେବେ ଅନ୍ୟ ଜିଲାମାନଙ୍କ ହିସାବରେ ଯେତିକି ବିକାଶ ହେବା କଥା ହୋଇନାହିଁ । ଏଣୁ ଜିଲାର ବିକାଶକୁ କ୍ଷୀପ୍ରତର କରିବାକୁ ହେଲେ ସମସ୍ତଙ୍କ ସମ୍ମିଳିତ ଉଦ୍ୟମ ଲୋଡା । ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି ସମସ୍ତେ ଏଥିରେ ଭାଗିଦାରୀ କରିବାକୁ ପଡିବ ଓ ନିଜ ନିଜ କ୍ଷେତ୍ରରେ ଉଦ୍ୟମ କରିବାକୁ ହେବ । କଳା ଓ ସଂସ୍କୃତିର ବିକାଶ ହେଲେ ଗୋଟିଏ ଅଞ୍ଚଳର ବିକାଶ ତ୍ୱରାନ୍ୱିତ ହୋଇଥାଏ । କଳାର ବିକାଶ ଘଟୁଛି, ତେବେ ସଂସ୍କୃତିର ବିକାଶ ଦିଗରେ ମଧ ଉଦ୍ୟମ କରିବାକୁ ହେବ । ବଲାଙ୍ଗୀରରେ କଳା, ସଙ୍ଗୀତ ଓ ସଂସ୍କୃତି ବିଶ୍ୱବିଦ୍ୟାଳୟ ପାଇଁ ପ୍ରସ୍ତାବ ଦିଆଯାଇଛି । ଏହା ସ୍ୱାଗତଯୋଗ୍ୟ। ଏ ଦିଗରେ ତାଙ୍କର ସବୁ ପ୍ରକାର ସହଯୋଗ ରହିବ। ପଶ୍ଚିମ ଓଡିଶା ବିକାଶ ପରିଷଦ ୨୦୦୮ ମସିହାରୁ କୋଶଳ କଳାମଣ୍ଡଳରେ ସାଂସ୍କୃତିକ ପ୍ରକଳ୍ପ ପାଇଁ ଅର୍ଥମଞ୍ଜୁର ହୋଇଛି ଓ ଆଗକୁ ଆହୁରି ଅର୍ଥ ଆଣି ବିକାଶ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ସ୍ଥାନୀୟ ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ର ଲୋକଉତ୍ସବ ଉଦ୍‌ଯାପନୀ ଉତ୍ସବରେ ମତବ୍ୟକ୍ତ କରିଥିଲେ । କୋଶଳ କଳାମଣ୍ଡଳ ଟ୍ରଷ୍ଟବୋର୍ଡ ଶୀଘ୍ର ପୁର୍ନଗଠନ କରି କୋଶଳ କଳାମଣ୍ଡଳର ବିକାଶ ଦିଗରେ କାର୍ଯ୍ୟ କରାଯାଇପାରିବ ଓ ଏଦିଗରେ ଜିଲାପାଳ ପଦକ୍ଷେପ ନେବେ ବୋଲି ମିଶ୍ର କହିଥିଲେ। ଆଗାମୀ ବିଧାନଭାରେ ଲୋୟର ସୁକ୍‌ତେଲ ପ୍ରକଳ୍ପ, କୃଷି ବିଶ୍ୱବିଦ୍ୟାଳୟ ଭଳି ଦାବି ଯୋରଦାର ହେବ ଓ ଏଥିରେ ସମସ୍ତ ଜନପ୍ରତିନିଧି ଓ ଜିଲାବାସୀଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ । ଜିଲାପାଳ ଅରିନ୍ଦମ ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ସମ୍ମାନିତ ଅତିଥିଭାବେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ, ବର୍ଷୀୟାନ ସିନେ ଅଭିନେତା ସତ୍ୟନାରାୟଣ ବେହେରା, ଅତିଥି କଳାକାର ଯୋଗେଶ୍ୱର ମିଶ୍ର ମଞ୍ଚାସୀନ ହୋଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ସଭା ସଂଯୋଜନା କରିଥିଲେ।

ସଭାପତୀୟ ଅଭିଭାଷଣରେ ଜିଲାପାଳ ଡାକୁଆ ସମସ୍ତଙ୍କ ସହଯୋଗରେ ଲୋକଉତ୍ସବ ସଫଳ ହୋଇଛି । କଳାକାରମାନେ କଳା ପ୍ରଦର୍ଶନ କରିଛନ୍ତି।



ଆକାଶବାଣୀ କଣ୍ଠଶିଳ୍ପୀ ମନୋଜ ମହାନ୍ତିଙ୍କୁ ମୁଖ୍ୟଅତିଥି ବିଧାୟକ ନରସିଂହ ମିଶ୍ର ସମ୍ବର୍ଦ୍ଧିତ କରୁଛନ୍ତି।

## କୋଶଳ କଳାମଣ୍ଡଳ ଟ୍ରଷ୍ଟବୋର୍ଡ ପୁନର୍ଗଠନ ହେଉ

ସଂସ୍କୃତିର ଉନ୍ନତି ପାଇଁ ସମ୍ମିଳିତ ହୋଇଛନ୍ତି । ଆଗାମୀ ବର୍ଷ ପାଇଁ ଏହି ଅପେକ୍ଷା, ଉତ୍କଣ୍ଠା ରହୁ ବୋଲି କହିଥିଲେ। ଏହି ଅବସରରେ ଆକାଶବାଣୀ କଣ୍ଠଶିଳ୍ପୀ ମନୋଜ ମହାନ୍ତିଙ୍କୁ ମୁଖ୍ୟଅତିଥି ବିଧାୟକ ମିଶ୍ର ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥୀ ଧନ୍ୟବାଦ୍ ଦେଇଥିଲେ। ସଭାପରେ ପୃଥ୍ୱୀରାଜ ହାଇସ୍କୁଲ ଛାତ୍ରମାନେ, ନଟରାଜ କଳା ପରିଷଦ, ପଞ୍ଚମ, କଲିକତାର ଇଜେଡ୍‌ସିସିର ନାଗୁଆ ଓ ପାଇକା ନୃତ୍ୟ, ବଲାଙ୍ଗୀର ରାଧାରାଣୀ ସାଂସ୍କୃତିକ ସଂସଦ, ଏସ୍‌ସିଜେଡ୍‌ସିସି ନାଗପୁରର ବଧାଇ ଓ ପନ୍ଥୀ ନୃତ୍ୟ, ପଞ୍ଜାବର ଗିଧା, ଭୁବନେଶ୍ୱର ସଂସ୍କୃତି ବିଭାଗ, ବୌଦ୍ଧ, ମାଲକାନଗିରି, ଜଗତ୍‌ସିଂହପୁର, କନ୍ଧମାଳ, ରାୟଗଡା ଓ ଢ଼େଙ୍କାନାଳ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ସାଂସ୍କୃତିକ ବିଚିତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ସ୍ନେହା ପ୍ରତ୍ୟାଶା ନନ୍ଦ, ସରୋଜ ବିଶ୍ୱାଲ, ରଶ୍ମିତା ନାଗ, ସୁଶୋଭିତା ଗୁରୁ, ଅର୍ଚ୍ଚନା ପାଢୀ, ଶର୍ମିଷ୍ଠା ହୋତା, ସରୋଜ ମହାକୁର, ଶ୍ରୀପଦା ଷଡଙ୍ଗୀ, ବିଦ୍ୟୁଲତା ପଲେଇ, ଜ୍ୟୋତି ରଞ୍ଜନ ପାଣିଗ୍ରାହୀ, ସୁଚରିତା ଚାନ୍ଦ, ରଞ୍ଜନ ପାଣିଗ୍ରାହୀ ସଂଯୋଜନା କରିଥିଲେ । ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ପୁରୁଣା ମଞ୍ଚରେ ଜିଲାସ୍ତରୀୟ ଲୋକନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଲୋକନାଟକ ପ୍ରତିଯୋଗିତାରେ ପୁଇଁତଲାର ଭବାନୀ କଳା ପରିଷଦ ପ୍ରଥମ, ଚିକଲବାହାଲ ରାମଜୀ କଳା ପରିଷଦ ଦ୍ୱିତୀୟ ଏବଂ ବିନୋଦ ବିହାରୀ ଓ ସାଥୀ ତମିଆଁ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ଶତପଥି, ମଞ୍ଚ କଳାକାର ରବୀନ୍ଦ୍ର ସାହୁ, କଳାକାର ସୁରେଶ ସାହୁ ଓ ସତ୍ୟ ସୁନ୍ଦର ଭଞ୍ଜ ଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ବଲାଙ୍ଗୀର ଲୋକ ଉତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ମନମୋହିଲା ଲୋକନୃତ୍ୟ



ବଲାଙ୍ଗୀରର ପୃଥ୍ୱୀରାଜ ହାଇସ୍କୁଲ ନୃତ୍ୟ ଦଳ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।



ନଟରାଜ କଳା ପରିଷଦର ନୃତ୍ୟ ଦଳ ପକ୍ଷରୁ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ବଲାଙ୍ଗୀରର ପଞ୍ଚମ ଅନୁଷ୍ଠାନର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।



ବଲାଙ୍ଗୀର ଲୋକଉତ୍ସବରେ ଉପସ୍ଥିତ ଦର୍ଶକ ମଣ୍ଡଳୀ। (ଫଟୋ-ସୁନୀଲ)।

କଣ୍ଟାବାଞ୍ଜି ଜିଲା ଦାବି ପ୍ରସଙ୍ଗ

# ୧୨ଘଣ୍ଟିଆ ବନ୍ଦ ଶାନ୍ତିପୂର୍ଣ୍ଣ

**କଣ୍ଟାବାଞ୍ଜି, ୧୩।୧୧(ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡକୁ ଜିଲା ଦାବି ନେଇ ଗତ ୧ତାରିଖଠାରୁ ଗଣଧାରଣା ଚାଲିଛି। ଏପଟେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ ସ୍ୱତନ୍ତ୍ର ଜିଲା ଦାବି ଜୋର ଧରିଛି। ଏହି ଦାବିରେ ମଙ୍ଗଳବାର ଜିଲା ସଂଘର୍ଷ ସମିତି ୧୨ଘଣ୍ଟିଆ କଣ୍ଟାବାଞ୍ଜି ବନ୍ଦ ଡାକରା ଦେଇଥିଲା। ସହରର ସମସ୍ତ ବ୍ୟବସାୟିକ ଅନୁଷ୍ଠାନ, ସ୍କୁଲ କଲେଜ, ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ ପ୍ରଭୃତି ବନ୍ଦ ଥିଲା । ସକାଳ ୬ଟାରୁ ସଂଘର୍ଷ ସମିତିର ଆବାହକ ଶେଷଦେବ ପୁଟେଲଙ୍କ ନେତୃତ୍ୱରେ ଶତାଧିକ ମହିଳା, ପୁରୁଷ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ହେମାଲ ସଂଘର ସଭ୍ୟ ରାସ୍ତାକୁ ବାହାରି ଆସି ଦୋକାନ ବଜାର ବନ୍ଦ କରିବା ପାଇଁ ଅନୁରୋଧ କରିଥିଲେ। ଯାନବାହାନ ଚଳାଚଳକୁ ବନ୍ଦ ଡାକରାରୁ ବାଦ୍ ଦିଆଯାଇଥିବାରୁ ଗାଡି ମୋଟର ଚଳାଚଳ ସ୍ୱଭାବିକ ରହିଥିଲା। ବନ୍ଦକୁ ବିଭିନ୍ନ ଅନୁଷ୍ଠାନ ସ୍ୱତଃସ୍ଫୁର୍ତ୍ତ ସମର୍ଥନ କରିଥିଲେ। ସ୍ଥାନୀୟ ହେମାଲ ସଂଘ ଭବନରୁ ଆବାହକ ଶେଷଦେବ ପୁଟେଲ, ସମ୍ପାଦକ ବିଦେଶି ବେହେରା, ଜିଲା ସଂଘର୍ଷ ସମିତିର ସଭ୍ୟମାନଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ନଗର ପରିକ୍ରମା ପରେ ସ୍ଥାନୀୟ ତହସିଲଦାର ଭୁବନ କୁମାର ଶତପଥୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଆସନ୍ତା ୩୦ଦିନ ମଧରେ କଣ୍ଟାବାଞ୍ଜିକୁ ଜିଲାର ମାନ୍ୟତା ଦିଆ ନ ଗଲେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବା ପାଇଁ ବାଧ ହେବୁ ବୋଲି ଦାବି ପତ୍ରରେ ଦର୍ଶାଯାଇଛି। ସନ୍ଧ୍ୟା ୬ଟାରେ ବନ୍ଦ ଶାନ୍ତିପୂର୍ଣ୍ଣଭାବେ ଶେଷ ହୋଇଥିଲା। ପୋଲିସ ତରଫରୁ ଆଇନଶୃଙ୍ଖଳା ନିୟନ୍ତ୍ରଣ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।




ଜିଲା ଗଠନ ଦାବିରେ ବାହାରିଥିବା ଶୋଭାଯାତ୍ରା।

■ ଛାତ୍ରୀଙ୍କ ହାତ ପୋଡିଲା

# ସ୍କୁଲ ଘେରିଲେ ଅଭିଭାବକ, ଗ୍ରାମବାସୀ

**ଗୁଡଭେଲା, ୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଏନଏସି ଅଧିନ କପସିଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଜଣେ ଛାତ୍ରୀ ସ୍ୱାଗତିକା ବୁଡେକ ବିଦ୍ୟାଳୟର ସିଆରସିସି ଓ ୭ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପାଇଁ ରୋଷେଇ କରୁଥିବା ବେଳେ ଗରମ ତେଲରେ ହାତ ପାପୁଲି ପୋଡିଯାଇଥିଲା । ଏହାର ପ୍ରତିବାଦରେ ଅଭିଭାବକ ଓ ଗ୍ରାମବାସୀ ସ୍କୁଲକୁ ପ୍ରାୟ ଚାରି ଘଣ୍ଟା ଧରି ଘେରାଉ କରିଥିଲେ । ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଚନ୍ଦ୍ର ଦୋରା ଓ ବ୍ଲକ ଶିକ୍ଷାଧିକାରୀ ଅଖିଳ ଦୀପ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକରୀଙ୍କ ସହ ଆଲୋଚନା କରିଥିଲେ । ଶିକ୍ଷୟିତ୍ରୀଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶୌଚାଳୟ ସଫା କରିବା, ବାରଣ୍ଡା ସଫା କରିବା, ତୁଷୁରାରୁ ଅଣ୍ଡା ଅଣିବା ସହ ନିଜ ପାଇଁ ଖାଦ୍ୟ ପ୍ରସ୍ତୁତ କରିବା କାର୍ଯ୍ୟରେ ନିୟୋଜିତ କରୁଥିବା ଅଭିଭାବକମାନେ ଅଭିଯୋଗ କରିଥିଲେ । ଏହା ଉପରେ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବା ସହ ସମସ୍ତ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳିର ପ୍ରତିଶୃତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା ।

ପ୍ରାପ୍ତ ସୂଚନା ଅନୁଯାଇ ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୨୦୬ ଜଣ ଛାତ୍ରୀଛାତ୍ର ଅଧୟନ କରିଥାନ୍ତି । ୮ଜଣ ଶିକ୍ଷକ ରହିଥିବା ବେଳେ ୬ଟି ଶ୍ରେଣୀ ଗୃହ ରହିଛି। ଶ୍ରେଣୀ ଗୃହ ଅଭାବ ରହିଥିଲେ ମଧ ଗଙ୍ଗାଧର କକ୍ଷକୁ ରୋଷେଇ ଘର ସହ ଶିକ୍ଷକ ଶିକ୍ଷୟିତ୍ରୀ ତଥା ବିଭାଗୀୟ କର୍ମଚାରୀଙ୍କ ଖାଇବା ଘର କରିଛନ୍ତି। ପ୍ରତ୍ୟେକ ଦିନ ପ୍ରାୟ ୮ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ପାଇଁ ଛାତ୍ରୀମାନେ ପାଳି କରି ରୋଷେଇ କରିଥାନ୍ତି। ମଙ୍ଗଳବାର ଛାତ୍ରୀ ସ୍ୱାଗତିକା ବୁଡେକ ଓ ମାନସୀ ରଣା ରୋଷେଇ କରୁଥିଲେ । ଏହି ସମୟରେ ଗରମ ତେଲଥିବା କଡେଇରେ ପାଣିଥିବା ଭାବି ସ୍ୱାଗତିକା ହାତ ଦେଇ ଦେବାରୁ ପୋଡି ଯାଇଥିଲା। ଏହାପରେ ସ୍କୁଲରେ ଉପସ୍ଥିତ ଥିବା ସିଆରସିସି ସଞ୍ଜୟ ସାହୁ, ପ୍ରଧାନଶିକ୍ଷକ ପିତାମ୍ବର କଏଣ୍ଡା ତଥା ସ୍କଲର ଶିକ୍ଷକ ଶିକ୍ଷୟିତ୍ରୀ ଧ୍ୟାନ ନଦେବାରୁ ସ୍ୱାଗତିକା ନିଜ ଘରକୁ ପଳାଇ ଆସି ପରିବାର ଲୋକଙ୍କୁ କହିଥିଲେ । ଏହାପରେ ସ୍ୱାଗତିକାଙ୍କ ବାପା ତାଙ୍କୁ ତୁଷୁରା ଚିକିତ୍ସାଳୟକୁ ଆଣିଥିଲେ। ଖବର ପ୍ରଚାରିତ ହେବା ପରେ ଅଭିଭାବକ ଓ ଗ୍ରାମର ପୂର୍ବତନ ସରପଞ୍ଚ ତେଜରାଜ ସାହୁ, ରଣଜିତ ସାହୁ, ନବଦଳ ସାହୁ, ପ୍ରକାଶ ରଣା, ନିଳମଣୀ ସାହୁ , ତୁଳସୀ ରଣା, ରକି ମହାପାତ୍ର, ଲକ୍ଷ୍ମଣ ରଣା, ମୁନୁ ମିଶ୍ର, ବସନ୍ତ ବେହେରା, ରମେଶ ରଣା ପ୍ରମୁଖ ବହୁ ଗ୍ରାମବାସୀ ସ୍କୁଲକୁ ଯାଇ ପରିଚାଳନା କମିଟି ସଭାପତି ମକରଧ୍ୱଜ ରଣା, ସିଆରସିସି, ପ୍ରଧାନଶିକ୍ଷକଙ୍କୁ ଭେଟିଥିଲେ। ହେଲେ ସମାଧାନ ନ ବାହରିବାରୁ ପରେ ସେମାନେ ସ୍କୁଲ ଘେରାଉ କରିଥିଲେ। ଏ ସମ୍ପର୍କରେ ସ୍କୁଲ କମିଟି ସଭାପତି ରଣା କହିଛନ୍ତି ଯେ, ମୁଁ ଏନେଇ ବିଭିନ୍ନ ମିଟିଂରେ କହିଛି। କିନ୍ତୁ କେହି ମୋ କଥାକୁ ନ ଶୁଣିବାରୁ ଏପରି ଘଟଣା ଘଟିଛି। ଏ ନେଇ ପ୍ରଧାନଶିକ୍ଷକ କଏଣ୍ଡା କହିଛନ୍ତି ଯେ, ସିଆରସିସି ଆଜି ଅଡିଟ ପାଇଁ ଆସିଥିବାରୁ ମୁଁ ଧ୍ୟାନ ଟିକିଏ ଦେଇ ପାରି ନଥିବାର ଏପରି ଘଟଣା ଘଟିଛି । ହେଲେ ଅଣାଯାଇଥିବା ଅନ୍ୟ ଅଭିଯୋଗକୁ ସେ ଖଣ୍ଡନ କରିଥିଲେ । ଏ ନେଇ ସିଆରସିସି ସାହୁ କହନ୍ତି ଯେ, ମୁଁ ଏ ନେଇ କିଛି ଜାଣି ନାହିଁ। ଅଭିଭାବକ ମାନେ ଆସିଲା ପରେ ଜାଣିଲି। ଏ ନେଇ ମୁଁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବି।



ଗୁଡଭେଲା ବ୍ଲକ ଅଧକ୍ଷ ଅଶୋକ ଦୋରା ଓ ବ୍ଲକ ଶିକ୍ଷାଧିକାରୀ ଉକ୍ତ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।



ଯଦି ଶାନ୍ତି ଚାହଁ ତେବେ କାହାର ଦୋଷ ନ ଦେଖି ପ୍ରଥମେ ନିଜ ଦୋଷ ଦେଖ,
ଜଗତକୁ ନିଜର ବୋଲି ଜାଣି ସମସ୍ତଙ୍କୁ ଭଲ ପାଅ।
- ସାରଦା ଦେବୀ



## ସଂକ୍ଷେପରେ

### ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

**ସଇଁତଲା,୧୩।୧୧(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ସଇଁତଲା ନିକଟସ୍ଥ ୨୬ନଂ ଜାତୀୟ ରାଜପଥର କରେଲଧୁଆ ଓ ଗୁର୍ଲାମାଲ ମଧ୍ୟସ୍ଥ ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଜଣେ ବ୍ୟକ୍ତିଙ୍କ ମୃତଦେହ ସଇଁତଲା ଥାନା ପୋଲିସ ଉଦ୍ଧାର କରିଛି। ମୃତଦେହ ନିକଟରେ ଏକ ସାଇକେଲ ପଡିଛି। କୌଣସି ଗାଡି ସାଇକେଲରେ ଯାଉଥିବା ଉକ୍ତ ଆରୋହୀଙ୍କୁ ଧକ୍କା ଦେବାରେ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡୁଛି। ଭାଙ୍ଗି ଯାଇଥିବା ସାଇକେଲ ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଟିଟିଲାଗଡ ପଠାଇଛି ପୋଲିସ। ମୃତ ଯୁବକ ଜଣକ ଦେଓଗାଁ ଫାଣ୍ଡି ଅନ୍ତର୍ଗତ ଜରାସିଂହା ଗ୍ରାମର ସୁଶାନ୍ତ ଦିଗାଲ(୪୫)। ସେ ପାଟଣାଗଡ ଅଞ୍ଚଳରେ ଥିବା ତାଙ୍କ ଶ୍ୱଶୁର ଘରେ ରହୁଥିଲେ ବୋଲି ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି।

### ଟ୍ରକ୍ ପଛରେ ପିଟି ହୋଇ ବାଇକ୍ ଆରୋହୀ ମୃତ

**ଡୁଙ୍ଗୁରିପାଲି, ୧୩।୧୧ (ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ଜାତୀୟ ରାଜପଥ ୨୬ର ଡୁଙ୍ଗୁରିପାଲି ଏଫସିଆଇ ଶ୍ୟାମ ପ୍ୟାଲେସ ନିକଟରେ ଠିଆ ହୋଇଥିବା ଏକ ମାଲ ବୋଝେଇ ଟ୍ରକ ନଂ. ସିଜି ୦୪ ଜେଡି- ୭୭୧୨ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସହଲା ଗ୍ରାମର ଅସାବୁ ସେଠୀ(୨୬)। ବାଇକ ନଂ. ଓଡି ୩୧ ଡି- ୯୧୨୮ରେ ସେ ବରଗଡ ପଟରୁ ଘରକୁ ସୋମବାର ରାତି ପ୍ରାୟ ୯ଟା ବେଳେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଡୁଙ୍ଗୁରିପାଲି ପୋଲିସ ଓ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭୯/୧୮) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ପୋଲିସ ଜବତ କରିଛି।

### ଡିସେମ୍ବର ୩ରୁ ବଲାଙ୍ଗୀର ଜିଲା କ୍ରୀଡା ସଂସଦ ବାର୍ଷିକ କ୍ରୀଡ଼ା

**ବଲାଙ୍ଗୀର ଅଫିସ, ୧୩।୧୧:** ଆସନ୍ତା ଡିସେମ୍ବର ୩ ଓ ୪ତାରିଖ ଦୁଇଦିନ ଧରି ସ୍ଥାନୀୟ ଗାନ୍ଧୀ ଷ୍ଟାଡିୟମରେ କ୍ରୀଡା ସଂସଦର ବାର୍ଷିକ କ୍ରୀଡା ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ବିଭିନ୍ନ ବିଭାଗରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ କ୍ରୀଡାନୁଷ୍ଠାନ, ବିଦ୍ୟାଳୟ, ମହାବିଦ୍ୟାଳୟ, କ୍ଲବ ଏବଂ ବ୍ୟକ୍ତିଗତ କ୍ରୀଡାବିତମାନେ ଚଳିତ ନଭେମ୍ବର ମାସ ୨୦ତାରିଖ ସୁଦ୍ଧା ସେମାନଙ୍କ ନାମ ପଞ୍ଜୀକରଣ ସକାଶେ ନିର୍ଦ୍ଧାରିତ ଫର୍ମରେ ଷ୍ଟାଡିୟମର କାର୍ଯ୍ୟାଳୟରେ କିମ୍ବା ସଂସଦ କ୍ରୀଡା ସମ୍ପାଦକ ବିଭୂତି ଭୂଷଣ ପଣ୍ଡାଙ୍କଠାରେ ଦାଖଲ କରିବା ପାଇଁ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। କ୍ରୀଡାବିତମାନେ ଫର୍ମ ସହିତ ଜନ୍ମଦିନ, ମାସ, ବର୍ଷ ସୂଚିତ ଥିବା ଆଧାରକାର୍ଡ, ସ୍କୁଲ, କଲେଜ ପରିଚୟପତ୍ର, ମେଟ୍ରିକ ପାସ ବୋର୍ଡ ସାର୍ଟିଫିକେଟ ଯେ କୌଣସି ଗୋଟିଏ ନଥିକରି ନିର୍ଦ୍ଧାରିତ ତାରିଖ ମଧ୍ୟରେ ଫର୍ମ ଦାଖଲ ନ କଲେ ପୁନଶ୍ଚ ଫର୍ମ ଗ୍ରହଣ କରାଯିବ ନାହିଁ ବୋଲି ସଂସଦ ସାଧାରଣ ସମ୍ପାଦକ ହରି ନାରାୟଣ ପୂଜାରୀ ସୂଚନା ଦେଇଛନ୍ତି।

ଟିଟିଲାଗଡ଼ ଜିଲା ଦାବି

# ବଢୁଛି ସମର୍ଥନ, ଧାରଣାରେ ବସିଲେ ବିଧାୟିକା

**ଟିଟିଲାଗଡ଼, ୧୩।୧୧(ଡି.ଏନ.ଏ.)**

ଟିଟିଲାଗଡ ଉପଖଣ୍ଡକୁ ଜିଲା ମାନ୍ୟତା ପ୍ରଦାନ ଦାବି ନେଇ ମଙ୍ଗଳବାର ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ଗଣଧାରଣାରେ ସାମିଲ ହୋଇଛନ୍ତି। ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ବିଧାୟିକାଙ୍କ ନେତୃତ୍ୱରେ ସହସ୍ରାଧିକ ଦଳୀୟ କର୍ମୀ ଏକ ଶୋଭାଯାତ୍ରାରେ ଆସି ଗଣଧାରଣାସ୍ଥଳ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ପହଞ୍ଚ ଥିଲେ। ଜିଲା କ୍ରିୟାନୁଷ୍ଠାନ କମିଟିର ଆବାହକ କୃଷ୍ଣଚନ୍ଦ୍ର ସାହୁ, ମୁଖପାତ୍ର ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ମୋହନଲାଲ ଜୈନ, ରଘୁନାଥ ରଥ, ନିହାର ରଞ୍ଜନ ବାବୁ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ଶାସକ ଦଳ ପ୍ରତିନିଧିଙ୍କୁ ଗଣଧାରଣା ମଞ୍ଚରେ ସ୍ୱାଗତ କରିଥିଲେ। ପୂର୍ବରୁ ଟିଟିଲାଗଡ କେସିଙ୍ଗା ରାସ୍ତାରେ ତେଲନଦୀ ପୋଲ, ଟିଟିଲାଗଡ ସହରରେ ରେଳଧାରଣା ଉପରେ ଓଭର ବ୍ରିଜ, ଅଣ୍ଡର ବ୍ରିଜ, ମାତୃଶିଶୁ ଡାକ୍ତରଖାନା, ମେଗା ଉଠା ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଭଳି ଅନେକ ଜନହିତକର ଯୋଜନା, ଟିଟିଲାଗଡକୁ ପୌରାଞ୍ଚଳ ମାନ୍ୟତା ପ୍ରଦାନ ପ୍ରଭୃତି ମୁଖ୍ୟମନ୍ତ୍ରୀ ସହଅଦୟତାର ସହ ବିଚାର କରିଛନ୍ତି। ଟିଟିଲାଗଡ ଉପଖଣ୍ଡବାସୀଙ୍କ ଦୀର୍ଘ ୨୬ ବର୍ଷ ଧରି ଜାରି ରହିଥିବା ଜିଲା ଦାବିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବିଚାର କରିବେ ବୋଲି ବିଧାୟିକା ସାହୁ ଏହି ଅବସରରେ ତାଙ୍କ ବକ୍ତବ୍ୟରେ କହିଥିଲେ। ଆଜିର ଏହି ଗଣଧାରଣାରେ ଶାସକ ଦଳ ପକ୍ଷରୁ ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ପ୍ରେମ ଜୈନ, ପୂର୍ବତନ କାଉନସିଲର ସୁଧିର ମିଶ୍ର, ବ୍ଲକ ସଭାପତି ରଣଜିତ ପୃଷ୍ଟି, ଜିଲା ପରିଷଦ ସଭ୍ୟ ଶଙ୍କର ଛୁରା, ଟିଟିଲାଗଡ ପୌର ପରିଷଦ ଅଧକ୍ଷ ଗୋବର୍ଦ୍ଧନ ନାଗ, ଉପାଧକ୍ଷା ଅଞ୍ଜଳି ବର୍ମା ତଥା ସମସ୍ତ ପୌର କାଉନସିଲର, ଟିଟିଲାଗଡ ପଞ୍ଚାୟତ ସମିତି ଅଧକ୍ଷା ରମାକାନ୍ତି ପୁଟେଲ, ଉପାଧକ୍ଷ ଭୋଦର ମାଝୀ, ବିଧାୟିକା ପ୍ରତିନିଧି ଅରୁଣ ମିଶ୍ର, ଚନ୍ଦ୍ରବଦନ ପୁରୋହିତ, ନଗର ସଭାପତି ଜଗଦୀଶ ମହାଲିଙ୍ଗ, ସଇଁନ୍ତଲା ବ୍ଲକ ସଭାପତି ଦିଲିପ ରାଜପାଲିଆ, ପୂର୍ବତନ ଅଧକ୍ଷା ଗିତା ବିଶି, ଉମାଦେବୀ ଅଗ୍ରୱାଲ, ସୁକାନ୍ତି ପାଢ଼ୀ, ସଇଁନ୍ତଲା ବ୍ଲକ ସରପଞ୍ଚ ସଂଘ ସଭାପତି ହିମାଞ୍ଚଳ ବୁଡେକ, ସରପଞ୍ଚ ମୁନିରାମ ଖର୍ସେଲ, କପିଳ ଭୋଇ, ମନୋଜ କଠାର, ପୂର୍ଣ୍ଣଚନ୍ଦ୍ର ହିଆଲ, ବ୍ଲକ ଯୁବ ବିଜେଡି ସଭାପତି ସଞ୍ଜୟ ବେହେରା, ଜିଲା ଛାତ୍ର ସମ୍ପାଦକ ଆଲୋକ ବୁଡେକ ପ୍ରମୁଖ ଗଣଧାରଣାରେ ସାମିଲ ହୋଇଥିଲେ। ଗତ ୧ତାରିଖଠାରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜାରି ରହିଥିବା ଗଣଧାରଣାରେ ପୂର୍ବରୁ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ ସାମିଲ ହୋଇଥିବା ବେଳେ ସୋମବାର ପୂର୍ବତନ ଏମ୍‌ପି ଶରତ ପଟ୍ଟନାୟକ ଏବଂ ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂଭୋଇ ସାମିଲ ହୋଇଥିଲେ।



ଗଣଧାରଣାସ୍ଥଳରେ ବିଧାୟିକା ଟୁକୁନୀ ସାହୁ ଉଦ୍‌ବୋଧନ ଦେଉଛନ୍ତି।

### କଲ୍ୟାଣ ମଣ୍ଡପର ଶିଳାନ୍ୟାସ

**ଦେଓଗାଁ,୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ କୁତୁର୍ଲା ପଞ୍ଚାୟତ ଅନ୍ତର୍ଗତ ବହଲିରେ ନିର୍ମାଣ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭ୍ୟ ଶୁଶୀଲ କୁମାର ଚାନ୍ଦଙ୍କ ପରିଚାଳନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଏମ୍‌ପି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ୧୦ ଲକ୍ଷଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା କଲ୍ୟାଣ ମଣ୍ଡପର ଶିଳାନ୍ୟାସ କରିଥିଲେ । ସମ୍ମାନୀତଭାବେ ଏମପି ପ୍ରତିନିଧି ଉମା ଶଙ୍କର ସିଂ, ସ୍ଥାନୀୟ ସରପଞ୍ଚ ବଡ ପଧାନ, ସମିତିସଭ୍ୟା ରଞ୍ଜୁ ଭୋଇ, କୈଳାସ ମହାନ୍ତି, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ, ଶୈଳେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ପ୍ରାଣବନ୍ଧୁ ପୁରୋହିତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଦେବରାଜ ଭୋଇ, ଘନଶ୍ୟାମ ପ୍ରଧାନୀ, କିର୍ତ୍ତିରାଜ ବାଗ, ବୁଦ୍ଧଦେବ ପରୁଆ, କୁମୁଦ ପୋଡ଼, କପିଳେଶ୍ୱର ପଧାନ, ସୁନୁ ପୋଡ଼, ସୁଧିର ପୋଡ଼, ସୁନୀଲ ପୁରୋହିତ, ଅରୁଣ ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ବିଜେଡିର ଜନ ସମ୍ପର୍କ ପଦଯାତ୍ରା

**କଲମପୁର,୧୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଜମରା ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଜନସମ୍ପର୍କ ପଦଯାତ୍ରା ଧର୍ମଗଡ ବିଧାୟକ ପୁଷ୍ପେନ୍ଦ୍ର ସିଂଦେଓଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଦଳୀୟ କର୍ମୀମାନେ ଦୁଲକିବନ୍ଧଠାରେ ଏକତ୍ରିତ ହୋଇଥିଲେ । ସେଠାରେ ବ୍ଲକ ସଭାପତି ପ୍ରଦୀପ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସେଥିରେ ଧର୍ମଗଡ ବିଧାୟକ ସିଂଦେଓ, ବ୍ଲକ ଅଧ୍ୟକ୍ଷା ମଞ୍ଜୁଳା ସାହୁ, ସରପଞ୍ଚ ମଧୁଛନ୍ଦା ଭଞ୍ଜ, ବନଜା ବାସିନୀ ମହାପାତ୍ର, ଶ୍ୟାମ ସୁନ୍ଦର ପଣ୍ଡା, ଚେରୁ ନାଏକ, ସଦାନନ୍ଦ ଚନ୍ଦନ, ବିଜୁ ଯୁବ ବାହିନୀ ବ୍ଲକ ସଂଯୋଜକ ମନୋଜ କୁମାର ନାଏକ ପ୍ରମୁଖ ଯୋଗଦେଇଥିଲେ । ବିଧାୟକ ସିଂଦେଓ ବିଜୁ ଜନତା ଦଳର ବିଭିନ୍ନ ଜନ ହିତକାରୀ ଯୋଜନାଗୁଡିକ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହ କେନ୍ଦ୍ର ସରକାରଙ୍କୁ ତୀବ୍ର ନିନ୍ଦା କରିଥିଲେ । ଗତ ୪ ବର୍ଷ ମଧ୍ୟରେ କେଉଁ ସରକାର ଏହି ଅଞ୍ଚଳରେ କେତେ କାର୍ଯ୍ୟ କରିଛି ତାହା ସମୀକ୍ଷା କରିବାର ସମୟ ଆସିଛି ବୋଲି କହିଥିଲେ। ଏହାପରେ ଦଳିୟକର୍ମୀମାନେ ଦୁଲକିବନ୍ଧ ପିପଲଖାବର ଦେଇ ବିଜମରା, ପାଣିଗାଁ ହୋଇ ଡୁମେରମୁଣ୍ଡା ଯାଏ ଦୀର୍ଘ ୭ କି.ମି. ଜନ ସମ୍ପର୍କ ପଦଯାତ୍ରା କରିଥିଲେ । ବିଜମରା, ପାଣିଗାଁଠାରେ ବିଧାୟକଙ୍କୁ ସ୍ୱାଗତ କରାଯାଇଥିଲା ଏବଂ ସଭାର ଆୟୋଜନ କରାଯାଇଥିଲା । ଦଳୀୟ କର୍ମୀମାନେ ବିଜୁ ଜନତା ଦଳର ଯୋଜନାଗୁଡିକ ବିଷୟରେ ଲିଫଲେଟ ପ୍ରଦାନ କରିବା ସହ ଲୋକଙ୍କୁ ବୁଝାଇଥିଲେ ।



ବିଜୁ ଜନତା ଦଳ କର୍ମକର୍ତ୍ତା ଓ କର୍ମୀମାନେ ଜନସମ୍ପର୍କ ପଦଯାତ୍ରାରେ ଯାଉଛନ୍ତି ।

କଳାହାଣ୍ଡିରେ ମେଡିକାଲ କଲେଜ ସ୍ଥାପନ ପ୍ରସଙ୍ଗ

## ମେଡିକାଲ କଲେଜ ନାଁରେ ରାଜନୀତି କରୁଛି ବିଜେଡି

**ଭବାନୀପାଟଣା,୧୩।୧୧(ଡି.ଏନ.ଏ.)**

ଦାନ ମାଝି ଘଟଣାକୁ ଘଣ୍ଟ ଘୋଡାଇବା ତଥା ପଞ୍ଚାୟତ ନିର୍ବାଚନରେ ରାଜନୈତିକ ଫାଇଦାର ଲକ୍ଷ୍ୟ ରଖି ୨୦୧୬ ନଭେମ୍ବରରେ ତରବରିଆ ଭାବରେ ଓଡିଶା ସରକାର କଳାହାଣ୍ଡିର ଭଙ୍ଗାବାରିଠାରେ ମେଡିକାଲ କଲେଜର ଶିଳାନ୍ୟାସ କଲେ। ୨୦୧୮ ଶେଷ ଶୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ଶେଷ ହୋଇ ୨୦୧୯-୨୦ ଶୁଦ୍ଧା ପ୍ରଥମ ବ୍ୟାଚର ଆଡମିସନ୍ ଆରମ୍ଭ ହେବ ବୋଲି ଘୋଷଣା କଲେ ଏବଂ ଏହି ମେଡିକାଲ କଲେଜର ନିର୍ମାଣ ୧୦୦ କୋଟି ଟଙ୍କା ବ୍ୟୟରେ ବେଦାନ୍ତ କରିବ ବୋଲି ବୁଝାମଣାପତ୍ର ସ୍ୱାକ୍ଷର ହେଲା। ଏ ଦିଗରେ ଗତ ୨ ବର୍ଷରେ କୌଣସି ପଦକ୍ଷେପ ବା କାର୍ଯ୍ୟ ହେବା ତ ଦୂରର କଥା ପ୍ରସ୍ତାବିତ ସ୍ଥାନରେ ଇଟା ଖଣ୍ଡିଏ ମଧ ପଡିନାହିଁ ବୋଲି ଭାଜପା ଜିଲା ସଭାପତି ପ୍ରଦୀପ୍ତ ନାଏକ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଜିଲା ସଭାପତି ନାଏକ ଆହୁରି କହିଛନ୍ତି ଯେ, ନବୀନ ବାବୁଙ୍କ ରାଜନୈତିକ ଚକ୍ରାନ୍ତ କଳାହାଣ୍ଡି ଜନସାଧାରଣ ବୁଝି ପାରିଥିଲେ ଏବଂ ପଞ୍ଚାୟତ ତଥା ଜିଲା ପରିଷଦ ନିର୍ବାଚନରେ ବିଜେଡିକୁ ଉଚିତ ଶିକ୍ଷା ଦେବା ସହ ଭାଜପା ପ୍ରାର୍ଥୀମାନଙ୍କୁ ବିପୁଳ ପରିମାଣରେ ଭୋଟ ଦେଇ ନିର୍ବାଚିତ କଲେ। ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ, ମେଡିକାଲ କଲେଜ ନାଁରେ ଏହା ଏକ କେବଳ ମିଥ୍ୟା ଘୋଷଣା ଏକ ପ୍ରହସନ ଏବଂ ପ୍ରବଞ୍ଚନା । ଦୁଇ ବର୍ଷ ତଳେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ବେଦାନ୍ତର ସହାଭାଗିତାରେ ୧୦୦ କୋଟି ଟଙ୍କା ବ୍ୟୟରେ ମେଡିକାଲ କଲେଜ ନିର୍ମାଣ କରାଯିବ, ଆଜି ପୁଣି ୨ ବର୍ଷ ପରେ ୨୨୦.୩୦ କୋଟି ଟଙ୍କା କ୍ୟାବିନେଟ ମଞ୍ଜୁରୀ ଦେବା କେବଳ ଏକ ଆଶ୍ୱାସନ ଏବଂ ବର୍ଷ ବର୍ଷ ଧରି ମେଡିକାଲ କଲେଜ ପାଇଁ ଆଶା ବାନ୍ଧିଥିବା କଳାହାଣ୍ଡିବାସୀଙ୍କୁ ପାଇଁ କଟା ଘାରେ ଚୂନ ଦେଲାଭଳି ସେ କହିଛନ୍ତି । ଏହା ବିଜେଡିର ରାଜନୀତି ଚାଲ ବୋଲି ସେ କହିଛନ୍ତି। ଏ ସରକାର କଳାହାଣ୍ଡିବାସୀଙ୍କ ବହୁ ଦିନର ଦାବି ଏବଂ ସ୍ୱପ୍ନକୁ କେବଳ ଧୂଳିସାତ କରିନାହାନ୍ତି ବରଂ ଲୋକଙ୍କ ଆବେଗ, ଆଗ୍ରହ ଏବଂ ସ୍ୱାର୍ଥ ସହିତ ମଧ ଖେଳିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି । ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପ ସଭାପତି ଭାବସିନ୍ଧୁ ମଙ୍ଗରାଜ, ବରିଷ୍ଠ ଭାଜପା ନେତା ଦୟାନିଧି ନାଏକ, ପ୍ରଶାନ୍ତ କୁମାର ସାହୁ, ନରେନ୍ଦ୍ର କୁମାର ଦାସ ଓ ଭାନୁପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଭାଜପା ନେତାମାନେ ସୂଚନା ଦେଉଛନ୍ତି।

## ବୀର୍ସା ମୁଣ୍ଡା ଜୟନ୍ତୀ ପାଇଁ ପ୍ରସ୍ତୁତି

**ପାଟଣାଗଡ, ୧୩।୧୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପାଟଣାଗଡ ଆଦିବାସୀ ଭବନଠାରେ ଆଦିବାସୀ କଲ୍ୟାଣ ସଂଘର କାର୍ଯ୍ୟକାରିଣୀ ବୈଠକ ବ୍ଲକ ସଭାପତି ଅଷ୍ଟରନ୍ ବରିହାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ନଭେମ୍ବର ୧୫ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ବିର୍ସାମୁଣ୍ଡା ଜୟନ୍ତୀ ଉତ୍ସବରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ସ୍ଥିର କରାଯାଇଥିଲା। ଉକ୍ତ ଜୟନ୍ତୀ ସମାରୋହରେ ହେବାକୁ ଥିବା ସାଂସ୍କୃତିକ ଶୋଭାଯାତ୍ରାରେ ସମସ୍ତ ଡକା ଦଳ, ଢାପ ପାର୍ଟି, ଘୁମରା ଦଳ ଓ ଅନ୍ୟାନ୍ୟ ସାଂସ୍କୃତିକ ତଥା ପାରମ୍ପରିକ ଦଳ ସାମିଲ ହେବାକୁ ଆହ୍ୱାନ କରାଯାଇଥିଲା।

## ବିଦ୍ୟାଳୟ, ବ୍ଲକସ୍ତରୀୟ ବିଜ୍ଞାନ ମେଳା


କେସିଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା ଅତିଥିଗଣ ।

**ଜୁନାଗଡ,୧୩।୧୧ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଟୈଗୁଡା ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ୯ଜଣ ଛାତ୍ରୀଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ବିଦ୍ୟାଳୟର ଗଣିତ ଶିକ୍ଷକ ସୁଧୀର କୁମାର ମେହେର ଓ ବିଜ୍ଞାନ ଶିକ୍ଷକ ଶକ୍ତି ପ୍ରସାଦ ମେହେର ଦାୟିତ୍ୱ ତୁଲାଇଥିଲେ। ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେମାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚିଟୈଗୁଡା ସରପଞ୍ଚ ସୁଧୀରା ମେହେର ଯୋଗଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ବେଣୁଧର ମେହେର, ବିଧାନ ଚନ୍ଦ୍ର ମେହେର, ଶେଷଦେବ ମେହେର, ପ୍ରେମଲାଲ ବାଗ, ନିଳାମ୍ବର ମେହେର, ଉପେନ୍ଦ୍ର ମେହେର, ଶିକ୍ଷୟିତ୍ରୀ ଲିଳାବତୀ ମେହେର, ଦୀପାଞ୍ଜଳୀ ମେହେର, ହେମାଙ୍ଗିନୀ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଉକ୍ତ ପ୍ରକଳ୍ପରୁ ମନୋନୀତ ହୋଇଥିବା ଛାତ୍ରୀଛାତ୍ରମାନେ ଆସନ୍ତା ୨୦ ତାରିଖ ବଳଦିଆମା ଠାରେ ହେବାକୁ ଥିବା ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ ଭାଗନେବେ।

**କେସିଙ୍ଗା,(ଡି.ଏନ.ଏ.):** କେସିଙ୍ଗାସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ମେଳାକୁ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଆଫିା ସୁଲତନା ଏବଂ କେସିଙ୍ଗା ବିଦ୍ୟାପୀଠ ପ୍ରଧାନଶିକ୍ଷକ ମଳୟ ଭୋଇଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ବ୍ଲକସ୍ତରୀୟ ବିଜ୍ଞାନମେଳାରେ ପ୍ରାଥମିକସ୍ତରରୁ ୩୭ଟି ଏବଂ ଉଚ୍ଚ ବିଦ୍ୟାଳୟସ୍ତରରୁ ୩୧ଟି ମୋଟ ୬୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥି ମଧ୍ୟରେ ୬ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ କରାଯାଇଥିଲା। ୧୦ଟି ପ୍ରକଳ୍ପ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ନୀଳମାଧବ ପଣ୍ଡା ଓ ମୁଖ୍ୟବକ୍ତା ଭାବେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହରେକୃଷ୍ଣ ଧଳ, ସମ୍ମାନିତ ଅତିଥି ଭାବେ ମଳୟ ଭୋଇ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କେସିଙ୍ଗା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ। ଶେଷରେ ପୁରସ୍କାର ବଣ୍ଟନ କରାଯାଇଥିଲା । ଭୂପେନ୍ଦ୍ର ସିଂ ଧନ୍ୟବାଦ ଅର୍ପଣ କରିଥିଲେ ।


ଚିଟୈଗୁଡାରେ ଅନୁଷ୍ଠିତ ବିଜ୍ଞାନମେଳା ।

## ଜୁନାଗଡ କଳାବିକାଶ କେନ୍ଦ୍ରର ଛାତ୍ରୀ, ପ୍ରଶିକ୍ଷକ ସମ୍ମାନିତ

**ଜୁନାଗଡ,୧୩।୧୧(ଡି.ଏନ.ଏ.)**

ବୌଦ୍ଧ ଟାଉନ ହଲଠାରେ ଗତ ୧୦,୧୧ ଦୁଇଦିନ ଧରି ଚାଲିଥିବା ଜାତୀୟ ନୃତ୍ୟ ଉତ୍ସବରେ କଳାହାଣ୍ଡି ଜିଲା ଜୁନାଗଡ ସହର କଳାବିକାଶ କେନ୍ଦ୍ରର ୬ଜଣ ଛାତ୍ରୀ ଭାଗ ନେଇ ଓଡିଶୀ ନୃତ୍ୟ ପ୍ରଦର୍ଶନ କରି ମାନପତ୍ର, ଟ୍ରଫିସହ ସମ୍ମାନିତ ହୋଇଛନ୍ତି। ସେମାନେ ହେଲେ ପ୍ରିୟଙ୍କା ପ୍ରଧାନ, ସୋନାଲିକା ଧଙ୍ଗଡାମାଝି, ସ୍ନେହାଶ୍ରୀ ସିମରନ ମେହେର, ବର୍ଷା ସାହୁ, ରିଙ୍କି ନାଏକ ଓ ପ୍ରାଚୀ ମିଉଲ। ସେହିପରି ପ୍ରଶିକ୍ଷକ ମାନସ ରଞ୍ଜନ ସେଠି ମଧ ସମ୍ମାନିତ ହୋଇଛନ୍ତି। ତାଙ୍କର ଏହି ସଫଳତାକୁ ନେଇ କଳାହାଣ୍ଡି ଜିଲାର ବିଭିନ୍ନ ମହଲରୁ ସେମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।


ସମ୍ମାନିତ ହୋଇଥିବା ୬ଜଣ ଛାତ୍ରୀ ।

**ସଂକ୍ଷେପରେ**



## ଜାତୀୟ ସେବା ଯୋଜନା ତରଫରୁ ସଫେଇ କାର୍ଯ୍ୟକ୍ରମ

ତୁଣ୍ଡଲା,୧୩।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବେଲଖଣ୍ଡି ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ମହାବିଦ୍ୟାଳୟ ପରିସରରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧାପକ ଦୁର୍ଯ୍ୟୋଧନ ଦାଶଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ସମସ୍ତ ଛାତ୍ରମାନେ ଏକତ୍ରିତ ହୋଇ ସଫେଇ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବୁଦ୍ଧଦେବ ପଧାନ ଓ ଚଉବନ ପଧାନ ଓ ଅଧାପକ ଦୁର୍ଯ୍ୟୋଧନ ବିଶୋଇ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ କରିଥିଲେ ।

## ଜାତୀୟସ୍ତରୀୟ 'ହୋସଲା'ରେ ଭାଗ ନେବେ କଳାହାଣ୍ଡି ଶିଶୁଯତ୍ନ କେନ୍ଦ୍ରର ୨ ଛାତ୍ର

ଭବାନୀପାଟଣା,୧୩।୧୧(ଡି.ଏନ.ଏ.) ଭୁବନେଶ୍ୱରଠାରେ ୧୧ ଓ ୧୨ ତାରିଖ ୨ଦିନ ଧରି ଆୟୋଜିତ ରାଜ୍ୟସ୍ତରୀୟ 'ହୋସଲା' କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଶିଶୁଯତ୍ନ କେନ୍ଦ୍ରର ୨ ଜଣ ଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଉଭୟ ଛାତ୍ର ନୂଆଦିଲ୍ଲୀଠାରେ ଆସନ୍ତା ୨୬ ରୁ ୨୯ ତାରିଖ ଯାଏଁ ଆୟୋଜିତ ହେବାକୁ ଥିବା ଜାତୀୟସ୍ତରୀୟ ହୋସଲା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମନୋନୀତ ହୋଇଛନ୍ତି। କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ନେହେରୁ ସେବା ସଂଘର ହରି ସାହୁ ରାଜ୍ୟସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଡଙ୍ଗରିଗୁଡା ସ୍ଥିତ ବନବାସୀ ସେବା ସମିତି ଛାତ୍ର ସୁମନ୍ତ ସୁନାନୀ ଉଚ୍ଚ ଡିଆଁରେ ରାଜ୍ୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି । ସୋମବାର ଭୁବନେଶ୍ୱରଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ଓଡିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଅତିରିକ୍ତ ନିର୍ଦ୍ଦେଶକ ଗୀତାରାଣୀ ପଟ୍ଟନାୟକ ଅତିଥି ଭାବରେ ଯୋଗଦେଇ ରାଜ୍ୟସ୍ତରୀୟ ଶିଶୁଯତ୍ନ କେନ୍ଦ୍ର ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। କଳାହାଣ୍ଡି ଜିଲାର ଦୁଇ ଜଣ ଛାତ୍ର ଜାତୀୟସ୍ତରୀୟ ହୋସଲା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ କୃତିତ୍ୱ ଅର୍ଜନ କରିଥିବାରୁ କଳାହାଣ୍ଡି ଜିଲା ଶିଶୁ ମଙ୍ଗଳ ସମିତି ଅଧକ୍ଷ ରାଜେଶ କୁମାର ନାଏକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଓ ଜିଲାର ଶିଶୁ ଯତ୍ନ କେନ୍ଦ୍ରଗୁଡିକ ପକ୍ଷରୁ ଅଭିନନ୍ଦ ଜଣାଯାଇଛି ।

ଜିଲା ପରିଷଦ ବୈଠକ

# କୃଷି, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ





ଜିଲା ପରିଷଦ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ (ବାମ)। ବୈଠକରେ ଯୋଗଦେଇଥିବା ସମସ୍ତ ସଭ୍ୟାସଭ୍ୟବୃନ୍ଦ।

**ନୂଆପଡା ଅଫିସ,୧୩।୧୧**

ନୂଆପାଡ଼ା ଜିଲା ପରିଷଦ ବୈଠକ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ନୂଆପଡା ଏକ ଉପାନ୍ତ ଜିଲା। ସରକାର ଏଠିକାର ଉନ୍ନତି ସକାଶେ ବାର୍ଷିକ କୋଟି କୋଟି ଟଙ୍କାର ଯୋଜନା ସବୁ କାର୍ଯ୍ୟାନ୍ୱୟନ କରୁଛନ୍ତି । ହେଲେ ଅଧିକାରୀମାନଙ୍କ ବେପରୁଆ ମନୋଭାବ ଯୋଗୁ ସବୁ ଯୋଜନା ଫସର ଫାଟୁଛି। ଗୋଟିଏପଟେ ଅଧିକାରୀମାନେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କୁ ଉପେକ୍ଷା କରି କୌଣସି କାର୍ଯ୍ୟକ୍ରମରେ ସାମିଲ କରୁ ନ ଥିବା ବେଳେ କୃଷି ଏବଂ ସ୍ୱାସ୍ଥ୍ୟ ସମସ୍ୟା କହୁଣିକୁ ବୋହି ଯାଉଥିବା ନେଇ ଜିଲା ପରିଷଦ ବୈଠକରେ ତୁମ୍ବିତୋଫାନ ସୃଷ୍ଟି ହୋଇଛି । ଦୀର୍ଘ ୪/୫ ଘଣ୍ଟାର ବୈଠକରେ ବିଭିନ୍ନ ସମସ୍ୟା ଉପରେ ଚର୍ଚ୍ଚା ହୋଇଥିବା ବେଳେ କୃଷି ଏବଂ ସ୍ୱାସ୍ଥ୍ୟ ସମସ୍ୟା ଉପରେ ସଭ୍ୟାସଭ୍ୟମାନେ ବିଶେଷ ଗୁରୁତ୍ୱ ଦେଇଥିଲେ।

ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସଭାବନା ସଭାଗୃହରେ ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଡା.ପୋମା ଟୁଡୁ, ସ୍ଥାନୀୟ ବିଧାୟକ ବସନ୍ତ କୁମାର ପଣ୍ଡା, ଖଡିଆଳ ବିଧାୟକ ଦୁର୍ଯ୍ୟୋଧନ ମାଝି, ପିଡି ବୃଷଭ ଚନ୍ଦ୍ର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଜିଲାର ସମସ୍ତ ୧୪ଟି ଜିଲା ପରିଷଦ ସଭ୍ୟାସଭ୍ୟ, ବ୍ଲକ ଅଧ୍ୟକ୍ଷମାନେ ଯୋଗଦେଇଥିଲେ।ଏଥିରେ ପୂର୍ବବୈଠକର ବିବରଣୀ ପାଠ ପରେ ପ୍ରଥମେ କୃଷି ବିଭାଗ ଉପରେ ସବିଶେଷ ଆଲୋଚନା କରାଯାଇଥିଲା। ଏହିକ୍ରମରେ କୃଷି ଅଧିକାରୀମାନେ ହେଡକ୍ୱାର୍ଟରଗୁଡିକରେ ଆରାମରେ ରହୁଥିବାବେଳେ ଚାଷୀଙ୍କ ନିକଟକୁ ଯାଉ ନ ଥିବା ପ୍ରତିନଧିମାନେ ଅଭିଯୋଗ କରିଥିଲେ। ଏପରି କି ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କ ରିହାତି ଯୋଜନାଗୁଡିକରୁ ଫାଇଦା ନେଉଥିବା ଅଭିଯୋଗ କରିଥିଲେ। ଏପରି କି ସିନାପାଲି ଜିଲା ପରିଷଦ ସଭ୍ୟ ପ୍ରିୟ ରଞ୍ଜନ ମେହେର ସେ ଜଣେ ଚାଷୀ ହେଲେ ତାଙ୍କ ନାଁରେ କୌଣସି ସହାୟତା ପାଇନାହାନ୍ତି। ଅଥଚ ଜାଲିଆତି କରି ମିଥ୍ୟା ରିପୋର୍ଟରେ ମୁଗ, ବିରି ଉଠାଣ କରାଯାଇଥିବା ଗୃହରେ ନିଜେ ଉପସ୍ଥାପନ କରିଥିଲେ । ଏହା ଉପରେ ବିଶେଷ ଗୁରୁତ୍ୱ ଦେବାକୁ ଜିଲାପାଳ ଟୁଡୁ ନିର୍ଦ୍ଦେଶ କରିଥିଲେ । ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ହେଲେ ଚାଷୀଙ୍କ ନିକଟକୁ କୌଣସି ଅଧିକାରୀ ଯାଇ ସମବେଦନା ଦେବାର ଦେଖାଯାଉ ନ ଥିବା ନେଇ ବିଧାୟକ ପଣ୍ଡା ବିଷୋଦଗାର କରିଥିଲେ। ସେହିଭଳି ଜିଲାରେ ସ୍ୱାସ୍ଥ୍ୟ ସମସ୍ୟା ସମ୍ପୂର୍ଣ୍ଣ ବିଗିଡିଯାଇଥିବା ନେଇ ସଭ୍ୟମାନେ ସ୍ୱର ଉଠାଇଥିଲେ। ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରୁ ସୁଫଳ ପାଇପାରୁ ନ ଥିବାରୁ ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ଜିଲା ପରିଷଦ ସଭ୍ୟ ଲମ୍ବୋଦର ନିଆଲ ଦାବି ଉଠାଇଥିଲେ। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ କର୍ମୀମାନେ ରହୁ ନ ଥିବାରୁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି । ନିକଟରେ କେଟେନବୁଆଁ ସେବାଶ୍ରମରେ ଛାତ୍ରୀ ମୃତ୍ୟୁ ଭଳି ଘଟଣାମାନ ଏହାର ଉଦାହରଣ । ତେଣୁ କର୍ମୀମାନଙ୍କୁ ସେଣ୍ଟରଗୁଡିକରେ ଚବିଶଘଣ୍ଟା ରହିବାକୁ ନିଶ୍ଚିତ କରିବାକୁ ସଭ୍ୟମାନେ ଦାବି କରିଥିଲେ । ସେହିଭଳି ଜିଲାର ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ତରଫରୁ ଦିଆଯାଇଥିବା ସୂଚନା ମୁତାବକ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧ ଲକ୍ଷ ୪୭ ହଜାର ୭୬୫ ପରିବାରର ମୋଟ ୫ ଲକ୍ଷ ୨୧ ହଜାର ୫୯୫ ଜଣ ଲୋକ ଉପକୃତ ହେଉଥିବାବେଳେ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରୁ ଜିଲାରେ ମୋଟ ୩୮ହଜାର ୯୭ଲୋକଙ୍କୁ ଖାଦ୍ୟ ସାମଗ୍ରୀ ଯୋଗାଇଦେବାର ବ୍ୟବସ୍ଥା କରାଯାଉଥିବା ସୂଚନା ମିଳିଛି । ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ, ଗ୍ରାମ୍ୟ ଉନ୍ନୟନ, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ, ସମାଜ କଲ୍ୟାଣ ବିଭାଗ, ପଞ୍ଚାୟତିରାଜ, ପ୍ରାଣୀ ସମ୍ପଦ, ସମବାୟ ବିଭାଗ ଉପରେ ଗୋଟି ଗୋଟି କରି ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧ୍ୟକ୍ଷ ଭାନୁପ୍ରତାପ ସିଂ ମାଝି, ସେଫାଳି ସଲମା, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

ଜିଲା କଂଗ୍ରେସର କାର୍ଯ୍ୟକାରିଣୀ

# ନିର୍ବାଚନ ବିଗୁଲ୍ ବଜାଇଲା ଜିଲା କଂଗ୍ରେସ

**ଯୋଗଦେଲେ ରାଜ୍ୟ ପଦାଧିକାରୀ**

**ନୂଆପଡା ଅଫିସ,୧୩।୧୧**

ଆଗକୁ ବିଧାନସଭା ନିର୍ବାଚନ ପାଖେଇ ଆସୁଥିବାବେଳେ ଜିଲା କଂଗ୍ରେସ ତରଫରୁ ପ୍ରସ୍ତୁତି ଆରମ୍ଭ କରାଯାଇଛି। ଏହିକ୍ରମରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଏକ ଜିଲା କାର୍ଯ୍ୟକାରିଣୀ ବୈଠକରେ ନର୍ବାଚନ ପାଇଁ ବିଗୁଲ ବଜାଇଛି ଜିଲା କଂଗ୍ରେସ । ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ ବୈଠକରେ ଜିଲା ସଭାପତି ଘାସିରାମ ମାଝି ସଭାପତିତ୍ୱ କରିଥିବାବେଳେ ପ୍ରଦେଶ କଂଗ୍ରେସ କମିଟି ସାଧାରଣ ସମ୍ପାଦକ ସରୋଜ କୁମାର ପାତ୍ର, ପ୍ରଦେଶ କଂଗ୍ରେସ ସମ୍ପାଦକ ଅନାମ ନାଏକଙ୍କ ସହ ଜିଲାର ସମସ୍ତ ଜିଲାସ୍ତରୀୟ ପଦାଧିକାରୀମାନେ ଯୋଗଦେଇଥିଲେ। ଏଥିରେ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ବିଶେଷ ଆଲୋଚନା କରାଯାଇଥିବା ବେଳେ ଆଗାମୀ ନିର୍ବାଚନ ସକାଶେ ନିଜକୁ ପ୍ରସ୍ତୁତ କରିବାକୁ ପଦାଧିକାରୀମାନେ ପରାମର୍ଶ କରିଥିଲେ । ଏଥିପାଇଁ ସମସ୍ତ କର୍ମକର୍ତ୍ତାଙ୍କୁ ଲୋକଙ୍କ ନିକଟତର ହୋଇ କାମ କରିବାକୁ ପଡିବ। ବର୍ତ୍ତମାନ ପରିପ୍ରେକ୍ଷୀରେ ଶାସନ ଦାୟିତ୍ୱରେ ଥିବା ପ୍ରଶାସକମାନଙ୍କ କାର୍ଯ୍ୟାଧାରାରେ ଲୋକେ ଅତିଷ୍ଠ ହେଲେଣି। ସେଥିପାଇଁ ଏଥିରୁ ମୁକ୍ତି ପାଇଁ କଂଗ୍ରେସ କର୍ମୀମାନଙ୍କୁ ଆଗକୁ ଆସିବାକୁ ପଡିବ ବୋଲି ଆହ୍ୱାନ କରିଥିଲେ। ଏହି ଅବସରରେ ୩୦ରୁ ଊର୍ଦ୍ଧ୍ୱ ସଂଖ୍ୟକ ଯୁବକ ଯୁବ କଂଗ୍ରେସରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜଗଦିଶ ସାହୁ, ମହିଳା କଂଗ୍ରେସର ରଶ୍ମୀ ସାହୁ, ସେବା ଦଳର ରଶ୍ମୀ ଶର୍ମା, ଆଲୋକ ଗୁରୁ, ହେମ ଦାସ, ଚୈତରାମ ନାଏକ, ଜିଲା ଯୁବ କଂଗ୍ରେସ ସଭାପତି ସୌରଭ ଚନ୍ଦ୍ରକାର ପ୍ରମୁଖ ଯୋଗଦେଇଥିଲେ ।



ଜିଲା କଂଗ୍ରେସର କାର୍ଯ୍ୟକାରିଣୀ ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଯାଦବ ସମାଜର ବୈଠକ

**ମଣ୍ଡଲ,୧୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା କଲମପୁର ବ୍ଲକ ଅନ୍ତର୍ଗତ ବଲାଗାଁ ଭିରକାପଡାଠାରେ ବ୍ଲକସ୍ତରୀୟ ଯାଦବ ସମାଜର ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲବ ଯାଦବ ସମାଜର ସଭାପତି କୃଷ୍ଣ ସିଂ ଲହଦଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲା ଯାଦବ ସମିତି ସଭାପତି ଡମ୍ବରୁଧର ଲହଦଲ, ଜିଲା ଉପସଭାପତି ତଥା ଓଡିଶା ଉତ୍କଳ ଯାଦବ ମହାସଭା କାର୍ଯ୍ୟକାରୀ ସମ୍ପାଦକ ଧନେଶ୍ୱର ଭାଟି, ଜିଲା ଯାଦବ କମିଟି ଅଭ୍ୟର୍ଥନା କମିଟି ସଭାପତି ହରିଶଙ୍କର ବାଗ, କଲମପୁର ବ୍ଲକ ଯାଦବ ସମାଜ ପୂର୍ବତନ ସଭାପତି କେଦାର ଖର୍ସେଲ, ଉପସଭାପତି ଡମ୍ବରୁଧର ନାଗ, ସମ୍ପାଦକ ସୁଧିର ରଞ୍ଜନ ବାଗ, ଯୁଗ୍ମ ସମ୍ପାଦକ ପ୍ରଶାନ୍ତ କଙ୍କରିଆ, କୋଷାଧ୍ୟକ୍ଷ ଅଭିମନ୍ୟୁ ଲହଦଲ, ନୂଆଗାଁ ଆଞ୍ଚଳିକ ଯାଦବ ସମାଜର ସଭାପତି କିଶୋର ଚନ୍ଦ୍ର ହଂସ, ଶ୍ରୀଧର ବାଗ, ସଦାନନ୍ଦ ଚନ୍ଦନ, ଗଙ୍ଗାରାମ ବାଗ, ସତ୍ୟନାରାୟଣ ବାଗ, ଅଶୋକ କାଣ୍ଡ ପ୍ରମୁଖ ଯୋଗଦେଇଥିଲେ । ବୈଠକରେ ଆସନ୍ତା ୨୦୧୯ ନିର୍ବାଚନରେ ସମସ୍ତ ଯାଦବ ଭାଇ ଏକଜୁଟ ହେବା ପାଇଁ ସ୍ଥିର କରାଯାଇଥିଲା । ଆଞ୍ଚଳିକ ଯାଦବ ସମାଜର ଭବାନୀଶଙ୍କର ଧଙ୍ଗଡା ମାଝି, ଲଛମନ ଚଣ୍ଡି, ଗଗନେଶ୍ୱର ଚଣ୍ଡି, ମହେନ୍ଦ୍ର ଚଣ୍ଡି, ଗୋବିନ୍ଦ ଚନ୍ଦ୍ର ବାଗ ଉପସ୍ଥିତ ରହି ସହଯୋଗ କରିଥିଲେ । ନୂଆଗାଁ ଆଞ୍ଚଳିକ ଯାଦବ ସମାଜର ସଭାପତି କିଶୋର ଚନ୍ଦ୍ର ହଂସ ଧନ୍ୟବାଦ ଦେଇଥିଲେ ।



କଲମପୁର ବ୍ଲକ ବଲାଗାଁ ଭିରକାପଡାଠାରେ ଅନୁଷ୍ଠିତ ବୈଠକରେ ଯାଦବ ସମାଜ ବୃନ୍ଦ ।

## ମ୍ୟୁନିସିପାଲ ହାଇସ୍କୁଲର ୪୭ତମ ବାର୍ଷିକ କ୍ରୀଡ଼ା

**ଭବାନୀପାଟଣା,୧୩।୧୧ (ଡି.ଏନ.ଏ.)**

ସ୍ଥାନୀୟ ଲାଲବାହାଦୂର ଶାସ୍ତ୍ରୀ ଷ୍ଟାଡିୟମଠାରେ ମ୍ୟୁନିସିପାଲ ହାଇସ୍କୁଲର ୪୭ତମ ବାର୍ଷିକ କ୍ରୀଡା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ବିଭୁତି ଭୂଷଣ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଆଥେଲେଟିକ୍ ଆସୋସିଏଶନ୍ ସଭାପତି ଜଗମୋହନ ପଟ୍ଟନାୟକ ମୁଖ୍ୟଅତିଥି ଓ ଜିଲା କ୍ରୀଡା ସଂସ୍ଥା ଉପସଭାପତି ସୁରେନ୍ଦ୍ରନାଥ ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ବାର୍ଷିକ କ୍ରୀଡାକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ବିଶିଷ୍ଟ ଚିତ୍ରଶିଳ୍ପି ତଥା କ୍ରୀଡାବିତ୍ ଚନ୍ଦ୍ରଶେଖର ପଣ୍ଡା ମୁଖ୍ୟଅତିଥି, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ବିଜୟ କୁମାର ସିଂହ ଓ ଜିଲା ଶାରିରୀକ ଶିକ୍ଷା ଅଧିକାରୀ ମହେନ୍ଦ୍ର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ସ୍କୁଲ କ୍ରୀଡା ଶିକ୍ଷକ ସଞ୍ଜୟ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ଅମରେଶ ନେଗୀ, ଜ୍ୟୋତିର୍ମୟୀ ପାତ୍ର, ସରୋଜ ସାହୁ, ବିଜୟଲକ୍ଷ୍ମୀ ତ୍ରିପାଠୀ, ସୁଶିଲ କୁମାର ସାହୁ, ଦୁଃଖିଃଶ୍ୟାମ ଦାସ, ପୂର୍ଣ୍ଣପ୍ରଭା ମିଶ୍ର ଓ ଭଗବାନ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ ।

# ଜିଲାସ୍ତରୀୟ ଲୋକନୃତ୍ୟ, ନାଟକ ପ୍ରତିଯୋଗିତା

**ନୂଆପଡା ଅଫିସ,୧୩।୧୧**

ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ ପରିସରରେ ଜିଲା ଶିକ୍ଷା ବିଭାଗ ତରଫରୁ ଲୋକ ନୃତ୍ୟ ଏବଂ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ବିଜ୍ଞାନ ନିରୀକ୍ଷକ ଅଶ୍ୱିନୀ କୁମାର ଭୋଇ ସଭାପତିତ୍ୱ କରିଥିବାବେଳେ ବ୍ଲକ ଶିକ୍ଷାଧିକାରୀ ରେଶମଲାଲ ନାଏକ ମୁଖ୍ୟଅତିଥି, ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲ ପ୍ରଧାନଶିକ୍ଷକ ଚନ୍ଦ୍ରଶେଖର ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବାବେଳେ ଅମୀୟ ଦାସ, ରାମେଶ୍ୱର ଦାସ, ହରେକୃଷ୍ଣ ସାହୁ ପ୍ରମୁଖ ବିଚାରକ ଭାବରେ ଯୋଗଦେଇଥିଲେ । ଜିଲାର ବିଭିନ୍ନ ପ୍ରାନ୍ତରୁ ମୋଟ ୧୭ଟି ବିଦ୍ୟାଳୟର ଲୋକ ନୃତ୍ୟ ଦଳ ଏବଂ ୧୦ଟି ନାଟକ ଦଳ ଅଂଶ ଗ୍ରହଣ କରି ସେମାନଙ୍କ କଳାକୃତୀ ପ୍ରଦର୍ଶନ କରିଥିଲେ। ନାଟକରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଖରିଆର ରୋଡ ପ୍ରଥମ, ବସ୍ତ୍ରାୟଣୀ ଉଚ୍ଚ ବିଦ୍ୟାଳୟ ଡମଝର ଦ୍ୱିତୀୟ ଏବଂ ନେଗିପାଲି ଆଦର୍ଶ ବିଦ୍ୟାଳୟ ତୃତୀୟ ସ୍ଥାନ ଅକ୍ତିଆର କରିଥିଲା । ସେହିଭଳି ଲୋକ ନୃତ୍ୟରେ ଜିତାମିତ୍ର ଉଚ୍ଚ ବିଦ୍ୟାଳୟ କୋମନା ପ୍ରଥମ, ଜୟକୃଷ୍ଣ ନୋଡାଲ ଉଚ୍ଚ ବିଦ୍ୟାଳୟ ବରଗାଁ ଦ୍ୱିତୀୟ ଏବଂ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମେଣ୍ଢାଟାଳ ତୃତୀୟ ସ୍ଥାନ ଅଧିକାର କରିଛି। କୃତୀ ପ୍ରତିଯୋଗୀ ଆଗାମୀ ଦିନରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜଣାପଡିଛି। କାର୍ଯ୍ୟକ୍ରମକୁ ବିଜ୍ଞାନ ନିରୀକ୍ଷକ ଭୋଇ ପରିଚାଳନା କରିଥିବାବେଳେ କିଶୋର କୁମାର ପରିଡା, ଜୟନ୍ତ ସିଂ ଦେଓ, ସୁକେଶ ଭୋଇ, ମନୋଜ ବାଗ, ବିଷ୍ଣୁ ମେହେରଙ୍କ ସମେତ ନ୍ୟାଶନାଲ ହାଇସ୍କୁଲର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।




ଜିଲାସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ କୃତୀ କଳାକାରମାନେ ।

# ଜିଲାସ୍ତରୀୟ ଜୁନିୟର, ସବ୍‌ଜୁନିୟର ବ୍ୟାଡମିଣ୍ଟନ ଚାମ୍ପିୟନଶିପ ଉଦ୍‌ଯାପିତ

**ଭବାନୀପାଟଣା,୧୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଭବନୀପାଟଣା ସହରସ୍ଥିତ ବ୍ୟାଡମିଣ୍ଟନ ଇଣ୍ଡୋର ଷ୍ଟାଡିୟମଠାରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ଜୁନିୟର ଓ ସବ ଜୁନିୟର ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ସବଜୁନିୟର ବ୍ୟାଡମିଣ୍ଟନ ସିଙ୍ଗିଲ ବାଳକ ବିଭାଗରେ ଦେବଦତ୍ତ ବାଣୁଆ ଚାମ୍ପିୟନ, ଅର୍ପିତ ପଣ୍ଡା ରନର୍ସଅପ, ଡବଲ୍ସରେ ନିତିଶ ବାଣୁ ଓ ଆୟୁଷ୍ମାନ ପଣ୍ଡା ଚାମ୍ପିୟନ ହୋଇଥିଲେ । ରନର୍ସଅପ ସୌମ୍ୟ ପି. ପଣ୍ଡା ଓ ଅର୍ପିତ ପଣ୍ଡା, ଜୁନିୟର ବାଳକ ବିଭାଗରେ ସିଙ୍ଗିଲରେ ଶୁଭାଶିଷ ପଟ୍ଟନାୟକ ଚାମ୍ପିୟନ ଓ ଲୋହିତ ରାଉତ ରନର୍ସଅପ, ଡବଲ୍ସରେ ଶୁଭାଶିଷ ପଟ୍ଟନାୟକ ଓ ଦେବଦତ୍ତ ବାଣୁଆ ଚାମ୍ପିୟନ ଏବଂ ସୌରଭ ବହିଦାର ଓ ଧୃତିସୁନ୍ଦର ଦାସ ରନର୍ସଅପ, ବାଳିକା ବିଭାଗରେ ସିଙ୍ଗିଲରେ ପ୍ରଜ୍ଞା ପରିମିତା ସୋନି ଚାମ୍ପିୟନ ଓ ଭାରତୀ ଭୋଇ ରନର୍ସଅପ ହୋଇଥିଲେ । ଡବଲ୍ସରେ ପ୍ରଜ୍ଞାପରିମିତା ସୋନି ଓ ଭାରତୀ ଭୋଇ ଚାମ୍ପିୟନ, ଗୀତା ସୁନାନି ଓ ଲଳିତା ଜାନୀ ରନର୍ସଅପ ହୋଇଥିଲେ । ସେହିଭଳି ବାଳକ ବିଭାଗରେ ଭାରତ ସୁନାନୀ ଓ ବାଳିକା ବିଭାଗରେ ସୀତା ସୁନାନୀଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ଶୁଭାଶିଷ ପଟ୍ଟନାୟଙ୍କୁ ପୁରସ୍କୃତ କରାଯାଇଥିଲା । ଜାତୀୟ ବ୍ୟାଡମିଣ୍ଟନ କୋଚ ମନୋଜ ସାବତ, ଆଶୋକ ପଣ୍ଡା, ପରେଶ ପ୍ରଧାନ, ସୌରଭ ସାହାଣୀ, ପାର୍ଥବ ସାହୁ, ଜିତନ୍ଦ୍ର ମିଶ୍ର, ସରୋଜ ମହାରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୋମବାର ଉଦ୍‌ଯାପନୀ ଉତ୍ସବରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏସନ୍ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ନମିତାରାଣୀ ସାହୁ, ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପ୍ପୋ, ଉତ୍କଳ ଆଲୁମୁନାର ଅତିରିକ୍ତ ଉପସଭାପତି ରାକେଶ ମିଶ୍ର, ଜିଲା କ୍ରୀଡା ଅଧିକାରୀ ସୁଭାଶିଷ ନାୟକ, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ହେମନ୍ତ ନାଏକ, ଅର୍ନ୍ତଜାତୀୟ ବ୍ୟାଡମିଣ୍ଟନ ଖେଳାଳି ଶ୍ୟାମପ୍ରସାଦ ବାବୁ ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ। ସୁମନ ରଥ ସଭା ପରିଚାଳନା କରିଥିଲେ। କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ ସମ୍ପାଦକ ସନ୍ଦୀପ ମିଶ୍ର ଧନ୍ୟବାଦ ଦେଇଥିଲେ । ଉଦ୍‌ଘାଟନୀ ଉତ୍ସବରେ କଳାହାଣ୍ଡି ବ୍ୟାଡମିଣ୍ଟନ ଆସୋସିଏଶନ୍ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବିଧାୟକ ଅନାମ ନାଏକ, ମହୁରିର ସମ୍ପାଦକ ଭବାନୀଶଙ୍କର ନିଆଲ, ସୁରେଶ ମହାନନ୍ଦ, ବ୍ୟାଡମିଣ୍ଟନ ଆସୋସିଏଶନ୍ ଉପସଭାପତି ରଞ୍ଜିତ ସାହୁ ପ୍ରମୁଖ ଉଦବୋଧନ ଦେଇଥିଲେ।

ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ

# ୪ ବର୍ଷର ଝିଅ ପିଲି ରୋଗରେ ଆକ୍ରାନ୍ତ

- ରୋଗ ଯୋଗୁ ଚାଲି ପାରୁନାହାନ୍ତି
- ମା' ପାଲଟିଛନ୍ତି ସାହାରା

**ଜୁନାଗଡ,୧୩।୧୧(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବାଲିଛଡା ଗ୍ରାମର ପବିତ୍ର ପ୍ରଧାନୀଙ୍କ ୪ ବର୍ଷର ଝିଅ ମାନିନୀ ପିଲି (ଷ୍ଲିନ୍) ରୋଗରେ ଆକ୍ରାନ୍ତ ହୋଇଛନ୍ତି । ଏବେ ସେ ଚଲାବୁଲା କରି ପାରୁନାହାନ୍ତି। ଯାହାକୁ ନେଇ ତାଙ୍କ ବାପା ମା' ଏବେ ଦୁଃଖରେ ଭାଙ୍ଗିପଡିଛନ୍ତି। ଜନ୍ମ ହେବାର କିଛି ଦିନ ପରେ ମାନିନୀଙ୍କ ପେଟ ବଡ ହେବା ଆରମ୍ଭ ହୋଇଥିଲା। ପରେ ବାପା ପବିତ୍ର ଓ ମା' କାଜଲ ମାନିନୀଙ୍କୁ ଧରି ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମାନିନୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ବୁର୍ଲାକୁ ସ୍ଥାନାନ୍ତରିତ କରିଥିଲେ। ତେବେ ପବିତ୍ରଙ୍କ ପାଖରେ ଅର୍ଥ ନ ଥିବାରୁ ମାନିନୀଙ୍କୁ ବୁର୍ଲାକୁ ଚିକିତ୍ସା ପାଇଁ ନ ନେଇ ଘରକୁ ଚାଲି ଆସିଥିଲେ। ସେହିଦନଠାରୁ ମାନିନୀ ଚିକିତ୍ସା ନ ହୋଇ ଘରେ ପଡି ରହିଛନ୍ତି। ବର୍ତ୍ତମାନ ଚିକିତ୍ସା ଅଭାବରୁ ମାନିନୀଙ୍କ ପେଟ ଆସ୍ତେ ଆସ୍ତେ ବଡ ହେବା ଯୋଗୁ ସେ ଚାଲିବୁଲି ପାରୁନାହାନ୍ତି। ଫଳରେ ମାନିନୀଙ୍କ ସାହାରା ଏବେ ତାଙ୍କ ମା' ପାଲଟଛନ୍ତି। ମାନିନୀଙ୍କ ଖାଇବା ପିଇବାଠାରୁ ଆରମ୍ଭ କରି ସମସ୍ତ କାର୍ଯ୍ୟ ତାଙ୍କର ତୁଲାଉଛନ୍ତି। ମାନିନୀଙ୍କ ରୋଗ ଯୋଗୁ ତାଙ୍କ ନଖଗୁଡିକ ମଧ ନଷ୍ଟ ହେଲା ଭଳି ଦେଖାଯାଉଛି। ଅନ୍ୟପଟେ ପବିତ୍ର ଜଣେ ଗରୀବ ଶ୍ରେଣୀର ହୋଇଥିବା ବେଳେ ପ୍ରତିଦିନ କୁଳି ମଜୁରୀ କାମ କରି ପରିବାର ଚଳେଇଥାନ୍ତି। ଏହି କ୍ଷେତ୍ରରେ ଝିଅ ମାନିନିଙ୍କୁ ଅର୍ଥଭାବରୁ ଚିକିତ୍ସା କରାଇ ପାରୁ ନ ଥିବାରୁ ଉଭୟ ସ୍ୱାମୀସ୍ତ୍ରୀ ଏବେ ଦୁଃଖରେ ଭାଙ୍ଗିପଡିଛନ୍ତି। ଏ ନେଇ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡାଙ୍କୁ ପଚାରିବାରୁ ବୁଧବାର ମାନିନୀଙ୍କୁ ଦେଖିବାକୁ ତାଙ୍କ ଘରକୁ ଯିବି, ଦେଖିବା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ମା'ବାପାଙ୍କ ସହ ମାନିନୀ।

## ସଂକ୍ଷେପରେ

### ଯାଞ୍ଚ ସରିଲା, ସମସ୍ତ ପ୍ରାର୍ଥିପତ୍ର କାଏମ

ଜୁନାଗଡ,୧୩।୧୧(ସ୍ୱ.ପ୍ର.) ଆସନ୍ତା ଡିସେମ୍ବର ୬ ତାରିଖରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ୪ଟି ପଞ୍ଚାୟତରେ ସାନି ନିର୍ବାଚନ ପାଇଁ ସୋମବାର ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ମଙ୍ଗଳବାର ପ୍ରାର୍ଥିପତ୍ର ଯାଞ୍ଚ ପରେ ସମସ୍ତ ପ୍ରାର୍ଥିପତ୍ର କାଏମ ଥିବା ଜୁନାଗଡ ବିଡିଓ ପରମବ୍ରହ୍ମ ଯୋଷୀ ପ୍ରକାଶ କରିଛନ୍ତି। ଏହି ପ୍ରାର୍ଥୀମାନେ ହେଲେ ସନ୍ୟାସୀ କୁଣ୍ଡାମାଲ ପଞ୍ଚାୟତ ସରପଞ୍ଚ ପ୍ରାର୍ଥି ଧନେଶ୍ୱର ନିଆଲ, ନରେନ୍ଦ୍ର ହରିଜନ, ପଦ୍ମନାଭ ନିଆଲ, ସଚ୍ଚିଦାନନ୍ଦ ସୁନାନୀ, ସୀତାକାନ୍ତ ଜଗତ ଓ ହେମନ୍ତ ନାଏକ। ସେହିଭଳି ହାବସପୁର ପଞ୍ଚାୟତ ସରପଞ୍ଚ ପାଇଁ ଶ୍ୟାମ ପୂଝାରୀ ଓ ତରୁଣ ମାଝିଙ୍କ ପ୍ରାର୍ଥିପତ୍ର କାଏମ ଥିବା ବେଳେ କଲେଇ ଗାଁ ପଞ୍ଚାୟତର ୮ ନଂ. ୱାର୍ଡ ପାଇଁ ଦୁର୍ଯୋଧନ ରାଉତ ଓ ପୂର୍ବତନ ୱାର୍ଡ ସଭ୍ୟଙ୍କ ପୁଅ ସୁଦାମ ଚରଣ ପାତ୍ର ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଭଇଁରୀଗୁଡା ପଞ୍ଚାୟତ ୭ ନଂ. ୱାର୍ଡ ପାଇଁ ଲକ୍ଷ୍ମୀପ୍ରିୟା ମାଝି ଜଣେ ମାତ୍ର ପ୍ରାର୍ଥୀପତ୍ର ଦାଖଲ କରି ନିର୍ଦ୍ୱନ୍ଦରେ ବିଜୟୀ ହୋଇଛନ୍ତି।



### ଆଇନ ସଚେତନତା ଶିବିର, ପରିଚୟପତ୍ର ବଣ୍ଟନ

ଭବାନୀପାଟଣା,୧୩।୧୧(ଡି.ଏନ.ଏ.) କଳାହାଣ୍ଡି ଜିଲା ଆଇନସେବା ପ୍ରାଧିକରଣ ଆନୁକୁଲ୍ୟରେ ମଙ୍ଗଳବାର ଜୟପାଟଣା ବ୍ଲକସ୍ଥିତ ଅଭ୍ୟର୍ଥନା ଗୃହରେ ଅଣସାଙ୍ଗଠନୀକ ଶ୍ରମିକମାନଙ୍କ ପଇଁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲା ଆଇନସେବା ପ୍ରାଧିକରଣ ସଚିବ ଇନ୍ଦିରା ପ୍ରିୟଦର୍ଶିନୀଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଗ୍ରାମପଞ୍ଚାୟତ ଅଫିସର ସ୍ୱେତାମ୍ବରି ପ୍ରଧାନୀ, ଜିଲା ଲେବର ଇନ୍ସପେକ୍ଟର ଜୟନ୍ତ କୁମାର ପଣ୍ଡା, ପାରାଲିଗା ଭଲେଣ୍ଟ୍ୟର ଓ ବହୁ ସଂଖ୍ୟାରେ ଅଣସାଙ୍ଗଠନିକ ଶ୍ରମିକମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମର ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ଚିହ୍ନଟ, ନାମପଞ୍ଜୀକରଣ କରାଯିବା ସହ ୧୩ଜଣ ଶ୍ରମିକଙ୍କୁ ଶ୍ରମିକ ପରିଚୟପତ୍ର ବଣ୍ଟନ କରାଯାଇଥିଲା ।

# ସ୍କୁଲ ମିଶ୍ରଣକୁ ଗ୍ରାମବାସୀଙ୍କ ବିରୋଧ

ଜୁନାଗଡ,୧୩।୧୧ (ଡି.ଏନ.ଏ./ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ମୁଣ୍ଡରାଗୁଡାରେ ଦୁଇଟି ସ୍କୁଲ ମିଶ୍ରଣକୁ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଗ୍ରାମବାସୀ ବିରୋଧ କରିଛନ୍ତି। ଏହାକୁ ନେଇ ମଙ୍ଗଳବାର ସେଠାରେ ଉତ୍ତେଜନା ଦେଖାଦେଇଛି। ଗ୍ରାମବାସୀ ବିଦ୍ୟାଳୟ ପ୍ରଧାନଶିକ୍ଷକ ନନ୍ଦି କିଶୋର ନାଏକ ଓ ସ୍ଥାନୀୟ ସିଆରସିସି ସୁବାସ ଚନ୍ଦ୍ର ଶବରଙ୍କୁ ଅପରାହ୍ନ ୩ଟାରେ ସ୍କୁଲରେ ତାଲା ପକାଇ ଦେଇଥିଲେ। ଖବର ପାଇ ଘଣ୍ଟାଏ ପରେ ଚିଲଗୁଡା ଫାଣ୍ଡି ଏଏସ୍ଆଇ ଅଶୋକ କୁମାର ବିହାରୀ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ଉଭୟ ପ୍ରଧାନଶିକ୍ଷକ ଓ ସିଆରସିସିଙ୍କୁ ଉଦ୍ଧାର କରିଥିଲେ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ମୁଣ୍ଡରାଗୁଡାରେ କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୨ଟି ସ୍କୁଲ ରହିଛି। ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଚିଲକପୁର ମୌଜାରେ ରହିଛି। ସରକାର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ମିଶ୍ରଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାର ଆଦେଶ ପତ୍ରକୁ ଧରି ମଙ୍ଗଳବାର ୩ଟାରେ ମୁଣ୍ଡରାଗୁଡା ସିଆରସିସି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପହଞ୍ଚିଥିଲେ। ସ୍ଥାନୀୟ ସ୍କୁଲ ପରିଚାଳନା କମିଟି ଓ ଚିଲକପୁର ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ପରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଓ ସିଆରସିସିଙ୍କୁ ସ୍କୁଲରେ ତାଲା ପକାଇଦେଇଥିଲେ। ଖବର ପାଇ ଘଣ୍ଟାଏ ପରେ ଚିଲଗୁଡା ଏଏସ୍ଆଇ ଅଶୋକ ବିହାରୀ ଘଟଣା ସ୍ଥଳରେ ପହଞ୍ଚି ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କୁ ବୁଝାସୁଝା କରି ଉଭୟଙ୍କୁ ଉଦ୍ଧାର କରିଥିଲେ। ଅନ୍ୟପକ୍ଷରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୧୯୧ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଏହି ସ୍କୁଲଟି ୩ ଶହ ମିଟର ଦୂର ମୁଣ୍ଡରାଗୁଡା କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ ହେଉଥିବାରୁ ଚିଲକପୁର ଗ୍ରାମବାସୀ ଓ ସ୍କୁଲ ପରିଚାଳନା କମିଟି ସଦସ୍ୟମାନେ ବିରୋଧ କରିଛନ୍ତି। ତାଲା ପକାଇବା ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ଅଜୟ ପ୍ରହରାଜ, ବଂଶୀଧର ନାଏକ, କୁମୁଦ ମାଝି, ସୁଶାନ୍ତ ପ୍ରହରାଜ, ଦୁନେଶ ପାନ, ଉମାଶଙ୍କର ଗହୀର, ଉଦ୍ଧବ ହଂସ, ଭୁବନେଶ୍ୱର ଗହୀର, କୁମୁଦ ମାଝି, କୁରୁତ ଖର୍ସେଲ ପ୍ରମୁଖ ଉପସ୍ଥିତ ଥିଲେ।


ସ୍କୁଲ ପରିଚାଳନା କମଟି ସଦସ୍ୟ ଓ ଗ୍ରାମବାସୀ ମୁଣ୍ଡରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ତାଲା ପକାଇଛନ୍ତି ।

**ମୁଣ୍ଡରାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

- ପ୍ରଧାନଶିକ୍ଷକ, ସିଆରସିସିଙ୍କୁ ସ୍କୁଲରେ ତାଲା ପକାଇଲେ

## ଭାଟିଗାଁଠାରେ ସଫେଇ କାର୍ଯ୍ୟକ୍ରମ

ମଣ୍ଡଲ,୧୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ମଣ୍ଡଲ ପଞ୍ଚାୟତ ଭାଟିଗାଁଠାରେ ବିଶ୍ୱ ପାଇଖାନା ଦିବସ ଓ ପରିମଳ ସ୍ୱଚ୍ଛତା ଜନସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଙ୍ଗନୱାଡି କର୍ମୀ ସଂଯୁକ୍ତା ସାହୁ ଏବଂ ଆଶ କର୍ମୀ ସତ୍ୟଭାମା ଦୁର୍ଗାଙ୍କ ଆୟୋଜନରେ ଏହି ସଫେଇ କାର୍ଯ୍ୟକ୍ରମରେ ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମା' ରତ୍ନେଶ୍ୱରୀ, ମା' ସରସ୍ୱତୀ ଏବଂ ମା' ଅମ୍ବିକା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ଗାଁର ଲୋକଙ୍କ ସହ ଏକଜୁଟ ହୋଇ ଅଙ୍ଗନୱାଡି କେନ୍ଦ୍ରଠାରେ ସମସ୍ତେ ଶପଥ ପାଠ କରିଥିଲେ । ପରେ ସମସ୍ତେ ବାହାରେ ମଳତ୍ୟାଗ କରନ୍ତୁ ନାହିଁ, ପାଇଖାନା ବ୍ୟବହାର କରନ୍ତୁ, ଖାଇବା ପୂର୍ବରୁ ହାତ ଧୁଅନ୍ତୁ, ଗାଁ ପରିବେଶ ସଫା ରଖନ୍ତୁ, ଘର ଚାରିପାଖ ସଫାସୁତୁରା ରଖନ୍ତୁ, ଘର ପାଖରେ ପାଣି ଜମା କରନ୍ତୁ ନାହିଁ ଏବଂ ଘରେ ପାଇଖାନା ତିଆରି କରିବା ପାଇଁ ସଚେତନତା ରାଲି କରି ଗାଁ ଲୋକଙ୍କୁ ବୁଝାଇଥିଲେ । ଏହି କାର୍ଯ୍ୟକ୍ରମରେ ଭାଟିଗାଁର ୯ ନଂ ୱାର୍ଡ ସଭ୍ୟ ନୃସିଂହ ବାଗ, ୧୦ ନଂ. ସଭ୍ୟ ବୈବସ୍ୱତି ଲହଦଲ, ବସନ୍ତ ସାହୁ, ଅଙ୍ଗନୱାଡି ସହକାର୍ଯ୍ୟକାରିଣୀ ସ୍ୱାଦେଇ ଘି, ସୁଷମା ମହାଲିକ, ଇନ୍ଦୁମଣି ରଣା, ଅମ୍ବିକା ଗହିର, ବୈଦ୍ୟନାଥ ରଣା, ଜଗା ଦାସ, ଗୋମତି ବାଗ, ସୁକନ ବାଗ, ସରୋଜିନି ମାଝି ଓ ଜ୍ୟୋତ୍ସ୍ନା ରଣା, ପଙ୍କଜିନି ମାଝି, ତୁଳାବତି ରଣା, ପ୍ରମୋଦିନୀ ନିମୁଲିଆ, ଚନ୍ଦ୍ରିକା ବାଗ ପ୍ରମୁଖ ଗାଁରୁ ବାହାରି ଭାଟିଗାଁ ଅଙ୍ଗନୱାଡି କେନ୍ଦ୍ର, ଜଗନ୍ନାଥ ମନ୍ଦିର ଏବଂ ଗାଁର ମୁଖ୍ୟ ରାସ୍ତାଗୁଡିକ ସଫା କରିଥିଲେ । ପରେ ଗାଁର ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନଙ୍କୁ ତାଲିମ ଦିଆଯାଇଥିଲା ।


କଲମପୁର ବ୍ଲକ ମଣ୍ଡଲ ପଞ୍ଚାୟତ ଭାଟିଗାଁଠାରେ ସଫେଇ କରାଯାଉଛି ।

## ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ ଅଧିକାରୀ ସଂଘର ଅଧିବେଶନ

ଭବାନୀପାଟଣା,୧୩।୧୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ନିକଟବର୍ତ୍ତି ଜାରିଙ୍ଗଠାରେ ରାଜ୍ୟ ପ୍ରାଣୀଧନ ଚିକିତ୍ସା ବିଭାଗ ଦ୍ୱାରା ପରିଚାଳିତ ଛେଳି ପାଳନ କେନ୍ଦ୍ରଠାରେ ରବିବାର ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ ଅଧିକାରୀ ୟୁନିଟ୍ କଳାହାଣ୍ଡି ୧୪ଶତମ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଧର୍ମଗଡ ଏସ୍.ଡି.ଭି.ଓ ଡା. ପ୍ରଶାନ୍ତ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଭବାନୀପାଟଣା ଏସ୍.ଡି.ଭି.ଓ ଡା. ଗିରିଶ ଚନ୍ଦ୍ର ମହାନ୍ତି ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଜିଲା ଅଣଗେଜେଟେଡ କର୍ମଚାରୀ ସଂଘ ସଭାପତି ରୂପକେଶରୀ ଦଳେଇ ଓ ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମ୍ପାଦକ ଅଭିମନ୍ୟୁ ମହାନନ୍ଦ, ଅଣଗେଜେଟେଡ ପ୍ରାଣୀ ଚିକିତ୍ସା ବୈଷୟିକ ଅଧିକାରୀ ୟୁନିଟ୍ କଳାହାଣ୍ଡି ସଭାପତି ଦିଲୀପ କୁମାର ପାଢୀ ଓ ସମ୍ପାଦକ ଜ୍ୟୋତିଶଙ୍କର ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜିଲା ୟୁନିଟ୍ ସମସ୍ତ କର୍ମକର୍ତ୍ତାଙ୍କ ସହ ସଦସ୍ୟମାନେ ମଧ ଉପସ୍ଥିତ ଥିଲେ । ଏହି ଅବସରରେ ୟୁନିଟ୍‌ର ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋଚନା କରାଯିବା ସହ ସଦସ୍ୟମାନଙ୍କ ମଧ୍ୟରେ ଅଧିକ ବୁଝାମଣା ରହିଲେ ସଂଘ ଶକ୍ତିଶାଳୀ ହୋଇ ପାରିବ ବୋଲି ଉପସ୍ଥିତ ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ଆଗାମୀ ଦିନ ନିମନ୍ତେ କଳାହାଣ୍ଡି ୟୁନିଟ୍ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା । ଜିଲା ୟୁନିଟ୍‌ର ନୂତନ ସଭାପତି ଭାବେ ଅଶୋକ କୁମାର ସାହୁ ଓ ସମ୍ପାଦକ ଭାବେ ସତ୍ୟନାରାୟଣ ଭଞ୍ଜ ଓ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇ ଆନୁଷ୍ଠାନିକ ଭାବେ ଶପଥ ଗ୍ରହଣ କରିଥିଲେ । ୟୁନିଟ୍‌ର ପୂର୍ବତନ ଉପସଭାପତି ତନୁଜା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟସ୍ତରୀୟ ସୁରଭିରେ ଜୁନାଗଡର ୨ କଣ୍ଠଶିଳ୍ପୀ

ଜୁନାଗଡ,୧୩।୧୧(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ଆଦର୍ଶ ବିଦ୍ୟାଳୟ ୨ ଜଣ ଛାତ୍ରୀଛାତ୍ର ବିନାୟକ ଭରତ ଓ ସୁପ୍ରିୟା ବେହେରା ଶିଶୁ ଦିବସ ଅବସରରେ ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପଇଁ ମନୋନୀତ ହୋଇଛନ୍ତି। ଏହି ଦୁଇ ଜଣ ଯଥାକ୍ରମେ ଜିଲାସ୍ତରୀୟ ସୁରଭି ଓ ଜୋନାଲସ୍ତରୀୟ କଳା ମହୋତ୍ସବରେ କଣ୍ଠ ସଙ୍ଗୀତରେ ଚାମ୍ପିୟନ ହୋଇ ରାଜ୍ୟକୁ ଉତ୍ତୀର୍ଣ୍ଣ ହୋଇଛନ୍ତି। ଆଦର୍ଶ ବିଦ୍ୟାଳୟର ସଙ୍ଗୀତ ଶିକ୍ଷକ ଶାନ୍ତନୁ ନାୟକ ତତ୍ତ୍ୱାବଧାନରେ ଏହି ଦୁଇ ଜଣ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲେ। ଅନ୍ୟପକ୍ଷରେ ଯନ୍ତ୍ର ସଙ୍ଗୀତରେ ଚନ୍ଦନ କୁମାର ଧଙ୍ଗଡାମାଝି ଜୋନସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରକାଶ ଥାଉକି କୋରାପୁଟ ଜୋନ ନବରଙ୍ଗପୁର, ମାଲକାନାଗିରି, ରାୟଗଡା, କଳାହାଣ୍ଡି ଓ କୋରାପୁଟ ଜିଲାକୁ ନେଇ ଗଠିତ। ଏଥିରେ ଯୋଗଦେଇ ସୁପ୍ରିୟା ବେହେରା କଣ୍ଠ ସଙ୍ଗୀତରେ ଚାମ୍ପିୟନ ହୋଇଥିଲେ। ସେହିଭଳି କଳାହାଣ୍ଡି ସୁରଭିରେ ଭାଗ ନେଇ ବିନାୟକ ଭରତ ଚାମ୍ପିୟନ ହୋଇ ରାଜ୍ୟ ସୁରଭିକୁ ମନୋନୀତ ହୋଇଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା: ୧୧୮ ପ୍ରକଳ୍ପ ପ୍ରଦର୍ଶିତ

କଲମପୁର,୧୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କଲମପୁର ବ୍ଲକ ଚୁରାଗାଁ ପ୍ରିୟଦର୍ଶିନୀ ଇନ୍ଦିରା ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ବ୍ଲକସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାକୁ ମୁଖ୍ୟଅତିଥି ବ୍ଲକ ଶିକ୍ଷା ଅଧିକାରୀ ନବିନ କୁମାର ଖମାରୀ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ୧୦ଟି ଉଚ୍ଚ ବିଦ୍ୟାଳୟ, ୫୯ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨ଟି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଶିଶୁ ବୈଜ୍ଞାନିକମାନେ ଭାଗ ନେଇ ୧୧୮ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ସେମାନଙ୍କ ମଧ୍ୟରୁ କନିଷ୍ଠ ବର୍ଗରେ କଲମପୁର ଆଦର୍ଶ ବିଦ୍ୟାଳୟର ଶୁଭଙ୍କର ସାହୁ, ପୋଟେସ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନିତେଶ ପ୍ରଧାନ ଏବଂ ମିନଗୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତାପଶ କୁମାର ମାଝି ଓ ପୀତାମ୍ବର ମାଝି । ବରିଷ୍ଠ ବର୍ଗରେ ଚୁରାଗାଁ ଉଚ୍ଚ ବିଦ୍ୟାଳୟର ରୋହିତ ରାଉତ, ଆଦର୍ଶ ବିଦ୍ୟାଳୟର ନିଖିଲ ନିଆଲ ଏବଂ ତୁଷାର ନିମୁଲିଆ, ବିଜମରା ଉଚ୍ଚ ବିଦ୍ୟାଳୟର ଟଙ୍କଧର ଶବର, କଲମପୁର ଉଚ୍ଚ ବିଦ୍ୟାଳୟର ତୃପ୍ତୀରେଖା ନାଏକ ଜିଲାସ୍ତରକୁ ଯିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବିଦ୍ୟାଳୟ ସଭାପତି ଶୁଶାନ୍ତ କୁମାର ରାଉତ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ଆୟୋଜକ ସମ୍ପାଦକ ଶତୃଘ୍ନ ହରିଜନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କଲମପୁର ବିଡିଓ ହେମ ସାଗର ଭୋଇ ମୁଖ୍ୟଅତିଥି, ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ମୋହନ ସୁନ୍ଦର ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ସମ୍ପ୍ରତି ସମାଜକୁ ବିଜ୍ଞାନର ଦାନ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ବ୍ଲକ ବିଜ୍ଞାନ କମିଟି ସମ୍ପାଦକ ବାଞ୍ଛାନିଧୀ ପଣ୍ଡା ବିବରଣୀ ପାଠ କରିଥିଲେ। ପ୍ରଭାତ କୁମାର ସାହୁ ଏବଂ ପ୍ରଜା ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ରମା ରଞ୍ଜନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।



ବିଜ୍ଞାନ ମେଳାରେ ମଞ୍ଚାସୀନ ଅତିଥି ବୃନ୍ଦ ।

## ମହାବୀର ସାଂସ୍କୃତିକ ଅନୁଷ୍ଠାନ ବାର୍ଷିକ ଉତ୍ସବ

ଭବାନୀପାଟଣା,୧୩।୧୧(ଡି.ଏନ.ଏ.)

କାଳାହାଣ୍ଡି ଜିଲାର କଳା, ସାହିତ୍ୟ ଓ ସଂସ୍କୃତିକ ଅନୁଷ୍ଠାନର ଭୂମିକା ଅତୁଳନୀୟ । ବିଶ୍ୱ ଦରବାରରେ ମହାବୀର ସାଂସ୍କୃତିକ ଅନୁଷ୍ଠାନ ଅକ୍ଷରୁ ଦୀର୍ଘ ୫୪ବର୍ଷ ଧରି ସାଂସ୍କୃତିକ ଜୟଯାତ୍ରାକୁ ଆଗେଇ ନେଇ ଋଦ୍ଧିମନ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି ସୋମବାର ମହାବୀର ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉଦଘାଟନୀ ଉତ୍ସବରେ ଅତିଥିମାନେ ଭାବେ ମତବ୍ୟକ୍ତି କରିଥିଲେ । ଭବାନୀପାଟଣା ସହରସ୍ଥିତ ମହାବିର ସାଂସ୍କୃତିକ ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ଜାତୀୟ ଶିଶୁ ଚିତ୍ରକଳା ପ୍ରଦର୍ଶନୀକୁ ଭୁବନେଶ୍ୱର ଧଉଳି ଆର୍ଟ କଲେଜର ଅଧ୍ୟକ୍ଷ ପଞ୍ଚାୟତ ପାଞ୍ଚାନନ ସାମଲ ଉଦଘାଟନ କରିଥିବା ବେଳେ ଚିତ୍ରଶିଳ୍ପୀ ଚନ୍ଦ୍ରଶେଖର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ମହାବିର ସାଂସ୍କୃତିକ ଅନୁଷ୍ଠାନ ସଭାପତି ଜୟନ୍ତ ବେହେରା ଅଧ୍ୟକ୍ଷତା କରିଥିବା ବେଳେ ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ସିଂହ ଧନ୍ୟବାଦ ଦେଇଥିଲେ । କଳାହାଣ୍ଡି ଆର୍ଟ ଫାଉଣ୍ଡେଶନର ମକୁନ୍ଦ ରେଡ୍ଡି, ଗୋବିନ୍ଦ ରେଡ୍ଡି ଓ ବିଜନ ରେଡ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅପରାହ୍ନରେ ମା' ମାଣିକେଶ୍ୱରୀ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲା। ଏହି ଅବସରରେ ଅନୁଷ୍ଠିତ ଜିଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀକୁ ଉଦ୍‌ଘାଟନ କରାଯାଇଥିଲା । ଏଥିରେ ପ୍ରାଣୀ ଚିକିତ୍ସା ବିଭାଗ, ସେବା ଜଗତ, ସହରାଞ୍ଚଳ ଆଇସିଡିଏସ ସମେତ ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଛି। ସନ୍ଧ୍ୟାରେ ପୂର୍ବତନମନ୍ତ୍ରୀ ରାସବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ପ୍ରମୁଖ ଯୋଗଦେଇଥିଲେ। ସଭାପତି ଜୟନ୍ତ ବେହାରା ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସାଧାରଣ ସମ୍ପାଦକ ସତ୍ୟନାରାୟଣ ସିଂହ ଧନ୍ୟବଦ ଦେଇଥିଲେ। ଏହି ଅବସରରେ କବି କୈଳାସ ରାଉତ, ରେଫରି ନବୀନ ନାଏକ, ଡା. ହେମସାଗର ସାହା, ସତ୍ୟ ନାରାୟଣ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର 'ସ୍ମରଣିକା ଗିରିଝର' ଉନ୍ମୋଚନ ହୋଇଥିଲା। ପରେ ଲୋକନୃତ୍ୟ ପରିବେଷଣ କରାଯାଇଥିଲା। ମଙ୍ଗଳବାର ସକାଳେ ଜିଲାସ୍ତରୀୟ କବି ସମ୍ମିଳନୀ ଅଧାପକ ଅଖିଳ ନାଏକ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଡ.ଦିନବନ୍ଧୁ ସାହୁ ଯୋଗଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ସୁଦର୍ଶନ ଦାସ ସଭାପତିତ୍ୱ କରିଥିଲେ। ଯାଦବେନ୍ଦ୍ର ସାହା, ରୁବି ଚୌଧୁରୀ ଓ ଲିପସା ପଟେଲ ସଂଯୋଜନା କରିଥିଲେ। ପରେ ଅପରାହ୍ନରେ ମହିଳାମାନଙ୍କ ମଧ୍ୟରେ ଓଡିଆ ଗାଳ୍ପ ଓ କବିତା ଲିଖନ ପ୍ରତିଯୋଗିତା ଆନୁଷ୍ଠିତ ହୋଇଥିଲା। ସନ୍ଧ୍ୟାର ସାଂସ୍କୃତିକ ସଭାରେ ଉଦ୍‌ଘାଟକ ଭାବେ ଭବାନୀପାଟଣା ବିଧାୟକ ଅନାମ ନାଏକ, ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷା ନମିତାରାଣୀ ସାହୁ, ସମ୍ମାନିତ ଅତିଥି ଭାବେ ପୂର୍ବତନମନ୍ତ୍ରୀ ପ୍ରଦୀପ୍ତ କୁମାର ନାଏକ ଯୋଗଦେଇଥିଲେ। ଏହି ଅବସରରେ ରାଜେନ୍ଦ୍ର ସିଂ (ଅମଠା), ଗୁରୁବାରୁ ମହାନନ୍ଦ (ଭାଲେର), ଡ. ତ୍ରିଭୁବନ ପଣ୍ଡା (ଜିଲିଙ୍ଗଦର), କଳିତ କୁମାର ପଣ୍ଡା (ଭବାନୀପାଟଣା) ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ ଏମ୍.ଇ ଓ ହାଇସ୍କୁଲ ଦଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଚିତ୍ତାକର୍ଷକ ସମୂହ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।


ମହାବୀର ସାଂସ୍କୃତିକ ଅନୁଷ୍ଠାନ ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି ।

### ଅବ୍ୟବସ୍ଥାରେ ପିପଲଝାପର ପ୍ରାଥମିକ ବିଦ୍ୟାଳୟ

# ବିପଦସଙ୍କୁଳ ଶ୍ରେଣୀଗୃହରେ ପାଠପଢ଼ା

କୋକସରା,୧୩।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ଗୋଟୋମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ପିପଲଝାପର ପ୍ରାଥମିକ ବିଦ୍ୟାଳୟ ଅବ୍ୟବସ୍ଥାରେ ଗତି କରୁଛି । ସ୍କୁଲର ଶ୍ରେଣୀ ଓ ରୋଷେଇ ଗୃହ ବିପଦସଙ୍କୁଳ ହୋଇପଡିଛି। ଫଳରେ ଦୀର୍ଘଦିନ ହେବ ବିପଦ ଜନକ ଭାବରେ ପାଠପଢା ଓ ରୋଷେଇ ଚାଲିଛି । ଯାହାକୁ ନେଇ ଅଭିଭାବକମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବା ପାଇଁ ଅନିଚ୍ଛା ପ୍ରକାଶ ମଧ କରୁଛନ୍ତି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ବିଭାଗକୁ ଅନେକ ଥର ଲିଖିତ ଅଭିଯୋଗ କରି ଆସୁଥିଲେ ମଧ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଭାବକ ଓ ପ୍ରଧାନ ଶିକ୍ଷକ ଖୁସିରାମ ନାୟକ ପ୍ରକାଶ କରିଛନ୍ତି। ୧୯୬୦ରେ ଅବସ୍ଥିତ ହୋଇଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ପ୍ରଥମ ଶ୍ରେଣୀରେ ୨୦ଜଣ ଛାତ୍ରୀଛାତ୍ର ଥିବା ବେଳେ ଦ୍ୱିତୀୟ ଶ୍ରେଣୀରେ ୨୩, ତୃତୀୟରେ ୨୪ ଚତୁର୍ଥରେ ୨୪ ଓ ପଞ୍ଚମ ଶ୍ରେଣୀରେ ୩୦ଜଣ ସର୍ବମୋଟ ୧୨୧ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ୧୨୧ଜଣ ପିଲାଙ୍କ ପାଇଁ ଏଠାରେ ୪ ଜଣ ଶିକ୍ଷକଶିକ୍ଷୟିତ୍ରୀ ନିୟୋଜିତ ଅଛନ୍ତି। ୫ଟି ଶ୍ରେଣୀ ଥିବା ବେଳେ ଛାତ୍ରୀଛାତ୍ରମାନେ ଦୀର୍ଘଦିନ ହେବ ୩ଟି ବିପଦପୂର୍ଣ୍ଣ ଶ୍ରେଣୀ ଗୃହରେ ଅଧୟନ କରି ଆସୁଛନ୍ତି । ଶ୍ରେଣୀ ଗୃହ କାନ୍ଥର ବିଭିନ୍ନ ସ୍ଥାନରେ ଫାଟ ସୃଷ୍ଟି ହୋଇଥିବା ବେଳେ ୩ଟି ଶ୍ରେଣୀ ଗୃହର ଛାତରୁ ବର୍ଷା ହେଲେ ପାଣି ଝରିବା ସହ ଛୋଟ ଛୋଟ ସିମେଣ୍ଟ ଖଣ୍ଡ ମଧ ଖସିପଡୁଛି। ଏହି ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେବା ଅତ୍ୟନ୍ତ ବିପଦଜନକ ବୋଲି ଶିକ୍ଷକମାନେ ପ୍ରକାଶ କରୁଛନ୍ତି। ଶ୍ରେଣୀ ଗୃହର ଏପରି ଦୂରବସ୍ଥାକୁ ଦେଖି ଛାତ୍ରୀଛାତ୍ର ଉକ୍ତ ଶ୍ରେଣୀ ଗୃହରେ ଆଉ ବସି ପାଠ ପଢିବା ସେମାନଙ୍କ ଜୀବନ ପ୍ରତି ବିପଦ ଆଶଙ୍କା ରହିଛି। ସେହିପରି ବିଦ୍ୟାଳୟରେ ଥିବା ରୋଷେଇ ଗୃହ ମଧ ଅତ୍ୟନ୍ତ ବିପଦ ଜନକ ଭବାରେ ରହିଛି। ଫଳରେ ରୋଷେଇ କରୁଥିବା ପାଚିକା ବିପଦକୁ ଆଖି ଆଗରେ ରଖି ନିତିଦିନ ଭୟରେ ଛାତ୍ରୀଛାତ୍ରମାନଙ୍କ ପାଇଁ ରୋଷେଇ କରୁଥିବା କହିଛନ୍ତି। ଏ ନେଇ କୋକସରା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ତୋଫାନ ମାଝିଙ୍କୁ ପଚାରିବାରୁ ବର୍ତ୍ତମାନ ପଞ୍ଚାୟତସ୍ତରରେ ବିଦ୍ୟାଳୟର ଦାୟିତ୍ୱ ଦିଆଗଲାଣି। ସେମାନେ ଶ୍ରେଣୀ ଗୃହ କିମ୍ବା ରୋଷେଇ ଗୃହ ତିଆରି କରିବା ତାଙ୍କ ହାତରେ ଅଛି। ଆଉ ବୁଧବାର ସୁଦ୍ଧା ମୁଁ ବିଦ୍ୟାଳୟ ପରିଦର୍ଶନରେ ଯିବି ବୋଲି କହିଥିଲେ। ସେହିପରି ଗୋଟୋମୁଣ୍ଡା ସରପଞ୍ଚ ଜବାହାର ଗୋପାଳଙ୍କୁ ପଚାରିବାରୁ ପଞ୍ଚାୟତକୁ କୌଣସି ଦାୟିତ୍ୱ ଦିଆହୋଇନି, କେବଳ ଆମେ ଖବର କାଗଜରେ ବିଜ୍ଞାପ୍ତି ହୋଇଥିବା ଯାହା ଶୁଣିବାକୁ ପାଇଛୁଁ । ଆମ ପାଖରେ କୌଣସି ଚିଠି ଆସିନି, ଆଉ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ମଧ ବର୍ତ୍ତମାନ ପର୍ଯ୍ୟନ୍ତ ଆମକୁ ଅବଗତ କରାଯାଇନି ବୋଲି କହିଥିଲେ। ଶ୍ରେଣୀ ଓ ରୋଷେଇ ଗୃହ ନିର୍ମାଣ କରିବା ନିମନ୍ତେ ଜିଲା ପ୍ରଶାସନ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବା ପାଇଁ ଛାତ୍ରୀଛାତ୍ର, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି ।




ପିପଲଝାପର ପ୍ରାଥମିକ ବିଦ୍ୟାଳୟ (ବାମ) । ବିଦ୍ୟାଳୟ ଛାତରୁ ସିମେଣ୍ଟ ବାହାରି ଲୁହା ଛଡ଼ ଦେଖାଯାଉଛି ।

**କୋକସରା ବ୍ଲକ**

- ବର୍ଷା ହେଲେ ଛାତରୁ ପାଣି ଗଳୁଛି
- ଶ୍ରେଣୀଗୃହ କାନ୍ଥରେ ଫାଟ ସୃଷ୍ଟି
- ରୋଷେଇ ଘର ମଧ ବିପଦସଙ୍କୁଳ



ପିତାମାତାଙ୍କର ସ୍ନେହ, ସନ୍ତାନ ପାଇଁ ସବୁଠାରୁ ମୂଲ୍ୟବାନ ବସ୍ତୁ।

- ଶାରଳା ଦାସ



## ସଂକ୍ଷେପରେ

### ଉଦ୍ଧାର ନାବାଳିକାଙ୍କୁ ସ୍ୱଧାରଗୃହକୁ ପଠାଗଲା: ନିଖୋଜ ସ୍ୱାମୀଙ୍କ ସନ୍ଧାନ ପାଇଁ ଏସ୍‌ପିଙ୍କ ନିକଟରେ ସ୍ତ୍ରୀଙ୍କ ନିବେଦନ

**ସୁନ୍ଦରଗଡ , ୧୩।୧୧ (ଡି. ଏନ୍.ଏ)** -ସୁନ୍ଦରଗଡ଼ ଟାଉନ ଥାନା ଅନ୍ତର୍ଗତ ପାଣ୍ଡିରିଡ଼ିପାର ନିଖୋଜ ନାବାଳିକାଙ୍କୁ ପୋଲିସ ଗୋଆରୁ ଉଦ୍ଧାର କରି ମଙ୍ଗଳବାର ସୁନ୍ଦରଗଡରେ ପହଞ୍ଚିବା ପରେ ତାଙ୍କୁ ସ୍ୱଧାର ଗୃହକୁ ପଠାଇଛି। ଏପଟେ ନିଖୋଜ ଝିଅକୁ ଖୋଜିବା ପାଇଁ ପୋଲିସ ସହ ଗୋଆ ଯିବା ବାଟରେ ଝିର ବାପା କାର୍ତ୍ତିକ ତନ୍ତୀ (୫୦) ନିଖୋଜ ହେବା ଘଟଣାରେ ତାଙ୍କ ସ୍ତ୍ରୀ ଏସ୍.ପି ସୌମ୍ୟା ମିଶ୍ରାଙ୍କୁ ସାକ୍ଷାତ କରି ସ୍ୱାମୀଙ୍କୁ ଖୋଜି ଆଣିଦେବା ପାଇଁ ନିବେଦନ କରିଛନ୍ତି। ଏହି ଝିଅକୁ ଗତ ଅକ୍ଟୋବର ମାସରେ ଜଣେ ଯୁବକ ଧରି ଫେରାର ହୋଇଯିବା ପରେ ଅମଲିପାଲିଠାରେ ରହୁଥିବା ଏକ ଦମ୍ପତି ସେମାନଙ୍କୁ ଚାକିରିର ପ୍ରଲୋଭନ ଦେଖାଇ ଗୋଆ ନେଇଯାଇଥିଲେ। ସେଠାରେ ନାବାଳିକାଙ୍କୁ ବିକ୍ରୀ କରିଦେଇ ସୁନ୍ଦରଗଡ ଚାଲି ଆସିଥିଲେ। ଝିଅର ନିଖୋଜ ସମ୍ପର୍କରେ ପରିବାର ପକ୍ଷରୁ ଟାଉନ ଥାନାରେ ଗତ ଅକ୍ଟୋବର ୨୫ରେ ରିପୋର୍ଟ କରାଯାଇଥିଲା । ପୋଲିସ ଏକ ମାମଲା ରୁଜୁ କରି ଝିଅର ବାପା କାର୍ତ୍ତିକ ଓ ତାଙ୍କ ଭଣଜାଙ୍କୁ ଧରି ନିଖୋଜ ଝିଅକୁ ଖୋଜିବା ପାଇଁ ଗତ ୮ ତାରିଖରେ ଗୋଆ ଯାଇଥିଲେ। ହେଲେ ବାଟରେ କୌଣସି ଏକ ରେଳ ଷ୍ଟେସନରେ କାର୍ତ୍ତିକ ନିଖୋଜ ହୋଇଯାଇଥିଲେ। ପୋଲିସ ନିଖୋଜ ଝିଅକୁ ଗୋଆରୁ ଉଦ୍ଧାର କରି ସୁନ୍ଦରଗଡ ଫେରିଥିବାବେଳେ ନିଖୋଜ ବାପାଙ୍କ କୌଣସି ସନ୍ଧାନ ମିଳିନାହିଁ। କାର୍ତ୍ତିକ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାରୁ ତାଙ୍କ ନିଖୋଜ ପରେ ପରିବାର ଚଳାଇବା କଷ୍ଟକର ହୋଇପଡିଛି ବୋଲି ତାଙ୍କ ସ୍ତ୍ରୀ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇ ତୁରନ୍ତ ତାଙ୍କର ସନ୍ଧାନ ସକାଶେ ପଦକ୍ଷେପ ନେବାକୁ ଦାବି କରିଛନ୍ତି।




କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

■ ସୃଜନୀ ସାହିତ୍ୟ ସଂସଦର ୩୧ତମ ବାର୍ଷିକୋତ୍ସବ

# ମହାମାନବୀୟ ଚିନ୍ତନ ହିଁ ସାହିତ୍ୟର ସୂତ୍ର, ସିଦ୍ଧାନ୍ତ

**ରାଉରକେଲା ଅଫିସ,୧୩।୧୧**

ସୃଜନୀ ସାହିତ୍ୟ ସଂସଦର ୩୧ତମ ବାର୍ଷିକୋତ୍ସବ ସାରନଗରୀ କମ୍ୟୁନିଟି ସେଣ୍ଟରଠାରେ ରବିବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅତିଥି ରୂପେ ବେଦବ୍ୟାସ ବୈଦିକ ଗୁରୁକୁଳ ଆଶ୍ରମର ଆଚାର୍ଯ୍ୟ ପଣ୍ଡିତ ଡଃ. ଦେବବ୍ରତ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସେ କହିଥିଲେ ଯେ, ସାହିତ୍ୟ ହେଉଛି ବ୍ୟକ୍ତି ଜୀବନର ସାର୍ବଜନୀନ ଅନୁଭବ। ମହାମାନବୀୟ ଚିନ୍ତନ ହିଁ ସାହିତ୍ୟର ସୂତ୍ର ଓ ସିଦ୍ଧାନ୍ତ। ସମ୍ମାନୀତ ଅତିଥି ରୂପେ ଉତ୍କଳ ସମ୍ମିଳନୀର ଉପସଭାପତି ବିଚିତ୍ରାନନ୍ଦ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ରୂପେ, ଡଃ ଗିରିଜାଶଙ୍କର ଶ୍ରୀଚନ୍ଦନ ମହାପାତ୍ର ଯୋଗ ଦେଇ କହିଥିଲେ ଯେ, ସାହିତ୍ୟ ବିନା ଜୀବନ ମୂଲ୍ୟହୀନ। ସାହିତ୍ୟ ଜନମାନସକୁ ଆଲୋକିତ କରେ। ସମ୍ମାନୀତ ବକ୍ତା ରୂପେ ଡାକ୍ତର ରାହାସବିହାରୀ ମହାପାତ୍ର ଯୋଗ ଦେଇ ସାହିତ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ସଂପର୍କରେ ଆଲୋକପାତ କରିଥିଲେ। ସଭାପତି ସମାଇ ସୋରେନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସାଧାରଣ ସଂପାଦକ ରବିନ୍ଦ୍ର ବେହୁରିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ସଂଜିବନୀ ମିଶ୍ର ବେଦ ପାଠ କରିଥିବା ବେଳେ କଳିକା ଅନୁଷ୍ଠାନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ଅନୁଷ୍ଠାନର ମୁଖପାତ୍ର ସୃଜନୀ ଉନ୍ମୋଚନ କରାଯାଇଥିଲା। ସାହିତ୍ୟିକ ସଚ୍ଚିନ୍ଦ୍ର ସ୍ୱାଇଁଙ୍କ ଲିଖିତ ପୁସ୍ତକ ମିତ୍ର ଚିତ୍ର ଓ ଚରିତ୍ରକୁ ଲୋକାର୍ପଣ କରାଯାଇଥିଲା। ବଂଶୀଧର ପାତ୍ରଙ୍କ ଲିଖିତ ଏକ ପୁସ୍ତକ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଓଡିଶା ସାହିତ୍ୟରେ ମାନବବାଦର ସ୍ୱର ଶୀର୍ଷକ ବିଷୟ ଉପରେ ଆଲୋଚନା କରାଯାଇଥିଲା। ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ କେତେକ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ରମେଶ ରଥ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ରୂପେ କବି ରମେଶ ରାଉତ ଯୋଗ ଦେଇଥିବା ବେଳେ ସଂଯୋଜକ ରୂପେ କବି କ୍ଷୀରୋଦ ଜେନା, କବୟିତ୍ରୀ ହରପ୍ରିୟା ପରିଡା ସଂଯୋଜନା କରିଥିଲେ। ଏଥିରେ କବି ଭୂପେନ ମହାପାତ୍ର, ପୂର୍ବତନ ବିଧାୟକ ରବି ଦେହୁରୀ, ଆଇନଜୀବୀ ସୁଦାମ ଦାସ, ଦେବ ପଟ୍ଟନାୟକ, ଡା. ଅକ୍ଷୟ ସାମଲ, କୁଂଜବିହାରୀ ରାଉତ, ଭୋଳେଶ୍ୱର ବେହେରା, ବିଜୟ ସାହୁ, ଉର୍ବଶୀ ଦାସପତି, ବଳରାମ ବେହୁରିଆ, ଅଭିମନ୍ୟୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ କବି ସୁଶାନ୍ତ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜୀବନ ସହ ଯୁଝୁଛନ୍ତି ଆଲବନ

**ରାଉରକେଲା ଅଫିସ,୧୩।୧୧**

■ଚିକିତ୍ସାରେ ଅର୍ଥ ସାଜିଛି ବାଧକ
■ସାହାଯ୍ୟକୁ ଚାହିଁ ବସିଛନ୍ତି ମା

ସୁନ୍ଦରଗଡ ଜିଲା ବଣାଇ ଉପଖଣ୍ଡ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଗୋପାଳପୁରଠାରେ ଗତ ରବିବାର ଅପରାହ୍ନ ୩ଟାରେ ଘଟିଥିଲା ଏକ ଦୁଃଖଦ ଦୁର୍ଘଟଣା। ଯେଉଁଥିରେ ଭିନ୍ନକ୍ଷମ ବାପା ବାଲତୁଷ ଟପ୍ପୋ(୪୨)ଙ୍କ ମୃତ୍ୟୁ ଘଟିଥିବା ବେଳେ ପୁଅ ଆଲବନ(୧୨) ଗୁରୁତର ହୋଇଥିଲେ। ପରବର୍ତ୍ତୀ ଅବସ୍ଥାରେ ତାଙ୍କୁ କଟକ ବଡ ମେଡିକାଲ ନିଆଯାଇ ଥିଲା। ଏବେ କଟକ ବଡ ଡାକ୍ତରଖାନାର ବେଡ୍‌ରେ ଚିକିତ୍ସାଧୀନ ଆଲବନଙ୍କ ପାଇଁ ଅର୍ଥଭାବ ବଡ ସମସ୍ୟା ପାଲଟିଛି। ଦୁର୍ଘଟଣାରେ ସ୍ୱାମୀଙ୍କୁ ହରାଇ ବିଧବା ମା' ହାରା ଟପ୍ପୋ (୩୮) ପୁଅ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଦୁର୍ଘଟଣାରେ ବାପାଙ୍କ ମୃତ୍ୟୁ ଘଟିଥିବା ଆଲବନଙ୍କୁ ଖବର ନାହିଁ। ୧୨ବର୍ଷର ନାବାଳକ ଆଲବନ। ଗୁରୁଣ୍ଡିଆ ବ୍ଲକ କୁଚେଇତା ପଞ୍ଚାୟତ ଅନ୍ତର୍ଗତ କେନ୍ଦୁଘାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀ ଛାତ୍ର। ଶେଯରେ ପଡିଥିଲେ ବି ଆଲବନଙ୍କ ମନରୁ ଯାଇନି ପାଠ ଚିନ୍ତା। ଭଲ ପାଠ ପଢିବେ, ଆଗକୁ ବଢିବେ। ଅଭାବି ମା' ବାପାଙ୍କ କାନ୍ଧ ବୋଝକୁ ଦିନେ ହାଲୁକା କରିବେ ବୋଲି ଭାବିଥିଲେ। ଯାହା ଏବେ ମଉଳି ଯିବାକୁ ବସିଛି। ବାପା ଆରପାରିକୁ ଚାଲିଯିବା ଖବର ନାହିଁ। ଏଣେ ବିଧବା ମା' ନିଜର ଏକମାତ୍ର ସନ୍ତାନକୁ ବଞ୍ଚାଇବାକୁ କିପରି ସଂଗ୍ରାମ କରୁଛି ସେନେଇ ଅଲବନ ବେଖବର। କେମିତି ଭଲ ହୋଇ ବିଦ୍ୟାଳୟରେ ପହଞ୍ଚିବେ ସେ ଚିନ୍ତା ଘାରିଛି ମୁମୂର୍ଷୁ ଆଲବନଙ୍କୁ। ତୁରନ୍ତ ଅସ୍ତ୍ରୋପଚାର ଆବଶ୍ୟକ।



କଟକ ବଡ ମେଡିକାଲର ବେଡରେ ଚିକିତ୍ସାଧୀନ ଆଲବନ ।

ଏହା କରା ନ ଗଲେ ତାଙ୍କ ଜୀବନ ପ୍ରତି ବିପଦ ରହିଛି। ଚିକିତ୍ସା ଖର୍ଚ୍ଚ ୧ ବାବଦକୁ ଲକ୍ଷାଧିକ ଟଙ୍କା ଆବଶ୍ୟକ। ତାହାହେଲେ ଯାଇ ପୁଅ ଆଲବନ ଭଲ ହେବ। ଏମିତି ଅବସ୍ଥାରେ ଧନ୍ଦି ହେଉଛନ୍ତି ବିଚାରି ମା'। କେଉଁଠୁ ଏତେ ଟଙ୍କା ଯୋଗାଡ ହେବ। ଅକାଳରେ ଯେମିତି ତାଙ୍କ କୁଡିଆରେ ଚଡକ ପଡିବା ପରି ଅବସ୍ଥା ସୃଷ୍ଟି ହୋଇଛି। ଖବର ପାଇ ରାଉରକେଲାର ସମାଜିକ କର୍ମୀ ଶାନ୍ତନୁ କୁସୁମ ମଙ୍ଗଳବାର କଟକ ବଡ ମେଡିକାରେ ପହଞ୍ଚି ଅଲବନଙ୍କ ସ୍ୱାସ୍ଥ୍ୟାବସ୍ଥା ଡାକ୍ତରଙ୍କଠାରୁ ପଚାରି ବୁଝିଛନ୍ତି। ବୁଧବାର ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଭେଟି କିପରି ଅଲବନଙ୍କୁ ସହଯୋଗ ମିଳିବ ସେ ନେଇ କୁସୁମ ଆଲୋଚନା କରିବେ ବୋଲି ଜଣାଇଛନ୍ତି।

# ଉପନ୍ୟାସ 'ତୋ ପାଇଁ' ଉନ୍ମୋଚିତ



'ତୋ ପାଇଁ' ଉପନ୍ୟାସକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

# ସାମାଜିକ ପରିବର୍ତ୍ତନରେ ଯୁବଗୋଷ୍ଠୀଙ୍କ ବଡ ଅବଦାନ ରହିଛି

**ରାଉରକେଲା ଅଫିସ,୧୩।୧୧**

ଇସ୍ପାତ ସହରର ଅନ୍ୟତମ ଯୁବ ସଂଗଠକ, ସାମାଜିକ କର୍ମୀ ଅବନୀନ୍ଦ୍ର ଓଝାଙ୍କ ରଚିତ ପ୍ରଥମ ଉପନ୍ୟାସ 'ତୋ ପାଇଁ' ଉନ୍ମୋଚିତ ହୋଇଯାଇଛି। ଏ ନେଇ ମ୍ୟୁନିସିପାଲ ମହାବିଦ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ଯୋଗ ଦେଇ କହିଥିଲେ ଯେ, ଯୁବକମାନେ ସର୍ବଦା କର୍ମ ଚଞ୍ଚଳ ରହିବା ଆବଶ୍ୟକ। ସାମାଜିକ ପରିବର୍ତ୍ତନରେ ଯୁବ ଗୋଷ୍ଠୀଙ୍କ ବଡ ଅବଦାନ ରହିଛି। ଶିକ୍ଷା, ଖେଳକୁଦ ଓ ରଚନାତ୍ମକ ଗବେଷଣାରେ ମନୋନିବେଶ କଲେ ଯୁବ ସମାଜ ଆଗକୁ ଯାଇ ପାରିବେ।

ସୁନାଫୁଲ ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜୟ ସାହୁ ଅଧ୍ୟକ୍ଷତା କରିଥିଲେ। ଏହାକୁ ଲେଖିକା ଅଙ୍ଗୁରବାଳା ପରିଡା ସଂଯୋଜନା କରିଥିଲେ। ଏଥିରେ କୁନିପ୍ରତିଭା ଦୁର୍ଗାପ୍ରସନ୍ନ ମହାନ୍ତିଙ୍କ ଚମତ୍କାର ଶ୍ଳୋକ ଆବୃତ୍ତି ଓ ବ୍ୟଙ୍ଗ କବିତା ସମସ୍ତଙ୍କୁ ଅମୋଦିତ କରିଥିଲା। ସମ୍ମାନୀତ ଅତିଥି ଭାବେ ଡା. କୃପାସିନ୍ଧୁ ନାୟକ ଅବନୀନ୍ଦ୍ରଙ୍କ ପୁସ୍ତକ ସଂପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ ରାଜୀବ ପାଣି ଓଡିଆ ସାହିତ୍ୟରେ ଉପନ୍ୟାସ ରଚନାର କ୍ରମ ବିକାଶ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ମ୍ୟୁନିସିପାଲ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ମହାନ୍ତି ସୁନାଫୁଲ ସାହିତ୍ୟ ସଂସଦର ଉଦ୍ୟମକୁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ପ୍ରଶାନ୍ତ ପତି ଅବନୀନ୍ଦ୍ରଙ୍କ ଲେଖାର ରଚନାତ୍ମକ ଦିଗ ସଂପର୍କରେ ଆଲୋଚନା କରିଥିଲେ। ପୁସ୍ତକଟିର ପ୍ରଥମ ପାଠିକା ଭାବେ ଉଷାରାଣୀ ସାହୁଙ୍କୁ ଏଥିରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁନାଫୁଲ ସାହିତ୍ୟ ସଂସଦ ସାଧାରଣ ସଂପାଦକ ସୁନୀଲ ମହାନ୍ତି, ଅକ୍ଷୟ ସାମଲ, ମଞ୍ଜୁଳା ରଥ, ବବିତା ମହାପାତ୍ର, କାଶିନାଥ ନନ୍ଦୀ, ସୁସ୍ମିତା ମହାପାତ୍ର, ସୁଷମା ଚୌଧୁରୀ, ରଶ୍ମିତା ନାଥ, ଅଜୟ ପ୍ରଧାନ, ନୃସିଂହ ଜେନା ଓ ବିଜୟ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ବାଲିଶଙ୍କରା, ୧୩।୧୧ (ଡି.ଏନ.ଏ)**

ପ୍ରତ୍ୟେକ ବର୍ଷ ପରି ଚତୁର୍ଥତମ ବର୍ଷ ବାଲିଶଙ୍କରା ରାଜା ବଙ୍ଗଳା ଖେଳ ପଡିଆରେ ଶ୍ରୀକାନ୍ତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଟୁର୍ନାମେଣ୍ଟ ୧୨ରୁ ଶୁଭାରମ୍ଭ ହୋଇ ୧୭ ତାରିଖ ସମାପନ ହେବ। ଉଦ୍‌ଘାଟନୀ ଉତ୍ସବ ସମାରୋହରେ ମୁଖ୍ୟଅତିଥି ଭାବେ ସୁନ୍ଦରଗଡ ପୋଲିସ ବିଭାଗର ଡିଏସପି ଦାମୋଦର ମାଝି ଯୋଗଦେଇ ସ୍ୱର୍ଗତ ଶ୍ରୀକାନ୍ତ ବାରିକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଖେଳର ଶୁଭ ଉଦ୍‌ଘାଟନ କରିଥିଲେ। ଉଦ୍‌ବୋଧନ ମାଧ୍ୟମରେ ଖେଳାଳିମାନଙ୍କୁ ଗ୍ରାମାଞ୍ଚଳରେ ବିଭିନ୍ନ କ୍ରୀଡା ଆୟୋଜନ କରି ଖେଳ ପ୍ରଦର୍ଶନ କରିବା ଦ୍ୱାରା ତୃଣମୂଳସ୍ତରର ଖେଳାଳିଙ୍କ କ୍ରୀଡାର ବିକାଶ ତଥା ଆଗାମୀ ଯୁବକ ଖେଳାଳିଙ୍କୁ ଉଚିତ ମାର୍ଗ ଦର୍ଶନ ମିଳିଥାଏ ବୋଲି କହିଥିଲେ। ସେହିପରି ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କଲ୍ୟାଣି ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଜୟନ୍ତୀ ଏକ୍କା, ସ୍ଥାନୀୟ ସରପଞ୍ଚ ଦୀନବନ୍ଧୁ ସାଏ, ହୃଦାନନ୍ଦ ବାରିକ, ସୁଶାନ୍ତ ପଣ୍ଡା, ଭୂପତି ନାଏକ, ରାଜେନ୍ଦ୍ର ମାଝୀ, ଜୟନାରାୟଣ ସିଂ, ବିପିନ ନାଏକ, ମୁରଲୀଧର ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଛନ୍ତି। ଉଦ୍‌ଘାଟନୀ ଉତ୍ସବ ଦିନ ଅମ୍ପାୟାର ଭାବେ ଶ୍ରୀକାନ୍ତ ଦାନୀ ଓ ଅମିତ ପଟେଲ ଖେଳ ସଂଚାଳନ କରିଥିବା ବେଳେ କମେଣ୍ଟେଟର୍ ଭାବେ କଲାମ ସାଏ ଓ ରାଜ କୁମାର ସାଏ କାର୍ଯ୍ୟଭାର ତୁଲାଇଥିଲେ।

# ସେଲ୍ ଅଧ୍ୟକ୍ଷଙ୍କ ଗସ୍ତକୁ ବିଏମ୍‌ଏସ୍‌ର ନିନ୍ଦା

**ରାଉରକେଲା ଅଫିସ,୧୩।୧୧**

ଗତ ୧୦ ତାରିଖରେ ଦୁଇ ଦିନିଆ ରାଉରକେଲା ଗସ୍ତରେ ଆସିଥିବା ସେଲ୍ ଅଧ୍ୟକ୍ଷ ଅନୀଲ ଚୌଧୁରୀ ଗୋପବନ୍ଧୁ ଅଡିଟୋରିୟମରେ ଶ୍ରମିକଙ୍କୁ ସମ୍ବୋଧିତ କରି ଯେଉଁ ନକାରାତ୍ମକ ବକ୍ତବ୍ୟ ପ୍ରଦାନ କଲେ ତାହାକୁ ବିଏମଏସ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଅଧ୍ୟକ୍ଷ ଚୌଧୁରୀ କହିଥିଲେ ଯେ ପର୍ଯ୍ୟନ୍ତ ଆରଏସପି ୨୫ଶହ କୋଟି ଓ ସେଲ ୭ହଜାର କୋଟି ଲାଭ ନ କରିଛି ସେତେ ଦିନ ଯାଏ ମଜୁରି ଚୁକ୍ତିନାମା, ପେନସନ ଓ ଲିଭ୍ ସମ୍ଭବ ନୁହେଁ। ସେ ସମସ୍ତ ଟ୍ରେଡ ୟୁନିୟନ ଆନ୍ଦୋଳନକୁ ହାସ୍ୟାସ୍ପଦ ବୋଲି ଟିପ୍ପଣୀ ଦେଇଥିଲେ। ଏହା ତାଙ୍କ ଅଦୁରଦର୍ଶୀତାକୁ ଦର୍ଶାଉଛି ବୋଲି ବିଏମଏସ ଏକ ବିବୃତିରେ କହିଛି। ଆଜି ଦିନରେ ଯଦି ସେଲ୍ କ୍ଷତିରେ ଚାଲୁଛି ତାହା ହେଲେ ଏଥିପାଇଁ ସମ୍ପୃକ୍ତ ମ୍ୟାନେଜମେଣ୍ଟର ଅପାରଗ ପଣିଆ ଦାୟି। ତ୍ରୁଟିପୂର୍ଣ୍ଣ ବ୍ୟବସାୟିକ ନୀତି ଏବଂ ଉଚ୍ଚସ୍ତରରେ ଚାଲିଥିବା ବ୍ୟାପକ ଦୁର୍ନୀତି ହିଁ ଦାୟି। ଶ୍ରମିକ ଲୁହ ଲହୁ ଢାଳି ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି କରିବାରେ କାର୍ପଣ୍ୟତା କରୁ ନାହାନ୍ତି। ଲଗାତାର ସେଲ ୩ବର୍ଷ କାଳ କ୍ଷତିରେ ଚାଲିଲା। ତଥାପି ଶ୍ରମିକମାନେ ଧୈର୍ଯ୍ୟ ହରାଇ ନାହାନ୍ତି। ପରବର୍ତ୍ତୀ ସମୟରେ କର୍ମଚାରୀ ଓ ଅଫିସରଙ୍କ ନିଷ୍ଠା ଯୋଗୁ ସେଲ୍ ଗତ ୬ ମାସ ମଧ୍ୟରେ ଏକ ହଜାର କୋଟିରୁ ଅଧିକ ସୁଧ ଲାଭ କରି ପାରିଛି। ଏପରି ଅବସ୍ଥାରେ ସେଲ୍ ଅଧ୍ୟକ୍ଷଙ୍କ ନକାରାତ୍ମକ ମନ୍ତବ୍ୟ କର୍ମଚାରୀ ମହଲରେ ଘୋର ଅସନ୍ତୋଷ ସୃଷ୍ଟି କରିଛି। ପୂର୍ବରୁ ସେଲ୍ କ୍ଷତିରେ ଚାଲୁଥିବା ବେଳେ କେବେ ୱେଜ ବୋର୍ଡ ବୈଠକକୁ ରୋକାଯାଇ ନାହିଁ। କର୍ତ୍ତୃପକ୍ଷ ଯଦି ଏଭଳି ଆଚରଣ କରନ୍ତି ତାହା ହେଲେ ଆସନ୍ତା ସାଧାରଣ ନିର୍ବାଚନରେ କେନ୍ଦ୍ର ସରକାରଙ୍କୁ ଭୟାବହ ପରିଣାମ ଭୋଗ କରିବାକୁ ପଡିବ ବୋଲି ବିଏମ୍‌ଏସ୍ କହିଛି। ଏପରି ଅବସ୍ଥାରେ ଆସନ୍ତା ୧୯ରେ ଉତ୍ପାଦନ ଓ ଉତ୍ପାଦକତା ସଂପର୍କୀତ ବୈଠକକୁ ବର୍ଜନ କରିବାକୁ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ(ଆରଆକେକେଏସ) ପକ୍ଷରୁ ସାଧାରଣ ସଂପାଦକ ହିମାଂଶୁ ବଳ ଓ ଅନ୍ୟ କାର୍ଯ୍ୟକର୍ତ୍ତା ଏନଜେସିଏସ ସଭ୍ୟଭୁକ୍ତ ୟୁନିୟନ ପ୍ରତନିଧିଙ୍କୁ ପତ୍ର ଲେଖି ଆହ୍ୱାନ ଦେଇଛନ୍ତି। ଏହି ଅବସରେ ବିଏମଏସ କହିଛି ଯେ ସମସ୍ତ ଟ୍ରେଡ ୟୁନିୟନ କର୍ତ୍ତୃପକ୍ଷ ଯଦି ସେଲ ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତକୁ ବିରୋଧ କରିଥାନ୍ତେ ତାହା ହେଲେ ସ୍ଥିତିରେ ସୁଧାର ଆସିଥାନ୍ତା। ସମସ୍ତେ ତାଙ୍କୁ ଭେଟିଲେ କିନ୍ତୁ ସେ କ'ଣ କହିଲେ ତାହା ବାହାରେ ପ୍ରକାଶ କରିବାକୁ କୁଣ୍ଠା ପ୍ରକାଶ କରୁଛନ୍ତି। ଏପରି ଅବସ୍ଥାରେ ସମସ୍ତ ଟ୍ରେଡ ୟୁନିୟନ ଆସନ୍ତା ୧୯ ବୈଠକ ବର୍ଜନ କରିବା ଏକମାତ୍ର ବିକଳ୍ପ ବୋଲି ବଳ ଏକ ବିବୃତିରେ ପ୍ରକାଶ କରିଛନ୍ତି।




ଆତ୍ମସୁରକ୍ଷା ତାଲିମ ନେଉଛନ୍ତି କଲେଜ ଛାତ୍ରୀ।

# ସୁଶୀଳାବତୀ ସରକାରୀ କଲେଜରେ ଆତ୍ମରକ୍ଷା କୌଶଳ

**ରାଉରକେଲା ଅଫିସ,୧୩।୧୧**

ସେକ୍ଟର-୨ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଆତ୍ମରକ୍ଷା କୌଶଳ ତାଲିମ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜୀବ ସିଂ ଛାତ୍ରୀଙ୍କୁ ଏହି କୌଶଳ ଶିକ୍ଷା ପ୍ରଦାନ କରିଥିଲେ। କଲେଜ ଅଧ୍ୟକ୍ଷା ଅଳକାନନ୍ଦ, ବନିତା ଭିଡିରିଆ, ଜୟଶ୍ରୀ ନାୟକ, ଅଞ୍ଜନା ଚକ୍ରବର୍ତ୍ତୀ ଓ ମନୋରମା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଛଟ ପୂଜା ପାଇଁ ନଦୀଘାଟ, ପୋଖରୀ କୂଳରେ ଶ୍ରଦ୍ଧାଳୁଙ୍କ ଭିଡ

**ରାଉରକେଲା ଅଫିସ,୧୩।୧୧**

ଉତ୍ତର ଭାରତର ପ୍ରମୁଖ ଛଟ ପର୍ବ ପାଳନ ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ନଦୀ, ପୋଖରୀ କୂଳରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଅସ୍ତଗାମୀ ସୂର୍ଯ୍ୟଙ୍କୁ ଜଳାର୍ଘ୍ୟ ଓ ପୂଜାପାଠ କରିଥିଲେ ଶ୍ରଦ୍ଧାଳୁ। କାଲୁପଡା ଘାଟ, ପାନପୋଷ ଘାଟ. ହନୁମାନ ଘାଟ, ବାଲୁଘାଟ, ରୂପଟୋଲା, ତରକେରା ସମେତ ବାସନ୍ତୀ କଲୋନୀ, ଗୋପବନ୍ଧୁପାଲ୍ଲୀ ଓ ନେପାଳୀ ବସ୍ତି ପୋଖରୀ କୂଳରେ ପ୍ରବଳ ସମାଗମ ପରଲକ୍ଷିତ ହୋଇଥିଲା। ହରି ରାଉତରାୟ, ରମେଶ ବଳ, ବ୍ୟାସଦେବ ନାଥ, ରଣଜିତ ନାୟକ, ଇରସାଦ ଖାଁ, ଜେଣ୍ଟଲ ପରିଡା, ଅବିନାଶ ଜେନା, ଦେବଦତ ପ୍ରସାଦ ଓ ଚିନ୍ତା ସାହୁ ପ୍ରମୁଖ ଶ୍ରଦ୍ଧାଳୁଙ୍କୁ ଶୁଭକାମନା ଜଣାଇବା ସହ ସେମାନଙ୍କ ଭଲମନ୍ଦ ପଚାରି ବୁଝିଥିଲେ।



ଛଟ ପୂଜାରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି।

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ନଭେମ୍ବର ୧୪/୨୦୧୮



"ନିଜର ଅହଂ ଭାବକୁ ସନ୍ତୁଷ୍ଟ କରିବା ପାଇଁ ଲୋକେ ଅନ୍ୟର ନିନ୍ଦା କରନ୍ତି ବୋଲି ବହୁ କ୍ଷେତ୍ରରେ ପ୍ରମାଣିତ ହୋଇଛି।
-କନ୍‌ଫୁସିୟସ



## ସଂକ୍ଷେପରେ

### ଜିଲା ଓକିଲ ସଂଘର ବୈଠକ

**ସୁନ୍ଦରଗଡ, ୧୩।୧୧ (ଡି.ଏନ୍.ଏ)** -ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଯଥାର୍ଥ ଦର୍ଶାଇ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ଆସନ୍ତା ନଭେମ୍ବର ୧୯ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ବିଚାର ବିଭାଗୀୟ ଅଦାଲତ ତଥା ରାଜସ୍ୱ ବିଭାଗୀୟ ଅଦାଲତଗୁଡିକୁ ପିକେଟିଂ କରି ବନ୍ଦ କରାଯିବା ସହ ୨୯ରୁ ୩୦ ତାରିଖ ପର୍ଯ୍ୟନ୍ତ ୪୮ଘଣ୍ଟା ଯାଏ ମହାବନ୍ଦ ପାଳନ କରାଯିବ। ଏହି ମହାବନ୍ଦରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ସମସ୍ତ କାର୍ଯ୍ୟାଳୟ, ବ୍ୟାଙ୍କ ଓ ବୀମା କାର୍ଯ୍ୟାଳୟ ଗୁଡିକ ଓ ଡାକଘର ବନ୍ଦ ରହିବ। କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ଏହି ନିଷ୍ପତ୍ତିକୁ ସୁନ୍ଦରଗଡ ଜିଲା ଓକିଲ ସଂଘ ସମର୍ଥନ ଜଣାଇଛି। ମଙ୍ଗଳବାର ଜିଲା ଓକିଲ ସଂଘର ସଭାପତି ବିନୟ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସଂଘ ପକ୍ଷରୁ ସୂଚିତ କରାଯାଇଛି। ଏହି ବନ୍ଦ ପାଳନକୁ ସମର୍ଥନ ଜଣାଇ ଅଞ୍ଚଳବାସୀ ସହଯୋଗ କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

■ ନୂଆଗାଁ ଫାଣ୍ଡିକୁ ଥାନାର ମାନ୍ୟତା ଓ ତହସିଲ କାର୍ଯ୍ୟାଳୟ ନିର୍ମାଣ ପ୍ରସଙ୍ଗ

# ଘୋଷଣା ପରେ ସରକାର ଚୁପ୍

- ■ ଦାବି ପାଇଁ ସ୍ଥାନୀୟ ନେତାଙ୍କ ପାଖରେ ସମୟ ନାହିଁ
- ■ ପ୍ରତ୍ୟେକ ବ୍ଲକରେ ତହସିଲ କାର୍ଯ୍ୟାଳୟ ଥିବା ସରକାରୀ ଘୋଷଣା
- ■ ଏଥିରୁ ବାଦ ପଡିଲା ଉପାନ୍ତ ବ୍ଲକ ନୂଆଗାଁ ବ୍ଲକ
- ■ ସରକାରଙ୍କ ନିଜସ୍ୱ ଘୋଷଣା ମଧ ହେଉନାହିଁ କାର୍ଯ୍ୟକାରୀ

**ନୂଆଗାଁ, ୧୩।୧୧ (ଡି.ଏନ.ଏ)**

ପାଖେଇ ଆସିଲାଣି ନିର୍ବାଚନ, ଗାଁ ଠାରୁ ସହର ବ୍ଲକ ଠାରୁ ରାଜଧାନୀ ସବୁଠି ମାହୁଲ ଗରମ । ନିଜ ସ୍ୱାର୍ଥରେ ବ୍ୟସ୍ତ ନେତା, ଦଳୀୟ ଟିକେଟ ଖଣ୍ଡେ କେମିତି ହାତେଇବେ ଏନେଇ ଚାଲିଛି କସରତ। ଲୋକଙ୍କ ସାମୂହିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜ ସ୍ୱାର୍ଥସାଧନରେ ବସୁଥିବା ରାଜନୈତିକ ନେତାମାନଙ୍କ ପାଇଁ ନିଜ ଅଞ୍ଚଳର ବିକାଶ କଥା ଚିନ୍ତା କରିବାର ସମୟ ନାହିଁ । ଫଳରେ ସୁନ୍ଦରଗଡ ଜିଲାର ଆଦିବାସୀ ତଥା ଉପାନ୍ତ ବ୍ଲକ ନୂଆଗାଁରେ ସରକାରଙ୍କ ଦ୍ୱାରା ଘୋଷିତ ବହୁଯୋଜନା କାର୍ଯ୍ୟକାରୀ ହୋଇପାରୁନାହିଁ। ଏହି ବ୍ଲକର ବହୁ ପ୍ରତିକ୍ଷିତ ଓ ଆବଶ୍ୟକ ଥିବା ପୁରୁଣାପାଣି ଚୁନପଥର ଖଣିର ପୁନଃରୁଦ୍ଧାର ଓ ପ୍ରସ୍ତାବିତ ସିମେଣ୍ଟ କାରଖାନା ଦୀର୍ଘ ୧୫ ବର୍ଷ ହେବ କେବଳ ରାଜନୈତିକ ତାମସାବାଜିରେ ରହି ଯାଇଛି। ବିଭିନ୍ନ ରାଜନୈତିକ ଦଳ କେବଳ ନିର୍ବାଚନ ପାଖେଇ ଆସିଲେ ଏହାକୁ ନେଇ ରାଜନୀତି କରି ଆସିଛନ୍ତି । ହେଲେ ଏହାର କୌଣସି ପ୍ରତିଫଳ ବାହାରି ପାରିନାହିଁ। ଲକ୍ଷ ଲକ୍ଷ ଲୋକଙ୍କ ଜୀବନ ଜୀବିକା ଉପରେ ପ୍ରଭାବ ପକାଇ ବନ୍ଦ ପଡିଥିବା ଏହି ଖଣି ଆଜିବି ଏହାର ଭବିଷ୍ୟତକୁ ନେଇ କାହାରି ପାଖରେ ଖବର ନାହିଁ। ହେଲେ ଏହାକୁ ଖୋଲିବା ପାଇଁ ବିର୍ସା ସଂଗ୍ରାମ ସମିତି ନିଜ ଦୃଢ଼ ଦାବି ଓ ଆନ୍ଦୋଳନ ଜାରି ରଖିଛି । ଲୋକଙ୍କ ସାମୂହିକ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ସମିତି ନିଜ ଦାବିରୁ ଓହରି ନାହିଁ। ହେଲେ ଦୁର୍ଭାଗ୍ୟର ବିଷୟ ନୂଆଁଗାଁ ବ୍ଲକର ବହୁ ପ୍ରତୀକ୍ଷିତ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ଓ ନୂଆଗାଁ ବ୍ଲକରେ ସରକାରଙ୍କ ନିଜସ୍ୱ ଘୋଷଣା ମୁତାବକ ତହସିଲ କାର୍ଯ୍ୟାଳୟ ନିର୍ମାଣ କରିବା ଭଳି ପ୍ରସଙ୍ଗ, ଘୋଷଣା ଥମିବାକୁ ବସିଲାଣି । ହେଲେ ସ୍ଥାନୀୟ ନେତାଙ୍କ ପାଖରେ ଏହି ପ୍ରସଙ୍ଗକୁ ନେଇ ସରକାରଙ୍କଠାରେ କୌଣସି ଦାବି ଉପସ୍ଥାପନ କରାଯାଇନାହିଁ । ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ନୂଆଗାଁ ବ୍ଲକ ଅଞ୍ଚଳରେ ବିଜେଡି ଠାରୁ ଆରମ୍ଭ କରି ଭାଜପା, କଂଗ୍ରେସ, ଜେଏମଏମ ଭଳି ରାଜନୈତିକ ଦଳର କର୍ମୀମାନେ ସକ୍ରିୟ ଥିବା ବେଳେ ଲୋକମାନଙ୍କ ସାମୂହିକ ଦାବିକୁ ସରକାରଙ୍କ ପାଖରେ ଉପସ୍ଥାପନ କରାଯାଉନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ନିକଟ ଅତୀତରେ ରାଜ୍ୟ ସରକାର ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସବୁ ବ୍ଲକରେ ତହସିଲ କାର୍ଯ୍ୟାଳୟ ଖୋଲା ଯିବା ନେଇ ଘୋଷଣା କରିଥିଲେ। ହେଲେ ସରକାରଙ୍କ ଏହି ଘୋଷଣା ପରେ ଦ୍ରୁତଗତିରେ ପାନପୋଷ ସବଡିଭିଜନ ଅନ୍ତର୍ଗତ ଲାଠିକଟା ଓ ବିଶ୍ରା ବ୍ଲକରେ ନୂତନ ଭାବେ ତହସିଲ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିବାବେଳେ କୁଆଁରମୁଣ୍ଡା ବ୍ଲକରେ ପର୍ବରୁ ତହସିଲ କାର୍ଯ୍ୟାଳୟ ଅଛି। ସେହିଭଳି ବୀରମିତ୍ରପୁରଠାରେ ୧୯୮୨ ମସିହାରେ ଏକ ତହସିଲ କାର୍ଯ୍ୟାଳୟ ନିର୍ମାଣ କରାଯାଇଛି। ହେଲେ ଆଦିବାସୀ ଅଧୁଷିତ ନୂଆଗାଁ ବ୍ଲକରେ ସରକାରୀ ଘୋଷଣାର ୫ବର୍ଷ ପରେ ମଧ ତହସିଲ କାର୍ଯ୍ୟାଳୟ ହୋଇପାରିଲା ନାହିଁ। ନୂଆଗାଁ ବ୍ଲକର ୪ଟି ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କ କାର୍ଯ୍ୟାଳୟ ରହିଥିବା ବେଳେ ୨୦ଟି ପଞ୍ଚାୟତର ଲକ୍ଷାଧିକ ଲୋକ ବୀରମିତ୍ରପୁର ତହସିଲ ଉପରେ ନିର୍ଭର କରିଥାଆନ୍ତି। ନୂଆଗାଁ ବ୍ଲକର ଉପାନ୍ତ ଗ୍ରାମଗୁଡିକରୁ ବୀରମିତ୍ରପୁର ତହସିଲର ଦୂରତା ପ୍ରାୟ ୩୫ରୁ ୪୦ କି.ମି ଥିବାବେଳେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ତହସିଲ କାର୍ଯ୍ୟାଳୟର କାମ ତୁଲାଇଥାଆନ୍ତି। ସେହିଭଳି ବୀରମିତ୍ରପୁର ତହସିଲ ନୂଆଗାଁ ବ୍ଲକର ୪ଟି ଆରଆଇ ସର୍କଲ ଓ ବୀରମିତ୍ରପୁର ଅଞ୍ଚଳର ୩ଟି ଆରଆଇ ସର୍କଲକୁ ନେଇ ମୋଟ ୭ଟି ଆରଆଇ ସର୍କଲକୁ ନେଇ ଗଠିତ। ଫଳରେ ସବୁଦିନେ ଏହି ତହସିଲ କାର୍ଯ୍ୟାଳୟରେ ଭିଡ ଜମିଥାଏ। ଭିଡ ଯୋଗୁ ଲୋକଙ୍କ କାମ ସହଜରେ ହୁଏ ନାହିଁ। ତହସିଲ କାର୍ଯ୍ୟାଳୟ ନୂଆଗାଁ ବ୍ଲକରୁ ଦୂରରେ ଥିବାରୁ ନୂଆଗାଁ ଅଞ୍ଚଳରେ ଥିବା ତେତେରକେଲା, ଗୋପୁର, କଣ୍ଡାଭଳି ବହୁ ବାଲିଘାଟରୁ ବେଆଇନ ଭାବେ ବାଲିଚାଲାଣ ହେବାଠାରୁ ଆରମ୍ଭ କରି ବିଭିନ୍ନ ବେଆଇନ କାର୍ଯ୍ୟ କରାଯାଉଛି। ତଥାପି ପ୍ରଶାସନ ଆଖିରୁ ନିଦ ଭାଙ୍ଗୁନାହିଁ। ସେହିଭଳି ନୂଆଗାଁ ଏକ ପିଏଲଏଫଆଇ ଅଞ୍ଚଳ ହୋଇଥିବାରୁ ଏବଂ ବିଗତ ଦିନରେ ଏହି ବ୍ଲକରେ ଉକ୍ତ ସଙ୍ଗଠନର ତରଫରୁ ଲୁଟ, ହତ୍ୟା, ଛିନତାଇ ଭଳି ଘଟଣା ଘଟାଯାଇଛି। ଦିନଦ୍ୱିପହରେ ଗୁଳିକାଣ୍ଡ ଭଳି ଘଟଣା ଏହି ବ୍ଲକର ବାତାବରଣକୁ ଭୟଭିତ କରିଛି । ଏହାକୁ ଦୃଷ୍ଟିରେରଖି ନୂଆଗାଁ ଫାଣ୍ଡିକୁ ଖୁବଶୀଘ୍ର ଥାନା କରାଯିବ ବୋଲି ୨୫ ମେ, ୨୦୧୩ ମସିହାରେ ତତ୍କାଳୀନ ଆଇଜି ଆର.କେ ଶର୍ମା ହାତୀବାରିଠାରେ ନୂତନ ଥାନା ଗୃହ ଉଦଘାଟନ ଉତ୍ସବରେ ଘୋଷଣା କରିଥିଲେ । ଏହି ଘୋଷଣା ମଧ ଘୋଷଣାରେ ରହିଯାଇଛି। ନୂଆଗାଁ ବ୍ଲକର ୨୦ଟି ପଞ୍ଚାୟତ ଝାଡଖଣ୍ଡ ସୀମାକୁ ଲାଗି ରହିଥିବା ବେଳେ ଅଧିକାଂଶ ସମୟରେ ଏହି ବ୍ଲକରେ ଝାଡଖଣ୍ଡ ଅପରାଧିଙ୍କ ପ୍ରାଦୁର୍ଭାବ ରହି ଆସିଛି। ବେଆଇନ ମଦକାରବାର, ଜୁଆ, ସଟ୍ଟା, ବେଆଇନ ଗୋ-ଚାଲାଣ ଭଳି ଘଟଣା ଏହି ବ୍ଲକର ନୀତିଦିନିଆ ଘଟଣା। ବିଶ୍ରା ଥାନା ଓ ହାତୀବାରି ଥାନା ନୂଆଗାଁଠାରୁ ଏକ ଉପାନ୍ତ ଗ୍ରାମଠାରୁ ୩୦ରୁ ୪୦ କିମି ଦୂର ଥିବାରୁ ଅଞ୍ଚଳରେ ବିଭିନ୍ନ ସମୟରେ ଘଟଣା ଦୁର୍ଘଟଣା ଘଟିବାରେ ଲାଗିଛି । ତେଣୁ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନୂଆଗାଁ ବ୍ଲକଠାରେ ତହସିଲ କାର୍ଯ୍ୟାଳୟ ନିର୍ମାଣ ଓ ନୂଆଗାଁ ଫାଣ୍ଡିକୁ ଥାନାର ମାନ୍ୟତା ଦିଆଗଲେ ସରକାରଙ୍କ ଆମଗାଁ ଆମ ବିକାଶ ଯୋଜନାର ବାସ୍ତବ ଫଳପ୍ରଦ ହୋଇପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି।

### ଚୋରା ସ୍କ୍ରାପ ବୋଝେଇ ଭ୍ୟାନ ଜବତ: ୩ ଗିରଫ

**ଲହୁଣୀପଡା, ୧୩।୧୧ (ଡି.ଏନ.ଏ)**

ମହଲପଦା ପୋଲିସ ସୋମବାର ରାତିରେ ଏକ ସ୍କ୍ରାପ ବୋଝେଇ ପିକଅପ୍ ଭ୍ୟାନ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପ୍ରାପ୍ତସୂଚନା ଅନୁସାରେ କଲେଇପୋଷ- ବାହାଡାପଷି ରାସ୍ତାରେ ସୋମବାର ବିଳମ୍ବିତ ରାତିରେ ଓଆର୍ ୧୯ ପି- ୭୩୭୦ ପିକଅପ୍ ଭ୍ୟାନରେ ବେନିୟମ ସ୍କ୍ରାପ ଯାଉଥିବା ମହଲପଦା ପୋଲିସ କୌଣସି ସୂତ୍ରରୁ ସୂଚନା ପାଇ ଭ୍ୟାନର ପିଛା କରିଥିଲା। ମହଲଡିହା ଛକରେ ଗାଡିକୁ ଅଟକାଇ କାଗଜପତ୍ର ଯାଞ୍ଚ କରିବା ପରେ ଜଣାପଡିଲା ଯେ, ବେନିୟମ ଭାବେ ସ୍କ୍ରାପ ଚୋରା ଚାଲାଣ ହେଉଛି । ବରସୁଆଁ ଅଞ୍ଚଳରୁ ଏହି ସ୍କ୍ରାପକୁ ବେନିୟମ ଭାବେ ପାଲହଡା ଅଞ୍ଚଳକୁ ଯାଉଥିଲା। ପିକଅପ୍ ଭ୍ୟାନରେ ବସିଥିବା ତିନି ଜଣଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରାଯିବାରୁ ଜଣାପଡିଲା ଯେ, ଗାଡି ମାଲିକ ଓରଫ୍ ଚାଲକ କାଳନ୍ଦି ସାହୁ (୪୨), ବାବୁଲି ସାହୁ (୪୪) ଉଭୟ କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ତାଲବାହାଲି ଗ୍ରାମର ହୋଇଥିବା ବେଳେ ଅନ୍ୟ ଜଣକ କାଠିଆ ପୁଷ୍ଟି (୪୩) ଘସିପୁରା ଥାନା ବାରିଗାଁର ବୋଲି ଜଣାପଡିଛି। ଏହି ବେନିୟମ ସ୍କ୍ରାପ ଚୋରା ଚାଲାଣ କରୁଥିବା ଜଣାପଡିଛି । ପିକଅପ୍ ଭ୍ୟାନରେ ପ୍ରାୟ ତିନିଟନରୁ ଉର୍ଦ୍ଧ୍ୱ ସ୍କ୍ରାପ ଥିବା ଜଣାପଡିଛି। ପୋଲିସ ସ୍କ୍ରାପ ସମେତ ପିକଅପ୍ ଭ୍ୟାନକୁ ଜବତ କରିବା ସହିତ ତିନି ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛି ।

## ରାଜ୍ୟ ଖାଦ୍ୟ କମିଶନ ସଦସ୍ୟାଙ୍କ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳ ପରିଦର୍ଶନ

**କୁଆଁରମୁଣ୍ଡା, ୧୩।୧୧(ଡି.ଏନ.ଏ)**



ରାଜ୍ୟ ଖାଦ୍ୟ କମିଶନ ସଦସ୍ୟା କୁମଝରିଆ ସରକାରୀ ହାଇସ୍କୁଲ ପରିଦର୍ଶନ କରିବାବେଳେ ଛାତ୍ରୀଙ୍କ ଗହଣରେ ଉପସ୍ଥିତ।

ମଙ୍ଗଳବାର ଅପରାହ୍ନରେ ରାଜ୍ୟ ଖାଦ୍ୟ କମିଶନ ସଦସ୍ୟା ସିପ୍ରା ମଲ୍ଲିକ କୁଆଁରମୁଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ବୁଲିଥିଲେ। ସ୍କୁଲର ମଧ୍ୟାହ୍ନଭୋଜନ ବ୍ୟବସ୍ଥା, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଯୋଗାଇ ଦିଆଯାଉଥିବା ଛତୁଆ, ଗ୍ରାମ୍ୟ ଜଳ ଓ ପରିମଳ ବିଭାଗର ପାଇପ୍‌ଜଳ ଯୋଗାଣ ବ୍ୟବସ୍ଥା ଇତ୍ୟାଦି ସମୀକ୍ଷା କରିଛନ୍ତି। ଖାଦ୍ୟ କମିଶନ ସଦସ୍ୟା ମଲ୍ଲିକ ପ୍ରଥମେ କୁଆଁରମୁଣ୍ଡାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଯାଇଥିଲେ । ସେଠାରୁ ଖୁଖୁଣ୍ଡୁବାହାଲ ପଞ୍ଚାୟତର ଗୋବିରାଠାରେ ଥିବା ଛତୁଆ ପ୍ରସ୍ତୁତି କେନ୍ଦ୍ର ଓ ସେଠାରୁ କୁମଝରିଆ ପଞ୍ଚାୟତ କାର୍ଯ୍ୟାଳୟ ଯାଇ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନା, ପିଡିଏସ ବଣ୍ଟନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏହା ପରେ କୁମଝରିଆ ସରକାରୀ ହାଇସ୍କୁଲକୁ ଯାଇଥିଲେ। ସ୍କୁଲର ପରିବେଶ, ମନୋରମ ବଗିଚା, ପିଲମାନଙ୍କ ଶୃଙ୍ଖଳା, ମଧ୍ୟାହ୍ନଭୋଜନ ପ୍ରସ୍ତୁତି ପାଇଁ ପରିଷ୍କାର ରୋଷେଇ ଶାଳା, ଡିଜିଟାଲ କ୍ଲାସରୁମ୍ ବ୍ୟବସ୍ଥା ଇତ୍ୟାଦିକୁ ପ୍ରଶଂସା କରିଥିଲେ। ଏହା ସହ ରାଜ୍ୟସ୍ତରୀୟ ସୁରଭି ପ୍ରତିଯୋଗିତାର ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ଛାତ୍ରୀମାନଙ୍କ ସହ ଆଲୋଚନା କରିବା ସହ ଶୁଭ ଆର୍ଶିବାଦ ପ୍ରଦାନ କରିଥିଲେ। ଏହା ପରେ କାଲୋସିହିରିଆ ପଞ୍ଚାୟତ ଯାଇ ସେଠାରେ ଥିବା ପାଇପ୍‌ଜଳ ଯୋଗାଣ ବ୍ୟବସ୍ଥାକୁ ବୁଲି ଦେଖିବା ପରେ ରାଉରକେଲା ଫେରିଯାଇଥିଲେ। ଏହି ସମୟରେ କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଗଦାଲି କୋନଗାଡି, ବିଡିଓ ପିୟୁଷ ଲୋହାର,ଏବିଡିଓ ଭବାନୀଶଙ୍କର ପାଢୀ, ବିଇଓ ସଦାନନ୍ଦ ପଧାନ, କୁଆଁରମୁଣ୍ଡା ସିଡିପିଓ, ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ଅଳକା ବିଶୋଇ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଅଞ୍ଚଳ ବୁଲାଇବାରେ ସହଯୋଗ କରିଥିଲେ।

■ ଜିଲା ମୁଖ୍ୟ ଡାକ୍ତରଖାନାରେ ଜଳଯୋଗାଣ ବ୍ୟବସ୍ଥାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ

## ଓଭରହେଡ୍ ଟ୍ୟାଙ୍କରେ ଭାସୁଛି ମଳା ପାରା

**ସୁନ୍ଦରଗଡ଼, ୧୩।୧୧ (ଡି.ଏନ୍.ଏ)**

ସ୍ୱଚ୍ଛ ଅଭିଯାନ ମାଧ୍ୟମରେ ସ୍ୱଚ୍ଛତା ପାଇଁ ସରକାରୀସ୍ତରରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଉଥିବା ବେଳେ ସୁନ୍ଦରଗଡ ଜିଲା ମୁଖ୍ୟ ଡାକ୍ତରଖାନାରେ ଜଳଯୋଗାଣ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଡାକ୍ତରଖାନାର ଇନଡୋର ଓ ଆଉଟଡୋର ସକାଶେ ହେଉଥିବା ଜଳଯୋଗାଣ ବ୍ୟବସ୍ଥାକୁ ଦେଖିଲେ ଏହି ଜଳ ବ୍ୟବହାର ପାଇଁ କେତେ ଉପଯୋଗୀ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଉପଯୁକ୍ତ ତଦାରଖ ଅଭାବରୁ ଏଭଳି ଅବ୍ୟବସ୍ଥିତ ଢଙ୍ଗରେ ଜଳଯୋଗାଣ ବ୍ୟବସ୍ଥା ଚାଲୁଥିବା ନେଇ ଅଭିଯୋଗ ମିଳିବା ପରେ କିଛି ସଚେତନ ନାଗରିକ ଓ ଗଣମାଧ୍ୟମ ପ୍ରତିନିଧିମାନେ ଡାକ୍ତରଖାନା ପରିସରରେ ଥିବା ଜଳଯୋଗାଣ ବ୍ୟବସ୍ଥା ବୁଲି ଦେଖିଥିଲେ। ଡାକ୍ତରଖାନାର ଆଞ୍ଚଳିକ ପାଥୋଲୋଜି ବିଭାଗ ଛାତ ଉପରେ



ଖୋଲା ମେଲାରେ ଥିବା ପାଣିଟାଙ୍କି ଭିତରେ ମଳାପାରା ଭାସୁଛି।

ଥିବା ପାଣି ଟାଙ୍କି ଗୁଡିକରେ ଢାଙ୍କୁଣୀ ନ ଥିବାବେଳେ ସେଥିରେ ମଳାପାରା ଭାସୁଥିବା ଦେଖିବାକୁ ମିଳିଥିଲା। ଏପରିକି ଦୀର୍ଘଦିନ ହେବ ଏହି ପାଣିଟାଙ୍କି ଗୁଡିକ ନିୟମିତ ବ୍ୟବଧାନରେ ସଫାସୁତୁରା ମଧ୍ୟ କରାଯାଉନାହିଁ। ଆଉଟଡୋରକୁ ଆସୁଥିବା ରୋଗୀମାନଙ୍କ ସକାଶେ ନିର୍ମିତ ଶୌଚାଳୟକୁ ତାଲାମାରି ବନ୍ଦ କରି ରଖାଯାଇଥିବା ଫଳରେ ରୋଗୀମାନେ ହଇରାଣ ହେଉଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାଃ ଦିଲ୍ଲୀପ କୁମାର ଷଡଙ୍ଗୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ପରେ ଗତ କିଛିଦିନ ପୂର୍ବରୁ ଡାକ୍ତରଖାନା ପରିସରରେ ଥିବା ୪୨ଟି ପାଣିଟାଙ୍କୀ ସଫା କରାଯାଇଥିବାବେଳେ ଡାକ୍ତରଖାନା ପରିସରରେ ଚାଲୁଥିବା ନିର୍ମାଣ କାର୍ଯ୍ୟ ସକାଶେ ସମ୍ପୃକ୍ତ ଠିକାସଂସ୍ଥା କର୍ମଚାରୀଙ୍କ ଦ୍ୱାରା ପାଣିଟାଙ୍କି ଖୋଲି ଦେଇଥାଇପାରନ୍ତି ବୋଲି କହିଛନ୍ତି। ଅଭିଯୋଗ ମିଳିବା ପରେ ଟାଙ୍କିଗୁଡିକ ସଫା କରାଯାଇ ଖୋଲା ଟାଙ୍କିରେ ତୁରନ୍ତ ଢାଙ୍କୁଣୀ ବନ୍ଦ ସକାଶେ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

## ବାଇକ୍ ଧକ୍କାରେ ଆହତ ବ୍ୟକ୍ତି ମୃତ

### ଥାନାରେ ଅଭିଯୋଗ କଲେ ମୃତକଙ୍କ ପରିବାର

**ରାଜଗାଙ୍ଗପୁର, ୧୩।୧୧ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ଥାନା ଅଧିନ ରାଜଗାଙ୍ଗପୁର ସହରର ଲିପଲୋଇ ବ୍ରିଜ ପାଖରେ ଗତ ରବିବାର ଏକ ବାଇକ ଧକ୍କାରେ ଆହତ ହୋଇଥିବା ରାଜେନ୍ଦ୍ର ରାଏଙ୍କ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। କାର୍ଯ୍ୟାନୁଷ୍ଠାନ ପାଇଁ ମୃତକଙ୍କ ପରିବାର ପକ୍ଷରୁ ରାଜଗାଙ୍ଗପୁର ଥାନାରେ ଲିଖିତ ଅଭିଯୋଗ କରିଥିବା ପୋଲିସ ସୂତ୍ରରୁ ଜାଣିବାକୁ ମିଳିଛି । ରାଜଗାଙ୍ଗପୁର ପୋଲିସ ସୂତ୍ରରୁ ତଥା ମୃତକ ରାଜେନ୍ଦ୍ର ରାଏଙ୍କ ପରିବାରଙ୍କଠାରୁ ଜାଣିବାକୁ ମିଳିଛି ଯେ, ଗତ ରବିବାର ସନ୍ଧ୍ୟା ସମୟରେ ଛଟ ପର୍ବ ପାଇଁ ରାଜେନ୍ଦ୍ର ରାଏ ଏବଂ ତାଙ୍କ ତିନି ଚାରି ଜଣ ସହଯୋଗୀ ଚାନ୍ଦା ଆଦାୟ ପାଇଁ ଲିପଲୋଇ ବ୍ରିଜ ପାଖରେ ଥିବା ବସ୍ତିକୁ ଯାଇଥିଲେ । ସେମାନେ ରାଜ୍ୟ ରାଜପଥରୁ ରାଜଗାଙ୍ଗପୁର ସହରକୁ ଆସୁଥିବା ମୁଖ୍ୟରାସ୍ତାରେ ଆସୁଥିବା ବେଳେ ଏକ ବାଇକ ନଂ. ଓଡି ୧୬ ଡି- ୩୭୧୬ ରାଜେନ୍ଦ୍ର ରାଏଙ୍କୁ ଧକ୍କା ଦେଇଥିଲା। ଫଳରେ ରାଜେନ୍ଦ୍ର ରାଏ ଏବଂ ବାଇକ ଚାଳକ ସୁନୀଲ ଦେହୁରୀ ଯାହାକି ଘର ରାଜଗାଙ୍ଗପୁର ଲମଲୋଇ ଅଟେ । ଦୁଇ ଜଣ ରାସ୍ତାରେ ପଡିଯାଇ ଗୁରୁତର ହୋଇ ପଡିଥିଲେ । ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ଚିକିତ୍ସାଳୟକୁ ନେବା ସାଙ୍ଗକୁ ତାଙ୍କ ଘରଲୋକଙ୍କୁ ଖବର ଦେଇଥିଲେ। ଉଭୟଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ରାଜେନ୍ଦ୍ର ରାଏଙ୍କୁ ଅଧିକ ଚିକିତ୍ସା ପାଇଁ ରାଉରକେଲା ସ୍ଥିତ ଆଇଜିଏଚ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କୁ ଚିକିତ୍ସା ପରେ ପୁଣି ଅଧିକ ଚିକିତ୍ସା ପାଇଁ କଟକକୁ ସ୍ଥାନାନ୍ତରିତ କରୁଥିବା ବେଳେ ଅନୁଗୋଳଠାରେ ସୋମବାର ରାତ୍ରିରେ ତାଙ୍କ ମୃତ୍ୟୁ ହୋଇଯିବାରୁ ତାଙ୍କୁ ରାଜଗାଙ୍ଗପୁର ଅଣାଯାଇ ପୋଲିସରେ ଅଭିଯୋଗ କରାଯାଇଥିଲା। ମଙ୍ଗଳବାର ପୋଲିସ ଶବ ଜବତ କରିବା ସାଙ୍ଗକୁ ଶବ ବ୍ୟବଚ୍ଛେଦ କରି ଘରଲୋକଙ୍କୁ ହସ୍ତାନ୍ତର କରିଥିଲେ । ଦୁର୍ଘଟଣା ଘଟାଇଥିବା ବାଇକ ଚାଳକଙ୍କ ଅବସ୍ଥା ଶଙ୍କଟାପନ୍ନ ଥିବାରୁ ତାଙ୍କୁ ମଧ ଅଧିକ ଚିକିତ୍ସା ପାଇଁ ରାଉରକେଲା ମେଡେଲ ହସ୍ପିଟାଲରେ ଚିକିତ୍ସା କରାଯାଉଅଛି । ତାଙ୍କ ଅବସ୍ଥା ସ୍ଥିରଥିବା ଜଣାପଡିଛି । ଏବାବଦରେ ରାଜଗାଙ୍ଗପୁର ଥାନା ଅଧିକାରୀ ପ୍ରଦୀପ କୁମାର ଜେନାଙ୍କୁ ପଚାରିବାରୁ ତଦନ୍ତ କରାଯାଉଥିବା ପ୍ରକାଶ କରିଥିଲେ ।

## ସୁନ୍ଦରଗଡରେ ଛଟପୂଜା, ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ

**ସୁନ୍ଦରଗଡ଼, ୧୩।୧୧ (ଡି.ଏନ୍.ଏ)**

ସୁନ୍ଦରଗଡଠାରେ ବିହାର ଓ ଉତ୍ତରପ୍ରଦେଶର ଗଣପର୍ବ ଛଟପୂଜା ଅବସରରେ ମଙ୍ଗଳବାର ସନ୍ଧ୍ୟାରେ ବ୍ରତଧାରୀ ମହିଳା ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ପୂଜାର୍ଚ୍ଚନା କରିଛନ୍ତି। ସ୍ଥାନୀୟ ଇବ୍ ନଦୀ କୂଳର ମହାଦେବପଡା ଘାଟ, ଡୁଙ୍ଗା ଘାଟ, ରାଣୀବଗିଚା ଘାଟ ଓ ଇବ୍ ନଗର ଘାଟରେ ବ୍ରତଧାରୀ ଶ୍ରଦ୍ଧାଳୁ ମହିଳା ଓ ପୁରୁଷ ଏକାଠି ହୋଇ ସୂର୍ଯ୍ୟଙ୍କ ପୂଜାର୍ଚ୍ଚନା କରିଥିଲେ। ଏଥିପାଇଁ ଇବ୍ ନଦୀକୂଳ ମୁଖରିତ ହୋଇଉଠିଥିଲା । ବିଭିନ୍ନ ବାଣ ରୋଷଣୀବାଜାରେ ନଦୀକୂଳ କମ୍ପିଥିଲା। ପରମ୍ପରା ଅନୁଯାୟୀ କାର୍ତ୍ତିକ ଶୁକ୍ଳପକ୍ଷ ଚତୁର୍ଥୀ ଠାରୁ ଛଟ ପର୍ବପାଇଁ ସମସ୍ତ ପ୍ରସ୍ତୁତି ଆରମ୍ଭ ହୋଇଥାଏ । ବ୍ରତର ପ୍ରଥମ ଦିନ ବ୍ରତଧାରୀମାନେ ସ୍ନାନ ସାରି ଛଟମାତାଙ୍କୁ ସୁମରଣା କରି ସାତ୍ତ୍ୱିକ ଖାଦ୍ୟ ଗ୍ରହଣ କରିଥାନ୍ତି। ପଞ୍ଚମୀ ତିଥିରୁ ଉପବାସ ଆରମ୍ଭ କରି ଷଷ୍ଠୀ ତିଥି ସନ୍ଧ୍ୟାରେ ନଦୀ ତଥା ପୋଖରୀ ଆଦି ଜଳାଶୟ ଗୁଡିକରେ ଏକତ୍ରିତ ହୋଇଥିଲେ। ନଦୀ ବା ପୋଖରୀ କୂଳରେ ଆଖୁଗଛ କଦଳୀଗଛ ପୋତି ନୂଆଁକୁଲାରେ ସପୁରି କମଳା ନଡିଆ ନାରଙ୍ଗୀ ଆଦି ଫଳରେ ସଜ୍ଜିତ କରି ଦୀପ ପ୍ରଜ୍ଜଳନ କରିଥିଲେ। ପାଣି ମଧ୍ୟରେ ପ୍ରବେଶ କରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ। ତହିଁ ପରଦିନ ଅର୍ଥାତ୍ ସପ୍ତମୀତିଥି ପ୍ରଭାତ ସମୟରେ ନଦୀକୂଳ ତଥା ଜଳାଶୟ ନିକଟରେ ଅନୁରୂପ ଭାବେ ପୂଜାର୍ଚ୍ଚନା କରି ଉଦିତସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରି ବ୍ରତ ସମାପ୍ତ କରିଥାଆନ୍ତି। ଏହି ପର୍ବ ପାଳନ ପାଇଁ ଇବ୍ ନଦୀର ଘାଟଗୁଡିକର ସଫେଇ କାର୍ଯ୍ୟ କରାଯାଇଥିଲା। କାଉନସିଲର ବୀଣାସାହୁଙ୍କ ତତ୍ତ୍ୱାବଧାନରେ ରାଣୀବଗିଚା ଘାଟଠାରେ ଛଟ୍‌ପୂଜାକୁ ସମାରୋହରେ ପାଳନ କରାଯିବା ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ରାଣୀବଗିଚା ଘାଟରେ ବ୍ରତଧାରୀ ମହିଳା ବହୁ ସଂଖ୍ୟାରେ ଯୋଗଦେଇ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଥିଲେ।



ଛଟପୂଜା ଅବସରରେ ଇବ୍ ନଦୀର ରାଣୀବଗିଚା ଘାଟରେ ବ୍ରତଧାରୀ ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରୁଛନ୍ତି।



ଜୀବନରେ ଭୟ କରିବାର କିଛି ନାହିଁ। କେବଳ
ଜୀବନକୁ ବୁଝିପାରିଲେ ଭୟ ଆପେ ଦୂର ହୋଇଯିବା
- ମେରି କ୍ୟୁରୀ



**ସଂକ୍ଷେପରେ**

## ଟ୍ରକ ପଛରେ ପିଟି ହୋଇ ବାଇକ ଆରୋହୀ ମୃତ

**ଡୁଙ୍ଗୁରିପାଲି, ୧୩।୧୧ (ଡି.ଏନ.ଏ.)-** ସୁବର୍ଣ୍ଣପୁର ଜିଲା ଜାତୀୟ ରାଜପଥ ୨୬ର ଡୁଙ୍ଗୁରିପାଲି ଏଫସିଆଇ ଶ୍ୟାମ ପ୍ୟାଲେସ ନିକଟରେ ଠିଆ ହୋଇଥିବା ଏକ ମାଲ ବୋଝେଇ ଟ୍ରକ ନଂ. ସିଜି ୦୪ ଜେଡି- ୭୭୧୨ ପଛରେ ପିଟି ହୋଇ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ସହଲା ଗ୍ରାମର ଅସାଡୁ ସେଠ(୨୬)। ବାଇକ ନଂ. ଓଡି ୩୧ ଡି- ୯୧୨୮ରେ ସେ ବରଗଡ ପଟରୁ ଘରକୁ ସୋମବାର ରାତି ପ୍ରାୟ ୯ଟା ବେଳେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଡୁଙ୍ଗୁରିପାଲି ପୋଲିସ ଓ ଦମକଳ ବାହିନୀ ତାଙ୍କୁ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ବ୍ୟବଚ୍ଛେଦ କରାଯାଇ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଡୁଙ୍ଗୁରିପାଲି ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୭୯/୧୮) ରୁଜୁ ହୋଇଛି। ଦୁର୍ଘଟଣାଗ୍ରସ୍ତ ବାଇକ ଓ ଟ୍ରକକୁ ପୋଲିସ ଜବତ କରିଛି।



## ଯାତ୍ରୀବାହୀ ବସ୍ ଧକ୍କାରେ ବୃଦ୍ଧ ଗୁରୁତର

**ବୌଦ୍ଧ, ୧୩।୧୧ (ସ୍ୱ.ପ୍ର.)-** ବୌଦ୍ଧ ସହର ଦେଇ ଯାଇଥିବା ଖୋର୍ଦ୍ଧା ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ରାମେଶ୍ୱର ମନ୍ଦିର ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଯାତ୍ରୀବାହି ବସ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସୂଚନା ମୁତାବକ ବୌଦ୍ଧ ଓ ରେଢାଖୋଲ ମଧ୍ୟରେ ଚଳାଚଳ କରୁଥିବା ନାରାୟଣୀ ନାମକ ଘରୋଇ ଯାତ୍ରୀବାହି ବସ ବସଷ୍ଟାଣ୍ଡକୁ ଆସୁଥିବା ବୌଦ୍ଧ ପଟୁ ଗହ୍ମାରୀପଦର ଗ୍ରାମର ବୃଦ୍ଧ ସାରଥୀ ସେଠୀ(୮୦) ଏକ ସାଇକେଲରେ ଘରକୁ ଫେରୁଥିବାଥିବା ବେଳେ ତାଙ୍କୁ ବସ୍‌ଟି ରାମେଶ୍ୱର ମନ୍ଦିର ନିକଟରେ ଧକ୍କା ଦେଇଥିଲା। ଗାଡି ଧକ୍କାରେ ସାରଥୀ ଛିଟକି ପଡିବା ସହିତ ମୁଣ୍ଡ ଓ ଗୋଡରେ ଗଭୀର କ୍ଷତ ହୋଇଥିଲା। ତାଙ୍କୁ ତୁରନ୍ତ ବୌଦ୍ଧ ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କର ଅବସ୍ଥା ଗୁରୁତର ଥିବା ଡାକ୍ତର ପ୍ରକାଶ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବା ସହ ଦୁର୍ଘଟଣା ଘଟାଇଥିବା ବସକୁ ଜବତ କରିଛି।



କୁଆଁରମୁଣ୍ଡା ବଜରଙ୍ଗ ଛକ ନିକଟରେ ଓଲି ସହ ହକି ବିଶ୍ୱକପକୁ ସ୍ୱାଗତ କରାଯାଉଛି।

# ହକି ବିଶ୍ୱକପ ମାସ୍କଟ 'ଓଲି'କୁ କୁଆଁରମୁଣ୍ଡାରେ ସ୍ୱାଗତ

**କୁଆଁରମୁଣ୍ଡା,୧୩।୧୧(ଡି.ଏନ.ଏ.)**

ଚଳିତବର୍ଷ ନଭେମ୍ବର ୨୮ ରୁ ଡିସେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହେବାକୁ ଯାଉଛି ହକି ବିଶ୍ୱକପ୍। ଓଡିଶାରେ ହକି ବିଶ୍ୱକପ୍ ଆୟୋଜନ ନିଶ୍ଚିତଭାବେ ରାଜ୍ୟ ପାଇଁ ଗର୍ବ ଓ ଗୌରବ। ବିଶ୍ୱସ୍ତରୀୟ ଏହି କ୍ରୀଡା ବିଷୟରେ ରାଜ୍ୟବାସୀ ବିଶେଷଭାବେ ଅବଗତ ହେବା ପାଇଁ ହକି ବିଶ୍ୱକପ୍ ମାସ୍କଟ ଓଲି ବିଭିନ୍ନ ଜିଲା ପରିକ୍ରମା କରୁଛି। ଅନୁରୂପଭାବେ ହକିର ଅନ୍ତୁଡିଶାଳ ସୁନ୍ଦରଗଡ଼ ଜିଲା ପରକ୍ରମା କରୁଥିବା ବେଳେ ମଙ୍ଗଳବାର ହକି ବିଶ୍ୱକପ ମାସ୍କଟ 'ଓଲି' ଓ ରଥ କୁଆଁରମୁଣ୍ଡା ବ୍ଲକ ଅଞ୍ଚଳ ପରିକ୍ରମା କରିଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଓଲି ରଥ ୧୪୩ ନମ୍ବର ଜାତୀୟ ରାଜପଥର କୁଆଁରମୁଣ୍ଡା ଲୋକନାଥ ମନ୍ଦିର ସମ୍ମୁଖରେ ପହଞ୍ଚି ଥିଲା। ସେଠାରେ କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର ଓ ବିଡିଓ ପିୟୁଷ ଲୋହାର ରଥକୁ ସ୍ୱାଗତ କରିବା ସହ ଫୁଲତୋଡା ଦେଇ ଓଲିକୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହା ପରେ ଏକ ବିରାଟ ଶୋଭାଯାତ୍ରାରେ ଓଲି ରଥକୁ ବାଜା ବଜାଇ ବାଣ ଫୁଟାଇ ଜାତୀୟ ରାଜପଥରେ ନିଆଯାଇଥିଲା। ଏହି ସମୟରେ କୁଆଁରମୁଣ୍ଡାର ଯୁବ ସାମାଜିକ କର୍ମୀ ଶୈଳେଶ୍ ତିୱାରୀ, କୁଆଁରମୁଣ୍ଡା ସମିତି ସଭ୍ୟ ରାଜେଶ ହାଁସଦା, ସରପଞ୍ଚ ସୁଷମାକାନ୍ତି କିଣ୍ଡୋ, ଜିଲା ପରିଷଦ ସଭ୍ୟା ସୁନିତା ଅହିର, କୁଆଁରମୁଣ୍ଡା ଲ୍ୟାମ୍ପ୍ସ ଏମ୍‌ଡି ରଣଜିତ୍ ଲାକ୍ରା, ଫାଣ୍ଡି ଅଧିକାରୀ ମନୋଜ ନାଏକ ପ୍ରମୁଖ ଓଲି ରଥକୁ ସ୍ୱାଗତ କରିଥିଲେ। ଏହା ପରେ ରାଜପଥ ପାର୍ଶ୍ୱସ୍ଥ ହରିହର ହାଇସ୍କୁଲ, ବାଳିକା ହାଇସ୍କୁଲର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ/ଶିକ୍ଷକମାନେ ଓଲିକୁ ସ୍ୱାଗତ କରିଥିଲେ। ଜାତୀୟ ରାଜପଥରେ ଶୋଭାଯାତ୍ରାବେଳେ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ମନୋଜ ନାଏକଙ୍କ ତତ୍ତ୍ୱାବଧାନରେ ପୋଲିସ କର୍ମଚାରୀମାନେ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ବଜାୟ ରଖିଥିଲେ। କୁଆଁରମୁଣ୍ଡା ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁରଙ୍କ ପ୍ରତ୍ୟେକ୍ଷ ସଂଯୋଜନାରେ ଅନୁଷ୍ଠିତ ଏହି ଶୋଭାଯାତ୍ରାକୁ ଯୁବନେତା ରାଜେଶ ଖାଲଖୋ, ମନୋଜ ଦାସ, ଅର୍ଜୁନ ମିଂଜ, ଶରତ ତନ୍ତୀ ଓ ଅନ୍ୟମାନେ ସୂଚାରୁରୂପେ ସଞ୍ଚାଳନ କରିଥିଲେ। ଓଲି ରଥ ସହ ରାଜ୍ୟ ହକି ପ୍ରମୋଟର ଶେଖର ଚନ୍ଦ୍ର ବେହେରା ଓ ପାନପୋଷ ହକି ସ୍ପୋର୍ଟସ ହଷ୍ଟେଲର କୋଚ୍ ଅମୂଲ୍ୟ ବେହେରା ଉପସ୍ଥିତ ରହି ବିଭିନ୍ନ ସ୍ଥାନ ପରିକ୍ରମା କରାଉଥିଲେ। କୁଆଁରମୁଣ୍ଡାରୁ କିଛି ବାଟ ଯିବା ପରେ ଓଲି ରଥ କୁମଝରିଆରେ ପହଞ୍ଚିଥିଲା। ସେଠାରେ କୁଝରିଆ ହାଇସ୍କୁଲ ଛାତ୍ରୀଛାତ୍ର,ଶିକ୍ଷୟିତ୍ରୀ/ଶିକ୍ଷକ ଓଲିକୁ ଭବ୍ୟ ସମ୍ବର୍ଦ୍ଧନା ଦେଇଥିଲେ।

# ହାରମାନିଛି ବାର୍ଦ୍ଧକ୍ୟ: ବ୍ରତ ଦେଉଛି ପେଟକୁ ଦାନା

**ଅତାବିରା, ୧୩।୧୧ (ଡି.ଏନ.ଏ)**



ଦେଶପର୍ଥଲା ଗାଁରେ ଜହ୍ନ ମେହେର ବ୍ରତ ବିକ୍ରି କରୁଛନ୍ତି।

ହାର ମାନିଛି ବୟସ। ୮୦ ଟପିଲାଣି ତଥାପି ଜଣେ ବୃଦ୍ଧା ନିଜର ପୂର୍ବ ପୁରୁଷଙ୍କ କୌଳିକ ବୃତ୍ତିକୁ ବଞ୍ଚାଇ ବଜାରରୁ ସୂତା ଆଣି ସଳିତା, ଜୁଉଁନ୍ତିଆ, ବ୍ରତ ଆଦି ତିଆରି କରି ଗାଁ ଗାଁ ବୁଲି ଏହାକୁ ବିକି ପେଟକୁ ଆହାର ଯୋଗାଉଛନ୍ତି। ସେ ହେଲେ ବୃଦ୍ଧା ଜହ୍ନ ମେହେର (୮୫)। ଦେଶପର୍ଥଲା ଗାଁରେ ବୁଧବାର ବ୍ରତ ବିକ୍ରି କରୁଥିବା ବେଳେ ତାଙ୍କୁ ଭେଟି ତାଙ୍କ ଜୀବନ ଜୀବିକା ସଂକ୍ରାନ୍ତରେ ପଚାରି ବୁଝିଥିଲୁ। ଜହ୍ନଙ୍କ ଜନ୍ମ ବରଗଡ଼ ତଳିପଡାରେ। ମାତାପିତାଙ୍କ ମୃତ୍ୟୁ ପରେ ସେ ବରଗଡ଼ ଜିଲା ଭେଡେନ ବ୍ଲକ ରୁଷୁଡ଼ା ପଞ୍ଚାୟତ ରୁଷୁଡ଼ା ଗ୍ରାମର ମଧୁସୂଦନ ମେହେରଙ୍କ ଘରେ ଆଶ୍ରୟ ନେଇ ଏକାକି ଜୀବନ ବିତାଉଛନ୍ତି । ସେ ଅଲେଖ, ପରଂହସ, ରାଧେସ୍ୱାମୀ, ସନାତନ ଧର୍ମ ଦୀକ୍ଷା ନେଇଛନ୍ତି। ଦିନକୁ ଗୋଟିଏ ଗାଁରେ ବ୍ରତ ବିକ୍ରି କରି ଯେଉଁ ଦୁଇ ପଇସା ମିଳେ ସେଥିରେ ସେ ଖୁସି ଅନୁଭବ କରନ୍ତି। ଏପରି କି ରୁଷୁଡା ଗାଁରୁ ଯେକୌଣସି ବସ୍‌ରେ ୩୦ କିଲୋମିଟର ପର୍ଯ୍ୟନ୍ତ ଆସି ବତ୍ର ବିକ୍ରି କରିଥାନ୍ତି। ଆଗକୁ କାର୍ତ୍ତିକ ପୂର୍ଣ୍ଣିମା ଥିବାରୁ ଏହି ମାସ ବେଶ ଦୁଇପଇସା ରୋଜଗାର ହୋଇଥାଏ ବୋଲି ଜହ୍ନ କହିଛନ୍ତି। ପଞ୍ଚାୟତରୁ ମାସିକ ୩ଶହ ଟଙ୍କା ଭତ୍ତା ପାଉଛନ୍ତି। ବୃଦ୍ଧା ଅବସ୍ଥାରେ ତାଙ୍କୁ ଅନ୍ନପୂର୍ଣ୍ଣା ହେଉ ବା ଅନ୍ତ୍ୟୋଦୟ ଯୋଜନାରୁ ୩୫ କେଜି ଚାଉଳ ଯୋଗାଇ ଦେବାକୁ ସେ ପ୍ରଶାସନ ନିକଟରେ ଦାବି କରିଛନ୍ତି ।

# ବୃଦ୍ଧା ମୁକ୍ତାଙ୍କୁ ମିଳୁନି ଭତ୍ତା

**ଅତାବିରା, ୧୩।୧୧ (ଡି.ଏନ.ଏ)**

ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଗ୍ରାମାଞ୍ଚଳଗୁଡିକରେ ବସବାସ କରୁଥିବା ଗରୀବ ଲୋକଙ୍କୁ ମୋ କୁଡିଆ, ଇନ୍ଦିରା ଆବାସ, ବିଜୁ ପକ୍କା ଘର, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଭିନ୍ନକ୍ଷମ ଭତ୍ତା ପାଇଁ ବହୁ କୋଟି ଟଙ୍କା ବ୍ୟୟ ବରାଦ କରୁଛନ୍ତି। ହେଲେ ପ୍ରଶାସନର ଅବ୍ୟବହାଲରେ ଅନେକ ହିତାଧିକାରୀ ଏଥିରୁ ବଞ୍ଚିତ ରହୁଛନ୍ତି। ବାରମ୍ବାର ଆବେଦନ, ଦରଖାସ୍ତ ଦେଇଥିଲେ ମଧ୍ୟ ସରକାରଙ୍କ ମହତ ଉଦ୍ଦେଶ୍ୟରୁ ହିତାଧିକାରୀମାନେ ବଞ୍ଚିତ ରହୁଛନ୍ତି। ସେହିପରି ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟିଲି ପଞ୍ଚାୟତ ଉଦେପୁର ଗ୍ରାମର ମୁକ୍ତା ବାଦୀ (୬୫) ସରକାରଙ୍କ ବିଭିନ୍ନ ଯୋଜନାରୁ ବଞ୍ଚିତ ରହିଛନ୍ତି।

# ଦୀପିକା ସ୍କୁଲର ବିଜ୍ଞାନ, କଳା ପ୍ରଦର୍ଶନୀ



ଅତିଥିମାନେ ପ୍ରକଳ୍ପକୁ ବୁଲି ଦେଖୁଛନ୍ତି।

**ରାଉରକେଲା ଅଫିସ,୧୩।୧୧**

ଦୀପିକା ସ୍କୁଲପକ୍ଷରୁ ମଙ୍ଗଳବାର ଏକ ବିଜ୍ଞାନ, କଳା ଓ ରଙ୍ଗୋଲି ପ୍ରଦର୍ଶନୀ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଆରଏସ୍‌ପି ସହରସେବା ଅଧିକାରୀ ପି.ସି. ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଆରଏସପି ସଞ୍ଚାର ସେବା ବିଭାଗ ଅଧିକାରୀ ଅର୍ଚ୍ଚନା ଶତପଥୀ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବିଦ୍ୟାଳୟ ଅଧକ୍ଷ ପ୍ରମୋଦ ସାହୁ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ଶତପଥି ଯୋଗ ଦେଇଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ୫୫ଟି ପ୍ରକଳ୍ପ ସ୍ଥାନ ପାଇଥିଲା।

ଚାଷୀ ଆତ୍ମହତ୍ୟା ଘଟଣା

# ମୃତକ ପରିବାରଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ

**ବଡଗାଁ, ୧୩।୧୧ (ଡି.ଏନ.ଏ)**



କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମୃତକଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କ ସହିତ ସାକ୍ଷାତ ଆଲୋଚନା କରୁଛନ୍ତି।

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ସାହାଜବାହାଲ ଗ୍ରାମର ମହିଳା ଚାଷୀ ମୁଗ ଦୁତିଆଙ୍କ ଖରିଫ ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡି ଯିବାରୁ ଓ ଚାଷ ପାଇଁ କରିଥିବା ଋଣ ସୁଝିବା ଚିନ୍ତାରେ ହତାଶ ହୋଇ ଗତ ମାସ ୨୮ ତାରିଖ ବିଷାକ୍ତ ଫଳ ଖାଇ ଆତ୍ମହତ୍ୟା କରିଥିଲେ । ଏ ସମ୍ପର୍କରେ ତାଙ୍କ ପୁଅ ସଞ୍ଜୀବ ରବିବାର ବଡଗାଁ ଥାନାରେ ଲିଖିତ ଜଣାଇଥିଲେ । ମଙ୍ଗଳବାର ଅପରାହ୍ନରେ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ମୃତକଙ୍କ ଘରକୁ ଯାଇ ପରିବାର ସଦସ୍ୟଙ୍କ ସହିତ ସାକ୍ଷାତ ଆଲୋଚନା କରିଛନ୍ତି । ମନ୍ତ୍ରୀ ମୃତକ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ଦେବା ସହ ଏହା ଉପରେ ସରକାରଙ୍କୁ ଅବଗତ କରାଇବେ କହି ଥାନାରେ ଦିଆଯାଇଥିବା ପତ୍ରର ନକଲ ନେଇଛନ୍ତି । ଜିଲା ପରିଷଦ ସଭ୍ୟା ସ୍ନେହଲତା ବେଜି, ଅଶୋକ ଲାକ୍ରା, ସରପଞ୍ଚ ବିକ୍ରମ ଟପ୍ପୋ, ୱାର୍ଡ ମେମ୍ବର ଟିକାନନ୍ଦ ଜୟପୁରିଆ, କୃଷକ ବଜାର କମିଟି ସଭାପତି ରବୀନ୍ଦ୍ର ପଟେଲ, ସମ୍ପାଦକ ପ୍ରେମାନନ୍ଦ ନାଏକ, ଗ୍ରାମର ପରେଶ ଦାସ, ପ୍ରତାପ ବେଜି, ଦେବେନ୍ଦ୍ର ଦାସ, କାହ୍ନୁ ଜୟପୁରିଆ, ମୁରଲୀ ନାଗ, ଶିବ ଶଙ୍କର ସେଠ, ରତ୍ନାବତୀ ସେଠ, ମଲ୍ଲି ବାରିକ, ଇନ୍ଦ୍ରବତୀ ସେଠ ପ୍ରମୁଖ ଗ୍ରାମବାସୀ ଓ ଜନପ୍ରତିନିଧିଙ୍କ ଉପସ୍ଥିତିରେ ମନ୍ତ୍ରୀ ଓରାମ ମୃତକଙ୍କ ସ୍ୱାମୀ ରତ୍ନାକର ଦୁତିଆ (ଗ୍ରାମରକ୍ଷୀ), ପୁଅ ସଞ୍ଜୀବଙ୍କ ସହିତ ଆଲୋଚନା କରି ପଚାରି ବୁଝିଥିଲେ । ସେଠାରେ ପରିବାର ସଦସ୍ୟ ଓ ଗ୍ରାମବାସୀ ଚଳିତ ବର୍ଷ ସ୍ୱଳ୍ପ ବୃଷ୍ଟି କାରଣରୁ ଧାନ ଚାଷ ସର୍ବାଧିକ ନଷ୍ଟ ହୋଇଥିବା ଓ ଏହି ପରିବାର ଚାଷ ଉପରେ ନିର୍ଭର କରି ଚଳିବା ସହିତ ଅମଳ ସମୟରେ ଧାନ କିଣି ବେପାର କରନ୍ତି। ଚାଷ କାମ ପାଇଁ ମୃତକ ଓ ପରିବାର ସଦସ୍ୟ ଋଣ କରି ଚାଷ କରିଥିଲେ। ଚାଷରୁ କିଛି ମିଳିବା ଆଶା ନ ଥିବାରୁ ଋଣ ପରିଶୋଧ ଚିନ୍ତାରେ ଭାଙ୍ଗି ପଡିଥିଲେ । ସେ ପ୍ରତିଦିନ ସ୍ୱାମୀଙ୍କୁ ଋଣ କିପରି ସୁଝିବେ ପଚାରି କାନ୍ଦ ବୋବାଳି କରୁଥିଲେ ବୋଲି ମନ୍ତ୍ରୀଙ୍କୁ ଜଣାଇଥିଲେ । ଗ୍ରାମବାସୀମାନେ କୃଷି କର୍ମଚାରୀ କାହାକୁ ନ ଜଣାଇ କ୍ରପ କଟିଂ କରିଥିବା ଓ ନିର୍ମାଣଧିନ ସାହାଜବାହାଲ ରାସ୍ତା ନିମ୍ନମାନର ହେଉଥିବା ମନ୍ତ୍ରୀଙ୍କ ଠାରେ ଅଭିଯୋଗ କରିଥିଲେ ।




ରାଉରକେଲାରେ ସମ୍ବିଧାନ ସମ୍ମାନ ଯାତ୍ରୀ ଦଳ।

# ରାଉରକେଲାରେ ପହଞ୍ଚିଲା ସମ୍ବିଧାନ ସମ୍ମାନ ଯାତ୍ରା

**ରାଉରକେଲା ଅଫିସ,୧୩।୧୧**

କ୍ଷମତାଧାରୀ ଓ କିଛି ସ୍ୱାର୍ଥାନ୍ୱେଷିଙ୍କ ଦ୍ୱାରା ସମ୍ବିଧାନର ମୂଳମନ୍ତ୍ରକୁ ଆଜି ଉଲ୍ଲଂଘନ କରାଯାଉଛି। ଯେଉଁମାନେ ସ୍ୱାଧୀନ ଚେତା ବା ସ୍ୱାଧୀନ ମତବ୍ୟକ୍ତ କରୁଛନ୍ତି ସେମାନଙ୍କ କଣ୍ଠରୋଧ କରାଯାଉଛି। ଆବଶ୍ୟକ ସ୍ଥଳେ ହତ୍ୟା କରା ଯାଉଛି। ଫଳରେ ସମ୍ବିଧାନର ମୂଳତତ୍ତ୍ୱ ଯାହା ସମସ୍ତଙ୍କୁ ସମାନ ଅଧିକାର, ଧର୍ମନିରପେକ୍ଷତା, ସମାଜବାଦ, ସ୍ୱାଧୀନ ମତ ବ୍ୟକ୍ତ ଭଳି ଅଧିକାର କ୍ଷୁର୍ଣ୍ଣ ହେବାରେ ଲାଗିଛି। ଦେଶର କୋଟିକୋଟି ନିରିହ ଆଦିବାସୀଙ୍କ ମୌଳିକ ଅଧିକାର ନେଇ ସରକାର ନୀରବ ରହୁଛନ୍ତି। ଏମାନଙ୍କ ଜମିଜମା, ଜଳ ଓ ଜଙ୍ଗଲ ଉପରୁ ଆଜି କର୍ତ୍ତୃତ୍ୱ ହ୍ରାସ ପାଇବାରେ ଲାଗିଛି। ଗ୍ରାମସଭା ନିଷ୍ପତ୍ତିକୁ କେହି ମାନୁ ନାହାନ୍ତି। ଫଳରେ ବିଭିନ୍ନ ବାଟରେ ଏମାନଙ୍କୁ ନିଜ ମାଟିରୁ ବିସ୍ଥାପିତ ହେବାକୁ ପଡୁଛି। ସମ୍ବିଧାନ ପ୍ରତି କାହାର ପ୍ରତିବଦ୍ଧତା ରହୁନି। ଦେଶରେ ବେରୋଜଗାରୀ, ଦୁର୍ନୀତି, ଭ୍ରାଷ୍ଟାଚାର ସୀମା ଲଂଘନ କଲାଣି। ଏପରି ଅବସ୍ଥାରେ ସମ୍ବିଧାନର ସୁରକ୍ଷା ଓ ଏହାର ମୂଳ ତତ୍ତ୍ୱର ବ୍ୟାପକତା ନେଇ ଜୋରଦାର ପ୍ରଚାର ପ୍ରସାର ଆବଶ୍ୟକ। ଯାହା ଦ୍ୱାରା ଦେଶର ନିରିହ ଜନତା ସୁରକ୍ଷିତ ରହି ପାରିବେ। ଏହି ଉଦ୍ଦେଶ୍ୟ ନେଇ ଅକ୍ଟୋବର ମାସରୁ ଗୁଜୁରାଟର ଦାଣ୍ଡିରୁ ସମ୍ବିଧାନ ସମ୍ମାନ ଯାତ୍ରା ଆରମ୍ଭ କରାଯାଇଛି। ଦେଶର ୨୬ଟି ରାଜ୍ୟ ପରିକ୍ରମା କରି ଆନ୍ତା ୧୦ ଡିସେମ୍ବରରେ ଏହି ଯାତ୍ରା ନୂଆଦିଲ୍ଲୀରେ ପହଞ୍ଚିବ। ତେବେ ଏହି ସମ୍ବିଧାନ ସମ୍ମାନ ଯାତ୍ରା ମଙ୍ଗଳବାର ରାଉରକେଲାରେ ପହଞ୍ଚିଛି। ଏହି ପ୍ରତିନିଧି ମଣ୍ଡଳୀ ଓଡିଶାର ବିଭିନ୍ନ ସ୍ଥାନକୁ ୩ଦିନ ଧରି ଯାତ୍ରା କରିବେ। ଏହି ଅବସରରେ ସେକ୍ଟର ୮ ଗାଙ୍ଗପୁର ମଜଦୁର ମଞ୍ଚ ସଭା ଗୃହରେ ଏକ ସମାବେଶ ଅନୁଷ୍ଠିତ ହୋଇଥିଲା। ବୀରମିତ୍ରପୁର ବିଧାୟକ ଜର୍ଜ ତିର୍କୀ, କୃଷକ ନେତା ଲିଙ୍ଗରାଜ, ପରିବେଶବିତ ପ୍ରଫୁଲ୍ଲ ସାମାନ୍ତରାଙ୍କ ସମେତ ସୁନିତୀ ସୁର, ତାମିଲନାଡୁର ଗାବ୍ରିଏଲ କେଟ୍ରକ, ଆନ୍ଧ୍ର ପ୍ରଦେଶର ମୀରା ସଂଘମିତ୍ରା, ଦିଲ୍ଲୀରୁ ଉପେନ୍ଦ୍ର ସିଂ ରାୱତ, ମହାରାଷ୍ଟ୍ରର ଯୁବ କର୍ମୀ ଯୁବରାଜ ଓ ଦିଲ୍ଲୀରୁ ଆସିଥିବା ରବୀନ୍ଦ୍ର ରାଜୁ ପ୍ରମୁଖ ଏଥିରେ ଯୋଗା ଦେଇଥିଲେ।

# ହକି ବିଶ୍ୱକପର ମାସକଟ ଓଲିକୁ ସ୍ୱାଗତ

**ରାଉରକେଲା ଅଫିସ,୧୩। ୧୧**

ପାନପୋଷ କ୍ରୀଡା ଛାତ୍ରାବାସ ପରିସରରେ ମଙ୍ଗଳବାର ସକାଳେ ହକି ବିଶ୍ୱକପର ମାସ୍କଟ ଓଲିକୁ ସ୍ୱାଗତ କରାଯାଇଛି। ଛାତ୍ରାବାସର ସମସ୍ତ ଅନ୍ତେବାସୀ ହକି ଷ୍ଟିକ ଉପରକୁ ଉଠାଇ ମାସ୍କଟ ଓଲି ସ୍ୱାଗତ କରିଥିଲେ। ଏହା ପରେ ହକିର ରଣ କୌଶଳ ଉପରେ ଉପସ୍ଥିତ ଅନ୍ତେବାସୀଙ୍କୁ ନେଇ ଏକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ସଂଧ୍ୟା କୁଜୁର ବିଜୟ ଲାଭ କରିଥିଲେ। ତାଙ୍କୁ ପୂର୍ବତନ ହକି କୋଚ ସିଲଭେଷ୍ଟାର ଟପୋ ହକି ବିଶ୍ୱ କପ ଲୋଗେ ଥିବା ଏକ ଜର୍ସି ଉପହାର ଦେଇଥିଲେ। କ୍ରୀଡା ଛାତ୍ରାବାସ ଅଧିକାରୀ ତଥା ହକି କୋଚ ମିଲଟନ ବିଲୁଙ୍ଗ, ଅମୂଲ୍ୟ ବେହେରା, ପିଟର ସୋରେନ, ଫ୍ଲୋରେନସିଆ ଏକ୍କା, ଜାତୀୟ ଅମ୍ପାୟାର ରାଜନ ଏକ୍କା, ବରିଷ୍ଠ ହକି ଖେଳାଳି ବର୍ଥଲୋମି କେର୍କେଟା, ନବୀନ ମାଝି, ପିଟର ଖେସ, ଜୟବନ୍ତ ଦାଦେଲ ଓ କ୍ରୀଡା ସମୀକ୍ଷକ ସୁଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମାସ୍କଟ ଓଲି ସହ ପାନପୋଷ କ୍ରୀଡା ଛାତ୍ରାବାସର ଅନ୍ତେବାସୀ।